# ଖଗେଶ୍ୱର ଗ୍ରନ୍ଥାବଳୀ

( ପ୍ରଥମ ଭାଗ )

ଶ୍ରୀ ଖଗେଶ୍ୱର ଶେଠଙ୍କ କର୍ତ୍ତୃକ ପ୍ରଣୀତ

ପ୍ରକାଶକ—

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

ପ୍ରଥମ ସଂସ୍କରଣ

୧୯୫୮

ମୂଲ୍ୟ ଟ ୧୦/

ମୂଲ୍ୟ ଦଶ ଟଙ୍କା ମାତ୍ର

ମୁଦ୍ରାକର—

ଶ୍ରୀ ହାଡ଼ୁ ରପୂରୁରୁ

ଓଡ଼ିଶା ପ୍ରିଣ୍ଟିଙ୍ଗ୍ ୱାର୍କ୍ସ୍,

ବ୍ରହ୍ମପୁର (ଗଞ୍ଜାମ)

# ମୁଖବନ୍ଧ

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲୋକଲୋଚନ ଅଗୋଚରରେ ବହୁ ବାଣୀସାଧକ ପଡ଼ି ରହିଛନ୍ତି । ସେମାନଙ୍କୁ ପରିଚିତ କରାଇବା ପାଇଁ ତାଦୃଶ ବିଧିବଦ୍ଧ ଉଦ୍ୟମ ଏ ପର୍ଯ୍ୟନ୍ତ ହୋଇନାହିଁ କହିଲେ ଚଳେ । କବି ଖଗେଶ୍ୱର ଶେଠ ଅଦ୍ୟାପି ଜୀବିତ । ତାଙ୍କର ବୟସ ପ୍ରାୟ ୫୦ । ତାଙ୍କର ସମଗ୍ର ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ରାଧାନାଥ ଗ୍ରନ୍ଥାବଳୀ ଆକାରର ବୋଧହୁଏ ତିନି ଚାରି ଖଣ୍ଡ ହେବ । ଅଥଚ, ଓଡ଼ିଶାର ପାଠକସାଧାରଣ, ଏପରିକି ଶିକ୍ଷିତଗୋଷ୍ଠୀ ମଧ୍ୟ ତାହାଙ୍କ ବିଷୟରେ ବିଶେଷ କିଛି ଜାଣନ୍ତି ନାହିଁ । କବିଙ୍କ ଜନ୍ମସ୍ଥାନ ସମ୍ବଲପୁର ଜିଲ୍ଲାରେ—ବରଗଡ଼ ନିକଟବର୍ତ୍ତୀ ସରସରା ଗ୍ରାମ । ଶ୍ରୀ କେଶବ ମେହେରଙ୍କ ଲିଖିତ କବି ଖଗେଶ୍ୱରଙ୍କ ଜୀବନୀ ଏଥିରେ ସନ୍ନିବେଶିତ । ତହିଁରୁ ତାଙ୍କର ଶିକ୍ଷା ଦୀକ୍ଷା, ଅଭିରୁଚି ଓ ଆଭିମୁଖ୍ୟ, ସାହିତ୍ୟିକ ବାତାବରଣ ଓ ସାମାଜିକ ପରିପାର୍ଶ୍ୱ ପ୍ରଭୃତିର ପରିଚୟ ମିଳେ ।

'ଓଡ଼ିଶା ସାହିତ୍ୟ ଏକାଡେମୀ' ଗଠିତ ହେବା ପୂର୍ବରୁ ଓ ସେକ୍ରେଟେରୀ ଭାବରେ ମୁଁ ଯୋଗଦେବା ବହୁପୂର୍ବରୁ ଯେଉଁ କେତୋଟି ପୁସ୍ତକ ପ୍ରକାଶ କରିବାକୁ 'ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ' ସ୍ଥିର କରିଥିଲେ, ସେ ମଧ୍ୟରୁ ଗୋଟିଏ ହେଉଛି ଏଇ 'ଖଗେଶ୍ୱର ଗ୍ରନ୍ଥାବଳୀ' । ଅନ୍ୟଗୁଡ଼ିକ ହେଉଛି, 'ଶରଦ ରାହାସ', 'ବସନ୍ତ ରାହାସ' ଓ 'ଲକ୍ଷଣ ଚନ୍ଦ୍ରୋଦୟ ଗ୍ରନ୍ଥ' । ଏଇ ତିନୋଟି ପ୍ରକାଶ ପାଇ ସାରିଛି । ମୋର ଶ୍ରଦ୍ଧେୟ ବନ୍ଧୁ ଶ୍ରୀଯୁକ୍ତ ରାଜକିଶୋର ରାୟ ସେକ୍ରେଟେରୀ ଥିଲାବେଳେ ଯଦିଓ ଏଇ ଗ୍ରନ୍ଥାବଳୀର ପ୍ରାୟ ତିନିଭାଗ ଛପା ଶେଷ ହୋଇଥିଲା; ତଥାପି, କାଗଜ ଅଭାବରୁ ଓ କେତେକ ଆନୁସଙ୍ଗିକ କାରଣରୁ ଏହାର ପ୍ରକାଶରେ ବିଳମ୍ବ ଘଟିଲା । "ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ" ଏ ଗ୍ରନ୍ଥାବଳୀର ପାଣ୍ଡୁଲିପି ପାଠକରି ଏହାକୁ ପ୍ରକାଶ କରିବାକୁ ସ୍ଥିର କଲାବେଳେ ମୁଖ୍ୟତଃ କବିତାଗୁଡ଼ିକର ସଙ୍ଗୀତମୟତା ଓ ପ୍ରାଚୀନ ଛାନ୍ଦ ସାହିତ୍ୟର ଅନୁବର୍ତ୍ତିତା ବିଚାରର ସରଣୀରେ ଉପନୀତ ହୋଇଥିଲା । କବି ଖଗେଶ୍ୱର ନିଜେ ଲେଖିଛନ୍ତି—

ନୁହେ ଆସ୍ପରଧା          ବଳିଛି ଶରଧା
ଭଜିବି ଭଞ୍ଜସାହିତ୍ୟ-ପଥ,

ମାନ ମୁଁ ଶକଟ                  ପଡ଼ିଲେ ସଂକଟ
ଅଟକିବ ସେ' ତ ବ୍ୟୋମରଥ;
×          ×          ×          ×
ପଦସାମ୍ୟ ଆଣି                  ତାଙ୍କ ତୁଲେ ଆଣି-
ଦେଖାଇବ କାହିଁ ମୋ ସାମର୍ଥ୍ୟ ?
(ଖ: ଗ୍ର: ପୃ: ୬—୭)

କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ପଦାଙ୍କ ଅନୁସରଣ କରିବାରେ ଖଗେଶ୍ୱରଙ୍କର ଗଭୀର ଇଚ୍ଛା ଏଥିରେ ଅଭିବ୍ୟକ୍ତ । ଗଙ୍ଗାଧର ମେହେରଙ୍କ ଜନ୍ମଭୂମିରେ ଜନ୍ମଲାଭ କରି କବି ତାହାଙ୍କର କେବଳ ଯେ ଆଦର୍ଶ ପ୍ରତି ଅନାସ୍ଥା ପ୍ରଦର୍ଶନ କରିନାହାନ୍ତି ତାହାନୁହେ, ବରଂ ଗଭୀର ଅନୁରାଗ ସହକାରେ ତାଙ୍କୁ ଅନୁକରଣ କରିବାକୁ ଚେଷ୍ଟା କରିଛନ୍ତି । 'ଚଇତ ଅମାବସ୍ୟା' ନାମକ କବିତା (ପୃଷ୍ଠା ୧୨୧ ରୁ ୧୪୩) ସେହି ବରେଣ୍ୟ ଗଙ୍ଗାଧରଙ୍କ ଗୁଣ-ଗୌରବ ଅନୁସ୍ମରଣରେ ରଚିତ । ପୁଣି ଆଧୁନିକ ଓଡ଼ିଆ ସାହିତ୍ୟର ଅରୁଣରୂପୀ ରାଧାନାଥଙ୍କର ପ୍ରଭା ମଧ୍ୟ ଖଗେଶ୍ୱରଙ୍କୁ ଅଳ୍ପ ପ୍ରେରଣା ଦେଇନାହିଁ । କବିବର ରାଧାନାଥ ଯଥାର୍ଥରେ ଏକ ନୂତନ ଯୁଗର 'ପ୍ରତିଷ୍ଠାତା' ହୁଅନ୍ତୁ ବା ଭଞ୍ଜ ଯୁଗର ଶେଷ 'ମହିମାନ୍ୱିତ ମହାପ୍ରକାଶ' ହୁଅନ୍ତୁ, ଓଡ଼ିଶାର ସାରସ୍ୱତ ଗଗନରେ ନୂତନ ଆଭିମୁଖ୍ୟର ବିଦ୍ୟୁଲ୍ଲେଖା ଖେଳାଇବାର ସୌଭାଗ୍ୟରେ ସେ ଯେ ପୁରସ୍କୃତ, ଏହାର ଅସ୍ୱୀକାର ଦ୍ୱାରା ସତ୍ୟର ଅପଲାପ ହେବାର ଆଶଙ୍କା ରହିଛି । ଗଙ୍ଗାଧର କିନ୍ତୁ ପ୍ରାଚୀନ ଆଦର୍ଶକୁ ନବ୍ୟରୁଚିର ପୋଷକତାରେ ଏବଂ ନବୀନ ଶୈଳୀରେ ପ୍ରକାଶ କରି ପ୍ରାଚୀନ ସାହିତ୍ୟ ଓ ଆଧୁନିକ ସାହିତ୍ୟର ଏକ ସଂଯୋଜକ ସେତୁରୂପେ ଆତ୍ମପ୍ରତିଷ୍ଠା କରିଯାଇଛନ୍ତି । କବି ଖଗେଶ୍ୱର ବିଶେଷ ଭାବରେ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ସଂଗୀତମୟ ଓ ବର୍ଣ୍ଣବିନ୍ୟାସ ଚମତ୍କାରସମ୍ବଳିତ ଶୈଳୀର ଅନୁବର୍ତ୍ତନ କରିଛନ୍ତି ।

ଏଇ ଗ୍ରନ୍ଥାବଳୀର ପ୍ରଥମ କବିତାଗୁଚ୍ଛ ହେଉଛି 'ଚଉତିଶା-ଚନ୍ଦ୍ରକଳା' । ଉପେନ୍ଦ୍ରଭଞ୍ଜଙ୍କ 'ପ୍ରେମସୁଧାନିଧି' ଓ ବ୍ରଜନାଥ ବଡ଼ଜେନାଙ୍କ 'କେଳି-କଳାନିଧି'ର ନାମକରଣ ଅନୁସାରେ ଏଇ 'ଚଉତିଶା-ଚନ୍ଦ୍ରକଳା' ନାମ ଦିଆଯାଇଛି । ଉପେନ୍ଦ୍ରଭଞ୍ଜ 'ପ୍ରେମସୁଧାନିଧି'ର ଶେଷ ଛାନ୍ଦରେ ଲେଖିଛନ୍ତି—

ଷୋଳ ଛାନ୍ଦେ ଷୋଳ କଳା ପରିପୂର୍ଣ୍ଣ ତହିଁ
ଅଙ୍କ ରାହୁ ଦୂଷଣକୁ ଅବକାଶ ନାହିଁ ।

ଏ ସମସ୍ତ କାବ୍ୟରେ ଷୋଳକଳାବିଶିଷ୍ଟ ଚନ୍ଦ୍ରଙ୍କର ନାମ ଯୋଗ କରି କାବ୍ୟରେ ଷୋଳଟି ଛାନ୍ଦ ବା ସର୍ଗ ସମାବେଶିତ କରିଥିବାର ସାର୍ଥକତା ପ୍ରତିପାଦନ କରାଯାଇଛି । କିନ୍ତୁ ପ୍ରଭେଦ ହେଉଛି, ଖଗେଶ୍ୱର ଚନ୍ଦ୍ରଙ୍କର ଯେଉଁ ଷୋଳ କଳା ଦେଖାଇବା ପାଇଁ ଷୋଳଟି ଛାନ୍ଦ ଏଥିରେ ସମାବେଶ କରିଛନ୍ତି, ସେଗୁଡ଼ିକ ମଧ୍ୟରେ କୌଣସି ବିଷୟଗତ ସମ୍ପର୍କ ନାହିଁ । ଅନ୍ୟ ଭାବରେ କହିଲେ, ଚଉତିଶା ନିୟମରେ ରଚିତ ହୋଇଥିବା କେତୋଟି ଖଣ୍ଡକବିତା ଓ ଚଉତିରିଶି ପଦ ଥିବା ଅନ୍ୟ କବିତାକୁ ଏଥିରେ ଅନ୍ତର୍ଭୁକ୍ତ କରି କୌଣସି ଉପାୟରେ ଷୋଳ ସଂଖ୍ୟାର ପୂର୍ଣ୍ଣତା ସଂପାଦନ କରିବାକୁ ଶ୍ରୀ ଖଗେଶ୍ୱର ଚେଷ୍ଟା କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, 'ପ'ଆଦ୍ୟ ନିୟମରେ ରଚିତ ଚଉତିରିଶିଟି ପଦକୁ କବି ଚଉତିଶା ବୋଲି ସ୍ଥିର କରି (ଚ: ଚ: ୧୪ ଛା:) ତାକୁ 'ଚଉତିଶା-ଚନ୍ଦ୍ରକଳା'ରେ ମଧ୍ୟ ଯୋଡ଼ି ଦେଇଛନ୍ତି । ଏକାଦଶ ଛାନ୍ଦରେ କବି ଯେଉଁ ଚଉତିଶାଟି ରଖିଥିଲେ, ତାହା କେତେକ କାରଣରୁ ପ୍ରକାଶଯୋଗ୍ୟ ବିବେଚିତ ନ ହେବାରୁ ଅନ୍ୟ ଏକ କବିତାଦ୍ୱାରା ତାହାର ସ୍ଥାନ ପୂର୍ଣ୍ଣ କରାଯାଇଛି । ଚଉତିଶା ନ ହୋଇଥିବା କବିତାକୁ କବି ଚଉତିଶା ବୋଲି ଗ୍ରହଣ କରି ନିଜେ ତାକୁ ଏଥିରେ ସ୍ଥାନ ଦେଇଥିବାରୁ ଆଉ ଏକ ସେହିଭଳି 'ଅ-ଚଉତିଶା' କବିତାର ସମାବେଶଦ୍ୱାରା ଶୂନ୍ୟସ୍ଥାନ ପୂରଣରେ ଆପତ୍ତିର ଅବକାଶ ନାହିଁ । ମୋଟ ଉପରେ କହିବାକୁ ଗଲେ, ଚଉତିଶା-ଚନ୍ଦ୍ରକଳା ହେଉଛି ଷୋଳଟି ଭିନ୍ନ ଭିନ୍ନ ବିଷୟକ କବିତାର ସମଷ୍ଟି ମାତ୍ର ।

ପ୍ରଥମ ଛାନ୍ଦରେ କବି ପ୍ରାଚୀନ କବିମାନଙ୍କୁ ଅନୁସରଣ କଲାପରି ସମଗ୍ର କାବ୍ୟଟିର ବସ୍ତୁ ନିର୍ଦ୍ଦେଶ କରିଛନ୍ତି । କିନ୍ତୁ ଏକାଦଶ ଛାନ୍ଦର ପରିବର୍ତ୍ତନ ହେତୁ ୧ମ ଛାନ୍ଦ 'ଲି' ପଦର ଶେଷ ପାଦର ବିଷୟବସ୍ତୁ କାବ୍ୟରେ ଉପଲବ୍ଧ ନୁହେଁ । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ବର୍ଣ୍ଣ ପ୍ରତ୍ୟେକ ଛାନ୍ଦର ପ୍ରତି ପାଦର ଆଦ୍ୟରେ ବିନ୍ୟାସ କରି କବି ସନ୍ତୁଷ୍ଟ ହୋଇନାହାନ୍ତି (ଯେଉଁଠାରେ ପ୍ରକୃତ ଚଉତିଶା ନିୟମ ଅବଲମ୍ବନ କରାଯାଇଛି), ବରଂ ତହିଁ ସଙ୍ଗେ ସଙ୍ଗେ ଧନକୃଷ୍ଣ, ଭଞ୍ଜ, ଅଭିମନ୍ୟୁ, କବିସୂର୍ଯ୍ୟ ଓ ବନମାଳୀ ପ୍ରଭୃତିଙ୍କ ବର୍ଣ୍ଣବିନ୍ୟାସ ବୈଚିତ୍ର୍ୟକୁ ଟପିଯିବା ପାଇଁ ଚେଷ୍ଟା କରିଛନ୍ତି । ବିଶେଷରେ, ୪ର୍ଥ ଛାନ୍ଦରେ 'କ' ପ୍ରଭୃତି ଚଉତିରିଶିଟି ବର୍ଣ୍ଣକୁ ପାଦର ଆଦ୍ୟ ବର୍ଣ୍ଣରୂପେ, ଦ୍ୱିତୀୟ ବର୍ଣ୍ଣରୂପେ, ତୃତୀୟ-ଚତୁର୍ଥ ବର୍ଣ୍ଣରୂପେ ଏବଂ ଏକ ବର୍ଣ୍ଣକୁ ପାଦାଦ୍ୟରେ ଦ୍ୱିରୁକ୍ତ ରୂପେ, ଇତ୍ୟାଦି ଇତ୍ୟାଦି ନାନାରୂପେ

ବିନ୍ୟାସ କରିଛନ୍ତି । ଉପେନ୍ଦ୍ରଭଞ୍ଜଙ୍କର ଏକ ଉକ୍ତିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣମାନ ଏକାଦିକ୍ରମେ ଉଚ୍ଚାରିତ ହୋଇ ଅର୍ଥବୋଧକ ବାକ୍ୟ ରୂପେ ପରିଣତ ହୋଇଥିବାରୁ ତାହାର ଅନୁସରଣରେ କବି ଖଗେଶ୍ୱର ଗୋଟିଏ ପଦ ଲେଖିଛନ୍ତି । ପୁଣି କୋଷଗ୍ରନ୍ଥ ସାହାଯ୍ୟରେ ପ୍ରତ୍ୟେକ ବର୍ଣ୍ଣର ଗୋଟିଏ ଅର୍ଥ ପାଦଟୀକାରେ ଲେଖି (ପୃ: ୩୨) ତହିଁରୁ ତାଙ୍କର ଉଦ୍ଦିଷ୍ଟ ଅର୍ଥ ଦେଖାଇବାକୁ ଚେଷ୍ଟା କରିଛନ୍ତି ।

'ଚଉତିଶା-ଚନ୍ଦ୍ରକଳା'ରେ ପ୍ରାଚୀନ ଶୈଳୀର ଅନୁବର୍ତ୍ତିତା ଥିଲେହେଁ ସମସାମୟିକ ସାମାଜିକ ପ୍ରଭାବ ତହିଁରେ ସ୍ପଷ୍ଟ ରୂପାୟିତ ହୋଇଅଛି । ଏଥିରେ ନାନାବିଧ ସଂସ୍କାର, ଗାନ୍ଧିମତ ପ୍ରଚାର, ଯୁଗୋଚିତ ନାନା ସୂକ୍ତି, ଶ୍ରମିକ ସଂପ୍ରଦାୟର ଉଦ୍‌ବୋଧନ ଓ ଆତ୍ମତତ୍ତ୍ୱ ବିବେକ ପର୍ଯ୍ୟନ୍ତ ବହୁବିଧ ବିଷୟର ପର୍ଯ୍ୟାଲୋଚନା କରାଯାଇଛି ।

କେତେକ ସ୍ଥଳରେ କବି ପୂର୍ବବର୍ତ୍ତୀ କାବ୍ୟକବିତାର ଭାବ ଓ ଭଙ୍ଗୀ ଗ୍ରହଣ କରିଛନ୍ତି । ଉଦାହରଣ ସ୍ୱରୂପ, ନୂଆଭୂଆସୁଣୀଙ୍କୁ ଉପଦେଶ ଦେଇ କବି ଲେଖିଛନ୍ତି—

ଥିଲେ ମନେ କଷ୍ଟ ଦୁଃଖ, ଭୁଲିଯିବୁ
ନରେଖି ପତି ଆଗମନ,
ଥରେ ଯହିଁ ପାଇଁ ବାରିବେ ତୋ ସ୍ୱାମୀ
ନଦେବୁ ତହିଁ ଆଉ ମନ ।
( ପୃ: ୩୭ )

ଏଥିସଙ୍ଗେ କବି ଗଙ୍ଗାଧର କାଳିଦାସଙ୍କ ଅନୁକରଣରେ 'ପ୍ରଣୟ-ବଲ୍ଲରୀ'ରେ ଲେଖିଥିବା କେତୋଟି ପାଦ ତୁଳନୀୟ ।

ସ୍ୱାମୀ ଯା କହିବେ ଦୁଷ୍କର ହେଲେହେଁ
ପାଳନେ ହେବୁ ତତ୍ପର,
ଥରେ ଯା ବାରିବେ ଆଉ ତହିଁ କେବେ
ହେବୁ ନାହିଁ ଅଗ୍ରସର ।
ଦୁଃଖ ଥିଲେ ମନେ ଦୂର କରିବୁ ତା
ସ୍ୱାମୀ ଦରଶନ ମାତ୍ରେ ।
(ପ୍ର: ବ: ସ: ୪)

ନବମ ଗ୍ରନ୍ଥର 'କୃତ୍ରିମ ସାଧନା'ରେ କବିସୂର୍ଯ୍ୟଙ୍କ ପ୍ରଭାବର ମୁଦ୍ରା ସ୍ପଷ୍ଟଭାବରେ ଅଙ୍କିତ । କବି ଲେଖିଛନ୍ତି—

କହିବ ସଂସାର
କେବଳ ଅଯଥା ଶ୍ରମଟି ସାର ।

× × ×

କବଳ କର ତୁ ରସାଳ କଳ
କାକ ତୋଳିବୁ କ ପିକ-କାକଳ

ଏଥିସଙ୍ଗେ କବିସୂର୍ଯ୍ୟଙ୍କର ନିମ୍ନୋଦ୍ଧୃତ ଅଂଶ ତୁଳନୀୟ—

ଜଗତେ କେବଳ
ଜନେ ହସିବେ ଏହି ତହୁଁ ଫଳ ।

× × ×

କବଳ କରୁ ତା କଳକଳାପ
କାକ କ କରବ ପଞ୍ଚମାଳାପ

ଦ୍ୱାଦଶ ଗ୍ରନ୍ଥରେ ଆଧୁନିକ ଯୁଗର କୃଷୀ ସମସ୍ୟା ବଡ଼ ବ୍ୟଞ୍ଜନା ସହକାରେ ରୂପାୟିତ । ପୁଣି ନବ୍ୟ ସମାଜର ଦୋଷ-ଦୁର୍ବଳତା ଓ ଗାନ୍ଧୀବାଦର ଅନୁରୂପ କେତେକ ମତର ବ୍ୟାଖ୍ୟାନ କରା ଯାଇଛି । 'ସୂକ୍ତିମାଳା' ଚାଣକ୍ୟ-ନୀତିର ଏକ ନବୀନ ସଂସ୍କରଣ । ଏହାଛଡ଼ା କୃଷିଭାଇଙ୍କ ପ୍ରତି ତାଙ୍କର ସମବେଦନା, ଗରିବମାନଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳତା ଏବଂ ଦାର୍ଶନିକ ରୂପେ ଆତ୍ମତତ୍ତ୍ୱ ଚିନ୍ତନ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ବା ବିବୃତ ହୋଇଛି ।

'ଚଇତ ଅମାସ୍ୟା' ପ୍ରକୃତିକବି ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ରଚିତ । 'ଉତ୍କଳ-ଲକ୍ଷ୍ମୀ'ରେ ଗଙ୍ଗାଧରଙ୍କର ସ୍ୱପ୍ନର ଯେଉଁ ପରିକଳ୍ପନା ବିଦ୍ୟମାନ, ତାହାହିଁ ଖଗେଶ୍ୱରଙ୍କୁ ଆଜି ଏକ ସ୍ୱପ୍ନରାଜ୍ୟର ମନୋଜ୍ଞ-କଳ୍ପନାର ସଙ୍କେତ ଦେଇଅଛି । 'ଉତ୍କଳ-ଲକ୍ଷ୍ମୀ'ରେ ଗଙ୍ଗାଧର ଲେଖିଛନ୍ତି—

ଏହି ସମୟରେ          ଘଟିଲା ଯା' ଏକ
ଘଟଣା କି ଆଚମ୍ବିତ,

ସ୍ମୃତିପଥେ ଏବେ ପଡ଼ିଗଲେ ତନୁ
ହୋଇଯାଏ ପୁଲକିତ ।
ଅକସ୍ମାତେ ଏକ ପରମା ସୁନ୍ଦରୀ
ଦେବୀ ଆସି ମୋର ଆଗେ
ଉଭା ହୋଇ "ବତ୍ସ, ଭାବ ନା, ଭାବ ନା"
ସମ୍ଭାଷିଲେ ଅନୁରାଗେ ।

ଖଗେଶ୍ୱର ଲେଖିଛନ୍ତି—

ଚନ୍ଦ୍ରା-ସ୍ୱପ୍ନରାଜ୍ୟ ପର୍ଯ୍ୟଟନ ବ୍ୟାଜେ
ଦେଖିଲି ଏକ ରୂପସୀ—
କ୍ଷୀର-ଧବଳାଙ୍ଗୀ ବକଳେ କାନ୍ଦୁଛି
ହୀରକ ପୁଳିନେ ବସି ।

'ଉତ୍କଳ-ଲକ୍ଷ୍ମୀ'ରେ କବି ଗଙ୍ଗାଧର ସ୍ୱପ୍ନର ମଧୁର ବିଳାସ ମଧ୍ୟରେ ସମସାମୟିକ ଉତ୍କଳର ବାଣୀସେବକମାନଙ୍କୁ ଗୌରବୋଜ୍ଜ୍ୱଳ ଆସନ ପ୍ରଦାନ କରିବାକୁ ଯେପରି ଚେଷ୍ଟିତ ହୋଇଛନ୍ତି, ପ୍ରାଚୀନ ଯୁଗର କବିପୁଙ୍ଗବ-ମାନଙ୍କର ଉତ୍କର୍ଷ ପ୍ରଖ୍ୟାପନରେ ସେହିପରି ମୁଖର ହୋଇ ଉଠିଛନ୍ତି ।

ପୁଣି 'ଅର୍ଘ୍ୟଥାଳୀ'ରେ "ଉତ୍କଳମାତାର ରୋଦନ" ଶୀର୍ଷକ କବିତାରେ ଫକୀରମୋହନଙ୍କର ମୃତ୍ୟୁ ପରେ ଉତ୍କଳଜନନୀଙ୍କର ଖେଦଖଣ୍ଡିତ ଅନ୍ତରକୁ ଗଙ୍ଗାଧର ଯେପରି ରୂପାୟିତ କରିଛନ୍ତି, ସେହିପରି ଖଗେଶ୍ୱର ମଧ୍ୟ ଗଙ୍ଗାଧରଙ୍କ ମୃତ୍ୟୁରେ ଉତ୍କଳଜନନୀଙ୍କର ଗଭୀର ଦୁଃଖ ବର୍ଣ୍ଣନା କରିଛନ୍ତି 'ଚଇତ ଅମାବସ୍ୟା'ରେ ।

ଗଙ୍ଗାଧର ଲେଖିଛନ୍ତି—

"ଆହା ଫକୀର ମୋର ରଙ୍କୁଣୀ ଧନ,
କହିଁ ରହିଲୁ ପଡ଼ି ମୁଦି ନୟନ ।
× × ×
ତାଙ୍କ ବିରହେ ଦଗ୍ଧ ହେଲେ ମୋ ପ୍ରାଣ,
କରୁ ଯେ ଶୋକହରା ସଙ୍ଗୀତ ଗାନ ।

ଖଗେଶ୍ୱର ଲେଖିଛନ୍ତି—

ଆରେ ଗଙ୍ଗାଧର,          ଥିଲୁ ତୁହି ମୋର
କବି-ମୌଳି-ଅଳଙ୍କାର
ଆଲୋକ ଦେଖାଇ          ଦେଇଗଲୁ ମୋତେ
ଶୋକ-ତମିସ୍ରା-ଅନ୍ଧକାର ।

× × ×

ହୃଦ-ଅବସାଦ          ନୈରାଶ୍ୟ-ବିଷାଦ
ତୁଟାଇ ତୋର କବିତା
ନବୀନ ପବନ          ସଞ୍ଚରିବ ଚିର
ଫୁଟାଏ, ଯେହ୍ନେ ସବିତା ।

ଏହା ବ୍ୟତୀତ ଗଙ୍ଗାଧରଙ୍କର ମହତ୍ତ୍ୱପ୍ରକାଶ-ବ୍ୟାଜରେ କବି ସମସାମୟିକ ସାହିତ୍ୟିକ ପରିସ୍ଥିତିର ଚିତ୍ରାଙ୍କନ କରିବାକୁ ମଧ୍ୟ ପ୍ରୟାସୀ ହୋଇଛନ୍ତି । କବିଙ୍କ ଭାଷାରେ—

ତୋ କବିତ୍ୱେ ଦୁଗ୍ଧ-          ମଧୁରତା ଅଛି
ନାହିଁ ମଦ୍ୟ-ମାଦକତା ;
ତାହା ସିନା କାବ୍ୟ          ଥାଏ ଯହିଁ ସାର୍ବ-
ଜନୀନ ଉପାଦେୟତା ।

ଏଥିରେ କବି ଖଗେଶ୍ୱରଙ୍କର ଜୀବନଦର୍ଶନ ମଧ୍ୟ ପ୍ରତିଫଳିତ । ସଂସ୍କୃତ ଆଳଙ୍କାରିକ କାବ୍ୟର ଉଦ୍ଦେଶ୍ୟ ନିର୍ଦ୍ଦେଶ କଲାବେଳେ "ଶିବେତରକ୍ଷତୟେ" ପ୍ରଭୃତି ଯାହା କହିଛନ୍ତି, ପ୍ରକାରାନ୍ତରରେ ଖଗେଶ୍ୱର ଏ ଉକ୍ତିରେ ତାହାହିଁ ପ୍ରତିଧ୍ୱନିତ କରିଛନ୍ତି । ଏଥିରେ କାବ୍ୟର ସାର୍ବଜନୀନତା ପାଠକମଣ୍ଡଳୀରେ ତାହାର ଅନୁକୂଳ ପ୍ରଭାବ ଓ ଉନ୍ନତିବିଧାୟକ ଶକ୍ତିବିଳାସ ଯେପରି ସୂଚିତ, ଭାଷା ମାଧୁର୍ଯ୍ୟ ଓ ସାରଲ୍ୟ ସେହିପରି ଅଭିବ୍ୟଞ୍ଜିତ । ସେ ସମୟର ସାହିତ୍ୟିକ ମସୀଯୁଦ୍ଧକୁ ଲକ୍ଷ୍ୟ କରି କବି ଲେଖିଛନ୍ତି—

କେତେକ ସାହିତ୍ୟ-          ଧର୍ମଧ୍ୱଜୀ, କେତେ
ଛନ୍ତି ଗୁଟୁ-ଫୁଟୁ କବି,

ସ୍ୱାର୍ଥାନ୍ଧ-ସ୍ୱଭାବେ ଆଙ୍କି ଦେଉଛନ୍ତି
ମୋ ବକ୍ଷେ କଳଙ୍କ ଛବି ।

ଅଧେ ଛିନ୍ନ ବାକ୍ୟ-, ସାହିତ୍ୟ-ସମ୍ରାଟ
ଈର୍ଷା-ବ୍ୟଞ୍ଜକ ଧମକେ,

ହତୋତ୍ସାହ କରି- ଦ୍ୟମ୍ନ ଭବିଷ୍ୟତ-
କବି ନବୀନ ଲେଖକେ ।

ସଂକ୍ଷେପରେ 'ଚଇତ ଅମାସ୍ୟା' କବି ଗଙ୍ଗାଧରଙ୍କୁ କେନ୍ଦ୍ର କରି ସମସାମୟିକ ସାରସ୍ୱତ ପରିସ୍ଥିତିର ଏକ ସହଜବୋଧ ଚିତ୍ର ପ୍ରଦାନ କରିବାରେ ପର୍ଯ୍ୟବସିତ ।

'ପ୍ରଣୟିନିର୍ଝର'ର ଶାବ୍ଦିକ ବିଶେଷତ୍ୱ, ନାମରେ ଏବଂ କବିତାରେ ପ୍ରଦର୍ଶିତ ହୋଇଛି । ଏଥିରେ ଚରିତ୍ରଗତ ଉତ୍କର୍ଷ ଅପେକ୍ଷା ଶାବ୍ଦିକ ଚାତୁର୍ଯ୍ୟ ହିଁ ଅଧିକତର ଭାବରେ ପାଠକର ଦୃଷ୍ଟି ଆକର୍ଷଣ କରେ । କବିସମ୍ରାଟ ଉପେନ୍ଦ୍ରଭଞ୍ଜ ବା ଦୀନକୃଷ୍ଣଙ୍କ ଅନୁସରଣରେ ବହୁ କବି ବର୍ଣ୍ଣ ନିୟମରେ ମହାକାବ୍ୟମାନ ପ୍ରଣୟନ କରିଛନ୍ତି । 'ରସକଲ୍ଲୋଳ' ପ୍ରଥମ ଛାନ୍ଦ କିମ୍ବା ଶେଷ ବର୍ଣ୍ଣ ଦୃଷ୍ଟିରୁ 'କଳାକଉତୁକ'ର ଚାତୁର୍ଯ୍ୟ ଅନୁକରଣ କରି ଅଭିମନ୍ୟୁ ସାମନ୍ତସିଂହାର ଅନ୍ତ୍ୟାନୁପ୍ରାସରେ ବହୁ କବିତା ରଚନା କରିଛନ୍ତି । ଆଦ୍ୟ ଓ ପ୍ରାନ୍ତ, ଉଭୟ ବର୍ଣ୍ଣ 'ର' ବିନ୍ୟାସ କରି ଗଙ୍ଗାଧର 'ରସରତ୍ନାକର' ରଚନା କରିଥିଲେ । 'ପ୍ରଣୟିନିର୍ଝର'ରେ ସେହିପରି ଆମୂଳଚୂଳ 'ର' ବର୍ଣ୍ଣକୁ ପ୍ରାନ୍ତ ବର୍ଣ୍ଣ ରୂପେ ପ୍ରୟୋଗ କରାଯାଇଅଛି । ପୂର୍ବଭାଗର ଶେଷ ପଦର ଶେଷ ପାଦରେ କୌଣସି ଶବ୍ଦବିନ୍ୟାସ କରାଯାଇ ନ ଥିବାରୁ ଓ କବିଙ୍କ ନାମର ଶେଷ ବର୍ଣ୍ଣ 'ର' ହୋଇଥିବାରୁ କୌଣସି ଚତୁର ପାଠକ ପାଦପୂରଣ କରିବାକୁ ଚେଷ୍ଟା କଲେ କିଭଳି ଭାବରେ ଶୂନ୍ୟସ୍ଥାନ ପୂରଣ କରାଯାଇପାରିବ, ତାହା ସହଜରେ ଅନୁମେୟ ବୋଲି କହିଲେ ଅସଙ୍ଗତ ହେବ ନାହିଁ ।

ସଂସ୍କୃତସ୍ତୋତ୍ରମାନଙ୍କରେ କିମ୍ବା କେତେକ ଭଜନ ଓ ଜଣାଣାଦିରେ ଶେଷ ପାଦର ବ୍ୟାବୃତ୍ତି ହେଲପରି କବି ଉତ୍ତରଭାଗର ଶେଷାଂଶରେ "ପରାଣ କରିବେ କି ଅପବିତର" ପୁନରାବୃତ୍ତି କରିଛନ୍ତି ।

ଏହା ଅପେକ୍ଷା, କିନ୍ତୁ, 'ଆମେ ଗରିବ କାହିଁକି' କବିଙ୍କର ସାହିତ୍ୟିକ ଦାୟିତ୍ୱବୋଧର ପରିଚୟ ଦିଏ । ସେ ଯଥାର୍ଥରେ ଲେଖିଛନ୍ତି—

ସତ କଥା ଯାହା ନୀତିଶାସ୍ତ୍ର କହେ
'ଗରିବର ନଷ୍ଟ ବୁଦ୍ଧି'
ଗରିବ ହିଁ ଆମ ଦେଶରେ କରୁଛି
ଗରିବ-ସୃଷ୍ଟିର ବୃଦ୍ଧି ।

× × × ×

ଆତ୍ମ-ନିର୍ଭରତା ଆପେ ହରାଇଛୁଁ
କା'ଆଗେ କହିବୁଁ ଆଉ
ଠାକୁରକୁ ଆଜି କୁକୁର କରିଛି
ଦାରୁଣ ପେଟର ଦାଉ ।

ଏଥିରେ କବି ଭାରତର ଅଧଃପତନରେ ବ୍ୟଥିତ ହୋଇ ବିଦେଶୀ ସଭ୍ୟତା ଓ ସଂସ୍କୃତି ବିରୁଦ୍ଧରେ ଯେପରିକି ଯୁଦ୍ଧ ଘୋଷଣା କରିଛନ୍ତି । କହିବା ବାହୁଲ୍ୟ ଯେ, ଚଳିତ ଶତାବ୍ଦୀର ଦ୍ୱିତୀୟ ପାଦରେ ବହୁ ଭାରତୀୟ ତଥା ଉତ୍କଳୀୟ କବି ଜନ୍ମଭୂମିର ମୁକ୍ତିକାମନା ଓ ବିବିଧ ଉନ୍ନତିବାସନାରେ ନିଜନିଜର କେବଳ ବିପନ୍ନତା ପ୍ରକାଶ କରିନାହାନ୍ତି, ବରଂ କି ଉପାୟରେ ପରାଧୀନ ଭାରତୀୟମାନଙ୍କର ମୁକ୍ତିଜନିତ ବୈଷୟିକ ଉନ୍ନତି ସାଧିତ ହେବ, ସେଥିଲାଗି ନିଜନିଜର ସୁଚିନ୍ତିତ ମତ ମଧ୍ୟ ପ୍ରକାଶ କରିଛନ୍ତି । ନାଟ୍ୟକାର 'କାହିଁ ଅଇଲେ ବିଦେଶରୁ ବେପାରୀ' ଗୀତ ସଂଯୋଜନରେ ନିଜର ନାଟକଟିକୁ ଜନପ୍ରିୟ କଲାପରି କବି ଖଗେଶ୍ୱର

"ଯେ ଦିନୁ ଭାରତେ ଚଳିଲା ବେପାରୀ"
ରାଜନୀତି କାରଖାନା
ପରାଧୀନତା ହିଁ ମୂଳହେତୁ ହେଲା
ମାରିବାକୁ ଆମ ଦାନା ।"

ପ୍ରଭୃତି ଲେଖି, ସେହିପରି ଦେଶବାସୀଙ୍କର ମନକୁ ଘେନିଲା ପରି ନିତାନ୍ତ ସତ୍ୟ କଥାଟିକୁ ସରଳଭାଷାରେ ପ୍ରକାଶ କରିଛନ୍ତି ଏବଂ ତହିଁ ସଙ୍ଗେ ସଙ୍ଗେ ଫକୀରମୋହନ ସେନାପତି 'ମୁଁ ହାଟ ବାହୁଡ଼ା'ରେ ଯେପରି ସମସାମୟିକ ଲୋକାଚାର ଓ ଶିକ୍ଷାପଦ୍ଧତିର ସମାଲୋଚନା କରିଛନ୍ତି, ଖଗେଶ୍ୱର ମଧ୍ୟ ତାଙ୍କର ପଦାଙ୍କ ଅନୁସରଣ କଲାପରି ସେ ସମସ୍ତ ବିଷୟରେ ନିଜର ସଂସ୍କାରମୂଳକ ମତାବଳୀ ପ୍ରକାଶ କରିଛନ୍ତି ।

'ଅଶ୍ରୁତର୍ପଣ'ରେ ମହାତ୍ମା ଗାନ୍ଧୀଙ୍କର ଅକାଳ ବିୟୋଗରେ କବି ଯେପରି ଅଶ୍ରୁପାତ କରିଛନ୍ତି, ତାଙ୍କର ଅନୁଗାମୀମାନଙ୍କର ନୀତିଭ୍ରଷ୍ଟତାରେ ମର୍ମାହତ ହୋଇ ସେଭଳି ସେମାନଙ୍କର ସମାଲୋଚନା କରିଛନ୍ତି । "ସୂକ୍ତି-ମୁକ୍ତାବଳୀ"ରେ କବିତ୍ୱ ଅପେକ୍ଷା କବିଙ୍କର ନୀତିମୂଳକ ବହୁ ଅନୁଭୂତି ସୁବୋଧ ଭାଷାରେ ଲିପିବଦ୍ଧ ହୋଇଅଛି । ତଥାପି ସ୍ତବକଗୁଡ଼ିକର ସଂଖ୍ୟା ଦୁଇ ଶହରୁ ବେଶି । ଅନେକ ସୂକ୍ତିରେ ସଂସ୍କୃତସାହିତ୍ୟର ମୁଦ୍ରା ସ୍ପଷ୍ଟଭାବରେ ଅଙ୍କିତ ହୋଇଅଛି ।

କାମୋଦୀ ରାଗ ଲିଖିତ 'ମହାପ୍ରଭୁ' ଶୀର୍ଷକ ଜଣାଣ ଦୀନକୃଷ୍ଣ ଦାସଙ୍କ 'ଆରତବାଣ-ଚଉତିଶା'ର ଅନୁସରଣରେ ଲିଖିତ ହୋଇଥିଲି ପରି ଜଣାପାଏ । କିନ୍ତୁ ପଦବିନ୍ୟାସରେ କବିଙ୍କର 'କେବଳ ସ୍ୱାତନ୍ତ୍ର୍ୟ ଯେ ଅଛି ତା ନୁହେଁ, କବିସୂର୍ଯ୍ୟଙ୍କଠାର ପ୍ରଭାବ ମଧ୍ୟ ପତିତ ହୋଇଥିବାର ପରିଦୃଷ୍ଟ ହୁଏ । ଦୃଷ୍ଟାନ୍ତ ସ୍ୱରୂପ—

ବିରଜବନ୍ଧୁ, ମତି    ବିରଜ ନୋହୁ ଅତି
ଗରଜ ହେତୁ ଏ ଶୋଚନା,

ଗରିବର ପାଉଣା    ଈଶ୍ୱର ଯେ' କରୁଣା
କରିବ ପରେ ବିବେଚନା ।

× × × ×

ଉଦରେ ଦାବାନଳ    ହୃଦରେ ହଳାହଳ
ଅଧରେ ଅମୃତ ରହିଲା,

ପଦ-ନଖରେ ଗଙ୍ଗା    ବନ୍ଦନ ଭବ-ଉଙ୍ଗା
ବଦନ କଦନ ଦହିଲା ହେ
ମହାପ୍ରଭୁ !

କି କରି ନ ପାରିଛ କେବେ ?
କିଙ୍କରୀ ଶଙ୍କରୀ ତ ହେବେ;

ହେଜ ତବ ମହିମା    ତେଜ ତର୍କ ବଡ଼ିମା
ବେଜତ ହୋଇଛନ୍ତି ଦେବେ ହେ ।

ଗଙ୍ଗାଧର-ସାହିତ୍ୟର ସମାଲୋଚକମାନେ କହନ୍ତି, ସେ ହେଉଛନ୍ତି ପ୍ରାଚୀନ ଓ ଆଧୁନିକ ଓଡ଼ିଆ କାବ୍ୟଶୈଳୀର ସଂଯୋଜକ ସେତୁ । ଏହା ଅକ୍ଷରେ ଅକ୍ଷରେ ସତ । ଖଗେଶ୍ୱର ମଧ୍ୟ ସେ ପନ୍ଥାର ପଥିକ ।

ଫଏ୍‌କ୍ଷି' ସଙ୍ଗ ଓ ତାହାର ମୁକ୍ତାନୁବାଦ ଉଭୟ ଏ ଗ୍ରନ୍ଥାବଳୀରେ ସନ୍ନିବେଶିତ ହୋଇଛି । ଏଥିରେ କେବଳ ବିଷୟ ବର୍ଣ୍ଣନ କୌଶଳରେ କିମ୍ବା କବିତା ଗୁନ୍ଥଣିରେ କବିଙ୍କର ଶକ୍ତି ପ୍ରକାଶ ଲାଭ କରିନାହିଁ, ବରଂ ସମାଜସଂସ୍କାରର ବଳିଷ୍ଠ ଇଙ୍ଗିତ ଏଥିରେ ସ୍ପଷ୍ଟଭାବରେ ପ୍ରତିଫଳିତ ହୋଇଛି । ସମାଜର ଯେଉଁମାନେ କର୍ଣ୍ଣଧାର, ସେମାନଙ୍କର ବିଚାର-ବିବେଚନାରେ ଅନେକ କଥା ଦୋଷଦୁଷ୍ଟ ପରି ଦେଖାଯାଏ । ଗୀତାରେ କୁହାଯାଇଛି, ବଡ଼ଲୋକେ ଯେଉଁଭଳି ଆଚରଣ କରନ୍ତି ତାହା ଅନ୍ୟମାନଙ୍କ ପକ୍ଷରେ ଅନୁକରଣୀୟ ହୋଇଯାଏ । ସମାଜରେ ଯେଉଁ କୁସଂସ୍କାରଗୁଡ଼ିକ ପ୍ରଚଳିତ ହୋଇଆସିଛି, ଅଥଚ ପ୍ରତ୍ୟକ୍ଷରେ ସମସ୍ତଙ୍କର ଦୃଷ୍ଟି ସେ ଉପରେ ପଡ଼ୁନାହିଁ କବି ନିଜର ଗଭୀର ଅନ୍ତର୍ଦୃଷ୍ଟି ବଳରେ ସାଧାରଣ ଲୋକଲୋଚନକୁ ସେଗୁଡ଼ିକୁ ଆଣିବାକୁ ଚେଷ୍ଟା କରନ୍ତି । ଏଥିରେ ପ୍ରକାରାନ୍ତରରେ ତାହାହିଁ ହୋଇଛି । କିନ୍ତୁ ସବୁଠାରୁ ବଡ଼ କଥା, ଏହା ଆମୂଳଚୂଳ ସମ୍ବଲପୁରୀ ଭାଷାରେ ଲେଖାଯାଇଛି । ସୁତରାଂ ଭାଷାତତ୍ତ୍ୱ ଦୃଷ୍ଟିରୁ କବିତାର ମୂଲ୍ୟ ମଧ୍ୟ କଳନାର ଯୋଗ୍ୟ । ଅନେକ ଦିନ ଧରି, ଏପରି କି ଗତ ଶତାବ୍ଦୀର ଶେଷ ପାଦରୁ ଆରମ୍ଭ କରି ଅଦ୍ୟାବଧି ଆଞ୍ଚଳିକ ଭାଷାର ସାହିତ୍ୟିକ ପ୍ରୟୋଗ ସମ୍ପର୍କରେ ନାନା ବାଦ ପ୍ରତିବାଦ ପ୍ରକାଶ ପାଇଛି । ଅନେକଙ୍କର ମତ, ବିଭିନ୍ନାଞ୍ଚଳରେ ଯଦି ଲୋକଙ୍କ ମୁଖରେ ଅର୍ଥପୂର୍ଣ୍ଣ ଓ ଉପଯୁକ୍ତ ବା ଉପାଦେୟ ଶବ୍ଦ ବ୍ୟବହୃତ ହେଉଛି, ସେଗୁଡ଼ିକୁ ଆଞ୍ଚଳିକତା ଦୋଷରେ ଦୂଷ୍ୟ ବିବେଚିତ କରାନଯାଇ କ୍ରମେ ସାହିତ୍ୟରେ ପ୍ରୟୋଗ କରାଯାଉ । ୬ ଗୋପୀନାଥ ନନ୍ଦ, ୬ ଶଶିଭୂଷଣ ରାୟ ଓ ଶ୍ରୀ ଗିରିଜାଶଙ୍କର ରାୟ ପ୍ରମୁଖ ନିଜନିଜର ନିବନ୍ଧ ଓ ପ୍ରବନ୍ଧମାନଙ୍କରେ ଗ୍ରାମ୍ୟ ଭାଷା, ଆଞ୍ଚଳିକ ଭାଷା ବା 'ଷ୍ଟାଣ୍ଡାର୍ଡ଼' ଭାଷା ସମ୍ପର୍କରେ ପରସ୍ପର ବିରୁଦ୍ଧାତ୍ମକ ମତ ଉପସ୍ଥାପନ କରିଥିଲେ ମଧ୍ୟ ଆଜିକାଲିର ଆଳାପ-ଆଲୋଚନାରେ ବହୁ ଉଚ୍ଚଶିକ୍ଷିତଙ୍କ ଠାରୁ ସମନ୍ୱୟବାଦୀ ଓ ସହନଶୀଳ ମତ ହିଁ ପ୍ରକାଶ ପାଇଥାଏ । ସେ ଦୃଷ୍ଟିରୁ ମଧ୍ୟ ଖଗେଶ୍ୱର ଗ୍ରନ୍ଥାବଳୀର ଏହି କବିତାଟି ଅତ୍ୟନ୍ତ ଉପାଦେୟ ।

କବିବର ରାଧାନାଥଙ୍କର 'ଚିଲିକା' ଓଡ଼ିଆ ସାହିତ୍ୟର ଦେଶପ୍ରେମ-ଭରା କେବଳ ଏକ ଖଣ୍ଡକାବ୍ୟ ରୂପେ ବିବେଚିତ ହେବା ଯେତିକି ସୁସଙ୍ଗତ,

ଓଡ଼ିଆ ସାହିତ୍ୟରେ ସେହି ପ୍ରକାରର ଏକ ଖଣ୍ଡକାବ୍ୟମାଳାର ଆଦିପ୍ରବର୍ତ୍ତକ ରୂପେ ଗୃହୀତ ହେବା ତତୋଧିକ ଯୁକ୍ତିଯୁକ୍ତ । ଚିଲିକାର ଭାଷା, ଭାବ ଓ ଛନ୍ଦ, ବର୍ଣ୍ଣନନୈପୁଣ୍ୟ ଓ ଜୀବନଦର୍ଶନ ପ୍ରଭୃତି ସମସାମୟିକ ତଥା ପରବର୍ତ୍ତୀ କବିମଣ୍ଡଳୀରେ ଅସାଧାରଣ ପ୍ରଭାବ ବିସ୍ତାର କଲା । ତାହା ପରେ ପରେ ନିରଜା, ଧାମରା, ଅଂଶୁପା, ଜୀରକୂଳେ ପ୍ରଭୃତି ଦଶ ପନ୍ଦର ଖଣ୍ଡି ପର୍ଯ୍ୟନ୍ତ କାବ୍ୟ ବିଭିନ୍ନ ଆକାରରେ ରଚିତ ହେଲା । ଖଗେଶ୍ୱରଙ୍କ 'ସୁରଙ୍ଗୀ' ସେହି 'ଚିଲିକା-କାବ୍ୟ' ପରମ୍ପରାର ଏକ ସମ୍ପ୍ରସାରଣ ମାତ୍ର । କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ସୁରଙ୍ଗୀ' କାବ୍ୟ ସୁପରିଚିତ । କିନ୍ତୁ ଖଗେଶ୍ୱରଙ୍କ 'ସୁରଙ୍ଗୀ' ସେହି ସୁରଙ୍ଗୀ ନୁହେଁ । ଏହା ଦକ୍ଷିଣ-ଓଡ଼ିଶାର ସୁରଙ୍ଗୀ ରାଜ୍ୟ ନୁହେଁ । ଏହା ହେଉଛି, ଫୁଲଝର ରାଜ୍ୟର ପ୍ରଧାନ ନଦୀ । ଏଥିରେ କବିଙ୍କର କଳ୍ପନାବିଳାସ ଏବଂ ବର୍ଣ୍ଣନନୈପୁଣ୍ୟର ପରିଚୟ ମିଳେ । କିନ୍ତୁ ଠାଏ ଠାଏ ପ୍ରାଚୀନ ରୀତିର ନୀରସ ବର୍ଣ୍ଣନା କବିତାର ମାଧୁର୍ଯ୍ୟ ବିନଷ୍ଟ କରିଦେଇଛି, ଯେପରି କି ନନ୍ଦକିଶୋରଙ୍କର 'ଶର୍ମିଷ୍ଠା'ରେ ସେଭଳି ଏକ ବର୍ଣ୍ଣନାର ସମାବେଶ କବିତାର ସୌନ୍ଦର୍ଯ୍ୟ ନଷ୍ଟ କରିଦେଇଛି ।

ମହୁଲ, ପଳାଶ,      ବେଲ, କଇଁ, କେନ୍ଦୁ,
ହରିଡ଼ା, ବାହାଡ଼ା,      କୁସୁମ, କାକେନ୍ଦୁ,
ସର୍ଗି, କୁରେ, ଭେରୁଁ,      ଅଏଁଳା, ଗମ୍ଭାରି,
କରଲ, କରଞ୍ଜି,      ଖରଲ, ସୁନାରି,
ଧାମନ, ବାନ୍ଧନ,      ସାହାଜ, ଭେଲୁଆଁ,
ଧଅଁରା, ଧାଉକା,      କୁରୁଲୁ, କୁରୁଆଁ,
ଖଇର, ଖଇସ,      ହଲନ, ଆଁକେଲ,
କେକଟ, ଶାଲହା,      ଧୂବେନ, ପାଁକେଲ,
ଶେମେଲ, ପାଟ୍ଟେଲ      ବାଞ୍ଜି, ମୁଣ୍ଡି, ଗୁହିରି,

(ସୁରଙ୍ଗୀ)

ତିନିଶ ପଦ୍ମକ      ବିଭୀତକ ପ୍ଲକ୍ଷ
କୁରବକ ଆମଳକ,

ହରୀତକୀ ଝାଉଁ, ଅଗସ୍ତି ତନ୍ତୁଡ଼
ସୁରତରୁ ଶାଖୋଟକ,
ମନ୍ଦାର ବକୁଳ ବନ୍ଧୁଲି ପୁନ୍ନାଗ
ଖଦିର ଝାଉଁ ବଦର,
ଅଶୋକ ଶିରୀଷ ଚମ୍ପକ ଶିଂଶପା
ମୁଚକୁନ୍ଦ ଉଡ଼ୁମ୍ବର ।

(ଶର୍ମିଷ୍ଠା)

ଏହା ସତ୍ତ୍ୱେ କହିବାକୁ ହେବ ଯେ କବି ନିଜର ସମସ୍ତ ଶକ୍ତି ଯେପରି କି ଏଇ କବିତାରେ ପ୍ରକାଶ କରିଛନ୍ତି । ରାଧାନାଥଙ୍କୁ ଅନୁକରଣ କରିବାରେ କବି କେତେଦୂର ଲାଳାୟିତ, ତାହା 'ସୁରଙ୍ଗୀ'ର ଶେଷ ଅଂଶରୁ ବେଶ୍ ପ୍ରତିପନ୍ନ ହୁଏ । ନିଜ ଜୀବନର ତିକ୍ତ ମଧୁର ଅନୁଭୂତି ବର୍ଣ୍ଣନାରେ ରାଧାନାଥ ଚିଲିକାରେ ଯେଉଁଳି କବିଜନୋଚିତ ଭାବୁକତା ପ୍ରଦର୍ଶନ କରିଛନ୍ତି, ଖଗେଶ୍ୱର ସେହିପରି 'ସୁରଙ୍ଗୀ'ର ଶେଷଭାଗରେ ତାଦୃଶ ଅନୁଭୂତି ହିଁ ବର୍ଣ୍ଣନା କରିଛନ୍ତି ।

'ସୁରଙ୍ଗୀ'ପ୍ରତିଫଳିତ କବିଙ୍କ ପ୍ରତିଭା ଅସ୍ୱୀକାର୍ଯ୍ୟ ନୁହେଁ । ଅବଶ୍ୟ ରାଧାନାଥଙ୍କ ଅନୁବର୍ତ୍ତିତାର ମାନଦଣ୍ଡରେ କବିଙ୍କ ମହତ୍ତ୍ୱ ପ୍ରତିପାଦନ ବଳିଷ୍ଠ ଭାବରେ ଫୁଟି ଉଠିପାରିବ ନାହିଁ । ରାଧାନାଥ ଲେଖିଛନ୍ତି—

"କୋଟି କୋଟି ଜୀବେ ଲଭନ୍ତି ଜୀବିକା
ତୋ ଦେହେ ଏ ରୂପେ ବିଚରି, ଚିଲିକା,
କୋଟି କୋଟି ଜୀବେ ଯୋଗାଇ ଆହାର,
ନ ସରଇ ତୋର ଅକ୍ଷୟ ଭଣ୍ଡାର !
କି ଆଶ୍ରିତ, କିବା ଆଗନ୍ତୁକଚୟ
ନିର୍ବିଶେଷେ ସର୍ବେ ପୂରନ୍ତି ଆଶୟ"

(ଚିଲିକା)

ଖଗେଶ୍ୱରଙ୍କ ଉପରେ ଏ ଅଂଶର ପ୍ରଭାବ ବାରି ହୋଇପଡ଼େ ।

"ପାଳିବାକୁ ଚିର ଆଶ୍ରିତ ଜୀବନ,
ଦୟାରୂପେ ତାଳ ଦେଉଛୁ ଜୀବନ ।

ଚତୁଷ୍ପଦ ଅଷ୍ଟ- | ପାଦ ଷଟ୍‌ପଦ
ଶତପାଦକାଦ | ଦ୍ୱିପଦ ନିଷ୍ପଦ ।
ପ୍ରାଣ ରଖିଛନ୍ତି | ନାନା ଜାତି ପ୍ରାଣୀ
ହର୍ଷେ ଖାଇପିଇ | ତୋର ଦାନାପାଣି ।"

(ପୃ: ୩୫୧)

କବିବର ରାଧାନାଥ 'ଚିଲିକା'ର ଶେଷଭାଗରେ ସ୍ୱଜୀବନର ବିଶ୍ଳେଷଣାତ୍ମକ ଚିତ୍ର ପ୍ରଦାନ କରି ଲେଖିଛନ୍ତି—

"ସ୍ଥିର ଭାଗ୍ୟ ମୋର ଚିହ୍ନିତ ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ,
ଚିର ହାହାମୟ ଏ ସ୍ଥିର ଜୀବନ,
ଜୀବନ ନୁହଇ, ଜୀବନ୍ତ ମରଣ !
ଚିରଦିନ ଦୁଃଖପ୍ରହାରେ ଜର୍ଜର,
ପଞ୍ଚଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର,

× × ×

ଭାଗ୍ୟବାନ ବେନ ବାଣୀଙ୍କ କୁମର—
କବି ବଳଦେବ, ଭଞ୍ଜ ବୀରବର;
କାହିଁ ସେହି, କାହିଁ ମୁହିଁ ଅକିଞ୍ଚନ ?
ଦେଖୁଥିଲି ସିନା ଜାଗ୍ରତ-ସ୍ୱପନ !"

(ରା: ଗ୍ର: ପୃ: ୧୭୦-୧୭୧)

ଖଗେଶ୍ୱର ମଧ୍ୟ ଏହାର ଅନୁବର୍ତ୍ତନ କରି ପରି ଲେଖିଛନ୍ତି—

"ଧୈର୍ଯ୍ୟଧ୍ୱଂସୀ ବେଗେ | ପ୍ରାଣ ଲାରକାନ୍ତ
ମାନସ ମୋହର | ବିବ୍ରତ ବିଭ୍ରାନ୍ତ ।
ଭୋଗିବାକୁ ବେଶି | ଦୁଃଖଶୋକ-ହକ୍କା
ଦୁର୍ଭାଗ୍ୟ-ରାଜ୍ୟଟା | ଆଣିଅଛୁ ଠିକା ।

× × ×

ଫୁଟାଇ ପାରିବି | ତୋର ପୂର୍ଣ୍ଣ ଛବି
ଶକ୍ତି ମୋର କାହିଁ ? | ସରିତ ସାଧିବି !

× × ×

ଲଭିଅଛି ସିନା　　ନର ଜନ୍ମ ମଣି
ନତୁ ଭାଗ୍ୟ ମୋର　　ଦୁଃଖ-ବିଷେ ଫଣୀ ।
ଜୀବନ ମୋହର　　ନାନା ଅଶାନ୍ତର
ହୋଇଛି ନର୍ତ୍ତନ-　　କୁର୍ଦ୍ଦନ-କୁଟୀର ।"

ରାଧାନାଥ ପୁଣି ଲେଖିଛନ୍ତି—

"ମାଗୁଛି, ଚଲକା, ମେଲଣି ତୋଠାରେ,
ବାହୁଡ଼ିବି ଏବେ ଦାରୁଣ ସଂସାରେ,

× × ×

ସୁଖ ବୋଲି ଯାକୁ ବୋଲଇ ସଂସାର,
କରୁଥାଇ ତାକୁ ଦୂରୁଁ ମୁଁ ଜୁହାର,

× × ×

ବସ୍ତୁ ନୁହଇ ସେ ଅଟଇଟଁ ଧୂମ,
ଅନ୍ୟ ନାମ ତାର ଆକାଶକୁସୁମ,
ତୋହର ପୁଳନେ ମୃଗ-ତୃଷ୍ଣା ପ୍ରାୟେ
ମନୋମୃଗକୁ ସେ ଜଗତେ ଭ୍ରମାଏ,

× × ×

ଆଶାମଦେ ମତ୍ତ ହୋଇ କେତେ ଥର
ପୂରାଇଲି ମନ-ମୋଦକେ ଉଦର"

(ରା: ଗ୍ର: ପୃ: ୧୬୦-୧୬୧)

ଖଗେଶ୍ୱରଙ୍କ ଭଷୋର—

"ସୁରଙ୍ଗି, ଏ ଆନ୍ଧ　　ତରୁଲତାକୁଳ

× × ×

ନେଲି ଗୋ ସୁରଙ୍ଗି　　ସେକାଳେ ମେଲଣି ।
ପତିତ ସିନା ମୁଁ　　ଶୂନ୍ୟ ମାୟାଗାରେ
କିସ ଅଛି ମୋର　　ଜୀବନ-ସଂସାରେ ?

× × ×

ଭବିଷ୍ୟତ ସୁଖ-　　　　　ଶାନ୍ତିର ସୂଚକା
ଆଶା ଥିଲେହେଁ ତା　　　　ଆଶା ମରୀଚିକା ।
ଆଶା-ଦୃଷ୍ଟିରେ ଯା'　　　　ଦିଶୁଥାଏ ସୁନା
ହାତ ବଢ଼ାଇଲେ　　　　　ପାଲଟଇ ଚୂନା ।"

ଏଭଳି ଅନେକ ଦୃଷ୍ଟାନ୍ତ ଦିଆଯାଇପାରେ । ତେବେ ରାଧାନାଥଙ୍କ ଭାଷାର ସଂଯମ ଓ ବର୍ଣ୍ଣନ-ସଂବିଧାନ ନୈପୁଣ୍ୟରେ ଖଗେଶ୍ୱର ତାଙ୍କ ସହ ତୁଳନୀୟ ନୁହନ୍ତି । 'ସୁରଙ୍ଗୀ'ରେ କବିତ୍ୱବିଳାସର ଅଭାବ ନାହିଁ, କିନ୍ତୁ ବହୁ ଅଂଶ କବିଙ୍କ ପୋଷକ ଜମିଦାରଙ୍କର ଗୁଣଗୌରବ ବର୍ଣ୍ଣନରେ ପର୍ଯ୍ୟବସିତ । ରାଧାନାଥ 'ଚିଲିକା'ର ଶେଷଭାଗରେ ମୟୂରଭଞ୍ଜ ଓ ବାମଣ୍ଡା ରାଜାମାନଙ୍କର ପ୍ରଶଂସା କରିଛନ୍ତି, କିନ୍ତୁ ସେ ପ୍ରଶଂସା କରାଯାଇଛି ଉତ୍କଳ-ଭାରତୀଙ୍କର ସାମୂହିକ ଉନ୍ନତିବିଧାନ ଦୃଷ୍ଟିରୁ । ଖଗେଶ୍ୱରଙ୍କ ବର୍ଣ୍ଣନା କିନ୍ତୁ ବ୍ୟକ୍ତିଗତ ସ୍ତୁତି ପ୍ରକାଶରେ ପରିନିବଦ୍ଧ ।

ଗ୍ରନ୍ଥାବଳୀର ଶେଷଭାଗରେ କେତେଗୁଡ଼ିଏ ଖଣ୍ଡକବିତା ସନ୍ନିବେଶିତ ହୋଇଛି । ସେଗୁଡ଼ିକରେ ସେଭଳି କ୍ରମବଦ୍ଧତା ନାହିଁ । ତଥାପି ଭଞ୍ଜୀୟ ଶାବ୍ଦିକତାଠାରୁ ଆରମ୍ଭ କରି ଗଙ୍ଗାଧର ଓ ନନ୍ଦକିଶୋରସୁଲଭ ସରଳ ଓ ଲଳିତ କବିତ୍ୱରେ ସେଗୁଡ଼ିକ ଛବିଳ ହୋଇ ଉଠିଛି ।

କବି ଖଗେଶ୍ୱର କେବଳ ପ୍ରାଚୀନ ଛାନ୍ଦଶୈଳୀର ଉପାସକ ନଥିଲେ, ଥିଲେ ରାଧାନାଥୀ ଶୈଳୀର ଅନୁଗାମୀ ମଧ୍ୟ । ଅମିତ୍ରାକ୍ଷର ଛନ୍ଦରେ ଯଦିଓ "ବିଷାଦନିଶା" ରଚିତ, ତଥାପି 'ବୈଦେହୀଶବିଳାସ' ପରି ଏଥିରେ 'ବ' ନିୟମ ରକ୍ଷିତ ହୋଇଛି । 'ଚଉତିଶା-ଚନ୍ଦ୍ରକଳା'ର ୧୪ଶ ଛାନ୍ଦର 'ପ' ନିୟମ ପରି, 'କ' ନିୟମରେ "କାଳୀକୋଳେ କବିନନ୍ଦନ" ଲେଖିଛନ୍ତି (ପୃଷ୍ଠା—୪୪୫) । ହେଲେହେଁ ଭାଷା, ଭାବ, ଛନ୍ଦ ଓ କଳ୍ପନା—ଏ ସମସ୍ତର ଅପୂର୍ବ ସମନ୍ୱୟ ହୋଇଛି 'ବିଷାଦନିଶା'ରେ । ଏଠାରେ ମଧ୍ୟ ଖଗେଶ୍ୱର କବିବର ରାଧାନାଥଙ୍କ ଅମିତ୍ରାକ୍ଷର ଛନ୍ଦଲିଖିତ 'ଦଶରଥବିୟୋଗ'ର ଅନୁସରଣ କରିଛନ୍ତି । 'ବ' ନିୟମ ରକ୍ଷା କରିବାକୁ ଯାଇ ବହୁ କ୍ଲିଷ୍ଟ ଓ ଅବୋଧ ଶବ୍ଦ ପ୍ରୟୋଗ କରିଛନ୍ତି । ଫଳରେ, କରୁଣରସର ଉଦ୍ରେକରେ ଘୋର ବାଧା ଉପସ୍ଥିତ ହେବାର ପାଠକ ମାନେ ଅନୁଭବ କରିବେ । ମୃତ ପୁତ୍ର ନିକଟକୁ ଯାଇ ତପିବର ବିଳାପ କରିବାର ବର୍ଣ୍ଣନାରେ ଉଭୟ କବିଙ୍କର ତୁଳନା କରାଯାଇପାରେ ।

ରାଧାନାଥଙ୍କ ଲେଖନୀରୁ ଝରିପଡ଼ିଛି—

"କାନ୍ଦିଲେ ଏସନ ମୃତ ସୁତକୁ ସମ୍ବୋଧି,
'ବାବୁ ରେ, ଭୂତଳେ କିପାଁ ଶୋଇଛୁ ଏପରି ?
× × ×
ଯାମିନୀ ଅନ୍ତିମ ଯାମେ ଗାଇ ସୁମଧୁରେ
ବେଦସ୍ତବ କିଏ ଦେବ ଆମ୍ଭଙ୍କୁ ଜଗାଇ"

(ରା: ଗ୍ର: ପୃ: ୨୯୮)

ଖଗେଶ୍ୱରଙ୍କ ଭାଷାରେ—

"ବୋକ ବିହ୍ୱି ପୁତ୍ର ମୁଖେ ବିହ୍ୱଳ-ବିଳାପେ
ବକିଲେ ଭଷନ୍ତ ମୁନି, ଉଠ ଉଠ ଧନ,
× × ×
ବ୍ରାହ୍ମମୁହୂର୍ତ୍ତରେ ଆଉ ଡାକିବେ କାହାକୁ ?
ବିଷ୍ଣୁ ନାମାବଳୀ ତାଙ୍କୁ ଘୋଷାଇବ କିଏ"

ରାଧାନାଥଙ୍କ ବିଷୟବିନ୍ୟାସର ପରିପାଟୀ ଓ ରସପ୍ରସ୍ରବଣର ପ୍ରବାହ ଯଦିଓ 'ବିଷାଦିନୀ'ରେ ଅନୁପଲଭ୍ୟ, ତଥାପି ସମଗ୍ର କବିତାଟି ଖଗେଶ୍ୱରଙ୍କ ବିଶିଷ୍ଟ ଶକ୍ତି ଓ ପାଣ୍ଡିତ୍ୟର ପ୍ରକୃଷ୍ଟ ପରିଚାୟକ । ଏପରି କି ସମଗ୍ର ଗ୍ରନ୍ଥାବଳୀରେ ଏହା ଏକ ତୁଙ୍ଗ ଆସନର ଯୋଗ୍ୟ ଅଧିକାରୀ ।

ସଂକ୍ଷେପରେ କହିଲେ, କବି ଖଗେଶ୍ୱର ଜଣେ ପ୍ରତିଭାଶାଳୀ କବି । ସ୍ୱଜନ୍ମଭୂମିର ଶ୍ରେଷ୍ଠ କବି ଗଙ୍ଗାଧର ତାଙ୍କର ପ୍ରଥମ କାବ୍ୟଗୁରୁ ଏବଂ ଗଙ୍ଗାଧରଙ୍କର ଗୁରୁମଣ୍ଡଳୀ ତାଙ୍କର ପରମଗୁରୁ ହୋଇ ଉଠିଛନ୍ତି । ସୁଦୂର ମଫସଲରେ ଏହିଭଳି ଜଣେ ପ୍ରତିଭାଶାଳୀ କବି ଲୋକଲୋଚନ ଅଗୋଚରରେ ପଡ଼ି ରହିଥିବା ଯେତିକି ଆଶ୍ଚର୍ଯ୍ୟର ବିଷୟ ନୁହେଁ, ତତୋଧିକ ଭାବରେ କ୍ଷୋଭର ବିଷୟ । ଖଗେଶ୍ୱରଙ୍କର ସମଗ୍ର ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ସେ ବୋଧହୁଏ ସାହିତ୍ୟସୃଷ୍ଟିର ପରିମାଣରେ ଚିନ୍ତାମଣିଙ୍କୁ ମଧ୍ୟ ବଳିଯିବେ ।

'ସାହିତ୍ୟ ଏକାଡେ଼ମୀ'ର ଗଠନ ପୂର୍ବରୁ କବିଙ୍କର ଜଣାଣ, ଚଉତିଶା ଓ ନାନା ରାଗରାଗିଣୀପୂର୍ଣ୍ଣ ଏହି ଗ୍ରନ୍ଥାବଳୀ 'ସଙ୍ଗୀତ ନାଟକ ଏକାଡେ଼ମୀ'

କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଯଥେଷ୍ଟ ସମୀଚୀନତା ରହିଛି । ଓଡ଼ିଶାର ପୂର୍ବତନ, ଗଡ଼ଜାତ ରାଜ୍ୟମାନଙ୍କରେ ଅନେକ କବି-ପଣ୍ଡିତ ଅଜ୍ଞାତ ଭାବରେ ପଡ଼ି ରହିଥିବା ଏବେ କ୍ରମେ କ୍ରମେ ଜଣାଯାଉଛି । ଯଥାର୍ଥରେ ଏଭଳି କବିମାନଙ୍କର ରଚନା ପ୍ରକାଶ ପାଇବା ବିଭିନ୍ନ ଦୃଷ୍ଟିକୋଣରୁ ଆମ ସାହିତ୍ୟର ଶ୍ରୀ ସମ୍ପାଦନରେ ସହାୟକ ହେବ ।

ଶ୍ରୀ ଗୌରୀକୁମାର ବ୍ରହ୍ମା
ସମ୍ପାଦକ,
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

# କବି ଶ୍ରୀ ଖଗେଶ୍ୱର ଶେଠ

ସତ୍‌ସାହିତ୍ୟ ସାଧକ ପ୍ରାକୃତିକ ଉତ୍କଳର ଅପ୍ରତିଦ୍ୱନ୍ଦୀ କବିବର ଗଙ୍ଗାଧର ମେହେରଙ୍କ ପଟ୍ଟଶିଷ୍ୟ ବହୁମୁଖୀ ପ୍ରତିଭାଶାଳୀ କବି ଶ୍ରୀ ଖଗେଶ୍ୱର ଶେଠ ସାରସ୍ୱତ ଉତ୍କଳର ଅନେକ ଲବ୍ଧପ୍ରତିଷ୍ଠ ସାହିତ୍ୟସେବୀଙ୍କ ନିକଟରେ ସଂପୂର୍ଣ୍ଣ ଅପରିଚିତ କହିଲେ ଚଳେ ।

ଏହି ନବୀନ ନିସର୍ଗ କବିଙ୍କ କାବ୍ୟ କବିତାବଳୀ କି ପ୍ରାଚୀନ କି ଆଧୁନିକ ଉଭୟ ଯୁଗର ରଚନା-ଶୈଳୀ, ଭାଷା-ପରିପାଟୀ, ଭାବ-ଗାମ୍ଭୀର୍ଯ୍ୟ, ଅଳଙ୍କାର-ଚାକଚକ୍ୟ ତଥା ଯୁଗୋଚିତ ଉଦ୍‌ବୋଧନ-ଭଙ୍ଗୀରେ ଜାତୀୟ ସମାଜର ପ୍ରାଣସ୍ପର୍ଶୀ ହୋଇ ପାରିଅଛି; ଅଥଚ "ଚଉତିଶା-ଚନ୍ଦ୍ରକଳା", "ସମାଜ", "ସୁରଙ୍ଗୀ", "ବିଷାଦ-ନିଶା", "କାନନ-ଯାତ୍ରା", "ପ୍ରଣୟ-ନିର୍ଝର", "ଉତ୍କଳ-କବିତା", "ଚଇତ-ଅମାବସ୍ୟା" ପ୍ରଭୃତି ତାଙ୍କର ପ୍ରତ୍ୟେକ ଲେଖାରେ ମୌଳିକ କଳ୍ପନା, ଉଚ୍ଚ ମାର୍ଜିତ ଚିନ୍ତା, ତରଳ ଛନ୍ଦ ପରିସ୍ଫୁଟ । ଅଧିକନ୍ତୁ ଉତ୍କଳୀୟ ସାରସ୍ୱତ ଭଣ୍ଡାରରେ ଏଗୁଡ଼ିକ ଖଣ୍ଡିଏ ଖଣ୍ଡିଏ ସମୁଜ୍ଜ୍ୱଳ ରତ୍ନ ।

କବିଙ୍କର ଜନ୍ମ ୧୯୦୭-୮ ମଧ୍ୟରେ ସମ୍ବଲପୁର ଜିଲ୍ଲାନ୍ତର୍ଗତ ବରଗଡ଼ ଥାନାନ୍ତଃପାତୀ ସରସରା ଗ୍ରାମରେ ହୋଇଥିଲା । ସେ ଗଙ୍ଗାଧରଙ୍କ ଭଳି ଚନ୍ଦ୍ରିକାସ୍ନାତ ରଜନୀରେ ଏ ସଂସାରକୁ ଆସିଥିଲେ କି ନାହିଁ ସେ କଥା ତାଙ୍କ ପ୍ରତିଭା ବିଚାରରେ ଅବାନ୍ତର । କୃଷ୍ଣପକ୍ଷର ଗଭୀର ତମସା ମଧ୍ୟରେ ମହାପୁରୁଷ ଯୋଗେଶ୍ୱର କୃଷ୍ଣ ଅବତୀର୍ଣ୍ଣ ହୋଇ ଜଗତର ମୁଖ ଉଜ୍ଜ୍ୱଳ କରିଥିବାର ପ୍ରମାଣ ଏକାନ୍ତ ଅସୁଲଭ ନୁହେ । କବିଙ୍କର ଜନ୍ମ ତାରିଖ ସଂଗୃହୀତ ଓ ଲିପିବଦ୍ଧ ହୋଇ ପାରିନାହିଁ—ଏହାର ମୂଳରେ କବିଙ୍କର ନିର୍ଲିପ୍ତତା ହିଁ ଦାୟୀ । ଆଜିକାଲି ଅସଂଖ୍ୟ ଅର୍ବାଚୀନ ଲେଖକଗୋଷ୍ଠୀ ନିଜକୁ କେବଳ ପ୍ରଚାରଣା ଦ୍ୱାରା କବି ଭାବରେ ଠିଆ କରାଇବାକୁ ଯେପରି ବ୍ୟଗ୍ର, କବି ଶ୍ରୀ ଖଗେଶ୍ୱର ଶେଠ ତାହାର ବହୁତ ଦୂରରେ । ତଟସ୍ଥ ଭାବରେ ଠିଆ ହୋଇ ସ୍ୱୀୟ ପ୍ରତିଭାର ପ୍ରତିବିମ୍ବ ବିବେକ-ମୁକୁରରେ ବାରମ୍ବାର ନିରୀକ୍ଷଣ କରିବା ଦ୍ୱାରା ତାଙ୍କ ପ୍ରତିଭା ବହୁ ପରିମାଣରେ ମାର୍ଜିତ, ସଂଯତ ଓ ମାଧୁରୀମଣ୍ଡିତ ହୋଇ ପାରିଛି ଅଥଚ ସେଥି ସକାଶେ ତାଙ୍କୁ ଟିକିଏ ହି ଅଭିମାନ ସ୍ପର୍ଶ କରି ପାରିନାହିଁ ।

ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି, ଏମ୍. ଏ. ବରଗଡ଼ରେ ଅବସ୍ଥାନ କରୁଥିବା ସମୟରେ କବିଙ୍କ ପରିଚୟ ପ୍ରଦାନ ପ୍ରସଙ୍ଗରେ ଲେଖିଥିଲେ— "× × × କବି ଶ୍ରୀ ଖଗେଶ୍ୱର ଶେଠ ଜଣେ ପ୍ରତିଭାଶାଳୀ କବି । ପ୍ରାଚୀନ ଓଡ଼ିଆ ସାହିତ୍ୟ ତାଙ୍କର କଣ୍ଠସ୍ଥ ଅଛି ଏବଂ ନିଜର ରଚନା ବହୁତ । ବାଳ ପାଚିଲାଣି, ଜୀବନର ଧୁକ୍‌କା-ଗରଡ଼ରେ ସ୍ୱାସ୍ଥ୍ୟ ମଉଳି ପଡ଼ିଛି, କିନ୍ତୁ କବିତାର ନାଁ ଶୁଣିଲେ ଅଦ୍ୟାପି ଆଖିରେ ବିଜୁଳି ଖେଳିଯାଏ । କଲମ ଅଟକେ ନାହିଁ । ଯେଉଁ ପାରିପାର୍ଶ୍ୱିକ ଅବସ୍ଥା ମଝିରେ ଏହାଙ୍କର କାବ୍ୟ-କୁସୁମାବଳିର ବିକାଶ ହୋଇଛି ଶୁଣିଲେ ସ୍ତବ୍ଧ ହୋଇ ରହିବାକୁ ପଡ଼େ । ଏ କବି ଜାତିରେ କୈବର୍ତ୍ତ; ସାମାଜିକ ସ୍ତରରେ କୃଷୀ ମୂଲିଆ ଶ୍ରେଣୀର । × × × କବି ମୂଲ ଲାଗନ୍ତି, ହଳ କରନ୍ତି, ଜଙ୍ଗଲରୁ କାଠ କାଟିଆଣି × × ×, ଏବଂ ମୁଢ଼ି ଲିଆ ଭାଜନ୍ତି । ମହାତ୍ମାମାନଙ୍କର ଏପରି ବେଉସା ଇତିହାସରେ ବିରଳ ନୁହେଁ । କବି (Burns) ହଳ କରୁଥିଲେ, ପୃଥିବୀର ଶ୍ରେଷ୍ଠ ଔପନ୍ୟାସିକ (Knut Hamsun) ଆଳୁ-କ୍ଷେତରେ ଖତ ମଡ଼ାଇବା ମୂଲିଆ ଥିଲେ । × × ×, ସେହିପରି କବି ଖଗେଶ୍ୱର ଶେଠ । ବୀର-ସମ୍ବଳ ସମ୍ବଲପୁର ଜିଲ୍ଲାରେ, ଯେଉଁଠି ଗଙ୍ଗାଧର ବିହାର କରିଗଲେ, ତାଙ୍କର ବାଚକ-ଭୂଇଁ ବିଜେପୁର ଥାନା ଇଲାକାରେ ବୁଢ଼ୋମାଲ୍ ଗ୍ରାମରେ ପୁଣ୍ୟଶ୍ଳୋକ କବି ଖଗେଶ୍ୱର ଶେଠଙ୍କର କବି-କୁଟୀର ।

ଆଜି ଯେଉଁ ଯୁଗରେ କୁକୁଡ଼ା-ଡିମ୍ବ, ମାଛ, ବିଲାତିଆଳୁ ପାଇଁ ଜାତୀୟ ଯୋଜନା ଅଛି କିନ୍ତୁ ସାହିତ୍ୟ ପାଇଁ ନାହିଁ, ସେତେବେଳେ କବିର ପୋଥିର କି ମର୍ଯ୍ୟାଦା ? ଈଶ୍ୱରଙ୍କର ଦୂତ ସାହିତ୍ୟିକ କଳାଶକ୍ତିର କାଳସୀ ହୋଇ କେବଳ ଶ୍ମଶାନର ଅଙ୍ଗାର ପାଉଁଶରେ ଭରି । × × × ଲୋକେ କହିବେ, ଗଙ୍ଗାଧର ଏ ଉଷର ଭୂଇଁରେ 'ବିକଳ୍ପେ' ଜନ୍ମ ହୋଇଥିଲେ ସିନା, ସମ୍ବଲପୁରରେ ଆଉ କବି ନାହାନ୍ତି । ଆମର ଅଭିଯୋଗ—ସମ୍ବଲପୁର ଜିଲ୍ଲାରେ ଅଦ୍ୟାପି ଗଙ୍ଗାଧରଙ୍କ ଆତ୍ମା ରୂପପରିଗ୍ରହ କରିଛି, କିନ୍ତୁ ପୁଞ୍ଜିବାଦୀ ବସ୍ତୁବାଦୀ ଯୁଗ ତାଙ୍କୁ ଦେଖି ବି ପରିଚୟ ସ୍ୱୀକାର କରୁନାହିଁ ।" ଇତ୍ୟାଦି ।

ଉପର୍ଯ୍ୟୁକ୍ତ ପଂକ୍ତିଚୟ ପାଠ କରି ଅନେକେ ଅବଶ୍ୟ ମନେ କରିପାରନ୍ତି, କବି ଶ୍ରୀ ଖଗେଶ୍ୱର ଶେଠ ଜଣେ ଅ-ଶ୍ରୀ କବି । ସେ ନିତାନ୍ତ ଦୁରବସ୍ଥ ଓ ଦୁଃସ୍ଥିତ । କିନ୍ତୁ ଖାଲି ସେତିକିରେ ସେ ଆମମାନଙ୍କଠାରେ ପରିଚିତ ନୁହନ୍ତି ।

ନାନା ଦୁଃଖ ଦୁର୍ଦ୍ଦଶା ତାଙ୍କର ଚିର ସହଚର । ସତେ ଯେପରି ତାଙ୍କ ପ୍ରତି ଏହା ଈଶ୍ୱରାଶୀର୍ବାଦ ! ସୁତରାଂ କେବଳ ଦୁଃଖ ଦୁର୍ଦ୍ଦଶା ହିଁ ତାଙ୍କ ଆଦର୍ଶ କବିଜୀବନକୁ ଗଠନ କରିପାରିଛି—ବିକାଶ, ମଞ୍ଜୁଳ ଓ ଉଜ୍ଜ୍ୱଳ କରିପାରିଛି । ଏଥିରେ ହିଁ ତାହା ସୁଠାମ, ସୁନ୍ଦର, ମନୋହର । ପାର୍ଥିବ ମଦମତ୍ତ ଲୋକ ଚକ୍ଷୁରେ ସେ ଯେପରି ଶ୍ରୀ-ଖଣ୍ଡିତ, ସତ୍ୟ ସରଳତାର ଦିବ୍ୟ ଦୃଷ୍ଟିରେ ତାଙ୍କର ସ୍ୱର୍ଗୀୟ ହୃଦୟ ତଦ୍ରୂପ ଶ୍ରୀ-ମଣ୍ଡିତ । ତନ୍ନିମିତ୍ତ ଆଜୀବନ ସେ ଅଶ୍ରୀ ହେଲେହେଁ ସୁଶ୍ରୀ; ଜୀବନ୍ମୃତ ହେଲେ ମଧ୍ୟ ଚିରଞ୍ଜୀବୀ—ଅମର ।

**କବିପରିବାରର ସଂକ୍ଷିପ୍ତ ପରିଚୟ**—କବିଙ୍କର ପିତାଙ୍କ ନାମ ଥିଲା ଶ୍ରୀ ହୃଷୀକେଶ ଶେଠ । ମାତ୍ର ତାଙ୍କୁ ଖେଡ଼ୁ ଶେଠ ବୋଲି ଗ୍ରାମ (ସରସରା)ରେ ଡାକୁଥିଲେ । ହୃଷୀକେଶ ଶେଠ ଥିଲେ ଜଣେ ସାଧାରଣ ଲେଖକ । ସେ ପ୍ରାଚୀନ ସାହିତ୍ୟାନୁରାଗୀ ଓ ପୁରାଣରେ ତାଙ୍କର ବେଶ୍ ପ୍ରବେଶ ଥିଲା । ସେ ଜଣେ ସ୍ପଷ୍ଟବାଦୀ ଓ କଡ଼ା ମିଜାଜ୍‌ର ଲୋକ ଥିଲେ । ଏହା ବ୍ୟତୀତ ତାଙ୍କ ଚରିତ୍ରରେ ଜିଦ୍‌ଖୋରୀ ମଧ୍ୟ ଥିଲା । ପିତାଙ୍କର ଏହି ପ୍ରାଚୀନ ସାହିତ୍ୟଚର୍ଚ୍ଚା ଓ ତତ୍ ସଙ୍ଗେ ଜିଦ୍‌ଖୋରୀ କବି ଶ୍ରୀ ଖଗେଶ୍ୱର ଶେଠଙ୍କ ଜୀବନ ଓ ଚରିତ୍ର ଉପରେ ଯଥେଷ୍ଟ ପ୍ରଭାବ ପକାଇଅଛି ।

ମାତାଙ୍କର ନାମ ଥିଲା ଯାଜ୍ଞସେନୀ । ଅନେକେ ସ୍ନେହରେ ତାଙ୍କୁ ଯାଏଗ ବୋଲି ଡାକୁଥିଲେ । ସେ ଅତି ନ୍ୟାୟପରାୟଣା ଓ ଶାନ୍ତ ସୁଶୀଳ ପ୍ରକୃତିର; ମାତ୍ର ଅନ୍ୟାୟ ଦେଖିଲେ ନିଜର ପୁଅଝିଅଙ୍କୁ ମଧ୍ୟ ସେ କ୍ଷମା କରି ପାରୁ ନ ଥିଲେ ।

୬ ହୃଷୀକେଶ ଶେଠଙ୍କର ସାତୋଟି ସନ୍ତାନ । ତନ୍ମଧ୍ୟରୁ ପୁତ୍ରସନ୍ତାନ ଚାରୋଟି ଓ କନ୍ୟା ତିନୋଟି । ସର୍ବକନିଷ୍ଠ ହେଉଛନ୍ତି ଶ୍ରୀ ଖଗେଶ୍ୱର ଶେଠ । ଜ୍ୟେଷ୍ଠପୁତ୍ର ବ୍ରଜମୋହନ ଶେଠ । ସେ କୈବର୍ତ୍ତ କୁଳରେ ଜନ୍ମଗ୍ରହଣ କରିଥିଲେ ହେଁ ଧର୍ମନିଷ୍ଠ ଥିଲେ ଓ ମାଛ ମାଂସ ପରିତ୍ୟାଗ କରି 'ଗୃହର୍ଷି' ଭାବରେ ଜୀବନଯାପନ କରୁଥିଲେ । ସେ ଥିଲେ ସତ୍ୟ ଓ ନ୍ୟାୟର ନିର୍ଭୀକ ଭକ୍ତ । ତାଙ୍କର ସାମାନ୍ୟ ରଚନାଶକ୍ତି ମଧ୍ୟ ଥିଲା । ତାଙ୍କ ତଳକୁ ସୁନ୍ଦରମଣି ଶେଠ ଜଣେ ମିତଭାଷୀ ତଥା କୌତୁକପ୍ରିୟ ଲୋକ ଥିଲେ । ସୁନ୍ଦରମଣିଙ୍କ ପରେ ଭୁବନେଶ୍ୱର ଶେଠ । ଏହାଙ୍କର ମଧ୍ୟ ଅଳ୍ପ ରଚନାଶକ୍ତି ଥିଲା । କିନ୍ତୁ ସେ ଦେଖାଣିଆ କାର୍ଯ୍ୟକଳାପରେ ଟିକିଏ ଧର୍ମଧ୍ୱଜୀ ଥିଲେ । ତା' ପରେ ଖଗେଶ୍ୱର

ଶେଠଙ୍କର ଜନ୍ମ । କବି ଜନ୍ମରୁ ପୀଡ଼ିତ ଥିଲେ । ତାଙ୍କ ମାଆଙ୍କର କ୍ଷୀର ନ ହେବାରୁ ଭୁଲ୍‌କା ନାମରେ ସରସରର ଗୋଟିଏ ହରିଜନ ସ୍ତ୍ରୀର କ୍ଷୀର-ପାନରେ ସେ ବର୍ଦ୍ଧିତ ହୋଇଥିଲେ । ଏଥି ସକାଶେ ଶ୍ରେଷ୍ଠ ସମୟରୁ ସେ ଅତି ଦୁର୍ବଳ ଥିଲେ ଓ ଦୁଇ ତିନି ବର୍ଷ ପରେ ଯାଇ ତାଙ୍କର ପାଦ ପକାଇବା ଆରମ୍ଭ ହୋଇଥିଲା । କବିଙ୍କର ଏତାଦୃଶ କଙ୍ଗାଳ ଅବସ୍ଥା ଦେଖି ପଡ଼ାର ସ୍ତ୍ରୀମାନେ ତାଙ୍କୁ କଙ୍ଗାଳୁ ନାଁ ଦେଇଥିଲେ । କବି ଶୈଶବର ଏହି କରୁଣ ଚିତ୍ର ତାଙ୍କର 'ସୁରଙ୍ଗୀ'ରେ ବର୍ଣ୍ଣନ କରିବାକୁ ଭୁଲି ନାହାନ୍ତି ।

**ବାଲ୍ୟଜୀବନ**—କବି ପିଲାବେଳେ ଖୁବ୍ କୌତୁକପ୍ରଦ କାହାଣୀ କହି ସଙ୍ଗୀମାନଙ୍କୁ ଆକୃଷ୍ଟ କରି ପାରୁଥିଲେ । ଏଥି ସକାଶେ ସାଥିମାନଙ୍କଠାରେ ତାଙ୍କର ଆଦର ଥିଲା ଖୁବ୍ ବେଶି । ମାତ୍ର ତାଙ୍କର ସତ୍ୟବାଦିତା ଯୋଗୁଁ ଦୁଷ୍ଟରିଆ ପିଲାମାନେ ତାଙ୍କୁ ଖୁବ୍ ଭୟ କରୁଥିଲେ । କବି ବାଲ୍ୟ ସମୟରେ ବୃଥା ଆମୋଦପ୍ରମୋଦ ଓ ଖେଳକୌତୁକରେ ଯୋଗ ଦେଉ ନ ଥିଲେ । ଏହା ପିତାଙ୍କର କଡ଼ା ଶାସନ ହେତୁ ସମ୍ଭବ ହୋଇ ପାରିଥିଲା । ଘରଠାରୁ କୌଣସି ଦିନ (ବରଗଡ଼ ବଜାର ଦିନ—ଶୁକ୍ରବାର) ପଇସା ପାଇଲେ ତାକୁ ଖଜା ମିଠେଇ କିଣିବାରେ ଖର୍ଚ୍ଚ ନ କରି ସେ ମନବୋଧ ଚଉତିଶା, ମୃଗୁଣୀ ସ୍ତୁତି, ଆର୍ତ୍ତତ୍ରାଣ ଚୌତିଶା ପ୍ରଭୃତି ଶ୍ରେଷ୍ଠ ଶ୍ରେଷ୍ଠ ପୁସ୍ତକ କିଣି ନେଉଥିଲେ ।

**ଶିକ୍ଷା**—ତତ୍କାଳୀନ ସ୍କୁଲଶିକ୍ଷକମାନଙ୍କର ଛାତ୍ରମାନଙ୍କ ପ୍ରତି ଯଥେଚ୍ଛା ପ୍ରହାର ସନ୍ଦର୍ଶନ କରି ତାରି ଭୟରେ ସେ ଆଉ ସ୍କୁଲକୁ ଗଲେ ନାହିଁ । ତେଣୁ ତାଙ୍କୁ ଚାଟଶାଳୀର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିଲା । ମାତ୍ର ଗଣିତ ବ୍ୟତୀତ ସ୍କୁଲର ଅନ୍ୟ ସମସ୍ତ ପାଠ୍ୟ ସେ ବରାବର ପଢ଼ି ଆସୁଥିଲେ । ସ୍କୁଲ ପିଲାମାନେ ତାଙ୍କୁ ଅନେକ ସମୟରେ ପୁରାଣବର୍ଣ୍ଣିତ ରାଜାରାଣୀଙ୍କ ନାମ ଓ ପରିଚୟ ପଚାରୁଥିବାରୁ ତାର ଉତ୍ତର ଦେବା ପାଇଁ କବିଙ୍କୁ ପୁରାଣରେ ପ୍ରବେଶ କରିବାକୁ ହୋଇଥିଲା । ଏତଦ୍ଦ୍ୱାରା ତାଙ୍କର ପୁରାଣ-ଜ୍ଞାନ ବୃଦ୍ଧି ପାଇଥିଲା । ପିତା ଅନେକ ସମୟରେ ଘରେ ଗ୍ରାମର ଲୋକମାନଙ୍କୁ ଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣ ପ୍ରଭୃତିଙ୍କ ସାହିତ୍ୟ ବୁଝାଉଥିବାରୁ କବି ତାହା ଶୁଣି ଶୁଣି ଓ ପରବର୍ତ୍ତୀ କାଳରେ ତାର ଅଧ୍ୟୟନ କରି ପ୍ରାଚୀନ ସାହିତ୍ୟରେ ଆଶାତୀତ ପାରଦର୍ଶିତା ଲାଭ କରି ପାରିଥିଲେ ।

**ଜନ୍ମମାଟି ତ୍ୟାଗ ଓ ମାତୃପିତୃ ବିୟୋଗ**—କବିଙ୍କୁ ୧୧।୧୨ ବର୍ଷ ବୟସ ସମୟରେ କବିପରିବାର ସମ୍ପୂର୍ଣ୍ଣଭାବରେ ସରସରା ତ୍ୟାଗ କରି

ସୁର୍ଗିପାଲରେ ବସବାସ ଆରମ୍ଭ କଲେ । ଏହି ଗ୍ରାମଟି ରାୟପୁର ଜିଲ୍ଲା ଫୁଲଝର-ବଇସନା ଥାନାରେ ଓ ସୁରଙ୍ଗୀ ନଦୀର ଉତ୍ତରତଟରେ ଅବସ୍ଥିତ । କବିପରିବାର ସରସରୀରେ ଥିବା ସମୟରେ ଓ କବିଙ୍କ ଜନ୍ମ ପରେ ବରାବର ସୁର୍ଗିପାଲକୁ ଯିବା ଆସିବା କରୁଥିଲେ । ଏହି ସୁର୍ଗିପାଲରେ ଅବସ୍ଥାନ କାଳରେ ସ୍ନ ୧୯୨୪ ଚୈତ୍ର ଶୁକ୍ଳପକ୍ଷ ଗୁରୁବାର ଦିନ ପ୍ରଭାତ ସମୟରେ ମାତା ଯାଜ୍ଞସେନୀ ଇହଧାମ ତ୍ୟାଗ କରି ଅମରପଥର ଯାତ୍ରୀ ହେଲେ । ମାତାଙ୍କର ମୃତ୍ୟୁର ଠିକ୍ ଛଅ ମାସ ପରେ କୃଷ୍ଣଜନ୍ମାଷ୍ଟମୀ ଦିବା ଭାଗରେ କବିଙ୍କର ପିତୃଦେବ ହୃଷୀକେଶ ଶେଠ ପଞ୍ଚତ୍ୱ ପ୍ରାପ୍ତ ହେଲେ । କଥିତ ହୁଏ କବିଙ୍କର ପିତା ଦଣ୍ଡାୟମାନ ଅବସ୍ଥାରେ କଥାବାର୍ତ୍ତା କରୁଁ କରୁଁ ଇହଲୀଳା ସାଙ୍ଗ କରିଥିଲେ ।

**ଜ୍ୟେଷ୍ଠଭାଇଙ୍କଠାରେ ଆଶ୍ରୟ ଗ୍ରହଣ**—ପିତାମାତାଙ୍କର ବିୟୋଗ ପରେ କବିଙ୍କୁ ଜ୍ୟେଷ୍ଠ ଭାଇ ଶ୍ରୀ ବ୍ରଜମୋହନଙ୍କଠାରେ ଆଶ୍ରୟ ଗ୍ରହଣ କରିବାକୁ ହେଲା । କିନ୍ତୁ ଭାଉଜଙ୍କ ଅସମ୍ଭାଳ ଅତ୍ୟାଚାରରେ ପିତାମାତାଙ୍କର ଅଭାବ ଓ ପୁତ୍ର-ସ୍ନେହ-ସ୍ମୃତି କବିଙ୍କର ମାନସ-ଦର୍ପଣରେ ବାରମ୍ବାର ପ୍ରତିବିମ୍ବିତ ହୋଇ ତାଙ୍କର ଚକ୍ଷୁ ଅଶ୍ରୁସିକ୍ତ କରି ଦେଉଥିଲା । ଏଥିସକାଶେ କବି ପିତାମାତାଙ୍କର ଶ୍ମଶାନସ୍ଥଳକୁ ଚାଲିଯାଇ ଅନେକ ଦିନ କରୁଣ କ୍ରନ୍ଦନରେ ପ୍ରାଣର ସମସ୍ତ ଦୁଃଖ ଓ ଅବ୍ୟକ୍ତ ବେଦନା ଢାଳିଦେଇ ଆସୁଥିଲେ ।

ମାତୃ ପିତୃ ବିୟୋଗର ୨/୩ ବର୍ଷ ପରେ କବି ଫୁଲଝର-ସରେଇପାଲି ଥାନା ଅନ୍ତଃପାତି ମୁଣ୍ଡପାହାର-ଶେମେଲଆ ଗ୍ରାମରେ ନାଟ୍ୟଗୁରୁ ଭାବରେ ଶିକ୍ଷା ଦେବା ଆରମ୍ଭ କଲେ । ସରସରୀରେ ଥିବା ସମୟରେ କବି ଗ୍ରାମର ଯାତ୍ରାଦଳରେ ବିଭିନ୍ନ ଅଂଶ ଗ୍ରହଣ କରିଥିଲେ । ଏପରିକି ବିପ୍ର ଶିବକୃତ କୃଷ୍ଣଲୀଳା ଯାତ୍ରାରେ ସେ ଗୋଟିପୁଅ ବେଶରେ ନାଚୁଥିଲେ ଓ ସେଥି-ସକାଶେ ତାଙ୍କ ନାକ କାନ ଫୋଡ଼ା ହୋଇଥିଲା । ଯାତ୍ରାରେ କବି ସ୍ତ୍ରୀ, ପୁରୁଷ ସମସ୍ତ ଅଂଶରେ ଅଭିନୟ କରିଛନ୍ତି । ଏପରି କି ଯାତ୍ରାଦଳର ଡଗରାଠାରୁଁ ଆରମ୍ଭ କରି ରାଜହର୍ମ୍ୟର ବାରବିଳାସିନୀର ଅଭିନୟ ପର୍ଯ୍ୟନ୍ତ ତାଙ୍କୁ କରିବାକୁ ହୋଇଥିଲା ଏବଂ ପ୍ରତ୍ୟେକଟିରେ କବି ଦର୍ଶକଙ୍କୁ ନିଜର ଅଭିନୟ-ଚାତୁରୀରେ ବିମୁଗ୍ଧ କରି ରଖୁଥିଲେ । ଶେମେଲଆ ବ୍ୟତୀତ ଆଉ ଦୁଇ ତିନୋଟି ଗ୍ରାମରେ ମଧ୍ୟ କବି ନାଟ୍ୟଗୁରୁ ସାଜିଥିଲେ ।

**ଈଶ୍ୱରବିଶ୍ୱାସ**—ବାଲ୍ୟଜୀବନରୁ କବିଙ୍କର ଈଶ୍ୱରବିଶ୍ୱାସ ଉଲ୍ଲେଖ-ଯୋଗ୍ୟ । ଉଲ୍ଲିଖିତ ଶେମେଲଆ ଗ୍ରାମରେ ଥିଲା ସମୟରେ ପୁରାଣରେ ଧ୍ରୁବ ପ୍ରହ୍ଲାଦଙ୍କ ତପସ୍ୟା ଓ ଈଶ୍ୱରପରାୟଣତା ପାଠ କରି କବିଙ୍କର ଈଶ୍ୱର-ଅନ୍ୱେଷଣ ପ୍ରବୃତ୍ତି ପ୍ରବଳତର ହୋଇ ଉଠିଥିଲା । ତେଣୁ ୧୬।୧୭ ବର୍ଷ ବୟସରେ କବି ବଲାଙ୍ଗୀର ଜିଲ୍ଲାର ସାରଙ୍ଗଗଡ଼ର ଏକ ନିବିଡ଼ ଅରଣ୍ୟକୁ ଚାଲିଯାଇ ହିଂସ୍ରଜନ୍ତୁସଂକୁଳ ତଟସ୍ଥ ପାହାଡ଼ ଉପରେ ତିନଦିନ ତିନରାତି ଅନାହାରରେ ଜୀବନଯାପନ କରିଥିଲେ । ସେହି ପାହାଡ଼ ଉପରେ ରାତିରେ ଶୋଇବା ସମୟରେ ସେ ନିଜର ଚତୁର୍ଦ୍ଦିଗରେ ଗୋଟିଏ ବୃତ୍ତ କାଟି ତା' ଦେହରେ 'ରାମ ରାମ' ଲେଖି ନିଶ୍ଚିନ୍ତରେ ଶୋଇ ପଡ଼ୁଥିଲେ । ତେବେ ସୁଦ୍ଧା ଈଶ୍ୱରଦର୍ଶନ ପ୍ରାପ୍ତି ନ ହେବାରୁ କବି ଆତ୍ମହତ୍ୟା କରିବାକୁ ଅନେକ ଥର ଉଦ୍ୟତ ଥିଲେ । ମାତ୍ର ପୁରାଣବର୍ଣ୍ଣିତ ଋଷି ମହର୍ଷିଙ୍କ କଠୋର ତପଶ୍ଚର୍ଯ୍ୟା ଓ କୃଚ୍ଛ୍ରସାଧନାର ସମସ୍ତ ଇତିବୃତ୍ତ ସ୍ମରଣ କରି ନିଜର ସାଧନା ତାର ତୁଳନାରେ ନିତାନ୍ତ ନଗଣ୍ୟ ଭାବି ନିଜକୁ ତହିଁରୁ ରକ୍ଷା କଲେ । ଏହି ଘଟଣାଟି ତାଙ୍କର ଅନବଦ୍ୟ ଈଶ୍ୱରଭକ୍ତିର ନିଦର୍ଶନ ଦିଏ । କିନ୍ତୁ ଏହି ସରଳ-ଅନ୍ଧ-ଭକ୍ତି କବିଙ୍କ ପରବର୍ତ୍ତୀ ଜୀବନରେ ଜ୍ଞାନମିଶା ଭକ୍ତିରେ ରୂପାନ୍ତରିତ ହୋଇ ତାଙ୍କର କବିତା ଓ ଜୀବନରେ ପରିବ୍ୟକ୍ତ ହୋଇ ଉଠିଛି ।

**ସନ ୧୯୨୭ ରେ ପାଣିମୋରା ଆଗମନ**—ସମ୍ବଲପୁର ଜିଲ୍ଲାର ସୋହେଲା ଥାନା ଅନ୍ତଃପାତୀ ପାଣିମୋରା ଗ୍ରାମରେ କବିଙ୍କ ମାମୁଁଘର । କିନ୍ତୁ କବି-ପରିବାର ପ୍ରତି ଏହି ମାମୁଁଘରର ସେପରି ସ୍ନେହ ସହାନୁଭୂତି କିଛି ନଥିଲା । ମାତ୍ର କବିଙ୍କର ମାଉସୀ କବିଙ୍କୁ ତଥା ତାଙ୍କର ପ୍ରତ୍ୟେକ ଭାଇଭଉଣୀଙ୍କୁ ଜନ୍ମଦାତ୍ରୀ ମା' ପରି ସ୍ନେହ କରୁଥିଲେ । ସେ ସନ୍ତାନହୀନା । ତାଙ୍କର ନାଁ ସୂର୍ଯ୍ୟମୁଖୀ । ସେ ଅଦ୍ୟାବଧି ଜୀବିତା । ଧର୍ମପ୍ରତି ଦୃଷ୍ଟି ରଖି, କବିଙ୍କୁ ସୁର୍ଙ୍ଗିପାଲିରୁ ଆଣି ଓ ତାଙ୍କୁ ପୋଷ୍ୟପୁତ୍ର ଭାବରେ ରଖି ତାଙ୍କର ବିବାହ ବନ୍ଦାପନାର ସମସ୍ତ ବ୍ୟବସ୍ଥା କରି ଦେଇଥିଲେ ସେହି ମାଉସୀ-ମାଆ । ଏଇଠୁଁ କବିଙ୍କର ଗାର୍ହସ୍ଥ୍ୟ ଜୀବନର ସୂତ୍ରପାତ । ତା' ସଙ୍ଗେ ସଙ୍ଗେ ସକଳ ଝଡ଼ଝଞ୍ଜା, ସକଳ ଲାଞ୍ଛନା ଓ ଦୈନ୍ୟର ନିଷ୍ଠୁର ତାଡ଼ନା ଭିତରେ କବିଙ୍କର ପ୍ରବଳ ଅଧ୍ୟୟନପ୍ରବୃତ୍ତି ଓ କବିପ୍ରତିଭାର ନବୋନ୍ମେଷ ହେବାକୁ ଲାଗିଲା ।

**ତାଳପଦର ଅବସ୍ଥାନ**—ମାଉସୀଙ୍କ ସହିତ ସାମାନ୍ୟ ମନୋମାଳିନ୍ୟ ହେବାରୁ ସନ୍ ୧୯୨୯ କାର୍ତ୍ତିକ ଅମାବାସ୍ୟା ଦିନ ଭୋରରୁ ଉଠି ପରିବାର ସହ ବିଜେପୁର ଥାନାନ୍ତର୍ଗତ ତାଳପଦର ଗ୍ରାମ ଶାଶୁଘରକୁ କବି ଚାଲି ଆସିଲେ । ଏ ଗ୍ରାମରେ କବିଙ୍କର ୧୪।୧୫ ବର୍ଷ ଅତିବାହିତ ହୋଇଛି । ତା’ ପରେ ସନ୍ ୧୯୪୭ରେ କବି ତାଳପଦର ନିକଟବର୍ତ୍ତୀ ବୁଢେମାଲ ଗ୍ରାମକୁ ଆସି ପ୍ରାୟ ୧୦ ବର୍ଷ ସେଠାରେ କାଳାତିପାତ କରି ସନ୍ ୧୯୫୭ରେ ପୁଣି ତାଳପଦରକୁ ପ୍ରତ୍ୟାବର୍ତ୍ତନ କରି ସେଠାରେ ଅବସ୍ଥାନ କଲେ ।

**କବିଙ୍କର ପରିବାରବର୍ଗ**—କବିଙ୍କ କୁଟୁମ୍ବ ମଧ୍ୟରେ ନିଜେ କବି, କବିଙ୍କ ସହଧର୍ମିଣୀ, ତିନୋଟି ପୁଅ, ଗୋଟିଏ ପୁତ୍ରବଧୂ ଓ ମାଉସୀବୁଢ଼ୀ ସୂର୍ଯ୍ୟମୁଖୀ—ଏପରି ସାତୋଟି ପ୍ରାଣୀ । ଭୂସମ୍ପତ୍ତି ଅତି ଅଳ୍ପ । ତଦ୍ଦ୍ୱାରା ସାତ ପ୍ରାଣୀଙ୍କର ଜୀବନ ନିର୍ବାହ କଷ୍ଟକର । ତେଣୁ କୁଟୁମ୍ବ ପ୍ରତିପାଳନ ସକାଶେ ବୁଢେମାଲ ଓ ତାଳପଦର ଏହି ଦୁଇ ଗ୍ରାମରେ ସମ୍ପ୍ରତି ସେ ଅବସ୍ଥାନ କରନ୍ତି ।

କବିଙ୍କୁ ସମୟ ବିଶେଷରେ ଭୋରରୁ ଉଠି ଧାନ କୁଟିବାକୁ ପଡ଼େ ଓ ମୁଢ଼ି ଲିଆ ଭାଜିବାର ପ୍ରାରମ୍ଭିକ କ୍ରିୟା କରିବାକୁ ହୋଇଥାଏ । ଏହି ସମସ୍ତ କାର୍ଯ୍ୟ ଏ ଅଞ୍ଚଳର ସ୍ତ୍ରୀମାନେ ହିଁ କରିଥାନ୍ତି । ଏହି ଜଞ୍ଜାଳ ମଧ୍ୟରେ ସୁଦ୍ଧା କବି ଅବସର ବାହାର କରି ବାଗ୍‌ଦେବୀଙ୍କ ସେବାରେ ମନଧ୍ୟାନ ନିୟୋଗ କରିଥାନ୍ତି । ମାତ୍ର ହାୟ ! ଏ ଅର୍ଥସର୍ବସ୍ୱ ଯୁଗରେ ଲେଖା ଆଣି କୋଠା ନ ଗଢ଼ି ଶୁଷ୍କ-ବନ୍ଧ୍ୟ ଯଶ ସକାଶେ କଳାଶକ୍ତିର ଯେ କାଳସୀ ହେଲି, ସେହି ବିଡ଼ମ୍ବନା ପାଇଁ ହିଁ ହେ କବି, ଆଜି ଅଦୃଷ୍ଟ ତମକୁ ଏହି ପୁରସ୍କାର ଦେଇଛି !

**ଗ୍ରନ୍ଥାଧ୍ୟୟନ ଓ କବିତ୍ୱର ସ୍ଫୂର୍ତ୍ତି**—ସରିସରି ଅବସ୍ଥାନ କାଳରେ କବି ୧୦ ବର୍ଷ ବୟସ ବେଳେ ଗାଆଁର ଯାତ୍ରାଦଳରେ ଯୋଗ ଦେଇଥିଲେ । ସେହି ଦିନଠୁଁ ତାଙ୍କର କବିତା ଲେଖିବା ଅଭ୍ୟାସ ଆରମ୍ଭ ହୋଇଥିଲା । ସେ ସମୟର ରଚନା ଏହିପରି—

ମୋତେ ଉଗିରି ବୋଲି କେ ଡାକ ରେ
ମୋତେ ଉଗିରି;

ଘରେ ନାହିଁ କେହି ଏକା ଅଛି ମୁହିଁ
ଡାକ ଶୁଣି ମୋ ଚିତ୍ତ ଚମକେ ରେ

ମୋତେ·········· । ଇତ୍ୟାଦି ।

ସେ ଦିନ ଯାତ୍ରାଦଳର ଉଗରା-ଗୀତ ମୁଖସ୍ଥ କରି ନାଟରେ ଗାଇବା ପାଇଁ ଓ ଉଗରା ଅଭିନୟ ଦେଖାଇବା ପାଇଁ କବିଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ମାତ୍ର ଯାତ୍ରାରେ କବି ନିଜର ଉପର୍ଯ୍ୟୁକ୍ତ ରଚନାଟି ସ୍ୱର ସହିତ ଗାଇ ସମସ୍ତ ଦର୍ଶକ ତଥା ଯାତ୍ରାଦଳର ଲୋକଙ୍କୁ ମଧ୍ୟ ବିସ୍ମିତ ଓ ମୁଗ୍ଧ କରିଦେଲେ । ଏହି ଗୀତଟି ଶୁଣି କବିଙ୍କର ପିତା କବିଙ୍କୁ ଯଥେଷ୍ଟ ଉତ୍ସାହ ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ସେ ଜଣେ ପ୍ରତିଭାସମ୍ପନ୍ନ କବି ହେବେ ବୋଲି କହିଥିଲେ । ଏହା ପରେ ଗୀତିନାଟ୍ୟ ଲେଖିବାରେ କବିଙ୍କର ଅଭ୍ୟାସ କ୍ରମଶଃ ବୃଦ୍ଧି ପାଇଥିଲା । ତାର ଫଳରେ ପାଣିମୋରା ଅବସ୍ଥାନ କାଳରେ କବି ଶ୍ରେଷ୍ଠ ଶ୍ରେଷ୍ଠ କେତୋଟି ଗୀତିନାଟ୍ୟ ରଚନା କରି ଅଭିନୟ କରାଉଥିଲେ । ତନ୍ମଧ୍ୟରୁ 'ବ୍ରଜବର୍ଜନ', 'ଶଙ୍କଜିତ ସଂହାର' ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ଅଧ୍ୟୟନ:—

୧—**ପୁରାଣ**—ଗ୍ରନ୍ଥଶାଳୀ ପଢ଼ା ସମୟରେ କବି ସାରଳା ମହାଭାରତ, ଦାଣ୍ଡି ରାମାୟଣ, ପଦ୍ମପୁରାଣ, ପୀତାମ୍ବର ଦାସଙ୍କ ନୃସିଂହ ପୁରାଣ ପ୍ରଭୃତି ପୁରାଣ ପାଠ କରିଥିଲେ ।

୨—**ବ୍ୟାକରଣ ଓ ଅଭିଧାନ**—ତା'ପରେ ଘରେ ସେ ରାଧାନାଥ ରାୟଙ୍କର ବ୍ୟାକରଣପ୍ରବେଶ, ଅମରକୋଷ ଅଭିଧାନ, ପଣ୍ଡିତ ସ୍ୱପ୍ନେଶ୍ୱର ଦାଶଙ୍କ କୋଷାଙ୍କୁର, ଗୀତାଭିଧାନ, ଧ୍ୱନିମଞ୍ଜରୀ, ଏକାକ୍ଷର କୋଷ ପ୍ରଭୃତି ପଢ଼ିଥିଲେ ।

୩—**ଛାନ୍ଦଗ୍ରନ୍ଥ**—ଛାନ୍ଦଗ୍ରନ୍ଥ ମଧ୍ୟରେ ବୈଦେହୀଶବିଳାସ, ଲାବଣ୍ୟବତୀ, ବିଦଗ୍ଧଚିନ୍ତାମଣି, ରସକଲ୍ଲୋଳ, ପ୍ରେମସୁଧାନିଧି, ରସିକହାରାବଳୀ, ମଥୁରାମଙ୍ଗଳ, ବିଶ୍ୱନାଥ ଖୁଣ୍ଟିଆଙ୍କର ବିଚିତ୍ର ରାମାୟଣ ଓ ଈଶ୍ୱର ଦାଶଙ୍କ ତାଳପତ୍ର ରାମଲୀଳା ପ୍ରଭୃତି ଛାନ୍ଦଗ୍ରନ୍ଥ ଅଧ୍ୟୟନ ଓ ମନନ କରିଥିଲେ ।

୪—**ଧର୍ମଗ୍ରନ୍ଥ**—ଧର୍ମଗ୍ରନ୍ଥ ମଧ୍ୟରୁ ଭାଗବତ ଏକାଦଶ ସ୍କନ୍ଧ, ଦ୍ୱାରକାଲୀଳା, ଗୋପଲୀଳା, ଦାର୍ଢ୍ୟତା-ଭକ୍ତି, ନାମରତ୍ନଗୀତାର କେତେକାଂଶ ଓ କବି ଭୂପତିଙ୍କର ପ୍ରେମ-ପଞ୍ଚାମୃତ ପାଠ କରିଥିଲେ ।

୫—**ଅନ୍ୟାନ୍ୟ**—ଏହା ବ୍ୟତୀତ ଗୋପୀଭାଷା, କପଟପାଶା, ଅଳଙ୍କାରବୋଲି, ନାବକେଳି, ଭୂତକେଳି, ହନୁଅର୍ଜୁନ କଳି, ବୈଦେହୀ ଚଉତିଶା, ନଷ୍ଟୁଗ୍ରେସ୍ମି, ଗଣେଶବିଭୂତି ପ୍ରଭୃତି ପୁସ୍ତକ ମଧ୍ୟ ସେ ପଠନ କରିଥିଲେ ।

କବିଙ୍କର ବୈଦିକ ଗ୍ରନ୍ଥାଧ୍ୟୟନ ଓ ତାର ଅନୁଶୀଳନର ସୁଯୋଗ ସର୍ବପ୍ରଥମେ ପାଣିମୋହରେ ହିଁ ଘଟିଥିଲା । ଏହି ଗ୍ରାମକୁ ଆସିଲାବେଳେ କବିଙ୍କର ବୟସ ପ୍ରାୟ ୨୦। ୨୧ ବର୍ଷ ହେବ । ସେତେବେଳେ ସ୍ନ ୧୯୨୭ରେ 'ମେହେର-କବି' ଶୀର୍ଷକ ପୁସ୍ତକଟି ସେ ପାଠ କରନ୍ତି । କବିବର ଗଙ୍ଗାଧର ମେହେରଙ୍କ ଏହି ଜୀବନୀ ପୁସ୍ତକଟି ପଢ଼ିଲା ପରେ ମେହେରଙ୍କ ପରିମାର୍ଜିତ ତଥା ସରଳ ତରଳ ଉଚ୍ଚଭାବସମ୍ପନ୍ନ କବିତା ଲେଖିବାର ବଳବତୀ ସ୍ପୃହା ତାଙ୍କ ମନରେ ଉଦ୍ରିକ୍ତ ହେଲା । ଏହା ପୂର୍ବରୁ ସୁର୍ଙ୍ଗିପାଲିରେ ଥିବା ସମୟରେ ୧୬। ୧୭ ବର୍ଷ ବୟସରେ କବି ବୈଦେହୀଶବିଳାସ ପାଠକରି ଭଞ୍ଜଙ୍କ ଅନୁସରଣରେ 'ବ' ପୂର୍ବାନୁପ୍ରାସରେ ବିଂଶ ଛାନ୍ଦବିଶିଷ୍ଟ 'ବସନ୍ତବିଳାସ' ନାମକ ଏକ ଗ୍ରନ୍ଥ ପ୍ରଣୟନ କରିଥିଲେ । ରାଧାକୃଷ୍ଣଙ୍କ ଲୀଳା ହିଁ ଥିଲା ଏଥିର ଉପଜୀବ୍ୟ ବିଷୟ । ମାତ୍ର ନାଟ୍ୟଗୁରୁ ରୂପରେ ବୋଡ଼ାସମ୍ବର-ଧୂମାଭଣ୍ଡା ଗ୍ରାମରେ କବି ଅବସ୍ଥାନ କରୁଥିବା ସମୟରେ ପଦ୍ମପୁରର ଜନୈକ ଗୁପ୍ତ ସେହି ପୁସ୍ତକଟି ପ୍ରକାଶ କରିଦେବାକୁ କହି କବିଙ୍କଠାରୁ ମାଗିନେଲେ, ଓ ପାଣ୍ଡୁଲିପିଟି ଆଉ ଫେରାଇଲେ ନାହିଁ । ତତ୍‌ସଙ୍ଗେ ଉକ୍ତ ଗୁପ୍ତବାବୁଙ୍କ ସୌଜନ୍ୟରୁ କବିଙ୍କର ଆଉ ଗୋଟିଏ ଚଉତିଶା 'କଳ୍ପଲତା' ମଧ୍ୟ ଚାଲିଗଲା ।

ପାଣିମୋହରେ ଥିବା ସମୟରେ କବି 'ଉପହାର' ନାମଧେୟ ଖଣ୍ଡେ ହାତଲେଖା ମାସିକ ପତ୍ରିକା ସମ୍ପାଦନ କରି ଚଳାଉଥିଲେ । ଏହା ପରେ 'ବର୍ଷା ରଜନୀ', 'ସୁଭଦ୍ରା ଶୋକ', 'ବସନ୍ତ ବର୍ଣ୍ଣନା' ପ୍ରଭୃତି କେତେକ ଖଣ୍ଡକବିତାର ସମାବେଶରେ "କବିତା-କଳିକା" ନାମକ ଖଣ୍ଡେ ବହି ଲେଖିଥିଲେ । ତାଙ୍କର ଏହି କବିତାଗୁଡ଼ିକର ଆଦର ଓ ପ୍ରଶଂସା ତତ୍ରସ୍ଥ ( ପାଣିମୋହ ) ଲୋକଙ୍କଦ୍ୱାରା ହୋଇଥିଲା । ସ୍ଥାନୀୟ ଜଣେ ସାହିତ୍ୟାନୁରାଗୀ ଯୁବକ କବିଙ୍କର ଏହି ବିକାଶୋନ୍ମୁଖୀ ପ୍ରତିଭାକୁ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ ତାଙ୍କଠି ଅକୃତ୍ରିମ ବନ୍ଧୁତା ସ୍ଥାପନ କରିଥିଲେ ଏବଂ ସାହିତ୍ୟସାଧନା ଦିଗରେ ତାଙ୍କୁ ପ୍ରେରଣା ତଥା ଉତ୍ସାହ ଦାନ

କରିଥିଲେ । ମାତ୍ର ସେଠାକାର ଜଣେ ସାହିତ୍ୟସେବୀଙ୍କ ପିତା କବିଙ୍କର ଏହି ପ୍ରତିଭା ଓ ପ୍ରଶଂସା ଦେଖି ଓ ଶୁଣି ଅସୂୟାପରବଶ ହୋଇ କବିଙ୍କୁ ଦେଖାଇ ଯୁବକମାନଙ୍କୁ 'ସବୁ କୁକୁର ଗଙ୍ଗା ଗଲେ ଗାଈହାଣ୍ଡି ଚାଟିବ କିଏ ?' ବୋଲି ପରିହାସ କରିବାରୁ କବିଙ୍କୁ ତାହା ବାଧକର ହୋଇଥିଲା । ଫଳତଃ ତଦ୍ଦ୍ୱାରା ଅପେକ୍ଷାକୃତ ମାର୍ଜିତ, ସଂଯତ ଓ ଉନ୍ନତ ଧରଣର କାବ୍ୟ-କବିତା ଲେଖିବା ସକାଶେ କବି ବଦ୍ଧ-ପରିକର ହେଲେ । ଈର୍ଷାବିଷାକ୍ତ ସଂସାରରେ ଏଭଳି ଘଟଣା ଅନେକଥର ଘଟିଥାଏ । ଈଶ୍ୱରଦତ୍ତ ମହୋତ୍କୃଷ୍ଟ ପ୍ରତିଭାକୁ ବ୍ୟଙ୍ଗ ପରିହାସରେ ଦବେଇବା ଅସମ୍ଭବ । ତା'ପରେ କବି ସମାଜସଂସ୍କାରମୂଳକ କେତୋଟି କବିତା ଲେଖି 'ଆର୍ଯ୍ୟ' ପତ୍ରିକାରେ ପ୍ରକାଶ କରିଥିଲେ ଏବଂ ଉକ୍ତ ପତ୍ରିକାର ସମ୍ପାଦକ ୰ ଶ୍ରୀବତ୍ସ ପଣ୍ଡା, ବି. ଏ. ମହୋଦୟ ଏହି କବିତା-ମାନଙ୍କରେ କବି-ପ୍ରତିଭାର ମନୋଜ୍ଞ ସ୍ୱାକ୍ଷର ଦେଖିପାରି କବିଙ୍କୁ 'ସାହିତ୍ୟପ୍ରାଣ' ଉପାଧି ଦେଇଥିଲେ । ଅନେକେ ଅବସର ନେଇ କବି-ଯଶ ଅର୍ଜନ ସକାଶେ ଲେଖନୀ ଚଳାଉଥିବାର ଦୃଷ୍ଟାନ୍ତ ଏ ଯୁଗରେ ବିରଳ ନୁହେଁ । ଆଜି ଗୃହର ସୋପାନ-ପଥରେ ଯାହାର ପଦ ପ୍ରକମ୍ପିତ ସେ ନିଜକୁ ତେନସିଂ ଭାବରେ ପ୍ରଚାର କରିବାକୁ ଏକାନ୍ତ ଅକୁଣ୍ଠିତ । ପ୍ରତିଭା ନାହିଁ, ସାଧନା ନାହିଁ, ଅଥଚ ହନୁମାନ କୁଦା ମାରି ଗୋଟାଏ ଦିନରେ କବି ! କିନ୍ତୁ ଖଗେଶ୍ୱର ଶେଠ ? ସେ ସତ୍ତଖୀନ ସାହିତ୍ୟସେବକ ନୁହନ୍ତି । ତା' ହୋଇଥିଲେ ତାଙ୍କ ଉପରେ ସମ୍ପୁର ଯେଉଁ ଦୃଷ୍ଟିବାତ୍ୟା ବୋହିଗଲା, ସେଥିରେ ସେ କେବେଠୁଁ ଅନ୍ୟ ପନ୍ଥାର ପଥିକ ହୋଇଥାନ୍ତେ । ମୁଁ ତାଙ୍କୁ ନିଶ୍ଚିତ ଭାବରେ ଜାଣେ ଯେ ସାହିତ୍ୟ ହିଁ ତାଙ୍କର ପ୍ରକୃତ ପ୍ରାଣ । ଏ ପ୍ରାଣଟି ସୁସ୍ଥ ଥିବାରୁ ଅପର ଦୈହିକ ପ୍ରାଣର ବୈକଲ୍ୟକୁ ସେ ସମ୍ଭାଳି ନେଇ ପାରିଛନ୍ତି । ତେଣୁ ମୁଁ ମଧ୍ୟ କହୁଛି ଯେ ସେ ସାହିତ୍ୟ-ପ୍ରାଣ ।

ପାଣିମୋହରେ ଥିବା ସମୟରେ କବି ଯେତେବେଳେ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଆନ୍ତି ସେ ସମୟରେ ବାଟରେ ମନେ ମନେ କବିତାର ୧୦ । ୧୫ ପଦ ପର୍ଯ୍ୟନ୍ତ ରଚନା କରି ଓ ସେ ସବୁକୁ ଅବିକୃତ ସ୍ମରଣ ରଖି ଘରକୁ ଆସି କାଠଭାର କାନ୍ଧରୁ ଓହ୍ଲାଇ ଆଗେ କାଗଜରେ ଲେଖିପକାଇ ପରେ ଖିଆପିଆ କରୁଥିଲେ । ଏଥିରୁ ତାଙ୍କର ଅସାମାନ୍ୟ ସ୍ମରଣଶକ୍ତିର ପରିଚୟ ମିଳିଥାଏ । ବାଲ୍ୟାବସ୍ଥାରେ ଅର୍ଥାତ୍

୧୪ । ୧୫ ବର୍ଷ ବୟସରେ କବିଙ୍କର ଅସାଧାରଣ ସ୍ମରଣଶକ୍ତିର ଆଉ ଗୋଟିଏ ଉଦାହରଣ ଦିଏଁ । ସେ ଦିନ ବଜାରରେ 'ପାଲ୍-ପୂଜା-ଶିଖରଣୀ' ନାମକ ଖଣ୍ଡିଏ ପୁସ୍ତକ ଦେଖି କବି ତାକୁ କିଣିବାକୁ ଇଚ୍ଛା କରିଥିଲେ । ଉକ୍ତ ପୁସ୍ତକର ମୂଲ୍ୟ ଥିଲା ଗ୍ୟରଅଣା, ମାତ୍ର ସେତିକ ପଇସା କବି କୌଣସିମତେ ଯୋଗାଡ଼ କରି ପାରିଲେ ନାହିଁ । ତେଣୁ କବି ସେହି ଦିନଠୁଁ ପ୍ରତି ସାପ୍ତାହିକ ବଜାରକୁ ଯାଇ ପୁସ୍ତକଟି ଦୋକାନୀ ଠାରୁ ମାଗିଆଣି ତହିଁର ଗୋଟିଏ ଦୁଇଟି ଚୌପଦୀ ମୁଖସ୍ଥ କରି ପୁଣି ଦୋକାନୀକୁ ବହିଟି ଫେରାଇ ଦିଅନ୍ତି । ଏହିପରି ୫ । ୬ଟି ବଜାରରେ ପୁସ୍ତକଟିର ଆବଶ୍ୟକୀୟ ଚୌପଦୀଗୁଡ଼ିକ ମୁଖସ୍ଥ କରିନେଲେ ଓ ଘରେ ସେ ସବୁକୁ ନିଜ ଖାତାରେ ଉତାରି ରଖିଲେ । ଜ୍ଞାନାର୍ଜନ ସକାଶେ କବିଙ୍କର କି ଗଭୀର ଆକାଂକ୍ଷା, କି ଅଦମ୍ୟ ପ୍ରବୃତ୍ତି !

ଏହା ପରେ 'ବିଷାଦ-ନିଶା', 'ସୁରଙ୍ଗୀ', 'ସମାଜ', 'କାନନ-ଯାତ୍ରା', 'ଧନ୍ୟ-କଳିକାଳ' ପ୍ରଭୃତି କାବ୍ୟଗୁଡ଼ିକର ଲେଖା ତାଳପଦରରେ ହୋଇଥିଲା । ସେ ବରପାଲି ଯାଇ ଏଇ ଲେଖାଗୁଡ଼ିକ ଶ୍ରୀଯୁକ୍ତ ମାଧବ ମିଶ୍ର ଓ ସ୍ୱଭାବକବି ସ୍ୱର୍ଗତ ଗଙ୍ଗାଧର ମେହେରଙ୍କ ସୁପୁତ୍ର ଶ୍ରୀଯୁକ୍ତ ଭଗବାନ ମେହେରଙ୍କୁ ଦେଖାଉଥିଲେ । ଲେଖାଗୁଡ଼ିକ ଦେଖି ସେମାନେ କବିଙ୍କୁ ଯଥେଷ୍ଟ ଉତ୍ସାହ ଓ ପ୍ରେରଣା ଦାନ କରିବାରୁ କବିଙ୍କ ଲେଖନୀ ଉତ୍ତରୋତ୍ତର ମୁଖର ନିର୍ଝର ହେବାକୁ ଲାଗିଲା ।

ସନ୍ ୧୯୪୭ ରେ ତାଳପଦରରୁ ବୁଡ଼ୋମାଲକୁ ଚାଲି ଆସି ସେଠାରେ ସନ୍ ୧୯୫୭ ସୁଦ୍ଧା କବି ଅବସ୍ଥାନ କରିଥିଲେ । କବିଙ୍କର ଏହି ୧୦।୧୧ ବର୍ଷ ରହଣି ମଧ୍ୟରେ "ପ୍ରଣୟ-ନିର୍ଝର", "ପଦ୍ମିନୀ-ସତୀ", ଅଶ୍ରୁ-ତର୍ପଣ" ( ସମ୍ବଲପୁରରେ ୧୯୪୮ ରେ ଲିଖିତ ), "ମହାପ୍ରଭୁ", "ନୃସିଂହନାଥ", "ସୁଭଦ୍ରା", "ଭକ୍ତଭକ୍ତି", "ଭୂଦାନ-ଚିନ୍ତା", "ଅଗ୍ନିକାଣ୍ଡ" ପ୍ରଭୃତି ଲେଖାବଳୀ ଏବଂ ନାଟକ ମଧ୍ୟରେ "ଦାନବୀର ହରିଶ୍ଚନ୍ଦ୍ର", "ମାୟାବିନୀ" ଓ "ସତୀ-ସାବିତ୍ରୀ" ଗୀତାଭିନୟ ଲିଖିତ ହୋଇଥିଲା । ପରିବାରବହୁଳ ଦରିଦ୍ର ଜୀବନରେ କବି ବରାବର ଭୌତିକ ସଂସାର ସହିତ ସଂଗ୍ରାମ କରି ଅସିଧାର ଠାରୁ ଯଥେଷ୍ଟ ଶକ୍ତିଶାଳୀ ନିଜର ମସୀଗାର ଚଳାଇ ଆସିଲେ । ଜଗତର ଚଲାପଥରେ ଘାତ ପ୍ରତିଘାତ ପାଇ କବି ଆଜି ଅକାଳ ବାର୍ଦ୍ଧକ୍ୟରେ ଉପନୀତ । ବର୍ତ୍ତମାନ ସୁଦ୍ଧା ତାଙ୍କ ଭଳି ପ୍ରକୃତ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ଯେଉଁ

ସମ୍ମାନ ଓ ସୁଯୋଗ ମିଳିବାର କଥା ତା' ଏ ଦେଶ ତାଙ୍କୁ ଦେଇ ପାରି ନାହିଁ । ଏବେ ମଧ୍ୟ ସେ ମୁଢ଼ି ଲିଆ ଭାଜନ୍ତି, ଧାନ କୁଟନ୍ତି ଓ ଅଭାବର ହାହୁତାଶ ମଧ୍ୟରେ 'କ'ଣ କରିବି ?' ଏହି ଦାରିଦ୍ର୍ୟ ପଞ୍ଚାକ୍ଷର ଜପ କରନ୍ତି ! ଅମୃତ-ସନ୍ତାନ କବି, ଶେଷରେ ତମର ଦଶା ଏଇୟା ! ଜୀବନ ଥାଉଁ ଥାଉଁ ଦାରିଦ୍ର୍ୟ ତମକୁ ଜୀବନ୍ମୃତ କରିଦେବ !

କବିଙ୍କୁ ଜୀବନରେ ଅନେକ ବନ୍ଧୁ ମିଳିଛନ୍ତି; ମାତ୍ର ତାଙ୍କ ଦାରିଦ୍ର୍ୟ ହେତୁ ଗୋଟିକ ପରେ ଗୋଟିଏ ତାଙ୍କୁ ପରିତ୍ୟାଗ କରି ଚାଲିଯାଇ ଅଛନ୍ତି । ଏ ଜିଲ୍ଲାର ଅନେକ ନୂତନ ଲେଖକ କବିଙ୍କର ବନ୍ଧୁ ହୋଇପଡ଼ନ୍ତି କିନ୍ତୁ କବି ସେମାନଙ୍କୁ ଟିକିଏ ବାଟକୁ ଆଣି ଠିଆ କରାଇଲା ମାତ୍ରେ ସେମାନେ ଅନ୍ତର୍ଦ୍ଧାନ ! ଅଳ୍ପ କଥାରେ କହିବାକୁ ଗଲେ, ଏ ଜିଲ୍ଲାର ବହୁ ତରୁଣ ଲେଖକ ତାଙ୍କ ପ୍ରତିଭାରୁ ଲାଭ ଉଠାଇବାକୁ ଛାଡ଼ି ନାହାନ୍ତି । କବି କିନ୍ତୁ ସେଥିପାଇଁ ତିଳେ ହେଲେ ଦୁଃଖିତ ନୁହନ୍ତି । ବରଂ ଅନେକ ନବ୍ୟ ସଭ୍ୟଙ୍କୁ ସାହିତ୍ୟ-ସମାଜର ଅନ୍ତର୍ଭୁକ୍ତ କରି ପାରିଲେ ବୋଲି ସେ ଖୁସି !

କବି ବଡ଼ କୌତୁକିଆ ଓ ତାଙ୍କ ଜୀବନ ବଡ଼ ସରସ । ତାଙ୍କର ସାଧାରଣ କଥା ମଧ୍ୟ ଉପଭୋଗ୍ୟ ହୋଇଥାଏ ଏବଂ ତହିଁରେ ଅନେକଙ୍କ ଗୁରୁଭାରି ଥାଏ । ତାଙ୍କ ଚରିତ୍ରର ଗୋଟାଏ ବଡ଼ ଗୁଣ ଏହି ଯେ ସେ ଶିଶୁ, ତରୁଣ, ପ୍ରୌଢ଼ ଓ ବୃଦ୍ଧ ସମସ୍ତଙ୍କ ସଙ୍ଗେ ସମାନ ତାଳ ପକାଇ ନିଜକୁ ଚଳାଇ ପାରନ୍ତି ଓ ନିଜର ବିଚିତ୍ର ପ୍ରତିଭା ବଳରେ ସମସ୍ତଙ୍କୁ ମୁଗ୍ଧ କରି ପାରନ୍ତି । ଅଭାବ-ଅଶାନ୍ତି-ଜର୍ଜରିତ ତାଙ୍କର ବ୍ୟଥାତୁର ଜୀବନ ବିକଳ ବିବଶରେ ଅହରହ କ୍ରନ୍ଦନ କରି ଉଠୁଥିଲେ ହେଁ ସେ କିନ୍ତୁ ଅଶ୍ରୁ ପରିବର୍ତ୍ତେ ଅନ୍ୟକୁ ଦେଇ ଯାଇଛନ୍ତି ହସ । ବେଦନାର ଅନ୍ତହୀନ-କଲ୍ଲୋଳ ମାନସ-ସରୋବରକୁ ବ୍ୟଥିତ-ବିକ୍ଷୋଭିତ କରିଦେଉଥିଲେହେଁ ସେ ଜଗତକୁ ଦେଖାଇଛନ୍ତି ତାର ଶାନ୍ତ ମିଳମାମୟ ମନୋହାରୀ ସ୍ୱରୂପ । ଜଗତର ପଦାଘାତ ଲାଞ୍ଛିତ-ବିମଳିନ ଧୂଳିକୁ କଳ୍ପନାର କାଉଁରୀ ସ୍ପର୍ଶରେ ସେ କରିଛନ୍ତି ସ୍ୱର୍ଣ୍ଣରେଣୁ ଓ ସମୟବିଶେଷରେ ଜନ୍ମାନ୍ଧ ଦୁଃଖୀକୁ ତାଙ୍କର ସହାନୁଭୂତିଶୀଳ ହୃଦୟ କରିଛି ପଦ୍ମଲୋଚନ ।

'କବି ହେଲେଇ ଯେ ସଂସାରବିମୁଖ ଅବିଷୟୀ ହେବାକୁ ପଡ଼ିବ' ଶ୍ରୀଯୁକ୍ତ ଶେଠଙ୍କର କର୍ମମୁଖର ଜୀବନ ଏହି ଉକ୍ତିର ସୁଦୃଢ଼ ପ୍ରତିବାଦ ।

× × × × ଜୀବନ ସାରା ପ୍ରତିକୂଳ ଅବସ୍ଥାରେ ପ୍ରତିପାଳିତ ଓ କୈବର୍ତ୍ତ ସଂପ୍ରଦାୟର କୌଳିନ୍ୟ ତଥା ଆଲୋକହୀନ ପରିବେଶରେ ପରିବର୍ଦ୍ଧିତ କବି ଶ୍ରୀ ଖଗେଶ୍ୱର ଶେଠଙ୍କର ପ୍ରତିଭା ସମଧର୍ମା ଓ ସମାବସ୍ଥ ଗଙ୍ଗାଧର ମେହେରଙ୍କର ପ୍ରତିଭା ନିକଟରେ କ୍ଷୀଣପ୍ରଭ ନୁହେ । ତେବେ ସୁଦ୍ଧା ବିନୟୀ କବି ଗଙ୍ଗାଧରଙ୍କୁ ନିଜର ଗୁରୁ ବୋଲି ସମ୍ମାନ ଦିଅନ୍ତି । ଏହା ତାଙ୍କର ଉଦାରତା ଓ ହୃଦୟବତ୍ତାର ଲକ୍ଷଣ । ଶେଠଙ୍କର ଲେଖନୀ-ଶୈଳୀ ମଧ୍ୟ ରାଧାନାଥ, ଫକୀରମୋହନ, ମଧୁସୂଦନ, ଗଙ୍ଗାଧର, ଚନ୍ଦ୍ରମଣି ପ୍ରଭୃତିଙ୍କ ଲେଖନୀ-ଶୈଳୀ ଠାରୁ ନ୍ୟୂନ ହେବ ନାହିଁ ।

ଆଜି ନଟବାଣୀ, ବଙ୍ଗଳାଶ୍ରୀ, ରମକେଶୀ ବୃତ୍ତରେ କାହାରି ଲେଖା ଦେଖିଲି ମାତ୍ରେ ସେସବୁ ରାଧାନାଥ, ଗଙ୍ଗାଧର ପ୍ରଭୃତିଙ୍କ ଅନୁକରଣ ବୋଲି କେତେକ ସମାଲୋଚକ ଚକ୍ଷୁ ବୁଜି ମତାମତ ଦେଇ ଯାଉଛନ୍ତି । ସେମାନଙ୍କର ସେହି ଅନ୍ଧ ଧାରଣା ମୂଳରେ ଆଜି କୁଠାରାଘାତ କରିବାକୁ ଏକାନ୍ତ ସକ୍ଷମ ଶେଠଙ୍କର ବଳିଷ୍ଠ ଲେଖାବଳୀ । କବି ଶ୍ରୀ ଖଗେଶ୍ୱର ଶେଠଙ୍କର ସମସ୍ତ କାବ୍ୟ-କବିତାକୁ ପାଠ କରି ମନନ କଲେ ସାହିତ୍ୟର ଯୁଗସ୍ରୋତ ଉଜାଣି ବହିଲା ପରି ମନେ ହୁଏ । ଏ ମାତ୍ରାବୃତ୍ତ ଓ ଗଦ୍ୟ-କବିତା ଯୁଗରେ କବି ବହୁ ପ୍ରାଚୀନ ସମୟକୁ ଫେରିଯାଇ ସାହିତ୍ୟ ସୃଷ୍ଟି କରିଥିଲେ ହେଁ ତାଙ୍କ ପ୍ରତିଭା ସ୍ୱର୍ଣ୍ଣଯୁଗ-ଧାରଣାର ଅନ୍ଧ ଦଳାଦଳି-ଉତ୍କ୍ଷିପ୍ତ ଧୂଳି-ପଟଳରେ ସମାଚ୍ଛନ୍ନ ବା ମଳିନ ହୋଇ ଯାଇ ନାହିଁ । ଭଞ୍ଜ, ରାଧାନାଥ ପ୍ରଭୃତିଙ୍କୁ ତାତ୍କାଳୀନ ସାହିତ୍ୟିକଗଣ ସେ ସେ ଯୁଗର ଠିକାଦାର କରି ଦେଇଥିଲେ । ଆଜି ସାହିତ୍ୟର ସେହି ଯୁଗୀୟ ଠିକାଦାରମାନଙ୍କୁ ବ୍ୟର୍ଥ ଅକାରଣରେ ଟେଇ ସେଇ ଯୁଗର ସାହିତ୍ୟ-ଜମିଦାର କରି ସାମ୍ପ୍ରତିକ ସାହିତ୍ୟର ସ୍ରୋତକୁ ଅଯଥା ଆବିଳ ପଙ୍କିଳ କରି ଦିଆ ଯାଉଛି । ପ୍ରକୃତରେ ଉତ୍କଳ ସାହିତ୍ୟର ଏ ଯୁଗ-ବହୁଳତା ଅଯଥା ସାହିତ୍ୟିକର ମୁଣ୍ଡକୁ ଭାରାକ୍ରାନ୍ତ କରି ରଖିଛି । କାଳିଦାସ ବହୁ ପୂର୍ବରୁ ସାହିତ୍ୟରେ ରୋମାଣ୍ଟିସିଜିମ୍‌ର ପ୍ରବର୍ତ୍ତନ କରିଥିଲେ ହେଁ ଆଜିର ଯୁଗରେ ମଧ୍ୟ କେତେ ଜଣ ସମର୍ଥ ଲେଖକ ତାଙ୍କ ଭଳି ସାହିତ୍ୟରେ ରୋମାନ୍‌ସ୍ ସୃଷ୍ଟି କରି ପାରନ୍ତି । ତେବେ କାଳିଦାସ କ'ଣ କେବଳ ସେ ଯୁଗର ? ଆଜିର କବି କି ସେ ନୁହନ୍ତି ? ପ୍ରକୃତ-ପ୍ରତିଭାର ବିଗ୍ୱରରେ କାଳିଦାସ ଏ ଯୁଗର କବି ମଧ୍ୟ ଅଟନ୍ତି । ପ୍ରତିଭା କେବେ ଯୁଗ ମଧ୍ୟରେ ସୀମିତ ରହେ ? ଶୈଳୀ, ଛନ୍ଦ, ଆଦର୍ଶ ପ୍ରଭୃତିକୁ ଯୁଗର ନିଗଡ଼ରେ ବାନ୍ଧି ରଖା ଯାଇପାରେ । କିନ୍ତୁ ପ୍ରତିଭାଶାଳୀ କବିମାନେ ସେ ସବୁକୁ ନେଇ

କେବଳ ସାହିତ୍ୟରାଜ୍ୟରେ ଅମରତ୍ୱ ଲାଭ କରି ନାହାନ୍ତି; ବରଂ ପ୍ରତିଭାର ପୁଣ୍ୟ ସ୍ପର୍ଶ ହେତୁ ସେମାନେ ଅମର ହୋଇ ପାରିଛନ୍ତି । ତେଣୁ ସେ ବିଚାରରେ କବି ଶ୍ରୀ ଖଗେଶ୍ୱର ଶେଠ ମଧ୍ୟ ଏ ଯୁଗର କବି । ଆମ ଓଡ଼ିଆ ସାହିତ୍ୟରେ ଯୁଗର ସଜ୍ଞା ଯେପରି କରା ଯାଇଛି ଇଉରୋପୀୟ କୌଣସି ସାହିତ୍ୟରେ ସାହିତ୍ୟିକ ଯୁଗ ସମ୍ବନ୍ଧୀୟ ଏପରି ଅମାର୍ଜ୍ଜନୀୟ ଗ୍ରାମ୍ୟତା ପ୍ରକାଶ ପାଇନାହିଁ । ହ୍ୱଇଟ୍‌ମାନ୍ ଊନବିଂଶ ଶତାବ୍ଦୀର ଶ୍ରେଷ୍ଠ କବି ଓ ବିଂଶ ଶତାବ୍ଦୀରେ ଟି. ଏସ୍. ଇଲିୟଟ୍ ନିଜ କବିତ୍ୱର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଯାଇଥିଲେ ହେଁ ତାଙ୍କ ନାମରେ କୌଣସି ଯୁଗକୁ ନାମିତ କରା ହୋଇନାହିଁ ଏବଂ ତଦ୍ୱାରା ସେମାନଙ୍କର ସାହିତ୍ୟର କିଛି କ୍ଷତି ହୋଇନାହିଁ । ତେଣୁ ଆମ ସାହିତ୍ୟର ଭଞ୍ଜ ଯୁଗ, ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ସବୁଜ ଯୁଗ ଓ ଆଧୁନିକ ଯୁଗ ପ୍ରଭୃତି ଯୁଗସଜ୍ଞାର ବିଶେଷତ୍ୱ ଆଦୌ ଉପଲବ୍‌ଧି କରା ହୋଇ ପାରୁନାହିଁ । ଏତଦ୍ୱାରା ସାହିତ୍ୟର ପ୍ରଶସ୍ତ ପ୍ରାଙ୍ଗଣରେ ଗୋଟିଏ ଗୋଟିଏ ଝେରବାଡ଼ ପଡ଼ି ତାକୁ ସଙ୍କୀର୍ଣ୍ଣ ଓ ତନିତ୍ୟ ଅଭିନୟିକାରୀମାନଙ୍କୁ ସମ୍ପୂର୍ଣ୍ଣ ଅନୁଦାର କରି ପକାଇଛି ।

ଏହି ଅବୈଜ୍ଞାନିକ ଯୁଗ-ସଜ୍ଞାକୁ ମାନି ବସିଲେ ସୁଦ୍ଧା ଆଜି ଭଞ୍ଜ ଓ ରାଧାନାଥଙ୍କ ଯୁଗ ଅତିକ୍ରାନ୍ତ ହୋଇଛି । ଓଡ଼ିଆ ସାହିତ୍ୟିକ ଓ ପାଠକବୃନ୍ଦ ନୂତନତାର ଆସ୍ୱାଦରେ ମସ୍‌ଗୁଲ୍ । ଏପରି ସମୟରେ ମଧ୍ୟ ଭଞ୍ଜ ଓ ରାଧାନାଥଙ୍କ ଶୈଳୀକୁ ଆଦରି ନେଇ ସାହିତ୍ୟ ସୃଷ୍ଟି କରିବା ଓ ତହିଁରେ ପୁଣି ପ୍ରତିଷ୍ଠା ଅର୍ଜନ କରିବା କମ୍ ଗର୍ବ ଗୌରବର କଥା ନୁହେଁ । ସୌଭାଗ୍ୟର କଥା, କବି ଶ୍ରୀ ଖଗେଶ୍ୱର ଶେଠ ଏହି ଗର୍ବ ଗୌରବର ଅଧିକାରୀ ହୋଇ ପାରିଛନ୍ତି । ତେବେ ସୁଦ୍ଧା ଏମାନଙ୍କ ମଧ୍ୟରୁ କାହାରି ପ୍ରତି କବିଙ୍କର ଆକ୍ଷେପ ନାହିଁ, ଅଶ୍ରଦ୍ଧା ନାହିଁ; ବରଂ ଭକ୍ତି ଅଛି, ସମ୍ମାନ ଅଛି ଏବଂ ସେହି ଉଚ୍ଛ୍ୱସିତ ଭକ୍ତି ଓ ସମ୍ମାନ ତାଙ୍କର 'ଭଞ୍ଜଭକ୍ତି', 'ଚଇତ-ଅମାବସ୍ୟା' ଆଦିରେ ପରିସ୍ଫୁଟ ହୋଇ ଉଠିଛି । ଶେଠ କବିଙ୍କ ପ୍ରୋଜ୍ଜ୍ୱଳ ଓଜସ୍ୱିନୀ ପ୍ରତିଭାର ପ୍ରାଖର୍ଯ୍ୟ ଓ ବୈଶିଷ୍ଟ୍ୟ ବିଶେଷଭାବରେ ପରିଲକ୍ଷିତ ହୁଏ ତାଙ୍କର ରଚନା ଅପେକ୍ଷା ସମାଲୋଚନାରେ । କିନ୍ତୁ ଅପରିହାର୍ଯ୍ୟ ଆବଶ୍ୟକତା ବୋଧ ନ ହେଲେ ସେ ଦିଗରେ ତାଙ୍କ ଲେଖନୀ ସ୍ୱଭାବତଃ ଚଳନ୍ତୁ ନାହିଁ ।

ଶିକ୍ଷା ଦୀକ୍ଷା ଦିଗରେ କବିଙ୍କର ପ୍ରତିଭାର ବିଚାର କରି ବସିଲେ ଏକାନ୍ତ ଅବାକ୍ ହେବାକୁ ପଡ଼େ । ସେ ସ୍କୁଲଗୃହର ପ୍ରାଙ୍ଗଣ ସୁଦ୍ଧା ମାଡ଼ି ନାହାନ୍ତି ।

ଯାହାଙ୍କଠାରୁ ତାଙ୍କର କ-ଖ-ଗ ଶିକ୍ଷା ହୋଇଛି ଗାଁ ଚାଟଶାଳୀରେ । ଏ ଯାଏ ତାଙ୍କର ହସ୍ତାକ୍ଷର ମଧ୍ୟ ସୁନ୍ଦର ହୋଇ ପାରିନାହିଁ । କିନ୍ତୁ ଏହି ଅଙ୍କା ବଙ୍କା ଅକ୍ଷର ଭିତରେ ପ୍ରତିଭାର ଯେଉଁ ଦୀପ୍ତ ନିଦର୍ଶନ ମିଳେ ତାହା ଯଥାର୍ଥତଃ ଅକ୍ଷର, ସୁରଭିତ ଓ ଶ୍ରୀମଣ୍ଡିତ ।

ଦାରିଦ୍ର୍ୟର ତାଡ଼ନା ଓ ଭାଗ୍ୟର ବିଡ଼ମ୍ବନା ଉଭୟକୁ ନେଇ କବି ଜୀବନସାରା ଗ୍ରାମରୁ ଗ୍ରାମାନ୍ତର ଯାଇଛନ୍ତି—ସ୍ୱଚ୍ଛନ୍ଦ ଜୀବନଯାପନର ମଧୁର ଆଶାରେ । ମାତ୍ର ହାୟ ! ଅପଥଗାମୀ କବି କମଳାଙ୍କର ଆରାଧନା ପରିବର୍ତ୍ତେ କମଳର ବର୍ଣ୍ଣ ଓ ସୌରଭରେ ମୁଗ୍ଧ ହୋଇ ତା'ର ସୌନ୍ଦର୍ଯ୍ୟ ବର୍ଣ୍ଣନରେ ଲେଖନୀ ମୁଖର କରିଦେଲେ ଓ ଲକ୍ଷ୍ମୀଙ୍କର ସପତ୍ନୀ ବରଦାଙ୍କର ବରଦାନ ଗ୍ରହଣ କଲେ ! କବିଙ୍କର ଏ ଅପରାଧ କେବେହେଲେ ବିଶେଷତଃ ଆଜିର ଏ ବସ୍ତୁତାନ୍ତ୍ରିକ ଯୁଗରେ କ୍ଷମଣୀୟ ନୁହେ ! ତେଣୁ ଲକ୍ଷ୍ମୀ ନିଜର ସହଜାତ ଈର୍ଷ୍ୟାକ୍ ଦୃଷ୍ଟିପାତ ଦ୍ୱାରା କବିଙ୍କୁ ଆଜୀବନ ଉପହାସ କରି ଆସିଲେ । କବି କିନ୍ତୁ ଏ ଜୀବନବ୍ୟାପୀ ସଂଗ୍ରାମ ଭିତରେ କ୍ଷତ କଣ୍ଟକିତ ହୋଇ ମଧ୍ୟ ଅଟଳ, ଦୁର୍ବାର, କଳକଳ ଛଳଛଳ—ଠିକ୍ ଚଳଚଞ୍ଚଳ ଗିରିନିର୍ଝର ପରି ।

କଳା ଏକ ଅଖଣ୍ଡ ଅଭିବ୍ୟକ୍ତି । ବାହ୍ୟଜଗତର ଯେଉଁ ପ୍ରତିବିମ୍ବ ହୃଦୟ-ଦର୍ପଣରେ ପ୍ରତିଫଳିତ ହୁଏ, କଳାକାର ବା କବି ତାକୁ ଯଥାତଥା ଚିତ୍ରଣ କରିବାର ସୁପ୍ରୟାସ କରିଥାଏ । ମାନସ-ଦର୍ପଣରେ ପ୍ରତିଫଳିତ ଏଇ ଛାୟା-ଚିତ୍ରକୁ କବି ବା କଳାକାର ଯେତିକି ସଜୀବ ରୂପେ ଚିତ୍ରିତ କରିହଏ, ସେତିକି ପରିମାଣରେ ସେ ସଫଳ କଳାକାର ବା କବି ବୋଲି ସ୍ୱୀକୃତ ହୁଏ ।

କବି ଶ୍ରୀ ଖଗେଶ୍ୱର ଶେଠ 'ସୁରଙ୍ଗୀ', 'ସମାଜ', 'ପ୍ରଣୟ-ନିର୍ଝର' ପ୍ରଭୃତି କାବ୍ୟମାନଙ୍କରେ ନିଜ ମନୋଭାବର ପରିପ୍ରକାଶ କିପରି ସ୍ୱଚ୍ଛ ସୁନ୍ଦର ଭାବରେ କରି ପାରିଛନ୍ତି ତାହା ପାଠ ନ କଲେ କିପରି ଜାଣିହେବ ? କବି ଏ କାବ୍ୟମାନଙ୍କର ସ୍ଥଳେ ସ୍ଥଳେ ନିଜ ଜୀବନର ବିଚିତ୍ର ଇନ୍ଦ୍ରଧନୁକୁ ବିଶ୍ଳେଷଣ କରି ତାର ଉପାଦାନରାଶି ପାଠକକୁ ଦେଖାଇ ଦେଇଅଛନ୍ତି ।

କେଉଁଠି କେଉଁଠି କବିହୃଦୟର ଅଶାନ୍ତି, ଅତୃପ୍ତି, ବାସନାର ଦୀପ୍ତି ଏବଂ ବର୍ଣ୍ଣଚ୍ଛଟା ତାଙ୍କ କାବ୍ୟ-କବିତା ଭିତରେ ହିଁ ଆମକୁ ଦେଖିବାକୁ ମିଳିବ । କବିତା କବିଅନ୍ତରର ବାହ୍ୟ ପ୍ରତୀକ । କବିତା ତାହାର ବାସନା-ମରୁଭୂମିର 'ଓ୍ୱେସିସ୍' ଏବଂ ହୃଦୟ-କାନନର ସ୍ୱର୍ଣ୍ଣମୃଗୀ; କବିତାହିଁ ତାହାର କବିସତ୍ତା ।

କବିଙ୍କର କାବ୍ୟ-କବିତା ମଧ୍ୟରେ ମାନବପ୍ରାଣର ସୁଖ-ଦୁଃଖ, ଅନୁରାଗ-ବିରାଗ, ମିଳନ-ବିରହ, ଆଶା-ଆକାଂକ୍ଷା, ଅନୁଭୂତି-ଅଭିବ୍ୟକ୍ତି, ଆମୋଦ-ପ୍ରମୋଦ, ଅଶାନ୍ତି-ଅତୃପ୍ତି, ହାସ-ଅଶ୍ରୁ ସମସ୍ତହିଁ ଜୀବନ୍ତ ଆତ୍ମ-ପ୍ରକାଶ କରିଛନ୍ତି । ତାଙ୍କ କାବ୍ୟ-କବିତାବଳୀ ପାଠକଲେ ଚନ୍ଦ୍ରିମହିତ ଭାବୀ ପ୍ରତିଭାର ବିଦ୍ୟୁତ୍-ଚମକ ପାଠକକୁ ଚମତ୍କୃତ କରିଦିଏ । ମେଘାନ୍ତରାଳ ନିହିତ ବଜ୍ରର ସଂକେତ ପରି କାହିଁ କାହିଁ କ୍ଷୁଦ୍ର କ୍ଷୁଦ୍ର ଚିତ୍ରଫଳକ, ଶବ୍ଦବିନ୍ୟାସ ପାଠକକୁ ଚକିତ କରିଦିଏ ଓ ବର୍ଣ୍ଣନାର ଆଡ଼ମ୍ବରରେ କେଉଁଠି ବା ସ୍ୱାଭାବିକ ପରିବେଶର ପ୍ରଶ୍ୱାସ ଅନୁଭୂତ ହୋଇଥାଏ ।

ସମାଜସଂସ୍କାରମୂଳକ ମନୋଭାବ ସୃଷ୍ଟି କରିବାରେ ଶ୍ରୀମଦ୍ ସ୍ୱର୍ଗୀୟ ଦୟାନନ୍ଦ ସରସ୍ୱତୀଙ୍କ ବିଚାରର ପ୍ରଭାବ, କାବ୍ୟସୃଷ୍ଟି ଦିଗରେ ଭଞ୍ଜ ଓ ପରେ କବିବର ଗଙ୍ଗାଧରଙ୍କ ପ୍ରଭାବ କବିଙ୍କ ଉପରେ ସ୍ପଷ୍ଟ । ମାତ୍ର ଏ ସବୁ ସତ୍ତ୍ୱେ ପ୍ରତିଭାଶାଳୀ କବି ନିଜର ଅନନ୍ୟସାଧାରଣ ଦୃଷ୍ଟିଭଙ୍ଗୀ ଦେଇ ସେ ସବୁକୁ ଏପରି ମଞ୍ଜୁଳଭାବରେ ପ୍ରକାଶ କରିଅଛନ୍ତି ଯେ ସେ ସବୁକୁ କବିଙ୍କର ନିଜସ୍ୱ ବୋଲି କହିବାକୁ ହୋଇଥାଏ ।

କବି ଶ୍ରୀ ଖଗେଶ୍ୱର ଶେଠ ଶିକ୍ଷାଦୀକ୍ଷାରେ ଉତ୍କଳର ସମସ୍ତ କବିଙ୍କଠାରୁ ନିମ୍ନତମ । ସେ ଗଙ୍ଗାଧରଙ୍କ ତୁଳନାରେ ମଧ୍ୟ ଆହୁରି ଅଭାବଗ୍ରସ୍ତ । ଏ ପର୍ଯ୍ୟନ୍ତ ଭଲଭାବରେ ବାସ ଓ ଗ୍ରାସ ତାଙ୍କର ପ୍ରାଣକୁ ଆହ୍ଲାଦ ଦାନ କରିପାରି ନାହିଁ । କିନ୍ତୁ ଏହି ଦୁର୍ଦ୍ଦମନୀୟ ଅଭାବ ମଧ୍ୟରେ ସୁଦ୍ଧା ସେ ଯେଉଁ ଅମୂଲ୍ୟ କାବ୍ୟ-କବିତାର ହୀରକ-ହାର ଉତ୍କଳ-ଭାରତୀଙ୍କ ଗଳାରେ ଲମ୍ବାଇ ଦେଇ ଅଛନ୍ତି, ତାହାର ଦୀପ୍ତି ଓ ମୂଲ୍ୟବୋଧ ଶାଶ୍ୱତକାଳ ସକାଶେ ଅବିକୃତ ରହିବ । ପଙ୍କରେ ପଦ୍ମ, ଶ୍ମଶାନରେ ତୁଳସୀ, ଲୋକଲୋଚନର ଅନ୍ତରାଳରେ ଅରଣ୍ୟରେ ବନମଲ୍ଲିକାର ଆବିର୍ଭାବ ଓ ବିକାଶ ଈଶ୍ୱରଙ୍କ ସୃଷ୍ଟିର ବୈଚିତ୍ର୍ୟ । ସେହି ବୈଚିତ୍ର୍ୟ କବି ଖଗେଶ୍ୱର ଶେଠଙ୍କ ଉପରେ ମଧ୍ୟ ପ୍ରତିଫଳିତ । ଦରିଦ୍ର ଅଶିକ୍ଷିତ କୈବର୍ତ୍ତକୁଳରେ ଜନ୍ମଗ୍ରହଣ କରି, ଆଧୁନିକ ଶିକ୍ଷାର ସ୍ପର୍ଶଲାଭରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ଓ, ଅନ୍ଧକାର ପରିପାର୍ଶ୍ୱରେ ବର୍ଦ୍ଧିତ ହୋଇ ସ୍ୱୀୟ କାବ୍ୟ-କବିତାରେ ସମାଜ-ସଂସ୍କାରର ଯେଉଁ ସ୍ଫୁରଣ, ପ୍ରକୃତିଚିତ୍ରଣର ଯେଉଁ ବୈଚିତ୍ର୍ୟ ଓ ମାନବ-ପ୍ରକୃତିର ଯେଉଁ ସଜୀବ ରୂପାଙ୍କନ ସେ କରି ଯାଇଅଛନ୍ତି, ତାକୁ ଦେଖିଲେ ସେ ସବୁ ପ୍ରତିଭାର ବିଧି-ପ୍ରତିପାଦିତ ଅଧିକାର ନୁହେ ବୋଲି କିଏ କହିବ ?

ରଚନାର ଶୃଙ୍ଖଳାରେ, କଳାର୍ ସୌଷ୍ଠବରେ, ମୌଳିକତାର ଚମତ୍କାରିତାରେ, ତାତ୍ପର୍ଯ୍ୟର ବୈଶିଷ୍ଟ୍ୟରେ, ବର୍ଣ୍ଣନାର ଭଙ୍ଗୀରେ, ବିଷୟବସ୍ତୁର ଆଦର୍ଶ ନିର୍ବାଚନରେ, ତୁଳନାର ଯୁକ୍ତିଯୁକ୍ତତାରେ, ଉପମାର ମନୋହାରିତାରେ, ପଦଲାଳିତ୍ୟରେ, ଶବ୍ଦର ସାର୍ଥକ ପ୍ରୟୋଗରେ, ନୂତନ ଶବ୍ଦସୃଷ୍ଟିର ବିଚକ୍ଷଣତାରେ, ରସର ଯଥାର୍ଥ ପରିବେଷଣରେ, ଅଳଙ୍କାରର ଉପଯୁକ୍ତ ବିନ୍ୟାସରେ, ଧ୍ୱନିର ସୁମଧୁର ସମାବେଶରେ, ଗ୍ରନ୍ଥାଲୋଚନାର ଗବେଷଣା-ମୂଳକ ଗାମ୍ଭୀର୍ଯ୍ୟ ପ୍ରଦର୍ଶନରେ ଓ ଆଧ୍ୟାତ୍ମିକ ଚିନ୍ତାର ସୂକ୍ଷ୍ମଦର୍ଶିତାରେ କବି ଶ୍ରୀ ଖଗେଶ୍ୱର ସେଠଙ୍କର ରଚନାରାଜି ସହୃଦୟ ସାହିତ୍ୟିକ ଓ ପାଠକ-ମାନଙ୍କର ଏକାନ୍ତ ଉପଭୋଗ୍ୟ ସାମଗ୍ରୀ ହୋଇପଡ଼ିଛି । ନିଜର ଏହି ପ୍ରତିଭା ଗୁଣରେ କବି ଉତ୍କଳସାହିତ୍ୟ କ୍ଷେତ୍ରରେ ଅମରତ୍ୱ ଲାଭ କରିବେ—ଏ ଆଶା ଓ ବିଶ୍ୱାସ ଆମ ମନରେ ଅବିସମ୍ବାଦିତ—ପାଳିତ ।

ତେବେ ଏ ଭଳି ପ୍ରତିଭାଶାଳୀ କବିଙ୍କ ପ୍ରତି ଆମେ କରିଛୁଁ କ'ଣ ? ଅତୃପ୍ତି ଜନିତ ଏହି ଅନୁଯୋଗ ସ୍ୱତଃ ସ୍ଥିର ମାନସର ମୂଳରେ ଉଦିତ ହୁଏ । ପ୍ରକୃତ କଥା, କବିଙ୍କ ପ୍ରତି ଆମର କର୍ତ୍ତବ୍ୟ ଏଇ ତ ଆରମ୍ଭ ହୋଇଛି । ତାଙ୍କର ପ୍ରତ୍ୟେକ କାବ୍ୟ-କବିତାର ବାସ୍ତବ ଅଧ୍ୟୟନ ଓ ମନନ, ବହୁମୁଖୀ ପ୍ରତିଭାରେ ଉଜ୍ଜ୍ୱଳ ସମୀକ୍ଷାର ପ୍ରତିଫଳନ, ମାନବିକ ମହତ୍ତ୍ୱର ଅନୁଶୀଳନ, ଅନବଦ୍ୟ ବ୍ୟକ୍ତିତ୍ୱର ଦର୍ଶନ ଏବଂ ମାନବତାବୃତ ସରସ ସୁନ୍ଦର ହୃଦୟର ଉନ୍ମୋଚନ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅପୂର୍ଣ୍ଣ ରହିଛି । ଅତଏବ, ଉତ୍କଳର ସୁଗ୍ରାହକ ସୁଧୀ ସାହିତ୍ୟିକବର୍ଗ କବିଙ୍କର ପ୍ରକୃତ ପ୍ରତିଭା ଜଗତ୍ ସମକ୍ଷରେ ପ୍ରଦର୍ଶନ ପୂର୍ବକ ତାଙ୍କୁ ସମୁଚିତ ଆସନରେ ଆସୀନ କରାଇ ପାରିଲେ ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ଅର୍ପିତ ହୋଇ ପାରିବ । ସୁତରାଂ, ସେହି ମଙ୍ଗଳ ମୁହୂର୍ତ୍ତର ଉତ୍କଣ୍ଠିତ ଅପେକ୍ଷା ଆମର ଅତୃପ୍ତ ପ୍ରାଣକୁ ତୃପ୍ତ କରୁ, ଅଳସ ଜୀବନକୁ ନିରଳସ କରୁ ଏବଂ ସମଗ୍ର ମାନବଜାତିର କବିଙ୍କୁ ମାନବିକତାରେ ହିଁ ପୂଜା କରିବା, ସରଳ ସତ୍ୟରେ ବନ୍ଦନା କରିବାର ଅମଳିନ ଅନନ୍ତ ଅକୁଣ୍ଠ ଆକାଂକ୍ଷାରେ ଅନୁପ୍ରାଣିତ କରୁ !

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ !

ବରଗଡ଼
ତା ୨୭।୧।୧୯୫୮
(ମାଘ-ଶ୍ରୀପଞ୍ଚମୀ)

କେଶବଚନ୍ଦ୍ର ମେହେର

# କୃତଜ୍ଞତା ପ୍ରକାଶ

"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।"

—ଗୀତା ୪ ଅ, ୧୧ ଶ୍ଲୋକ ।

ମାନବସମାଜର ମନନ ଓ ଅନୁଧାନ ସକାଶେ ଗୀତାର ଏହି ମହୋକ୍ତିକୁ ଅପେକ୍ଷାକୃତ ସ୍ପଷ୍ଟୀକୃତ ଓ ଭିନ୍ନ ରୂପାୟନରେ ମୁକ୍ତକଣ୍ଠରେ ଗାଇ ଯାଇଅଛନ୍ତି ମହାନୁଭବ ମନସ୍ୱୀ ୬ ମେହେର କବି:—

"ଯା ମନ ଯେପରି ତା ପାଇଁ ସେପରି
ଫଳ ଥୋଇଥାଏ ବିଶ୍ୱ,
ଉଚ୍ଚମନା ଉଚ୍ଚେ ଅମୃତ ଲଭଇ
ନୀଚମନା ପାଏ ବିଷ !"

—ପ୍ରଣୟ-ବଲ୍ଲରୀ ।

ଏହା ସୃଷ୍ଟିର ଚିରନ୍ତନ ସତ୍ୟ ନିଶ୍ଚୟ, କିନ୍ତୁ ସଦ୍ୟ ଦର୍ଶନୀୟ କିମ୍ବା ସହଜଲଭ୍ୟ ସତ୍ୟ ନୁହେ । ଏଥିରେ ପ୍ରାଣାନ୍ତ ବିଶୁଦ୍ଧ ସାଧନା ଆବଶ୍ୟକ ।

ଆଜି ଗୋଟିକ ଗୋଟି ସ୍ମୃତିପଟରେ ଅଙ୍କିତ ହୁଏ—ଜୀବନସ୍ରୋତର ଅଲକ୍ଷ୍ୟ ଅକୂଳ ବ୍ୟାକୁଳ ଗତି, ପ୍ରତିକୂଳ ପରିସ୍ଥିତିର ବାଧା-ପ୍ରତିବନ୍ଧକ, ପାରିପାର୍ଶ୍ୱିକ-ବନ୍ଧୁରତା, ପ୍ରଚଣ୍ଡ ଗ୍ରୀଷ୍ମକାଳୀନ ଝଞ୍ଜାନଳ ପରି ଦିଗ୍‌ଭ୍ରାନ୍ତ ନୈରାଶ୍ୟର ଉତ୍ତପ୍ତ ଶ୍ୱାସ-ପ୍ରଶ୍ୱାସ ଏବଂ ଗାର୍ହସ୍ଥ୍ୟ ଜଞ୍ଜାଳ ରୂପ ଦୁର୍ଲଙ୍ଘ୍ୟ ଶିଳାସଙ୍କଟ । ତଦୁପରି ଆଜନ୍ମ ଦାରିଦ୍ର୍ୟ-ତମସାଚ୍ଛନ୍ନ ଅଦୃଷ୍ଟ-ଗିରିଗହ୍ୱର-ବାସିନୀ ଜାଠରିକ ଚିନ୍ତା-ରାକ୍ଷସୀର ଅଟ୍ଟ ପରିହାସ ! କିନ୍ତୁ, ସେତେବେଳେ ଅସ୍ଫୁଟ ଧ୍ୱନିରେ ବାହାରି ପଡ଼ୁଥାଏ ଐକାନ୍ତିକୀ ଶ୍ରଦ୍ଧାଦେବୀଙ୍କର ଏଇ ହୃଦ-ଆହ୍ଲାଦିନୀ ଆଶ୍ୱସ୍ତି ବାଣୀ:—

ବହି ଯା'ରେ ମୋର ଜୀବନଧାରା,
ନଈ ସମାନ;
ଥିଲେ ତୋ' ମାଧୁରୀ ଜଗତ ସାରା
କରିବ ପାନ !

ସଙ୍ଗେ ସଙ୍ଗେ ଏ ପାଖେ ଚ୍ଛଲିଥାଏ ସନ୍ଦେହ ଓ ବିଶ୍ୱାସର ବାଦ ପ୍ରତିବାଦ ।

ସନ୍ଦେହ—ସାରା ଜଗତ୍ ? କି କୁହୁକ ଦୁରାଶା ! ଜାଗ୍ରତ ସ୍ୱପ୍ନ !
ବିଶ୍ୱାସ—କାହିଁକି ? ଯେଉଁଠି ଯା'ର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର ଅଚ୍ଛିନ୍ନ ସମ୍ବନ୍ଧ ବିଦ୍ୟମାନ;

ତା' ପକ୍ଷରେ ତାହା ସାରା ଜଗତ୍ ପରି ବୋଧ ହେବାରେ ଅସଙ୍ଗତି କ'ଣ ? ଯେଉଁ 'ମାଟିର ଭଗବାନ 'ଜଗନ୍ନାଥ' ନାମରେ ଅଭିହିତ, ସେଇ ମାଟିଟି ତା' ସନ୍ତାନ ପକ୍ଷରେ ସାରା ଜଗତ୍ ପରି ପ୍ରତୀତ ହେଲେ ମଧ୍ୟ ବଡ଼ କଥା ନୁହେଁ ।

ସତକୁସତ ଏଇଠି ମୋର ଜନ୍ମ, ଏଇଠି ମୋର କର୍ମ, ଏଇଠି ମୋର ମରଣ; ସୁଖ-ଦୁଃଖ, ହର୍ଷ-ବିଷାଦ, ହାନି-ଲାଭ, ହସ-କ୍ରନ୍ଦନ, ଶାନ୍ତି-ବିପ୍ଳବ, ପାପ-ପୁଣ୍ୟ, ମୁକ୍ତି-ବନ୍ଧନ, ସ୍ୱର୍ଗ-ପାତାଳ ସବୁ ମୋର ଏଇଠି । ଏଇଠି ମୋର ବୈକୁଣ୍ଠ, ଏଇଠି ମୋର ଯମାଳୟ; ସ୍ୱର୍ଗ-ସୁଖ ଭୋଗ, ନରକ-ଯନ୍ତ୍ରଣା ମୋର ସବୁ ଏଇଠାରେ ।

ଏଇ ଧାରଣାଟି ଏ ଯାଏ ମୋତେ ବଞ୍ଚେଇ ରଖିଛି । ବଞ୍ଚେଇ ରଖିବା ଅର୍ଥ ମୋର ଜୀବନସ୍ରୋତର ଧୀର ସଂକୀର୍ଣ୍ଣ ଧାରା ତା'ର ଲକ୍ଷ୍ୟଦିଗକୁ ଆଜି ଠେଲିଠେଲି ପାରୁଛି । ହେନେ ତା'ର ଲକ୍ଷ୍ୟସ୍ଥାନକୁ ସେ ପହଞ୍ଚିପାରେ, ଏଇ ଆଶା ମଧ୍ୟ ଅଛି ।

ଆଶାର ଅଧିକାର ସିଦ୍ଧିପ୍ରାପ୍ତିରେ ନୁହେଁ—ସାଧନାରେ । ସିଦ୍ଧିପ୍ରାପ୍ତିର ଆଶା ପାତାଳର ଗହ୍ୱର—ସାଧନାର ଆଶା ସ୍ୱର୍ଗର ସୋପାନ । ସିଦ୍ଧିର ଅବସ୍ଥିତି ସଂକୀର୍ଣ୍ଣ ଓ ସୀମାବଦ୍ଧ; ସାଧନାର କ୍ଷେତ୍ର ଅସୀମ, ମୁକ୍ତ, ପ୍ରଶସ୍ତ । ସିଦ୍ଧିକାମୀ ମରଣକୁ ବରଣ କରେ, ଜୀବନକୁ ବିସ୍ତାର କରିଥାଏ ସାଧନା-ଭିଳାଷୀ ।

ଏଇ ଦୃଷ୍ଟିରେ ଦେଖିବାକୁ ଗଲେ ଆଜି କି ରାଜନୈତିକ, କି ସାମାଜିକ, କି ଆଧ୍ୟାତ୍ମିକ ପ୍ରତ୍ୟେକ କ୍ଷେତ୍ରରେ ଦେଶ ଓ ଜାତିର କ୍ରମୋନ୍ନତି ସୋପାନ ଆଶାନୁରୂପ ପ୍ରସ୍ତୁତ ହେବାକୁ ଯାଉଛି ସାଧନାପ୍ରୟାସୀ ସର୍ବୋଦୟକାମୀ ଭାରତ ସରକାରଙ୍କର ଔଦାର୍ଯ୍ୟ-ଆନୁକୂଲ୍ୟରୁ ।

ସୌଭାଗ୍ୟର ବିଷୟ, ସେଇ ଔଦାର୍ଯ୍ୟ ଅଂଶଗ୍ରାହୀ ଓଡ଼ିଶା ସରକାରଙ୍କ ନବ ପ୍ରତିଷ୍ଠିତ "ସଙ୍ଗୀତ-ନାଟକ · ଏକାଡ଼େମୀ" ସଦନୁଷ୍ଠାନଟି ହେଉଛି ବାଞ୍ଛନୀୟ ଓ ଅବଲମ୍ବନୀୟ ସୋପାନଶ୍ରେଣୀର ଅନ୍ତର୍ଗତ । ଏହି ଅନୁଷ୍ଠାନକୁ 'ଉତ୍କଳ ବାଣୀପୀଠ' ବା 'ସାହିତ୍ୟ ମୁକ୍ତମଣ୍ଡପ' କହିଲେ ମଧ୍ୟ ଉକ୍ତିଟିରେ ବୋଧହୁଏ ଅସମୀଚୀନତା ଆସିବ ନାହିଁ ।

ଶଂସିତ ସାହିତ୍ୟ ମୁକ୍ତମଣ୍ଡପର ଅଧିଷ୍ଠାତ୍ରୀ ଦେବୀ ଜନନୀ ଉତ୍କଳ-ଭାରତୀଙ୍କର ଆରାଧନା ସକାଶେ ମୋଭଳି ଜଣେ ଅର୍ବାଚୀନ ଅକିଞ୍ଚନ ମାଳାକାରର ଶିକ୍ଷା-ସଭ୍ୟତା-ଗନ୍ଧ-କାନ୍ତିହୀନ ପର୍ଯ୍ୟୁଷିତ ଅରଣ୍ୟ କୁସୁମାବଳୀ-ଗ୍ରଥିତ ମାଳାଟିକୁ ଅଗ୍ର ଅର୍ପଣୀୟ ନୈବେଦ୍ୟ-ପୁଷ୍ପମାଲ୍ୟ ରୂପରେ ଯାହା ଗ୍ରହଣ କରି ଯାଇଅଛି, ସେଥିରେ ମୁଁ ଯେପରି ବିସ୍ମିତ-ଚକିତ, ତଦ୍ରୂପ ଅନିର୍ବଚନୀୟ ଆହ୍ଲାଦନରେ ସ୍ନାତ-ଅଭିଭୂତ ଏବଂ ଆଜୀବନ ଧନ୍ୟ, କୃତାର୍ଥମ୍ମନ୍ୟ ! ଅତଏବ ତନ୍ନିମିତ୍ତ କର୍ତ୍ତବ୍ୟପରାୟଣ ସତ୍‌ସାହିତ୍ୟଦର୍ଶୀ ଗୁଣଗ୍ରାହୀ ଓଡ଼ିଶା ସରକାରଙ୍କ ସୁଯୋଗ୍ୟ ଶିକ୍ଷାମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ଲିଙ୍ଗରାଜ ପାଣିଗ୍ରାହୀ ଓ ସଙ୍ଗୀତ-ନାଟକ ଏକାଡ଼େମୀର ସହୃଦୟ ସଭାପତି, ସମ୍ପାଦକ ତଥା ସଦସ୍ୟବର୍ଗଙ୍କ ନିକଟରେ ଆଜି ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଅଛି ।

ସ୍ୱତଃ ଉଚ୍ଛ୍ୱସିତ ଶ୍ରଦ୍ଧା, ଭକ୍ତି ଓ ବିନୟ ସହକାରେ ଏଠାରେ ଜଣେଇବାକୁ ପୁନଶ୍ଚ ଆବଶ୍ୟକ ହେଉଛି ଯେ, ଏଇ ଗ୍ରନ୍ଥାବଳୀର ସର୍ବାଙ୍ଗ-ସୌଷ୍ଠବ ସମ୍ପାଦନ ଓ ଗୌରବ ବିବର୍ଦ୍ଧନ ଦିଗରେ ଯେଉଁ ଉଦାରମନା ସଜ୍ଜନବୃନ୍ଦ ଆଶାତୀତ ଶ୍ରମ ସ୍ୱୀକାର କରିଅଛନ୍ତି, ଗ୍ରନ୍ଥକର୍ତ୍ତାଙ୍କ ପ୍ରତିକୃତି * ଏବଂ ଆବଶ୍ୟକ ପ୍ରବନ୍ଧାଦି ଯୋଗାଇଅଛନ୍ତି, ସେମାନଙ୍କଠାରେ ମଧ୍ୟ ମୁଁ ଚିରକୃତଜ୍ଞ ।

ବିଜେପୁର-ବୁଟିବେମାଲ,
ତା ୧-୩-୫୮ ଇସ୍ୱୀ

ବିନୀତ
ଗ୍ରନ୍ଥକାର

---

* ତୃଣାସନୋପବିଷ୍ଟ ପ୍ରତିକୃତିଟି ଶ୍ରୀଯୁକ୍ତ ବାବୁ କେଶବଚନ୍ଦ୍ର ମେହେରଙ୍କ କର୍ତ୍ତୃକ ପ୍ରଦତ୍ତ ।

# ପ୍ରତିଧ୍ୱନି

ହେ କର୍ତ୍ତବ୍ୟନିଷ୍ଠ ! ଗୁରୁ-ସମ୍ବୋଧନେ
ତୁମ୍ଭ ସଭକ୍ତି-ପ୍ରଣାମ,
ପାଏଁ ଯା' ପ୍ରଣାମ ମଣେନା' ତାହା ମୋ
ପାପହାରୀ ପ୍ରାଣାରାମ !

'ଗୁରୁ'-ଯୋଗ୍ୟତା ମୋ ଯାହା ଥାଉ ବାବା,
ତୁମ୍ଭେ ହିଁ ମୋ କର୍ମ-ଗୁରୁ,
କର୍ମରେ ଗୁରୁତ୍ୱ ଦେଖାଇବା ଲାଗି
ଖସିଅଛ ସ୍ୱର୍ଗପୁରୁ !

କିଏ ତୁମ୍ଭେ ? ତୁମ୍ଭ ଜୀବନର ଲକ୍ଷ୍ୟ
ପାଇଛୁ କେ' ପରିଚୟ ?
ତଥାପି ଅଚିହ୍ନା ହେବନି' ତାଙ୍କଠି
ଥିବ ଯାହାଙ୍କ ହୃଦୟ !

ଯେ ଭକ୍ତିରେ ବଣ- ମାଳଞ୍ଚର ମାଳା
ଗୁନ୍ଥି ବାକ୍ୟଦେବୀ ଗଳେ,
ଅର୍ପିଅଛ ଆଜି, ଚିହ୍ନିବେ ନିଶ୍ଚୟ
ଚିହ୍ନାରି ଥିଲେ ଉତ୍କଳେ ।

ନୀଳମଣି ବିଦ୍ୟା- ରତ୍ନଙ୍କ ସୁଗୁଣ
ସବୁ ମିଳେ ତୁମ୍ଭ ଗୁଣେ,
ସାଫଲ୍ୟ ଲଭିବ ଦିନେ ତା' ଅଛି ଏ
ବିଶ୍ୱାସ ମୋ ବହୁଗୁଣେ ।

ଗୃହ ଥାଇ ସୁଦ୍ଧା ସୁଶିକ୍ଷକ ତୁମ୍ଭେ
ଗୃହବନ୍ଧନେ-ସନ୍ନ୍ୟାସୀ,
ଜୀବନ-ସଂଗ୍ରାମେ ବ୍ୟାହତ ତଥାପି
ଲୋକହିତ ଅଭିଳାଷୀ !

(୧) 'ପ୍ରଭାତ' ତୁମ୍ଭର ମ୍ଳାନମୁଖୀ ସିନା
ପ୍ରଭାତ ଉଜ୍ଜ୍ୱଳତର,
ଧୈର୍ଯ୍ୟ, ଉଦାରତା, ବିନୟ, ସାରଲ୍ୟେ
ହୃଦୟ ତର ସୁନ୍ଦର ।
ପ୍ରଭାତର ଯେଉଁ ନିଃସ୍ୱାର୍ଥ-ସାଧନା
ଦେଖାଇଛ ଜନହିତେ,
ଅନୁସରଣୀୟ ଶିକ୍ଷଣୀୟ ତାହା
ଯୁବଜୀବନ-ସାହିତ୍ୟେ ।
"ଖଗେଶ୍ୱର ଗ୍ରନ୍ଥା- ବଳୀ" ଏହା ତୁମ୍ଭ
ଆଦର୍ଶ ଗୁରୁଦକ୍ଷିଣା,
ଅର୍ପି ଗୁରୁ କରେ ବାଗ୍‌ଦେବୀ-ପୀଠରେ
ଝଙ୍କାରିଛ ଭକ୍ତି-ବୀଣା ।
ହୃଦ-ମନ୍ଦିରେ ମୋ ବାଜିବାରୁ ଆଜି
ସେ ଭକ୍ତି-ବଲ୍ଲକୀ ତାନ,
ପ୍ରତିଧ୍ୱନି ଛଳେ ଉଠେ ସେ ତାନର
ତୁମ୍ଭର ଏ ଗୁଣଗାନ !
ବିଶ୍ୱକୁ ଯେ ଯାହା ଦିଏ ପାଏ ତାହା
ନୁହେ ତୁମ୍ଭଙ୍କୁ ଅଜଣା,
ଏ 'ପ୍ରତିଧ୍ୱନି'ଟି ଅଗ୍ରାହ୍ୟ ନହେବ
ଆଶା ରଖେ ମୋ ଧାରଣା !

ତୁମ୍ଭର
ଅକ୍ଷୟ ଯଶସ୍କାମୀ
**ଖଗେଶ୍ୱର**

---

(୧) 'ପ୍ରଭାତ'—ହାତଲେଖା ମାସିକ ପତ୍ରିକା ବିଶେଷ । ଏହା ପ୍ରତିମାସର ପୂର୍ଣ୍ଣିମାରେ ବାହାରିଥାଏ । କଳାପ୍ରାଣ ଓଡ଼ିଆଜାତିର କଳାବିକାଶିନୀ ଏଇ କ୍ଷୁଦ୍ର କଲେବର ପତ୍ରିକାଟି "ଖଗେଶ୍ୱର ଗ୍ରନ୍ଥାବଳୀ" ସଙ୍କଳୟିତା ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ପାଣିଗ୍ରାହୀଙ୍କଦ୍ୱାରା ସମ୍ପାଦିତ । ଦୁଃଖର ବିଷୟ, ଜାତିର ଏହି ଆଦର୍ଶ ପତ୍ରିକାଟି କେବଳ ସମ୍ପାଦକଙ୍କ ବ୍ୟତୀତ ଅନ୍ୟ କାହାରଠାରୁ ଆଶାନୁରୂପ ପ୍ରବନ୍ଧ, କବିତାଦି ସାହାଯ୍ୟ ପାଇପାରୁନାହିଁ; ତନ୍ନିମିତ୍ତ ଏଠାରେ ଉକ୍ତ ପତ୍ରିକାକୁ ବିଷାଦ ଯୁକ୍ତାପାତରେ ମ୍ଳାନମୁଖୀ ବୋଲି ନିର୍ଦ୍ଦେଶ କରାଯାଇଅଛି ।

# ସୂଚିପତ୍ର


| ବିଷୟ | ପୃଷ୍ଠା |
| --- | --- |
| ୧ । ଚଉତିଶା-ଚନ୍ଦ୍ରକଳା— | |
| (୧) ମଙ୍ଗଳାଚରଣ ... .. | ୧ |
| (୨) ସତ୍ୟ-ସମାଗ୍ରର ... ... ... | ୧୩ |
| (୩) ସଜନୀ ... ... ... | ୧୮ |
| (୪) ଗୁପ୍ତ ନିବେଦନ ... ... ... | ୨୨ |
| (୫) ନୂଆ ଭୂଆଷୁଣୀ ... ... ... | ୩୨ |
| (୬) ଭ୍ରମିତ କୋଇଲି ... ... ... | ୪୨ |
| (୭) ହରିଜନ ଗୁହାରି ... ... ... | ୪୫ |
| (୮) କନକଲତା ... ... ... | ୪୯ |
| (୯) କୃତ୍ରିମ-ସାଧନା ... ... ... | ୫୮ |
| (୧୦) ଚଷା-ମୁଲ୍‌କହସା ... ... ... | ୬୫ |
| (୧୨) ସୂକ୍ତି-ମାଳା ... ... ... | ୮୮ |
| (୧୩) ହଳଆଗ୍ରଇ ... ... ... | ୯୪ |
| (୧୪) ପ୍ରଭୁ-ଭକ୍ତି ... ... ... | ୧୦୧ |
| (୧୫) ଗରିବ ... ... ... | ୧୦୭ |
| (୧୬) ଅନ୍ତିମ-ଚିନ୍ତା ... ... ... | ୧୧୩ |
| ୨ । ନୃସିଂହନାଥ ... ... ... | ୬୫ |
| ୩ । ଚଇତ-ଅମାସ୍ୟା ... ... ... | ୧୨୧ |
| ୪ । ପ୍ରଣୟ-ନିର୍ଝର ... ... ... | ୧୪୫ |
| ୫ । ଆମେ ଗରିବ କାହିଁକି ? ... ... ... | ୧୬୯ |
| ୬ । ଅଶ୍ରୁ-ତର୍ପଣ ... ... ... | ୧୯୯ |
| ୭ । ପଏ୍‌ର୍ଙ୍କା ସଖି ... ... ... | ୨୨୫ |
| ୮ । ସୂକ୍ତି-ମୁକ୍ତାବଳୀ ... ... ... | ୨୪୫ |
| ୯ । ମହାପ୍ରଭୁ ... ... ... ... | ୨୮୯ |
| ୧୦ । ପଏ୍‌ର୍ଙ୍କା ସଖି (ମୁକ୍ତାନୁବାଦ) ... .. | ୩୦୯ |
| ୧୧ । ସୁରଙ୍ଗୀ ... ... ... ... | ୩୪୩ |
| ୧୨ । ଧନ୍ୟ-କଳିକାଳ ... ... ... | ୩୮୫ |
| ୧୩ । ବିଷାଦ-ନିଶା ... ... ... | ୪୦୩ |
| ୧୪ । ଉତ୍କଳ-କବିତା (ପ୍ରଥମ ଭାଗ) ... ... | ୪୨୫ |



ଶ୍ରୀ ଖଗେଶ୍ୱର ଶେଠ

# ଚଉତିଶା-ଚନ୍ଦ୍ରକଳା

# ମହେଶ୍ୱର ଗ୍ରନ୍ଥାବଳୀ

# ଚଉତିଶା-ଚନ୍ଦ୍ରକଳା

## ପ୍ରଥମ ଛାନ୍ଦ

## ମଙ୍ଗଳାଚରଣ

( ରାଗ—ଶୋକ କାମୋଦୀ )

ସତୀ ସରସ୍ୱତି,                ଶିବା ଶୋଭାବତି,
ରଖ ସାରସ୍ୱତ ଧର୍ମ-ଟେକ,
ତୋହ କୃପା ବିନା                ଗଢ଼ି ପାରିବ ନା'
ସରସ ସାର୍ଥକ ପଦ ଏକ;
କାବ୍ୟ ଆଲୋଚନେ,
ବନ୍ଧ ନୋହୁ ଧୀର ଚନ୍ଧ ବେକ;
ଦେବି, ମୋ ହୃଦୟ-                କମଳେ ଉଦୟ
(୧) କର ଯମକାଦ୍ୟ ବୃତ୍ତି, ଛେକ ! (କ)

ତୋ ପଦ ସେବାରେ                ଲଗିଛୁ ତ ବାରେ
କରୁଣା-କଟାକ୍ଷ ଢାଳି ଦେଖି,

---

(୧) ଯମକ—ଶବ୍ଦାଳଙ୍କାର ବିଶେଷ । ବୃତ୍ତ୍ୟନୁପ୍ରାସ, ଛେକାନୁପ୍ରାସ—ଏହା ଗୋଟିଏ ଗୋଟିଏ ଶବ୍ଦାଳଙ୍କାର ।

ଉପଦ୍ରବସମାପ୍ତ ଅବା ନନ୍ଦମାପ୍ତ
ନ କର ଲେଖମା ଧର-ଭେଖ;
ଛନ୍ଦ-ଜନନ ଗୋ,
ଛନ୍ଦ ନିୟମରେ ନ ପରଖ;
(୧) ପଦରେ କେବଳ ଚଉତିଶା-ବଳ
ବନାୟୁକ୍ତ ମଧ୍ୟ ହେବ କ-କ୍ଷ ! (ଖ)

ଏ ଖଣ୍ଡ-କବିତା- ବିଷୟୂଚ୍ଛବ ତା’
ନାମ ସହ ହେବ ଭାଗ ଭାଗ,
ମଲ୍ଲୀ ମାଳେ ଜାଇ ପରୀଏ ରଂଜାଇ
ଦେବ ଚିତ୍ର ଆଞ୍ଚଳକ ରାଗ;
ଭାଷାରୂପିଣି ଗୋ,
ଅନୁଭବ ରୁଚ ଅନୁରାଗ,
ଭାଷାର ପ୍ରସଙ୍ଗେ ଡାଲ ଭାତ ସଙ୍ଗେ
ପରଷିବ ସ୍ଥାନେ ସ୍ଥାନେ ଶାଗ । (ଗ)

ମାସ ଆଦରଣେ କବିତାର ରସେ
ଥିବ ଆଦ-ଶାନ୍ତ ମଧୁ-ମାଘ,
ସାହିତ୍ୟ-ଭୁବନେ ଏହି କାବ୍ୟ-ବନେ
ରଖିଥିବ ପଦ-ସିଂହ-ବାଘ;
ଦେଖି ଅବଭଳ,
ଦବବେ ଅବଜ୍ଞ ଗର୍ବୀସଘ;
କରୁଣ-ହୃଦୟା କର ମା’ ସୁଦୟା
ଘେନ ମୋହର ଭକ୍ତ-ଅରଘ । (ଘ)

"ଚଉତିଶା ଚନ୍ଦ୍ର- କଳା" ପୂର୍ଣ୍ଣଚନ୍ଦ୍ର
ଉତ୍କଳ-ସାହିତ୍ୟ-ନଭେ ହେଉ,
ରସିକ-କୁମୁଦ- ହୃଦେ ଢାଳ ମୁଦ
ଉଚ୍ଛୁଳାଉ ଭାବ-ସିନ୍ଧୁ ଢେଉ;

(୧) ବଳ—ଦୃଢ଼ତା ଅର୍ଥାତ୍ ନିୟମ ।

ରିଷ୍ଟନାଶିନି ଗୋ,
ନାଶ ଦୁଷ୍ଟ-ବିଘ୍ନବୃନ୍ଦ ଦାଉ,
ବୁଧ ହୃଦ-ଜୀବ- ଞ୍ଜୀବ ନିମନ୍ତେ ବି
ରସ-ସୁଧାଧାର ଝରିଯାଉ ! (ଙ)

(୧)ଏ କାବ୍ୟ-ଆପଣେ ମୁଁ ବଣିଆଁ ପଣେ
ରଖିବି ଶ୍ରୀଫଳ-ଅଳେଇଚ,
(୨)ସୁପତ୍ର ଶାକର ଧୂପ ନିଶାକର
ଗୁଆ ଖଦିର ଗୋଲମରିଚ;
ମହୁ ମହୁରୀ,
ଥିବ ସଇନ୍ଧବ ଶୁଣ୍ଠି ବଚ;
ଚିହ୍ନିବ ଗ୍ରାହକ ନୋହି ସନ୍ଦେହକ
(୩) ଚିହ୍ନିନେବେ କରି ଧୀ-ଖରଚ । (ଚ)

କବିତା ପରି ଏ ବଗିଚ୍ଛ ପରିଏ
ଲଗାଇବି ଭାବ-ଫୁଲଗଛ,
(୪) ମଲ୍ଲିକା ମନ୍ଦାର ଚମ୍ପକମନ୍ଦାର
ମୌଳିକତା-ଜଳ ରଖି ସ୍ୱଚ୍ଛ,
ଥିବ ଅଧିକରେ,
ମଧୁ ମାଳତୀ ନିଆଳୀ ଗୁଚ୍ଛ;
(୫)ପାଠକ-ମଧୁପ ନହେଲେ ମଧୁପ
ଆଶାରଖେଁ ନ ମଣିବେ ତୁଚ୍ଛ । (ଛ)

ତୋ ଧାରି ନମାନି କେତେ ଅଭିମାନୀ
ଲଭିଛନ୍ତି କବିପଦ ଆଜ,

(୧) ଆପଣ—ବଜାର, ଦୋକାନ । ଶ୍ରୀଫଳ—ନଡ଼ିଆ ।
(୨) ସୁପତ୍ର—ତେଜପତ୍ର । ଶାକର—ଚିନି । ନିଶାକର—କର୍ପୂର ।
(୩) ଧୀ—ବୁଦ୍ଧି, ଜ୍ଞାନ, ପ୍ରଜ୍ଞା ।
(୪) ମନ୍ଦା—ଗଛମୂଳରେ ଜଳ ରହିବା ସ୍ଥାନ ।
(୫) ମଧୁପ—ଭ୍ରମର, ମଉଆଲି ।

ପ୍ରାପ୍ୟ କବିପଦ- ଭୁଲେ ତାଙ୍କ ପଦ
ଭୁଲି ବସିଲେ କବିଙ୍କୁ ଲାଜ;
ଜ୍ଞାନବରଦେ ଗୋ,
ଆନ କଥାମାନ ଦୂରେ ତେଜ;
ମୋ ପ୍ରତି ଅରୁଣା- ଧର ! ତୋ' କରୁଣା
ଝରିବ କି ନା' ମାନସେ ହେଜ ! (ଜ)

ନିମିତ୍ତ ମାତର ମୁହିଁ ଏ ଗୀତର
ତୁ ନିଜେ ମୂଳ କାରଣ ବୁଝି,
(୧)ପ୍ରତିଭା-କୃପାଣୀ ଘେନି ବୀଣାପାଣି,
ଜଡ଼ତା-ରାକ୍ଷସୀ ସଙ୍ଗେ ଯୁଝି;
ବିଘ୍ନହାରିଣି ଗୋ,
(୨) ହର ବାଧାବିଘ୍ନରାଶି-ଓଝି;
ମୋତେ ନୁହେ କିଛି ଯା' ନାମ ଟେକିଛି
ତା ମୁଣ୍ଡେ ନିନ୍ଦା-ପ୍ରଶଂସା-ବୋଝି । (ଝ)

ଖ୍ୟାତି ମୋର ଚିତ୍ତ ନ ଆଣେ କମ୍ପିତ
ଦେଖି ଗୁଣଗ୍ରାହୀ ସାଧୁ ଜ୍ଞାନୀ,
(୩)ଉଦ୍ଧତ କେବଳ ଦୁଷ୍ଟ ମହାବଳ
ଦୋଷୈକ-ଦରଶୀ ଅଭିମାନୀ;
କଳିକାଳର ଯେ,
(୪) ରୂଳକ ଅପୂର୍ବକାଳ-ଶନି;
(୫)ସୁରଚକ-ଶିଖି ସୁରଚନ୍ଦ-ଶିଖି
(୬) ଜାଳକ ଅ-ପୂର୍ବ "କାଳ-ଶନି" । (ଞ)

---

(୧) କୃପାଣୀ—ଛୁରୀ ।
(୨) ଓଝି—ବର୍ଗମୂଳ ଅର୍ଥାତ୍ ଯେଉଁ ରାଶି (ସଂଖ୍ୟା) ଆପଣାଦ୍ୱାରା ଗୁଣିତ ହୁଏ, ତାହା ସେହି ଗୁଣନଫଳର ଓଝି ବା ବର୍ଗମୂଳ । ଯଥା—ପାଞ୍ଚକୁ ପାଞ୍ଚରେ ଗୁଣିଲେ ପଚିଶି ହୁଏ, ଅତଏବ ପାଞ୍ଚ ସଂଖ୍ୟାଟି ପଚିଶର ବର୍ଗମୂଳ ।
(୩) ମହାବଳ—ବ୍ୟାଘ୍ର । (୪) ଅପୂର୍ବକାଳ—ବର୍ତ୍ତମାନ କାଳ । (୫) ସୁରଚକ-ଶ୍ରୀ—କବିଯଶଃ । ସୁରଚନ୍ଦଶ୍ରୀ—ସୁମେରୁ ପର୍ବତର ନୈସର୍ଗିକ ଶୋଭା । (୬) ଜାଳକ—

ଦୋଷେ ଆଦରଣ          ଗୁଣରେ ନୀରସ-
କ୍ଷୀରସମ ଯାର ହୃଦ-ପାଟ,
ଦର୍ପଣ କୁତାକୁ          ଦେଲପରେ ଚାର୍ଜ୍ଜ,
ଦେଖାଇ ନହୁଏ ଧର୍ମବାଟ ।
ମିଷ୍ଟ କ୍ଷୀର ପାନେ,
ଉଦ୍‌ଗାରଇ ବ୍ୟାଳ କାଳକୂଟ;
ପ୍ରକୃତି ପ୍ରକଟ          ନ ଛୁଟେ ମର୍କଟ
ପିନ୍ଧିଲେ ସୁଦ୍ଧା ସ୍ୱର୍ଣ୍ଣମୁକୁଟ । (ଟ)

ଖଳ ନନ୍ଦା ଅତି-          ରଞ୍ଜନରେ ଅତି
ଦୂଷ୍ୟ ହୋଇପାରେ ଗ୍ରନ୍ଥପାଠ,
କଲେହେଁ ନନ୍ଦନ          ଅଥବା ବନ୍ଦନ
ଚନ୍ଦନ ନହୁଏ ଗୁଇଁକାଠ;
ଶ୍ଳୋକଦାୟିନି ଗୋ,
ତୋ' କରୁଣା କବି-କଳ୍ପକୁଠ;
ଏ ଛନ୍ଦ-ସଙ୍ଗୀତ          ରସ ତରଙ୍ଗିତ
ସାହିତ୍ୟ-ଗଙ୍ଗାର ହେଉ ଭୁଠ । (ଠ)

ଆସ ମା ଭାରତି,          ତୋଳୁଛି ଆରତି-
ସ୍ୱରୂପ ଭକତି-ପଦ୍ମନାଡ଼,
ହଂସପୃଷ୍ଠ ତେଜ          ପ୍ରତିଭାର ତେଜଃ
ପ୍ରକାଶି ମୋ ହୃଦାସନ ମାଡ଼;
ଜାଡ୍ୟନାଶିନି ଗୋ,
ସମୂଳେ ଜାଡ୍ୟ-ତୃଣ ଉପାଡ଼;
ସାଧନା-ବ୍ରତଟି          ବିଘ୍ନ-ଗ୍ରସ୍ତଗତ
ନଟିଙ୍କିବେ ଦିଅ କୃପା-ବାଡ଼ । (ଡ)

ମୁଁ ତ' ଅବିବେକ          ବିଘ୍ନ-ଅବ ବେକ
ଛେଦନେ ତୋ ଶକ୍ତି-ଖଡ୍‌ଗ ଦାଢ଼,

ଦହନକାରି । ଅ-ପୂର୍ବ 'କାଳ-ଶନ'—'କାଳ'ର ପୂର୍ବରେ ଓ 'ଶନ'ର ପୂର୍ବରେ 'ଅ' ପ୍ରଯୁକ୍ତ ହେଲେ "ଅକାଳ ଅଶନ" ହେବ । ଅଶନ—ବଜ୍ର ।

ବନ୍ଧ ନୋହିବ ତ'　　ଧାତୁଅସ୍ତ୍ର ବତ
ଭରସା ମୋହର ଅଛି ଗାଢ଼;
ବୀଣାଧାରିଣି ଗୋ,
ନ ମଣ ଏ କଥା କଛି ଗୂଢ଼;
ହେ ଦେବୀ ସାରଳେ　　ନିସର୍ଗ ସାରଲ୍ୟେ
ଦୃଢ଼ତା ପୋଷିଛି ମହାମୂଢ଼ । (ଢ଼)

ପଢ଼ିନାହିଁ ବେଦ,　　ବେଦାଙ୍ଗୋପବେଦ,
ଉପନିଷଦ, ସ୍ମୃତି, ପୁରାଣ,
କାବ୍ୟ, ଅଭିଧାନ,　　ସାହିତ୍ୟ ବିଧାନ-
ଅଳଂକାର ଆଦି ଭଲେ ଜାଣ;
ଭ୍ରାନ୍ତିବାରିଣି ଗୋ,
ଭାଷା-ଭ୍ରାନ୍ତି ମୋର ତା' ପ୍ରମାଣ;
ତଥାପି ସାରଳା,　　ଦୟାରେ ତରଳା
ନହେଲେ ତୁ' ଶିଳାଠାରୁ ଟାଣ । (ଣ)

ଅଭୀଷ୍ଟ ବରଦା　　ଯେଣୁ ତୁ' ଶାରଦା
ଲଙ୍ଘୁଛି ମୁଁ ପଙ୍ଗୁ ପରବତ,
ଯଶୋ-ସୁଧାକର　　ଲଭିବାକୁ କର
ବଢ଼ାଉଛି ହୋଇ ଖର ବତ;
ମୋର ଦୁଃସାହସେ,
ହସିବେ ନାହିଁ ତ ସୁପଣ୍ଡିତ;
ସିଂହିକା କୁମର　　ଛଳନା ଗୁମର
ରଖି ହେଲା ସିନା ବିଖଣ୍ଡିତ । (ତ)

ନୁହେ ଆସ୍ପରଧା　　ବଳୁଛି ଶରଧା
ଭଜିବି ଭଞ୍ଜସାହିତ୍ୟ-ପଥ,
ମାନି ମୁଁ ଶକଟ　　ପଡ଼ିଲେ ସଙ୍କଟ
ଅଟକିବ ସେ' ତ ବ୍ୟୋମରଥ;

ଯେହୁ ସମରଥ,
ସ୍ୱପଥେ ନେବାକୁ ପଦ-ଅର୍ଥ;
ପଦସାମ୍ୟ ଆଣି ତାଙ୍କ ତୁଲେ ଆଣି
ଦେଖାଇବ କାହୁଁ ମୋ ସାମର୍ଥ୍ୟ । (ଥ)

ଦୋଷ ମଧ୍ୟୁଁ ଗୁଣ ଆହର ଦ୍ୱିଗୁଣ
ଆନନ୍ଦ ଲଭଇ ସାଧୁହୃଦ,
ସକଳଙ୍କ ଚନ୍ଦ୍ର ହେଲେ ମଧ ଚନ୍ଦ୍ର-
କାନ୍ତ ତା' କରଣେ ଲଭେ ମୁଦ ।
ଏହୁ ଆଶା ଘେନ,
ସଭାଗେ ମୁଁ ଯୋଡ଼ୁଅଛୁ ପଦ;
ଗୋଲାପେ କଣ୍ଟକ ଥିଲେହେଁ କଣ୍ଟକ
ରସଗ୍ରାହୀ ତା'ର ଷଟପଦ ! (ଦ)

ଯେଉଁ ସାଧୁମନ ସ୍ୱର୍ଗୀୟ-ସୁମନ
ପରି ଅମ୍ଳାନ ଶୁଦ୍ଧ ସୁବୋଧ,
ମାନ ଅପମାନ ଯା' ଜ୍ଞାନେ ସମାନ
ଯେହୁ ଆତ୍ମଜିତ ବୀତକ୍ରୋଧ;
ପ୍ରେମଦୃଷ୍ଟିରେ ଯେ,
ଅଭେଦ ମଣନ୍ତି ଉଦ ଦୁଧ;
ତାଙ୍କର ଆଗରେ ଏହା ସଭାଗରେ
ଗୃହୀତ ହେବାର ଅବରୁଦ୍ଧ । (ଧ)

ସାଧୁ ଭଗବତ ସ୍ୱୟଂ ଭଗବତ
କରେ ତେଣୁ ସାଧୁଗୁଣ ଗାନ,
ଭବ-ଅକୂପାର ହୋଇବାକୁ ପାର
ସାଧୁସଙ୍ଗ ଏକା ଜଳଯାନ;
ସାଧୁଜନ ଠାରେ,
ତୁଚ୍ଛ ଦ୍ରବ୍ୟ ସୁଦ୍ଧା ମୂଲ୍ୟବାନ;
ଯେପରି ସ୍ପରଶ- ମଣିର ପରଶ
ଲଭି ଲୌହ ହୁଏ ମୂଲ୍ୟବାନ । (ନ)

ରଜ୍ଜୁ-କ୍ରୀଡ଼ା ସମ    ଅତୀବ ବିଷମ
ଗଠନ କରିବା କାବ୍ୟରୂପ;
ବିଚଳିତ ପଦ    ଘଟାଏ ବିପଦ
କବିଭାଗ୍ୟେ ଖୋଲି ନିନ୍ଦା-କୂପ;
ଯହିଁ ପରିପୂର୍ଣ୍ଣ,
ଦୁର୍ଜନ ଟାପରି-ପଙ୍କିଳାପ;
ନିଶ୍ଚଳ ଚରଣ    କବିର ମରଣ
ନୁହେ ସାଧାରଣ ଲଜ୍ଜା-ତାପ । (ପ)

ବରଷାକାଳୀନ    ପ୍ରବାହ ମଳିନ
ଯେପରି ନ ହେବାଯାଏ ବାଫ,
ରଚନା ସେପରି    ରଚକର ପରି-
ମାର୍ଜନାରେ କେବେ ନୁହେ ସାଫ;
ବୁଧ ସମାଜରେ,
ବିନୟରେ ତେଣୁ ମାଗେ ମାଫ;
ସାହିତ୍ୟ-କାନନ    ଲଭି ପଞ୍ଚାନନ
ନ ହେଉନ୍ତୁ ଘୋଟକ ଜିରାଫ । (ଫ)

ସୁସମ ସଲିଳ    ଥିଲେହେଁ ସଳିଳ
ଜଳୌକା ନ ଗ୍ରହେ ବହିଭାବ,
ସେଭଳି ଦୁର୍ଜନ    ଦୋଷକୁ ବର୍ଜନ
କରେ ତଥାପି ସାଧୁ ସ୍ୱଭାବ;
ତଥି ଯେଉଁପରି,
ନ ଧାଏ କର୍ଣ୍ଣକେ ପରାଭବ;
ବରଞ୍ଚ ବିଷମ-    ଗଣ୍ଡେ ମିତ୍ର ସମ
ଉଦ୍ଧରଇ ତାକୁ ଅତି ଜବ । (ବ)

ଶ୍ୱେତପଦ୍ମାସନେ    ବସ ମୋ ରସନେ
ରସ-ଯଶ ନିନ୍ଦୁ ଧବଳାଭ,
ସଙ୍କଳ୍ପେ ମରଣ-    ଯାଏ ବିଘ୍ନ-ରଣ
ଲଗୁ ପଛେ ହେଉ ସିଦ୍ଧିଲାଭ;

ଦୁରୁଜନ ଭୟେ,
ଦୂର ହେଉ ମୋର ଚିତ୍ତ କ୍ଷୋଭ;
କାୟ-ମନ-ଗିରେ ଯେ କବି ଭଙ୍ଗୀରେ
ସାଧୁଗୁଣେ ସଦା ବଢ଼ୁ ଲୋଭ । (ଭ)

"ମଙ୍ଗଳାଚରଣ" ନାମଟି ଧାରଣ
କରିଛି ଏ ଗ୍ରନ୍ଥ ପରଥମ,
ବାଗ୍‌ଦେବୀ ବନ୍ଦନ କବି ନିବେଦନ
ବିଷୟରେ ହୋଇ ମନୋରମ;
ମଧ୍ୟ-ଯମକରେ,
ଅଲଂକୃତ ପୁଣି ପଦକ୍ରମ;
ଏପର ବିଧିରେ କ୍ଷମ ହେ ସୁଧୀରେ
ଅକ୍ଷମ କବିର ଦୋଷ ଭ୍ରମ । (ମ)

"ସତ୍ୟ-ସମାଚାର" ସତ୍ୟ-ଧର୍ମାଚାର
ସୂଚନା ଦେବ ଗ୍ରନ୍ଥ ଦ୍ୱିତୀୟ,
ତୃତୀୟ ଗ୍ରନ୍ଥରେ କଣୋଟି କାନ୍ଦରେ
ଢାଳିବ "ସଜନୀ" ପ୍ରେମାମିୟ;
ପ୍ରେମ-ପ୍ରସଙ୍ଗରେ,
"ଗୁପ୍ତ-ନିବେଦନ" ରମଣୀୟ;
ଚତୁର୍ଥ ଉଲ୍ଲାସେ ତାହା ସମୁଲ୍ଲାସେ
ପଢ଼ିବେ କବି ସାହିତ୍ୟପ୍ରିୟ । (ଯ)

ପଞ୍ଚମରେ "ନୂଆ- ଭୂଆସୁଣୀ" ନୂଆ
ଗ୍ରନ୍ଥେ ଗଢ଼ା ହୋଇ ମନୋହର,
ଏ ଗ୍ରନ୍ଥ ପଠନେ ଚରିତ୍ର ଗଠନେ
ସାହାଯ୍ୟ ପାଇବେ ନାରୀନର;
ଗ୍ରନ୍ଥ ଯଥାକ୍ରମେ,
"ପ୍ରଭାତ କୋଇଲି" ଭକ୍ତିସାର;
ହରି କରେ ହର- ପର ଯିବ "ହରି-
ଜନ ଗୁହାରି"ରେ କୁସଂସ୍କାର । (ର)

ଯଦ୍ୟପି ଗାଇବ ନଷ୍ଟେ ବୁହାଇବ
"କନକଲତା" ଲୋତକ ଜଳ,
"କୃତ୍ରିମ ସାଧନା" କୃତ୍ରିମ-ସାଧନା-
କାରିର ଚଖାଇଦେବ ଫଳ;
ଚଷା-ମୁଲ୍‌କହସା,
ପଢ଼ିଲେ ହସିବ କୃଷୀବଳ;
"କାଳିଆଠାକୁର" କଳିବ ଠାକୁର-
ସେବକଙ୍କ ସ୍ୱାର୍ଥ-କଉଶଳ । (ଲ)

ପାଠକର ଚିତ୍ତ ମୋହି ସୁଗୋଚର
ନୀତିଶିକ୍ଷା "ସୂକ୍ତମାଳା" ଦେବ,
ପଢ଼ିଲେ "ହଳିଆ- ଭାଇ"ଙ୍କ ହଳିଆ
ଗୋରୁକୁ ମଣିବ ଗୁରୁଦେବ;
"ପ୍ରଭୁଭକତି"ରେ,
ଚଉତିଶା ବୃତ ମଧ୍ୟେ ଥିବ;
ପ-ପୂର୍ବାନୁପ୍ରାସ ଦେଇଛୁ ଯେ ପ୍ରାସ
କବି ବିନା ତାହା କେ ବୁଝିବ ? (ବ)

ପଢ଼ିଲେ "ଗରିବ" ନିରେଖି ପାରିବ
ନିରାହ ଦୁଃଖୀ ମୂଲିଆ କ୍ଳେଶ,
"ଅନ୍ତିମ-ଚିନ୍ତା"ରେ ଚିନ୍ତାର ଚିତାରେ
କରିବ ମାନସ ପରବେଶ;
ଜ୍ଞାନ-ନୟନରେ,
ଦେଖିବ ଯେକାଳେ ଜ୍ଞାନ-ଈଶ;
ଚିହ୍ନିବ ଅସାର- ସଂସାରର ସାର
ବନ୍ଧୁ କଏ ଗୃହେଁ ଦଶଦିଶ । (ଶ)

ନିଜର ରଚନା- ଉତ୍କର୍ଷ ସୂଚନା
ଦେବାରେ କି ଅଛୁ ପଉରୁଷ;
ପ୍ରୟୋଜନ ଛଳେ ଏ ଭାବ ଉଛଳେ
ନିୟମିତ ଯେଣୁ ପଦ-କୃଷ;

ଆତ୍ମଶ୍ଳାଘା-ଭ୍ରଷ୍ଟ,
ନୁହେ ଏହା ମୋର ହେ ବଦୁଷ୍ଟ;
ଅରୁଣ ବରଣ          କରେ ଯା ଧାରଣ
ରଣ ଅଭିଳାଷୀ କବା ଉଷ । (ଷ)

* ନରହର ! ହର          ତ୍ରାଏ ତମ ହର
ହେଲ ଅବନୀରେ ଅବତଂସ,

---

* ଚତୁର୍ଯୁଗର ସଂକ୍ଷିପ୍ତ ଟୀକାର୍ଥ:—

ସତ୍ୟଯୁଗ—ନରହର—ନୃସିଂହ । ପରମହଂସ—ପରମାତ୍ମା । ରାଜସୁନ୍ଦର—ଆଦର୍ଶ-କ୍ଷତ୍ରିୟ । ମୁରାସୁର—ମୁରରାକ୍ଷସ । ବାମନ—ବାମନାବତାର । ବଳ—ବିରୋଚନ-ପୁତ୍ର । କ—ମସ୍ତକ । ପଦ—ପାଦ । ତାମରସ—ପଦ୍ମ । ଧାତାଧର୍ମ—ବ୍ରହ୍ମାଙ୍କର ବରପ୍ରଦାନ ନିୟମ । ଭକ୍ତ—ପ୍ରହ୍ଲାଦ । ବାମାବତାର—ମାଳତୀକନ୍ୟା ଅବତାର । ଦେବବିଗ୍ରହ—ପ୍ରତିମା ରୂପ ।

ତ୍ରେତାଯୁଗ—ବୀରହର—ବୀରସିଂହ ରାମଚନ୍ଦ୍ର । ପରମହଂସ—ମୁକ୍ତାତ୍ମା । ଆଜ-ସୁନ୍ଦର—(ଅଜବଂଶୀୟ ଆଜ) ରାମଚନ୍ଦ୍ର । ଖରାସୁର—ଖର ନାମକ ରାକ୍ଷସ । ବାଲି—କପିରାଜ । କ—ଆତ୍ମା । ପଦ—ଉପଦେଶାତ୍ମକ ବାକ୍ୟ । ପିତାଧର୍ମ—ଦଶରଥ ରାଜାଙ୍କର ସତ୍ୟତା । ଭକ୍ତ—ହନୁମାନ, ବିଭୀଷଣ । ରାମାବତାର—ଶ୍ରୀରାମ ।

ଦ୍ୱାପରଯୁଗ—ଶୂରହର—କ୍ଷତ୍ରିୟଶ୍ରେଷ୍ଠ ଶ୍ରୀକୃଷ୍ଣ । ପରମହଂସ—ଯୋଗୀଶ୍ୱର ବା ଯୋଗେଶ୍ୱର । ବ୍ରଜସୁନ୍ଦର—ଶ୍ରୀକୃଷ୍ଣ । ସୁରାସୁର—ସୁର ଓ ଅସୁର (ଦେବତା—ଇନ୍ଦ୍ର, ବରୁଣ, ବ୍ରହ୍ମା ଅନ୍ଦ; ରାକ୍ଷସ—କଂସ, କେଶୀ ପ୍ରଭୃତି) । ଦମନରୂପ—ଦମନକାରୀ ସ୍ୱରୂପ । କାଳି—କାଳୀୟ ସର୍ପ । କ—ମସ୍ତକ ଅର୍ଥାତ୍ ଫଣା । ପଦ—ପାଦ । ଗୀତାଧର୍ମ—ଭଗବଦ୍‌ଗୀତାର ନୀତି । ଭକ୍ତ—ଅର୍ଜୁନ । ଶ୍ୟାମାବତାର—ଶ୍ୟାମସ୍ୱରୂପ, ରଙ୍ଗାବତାର ।

କଳିଯୁଗ—ଗୌରହର—ଚୈତନ୍ୟଦେବ । ପରମହଂସ—ସିଦ୍ଧପୁରୁଷ । ଦ୍ୱିଜସୁନ୍ଦର—ଆଦର୍ଶ ବ୍ରାହ୍ମଣ । ନରାସୁର—ପାଷଣ୍ଡ; ଜଗାଇ, ମାଧାଇ ପ୍ରଭୃତି । କମନ ରୂପ—ଭେକାଶ୍ରିତ ସୁନ୍ଦର ରୂପ । କଳି—ଚତୁର୍ଥ ଯୁଗ । କ—ପାପ । ପଦ—ମହାମନ୍ତ୍ର, ତିଳକଧାରଣ ନୀତି । ଭକ୍ତ—ଅଦ୍ୱୈତାଦି ଭକ୍ତଗଣ । ପ୍ରେମା-ବତାର—ଗୌରାଙ୍ଗ ପ୍ରଭୁ ।

ସାଧୁ ଭକ୍ତ ନରେ ତୁମ୍ଭଙ୍କୁ ଧ୍ୟାନରେ
ଭଜିଲେ ମଣି ପରମହଂସ;
ଭୁଜସୁନ୍ଦର ହେ,
ମୁରାସୁର ଦର୍ପ କଲ ଧ୍ୱଂସ;
ବାମନ ରୂପରେ ବଳି-କ' ଉପରେ
ପ୍ରଦାନିଲ ପଦ-ତାମରସ । (ସ)

ଧାତାଧର୍ମ ରକ୍ଷି ହୃଦପୃ ପରଖି
ଦେଖାଇଲ ଭକ୍ତେ ଦିବ୍ୟ ସ୍ନେହ,
ବାମାବତାର ହେ କେହ୍ନେ ତ ନ ରହେ
ଚିରଦିନ; ବିସର୍ଜିଲ ଦେହ,
କୃପାଭିକ୍ଷୁ ଠାରେ,
ଡ଼ାଳ ଥରେ ଦେବ ଅନୁଗ୍ରହ;
ରକତ ଛପାଇ ଭକତଙ୍କ ପାଇଁ
ବହିଅଛ ତ ଦେବବିଗ୍ରହ । (ହ)

ଦତ୍ତଚ୍ୟୁତାକ୍ଷର- ଅଳଂକାରେ କ୍ଷର-
ସଂଖ୍ୟା ଯୁଗ ଦେବେ କରି ଲକ୍ଷ୍ୟ,
ଭକ୍ତ ବିନୟରେ ତାଙ୍କ ଶ୍ରୀପଦ୍ମରେ
ପ୍ରଣତ ହେଉଛି ଏ ଅରକ୍ଷ;

---

କଳିଯୁଗ—ଅନ୍ୟ ଅର୍ଥରେ:—ଧୀରହର—ଧୈର୍ଯ୍ୟଶାଳୀଶ୍ରେଷ୍ଠ, ମହାତ୍ମା ଗାନ୍ଧି । ପରମହଂସ—ମହାପୁରୁଷ, ପୁଣ୍ୟାତ୍ମା । ଭୁଜସୁନ୍ଦର—ଚିରକର୍ମା, କର୍ତ୍ତବ୍ୟ-ପରାୟଣ, ଆଜାନୁଲମ୍ବିତ ଭୁଜ । ଗୌରାସୁର—ଗୋରା; ଇଂରାଜରୂପୀ ରାକ୍ଷସ । ସୁମନ—ସ୍ଥିରମନା, ଉତ୍ତମମନା, ବିଶ୍ୱହିତୈଷୀ । କୌଳିକ—କୁଳାଭିମାନୀ, ଜାତ୍ୟଭିମାନୀ, ଆଭିଜାତ୍ୟସମ୍ପନ୍ନ, ରକ୍ଷଣଶୀଳ । ଅଥବା, କଳି—କ'—ଭୂମଣ୍ଡଳବ୍ୟାପୀ ମହାଯୁଦ୍ଧରୂପକ ବିଷ । ପଦ—ସରଳ ସୂତ୍ର, ସତ୍ୟାଗ୍ରହଣ । ଜେତାଧର୍ମ—ଅହିଂସାନୀତି । ଭକ୍ତ—ଅହିଂସାବାଦୀ ଦେଶସେବକ । କ୍ଷମାବତାର—ସହିଷ୍ଣୁତାର ମୂର୍ତ୍ତି । ଦେବବିଗ୍ରହ—ସୂକ୍ଷ୍ମଶରୀର । ହରି—ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, କିରଣ, ବିଷ୍ଣୁ । ତମ—ଅନ୍ଧାର, ପାପ, ତମୋଗୁଣ । ଦତ୍ତଚ୍ୟୁତାକ୍ଷର—ଶବ୍ଦାଳଙ୍କାରବିଶେଷ । କ୍ଷର—ମେଘ । କ୍ଷୀର—ପାଣି ଓ ଗୋରସ । ଶ୍ୱେତକ୍ଷୀର—ଏ ସ୍ଥଳରେ ଦୁଗ୍ଧ । ଶ୍ୱେତପକ୍ଷ—ହଂସ ।

ଯେନ ସୁଚତୁରେ,
ଭାବୁକ ସାହିତ୍ୟ-ତର୍କଦକ୍ଷ;
ଦୋଷ-ଗୁଣ କ୍ଷୀର- ମଧୁଁ ଶ୍ୱେତକ୍ଷୀର
ଗ୍ରହଣରେ ହୁଅ ଶ୍ୱେତପକ୍ଷ (କ୍ଷ)

## ଦ୍ୱିତୀୟ ଛାନ୍ଦ

# * ସତ୍ୟ-ସମାଚାର

(ରାଗ—ଷଟ୍‌ପାଦୀ ଗୁଜ୍ଜରୀ)

(୧) କଳି ଛାଡ଼ିଲେ କଳି ଶେଷ କରିବ ସତ୍ୟ ପରବେଶ;
କୂଟ କୌଶଳ କୁବିଚାର କ୍ରୂର କପଟୀ-ଅତ୍ୟାଚାର;
କଳିର ବନ୍ଧୁ ଏ ଯେତେକ କଟିବ ସଭିଙ୍କର ବେକ (କ)

ଖଳ ପାଷଣ୍ଡ ହିଂସା ପାପେ ଖତମ ହେବେ ଆପେ ଆପେ;
ଖାତକେ ସାହୁକାର ଲାଗି ଖାଇବେ ନାହିଁ ଆଉ ମାଗି;
ଖଜଣା ହେବ ପରଜାର ଖସିବେ ରାଜା ଜମିଦାର । (ଖ)

ଗଞ୍ଜାଇ ମଦ ଜୁଆ ପଶା ଗ୍ରାମରୁ ଯିବ ଏ ବେବସା;
ଗଣ୍ଡା-ବ୍ରାହ୍ମଣ ଜାତିଭେଦ- ଗର୍ବ ମେଣ୍ଟାଇଦେବ ବେଦ;
ଗରିବ-ଧନୀ ଏକାକାର ଗଢ଼ିବ ସତ୍ୟ ରାଜ୍ୟ ତାର । (ଗ)

---

* ୧୯୪୨ ଖ୍ରୀଷ୍ଟାବ୍ଦରେ ବୋଡ଼ାସମ୍ବର ଓ ଫୁଲଝର ଅଞ୍ଚଳର ମୋର କେତେକ ବନ୍ଧୁ ମୋତେ ପଚାରିଲେ, "ଶେଠ ମହାଶୟ, "ଚେତାବନୀ"ରେ ଲେଖା ହୋଇଥିବା କଥା ସବୁ ସତ କି ? ଅର୍ଥାତ୍ ୧୯୪୩ ଅଗଷ୍ଟ ୧ ତାରିଖରେ କଳିଯୁଗ ଶେଷ ହେବ—ସତ୍ୟଯୁଗ ପୁଣି ଆସିବ; କଲ୍‌କିରୂପୀ ଭଗବାନ ଘୋଡ଼ା ଉପରେ ଚଢ଼ି ପାପୀମାନଙ୍କୁ ସଂହାର କରିବେ—ଇତ୍ୟାଦି ।" ସେମାନଙ୍କର ଉକ୍ତ ପ୍ରଶ୍ନର ପ୍ରତ୍ୟୁତ୍ତର ପ୍ରଦାନ ଉଦ୍ଦେଶ୍ୟରେ ସେହି ସମୟରେ ଏହି କବିତାଟି ଲିଖିତ ହୋଇଥିଲା ।

—ଲେଖକ ।

ଚେତାବନୀର ପ୍ରଣେତା—ପରମହଂସ ଶ୍ରୀ ୧୦୮ ସ୍ୱାମୀ ରାଜନାରାୟଣ ଷଟ୍‌ଶାସ୍ତ୍ରୀ ଜ୍ୟୋତିଷଭୂଷଣ ଭକ୍ତିଯୋଗାଚାର୍ଯ୍ୟ ।

(୧) କଳି—ଅବିଦ୍ୟାଜନିତ ଯାବତୀୟ ବିବାଦ ।

ଘନଷ୍ଟ ସ୍ନେହ ସରଳତା ଘେନ ଫୁଟିବ ମାନବତା;
ଘୋଷଣା ଛଳେ ପ୍ରାପ୍ତ ଧନ ଘରକୁ ଆଣିଦେବେ ଜନ;
ଘନ ବର୍ଷିବ ଯଥାକାଳେ ଘାସ ଶୁଖିବ ଗୋରୁଶାଳେ । (ଘ)

ଙଲଙ୍ଘା ଧର୍ମ ସମୁଦାୟ ଙଠାଇଦେବ ସତ୍ୟ-ନ୍ୟାୟ;
(୧)ଙକ୍କୋଚେ ନ୍ୟାୟାଧୀଶେ ତୋଷି ଙଗୁର ଯିବ ନାହିଁ ଦୋଷୀ ।
ଙମରେ ହେଲେ ମଧ୍ୟ ସାନ ଙପାସ୍ୟ ହେବ ଗୁଣବାନ । (ଙ)

ଚୁଟୁପଟୁଙ୍କ ଫାନ୍ଦ-ଫନ୍ଦ- ଚୁଲାଗି ସବୁ ହେବ ବନ୍ଦ;
ଚେହେରା ସଜା ବାବୁଗିରି ଚେମଲମଖା ମୁଖଶିରୀ;
ଚଶମା ଆଖି-ଚୁଖି ଠାଣି ଚଞ୍ଚଳ ନେବେଏ ମେଲାଣି । (ଚ)

ଛୁନା ଘରେ ବ ସୁନା ହାର ଛୁଇଁବେ ନାହିଁ କେ କାହାର;
ଛେଦ ଚୋରର ଦୁଇ ବାହା ଛଡ଼ା ଯିବ, ସେ କରୁ ଯାହା;
ଛ'ମାସ ପୋଷି ବନ୍ଦୀଘରେ ଛୁଡ଼ି ଦେଲେ କ ଚୋର ଡ଼ରେ ?(ଛ)

ଜଟାଧାରୀଏ ଶତା କାଟି ଜଗିବେ ନାହିଁ ଚଉପାଠୀ;
ଜଞ୍ଜାଳ ହେବ ଯେ ଚମ୍ପଟ ଜଙ୍ଗଲେ ବନାଇବ ମଠ;
ଜନେ ବୁଝିଲେ ବେଦମର୍ମ ଜାଣି ପାରିବେ ସତ୍ୟ-ଧର୍ମ । (ଜ)

ଝାଡ଼େ ଉଚତ ବ୍ୟବସାୟ ଝଳବ ଲର୍ଦ୍ଧି ଅନ୍ତରାୟ;
ଝିଅ ବହୁ ସ୍ୱେଚ୍ଛାମତେ ଝଟତ୍ତି ବନ୍ଦ ହେବ ସତ୍ୟେ;
ଝଗଡ଼ା-ମଦେ ମାତ୍ତ ଜନ ଝାଡ଼ିବେ ନାହିଁ ଆଉ ଧନ । (ଝ)

ଞର୍ମଳ ହେଲେ ମନ ଜ୍ଞାନ ଞନ୍ଦା ଶୁଣିବ ନାହିଁ କାନ;
ଞଜର ଦୋଷ ଞଜ ଜ୍ଞାନେ ଞର୍ଣ୍ଣୀତ ହେବ ସର୍ବସ୍ଥାନେ;
ଞଃଶ୍ୱାସ ଥିବାଯାଏ ଞର ଞଷ୍ଠା ରଖିବ ଧରମର । (ଞ)

'ଟକଲ' 'ତନ୍ତ' ବା 'ଚରଖା' ଟଙ୍କାର ଟଙ୍କ ହେବ ରଖା;
(୨)ଟିଙ୍ଗାଲି ଭଷା ଇଙ୍ଗିରାଜୀ ଟେକପଣ ତା' ଯିବ ଭାଜି;
(୩)ଟଳଲେ କଳ; ଭାଷା-ଧାମେ ଟୋଲ ବସିବ ଗ୍ରାମେ ଗ୍ରାମେ । (ଟ)

(୧) ଙକ୍କୋଚ—ଲାଞ୍ଚ । (୨) ଟିଙ୍ଗାଲି—ଚଗଲା । (୩) ଟୋଲ—ସଂସ୍କୃତ ପାଠଶାଳା ।

ଠାକୁର-ଗ୍ରହ-ସେବୀମାନେ    ଠକି ପାରିବେ ନାହିଁ ଆନେ;
ଠିଆ ହେଲେ କେ ଗଙ୍ଗାଘାଟେ    ଠେଲି ନଦେବେ କଳି ଗୃହେ;
(୧)ଠିକା ଛାଡ଼ିବ ବେପାରୀର    ଠେସ ଛାଡ଼ିବ ଭିକ୍ଷା-ଗାର । (ଠ)

ଡାକ କହୁଛି ଶୁଦ୍ଧଚିତ୍ତେ    ଡେରି ଶ୍ରବଣ ସତ୍ୟ-ଗୀତେ;
ଡର-ଆଶଙ୍କାଭରି ହୃଦେ    ଡେରି କରିଛି କଳି ମୁଦେ;
ଡଙ୍ଗର କଳି ଚଢ଼ିବାକୁ    ଡରୁଆ ପଞ୍ଚାମୃତ ଡାକୁ । (ଡ)

ଢଳିବ ଯେହୁ କଳିକ୍ରୋଧେ    ଢକ୍କା ବାଜିବ ତା' ବିରୋଧେ;
ଢମେ କେ କଲେ ପ୍ରତିବାଦ    ଢଙ୍କା ନ ଯିବ ଅପରାଧ;
ଢାଲ-ଖଡ଼ଗ ଯେ ଗୃହିବ    ଢିଲ ଶାସନେ ନ ରହିବ । (ଢ)

ଅପକ୍ୱ ଫଳମୂଳାହାରୀ    ଅଟେ ଯେ ପର ଉପକାରୀ;
ଅଭେଦଦର୍ଶୀ ଶାନ୍ତଚିତ୍ତ    ଅହିଂସ ବାଙ୍କ ସୁବିମୀତ;
ଅକ୍ଷତବୀର୍ଯ୍ୟ ସତ୍ୟସ୍ନେହୀ    'ଅତିଥି' ବୋଲାଇବ ସେହି । (ଣ)

(୨)'ତୀର୍ଥ' ହୋଇବ ସୁଶୀଳତା    ତପ ଶଉଚ ସରଳତା
ତିତିକ୍ଷା ଶାନ୍ତି ସତ୍ୟ-ନୀତି    ତ୍ୟାଗ ଅହିଂସା ଦୟା ପ୍ରୀତି;
ତତ୍ତ୍ୱମନରେ ଏଥି ସ୍ନାନ    ତରିବେ ଭବୁଁ ସାଧୁ ଜ୍ଞାନୀ । (ତ)

(୩)ଥେଣ୍ଟି ସେହି ଯା' ଜୀବିକା    ଥାଳରେ ପରଧନ ଝିଙ୍କା;
(୪)ଥୋବରା ଧର୍ମଧ୍ୱଜୀ ନର    ଥଣ୍ଟିଆ ଧର୍ମ-ଜୀବନର;
ଥିର ହୋଇବ ଏ ସାଧୂକ୍ତି    ଥନ୍ତରା କରି ଭଣ୍ଡ-ଯୁକ୍ତି । (ଥ)

ଦରିଦ୍ରସେବା-ଧର୍ମବୃତ୍ତି    ଦେଶରକ୍ଷକ-ବୀରଧୃତି,
ଦୟା କ୍ଷମାଦି ସଦାଚାର    ଦମ୍ଭବର୍ଜିତ ବ୍ୟବହାର;
ଦିବ୍ୟ ସ୍ୱଭାବ ଯେ ବହିବ    'ଦେବତା' ସେହି ବୋଲାଇବ ।(ଦ)

---

(୧) ଠେସ—ଅନ୍ୟର ଆଶ୍ରୟ । ଭିକ୍ଷାଗାର—ସବଳ ଭଣ୍ଡ ଭିକ୍ଷୁକ ।
(୨) ସତ୍ୟଂ ତୀର୍ଥଂ ବ୍ରତଂ ତୀର୍ଥଂ ତୀର୍ଥମିନ୍ଦ୍ରିୟନିଗ୍ରହଃ,
ସର୍ବଭୂତ ଦୟାତୀର୍ଥଂ ତୀର୍ଥମାର୍ଜବମେବ ଚ ।
ବ୍ରହ୍ମଚର୍ଯ୍ୟଂ ପରଂ ତୀର୍ଥଂ ନିୟମସ୍ତୀର୍ଥମୁଚ୍ୟତେ,
ଯଃ ସ୍ନାତି ମାନସେତୀର୍ଥେ ସ ଯାତି ପରମାଂ ଗତିମ୍ ॥
(୩) ଥାଳ—ଲାଉ ଖୋଲରେ ନିର୍ମିତ ଭିକ୍ଷାପାତ୍ର । (୪) ଥୋବରା—ନିର୍ଲଜ୍ଜ ।

ଧର୍ମଧାରଣା କର୍ମେ ଯାର ଧ୍ୱଂସ କରିବ ପାପାଗ୍ନିର;
ଧର୍ମ ସାଧନେ ଧନ ପ୍ରାଣ ଧୂଳି ମଣିବ ଯାର ଜ୍ଞାନ,
ଧରାରେ ସେହି ଦେହଧାରୀ 'ଧାର୍ମିକ' ପଦ ଅଧିକାରୀ । (ଧ)

ନାମଭଜନ ଖାଲି ମୁଖେ ନହେବ ଘରେ ବସି ସୁଖେ,
ନିଷ୍ଠା ଯେ ଦେବ ଯେଉଁ ନାମେ ନମୁନା ଦେଖାଇବ କାମେ,
ନୃସିଂହ ନାମ ଯେ ଗାଇବ ନରଶ୍ରେଷ୍ଠତ୍ୱ ଦେଖାଇବ । (ନ)

(୧)ପ୍ରମାଣହୀନ ଇତିହାସ ପୁରାଣ ଗଳ୍ପ ଉପନ୍ୟାସ,
(୨)ପ୍ରଳାପ ପୋଥି ଆଦି ତନ୍ତ୍ର ପୃଥ୍ୱୀରେ ଯେତେ ଜାଲି ଗ୍ରନ୍ଥ,
(୩)ପ୍ରକୃଷ୍ଟ ଧର୍ମ ହେଲେ ଦୀପ୍ତ ପାବକେ ହେବ ସବୁ କ୍ଷିପ୍ତ । (ପ)

ଫିଟିଲେ ସତ୍ୟ ଦୀପ୍ତି ବଳ ଫରଚ୍ଛ ହେବ ଭୂମଣ୍ଡଳ;
ଫୁଲ୍ଲ ବଦନେ ସାଧୁ ନର ଫୁଙ୍କିବେ ସତ୍ୟ-ଜୟ ଦର;
ଫୁଲ ଡାଳରେ ବସି ଅଳି ଫୁଲେ କହିବ—ଗଲା କଳି । (ଫ)

ବିଧବା ଏକାଦଶୀ ବ୍ରତ ବହ୍ନିବାଣୀ ବିପ୍ରେ ଦେବ ସତ୍ୟ;
ବେଦଜ୍ଞ ମହାଜନଙ୍କର ବାଟହିଁ ହେବ ଶ୍ରେୟସ୍କର;
ବିବେକ ସମର୍ଥିତ କର୍ମ ବୁଝିବେ ଲୋକେ ନିଜ ଧର୍ମ । (ବ)

ଭକତବନ୍ଧୁ ଭଗବାନ ଭାବେ ମନ୍ଦିର ଖ୍ରୀଷ୍ଟିୟାନ;
ଭେଦ-ବିବାଦ ପରିହରି ଭଜିବ ବୌଦ୍ଧ ରାମ ହରି;
(୪)ଭାଗବତକୁ ସୁକୋବିଦେ ଭାଷ୍ୟ କରିବେ ମସଜିଦେ । (ଭ)

ମଙ୍ଗଳା ମୁଖେ ରକ୍ତଧାରା ମାନବ ନାହିଁ ଧର୍ମଧାରା;
ମଲା ପ୍ରାଣୀକି ଖାଦ୍ୟ ଦାନ ମନା କରିବ ସତ୍ୟ-ଜ୍ଞାନ;
ମହାପ୍ରଭୁଙ୍କ ପୂଜା ପାଇଁ ମୂର୍ତ୍ତି ମନ୍ଦିର ଲୋଡ଼େ ନାହିଁ । (ମ)

---

ଧର୍ମଧ୍ୱଜୀ—ଧର୍ମର ବାହ୍ୟଚିହ୍ନଧାରୀ, ଭଣ୍ଡ ତପସ୍ୱୀ । ଅଣ୍ଡିଆ—ଏକଜାତୀୟ କୁମ୍ଭୀର, ବୃହତ୍ ବଗପକ୍ଷୀ । ଜୀବନ—ଜଳ । (୧) ପ୍ରମାଣହୀନ—ସତ୍ୟବିରୋଧୀ । (୨) ପ୍ରଳାପ ପୋଥି—"ଚେତାବନୀ", "କଲ୍କିପୁରାଣ", "ଭବିଷ୍ୟତ୍ ପୁରାଣ", "ଅମର କୁମର" ଆଦି । (୩) ପ୍ରକୃଷ୍ଟ ଧର୍ମ—ସତ୍ୟଧର୍ମ, ବୈଦିକଧର୍ମ । ପାବକ—ଅଗ୍ନି । (୪) ମସଜିଦ—ମୁସଲମାନମାନଙ୍କର ପ୍ରାର୍ଥନାଗାର ।

ଯେ ଗୁରୁ ମାଳ-ମନ୍ତ୍ର ବକ ଯତନେ ଶିଷ୍ୟ-ଧନ ଝିଙ୍କି;
ଯାଉଛନ୍ତି ଦିନ ଠକ ଖାଇ ଯୋଗ୍ୟ ଗୁରୁ ସେ ନୁହେଁ ଭାଇ;
ଯେ ହିତ ଉପଦେଶ ଦେବ ଯଥାର୍ଥରେ ସେ "ଗୁରୁ" ହେବ । (ଯ)

(୧)ରଙ୍ଗ-କୁହୁକ, ଭଣ୍ଡ-ଟେକ ରୂପଧର୍ମିକ-ବାହ୍ୟଭେକ;
ରାଜସ-ତପ ବ୍ରତଦାନ ରାକ୍ଷସ-ଧର୍ମ ଅନୁଷ୍ଠାନ;
ରାଜୁତି ଚଳାଇଲେ ସତ୍ୟ ରହିତ ହେବ ଏ ସମସ୍ତ । (ର)

ଲାଗିଲେ ସତ୍ୟ ବ୍ୟବହାର ଲଭିବ ଭ୍ରମ-କୁସଂସ୍କାର,
ଲୋଭ ମୋହାଦି ରିପୁଚୟ ଲଭିବେ କ୍ରମେ କ୍ରମେ କ୍ଷୟ;
ଲୁଚିବ ସ୍ୱାର୍ଥ ସତ୍ୟ ଡରେ ଲକ୍ଷ୍ମୀ ହସିବେ ଘରେ ଘରେ । (ଲ)

ବର୍ଣ୍ଣାଶ୍ରମହୀନ କର୍ମସେବୀ ବଶ କରିବେ ଭାଗ୍ୟ-ଦେବୀ;
ବାଗ୍‌ଦେବୀ କର୍ମ-ମୁଗ୍ଧ ମନେ ବସି ସୁକବି ଜିହ୍ୱାସନେ;
ବାଇବେ ବୀଣା କର୍ମ ସ୍ତବ ବୁଝାଇ କର୍ମ-ଗଉରବ । (ବ)

ଶିକ୍ଷା ସଭ୍ୟତା ଛଳେ ଲୋକ- ଶିରେ ଭେଦିବ ସତ୍ୟାଲୋକ;
ଶାକ୍ତ ବୁଝିବ ଶକ୍ତି ଅର୍ଥ ଶର୍ବାଣୀ ନୁହେଁ, ତା ସାମର୍ଥ୍ୟ;
ଶୈବ ସେପରି ସତ୍ୟ-ଧର୍ମେ ଶ୍ରଦ୍ଧା ରଖିବ ଶୁଭ କର୍ମେ । (ଶ)

ଷଣ୍ଡମାଂସାଶୀ ଦୁଷ୍ଟଜୀବେ ଷଣ୍ଢତା ଭଜି ଗଳିଯିବେ;
ଷଟ୍‌ପ୍ରଜ୍ଞ ବିପ୍ରେ ଆଶ୍ରି ସତ୍ୟ ଷଟ୍‌କର୍ମେ ହେବେ ଦୃଢ଼ବ୍ରତ;
ଷଡ଼ଯନ୍ତ୍ରର ପରିହରି ଷଷ୍ଠ ରିପୁକୁ ହୃଦେ ଭରି । (ଷ)

ସତ୍ୟ ସ୍ୱରୂପ ଭଗବାନ ସଂହାରି କଳି-ଯାତୁଧାନ,
ସ୍ୱରାଜ୍ୟ ସୁଖ ସ୍ୱାଧୀନତା, ସତ୍ୟଧର୍ମର ମହାନତା,
ସାଧୁଜନଙ୍କ ତପୋବଳେ ସୃଜିଲେ ଦେବେ କର୍ମଫଳେ । (ସ)

---

(୧) ରଙ୍ଗକୁହୁକ—ନାଟ ତମାସା ରୂପ 'ଇନ୍ଦ୍ରଜାଲ' । ରୂପଧର୍ମିକ—ଧର୍ମର ବାହ୍ୟଚିହ୍ନ-ଧାରୀ, ଠକ । ରାକ୍ଷସଧର୍ମ—ଯେଉଁ ଧର୍ମ ଜନସାଧାରଣଙ୍କର ନାନା ଅସୁବିଧା ଜନିତ ଅଶାନ୍ତି ଜନ୍ମାଇଥାଏ; ଯଥା—ଜାତିଭେଦ ପ୍ରଥା, ପର୍ଦ୍ଦାପ୍ରଥା ଇତ୍ୟାଦି ।

ହେ ଭାଇ ବୌଦ୍ଧ ଖ୍ରୀଷ୍ଟିୟାନ ହିନ୍ଦୁ ଜୈନ ମୁସଲମାନ,
ହିଂସା ବିବାଦ ଗର୍ବ ଠେକ ହଟାଇ ସର୍ବେ ହୁଅ ଏକ;
ହୃଦୟ କଲେ ପରିଷ୍କାର ହରି ଦେବେ ତା' ପୁରସ୍କାର । (ହ)

କ୍ଷାନ୍ତି-ସଲିଳେ ଭେଦବୁଦ୍ଧି କ୍ଷାଳନେ ଲଭ ଆତ୍ମଶୁଦ୍ଧି;
କ୍ଷମୀଶ ସତ୍ୟ-ଶ୍ରୀପଦ୍ମରେ ବିପ୍ରେ ଜଣାଅ ନିର୍ଭୟରେ;
କ୍ଷୁଦ୍ର-ମାତୃ ମୁଖେ ଦିବ୍ୟ କାନ୍ତି କ୍ଷରୁ ତା ପ୍ରାଣେ ଝରୁ ଶାନ୍ତି । (କ୍ଷ)

## ତୃତୀୟ ଛାନ୍ଦ

# ସଜନୀ

(ରାଗ—ଗଉଡ଼ମାଳଅ)

କଲା ଚିକ୍କଣ ମୂରତି,
କୁନ୍ତଠାରେ ରଖିଥିଲି ପୀରତି ଗୋ;
କେଉଁ ଦୋଷେ ତା ଦେଲେ କରତି—ସଜନୀ ଗୋ । (କ)

ଖରା ବରଷା ଶୀତରେ,
ଖଟିବି କା' ପାଦେ ଫୁଲ୍ଲ ଚିତ୍ତରେ ଗୋ;
ଖେଳ ବିଖରା କୁଞ୍ଜ ଭିତରେ—ସଜନୀ ଗୋ । (ଖ)

ଗୁଣମଣି ଗଳାହାର,
ଗୋପରୁ ଯିବାରୁ ହୋଇ ବାହାର ଗୋ;
ଗଳା ରୋଧି ଦେଉଛି ଆହାର—ସଜନୀ ଗୋ । (ଗ)

ଘଟନାକୁ ଭାଗ୍ୟ ମଣି,
ଘନଶ୍ୟାମେ କରି ମଥାର ମଣି ଗୋ;
ଘେନିଥିବେ ମଥୁରା ରମଣୀ—ସଜନୀ ଗୋ । (ଘ)

ଉତ୍ଫୁଲ୍ଲ ପ୍ରୀତି ମଜାରେ,
ଉଖୁଲି ହେଲି ଯା ବ୍ରଜ-ବଜାରେ ଗୋ;
ଉର ଫାଟୁଛି ଏବେ ଲଜ୍ଜାରେ—ସଜନୀ ଗୋ । (ଙ)

ଚାତୁରୀର ମୋହନିଆଁ,
ଚୋରି ସୁଖ ଦେଇ ଦୁଇଦିନିଆଁ ଗୋ;
ଚାଲିଗଲେ ହୃଦେ ଜାଳି ନିଆଁ—ସଜନୀ ଗୋ । (ଚ)

ଛଇଳ କୁଞ୍ଜବିହାରୀ,
ଛାମୁରେ ତ କରିଥିଲି ଗୁହାରି ଗୋ;
ଛାଡ଼ି ତଥାପି ଗଲେ ବାହାରି—ସଜନୀ ଗୋ । (ଛ)

ଜୀବନ ଦେଇଛି ବିକ,
ଜୀବନଜ-ନେତ୍ର ବନ୍ଧୁ ଛବିକ ଗୋ;
ଜୀବ ନ ଗଲେ ମୁଁ ରହିବି କ—ସଜନୀ ଗୋ । (ଜ)

ଝାଡ଼ି ପୀରତି କାହାଣୀ,
ଝୁଲି ନାଚୁଆଙ୍କ ଆଡ଼ଗୁହାଣି ଗୋ;
ଝୁରି ଝୁରି ହୃଦ ହୁଏ ହାଣି—ସଜନୀ ଗୋ । (ଝ)

ନିନ୍ଦା ଲଜ୍ଜା ଅପମାନ,
(୧) ନ ଜାଣିଲି ବଜାରୁଣୀ ସମାନ ଗୋ;
ନାଥ ଭାଙ୍ଗିଦେଲେ ମୋ ଗୁମାନ—ସଜନୀ ଗୋ । (ଞ)

ଟାଣ ଦେଖାଇ ମୁଁ ଆଗେ,
ଟେକ ହେଉଥିଲି ଟୋକାଙ୍କ ଆଗେ ଗୋ;
ଟଳି ପଡ଼ିଲି ଟେକ-ସୁଆଗେ—ସଜନୀ ଗୋ । (ଟ)

ଠଣସୁନ୍ଦରଙ୍କଠାରେ,
ଠାଣି ଲୋଭେ ବାଙ୍କଗୁହାଣିଠାରେ ଗୋ;
ଠକ ହେଲି ପୀରତି-ଅଠାରେ—ସଜନୀ ଗୋ । (ଠ)

ଡାକିଲେ ବନ୍ଧୁ ବାଂଶରୀ,
(୨) ଡେଉରି ଶ୍ରୁତିଯୁଗ ହରିଣୀ ସରି ଗୋ;
ଡୋଳା ଖେଳାଇବେ ଅପସରୀ—ସଜନୀ ଗୋ । (ଡ)

(୧) ପଣ୍ୟସ୍ତ୍ରୀ—ପଣ୍ୟାଙ୍ଗନା, ପଣାଙ୍ଗନା, ବଜାରୁଣୀ, ବେଶ୍ୟା ।
(୨) ହରିଣୀ—ସୁସ୍ୱରମୁଗ୍ଧା ମୃଗୀବିଶେଷ ।

ଢମ ମୋ କେତେ ମାତର,
ଢୋକ ପ୍ରେମ-ମଧୂ ବଂଶୀ-ଗୀତର ଗୋ;
ଢଳ ପଡ଼ଲି ହୋଇ କାତର—ସଜନୀ ଗୋ । (ଢ)

ଅଣାତ ହେଲଣି କଣ୍ଠ,
ଅଶ୍ରୁ ନେବ ମୋତେ ପ୍ରଭୁ ନକଟ ଗୋ;
ଆଉ ନକର ସ୍ନେହ-ଆକଟ—ସଜନୀ ଗୋ । (ଣ)

ତାଙ୍କ ପା'ଧୂଳି ଲଗାଇ,
ତନୁଯାକରେ ମୋ ଦଅ ଲଗାଇ ଗୋ;
ତରିଯିବ ପ୍ରାଣ ଅଲଗାଇ—ସଜନୀ ଗୋ । (ତ)

ଥିଲେ ମୁଁ ଶୁଦ୍ଧାଚରଣେ,
ଥୋଇ ପ୍ରୀତି-ଭକ୍ତି ସଖୀ-ମରଣେ ଗୋ;
ଥାନ ପାଇବ ପ୍ରଭୁ-ଚରଣେ—ସଜନୀ ଗୋ । (ଥ)

ଦରହସିତ ଲପନ,
ଦ୍ୱନ୍ଦ୍ୱ କେଲ-ଶେଷ-ସୁଖ-କମ୍ପନ ଗୋ;
ଦେଖୁଅଛି ମୁଁ ନଭ ସଦନ—ସଜନୀ ଗୋ । (ଦ)

ଧିକ୍‌କାର ଫିଙ୍ଗେ ସ୍ଫୁରୁତ,
* ଧାଇଁ ଆସି ଚତ୍ତେ ଲାଗେ ତୁରୁତ ଗୋ;
ଧର ପାରିବ କେହ୍ନେ ଧୂରୁତ—ସଜନୀ ଗୋ । (ଧ)

ନଟବରଙ୍କୁ ନଗୃଇ,
ନ ଗୃଖିଲି ଫଳ ଦେଲି ପଗୃଇ ଗୋ;
ନେଲେ ନାହିଁ କ ଦୋଷେ ପଗୃଇ—ସଜନୀ ଗୋ । (ନ)

ପ୍ରଭୁ ପୀତବାସ ବୋଲି,
† ପୋଷି ପୀତଚଞ୍ଚୁ ଶୁଣେ ତା ବୋଲି ଗୋ;
(୧) ପୀତ-ଚତା ଘେନ ହୁଏଁ ବୋଳ—ସଜନୀ ଗୋ । (ପ)

* ତୁର୍ତି ବା ତୁରୁତ—ଶୀଘ୍ର (ଦ୍ୱିଶତ ଶବ୍ଦକ; ସମ୍ବଲପୁରୀ) ।
† ପୀତଚଞ୍ଚୁ—ସାରପକ୍ଷୀ ।
(୧) ପୀତ—ହଳଦୀ । ହଳଦୀ ମାଖିବା ସମୟରେ ଅନେକ ସ୍ତ୍ରୀ ନଦ ଲଲାଟରେ ହଳଦୀ ମେଞ୍ଚାଏ ଲେପନ କର ପରେ ଅଙ୍ଗ ପ୍ରତ୍ୟଙ୍ଗରେ ଲଗାଇଆନ୍ତି ।

ଫଗୁଣ ମାଜ ତା ବେଶ,
ଫୁଲଧନୁ ସାଜ କଲା ପ୍ରବେଶ ଗୋ;
ଫେରି ନଇଲେ ରାଧା-ଆବେଶ—ସଜନୀ ଗୋ । (ଫ)

ବଢ଼ାଇବ ଋତୁପତି,
(୧) ବଧୂରା ରାଧାର ଦୁଃଖ ବପତ୍ତି ଗୋ;
ବନେ ବଡ଼ର ପ୍ରେମ-ସମ୍ପତ୍ତି—ସଜନୀ ଗୋ । (ବ)

ଭୃଙ୍ଗ କୁସୁମେ ବସିବେ,
ଭରି ସୁଖେ ଶୁଆ, ଶାରୀ ରସିବେ ଗୋ;
ଭାନୁ-ପଦ୍ମିନୀ ପ୍ରେମେ ହସିବେ—ସଜନୀ ଗୋ । (ଭ)

ମଳୟାନଳ ବହିବ,
ମଦନାନଳ ମୋ ହୃଦ ଦହିବ ଗୋ;
ମନୋବେଦନା ମନେ ରହିବ—ସଜନୀ ଗୋ । (ମ)

ଯମୁନା ନୀଳ ତରଙ୍ଗେ,
(୨) ଯାମିନୀ ପାହିଲେ କାମୀ-ସାରଙ୍ଗେ ଗୋ;
ଯୋଡ଼ା ଯୋଡ଼ ହେବେ ପ୍ରେମରଙ୍ଗେ—ସଜନୀ ଗୋ । (ଯ)

ରହୁ ତାଙ୍କ ପ୍ରଭୁପଣ,
ରାଧା ଲାଗି ନୋହୁ ହନ୍ଦା ଅର୍ପଣ ଗୋ;
ରସା ନ କହୁ କୃପା-କୃପଣ—ସଜନୀ ଗୋ । (ର)

ଲକ୍ଷିଲେ ପ୍ରଭୁ-ଶ୍ରୀପଦ,
ଲୀନ ହେବ ମୀନ ଧ୍ୱଜ ବପଦ ଗୋ;
ଲଭ ପାରବ ବଲ୍ଲଭୀ-ପଦ—ସଜନୀ ଗୋ । (ଲ)

(୩) ବୃନ୍ଦା ହେବ କି ବସିନୀ,
(୪) ବନା ତପେ ହୋଇ ବନବାସିନୀ ଗୋ;
(୫) ବଧି କଲେ ସୁଦ୍ଧା ସୁବାସିନୀ—ସଜନୀ ଗୋ । (ବ)

---

(୧) ବଧୂରା—ବରହିଣୀ ।
(୨) ଯାମିନୀ—ରାତ୍ରି । କାମୀ—ଚକ୍ରବାକପକ୍ଷୀ । ସାରଙ୍ଗ—ହଂସ ।
(୩) ବୃନ୍ଦା—ତୁଳସୀଗଛ, ରାଧିକା । ବସିନୀ—ପଦ୍ମିନୀ, ବେଶ୍ୟା ।
(୪) ତପ—ଗ୍ରୀଷ୍ମଋତୁ, ତପସ୍ୟା । ବନ—ଜଳ, ଅରଣ୍ୟ ।
(୫) ସୁବାସିନୀ—ସୌରଭଯୁକ୍ତା; ପିତୃଭବନରେ ରହିଥିବା ସ୍ତ୍ରୀ ।

ଶଧାଇଛୁ ତ ପେରମ,
ଶଶୀ ଦଶା ଯଦ୍ଧ ଆଣେ କରମ ଗୋ;
ଶାନ୍ତ ଦେବ ମରମେ ଧରମ—ସଜନୀ ଗୋ । (ଶ)

(୧) ଷଣ୍ଢରିପୁ ବିରହରେ,
(୨) ଷଡ଼ଭୁଜ ଯଦ୍ଧ ମୋ ପ୍ରାଣ ହରେ ଗୋ;
(୩) ଷ-ସ ଲଭନ୍ତ ରସ-ଲହରେ—ସଜନୀ ଗୋ । (ଷ)

ସ୍ମିତମୁଖ ବଂଶୀକର,
ସୁନ୍ଦର ସୁଢ଼ଳ ସୁଗୁଣାକର ଗୋ;
ସେ ତ ବନ୍ଧୁ, ଭକ୍ତ-ପ୍ରେମିକର—ସଜନୀ ଗୋ । (ସ)

ହୃଦ-ଧନ କଳ୍ପତରୁ,
ହରାଇ ଦେଇଛୁ ସିନା ହାତରୁ ଗୋ;
ହଜ ନାହିଁ ତ ହୃଦ ଭିତରୁ—ସଜନୀ ଗୋ । (ହ)

କ୍ଷୟୁ ହେଉ ଦୁର୍ବାସନା,
କ୍ଷୀର-ଖାର ଏକ ମଣୁ ରସନା ଗୋ;
କ୍ଷାନ୍ତ ଦେବ ହିନେ ଆଶ୍ୱାସନା—ସଜନୀ ଗୋ । (କ୍ଷ)

## ଚତୁର୍ଥ ଛାନ୍ଦ

# ଗୁପ୍ତ ନିବେଦନ

( ରାଗ—କେଦାରଗୌଡ଼ା )

କା ଆଗେ କହିବି ମରମ ବେଦନା
ସରମ କଥା ଏ ସିନା,
ଖାଇବା ଜିନିସ ବିଷପରି ଲାଗେ
ଏକା ତୋ'ଲାଗି ନବୀନା ରେ ବାଳା,

(୧) ଷଣ୍ଢରିପୁ—ଶ୍ରୀକୃଷ୍ଣ ।
(୨) ଷଡ଼ଭୁଜ—ଜ୍ୱର ।
(୩) ଷ-ସ—ସ୍ୱର୍ଗୀୟ ଶାନ୍ତ ।

ଗୋଲଉରଜା ମୋ ଗଳାମାଳା,
ଘନକୁନ୍ତଳା ନବ ଛଇଳା,
ଉର-ବିଳାସିନୀ ପ୍ରେମଶୀଳା ରେ ବାଳା । ୧ ।

ଙୁହଁ ବସିଥାଉ ହସି ହସି ଆଉ
ଚନେ ମୋ ପ୍ରେମ ଅଳକ,
ଛଡ଼ା ନ ହେଉଣୁ ବ୍ରୀଡ଼ା ତେଜି କେଳି
ସଦନକୁ ନେଉ ଝିଙ୍କି ରେ ପ୍ରିୟା,
ଜହ୍ନିଫୁଲ ପରି ଚନକଥା,
ଝାଉଁଳିବ କି ପୀରତି-କଥା,
ଞନ୍ଦା-ଦାଗ କାଟିଲି କି ହିଆ ରେ ପ୍ରିୟା । ୨ ।

ଟାକଥାଉ ଘାଟେ ମନର ଉଚାଟେ
ଥିବାର ଯାଏ ମୁଁ ଜଳେ,
ଠାର ଦେଲେ ଠିଆ ହେଉ ତୋ ମାଠିଆ
କାଖ ଉଶ୍ୱାସିବା ଛଳେ ରେ ଗୋରି,
ଡାକ ସାରଧନ କରୁ ଚୋରି,
ଢାଳେ ଛନ୍ଦଦେଇ ପ୍ରେମ ଡୋରି,
ଆଜୁଁ ଦେବୁ କି ସବୁ ପାସୋରି ରେ ଗୋରି । ୩ ।

ତରକଣ ଗୁରୁ- ଜନ ଭୟେ ଭୂରୁ-
ଭଙ୍ଗିରେ ଦେଉ ଇସାରା,
ଥରେ ଥରେ ବିଧି ବାଧାଯୋଗୁଁ ସିଦ୍ଧି
ହୋଇଯାଏ ଯଦି ମାରା ରେ ସହି,
ଦନ୍ତହରା ହେଲେ ଦୁଃଖ ବହି,
ଧୀରେ ଆଶ୍ୱାସନା-ଭାଷା କହି,
ନେଉ ହୃଦର ଦରଦ ଦହି ରେ ସହି । ୪ ।

ପରପ୍ରୀତି ଯୋଗ ଚୋରାସୁଖ ଭୋଗ
ଯେ' ଶ୍ରିତ ଜାଣୁ ତ ଧନ,

ଫାଟିଯାଏ ହୃଦ    ଛୁଟିଯାଏ ମୁଦ
ଘଟିଲେ ବାଧା-ବନ୍ଧନ ରେ ସଖି,
ବାନ୍ଧି ମନକୁ ନହୁଏ ରଖି,
ଭ୍ରମେ ଲୋତକ-କଜଳ ମାଖି,
ମନ ସଙ୍ଗେ ଛନ ଛନ ଆଖି ରେ ସଖି । ୫ ।

ଯାଉ ପଛେ ପ୍ରାଣ    କୁସୁମ-କମାଣ-
ଦାଉ ସମ୍ଭାଳୁଛୁ କିଏ ?
ରାମାୟଣ ମହା-    ଭାରତାଦି ଯାହା
ପ୍ରେମର ପ୍ରମାଣ ଦିଏ ରେ ରାମା,
ଲକ୍ଷ୍ୟ କର ଗଉତମ-ବାମା,
ବାସୁଦେବୀ-ଦୂତୀ ସତ୍ୟଭାମା,
ଶିବ ବକ୍ଷେ ତ ବିବସ୍ତ୍ରା ଶ୍ୟାମା ରେ ରାମା । ୬ ।

(୧)ଷଡ଼ବିନ୍ଦୁ ମୃଡ଼    ପ୍ରେମ ଲୋଭେ ଜଡ଼
ପାଲଟିଲେ ତ ଭୂତଳେ,
(୨)ସୃଷ୍ଟି ମଧ୍ୟେ ଲୋଭ-    ଦୃଷ୍ଟି କେ ନ ଦେବ
ନୂତନା ଫୁଲ୍ଲ-ନୂତଳେ ରେ ଧନି,
ହାସରସେ ବିବାସ ରଜନୀ,
କ୍ଷମୁ ଆଣ ରେ ପ୍ରାଣସଜନି,
ପଙ୍କଜାକ୍ଷି, ମୋ ଅଙ୍କପାବନୀ ରେ ଧନି । ୭ ।

ନୋକା ବୟସରୁ    ତୋ କାନ୍ତ ହେବାରୁ
ଅଭିନବ ଅଭିଳାଷେ,
ସଖୀମାନେ ତୋର    ରଖିଥିବେ ସୋର
କହିଥିଲୁ ଯା ବିଶ୍ୱାସେ ରେ କାନ୍ତା,
ଆଗ କଥା କି ପାସୋର ଯାନ୍ତା,
ଲଂଘିବାକୁ ହେଲା ସବୁ ଚିନ୍ତା,
ଆଉ କ'ଢେନ ଏତେ ଦୁଃଖିତା ରେ କାନ୍ତା । ୮ ।

(୧) ଷଡ଼ବିନ୍ଦୁ—ବିଷ୍ଣୁ । ମୃଡ଼—ଶିବ । ସତୀ ବୃନ୍ଦାବତୀଙ୍କ ଅଭିଶାପରେ ବିଷ୍ଣୁ ଶାଳଗ୍ରାମ ପଥର ରୂପରେ ଓ ଶିବ ପ୍ରସ୍ତରରୂପିଣୀ ଶକ୍ତି ମଧ୍ୟବର୍ତ୍ତୀ ଲିଙ୍ଗ ରୂପରେ ପୂଜା ପାଉଅଛନ୍ତି । (୨) ନୂତଳ—କଦମ୍ବ ।

ଆଗମନ ସାର      ନାଗ ଦେଖା ଜାର
ଛଳେ ତୋ ସଙ୍କେତ ସ୍ଥାନେ,
ବଞ୍ଚାଇ ପଣନ୍ତ      ଇଚ୍ଛାବତି ! ଚଉ
ମୋହକୁ ତ ସୁଖଦାନେ ରେ ଖରୁ,
ଆଜି କାହିଁକି ମହାକ ଚରୁ ?
ବୁଝି ନପାରେ ଭାବଭଙ୍ଗିରୁ
କାନ୍ତ ପଣନ୍ତ ଖସାଅ ଶିରୁ ରେ ଖରୁ । ୯ ।

ଲୁଚ୍ଚମାନଙ୍କ ହେତୁ      କୂଟମାନରେ ଭୁ
ଭୁଟାଇ ଦେଉଛୁ ସ୍ନେହ,
ଶଠ-ହସ୍ତଲେଖା      ପଠନେ ପରୀକ୍ଷା
ନକର କପାଁ ସନ୍ଦେହ ରେ ନାରି,
ଆଉରୁଷା ଗୁଡ଼ ସୁକୁମାର,
ଗାଢ଼ ଦୁଃଖେ କରୁଛି ଗୁହାରି,
ପ୍ରାଣ ହରିବ ହର-ଭଗାରି ରେ ନାରି । ୧୦ ।

(୧)ରତିବର-ଷର      ସତୀ-ବରତୀର
ଧୂରତ୍ତ ହୁଏ ଧରଷି,
ପଥର ହ ମୋର      କଥନରେ ବର
ହୁଅନ୍ତାଣି ହସି ହସି ରେ ସତି,
ପଦେ ଶୁଣାଇଲେ ସୁଭାରତୀ,
ଅବଧ ଦୁଃଖ ହୁଅନ୍ତା କରତି,
ମନୁ ମେଣ୍ଟି ଅତନୁ ଆରତି ରେ ସତି । ୧୧ ।

ଲଂପଟଙ୍କ ପର      କପଟ ଗୃଭୁସୀ
ନାହିଁ ମୋ କଥାରେ କଛି,
ସଫା ହୃଦେ କହ      ନଫାରଖା ସ୍ନେହ
କଏ ନ କରିବ ଛି ଛି ରେ ବନ୍ଧୁ,

---

(୧) ରତିବର—କନ୍ଦର୍ପ । ଷର—ଶର । ବ୍ରତୀ—ସଂଯମୀ ।

ନବ ଯୌବନ-ଜୀବନ ବନ୍ଧୁ,
(୧)ଶୁଭ ଦୋଷାର ମୋ ସାର ଇନ୍ଦୁ,
କାମ-ଦାବ-ଦାବଭବ-ସିନ୍ଧୁରେ ବନ୍ଧୁ । ୧୨ ।

(୨)ଶେଯ ପାଶ ଫୁଲେ ସଜନୀଙ୍କ ଭୁଲେ
ତୁମ କୁଶାଶ ଝପିନେ,
କରକରଦନ, ତରକ ନ ଘେନ
କେଳି କରୁଥିଲୁ ଦିନେ ରେ ରସ,
ଲାଲସିନ, ଦେଖି ମୋ ପ୍ରବେଶ,
ଘଟେବ ସଙ୍କେତଲୁ ଦିବା ଶେଷ,
ନାଶିବାକୁ ଶିବାରତି-କ୍ଳେଶ ରେ ରସ । ୧୩ ।

ଗ୍ରୀଷମ ସମୟ ବହମ ବଷୟ-
ଶଲ୍ୟାରେ ଥିଲ ଉଡ଼ାଲେ,
ହସି ମଦାଳସି, ରସିକତା-ରସି
ଆକରଷି ନେଲୁ ତାଳେ ରେ ଜାୟା,
ତୁହ ପରଶ ପଶ ମୁଁ କାୟା,
ଲକ୍ଷ୍ମି, ଜାୟା ତୁ ମୁଁ ତୋର ଛାୟା,
ମୂର୍ଚ୍ଛି ନପାରେ ତୋ ପ୍ରେମ-ମାୟା ରେ ଜାୟା । ୧୪ ।

କେ' କାସ କହୁଛୁ ଦୋଷ ମୋର ବାଛୁ
କରିଛୁ ଯେବେ ପରତେ,
ମୁଖ ଖୋଲ ତମ- ତମ କର ଦମ-
ହରି କରାଉ ଯା' ମତେ ରେ ରମା,
(୩)ହୃଦ-ଗଗନର ମୋ ଚନ୍ଦ୍ରମା,
ଦୁଃଖ-ମେଘ-ଘନାନ୍ତ-ସୁଷମା,
କପାଁ ନ'ଦେଇ ଉତ୍ତର-କ୍ଷମା ରେ ରମା । ୧୫ ।

(୧) ଦୋଷା—ରାତି । ସାରଇନ୍ଦୁ—ପୂର୍ଣ୍ଣିମୀଚନ୍ଦ୍ର ।
(୨) କୁଶାଶ—ଆଖି । (୩) ଘନାନ୍ତ—ଶରତ୍‌କାଳ ।

ଚୁଚୁନ୍ଦର-ଧର- ଫଣୀ ପର ଧର-
ମଣ୍ଡନା ହେଲ ତୋ' ମାନେ,
ଯେ' ଛି ଛି କଲେ ବ' ଲୋକହସା ହେବ
ପଛେ ନନ୍ଦା ଅପମାନେ ରେ ଦେବ,
ପ୍ରେମ-କଂକାଳେ ତୋ' ପଦ ସେବ,
ବକ୍ଷେ ବୋଟଙ୍କ ଝଣ୍ଡାମାଳା ଦେବ;
ଜୟ-ପତାକୀ ନଷ୍ଟୟ ନେବ ରେ ଦେବ । ୧୬ ।

ଟିଟିଭ ରଟିଲ ଫସର ଫାଟିଲ
ମହା ଲବଣ୍ୟ ବହିଲ,
ଉଠ, ଠାକୁରାଣି, ତୋ' ପୀଠକୁ, ଆଣି
ରହିଲ ବଣି କହିଲ ରେ ରାଇ,
ଜୟ ଡଂଡମ ଦଅ ବଜାଇ,
ପ୍ରେମ-ବଢ଼ି-ଢେଉରେ ମଜ୍ଜାଇ,
ଦେଲ ମୋ ଜଣାଣ ସମଜାଇ ରେ ରାଇ । ୧୭ ।

ତୁ ତ ବଚକ୍ଷଣା ମନକଥା ଜଣା-
ଇବା ଠାରୁ ବେଶି ଜାଣୁ
(୧)ବ୍ୟଥା ଥିଲେ ପ୍ରାଣେ ତିଳ ପରିମାଣେ
ତାଳରୂପେ ହୃଦେ ଆଣୁ ରେ ଲୋଲା,
ଆଶା-ଦଦରା ନାବ ହିଲ୍ଲୋଳା,
(୨)ରାଜ ଶଧ ଧଇଲେ ପାଦୁଲ,
ପାଜ ମଦନ ନଦେବ ହୁଳା ରେ ଲୋଲା । ୧୮ ।

ପାପ-ଦଣ୍ଡଠାରୁ ଆପଦ ତ ଗୁରୁ
କୁସୁମ କୋଦଣ୍ଡ-ଚାପ,
(୩)ରେଫ ଫଣୀ ପରି ଫୁଲ-ମଣି ଧରି
ପରାଣେ ଦଏ ସନ୍ତାପ ରେ ବାମା,

(୧) ଲୋଲା—ଚଞ୍ଚଳା । ହିଲ୍ଲୋଳା—ତରଙ୍ଗିଣୀ, ନଦୀ ।
(୨) ହୁଳା—ଜ୍ୱାଳା ।
(୩) ରେଫ—ଦୁଷ୍ଟ ।

ଭବ ବିବୁଧ-ମୋହିନୀ ରାମା,
ହେମପ୍ରଭ-ହବିନୀ-ଉତ୍ତମା,
ସରୁମଧ୍ୟମା-ମାନିନୀ-ରମା ରେ ବାମା । ୧୯ ।

ଯା'ଯା' ବୋଲି ଅତି ନିରାଶ ଭାରତୀ
ଶୁଣାଇବୁ ଯଦି ରାଗେ,
କରି ରାଜଗତି, ଶରୀର ଝଟତି
ତେଜିବି ଆଜ ତୋ ଆଗେ, ରେ ସୁନା,
ପ୍ରୀତି-ଲାଳସା ନ କର ଚୂନା,
ଜୀବ ଭାବିବ ଏକ ଘଟନା,
ହେବ ଅବଶ୍ୟ ଶୋକ ରଚନା ରେ ସୁନା । ୨୦ ।

(୧)କ୍ଷ-କ୍ଷ ନାଶ ନାହିଁ ରସବତୀ ସହି,
ରଖ ତୋ' ପୀରତି-ପଣ
(୨)ଉସ୍ୱାସି ତରଳା- ହୃଦକୁ ସରଳା
ତରଳାଇଦିଅ ରସ ରେ ମିତ,
ଦେଇ ହାଁ ହାଁ-ସୁଧା ତୋ ସଙ୍ଗୀତ,
(୩) କାମ-କକ୍ଷ କ୍ଷଣେ ମୋହୁ ଚିତ୍ତ,
ହେଉ ଉତରୋଜ କରଜାଙ୍କିତ ରେ ମିତ ! । ୨୧ ।

* କଳାବତି, ଠେକ କଳାକର ମୁଖ
କହୁଛି କାମ ଆକଟେ,
ଖଞ୍ଜି ହେବା ଆଶା ଖସାଇ ନଦିଅ
ଖଟାଅ ମୋତେ ତୋ' ଖଟେ ରେ ପ୍ରେମା,
ଗୁଣବତି, ତୁ ମୋ' ରାଜଜେମା,
(୪) ଘନାଘନ-ଜଘନା ସୁଷମା,
ଉମା, ଚନ୍ଦ୍ରମାଦାସ୍ପିନୀ-ଉତ୍ତମା ରେ ପ୍ରେମା ! । ୨୨ ।

(୧) କ୍ଷ—ଧୈର୍ଯ୍ୟ; କ୍ଷ—ଶୋଭା । (୨) ତରଳା—କାମୁକ । (୩) କାମକକ୍ଷ—ସ୍ତ୍ରୀ-ଗୁପ୍ତାଙ୍ଗ । (୪) ଘନାଘନ—ସ୍ଥୂଳ, ମତ୍ତହସ୍ତୀ ।

* କଳାବତୀ—ରତିକୁଶଳା, ନୃତ୍ୟଗୀତାଦିରେ ଆସକ୍ତା ।

ଚତୁର ଚମ୍ପା ମୋ'   ଚନ୍ଦ୍ର ଗୁରୁହାସି
ଚଖାଅ ସୁଧା-ବଚନ,
ଛଇଲୀ-ଛଟକ   ଛବ ଗୃହିଁ ମନ୍
ଛଟପଟ ଛନଛନରେ ହାର,
ଜଳଜାକ୍ଷି, କଜ୍ଜ୍ୱଳାକ୍ଷୀ-ତାର,
ଝିନାମ୍ବର ଝୁଲ ଝୁମ୍ପା ଝର,
ଞରଲେପ-ଗୋଲାପ ଅଧର ରେ ହାର । ୨୩ ।

(୧) ଟଙ୍କଧର କୋଳେ   ଟଙ୍କାରିଙ୍କି ଦେଖି
ଟକ୍‌କର ଦେଖା ଘଟନେ,
ଠଉରଲ ଯାହା   ଠକ ବହ୍ନି ତାଙ୍କୁ
ଠକୁଛି ରୂପ ଗଠନେ ରେ ବାଳି,
(୨) ଡାକ ମଧ୍ୟେ ତୋ' କଟି-ଭ୍ର ଡ଼ାଳି,
ଢଙ୍ଗ ଲୋଭେ ଧରିଛନ୍ତି ଶୂଳୀ,
ଅଙ୍ଗେ ବୋଳି ଲାଜେ ଭସ୍ମଧୂଳି ରେ ବାଳି ! । ୨୪ ।

ତରୁଣି ରେ, ତତେ   ତରଣୀ ମଣି ମୁଁ
ତକାଉଛି ତ' କାତରେ,
ଥଳଟି ନପାଇ   ଥକାମରି ହୋଇ
ଥରୁଅଛି ଅନାଥରେ ରେ ସଖି,
ଦୁଃଖୀ-ହୃଦୟୁ ଦଅ ପରଖି,
ଧର ମୋ' ରାଣ ଦେଉଛି ଲେଖି,
"ନଖି" ନକହ ସ୍ନେହ ଉପେକ୍ଷି ରେ ସଖି ! । ୨୫ ।

ପୟରୁ ଅଳତା   ପଳାଇବାରୁ ତା'
ପସନ୍ଦ ଧରି କପଟେ,
ଫଗୁଆ ସୀମନ୍ତ   ଫରଫର ନେତ
(୩) ଫବୁନାହିଁ ତ' ତୋ ଫଟେ ରେ ଚଣ୍ଡି,

(୧) ଟଙ୍କାରୀ—ତାରଦେବୀ, ଦୁର୍ଗା ।
(୨) ଡାକ—ଡମ୍ବରୁ ।
(୩) ଫବିବା—ଶୋଭାପାଇବା । ଫଟ—କୃତ୍ରିମ ବିଷାଦ ପ୍ରକାଶ ।

ବେକ ମାଳ, ଝଲକାଇ ଦଣ୍ଡି,
ଭୂଷାମାନ ଯେଝା ସ୍ଥାନ ମଣ୍ଡି,
ମନୁ ଦୁଃଖ ନେଉଥିଲେ ଖଣ୍ଡି ରେ ଚଣ୍ଡି ! । ୨୬ ।

ଯଗୃଇ ଯୁବତି, ଯମକ ପୀରତି
ଯତନେ ଥିଲୁ ସଂଯତା,
ରସବତି ଆଜ ରଖୁ କପାଁ ଲଜ
ରଞ୍ଜି କାମ-ଆତୁରତା ରେ ରାଣି,
ଲୀଳାବନ୍ତି-ଲଳନା ଶିହାଣି,
ବରବୋହା ମୋ ଗୁହାରି ଜାଣି
ଶମ୍ଭୁ-ବକ୍ଷୋଜେ ଲଗା ମୋ' ପାଣି ରେ ରାଣି ! । ୨୭ ।

(୧)ଷଣ୍ଡାଳି, ତୋ'ବିନା ଷଡ଼ରିତୁ ମୋତେ
(୨)ଷଟ୍‌କୋଣ ସମ ବିଷମ,
ସରାଗ ସଜଡ଼ା ସଜଫୁଲ ତୋଡ଼ା
ସଜନି, ନୋହୁ ଭସମ ରେ ସହି,
ହଂସା ଛାଡ଼ିଦେବ ଏ ବିରହୀ,
(୩)କ୍ଷ୍ୱେଡ଼ ଢାଳିବ ମଦନ-ଅହି,
ପିବ ଜଗତେ ତୋ ନିନ୍ଦା ରହି ରେ ସହି । ୨୮ ।

କଳକଣ୍ଠି, ଏ କି ଖଳକଥା ଠେକି
ଗୁମାନ ଧରୁ ନ ଭାଳି,
ଘେନ ମୋ ଜଣାଣ ଉଲୁସାଅ ପ୍ରାଣ
ଚରଣ ତଳେ ସମ୍ଭାଳି ରେ ବନ୍ଧୁ,
ଛଣା-ପୀୟୂଷ-ଜିଣା ତୋ ମଧୁ,
ଝରୁ ଅଧରୁ ନିର୍ମଳ ସ୍ୱାଦୁ,
ଟାଣି ହୃଦୟୁ ଠାଣି ସମ୍ବାଦୁ ରେ ବନ୍ଧୁ । ୨୯ ।

ଡର ଲାଜ ଆଜ ଢୁକୁଛି କି ହୃଦେ ?
ଅଟେ କି ମୁଁ କହ୍ନୁ ପର ?

(୧) ଷଣ୍ଡାଳୀ—କାମୁକୀ ସ୍ତ୍ରୀ । (୨) ଷଟ୍‌କୋଣ—ବଜ୍ର । (୩) କ୍ଷ୍ୱେଡ଼—ବିଷ ।

ତରଳା ସୀରତ ଥିପାଇ କପାଇଁ
ଦେହ ଅଗାଉ ତୋହର ରେ ହୀରା,
ଧ୍ୱନ-ନନ୍ଦାରେ ନୁହ ଅଧୀରା,
ପ୍ରୀତି-ପସରା ପିଟାଅ ଉରା,
ବନ୍ଧୁ, ନମଣ ଭଙ୍ଗୀ-ଟାପରାରେ ହୀରା । ୩୦ ।

ମହୀକ ଅନାଇ ମଉନେ କପାଇଁ
ଯାଚନେ ଫିଙ୍ଗୁ ବଗ୍ରହେ ?
ରୂପାସ୍ତ୍ର ନଜଳ ଲଭେ କ ତୋ’ ଭଳ
ବବେକମାର ନଗ୍ରହେ ରେ ଯୋଷା,
ଶେଯେ ଲସାଅ ଷଟ୍‌ପଦ-ଖୋଷା,
ସର ଯାଉଛୁ ହରଣିଦୃଶା,
କ୍ଷଣେ ଗୁଡ଼ ତୋର ଆଡ଼ରୁଷା ରେ ଯୋଷା । ୩୧ ।

କଣ୍ଠୀରବ-କଟି ଖେଳ ଗୋଲ ଘଟି-
ଉରଜା ଚଉଚୁମ୍ବିନ,
ଛଟକ-ଜଘନ, ଝଟକ-ଆନନ,
ନୀରଜାକ୍ଷି-ନତମ୍ବିନ ରେ ଟୋକ,
ଠଣ ଡଉଲ-ଢଙ୍ଗ ବଲୋକ,
ଅନବରତେ ତୋ ଗୁଣ ବକ,
ଅନଥନେ ତ ଗଲଣି ଥକ ରେ ଟୋକ । ୩୨ ।

(୧)ଦନାନ୍ତ ଦେଖାଇ ଧୃତି ଧରାଇବା
ନୀତନପୁଣା ତୁ ପରା,
ଫୁଲାଇ ବଦନ ଭୁଲାଇ ମାରୁ ଯା’
ରଞ୍ଜି ଲାବଣ୍ୟପସରାରେ ବାଳ,
ଶ୍ୟାମା ଷୋଡ଼ଶୀ ସୁଖରସାଳ,
ହା’ରାବତ, ଥିଲେ ଭବ-କାଳ,
କ୍ଷମା-କ୍ଷୀରେ ତୋ’ ଦଅ ପ୍ରକ୍ଷାଳ ରେ ବାଳ । ୩୩ ।

(୧) ଦନାନ୍ତ—ସାୟଂକାଳ ।

*କଖଗଘଙଅଁ (ଙ) ଚଛଜଝଞଅଁ (ଞ)
ଟଠଡଢଅ-ଣତଥ,
ଦଧନପଫବ ଭମଯରଲବ
ଶଷସହକ୍ଷ - ଶପଥ ରେ ଧନ,
ତୋର ପ୍ରେମ-ରୂପ-ଯଉବନ,
ଭୁଲି ନପାରେ ମନ ନୟନ,
ତେଣୁ ଏ ମୋ "ଗୁପ୍ତ-ନିବେଦନ" ରେ ଧନ । ୩୪ ।

## ପଞ୍ଚମ ଛାନ୍ଦ

# ନୂଆ ଭୂଆଷୁଣୀ

(ରାଗ—କଲ୍ୟାଣଆହାରୀ)

କାନ୍ଦନା' କାନ୍ଦନା' ଚନ୍ଦ୍ରବଦନା ! ମୋ
ଅନ୍ନପୂର୍ଣ୍ଣୀର ନେତ୍ରପିତୁଳି,
କର ମନ ସ୍ଥିର ପୋଛୁ ଅଶ୍ରୁନୀର
କାନ୍ଦଣାରେ ନୁହ ବାତୁଳୀ;
କାଲିଠୁଁ, ହେବୁ ତୁ କୁଳଭୂଆଷୁଣୀ;
କହିବ ତୋ' ହିତ- କଥା କେତେ ଗୀତ
ପ୍ରସଙ୍ଗେ ଯାଅ ଥରେ ଶୁଣି । (କ)

* କ—ବ୍ରହ୍ମା । ଖ—ସୂର୍ଯ୍ୟ, ଆକାଶ । ଗ—ଜ୍ଞାନଗୁରୁ । ଘ—ବର୍ଷା । ଙ—ବିଷୟସ୍ପୃହା । ଚ—ଚଣ୍ଡେଶ୍ୱର । ଛ—ଗୃହଧର୍ମ । ଜ—ପିତାମାତା । ଝ—ବୃହସ୍ପତି । ଞ—ଗୋମାତା । ଟ—ଶବ୍ଦ । ଠ—ଇନ୍ଦ୍ରିୟଗୋଚର ଶକ୍ତି । ଡ—ବାଡ଼ବାଗ୍ନି । ଢ—ଅନନ୍ତନାଗ । ଣ—ଜ୍ଞାନ । ତ—ପୁଣ୍ୟ । ଥ—ଅନ୍ନ । ଦ—ଦାନଧର୍ମ । ଧ—ବିଦ୍ୟାଧନ । ନ—ବିଦ୍ୟାଗୁରୁ ଗଣେଶ । ପ—ରାଜା, ପାଳନକର୍ତ୍ତା । ଫ—ଯକ୍ଷ । ବ—ବାୟୁ । ଭ—ଗ୍ରହ, ନକ୍ଷତ୍ର । ମ—ଶିବ, ଚନ୍ଦ୍ର । ଯ—ଯମ । ର—ଅଗ୍ନି । ଲ—ଇନ୍ଦ୍ର । ବ—ଜଳଦେବତା ବା ବରୁଣ । ଶ—ଧର୍ମ । ଷ—ପ୍ରଜାପତି । ସ—ଜୀବାତ୍ମା । ହ—ପରମାତ୍ମା । କ୍ଷ—ଶରୀର ।

ଖେଳ ଖାଇ ଦିନ ଯାଉଥିଲା ତୋର
ଆଜଯାଏ ବାପ ମା' ଘରେ,
ଖଟି ଯାଇ କାଲି ଘାଣ୍ଟି ହେବୁ ଖାଲି
(୧) ଗୃହଜଞ୍ଜାଳ ନିଦାଘରେ;
(୨) ଖୋଜିବୁ, ପଦ୍ମିନୀର ଗୁଣ ଏଥର,
ଖରା ବର୍ଷା ପରି ଦୁଃଖ ସୁଖ ଧରି
ଗୃହିକ କରିବୁ ପଥର । (ଖ)

(୩)ଗେରସ୍ତ ହିଁ ତୋର ତାରକ ଈଶ୍ୱର
ଏ ଘୋର ଭବ-ପାରାବାରେ,
ଗୁରୁଭକ୍ତି ମଣି ଲାଗିଥିବୁ ସଦା
ଶାଶୁ-ଶଶୁରଙ୍କ ସେବାରେ;
ଗେହ୍ଲାଇ, ନଣନ୍ଦେ କରିବୁ ଆଦର,
ଗେଲ ଅଙ୍କା ରୀତି ନ ଦେଖାଇ ପତି-
ଭାଇଙ୍କ ଭାବିବୁ ସୋଦର । (ଗ)

ଘୃଣା ନ କରିବୁ ମଣିଷ ଜାତିକି
ହେଉ କେହି ନୀଚ ପାମର,
ଘାସି ଗଣ୍ଡା ଭଳି ଆମେ ମଧ୍ୟ, ଯଦି
କୁଚରିତ ଥାଏ ଆମର;
ଘେନିବୁ, ଧନ ହୀନ ଦୁଃଖୀ ଗୁହାରି,
ଘୁଞ୍ଚି ରହିଥିବୁ ଖରୁଆ ଲାଞ୍ଛୁଆ
ମିଛୁଆଙ୍କୁ ଦୂରୁଁ ଜୁହାରି । (ଘ)

ଉପଗତ ହେଲେ ଅତିଥି ଅଥବା
ବନ୍ଧୁ ଆତ୍ମୀୟ ଗୁରୁଜନ,
ଉଚିତ ସମ୍ମାନ ଦେଖାଇବୁ ତାଙ୍କୁ
ତାଚ୍ଛଲ୍ୟ କରି ବରଜନ;

(୧) ନିଦାଘ—ଗ୍ରୀଷ୍ମକାଳ ।
(୨) ପଦ୍ମିନୀ—କମଳିନୀ, ଚତୁର୍ବିଧ ସ୍ତ୍ରୀ ମଧ୍ୟରେ ପ୍ରଥମା ସ୍ତ୍ରୀ ।
(୩) ତାରକ—ତକ୍ଷୁର ଡୋଲା, ନୌକା, କର୍ଣ୍ଣଧାର, ତାରଣକର୍ତ୍ତା, ତ୍ରାଣକର୍ତ୍ତା, ରକ୍ଷକ ।

ଉଚାଟ, ନବହିବୁ ଅଗ୍ର ପ୍ରଶଂସନେ,
ଉତ୍ତର ବହିବୁ କାହାର ମହତ୍ତ୍ୱେ
ବାଧା ନ ଘଟିବ ଯେସନେ । (ଙ)

ଚାଲିଗଲା ବାଟେ ଲେଉଟି କାହାକୁ
ଚାହିଁବୁ ନାହିଁ ଅକାରଣେ,
ଚରଣ-ଲାଘବ ଫୁଟିପଡ଼େ ଚାହିଁ
ଥିଲେ ସୁଦ୍ଧା ଶୁଦ୍ଧାଚରଣେ;
ଚିତ୍ତରେ, ରଖିଥିବୁ ଉଚ୍ଚ କାମନା,
ଚିହ୍ନିବାକୁ ଗୁଣ ଅଛନ୍ତି ନିପୁଣ
ଅନେକ ଗୁଣୀ-ମହାମନା । (ଚ)

ଛୁଡ଼ା ହେବୁ ନାହିଁ ବ୍ରୀଡ଼ାକୁ ହରାଇ
ବକୁତ ନାଚ ତାମସାରେ,
ଛନ ଛନ ହୋଇ ଯିବୁନାହିଁ ମନ-
ଭୁଲାଣି ମିଛ-ପ୍ରଶଂସାରେ;
ଛଇଳା, କାହାର ଛଳ ଉପହାର,
(୪)ଛୁଇଁବୁନା' ତାହା ହେଉ ସୁନା ବାହା-
ସୂତା, ମଣି-ମୁକୁତା-ହାର ! (ଛ)

ଜଗତ ବନ୍ଦୁଛି ଏ ନାରୀଜାତିକି
ମଣି ଦେବୀ ଆଦରଶକତି,
(୫) ଜନୟିତ୍ରୀ-ଜାୟା- ନନ୍ଦିନୀଠୁଁ ଯେଣୁ
ପାଏ ସ୍ନେହ-ପ୍ରୀତି-ଭକତି;
ଜାଣିଥା, ନ ଭୁଲିବୁ ନିଜ ଖାତିର,

(୪) ବାହାସୁତା—ବାହାରେ ପିନ୍ଧିବା ଅଳଙ୍କାରବିଶେଷ (ସମ୍ବଲପୁରୀ ଶବ୍ଦ) ।

(୫) "ଜାୟାୟାସ୍ତଦ୍ଧି ଜାୟାତ୍ୱଂ ଯଦସ୍ୟାଂ ଜାୟତେ ପୁନଃ ।" ଅର୍ଥାତ୍ ପୁରୁଷ ଯାହାଠାରୁ ପୁଣି ପୁତ୍ରରୂପେ ଜନ୍ମଗ୍ରହଣ କରେ, ସେ 'ଜାୟା' । "ଏକୋଽହଂ ବହୁସ୍ୟାମ୍ ।" ପୁରୁଷ ଅନେକ ରୂପରେ ଜନ୍ମିବା ସକାଶେ 'ସ୍ତ୍ରୀ'ର ମାତୃଶକ୍ତି ଉପରେ ଆଶ୍ରୟ ନେବାକୁ ପଡ଼େ ।

ଜୀବନଟି ଗଢ଼ା ମହା ଦାୟିତ୍ୱରେ
ଜୀବନଦୀ ନାଥଜାତର । (ଜ)

ଝଗଡ଼ା ଝଂଝଟେ ଯୋଗ ଦେବା ଥାଉ
ସୀମା ନ ମାଡ଼ିବୁ ତାହାର,
ଝଡ଼ପଡ଼େ ତହିଁ ଇଜତ ମହତ
ପାଇ ଅପବାଦ-ପାହାର;
ଝିମିଟେ, ମେଳ ନ ରଖିବୁ କୁସଙ୍ଗେ,
ଝିଙ୍କାଝିଙ୍କି ହେବୁ- ନାହିଁ କାହାଠୁଲେ
ବଡ଼ିମା ପ୍ରକାଶ ପ୍ରସଙ୍ଗେ । (ଝ)

ନନ୍ଦତା ନ ହେବୁ ପର ଦୋଷ ବାଛୁ
ନ କହିବୁ କଛୁ ବାଗରେ,
ନଜ ଛିଦ୍ର ମଣି ଶାଶୁଘର ଛିଦ୍ର
ଲୁଚାଇବୁ ପର ଆଗରେ;
ନର୍ମଳ, ରଖିବୁ କୁଳ-ବ୍ୟବହାର,
ନଯ଼ମରେ ବାଧା ଦେଉଥିବା ରୀତି-
ନୀତି କରିବୁ ପରିହାର । (ଞ)

ଟାପରା ଛଳେ ବା' ଅନୁଚିତ ଆଶା
ରଖି ବସିବ ଯେ' ତୋଠାରେ,
ଟାଳଦେବୁ ତାହା ଜଣାଇ ବିରକ୍ତି-
ସୂଚକ-ନୀରବତା-ଠାରେ;
ଟେକିବୁ, ନାହିଁ ତହିଁ ସ୍ମିତ ଲପନ,
ଟାଣ ଦେଖାଇଲେ ତା' ପ୍ରତିକାର ତୋ
ପତିକ କରିବୁ ଜ୍ଞାପନ । (ଟ)

ଠକିବାକୁ ଛଳ- ବିଶ୍ୱାସୀ ରୂପରେ
ହୁଅନ୍ତି ଅନେକେ ହାଜର,
ଠାଣିମାଣି ଭାବ- ଭଙ୍ଗୀରେ ତାଙ୍କର
ରଖିବୁ ଚରକ ନଜର;

ଠିକେ ଭୁ, ଗଣ୍ଡି କର ଏହା ଧନ ରେ,
ଠୋକର ପାଇଲେ          ଆଉ କଥା ତୋର
ପଡ଼ିଯିବ ନଷ୍ଟେ ମନରେ । (ଠ)

ଡଉଁରିଆ-ଯନ୍ତ୍ରେ          କାନଫୁଙ୍କା-ମନ୍ତ୍ରେ
ନ ରଖିବୁ ଅନ୍ଧବିଶ୍ୱାସ,
ଡାହାଣୀ-କାହାଣୀ          ଶୁଣି ସତ ମଣି
ବୁଦ୍ଧି ନ କରିବୁ ଉଶ୍ୱାସ;
ଡରିବୁ, ନାହିଁ ଠକ-ଭଣ୍ଡ ଡରାଣେ,
ଡଙ୍ଗର ଗରବ-          ହାରି ଧର୍ମଦେବ
ଚର ସଖା ସଖି-ପରାଣେ । (ଡ)

ଢମାଳି-ଗୀତରେ          ଢଳି ନ ପଡ଼ିବୁ
(୭) ପଢ଼ିବୁ "ନାରୀ-ଦରପଣ"
ଢେଲ ମଣି ପର-          ଦରବରେ କର
କରିବୁ ନାହିଁ ଅରପଣ;
ଢାଙ୍କୁଣୀ,-ଚରିତେ ରମଣୀ"ରତନ",
ଢାଳେ ଖୋଲା ହୋଇ-          ଗଲେ ସେ ରତନେ
କମିଯାଏ ସ୍ନେହ ଯତନ । (ଢ)

ଅବସ୍ଥା ଅନାଇ          ବ୍ୟବସ୍ଥା ବାନ୍ଧିବୁ
ତେଜ ଆଡ଼ମ୍ବର ବିଳାସ,
ଅପବ୍ୟୟିତାରେ          ପୂରିନାହିଁ ଆଜ-
ଯାଏ କାହାର ଅଭିଳାଷ;
ଅଧିକ, ବଢ଼ିଥାଏ ତହିଁ ଅଭାବ,
ଅଜ୍ଞାନ-ପୌରୁଷେ          ଆପଣା ଶତ୍ରୁ ସେ'
ଅଛି ଯା' ସେପରି ସ୍ୱଭାବ । (ଣ)

ତୀର୍ଥ-ବ୍ରତ-ଭ୍ରମ-          ଜାଲେ ନ ପଡ଼ିବୁ
ତେଜ ପତିପ୍ରେମ-ସାଗର,

(୭) "ନାରୀଦର୍ପଣ"—ସ୍ୱର୍ଗତ ମୃତ୍ୟୁଞ୍ଜୟ ରଥଙ୍କଦ୍ୱାରା ପ୍ରଣୀତ ନାରୀଜୀବନୀ ପୁସ୍ତକବିଶେଷ ।

ତୁଷ୍ଟ ଥାନ୍ତି ସର୍ବ ଦେବଦେବୀ ଯାନ୍ତି-
ଥିଲେ ପତିଭକ୍ତି-ଜାଗର;
ତପସ୍ୟା, ପତିପଦ ସେବା ନାରୀର,
ତ୍ରାଣକର୍ତ୍ତା ପତି ପ୍ରାଣପ୍ରଭୁ ଠାରେ
ନିଜକୁ ମଣିବୁ ଶରୀର । (ତ)

ଥିଲେ ମନେ କିଛି ଦୁଃଖ, ଭୁଲିଯିବୁ
ନିରେଖି ପତି ଆଗମନ,
ଥରେ ଯହିଁପାଇଁ ବାରିବେ ତୋ ସ୍ୱାମୀ
ନ ଦେବୁ ତହିଁ ଆଉ ମନ;
ଥୋଇଲି, ଛିଣ୍ଡାଳୀ ପୋଇଲି ସମାନ,
ଥଟ୍ଟା ଛଳେ ସୁଦ୍ଧା ଘଟାଇବୁ ନାହିଁ
କାନ୍ତମନରେ ଅପମାନ । (ଥ)

ଦୋଷ ତୋ' ବାଛିଲେ ଦୁଃଖିତା ନ ହେବୁ
ଯେ' କାହାର ହିତ ବଚନେ,
ଦାସୀ ପରିବାରୀ ଲଗାଇବୁ ନାହିଁ
କାନ୍ତ ଶ୍ରୀପଦ ଅରଚନେ;
ଦ୍ରୌପଦୀ, ପଞ୍ଚପାଣ୍ଡବ ପାଟରାଣୀ,
ଦିନେ ହି' ସେ ସତୀ ନିୟୋଜି ନ ଥିଲେ
ପତିସେବାରେ ଗୃକରାଣୀ । (ଦ)

ଧଇରଯ ଧରି ପାଳିଥିବୁ ସଦା
ସତୀର ତିତିକ୍ଷା ଧରମ,
ଧର୍ମର ପରୀକ୍ଷା ବୋଲି ବୁଝିଥିବୁ
ଲୋଭମାୟା-ଗୁପ୍ତ-କରମ;
ଧରାରେ,—ସୀତା, ସାବିତ୍ରୀ, ଦମୟନ୍ତୀ,
ଧନ୍ୟା ହୋଇଛନ୍ତି ଆଉ କେତେ ସତୀ
ତୋଳି ଧର୍ମ-ବଇଜୟନ୍ତୀ । (ଧ)

ନିତ୍ୟକର୍ମ ଯଥା- ସମୟେ ଚଳାଇ
ମାନିଥିବୁ ସ୍ୱାସ୍ଥ୍ୟ ବିଧାନ,
ନିଦ୍ରାଦି ଆହାରେ ଧର୍ମାଚାର ରଖି
ଥିବୁ ସତତ ସାବଧାନ;
ନ'ବୁଝ, ଧର୍ମଟି ଦେଶ-କୁଳାଚାର,
ନ୍ୟାୟ-ସତ୍ୟଯୁକ୍ତ ପବିତ୍ର କର୍ମକୁ
ଧର୍ମ ବୋଲି କର ବିଚାର । (ନ)

ପତି-ଦେବତାର ଲକ୍ଷ୍ମୀଦେବୀ ତୁହି
ପତି ତୋ' ପରମ ଈଶ୍ୱର,
ପର ପୁଂସ ମୁଖ ଚାହିଁବୁ ନାହିଁ ସେ'
ହେଲେହେଁ ରାଜ୍ୟ-ଅଧୀଶ୍ୱର;
ପୁଚ୍ଛିବୁ,—ନାହିଁ କାହାକୁ ତା' ବିଷୟ,
ପତିପ୍ରାଣା ସତୀ- ଚରିତେ ବି' ରହି-
ଯାଏ ତହିଁ ଲୋକ ସଂଶୟ । (ପ)

ଫିରିଫିରି, ଦଣ୍ଡି ଭୂଷାଦିରେ ମଣ୍ଡି
ହେବାରୁ କେତେକ ରମଣୀ,
ଫୁଲି ଯାଇଥାନ୍ତି ଗରବେ, ସେପରି
ହେବୁ ନାହିଁ ତୁ ଧନମଣି;
ଫେସନେ, ଭୂଷଣେ ହେଲେହେଁ ସଜ୍ଜିତା,
ଫଳ ତହିଁ କିସ ନିନ୍ଦନୀୟ-ଦୋଷ-
ଦୁର୍ଗୁଣେ ସେ ନାରୀ ଲଜ୍ଜିତା ! (ଫ)

ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟା ତେଜି ପୂର୍ବ
ଅଭିମୁଖେ ରଖି ବଦନ,
ବିଘ୍ନହାରୀ ଦୟା- ମୟ ହରି ପାଦେ
କରିବୁ ଆତ୍ମନିବେଦନ;
ବିଧିରେ, ଯାପି ସେ ଶୁଭ ଅବସର,
ବିଷୟାବ୍ଧି ଗର୍ଭୁ ରତ୍ନ ସଂଚୟନେ
ତା' ପରେ ହେବୁ ଅଗ୍ରସର । (ବ)

ଭିଖାରିଙ୍କ ବଳ ବୟସ ଅବସ୍ଥା
ଦେଖି କରିବୁ ସୁବିଚାର,
ଭିକ୍ଷା ଛଳେ ମିଷ୍ଟ ବାକ୍ୟେ ଶିକ୍ଷା ଦେବୁ
ଭିକ୍ଷାଜୀବୀ କେଉଁ ନାଗର;
ଭୂତଳେ, ସର୍ବେ ପାଳନ୍ତ ସ୍ୱ କରମେ,
ଭୋକେ ପରଦ୍ୱାରେ କଏ ବା ଚଳ୍ପାରେ
ନର ମରୁ ନାହିଁ ସରମେ ! (ଭ)

ମନା କରିଥିବୁ ଥିବ ତୋ' ସ୍ୱାମୀର
ଯଦ୍ୟପି ମନ୍ଦ ଆଚରଣ,
ମନ୍ଦୋଦରୀ କଥା ଏଡ଼ି ଦଶମଥା
ଅକାଳେ ଲଭିଲା ମରଣ;
ମହୀରେ, ଯେତେ ମନ୍ଦାଗ୍ରହୀ ପୁରୁଷ,
ମରିଛନ୍ତି, ଆଜ- ଯାଏ ନିନ୍ଦନୀୟ
ତାଙ୍କ ସେ ପାପ-ପଉରୁଷ । (ମ)

ଯଥା ଯତନରେ ତତ୍ତ୍ୱ ନେଉଥିବୁ
ଗୋମାତାର ପାନ ଆହାର,
ଯାତନା ସକଳ ତୁଟିଯିବ ତୋର
ଜୀବନ-ଶାନ୍ତିରେ ତାହାର;
ଯଶୋଦା,-ଦେବୀ ସେବି ଯା'ର ଶ୍ରୀପଦ,
ଯୁଗ ଯୁଗ ପାଇଁ ଯାଇଛନ୍ତି ଥୋଇ
ଭାରତେ ଭାଗ୍ୟବନ୍ତୀ ପଦ । (ଯ)

ରନ୍ଧନ-ସଦନ ଖାଦ୍ୟ ପେୟ ମନ
ଆଚରଣ ଭୂଷା ବସନ,
ରଖିଥିବୁ ସଦା ପୂତ ପରିଷ୍କୃତ
ଆବର ଆସନ ବାସନ;
ରୁଚିର,-ରୁଚି ବୃଦ୍ଧିକରେ ଆୟୁଷ,
ରସନା-ଦାର୍ଶନୀ- ମାନସୀ-ରୁଚିରେ
ବିଷ ବି' ପାଲଟେ ପୀୟୂଷ । (ର)

"ଲକ୍ଷ୍ମୀପୁରାଣ" ବି' ପଢ଼ିବୁ ମାତର
ରଖିଥା' ଏକଥା ପରତେ,
ଲକ୍ଷ୍ମୀଦେବୀ ବ୍ରତ କାର୍ଯ୍ୟରେ ପ୍ରାପତ,
ନ ମିଳେ ତା' ଓଷା-ବରତେ;
ଲଷିବୁ, ଲୋକେ କପା ଧର୍ମ—ଗରବ,
ଲକ୍ଷପତି ହୋଇ ଖାଲି ବସିଥାଉ
ନିଶ୍ଚୟ ସେ ଭୋକେ ମରବ ! (ଲ)

ବିଧିର ବିଧାନ- ଫଳେ ତୁ ଯେ କାଳେ
କୋଳେ ପୁତ୍ର ଧନ ଧରିବୁ,
ବାଲ୍ୟକାଳୁ ତା'ର ସୁଶିକ୍ଷାର ଭାର
ନିଜେ ତୁ ବହନ କରିବୁ;
ବାଗ୍‌ଦେବୀ, ଆଦିଗୁରୁ ନିଜ ଜନନୀ,
ବିଶେ୍ୱ ମାତୃଭାଷା ହରେ ସ୍ୱ ଦୁର୍ଦ୍ଦଶା
ଜାଣିଥା' ବାଣୀ ପଦ୍ମାନନ ! (ବ)

ଶିକ୍ଷିତା ବୋଲାଇ ନପାରେ ରମଣୀ
ପଢ଼ି ଖାଲି ଶାସ୍ତ୍ର ପୁରାଣ,
ଶାଶୁ-ଶ୍ୱଶୁରାଦି ସଭିଙ୍କର ଯେବେ
ନ ତୋଷିବ ମନ-ପରାଣ;
ଶପୂଲେ, ସେ' ହିଁ ଶୋଭାବତୀ ପଣ୍ଡିତା,
ଶାନ୍ତ-ସ୍ନେହ-ପ୍ରୀତି- ତିତିକ୍ଷାଦି-ଗୁଣ-
ରତନେ ଥାଏ ଯେ' ମଣ୍ଡିତା । (ଶ)

(୭) ଷଡ଼ୈଶ୍ୱର୍ଯ୍ୟବତୀ ହେଲେହେଁ ଯୁବତୀ
(୮) ଯେବେ ନୁହେ ଗୃହ-ସେବକୀ,

(୭) ଷଡ଼ୈଶ୍ୱର୍ଯ୍ୟ—ଯଶଃ, ଶ୍ରୀ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ ।
(୮) ସେବକୀ—ଦାସୀ; (ପ୍ରାଚୀନ ପ୍ରୟୋଗ) ସେବକା ।

(୯) ଷଡ଼ପ୍ରଜ୍ଞ ସମା- ଲୋଚକଙ୍କ ନେତ୍ରେ
ଆଦର୍ଶ ଗୃହିଣୀ ହେବ କ ?
(୧୦) ଷଣ୍ଡାଲୀ,-ସ୍ୱଭାବେ କେ' ହୁଏ ସାଧ୍ୱୀ ?
ଷଣ-କୁସୁମର ବର୍ଣ୍ଣ ସୁବର୍ଣ୍ଣର
(୧୧) ହେଲେ କି' ନ ହୁଏ ମାଧ୍ୱୀ ! (ଷ)

ସଫଳ ମଣିବୁ ଗୃହିଣୀ ଜୀବନ
ଅର୍ଜି ସଧର୍ମିଣୀ ପଦ,
ସ୍ୱାମୀର ସଦିଚ୍ଛା ପୂରଣ ଦିଗରେ
ନ ଗଣିବୁ କଷ୍ଟ ବିପଦ;
ସାହାଯ୍ୟ,-ଭିକ୍ଷା ଛଳେ ସୁଦ୍ଧା ଆଦେଶ,
ସମର୍ପିବୁ ନାହିଁ ପ୍ରାଣେଶ ଉପରେ
ମନେ ରଖ ଏ ଉପଦେଶ । (ସ)

ହସ୍ତ ପଦ ଦେଇ ଏ ଭବ-ନଦୀରେ
ଛାଡ଼ିଛନ୍ତି ତୋତେ ଯେ' ହରି,
ହେବୁ ନାହିଁ ଅପ- ରାଧିନୀ ତାଙ୍କଠି
ପ୍ରତିକୂଳ ସ୍ରୋତେ ପହଁରି;
ହୃଦରେ, ସତ୍ୟ ସାରଳ୍ୟ ଥିବୁ ରଖି,
ହରିବେ ସେ' ହରି ଦୁର୍ଗତି ତୋହର
ସପଦେ ବିପଦେ ପରଖି । (ହ)

(୧୨)କ୍ଷମା, ପ୍ରେମା, ସ୍ନେହ, ଦୟାଦି ସଦ୍‌ଗୁଣ
ଶଂସିତ ଯା' ନର-ଧରମେ,

---

(୯) ଷଡ଼ପ୍ରଜ୍ଞ—ଧର୍ମ, ଅର୍ଥ, କାମ, ମୋକ୍ଷ, ଲୋକାଚାର ଓ ତତ୍ତ୍ୱଜ୍ଞାନ—ଏହି ଛଅ ବିଷୟରେ ଯେ ଅଭିଜ୍ଞ ।

(୧୦) ଷଣ୍ଡାଲୀ—କାମୁକୀ ସ୍ତ୍ରୀ, ବେଶ୍ୟା । ସାଧ୍ୱୀ—କର୍ତ୍ତବ୍ୟପରାୟଣା ।

(୧୧) ମାଧ୍ୱୀ—ତୁଳସୀ ।

(୧୨) କ୍ଷମା—ସହନଶୀଳତା; ପ୍ରେମା—ପ୍ରେମ, ନିଃସ୍ୱାର୍ଥ ଦୃଷ୍ଟିରେ ଭଲ ପାଇବା ଗୁଣ ।

(୧୩)କ୍ଷମାରେ ଖୋଜଲେ ମିଳବ ସେ ସବୁ
ଅଧିକରେ ନାଥ-କରମେ;
(୧୪)କ୍ଷଣଭା,-ଭୁଲ୍ଲ ଯେଉଁ ନାଶ-ଶକତ,
(୧୫)କ୍ଷଣେ ସେ ଜାଗିଲେ ନାନା ବନ୍ଧନରୁ
ଆସିଯିବ ଦେଶ-ମୁକତ । (କ୍ଷ)

## ଷଷ୍ଠ ଛାନ୍ଦ

# ପ୍ରଭାତ କୋଇଲି

(କେଶବ କୋଇଲ ବୃତ୍ତରେ)

କୋଇଲ ଲୋ, କରଛନ୍ତି ଯେତୁ ଧନବନ୍ତ,
କୋଳରେ ଯାହାଙ୍କ ହସି ଆସଇ ପାହାନ୍ତ ଲୋ କୋଇଲ !

କୋଇଲ, ଖଟିବା ପୂର୍ବରୁ ଅନ୍ୟ କାମେ,
ଖେଳାଅ ରସନା ଥରେ ସେ' ପ୍ରଭୁଙ୍କ ନାମେ ଲୋ କୋଇଲ !

କୋଇଲ, ଗୋବନ୍ଦ-ଗୋପାଳ ନାମୁଁ ସାର,
ଗୋପନେ ଜପ ପ୍ରଥମେ ଗାୟତ୍ରୀ-ଓଁକାର ଲୋ କୋଇଲ !

କୋଇଲ, ଘୋଷେ ଯଦ ଶରଧା ବଳୁଛି,
ଘୋଷ ପ୍ରଭୁ ଅନ୍ୟ ନାମ ଯହିଁ ଅଭିରୁଚି ଲୋ କୋଇଲ !

କୋଇଲ, ଉଗ୍ରତାରା, କାଳୀ, ଭଗବତୀ,
ଉଗ୍ର, ଗଣପତି, ନାରାୟଣୀ, ସରସ୍ୱତୀ ଲୋ କୋଇଲ !

କୋଇଲ, ଚିନ୍ତାମଣି, ଚତୁର୍ବର୍ଗଦାତା,
ଚିନ୍ମୟ, ଚିର-ସୁନ୍ଦର, ଚରାଚର-ପାତା ଲୋ କୋଇଲ !

କୋଇଲ, ଛପାଧନ, ସତ୍ୟ, ସନାତନ,
ଛଣା କରୁଣାସାଗର, ମୁକତି-ସଦନ ଲୋ କୋଇଲ !

---

(୧୩) କ୍ଷମା—ପୃଥିବୀ । (୧୪) କ୍ଷଣଭା—ବିଜୁଳି ।
(୧୫) କ୍ଷଣ—ଶୁଭ ମୁହୂର୍ତ୍ତ ।

କୋଇଲି, ଜଗତଜୀବନ, ଜଗନ୍ନାଥ,
ଜୀବେଶ୍ୱର, ଲୀଳାମୟ, ଅମୃତ, ଅଜାତ ଲୋ କୋଇଲି !

କୋଇଲି, ଝାଡ଼ବନୋଦଆ, ବନମାଳୀ,
ଝିନ ପୀତବାସ, ଭକ୍ତ-ହୃଦୟ-ସଖାଳି ଲୋ କୋଇଲି !

କୋଇଲି, ଞଖିଳ-ମୋହନ, ଞଂଶୀଧର,
ଞାରଦସୁନ୍ଦର, ଦରହସିତ-ଅଧର ଲୋ କୋଇଲି !

କୋଇଲି, ଟାହ୍ନ-ପୀରତିଆ, ଭାବଗ୍ରାହୀ,
ଟାଣଦର୍ପ-ଦର୍ପହାରୀ, ବିଶ୍ୱ-ପ୍ରାଣସାଇଁ ଲୋ କୋଇଲି !

କୋଇଲି, ଠାକୁର ହେ ମୁଁ ତୁମ୍ଭର ବୋଲି,
ଠିଆ ହୋଇ ଡାକୁଥାଅ ହୃଦୁଦୟ ଖୋଲି ଲୋ କୋଇଲି !

କୋଇଲି, ଡାକେ ଯେବେ ବ୍ୟାକୁଳତା ଥାଏ,
ଡହକ ଗଲେ ଦେଖାଇ ହେବ ତ ସେ' ଘାଏ ଲୋ କୋଇଲି !

କୋଇଲି, ଢମ ଭଜନର ପ୍ରେମଧାରା,
ଢୋକାଇ ଦେଲେ ପକାଇ କରଦଏ ମାରା ଲୋ କୋଇଲି !

କୋଇଲି, ଅତି ଅଦ୍ଭୁତ ତାର ରୀତି,
ଅବୋଧଠାରେ ଅଧିକ ଦେଖାଏ ସେ ପ୍ରୀତି ଲୋ କୋଇଲି !

କୋଇଲି, ତରକ-ତରଣୀ ପରହର,
ତର ଭବ-ତରଙ୍ଗିଣୀ ପହଁର ପହଁର ଲୋ କୋଇଲି !

କୋଇଲି, ଥୟ ନ ହେବାରୁ ତା' ଠିକଣା,
ଥକି ବସିଛନ୍ତି ଥୋକେ ପଥ ହୋଇ ବଣା ଲୋ କୋଇଲି !

କୋଇଲି, ଦେଖିବାକୁ ଅନେକେ ତତ୍ପର,
ଦରଶି ହୁଅନ୍ତି ଭ୍ରମି ସ୍ଥାନୁ ସ୍ଥାନାନ୍ତର ଲୋ କୋଇଲି !

କୋଇଲି, ଧର୍ମ-ବାହ୍ୟଠାଣିମାଣି-ପାଶେ,
ଧରି ନହୁଏ ତାହାକୁ ଦେଖାଣି-ବିଶ୍ୱାସେ ଲୋ କୋଇଲି !

କୋଇଲି, ନାହିଁ ତାର ଲୌକିକ-ନଜର,
ନ ଗୃହେଁ ସେ' ଜାତି-କୁଳ-ଖ୍ୟାତି-ଆଡ଼ମ୍ବର ଲୋ କୋଇଲି !

କୋଇଲି, ପତ୍ର ଶୋଭା ଦେଖାଇ ସୁମନ,
ପାରିବ କି ଆକରଷି ମଧୁପର ମନ ଲୋ କୋଇଲି !

କୋଇଲି, ଫୁଲବାସ ଥାଏ ଯଦି ଭଲ,
ଫୁଲ ପାଶକୁ ତା' ସୁଖେ ଆସଇ ଭ୍ରମର ଲୋ କୋଇଲି !

କୋଇଲି, ବାଇବଲ-କୋରାନ-ପୁରାଣ,
ବିବିଧ ପଥ ଦେଖାନ୍ତି ଋଷି ଯେଝା ଠାଣ ଲୋ କୋଇଲି !

କୋଇଲି, ଭୂମି ଯଦି ହେଉଛୁ ଅଣ୍ଡାଳ,
ଭସ୍ମ ତେଜ ଚଳ ଆତ୍ମଜ୍ଞାନ-ଦୀପ ଜାଳି ଲୋ କୋଇଲି !

କୋଇଲି, ମନୁ ଫଳ-ଆଶା କର ଦୂର,
ମହାପାପୀ ମଧ ଯାଇପାରେ ସ୍ୱର୍ଗପୁର ଲୋ କୋଇଲି !

କୋଇଲି, ଯୋଗଜନ୍ମା ଧାର୍ମିକ ମାନବ,
ଯମଦଣ୍ଡ ଭୋଗିପାରେ ନୁହେ ଅସମ୍ଭବ ଲୋ କୋଇଲି !

କୋଇଲି, ରଖ ତ୍ୟାଗ-ଧର୍ମରେ ବିଶ୍ୱାସ,
ରିପୁ-ତାପ-ପାପଭାର ହେବ ତୋ ଉଶ୍ୱାସ ଲୋ କୋଇଲି !

କୋଇଲି, ଲଭ ହାନି ବିଚାର ନ କର,
ଲୁହଜଳେ ଧୁଅ ପ୍ରାଣ-ପ୍ରଭୁଙ୍କ ପୟର ଲୋ କୋଇଲି !

କୋଇଲି, ଶୁଭପଥେ ଯାର ମତିଗତି,
ଶୁଭଙ୍କର ହରି ତା'ର ହରନ୍ତି ଦୁର୍ଗତି ଲୋ କୋଇଲି !

କୋଇଲି, ଷଡ଼ାନନ-ତାତ ଯା'ଙ୍କ ଧ୍ୟାନେ,
(୧)ଷଟଚକ୍ର ଭେଦି ବସିଛନ୍ତି ଶମଶାନେ ଲୋ କୋଇଲି !

କୋଇଲି, ସାମ୍ୟ-ସୁଧା ଯା' ହୃଦରୁ ଝରେ,
ସେହି ହୃଦଟି "ଶ୍ମଶାନ" ପିଣ୍ଡ-ବ୍ରହ୍ମାଣ୍ଡରେ ଲୋ କୋଇଲି !

କୋଇଲି, ହରଙ୍କର ଏଇ ତତ୍ତ୍ୱସାର,
ହୃଦରେ ରଖ ସମାନ ଦେଖି ଏ ସଂସାର ଲୋ କୋଇଲି !

---

(୧) ଷଟ୍‌ଚକ୍ର—ଦେହମଧ୍ୟସ୍ଥ ସୁଷୁମ୍ନା ନାଡ଼ୀର ମଧ୍ୟବର୍ତ୍ତୀ ଦ୍ୱିଦଳ ଏବଂ ଚତୁର୍ଦ୍ଦଳ ପଦ୍ମାକାର ୬ ଚକ୍ର ।

କୋଇଲି, କ୍ଷେମଙ୍କର ସର୍ବଦୁଃଖହର,
(୨)କ୍ଷେମେ ହରିବେ ତ୍ରିତାପ-ତ୍ରିପାପ ତୋହର ଲୋ କୋଇଲି !

## ସପ୍ତମ ଛାନ୍ଦ

# ହରିଜନ ଗୁହାରି

(ରାଗ—ରାମକେରୀ)

କହ ତ ହେ ଭାଇ ଏହି କି ଉଚ୍ଚ-ହିନ୍ଦୁ-ବିଚାର ?
କରୁଅଛ ଯାହା ଆମ୍ଭଙ୍କୁ ଚିରଦିନ ନାଚାର !
ଖଟିଛୁଁ ତ' ଦିବା ରଜନୀ ଖାଲି ତୁମ୍ଭ ସେବାରେ;
ଖରାପ କାମ କି ଦେଖିଲ ଭାଇ, କହ ତ ବାରେ ?

ଗର୍ହିତ-ପତିତ ସେ ଦିନା ଯେହ୍ନୁ ପଶୁ ସମାନ;
ଗୃହୀତ ନ ହୁଏ କି ଦୋଷେ ଆମ୍ଭ ଗୁଣ-ସମ୍ମାନ ?

ଘେନ ମାନ ତୁମ୍ଭ ଆଦେଶ ଶିର ମାଡି ଗଢ଼ିଲୁଁ;
ଘାଟେ ବାଟେ ତୁମ୍ଭ ତଥାପି ଅପମାନେ ସଢ଼ିଲୁଁ ।

ଅଛି କି ଏପରି ପ୍ରମାଣ ଧର୍ମଶାସ୍ତ୍ରରେ କା'ର ?
ଉଚ୍ଚ କେ' ହୋଇଛି ଭାଇକି ଭାଇ କରି ଧିକ୍କାର ।

ଚକଶିରେ ତୁମ୍ଭ ଯଦ୍ୟପି ହେଲୁଁ ନୀଚ ପାମର;
ଚେତ ତେବେ ଗ୍ରାମ୍ୟ-ଚକଶି କାମ ନୁହେ ଆମର ।

(୧)ଛାଡ଼ଦେବୁଁ ଦାଣ୍ଡପହରି, ମେହେନ୍ତର କବାର,
ଛାଲକଣ୍ଟା, ମଲାଖବର-ଚିଠି ବହି ନେବାର ।

---

(୨) ତ୍ରିତାପ—(୧) ଆଧ୍ୟାତ୍ମିକ (ରାଗ, ଦ୍ୱେଷ, ଅବିଦ୍ୟା ଓ ଜ୍ୱରାଦି ରୋଗ) । (୨) ଆଧିଭୌତିକ (ଶତ୍ରୁ, ବ୍ୟାଘ୍ର, ସର୍ପାଦିଭୟ) । (୩) ଆଧିଦୈବିକ (ଅତିବୃଷ୍ଟି, ଅନାବୃଷ୍ଟି, ଅତିଶୀତ, ଅତିଉଷ୍ଣ ଆଦି) ।
ତ୍ରିପାପ—କୃତ, କାରିତ, ଅନୁମୋଦିତ କିମ୍ବା ଅନ୍ୟପକ୍ଷେ:—ମାନସିକ, ବାଚିକ ଓ କାୟିକ । କ୍ଷେମ—ମଙ୍ଗଳ ।
(୧) କବାର—କାର୍ଯ୍ୟ (ସମ୍ବଲପୁରୀ ଶବ୍ଦ) ।

ଜୀବନ ଯାପନ ସକାଶେ ଅଛୁ ନାନା ଜୀବିକା
ଜାଣି ଜାଣି ଆଉ କାହିଁକି ହେବୁ ମହତବିକା ?

(୨)ଝାଡ଼ପଶୁ ନାମ ଦେଇଛ ଆମ୍ଭ ଜୀବନ ଧିକ,
ଝିଙ୍ଗାସ ବଚନ ସହିବା ମରଣରୁ ଅଧିକ ।

ଞାତ ସେହି ସିନା ଭାଇ ହେ ନ୍ୟାୟ ନାହିଁ ଯାହାର,
ନ ବୁଝି-ବିଚାରି ଦେଖାଅ କପାଁ ଦୁର୍ବ୍ୟବହାର ?

ଟେକିପଣ ରହି ନପାରେ ଖାଲି ଟେକ କଥାରେ,
ଟେକ ମୁଣ୍ଡ, ଦେଖ ଟାକର ବାଜିଲାଣି ମଥାରେ ।

ଠାର ନିବେଦନ ସୂଚଇ ଦୁଃଖ ଦୁଃଖୀ-ହୃଦର,
ଠିକେ ଆଶାକରୁଁ ଜାତୀୟ-ପ୍ରେମ-ସ୍ନେହ ଆଦର ।

(୩)ଡମ ହାଡ଼ି ଆଦି ଡଙ୍ଗର ଯଦି ତମ ଭିତରୁ,
ଡାଳେ ବିଷଫଳ ଫଳିଲେ ଦାୟୀ ନୁହେ କି ତରୁ ?

ଢୁଡ଼ା-ପଙ୍କ-ବୁଡ଼ା ଭାଇକି ଉଠାଇବା ଉଚିତ,
ଢେକିଲି ପକାଇ ବିକଳ କର ନାହିଁ ତା ଚିତ୍ତ ।

ଅତି ଅନାଦରେ ଶିଷ୍ଟ ବି' ଧରେ ଦୁଷ୍ଟ ସ୍ୱଭାବ,
ଅଯୋଗ୍ୟତା ଆମ୍ଭ ବଢ଼ିଛି ତୁମ୍ଭ ଯୋଗେ ହିଁ ଭାବ ।

ତୁମ୍ଭଲାଗି ଏକା ମନ୍ଦିରେ ଅଛନ୍ତି କି ଠାକୁର ?
ତହିଁ ମନା କଲ, ସମୟେ ଯହିଁ ପଶେ କୁକୁର ।

ଥିରମଣ୍ଡ ବୋଲା କପଡ଼ା ପିନ୍ଧି ଘାଟରେ ଧୋଇ,
ଥୁକ ମାଡ଼ି ହେଲେ ଆମ୍ଭର, ଯାଉଅଛ ଗାଧୋଇ ।

ଦାଣ୍ଡରେ ଆମ୍ଭର ଛୁଇଁକି ମଣୁଅଛ ଅଛୁଆଁ,
ଦରଣ୍ଡି ଆଣୁଛୁଁ ସଂକଟେ ତୁମ୍ଭ ପେଟର ଛୁଆ ।

---

(୨) ଝାଡ଼ପଶୁ—ଗଣ୍ଡା ବା ଗଣ୍ଡାର । ସମ୍ବଲପୁର ଅଞ୍ଚଳରେ ହରିଜନ (ପାଣ) ମାନଙ୍କୁ 'ଗଣ୍ଡା' କହନ୍ତି ।

(୩) ଡଙ୍ଗର—ଶୃଗାଳ, ଦୁଷ୍ଟ । ଶୃଗାଳ କିଏ ?

ଉତ୍ତର—ହିଂସ୍ରାହିଂସ୍ରନଷ୍ଟ ମୂର୍ଖଶ୍ଚ ସର୍ବଧର୍ମବିବର୍ଜିତଃ
ନିର୍ଦ୍ଦୟଶ୍ଚ ସର୍ବଭୂତେଷୁ ବିପ୍ରଶୃଗାଳ ଉଚ୍ୟତେ ।
(ହାରିତ ସ୍ମୃତି)

ଧର୍ମରକ୍ଷା ଛଳେ ରଖିଛ ଯେଉଁ ଜାତି-ମହତ,
'ଧର୍ମ', 'ଜାତିପ୍ରଥା' କାହାକୁ କହୁଥାନ୍ତି କହ ତ ?

ନ୍ୟାୟ୍ୟ-ଧର୍ମଶାସ୍ତ୍ର କହୁଛି ଖୋଜ କର ବାହାର,
ନେଇଛି ଯେ ଯେଉଁ ଜନମ ସେଇ ଜାତି ତାହାର

ପ୍ରମାଣ ଆହୁରି ଅଛଇ ବିଭୁ-ପ୍ରଦତ୍ତ-ଚିହ୍ନ,
ପୁଚ୍ଛ-ଶୃଙ୍ଗ, ହସ୍ତ-ପଦାଦି ସାମ୍ୟେ ଜାତିକ ଚିହ୍ନ ।

ଫଳ-ପୁଷ୍ପ-ପତ୍ର ସାଦୃଶ୍ୟେ ଚିହ୍ନ ତରୁ-ବ୍ରତତି,
ଫିଟିଯାଉ ଜାତି-ନର୍ଣ୍ଣୟ ବୁଝି ହିନ୍ଦୁ-ସନ୍ତତି ।

ବିଗିଡ଼ି ଯାଉଛି ଏକତା ଧର୍ମ-କର୍ମ ହିନ୍ଦୁର,
ବୃଥା କାହିଁକ ହେ ଭାଇକ ଭାଇ, କରୁଛ ଦୂର ?

(୪) 'ଭଲ ଲୋକ' ପଦ ବହିଛ କସ ବୁଝି ବିଚାର,
ଭାଲୁ-କୁହ୍ନି ଆଠୁଁ ତୁମ୍ଭେ ତ' ଅଧିକ ସ୍ୱେଚ୍ଛାଚାରୀ ।

(୫) ମାତଙ୍ଗ ବଶିଷ୍ଠ ନୁହନ୍ତି କେହି ଜାତ ବ୍ରାହ୍ମଣ,
ମାଣ୍ଡବ୍ୟାଦି ତପ ସଂସ୍କାରେ ସର୍ବେ ଖ୍ୟାତ ବ୍ରାହ୍ମଣ ।

---

(୪) ସମ୍ବଲପୁର ଅଧିବାସୀ ଜାତ୍ୟଭିମାନୀ ହିନ୍ଦୁମାନେ ହରିଜନ ଭାଇମାନଙ୍କଠାରେ ନିଜକୁ "ଭଲଲୋକ" ବୋଲି ପରିଚୟ ଦେଇଥାନ୍ତି ।

(୫) ବ୍ରାହ୍ମଣ—ଶ୍ରେଷ୍ଠବର୍ଣ୍ଣ, ବ୍ରହ୍ମଜ୍ଞ ।

"ଜନ୍ମନା ଜାୟତେ ଶୂଦ୍ରଃ କର୍ମଣା ଦ୍ୱିଜ ଉଚ୍ୟତେ
ବେଦାଭ୍ୟାସୀ ଭବେଦ୍ ବିପ୍ରଃ ବ୍ରହ୍ମଂ ଜାନାତୀତି ବ୍ରାହ୍ମଣଃ ।"

"ଚାଣ୍ଡାଳ ଗର୍ଭସମ୍ଭୂତୋ ମାତଙ୍ଗଶ୍ଚ ମହାମୁନିଃ,
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ।"

"ଗଣିକା ଗର୍ଭସମ୍ଭୂତୋ ବଶିଷ୍ଠଶ୍ଚ ମହାମୁନିଃ,
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ।"

"ମାଣ୍ଡବ୍ୟୋ ମୁନିରାଜସ୍ତୁ ମଣ୍ଡୂକୀ ଗର୍ଭସମ୍ଭବଃ
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ।" ଇତ୍ୟାଦି ।

"ଶୂଦ୍ରେ ଯୋ ବହି ଜାତସ୍ୟ ସଦ୍‌ଗୁଣାନୁପ୍ରତିଷ୍ଠିତଃ
ଆର୍ଜବେ ବର୍ତ୍ତିମାନସ୍ୟ ବ୍ରାହ୍ମଣ୍ୟମଭିଜାୟତେ ।"

—ଭାରତ-ବନପର୍ବ ।

ଯେଉଁ ଦୋଷେ ଆମ୍ଭେ ତୁମ୍ଭର ଆଗେ ହେଉଁ ନନ୍ଦିତ,
ଯଥା ନ୍ୟାୟେ ତୁମ୍ଭେ ସେ ଦୋଷେ କେହ୍ନେ ହେବ ବନ୍ଦିତ ?

ରାବଣ ବ୍ରାହ୍ମଣ-ଔରସେ ଜନ୍ମ ଲଭି ସେହି ତ,
ରାକ୍ଷସରେ ଗଣ୍ୟ ହେବାରୁ ସୁର ନର ଅହିତ ।

ଲୁଚିବନା' ଧର୍ମ ନିୟମ ଯାହା ଅଛି ବେଦରେ,
ଲଭ କସ ବୃଥା ବଡ଼ିମା ରଖି ଜାତିଭେଦରେ ?

ବଡ଼ ବୋଲି ସିନା ମାନନ୍ତୁ ରଖି ନିଜ ଧରମ,
ବ୍ୟବହାର ତୁମ୍ଭ ଦେଖିଲେ ମାଡୁଅଛି ସରମ ।

ଶିରେ କୁସଂସ୍କାର ଭରିଛି ତୁମ୍ଭ ଘର ଘର ତ,
ଶୁଧୁରିବା ଆଶା ଅଛି କି ଭବିଷ୍ୟତ ଭାରତ ?

ଷଣ୍ଢଧ୍ୱଜ-ମୁଖ-ନୟନ ଯେବେ ପାଞ୍ଚ-ପନ୍ଦର,
ଷଡ଼ାନନ-ଗଜବଦନ କେହ୍ନେ ହେବେ ସୁନ୍ଦର ?

---

ଶୁଦ୍ର ସନ୍ତାନ ହେଲେହେଁ ଯଦି ସଦ୍‌ଗୁଣଯୁକ୍ତ ହୁଏ, ତେବେ ସେ ବ୍ରାହ୍ମଣ ବୋଲିଯାଏ ।

"ନ କୁଲେନ ନ ଜାତ୍ୟା ବା କ୍ରିୟାଭି ବ୍ରାହ୍ମଣୋ ଭବେତ୍
ଚଣ୍ଡାଲୋଽପି ହି ବୃତ୍ତସ୍ଥୋ ବ୍ରାହ୍ମଣଃ ସ ଯୁଧିଷ୍ଠିର ।"

—ଭାରତ-ବନପର୍ବ ।

ହେ ଯୁଧିଷ୍ଠିର, କୁଳରେ ବା ଜାତିରେ ନୁହେ, କେବଳ ସତ୍‌କ୍ରିୟାଦ୍ୱାରା କେହି ବ୍ରାହ୍ମଣ ହୁଏ । ଯଦି ବ୍ରାହ୍ମଣୋଚିତ ଗୁଣକର୍ମଯୁକ୍ତ ହୋଇଥାଏ, ତେବେ ଚଣ୍ଡାଲ ମଧ୍ୟ ବ୍ରାହ୍ମଣ ହୋଇପାରେ ।

"ଧର୍ମଚର୍ଯ୍ୟୟା ଜଘନ୍ୟୋ ବର୍ଣ୍ଣଃ ପୂର୍ବଂ ପୂର୍ବଂ ବର୍ଣ୍ଣମାପଦ୍ୟତେ,
ଜାତିପରିବୃତ୍ତୌ
ଅଧର୍ମଚର୍ଯ୍ୟୟା ପୂର୍ବୋ ବର୍ଣ୍ଣୋ ଜଘନ୍ୟଂ ଜଘନ୍ୟଂ ବର୍ଣ୍ଣମାପଦ୍ୟତେ,
ଜାତିପରିବୃତ୍ତୌ ।"

—ଆପସ୍ତମ୍ଭ ସୂତ୍ର ।

ଧର୍ମାଚରଣଦ୍ୱାରା ନିମ୍ନବର୍ଣ୍ଣର ଲୋକ ଉଚ୍ଚବର୍ଣ୍ଣ ପ୍ରାପ୍ତ ହୁଏ ଏବଂ ଅଧର୍ମାଚରଣ ଯୋଗୁଁ ଉଚ୍ଚବର୍ଣ୍ଣର ଲୋକ ମଧ୍ୟ ନୀଚବର୍ଣ୍ଣରେ ଗଣନୀୟ ହୁଏ ।

"ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।"—ଗୀତା ।

(୬) ସାନ-ବଡ଼ ଜାତିବିକାର ଯାଏ ନାହିଁ ଯାବତ,
(୭) ସୁଖ-ଶାନ୍ତି-ମୁକ୍ତି ଏ ଦେଶ ପାଏ ନାହିଁ ତାବତ ।
(୮) ହରାଇ ବର୍ଣ୍ଣଭିତ୍ତି ଥିବାର ଯାଏ ହିନ୍ଦୁ ଧରମ,
ହେବନା' ଉଜ୍ଜ୍ୱଳ ଉନ୍ନତ ହିନ୍ଦୁ-ଜ୍ଞାନ-କରମ ।
ଛେପୁଛି ସ୍ୱାର୍ଥାନ୍ଧ-ଜୀବନ ଯାହା ମଜ୍ଜି ପାପରେ,
(୯) କ୍ଷିପ୍ତ ହେବ ହିନ୍ଦୁ-ସମାଜ ଦିନେ ଅନୁତାପରେ ।

## ଅଷ୍ଟମ ଛାନ୍ଦ

# କନକଲତା

(ରାଗ—ମାଳବୀ ପହିପଞ୍ଚ)

କେଣେ ଗୁଳିଗଲୁ କନକଲତା ମୋ
ସୁନାମୁହିଁ ସୁନାଥାଳି ରେ,
କି ଦୋଷେ ଝିଅ, ତୋ' ଦୁଃଖୀ ପିଅରକୁ
ଦୁଃଖାନଳେ ଦେଲୁ ଜାଳି ରେ;
କେଉଁ ଅଜଣା ରାଇଜେ,
କରୁଛୁ କି ଧନମଣି ବିଜେ ରେ !

ଖେଳୁଥିଲୁ ମୋର ନୟନ-ପିତୁଳି,
ମନ୍ଦ ବହି କଳି ଛନ୍ଦ ରେ,

(୬) ଜାତିବିକାର—ମାନବ ସମାଜର ଅପ୍ରାକୃତିକ ଜାତୀୟତା; ସେ ପାଣ ଜାତି, ଅମୁକ ବାଉରୀ ଜାତି, ମୁଁ ବ୍ରାହ୍ମଣ ଜାତି—ଏହି ବିକୃତ ଧାରଣା ।
(୭) ସୁଖ—ସ୍ୱାବଲମ୍ବନଶୀଳତା । ମୁକ୍ତି—ସ୍ୱାଧୀନତା । (୮) ବର୍ଣ୍ଣଭିତ୍ତି—ବର୍ଣ୍ଣାଶ୍ରମ ଧର୍ମ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏହି ଚାରିବର୍ଣ୍ଣର ଧର୍ମ ।
(୯) କ୍ଷିପ୍ତ—ନିନ୍ଦିତ, ଯାହାର ବୁଦ୍ଧି ବିଚଳିତ ହୋଇଅଛି ।
ହିନ୍ଦୁ—ଗୋଲାମ, କାଫର୍, ନାସ୍ତିକ, ମୁସଲମାନମାନଙ୍କଦ୍ୱାରା ପ୍ରଦତ୍ତ ଅପମାନସୂଚକ ଘୃଣ୍ୟ ପଦବିଶେଷ (ହିନ୍-ଦୁସ୍—ନିପାତନ), ନିନ୍ଦନୀୟ, ଅଧମ, ନୀଚ ।

ଖୋଲି ନେଇ ତତେ ଶୋକ-ସ୍ରୋତେ ମତେ
ଠେଲି କରିଦେଲୁ ଅନ୍ଧ ରେ;
ଚନ୍ଦ୍ରକାନ୍ତି, ତୋ ଛବିକି,
ଖୋଜିଲେ କେହିଁ ଆଉ ପାଇବି କି ରେ !

ଗେଲି ଶିରଧାରେ ବାନ୍ଧୁ ଦେଇ ଥିଲି
ନାମ ତୋ କନକଲତା ରେ,
ଗରବ ମୋହର ଭାଙ୍ଗିଦେଲୁ ବନ୍ଧୁ
ଲଟକେ ନୁଆଁଇଲି ମଥା ରେ;
ଗଳାମାଳି-ଗଣ୍ଠି-ଝୁନା,
ଗଲୁ ଛାଡ଼ି ଗୋଡ଼ି କରି ଚୂନା ରେ !

ଘଡ଼ିକି ଘଡ଼ି ତୋ ଖେଳିବା ସ୍ଥାନରୁ
ଆସୁଥାଉ ପାଖେ ଧାଇଁ ରେ,
ଧନ ଲତା ପରି ଘରକୁ ନ ଫେରି
ଉଡ଼ିଭଳି ଗଲୁ ତୁ କାହିଁ ରେ;
ଘୂରେ ମନ ଚିନ୍ତା-ସ୍ରୋତେ,
ଦୁଃଖ ଆସୁଛି ନ ଦେଖି ତୋତେ ରେ !

ଜଗାଳି ତୁ ମତେ ଅଳି କରୁ କେତେ
କେତିକି ମୁଁ ଯାଉଥିଲେ ରେ,
ଉଛୁଳି ପଡ଼େ ତୋ ହସ ଛଳେ ହର୍ଷ
ଫେରିବା ମୋର ଦେଖିଲେ ରେ;
ଉଜୁଡ଼ାଇ ଧୂଳିଘର,
ଉପରରେ ଧାଇଁ ଧରୁ କର ରେ !

ଚୁହିଁ ଦେଲେ ତୋର ସରୂପା ବାଳିକା
ଲୋତକ ଯାଉଛି ଝରି ରେ,
(୧)ଚମକି ପଡ଼ୁଛି କନକ, ଅଳକା-
ସପନ ଦେଖିଲି ପରି ରେ;

---

(୧) ଅଳକା—ସ୍ୱର୍ଗ ।

(୨)ଚିତ ହେଉଛି ବ୍ୟାକୁଳ,
ଚିନ୍ତା-ସାଗରେ ନପାଇ କୂଳ ରେ !

ଛ' ବରଷ କାଳ କାଟିଥିଲେ ହେଁ ତୁ'
କଳି ରାଜୁତି ଭିତରେ ରେ,
ଛନ୍ଦ କୁଟିଳତା ମିଥ୍ୟା ନିଷ୍ଠୁରତା
ଛୁଇଁ ନ ଥିଲା ଚିତ୍ତରେ ରେ;
ଛଣା ସ୍ନେହ-ସରଳତା,
ଛନ୍ଦିଥିଲୁ ମୋ କନକଲତା ରେ !

ଜନମୁଁ ଏ ଯାଏ ଭୋଗି ନ ଥିଲି ମା'
ସନ୍ତାନହରା ଯାତନା ରେ,
ଜ୍ୱଳନର ସମ ଜଳୁଛି ମରମ
ହଜି ଯାଉଛି ଚେତନା ରେ;
ଜୀବନେ ମୁଁ ଅଛି କି ନା'
ଜାଣିବ କେ ଅନୁଭବୀ ବିନା ରେ !

ଝଡ଼ି ପଡ଼ୁଅଛି ହାଡ଼ରୁ ମାଉଁସ
ଅଦମ୍ୟ ଶୋକ ଆଘାତେ ରେ,
ଝାଉଁଳି ଗଲୁ ମୋ ଲତା, ତୁ' ଯେପରି
ଆକସ୍ମିକ-ସନ୍ନିପାତେ ରେ;
ଝିଅ, ତୋର ସ୍ନେହ ଡୋର,
ଝିଙ୍କି ନେଉ ଏ ପ୍ରାଣକୁ ମୋର ରେ !

ନାଳଜ ଅସାର ଜୀବନେ ସଂସାର
ଯାପୁଛି ପାପ-ଜଞ୍ଜାଳେ ରେ,
ନରେଖି ନପାରି ତୋ ଗୁହୁ ବଦନ
ତୋ ଶେଷ-ମେଲାଣି କାଳେ ରେ;
ନଆଁ ପରି ଦୁଃଖଧାସ,
ନିରବଧି ପ୍ରାଣେ ଦିଏ ତ୍ରାସ ରେ !

(୨) ଚିତ—ମନ (ଚିତ୍ତ ଶବ୍ଦଜ—ପଦ୍ୟ ପ୍ରୟୋଗ) ।

ଝଲ ଝଲ ଦେହ- ତରୁ ଅହରହ
ଆଣ୍ଠି ଭବ-ନଦୀ ଧାର ରେ,
ଝାଙ୍କ ନ ପାରେ ସେ' କାହାକୁ ନମେଷେ
ଆସିଲେ ତା' ଝଲବାର ରେ;
ଝାଣ ଆଶା ତଥାପି ତ,
ଝାଲ ନପାରେ ଅବୋଧ ଚିତ୍ତ ରେ !

ଠଉରାଇ କହୁ ପାରୁଥିଲେ ହେଁ ମା'
ଅସାର ସଂସାର ଗୀତରେ,
ଠକ ଦେଉଛୁ ସେ' ଦେଖାଇ ମାନସେ
କୁହୁକମୀ-ଆଶା-ପ୍ରୀତି ରେ;
ଠାର ଦେବାଯାଏ କାଲ,
ଠୁକିବାକୁ ହେଲାଣି କପାଳ ରେ !

ଡାକୁଛୁ ମୀରବେ 'କନକ'—'କନକ'
ବୋଲି ତୋ ଜାତକରେଖା ରେ,
ଡହଲ ବିକଳେ ପଡ଼ିଥିଲା ପର
ମନେ ହୁଏ ହେଲେ ଦେଖା ରେ;
ଡଉଁରିଆ କଣ୍ଠିମାଳା
ଡୋର-ଫୁଟୁଲା ତୋ' ଫୁଲଡାଲି ରେ !

ଢେଉପର ପୀଡ଼ା ପ୍ରସରି ସହସା
କରିଦେଲା ତୋତେ ପାଣି ରେ,
ଢୋକିବାକୁ ଶେଷେ ଘଟାଇଲା ଧାତା
ତୋ ଭାଗ୍ୟେ ଖଟା ତୋରାଣି ରେ;
ଢିଲା ହେଲା କ୍ରମେ ନାଡ଼ୀ
ଢଳି ପଡ଼ିଲୁ ମୋ ସୁନାଖାଡ଼ି ରେ !

ଆଜନ୍ମ ଦୁଃଖର ଅଭିନେତ୍ରୀ ରୂପେ
ମଣ୍ଡିଥିଲୁ ମୋ ସଦନ ରେ,

ଅଭିନୟ ତୋର          ସ୍ମରିଲେ ହୃଦରୁ
ଉଠୁଛି ସ୍ୱତଃ କ୍ରନ୍ଦନ ରେ;
ଅଶ୍ରୁ ଦେବାର ସଙ୍ଗିନୀ,
ଆସିଥିଲୁ କି ତୁ ଅଭାଗିନୀ ରେ !

ଭୂଶୟୁ ବାସର          ଫଗୁଣ ମାସର
ଶୁକ୍ଳ ଦୁଆଦଶୀ ତିଥିରେ,
ତୋର ଆଗମନ          ସୂଚନାରେ ପ୍ରାଣେ
ଦେଇଥିଲା ଶୋକ-ଖିତି ରେ;
(୩) ତମୋପକ୍ଷ ଚତୁର୍ଦ୍ଦଶୀ
(୪) ତେଣୁ ଗ୍ରାସିଲା ତୋ ମୁଖ-ଶଶୀ ରେ !

ଥିଲୁ ତୁହି ମୋର          ଗୃହ-ନିକୁଞ୍ଜର
ଯେହ୍ନେ ଲଜକୁଳିଲତା ରେ,
(୫) ଥର ସଙ୍କୁଚିତ          ହୋଇଯାଏ ବାତ
ଆଘାତେ ତୋ ପ୍ରଫୁଲ୍ଲତା ରେ;
(୬) ଥଟ୍ଟା ନ ସହୁ କାହାର,
ଥାତି ଧନ ମୋ କନକହାର ରେ !

ଦସ୍ୟୁବତ, ପାଖ-          ଦାଣ୍ଡେ ଖେଳୁଥିଲେ
ଦ୍ୱାରେ ଭିଖାରିଙ୍କି ଦେଖି ରେ,
ଦଉଡ଼ି ଆସୁ ତୁ          ଘର ଭିତରକୁ
ଧୂଳିଘର ତୋ ଉପେକ୍ଷି ରେ;
ଦୁଃଖୀ ଚନ୍ଦ୍ରେ ଦୁଃଖିପ୍ରାଣ,
ଦେଉଥିଲୁ ତହିଁର ପ୍ରମାଣ ରେ !

---

(୩) ତମୋପକ୍ଷ—କୃଷ୍ଣପକ୍ଷ, ରାହୁପକ୍ଷୀୟ । (୪) ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର ଅପରାହ୍ଣର (୧୯୩୬ ମାର୍ଚ୍ଚ ୨୩ ତାରିଖ) ପ୍ରାୟ ୫ ଘଣ୍ଟା ସମୟରେ କନକଲତାର ଜନ୍ମ ଏବଂ ଭାଦ୍ର କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର ତା ୯।୯।୪୨ ଇସବୀ ଦିନ-ଭାଗର ପ୍ରାୟ ୪ ଘଣ୍ଟା ସମୟରେ ମୃତ୍ୟୁ ଘଟିଥିଲା । (୫) ବାତ—ପବନ, ରୋଗବିଶେଷ । (୬) କନକଲତା—ଯେ କାହାର ବିଦ୍ରୂପସୂଚକ ଥଟ୍ଟା ବ୍ୟବହାର ଆଦୌ ସହ୍ୟ କରି ପାରୁ ନଥିଲା ।

ଧରେ ମୁଁ ଯେ କାଳେ କାଖ କରି ତୋତେ
ମଣିଥାଏ ଅଳଂକାର ରେ,
ଧମ୍ମ ନ ହେଲେହେଁ ଧିକ୍‌କାରେ ସେକାଳେ
ସଉଭାଗ୍ୟ ଅଳକାର ରେ;
ଧୂଳି ଏବେ ତୋ ତନୁର,
(୭) ଧନ, ହେଲା ମୋତେ କୋହିନୂର ରେ !

ନିଷ୍ଠୁର ବିଧାତା ଇହଧାମୁ ସରି
ମେଣ୍ଟାଇ ଥିଲେହେଁ ତୋର ରେ,
ନେତ୍ରର ପ୍ରତିମା ଥିଲୁ ବୋଲି ତୁ' ମା'
ଖୋଜେ ତୋତେ ନେତ୍ର ମୋର ରେ;
ନ ଦେଖି ସେ ତୋର ଛବି,
ନିଜେ ଅଶ୍ରୁ ରୂପେ ଯାଏ ଦ୍ରବି ରେ !

ପୂଜା ମୋହଠାରୁ ନାହିଁ ପାଇବାରୁ
(୮) କବା ଖଞ୍ଜ-କୁଜ-କଣା ରେ,
ପ୍ରାଣକୁ ନ ନେଇ ପ୍ରାଣେ କଷ୍ଟ ଦେଇ
ସିଦ୍ଧ କଲେ କୁମନ୍ତ୍ରଣା ରେ;
ପ୍ରତେ ଏହା ତ ନ ଲଗେ,
(୯) ପୃଥ୍ୱୀ ପୀଡ଼ା ଦେଇଛି କା' ଭାଗ୍ୟେ ।

ଫଟା କପାଳକୁ ଫଟାଇ ଦେଲେହେଁ
କଗୃଡ଼ ହୋଇ ପଥରେ ରେ,

(୭) କୋହିନୂର—ଭାରତେଶ୍ୱରଙ୍କ ମସ୍ତକସ୍ଥ ଇତିହାସପ୍ରସିଦ୍ଧ ହୀରକ ।

(୮) ଖଞ୍ଜ—ଶନିଗ୍ରହ । କୁଜ—ମଙ୍ଗଳଗ୍ରହ । କଣା—ଶୁକ୍ରଗ୍ରହ ।

(୯) ଉଲ୍ଲିଖିତ ଗ୍ରହମାନଙ୍କ ପରି ପୃଥିବୀ ମଧ୍ୟ ଗୋଟିଏ କ୍ଷୁଦ୍ର ଗ୍ରହ (ସୂର୍ଯ୍ୟର ଉପଗ୍ରହ ବିଶେଷ) ଏବଂ ଜଡ଼ ପଦାର୍ଥ । ଏମାନେ ମନୁଷ୍ୟପରି କ୍ଷୁଧା, ତୃଷ୍ଣା, ସମ୍ମାନ, ଅପମାନାଦି ହର୍ଷ-ବିଷାଦ ଅନୁଭବକାରୀ ଚେତନ ପଦାର୍ଥ ନୁହନ୍ତି ଯେ କାହାପ୍ରତି ରୁଷ୍ଟ ହେଲେ ଦୁଃଖ ଦେବେ କିମ୍ବା ତୁଷ୍ଟ ହେଲେ ସୁଖ ଦେଇ ପାରିବେ । ଏହାର ତାତ୍ପର୍ଯ୍ୟ ଏହି ଯେ, ପ୍ରାଣୀର ସମ୍ପଦ-ବିପଦ, ସୁଖଦୁଃଖାଦି ନିଜର କର୍ମଫଳ ବ୍ୟତୀତ ଅନ୍ୟ କିଛି ନୁହେଁ ।

(୧୦) ଫେର ଆସିବୁ କି ଅନକ-ବାସିମା-
କନକ, ତୁ ଆଉଥରେ ରେ;
ଫଳ ନାହିଁ ଡହିଁ କହୁ,
ଫନ୍ଦୀ ବନ୍ଧି ତ ମୋତେ ଠକହୁ ରେ !

ବିଷୟ-ଜଞ୍ଜାଳ- ବିଷେ ଜରଜର
ନ ହେଉଣୁ ତୋ ଜୀବନ ରେ,
(୧୧) ବିଶ୍ୱପତିଙ୍କର ଅମୃତାଳୟକୁ
ଲୁଚିଗଲୁ କିବା ଧନ ରେ;
ବଡ଼ ଭାଗ୍ୟବତୀ ତୁହି,
ବାଞ୍ଛା ପୂରୁ ତୋର ଗୃହମୁହିଁ ରେ ।

ଭବ-ଦୁଃଖ-ଜ୍ୱାଳା ନାହିଁ; ପୁଣ୍ୟଶୀଳା,
ଯେ ପୁରେ କରନ୍ତି ବାସ ରେ,
ଭକ୍ତ-ଦୁଃଖ-ହାରୀ- ହରିଙ୍କ ପୟରେ
ରଖ ଭରସା ବିଶ୍ୱାସ ରେ;
ଭାବଗ୍ରାହୀ ଦୟାମୟ,
ଭୟ ହରିବେ ତୋର ନିଶ୍ଚୟ ରେ !

ମାଆ ତୁ ଯେ ଦିନ ମୋ ଘରୁ ବାହାରି
ଲେଉଟିଲୁ ନାହିଁ ଆଉ ରେ,
ମାତା, ଭ୍ରାତା ତୋର ମାତାମହୀଙ୍କର
କାନ୍ଦିବାର କଥା ଥାଉ ରେ;
ମେଘମାଳା ଏ ଅଞ୍ଚଳେ,
(୧୨) ମହୀ ପ୍ଲାବଦେଲା ଅଶ୍ରୁଜଳେ ରେ !

---

(୧୦) ଅନକ—ସ୍ୱର୍ଗ । ଫନ୍ଦୀ—କୌଶଳୀ ।
(୧୧) ଅମୃତାଳୟ—ମୁକ୍ତିସଦନ, ବୈକୁଣ୍ଠ ଭୁବନ ।
(୧୨) ବାଇଶି (ବିଜେପୁର ଜମିଦାରୀ) ଅଞ୍ଚଳରେ ବିଶେଷତଃ ତାଳପଦର ଗ୍ରାମରେ ପ୍ରାୟ ଏକମାସ ପୂର୍ବରୁ ସ୍ଥଗିତ ରହି (ତା ୬।୬।୪୨ ଖ୍ରୀ:) ଭାଦ୍ର କୃଷ୍ଣ ଚତୁର୍ଦ୍ଦଶୀ ପ୍ରଦୋଷ ସମୟରେ ପ୍ରବଳ ବର୍ଷା ହୋଇଥିଲା ।

ଯେଉଁ ଲତା ବେଣି ତୋର ମନ ତୋଷି-
ଥାନ୍ତା କୁସୁମ ବଉଳ ରେ;
ଯତନ ଅଭାବେ ତୋର ବିରହଭାବେ
ସେ ମଧ୍ୟ ଯାଏ ଝାଉଁଳ ରେ;
ଯେଉଁ ତୋତେ ଝୁରି ଝୁରି,
ଯାଉଅଛି ଝଡ଼ି ତା ମାଧୁରୀ ରେ !

ରସାରେ 'ନବାନ୍ନ' ସମ୍ବଲପୁରର
ଦେବଦେବୀଙ୍କ ପରବରେ,
(୧୩) ରସନା କାମୋଡ଼ି ରହିଗଲେ ଝାଙ୍କି
ଶୁଣି ତୋ' ମା' ଶୋକରବ ରେ;
(୧୪) ରମା ମଧ୍ୟ ଉପବାସେ,
ରହିଗଲେ ସେ' ଦିନ ମୋ ବାସେ ରେ !

ଲତା, ଦେଖି ମୋତେ କେତେ ସ୍ଥାନେ କେତେ
ପରିଚିତ ବନ୍ଧୁଜନ ରେ,
ଲକ୍ଷି ନଥିବେ ସେ ଯଦି ତୋ ବାରତା
ହସି କରିବେ ପ୍ରଶନ ରେ;
ଲାଭ ହାନି ମୋ ଗୃହର,
ଲୁହନେତ୍ରେ ଦେବି କି ଉତ୍ତର ରେ !

ବେଳେ ବେଳେ ଶିଶୁ- ସୁଲଭ ଭ୍ରମେ ତୋ
ସଙ୍ଗ ଖେଳାଳୀ-ବାଳିକା ରେ,
ଭଜେ କରିଥାନ୍ତି ଘରକୁ ମୋହର
ଘେନି କନା ପୁତ୍ତଳିକା ରେ;
ବସ୍ଥେ, ତୋର ସ୍ମୃତି ଆଣି,
ବରସେ ନଅନ୍ତି ସେ' ମେଲାଣି ରେ !

---

(୧୩) ଝାଙ୍କି—ଲେଖକର ଗୃହଅଧିଷ୍ଠାତ୍ରୀ ଦେବତା ।
(୧୪) ରମା—ପ୍ରତିମା ରୂପିଣୀ ଲକ୍ଷ୍ମୀଦେବୀ ।

ଶୁଭଙ୍କର ହରି, ହୃଦରୁ ମୋହରି
ହର ଦାରୁଣ ସନ୍ତାପ ହେ,
ଶୋଚନା ସହରି ନପାରେ ଲହରି-
ପରି ଉଠୁଛି ବିଳାପ ହେ;
ଶାନ୍ତିଦାତା ଭଗବାନ,
ଶୋକାର୍ତ୍ତିକୁ ଶାନ୍ତି କର ଦାନ ହେ !

* ଷଣ୍ଢ ଦରଶନ ମାତେ ମୋର ମନ
ଶ୍ମଶାନେ ହୁଏ ହାଜର ହେ,
(୧୫) ଷୋଡ଼ଶ-ଆବର୍ତ୍ତ- ସ୍ୱନ ଶୁଣି ନେତ୍ର
ହୁଏ ଅଶ୍ରୁ-ଜରଜର ହେ;
(୧୬) ଷୋଡ଼ଶାଂଶ ସୁତ ବୁଧ,
(୧୭) ଷଡ଼ଭୁଜ ପରି ଦହେ ହୃଦ ହେ !

ସର୍ବ ଦୁଃଖହାରୀ ତୁମ୍ଭେ ତ' ହେ ହରି,
ବିଶ୍ୱବନ୍ଧୁ ପିତା ମାତା ହେ,
ସୃଷ୍ଟି-ସ୍ଥିତି-ଲୟ- କାରୀ ଦୟାମୟ
ତୁମ୍ଭେ ଧାତା ବିଶ୍ୱପାତା ହେ;
ସ୍ନେହ-କରୁଣା-ନିଧାନ,
ସତ୍ୟ ସୁନ୍ଦର ତୁମ୍ଭ ବିଧାନ ହେ !

---

* ଏହାର ତାତ୍ପର୍ଯ୍ୟ ଏହି ଯେ, ଷଣ୍ଢଦର୍ଶନ ହେତୁ ଷଣ୍ଢବାହନ—ଶିବ, ଶିବାଳୟ—ଶ୍ମଶାନ; ଶ୍ମଶାନବାସିନୀ—ସ୍ୱର୍ଗତା କନକଲତା; ଏହିପରି ପରମ୍ପର ସମ୍ପର୍କୀୟ ସ୍ମୃତି ଆଣି ମନ ବ୍ୟାକୁଳ ହୋଇଥାଏ ।

(୧୫) ଷୋଡ଼ଶାବର୍ତ୍ତ—ଶଙ୍ଖ । କନକଲତା ବାତରୋଗରେ ରୁଗ୍‌ଣା ଥିବାରୁ ତାର ସନ୍ତାନ-ଦୁଃଖ-କାତର ଜନନୀ ଦୁଃଖିନୀ ଝିଅର ଆରୋଗ୍ୟଲାଭ ଆଶାରେ ଏକୋଇଶ ବାର ନିର୍ଜଳା ସୋମବାର ବ୍ରତ ପାଳନ ପୂର୍ବକ ସର୍ବଦୁଃଖହାରୀ କରୁଣାମୟ ଈଶ୍ୱରଙ୍କ ମନ୍ଦିରରେ ଶଙ୍ଖଟିଏ ଅର୍ପଣ କରିବାକୁ ସଂକଳ୍ପ କରିଥିଲେ ।

(୧୬) ଷୋଡ଼ଶାଂଶ—ଚନ୍ଦ୍ର । ଚନ୍ଦ୍ରସୁତ—ବୁଧ । କନକଲତାର ମୃତ୍ୟୁ ବୁଧବାର ଦିନରେ ଘଟିଥିଲା ।

(୧୭) ଷଡ଼ଭୁଜ—ଜ୍ୱରଦେବତା ।

ହଜଚ୍ଛି ବିବେକ ହେଜି ପାରିବି କି
ମହା ମହିମା ତୁମ୍ଭର ହେ,
ହରତା ଧରତା ଜଗତକରତା
ଯାହା କରି ବିଶ୍ୱମ୍ଭର ହେ;
ହରି, ତୁମ୍ଭ ଦେଲ ଧନ,
ହରୁଅଛି ଦେଖି ପ୍ରୟୋଜନ ହେ !

କ୍ଷମା କର ପ୍ରଭୋ, ଏ ଶୋକ-ବିହ୍ୱଳ
ଅଜ୍ଞାନର ଭ୍ରମ ଦୋଷ ହେ,
କ୍ଷୁବ୍ଧ ମନେ ତବ ପରମ-ବିଧାନେ
କରିଛି ଯାହା ଆକ୍ରୋଶ ହେ;
(୧୮) କ୍ଷନ୍ତା, ଢାଳ କୃପାବାରି,
କ୍ଷୀଣ କଣ୍ଠେ କରୁଛି ଗୁହାରି ହେ !

### ନବମ ଛାନ୍ଦ

## କୃତ୍ରିମ-ସାଧନା *

(ରାଗ—ଆଷାଢ଼ଶୁକ୍ଳ)

କହିବି ସଂସାର,
କେବଳ ଅଯଥା ଶ୍ରମଟି ସାର । ଧ୍ରୁବପଦ ।

ନୀଡ଼ ତୁଙ୍ଗ ଶୈଳ- ଶୃଙ୍ଗ ସୋପାନେ,
କଣ୍ଠ ମାଜିରଖି ଝଗମ୍ଭୁ ପାନେ;
କବଳ କରି ତୁ ରସାଳ କଳି,
କାକ, ତୋଳିବୁ କି ପିକ-କାକଳି ?

(୧୮) କ୍ଷନ୍ତା—କ୍ଷମାଶୀଳ ।

* କୃତ୍ରିମ—ଯାହା ସ୍ୱାଭାବିକ ବା ବିଶୁଦ୍ଧ (ସାତ୍ତ୍ୱିକ) ନୁହେଁ । ଅର୍ଥାତ୍ ରାଜସିକ ଓ ତାମସିକ । ସାଧନା—ଚେଷ୍ଟା ।

ଖାଣ୍ଠି ସାର ହେଉ ସର-ଶାକର,
(୧) ଖର ତାକୁ ମୂଳେ ବରଷାକର;
ଖଟୁ ପ୍ରଜାପତି ଶ୍ରମକୁ ସାର,
ଖରଚ୍ଛେଦ, ତୁ' କ ହେବୁ କୁଶାର ?

ଗରବରେ ଗିରି- ଶିଖରେ ଚଢ଼ି,
ଗରଜନ କର ଘଡ଼କ ଘଡ଼ି;
ଗ୍ରାସ କର ଗଜ- ଘଜ ମୁକୁତା,
(୨) ଗଜାରି ହେବୁ କ ବଜାରି କୁତା ?

(୩) ଘୋଷରୁ ବାହାରି ଗୋଷ୍ଠରେ ବୁଲି,
ଘାସ ଦାନା ଖାଇ କର ପାକୁଳି;
ଘୋଷ ହମ୍ବାରବ ଗୋଶାଳେ ଢୁକ,
ଘୁଷୁରି, ତଥାପି ଗାଈ ହେବୁ କ ?

(୪) ଙମାବଲ୍ଲଭଙ୍କୁ ତୋଷିବା ଛଳେ,
ଙଗ୍ରହାର-ବଳ ଗଢ଼ି କୌଶଳେ;
ଙଡ଼ିବାକୁ ପାଇ ଥିଲେହେଁ ଡେଣା,
ଙଇ, ରଚିବୁ କ ତୁ' ମହୁଫେଣା ?

(୫) ଚ୍ଛଲିବାକୁ ଦାଣ୍ଡେ ଚକ୍ରାଙ୍ଗ ପରି,
ଚରଣକୁ ବଳେ ବିସ୍ତାର କରି;
ଚେଷ୍ଟା କର ଆଶ୍ରା ନେଇ ବଧିରି,
ଚଟକ, ତୋ' ଗତି ହେବ କ ଧୀରି ?

ଛଣା କ୍ଷୀର ଶୋଷି ସ୍ପର୍ଶପଥର
ଛୁଅଁ ତୁ ହନକେ ସହସ୍ର ଥର;
(୬) ଛୁଆଁ ତୋ ଅଙ୍ଗକୁ ଭଙ୍ଗ ଗଙ୍ଗାର,
ଛାଡ଼ିବୁ କ କଳା- ରଙ୍ଗ ଅଙ୍ଗାର ?

(୧) ବର୍ଷାକର—ମେଘ । ଖରଚ୍ଛେଦ—ବେଣା । (୨) ଗଜାରି—ସିଂହ । (୩) ଘୋଷ—ଗୋପାଳପଲ୍ଲୀ । ଢୁକିବା—ଭିତରକୁ ପ୍ରବେଶ କରିବା । (୪) ଙମାବଲ୍ଲଭ—ଶିବ । ଙଗ୍ରହାର—ସର୍ପ । (୫) ଚକ୍ରାଙ୍ଗ—ହଂସ । (୬) ଭଙ୍ଗ—ଲହରୀ ।

ଜଙ୍ଗଲକୁ ଛାଡ଼ି ରହ ଗରାମେ,
(୭) ଜମ୍ବୁନଦ-ବାଡ଼ି- ବେଢ଼ା ଆରାମେ;
(୮) ଜଖର ଯତନେ ରଖ ତୋ କୁଞ୍ଜ,
ଜ୍ୟୋତି ମୋତିର କି ଢାଳିବୁ ଗୁଞ୍ଜ ?

ଝାଡ଼ି ପକ୍ଷଗୁଚ୍ଛ ଦେ' ଅଲଗାଇ,
ଝିଙ୍କି ଶିଖୀପୁଚ୍ଛ ହୁଅ ଲଗାଇ;
ଝୁଲ୍‌ନାଚ ଶିଖ ଶିଖଣ୍ଡୀ ଠେକ,
ଝାଡ଼କୁକୁଡ଼ା ତୁ ହେବୁକି କେକୀ ?

ନିର୍ଝର ପ୍ରଫୁଲ୍ଲ ମଧୁ-ଗୋରସେ,
ନିମଜ୍ଜି ତୋ ମୂଳ ରହୁ ବରଷେ;
ନିଷ୍ପେଷିତ ହୁଅ ଦେବ ଘଣାରେ,
ନିମ୍ବ, ତୋ' ରସ କି ହେବ ପଣା ରେ ?

ଟିକ ଟିକ କରି କାଟି ତୋଟି ରେ,
(୯) ଟୋଲ କୋଳ ଭରି ପାଟି ତୋଟିରେ;
(୧୦) ଟହକ ପିଞ୍ଜରେ କର ଆସନ
(୧୧) ଟେଣ୍ଟୋଇ, ହେବୁକି ତୁ ଫଳାଶନ ?

ଠିକ ଠାବେ ଖଞ୍ଜି କମ୍ବଳ-ଶୃଙ୍ଗ,
ଠାଣି ଦେଖା ମଣ୍ଡି କୈଳାସ-ଶୃଙ୍ଗ;
(୧୨) ଠୋସରେ ଖୋସ ବ' ପୁଚ୍ଛେ ଚାମର,
ଠେକୁଆ ତୁ କେହ୍ନେ ହେବୁ ଚମର ?

(୧୩) ଡୁଲି ଗର୍ଭି ତେଜ ରହି ଡଙ୍ଗରେ,
(୧୪) ଡେରା କର ରାଜ- ଅହି ସଙ୍ଗରେ;

---

(୭) ଜମ୍ବୁନଦ—ସୁବର୍ଣ୍ଣ । (୮) ଜଖ—ଭ୍ରମଣଶୀଳ ଧାତୁ (ସ୍ୱର୍ଣ୍ଣ) ଦେବତା (ଯକ୍ଷ ଶବ୍ଦର ଅପଭ୍ରଂଶ)। (୯) ତୋଟି—ଥଣ୍ଟ, ତଣ୍ଟି । ଟୋଲ—ମହୁଲ ଫଳ । କୋଳ—ବରକୋଳି । (୧୦) ଟହକ—ସୁନା । (୧୧) ଫଳାଶନ—ଶୁକପକ୍ଷୀ । (୧୨) ଠୋସ—ଠାଣ, ମଜଭୁତ୍ । (୧୩) ଡୁଲି—କଆଁସି । (୧୪) ରାଜାହି—ଦୋମୁହାଁ ସାପ ।

(୧୫) ଡୁଣ୍ଡୁଭ, ଡୁମ୍ବ ଡ' ଜଣା—ନା'ଗର,
ଡେରୁଛୁ କାହିଁକି ଫଣା ନାଗର ?

ଢେଉରେ ହୁଅ ଢ' ଢୁ' ଭାସମାନ,
(୧୬) ଢାଙ୍କୁଣୀ ଝଲୁ ତୋ ସୁଭ୍ର ସମାନ;
(୧୭) ଢାଳନ୍ତୁ ତୋ ପ୍ରତି କୃପା ରୁଦର,
(୧୮) ଢୋଲ ଗେଣ୍ଡା, ଢୋଇ ନ ପାରୁ ଦର !

(୧୯) ଆସ୍ୟ ମଣ୍ଡି ସ୍ୱର୍ଣ୍ଣ- ପରଗରହେ,
ଆପେ ରହି ଯହିଁ ତୁରଗ ରହେ;
ଅହର୍ନିଶ ପୃଷ୍ଠେ ବହ ବାଖର,
(୨୦) ଅଶ୍ୱ ହେବୁ କେହ୍ନେ କହ ବା ଖର ?

(୨୧) ତରୁରୁହ ପରି ତରାଠେ କଆ,
ତୋର ପ୍ରତି ଡ଼ାଳେ କରାଅ ଠିଆ;
ତୋଟା ମଣ୍ଡ୍ର ରଖି ପାରୁଶେ ମଲ୍ଲି
ତେବେ ବଦଳ ନ ପାରୁ ଶେମଳ !

ଥାପ ଶୃଙ୍ଗ ତାଡ଼ି ଥୋର ପାହାର,
ଥୋମଣିରୁ ଦନ୍ତ କର ବାହାର;
ଥୁଅ ବ' ପୃଷ୍ଠେ ତୁ ରଙ୍ଗ-ଅମାର,
(୨୨) ଥୋଗ୍ରୀ ହେବୁ କେହ୍ନେ ତୁରଙ୍ଗମାର ?

ଦୁର୍ଦ୍ଦିନର ଘନ ତ୍ରାସୁ ତପନେ,
* ଦୀଧିତି ତୋର ନ' ଧାସୁ ଲପନେ;
ଦେହୁଁ କର ଦିବ୍ୟ- ଜ୍ୟୋତି ରଙ୍ଗଣ,
(୨୩) ଦିବେଶ ହେବୁକି ଜ୍ୟୋତିରଙ୍ଗଣ ?

---

(୧୫) ନା'ଗର—ନିର୍ବିଷ । (୧୬) ସୁଭ୍ର—ମୁକ୍ତା । (୧୭) ରୁଦ୍ର—(ରୂପାନ୍ତର ରୁଦର) ଶିବ । (୧୮) ଦର—ଶଙ୍ଖ । (୧୯) ପ୍ରଗ୍ରହ—ଲଗାମ । (୨୦) ଅଶ୍ୱ—ଘୋଡ଼ା । ଖର—ଗଧ । (୨୧) ତରୁରୁହ—ମଲ୍ଲିଙ୍ଗ । (୨୨) ଥୋଗ୍ରୀ—ହାତି । ତୁରଙ୍ଗମାର—ଘୋଡ଼ା । * ଦୀଧିତି—କିରଣ । (୨୩) ଦିବେଶ—ସୂର୍ଯ୍ୟ । ଜ୍ୟୋତିରିଙ୍ଗଣ—ଜୁଳୁଜୁଳା ।

(୨୪) ଧୂମକେତୁ, ବଦ୍ଧ ମୃଗ ଲକ୍ଷଣ,
(୨୫) ଧରନ୍ତୁ ମସ୍ତକେ ତୋତେ ତ୍ରୀକ୍ଷଣ;
ଧରାପ୍ଲାବୀ ସୁଧା ଢାଳ ଆଲୋକେ,
(୨୬) ଧ୍ୱାନ୍ତାର ତୋତେ କି ବୋଲିବେ ଲୋକେ ?

(୨୭) ନେତ୍ରପ୍ରାନ୍ତେ ରଞ୍ଜି ନିଶା-ଅରତା,
ନବୋଧି ରଖ ତୋ ନିଶାଚରତା;
(୨୮) ନକଲ ଉପାୟେ ଧର ମେଚକ,
ନପାଇବୁ ସାର- ସ୍ୱର ପେଚକ !

ପୁଚ୍ଛ କାଟି ପିନ୍ଧ ସୁନେଲି ପାଠ,
ପିକକଣ୍ଠୁ ତୋଳି ଦେଖାଅ ନାଟ;
ପ୍ରଶଂସିଲେ ସୁଦ୍ଧା ଯକ୍ଷ-କିନ୍ନର,
ପାଉ-ବାନର, ଭୁ ହେବୁ କି ନର ?

ଫୁଲେ ହାର ଯାଉ ଫୁଲ୍ଲ-କମଳ,
ଫେଣାଜିଣା ରସ ଡ଼ାଳୁ ତୋ ଫଳ;
(୨୯) ଫେନିଳ, ରସାଳୁଁ ହୁଅ ବିଶାଳ,
ଫଳିବ କି ତୋର ଡାଳେ ରସାଳ ?

ବାରିଧିର ସୁଧା କର ଅଶନ,
(୩୦) ବର୍ତ୍ତଠ-ଚରମେ କର ଆସନ;
ବନରୁହ-ଦଳ ହେଉ ତୋ ଛତା,
(୩୧) ବର୍ଷାଭୂ, ହେବୁକି ଜଳଦେବତା ?

(୩୨) ଭୋଳ ହୋଇ ଋତୁ- ରାଜ ପବନେ,
ଭ୍ରମି ବନ-ଗିରି- ରାଜୋପବନେ;

---

(୨୪) ଲକ୍ଷଣ—ଚନ୍ଦ୍ର । (୨୫) ତ୍ରୀକ୍ଷଣ—ମହାଦେବ । (୨୬) ଧ୍ୱାନ୍ତାର—ଚନ୍ଦ୍ର । (୨୭) ନିଶା—ହଳଦୀ । ଅରତା—(ଅରକ୍ତକ ଶବ୍ଦଜ) ଯାହାଠାରୁ ବଳି ରକ୍ତବର୍ଣ୍ଣ ପଦାର୍ଥ ଆଉ ନାହିଁ, ଅଲତା । (୨୮) ମେଚକ—କଳାବର୍ଣ୍ଣ । (୨୯) ଫେନିଳ—ବରକୋଳି । ରସାଳ—ଆମ୍ବ । (୩୦) ବର୍ତ୍ତଠ—କୁମ୍ଭୀର । ଚରମ—ପୃଷ୍ଠ । (୩୧) ବର୍ଷାଭୂ—ଭେକ । (୩୨) ଋତୁରାଜ—ବସନ୍ତକାଳ ।

(୩୩) ଭଜିଲେ ଚୁମ୍ବି ମଲ୍ଲୀ-    ନବମାଳିକା,
(୩୪) ଭ୍ରମର ହେବୁକି    ଭମ୍ବରାଳିକା ?

(୩୫) ମହାଚଳ-ଚୂଳେ    ନିବାସ କରି,
(୩୬) ମହା ତପେ ତୋଷି    ଶିବା, ଶଙ୍କରୀ;
(୩୭) ମାଗି ବର ମୃଗ-    ରାଜ ହେବାକୁ
ମଙ୍ଗିବେ କି ସେ' ତା    ଲାଞ୍ଜ ଦେବାକୁ ?

ଯମର ଆଶିଷେ    ହୁଅ ଅମର,
*ଯଥାର୍ଥ ସମତା    ଥାଉ ନାମର;
(୩୮) ଯୋଗେଶଙ୍କୁ ସେବି    ଘୋଷ ଗାରୁଡ଼,
(୩୯) ଯାମଘୋଷ,'ତୁ କି    ହେବୁ ଗରୁଡ଼ ?

ରହି ତୁ ତଡ଼ାଗ    ତେଜି ସାଗରେ,
ରମାନାଥ ହାର-    ପଦ୍ମ-ରାଗରେ;
ରେଁ ତ ହୋଇ କାନ୍ତି    କରି ଲୋହିତ,
ରାଜୀବ, ତେବେ କି    ହେବୁ ରୋହିତ ?

ଲଙ୍କାରେ ରହି ବା    ତୁ' ଅଳକାରେ,
ଲାଗିଥାଅ ମଧ୍ୟ    ସୁଅଳଂକାରେ;
ଲଭିଲେ ହେଁ କେଉଁ    ଆଜନ୍ମ ରଙ୍କ,
ଲୌହ, ତୋତେ ବୋଲି-    ବ କି ହୀରକ ?

ବର୍ଣ୍ଣ ବଦଳାଇ    ବରଷାକାଳେ,
ବାଲିଆ ଭୂମିରେ    ସଞ୍ଜ ସକାଳେ;
(୪୦) ବିହି ଧୀରଗତି    ରକତଲାଟ,
(୪୧) ବୋଲାଇବୁ କି ତୁ'    ରକତକୀଟ ?

(୩୩) ନବମାଳିକା—ନିଆଳି । (୩୪) ଭମ୍ବରାଳିକା—ଡ଼ାଆଁସ, ଦଂଶନଶୀଳ ମକ୍ଷିକା-ବିଶେଷ, ସମ୍ବଲପୁର ଅଞ୍ଚଳରେ ଯାହାକୁ "ଆନିମାଚ୍ଛି" କହନ୍ତି । (୩୫) ମହାଚଳଚୂଳ—ହିମାଳୟ ଶୃଙ୍ଗ । (୩୬) ଶିବା—ଶୃଗାଳ । (୩୭) ମୃଗରାଜ—ସିଂହ । *ସୁପର୍ଣ୍ଣୀ—କୁକୁଡ଼ା, ଗରୁଡ଼ । (୩୮) ଗାରୁଡ଼—ବିଷଶାସ୍ତ୍ର, ଗାରୁଡ଼ବିଦ୍ୟା । (୩୯) ଯାମଘୋଷ—କୁକୁଡ଼ା । (୪୦) ରକ୍ତଲାଟ—ଉକୁଣିପୋକ । (୪୧) ରକ୍ତକୀଟ—ସାଧବବହୂ ପୋକ ।

(୪୨) ଶିବସୁତ-ଯାନ ବୋଲ ଇନ୍ଦୁର,
(୪୩) ଶିଖୀ-ସିଂହ-ନାଗ ଷଣ୍ଢ-ସିନ୍ଧୁର;
ଶ୍ରଦ୍ଧା-ସ୍ନେହ-ଚତ୍ତେ ଦେବାରୁ ଗ୍ରୁଡ଼ି,
ଶଙ୍କିବକ ତତେ ଶଙ୍ଖିବଗଡ଼ି ?

(୪୪) ଷଡ଼ବନ୍ଦୁ-କର- କୁସୁମ ଭୁଲ,
ଷୋଡ଼ଶୀ ଆଦୃତା ହେଉ ତୋ ଫୁଲ;
(୪୫) ଷଷ୍ଠିକା-କଟିରେ ରହ ଲଟକ,
(୪୬) ଷଣପୁଷ୍ପିକା ତୁ ହେବୁ ପାଟ କ ?

(୪୭) ସୁରଧୁନୀ ଜଳେ ଭର କଳସୀ,
ସେବୁ ତୋତେ ସ୍ୱର୍ଗୁଁ ଆସି ଉର୍ବଶୀ;
(୪୮) ସାର ହେଉ ଗନ୍ଧ- ସାର ତୁ ଗନ୍ଧା,
(୪୯) ସମ୍ଭବ କ ପାଲ- ଟିବୁ ସୁଗନ୍ଧା ?

ହରତାଳେ ରଞ୍ଜି ଚଞ୍ଚୁ ଚରଣ,
(୫୦) ହର-ସରେ କର ସୁସନ୍ତରଣ;
(୫୧) ହର ବର୍ଷାକାଳ ଜଳବାୟସ,
ହେବୁନା' କଦାପି ତୁ ରାଜହଂସ !

(୫୨) କ୍ଷୀରାବ୍ଧି କୂଳେ ତୋ ମୂଳ ଲଗାଅ,
(୫୩) କ୍ଷୀରାବ୍ଧିଜା କରୁ ଅମୃତ ଖାଅ;
(୫୪) କ୍ଷିତିଧର ତୋତେ କରୁ ବନ୍ଦନ,
କ୍ଷୀରକୋଳ ତୁ କ ହେବୁ ଚନ୍ଦନ ?

---

(୪୨) ଇନ୍ଦୁର—ମୂଷିକ । (୪୩) ଶିଖୀ—ମୟୂର । ସିନ୍ଧୁର—ହସ୍ତୀ । (୪୪) ଷଡ଼ବନ୍ଦୁ—ବସ୍ତୁ । (୪୫) ଷଷ୍ଠିକା—ଷଷ୍ଠୀଦେବୀ । (୪୬) ଷଣପୁଷ୍ପିକା—ଛଣଫୁଲ । (୪୭) ସୁରଧୁନୀ—ସ୍ୱର୍ଗଗଙ୍ଗା । (୪୮) ଗନ୍ଧା—ମୁଥା । (୪୯) ସୁଗନ୍ଧା—ତୁଳସୀ । (୫୦) ହରସର—ମାନସରୋବର । (୫୧) ଜଳବାୟସ—ପାଣିକୁଆ । (୫୨) କ୍ଷୀରାବ୍ଧି—କ୍ଷୀରସମୁଦ୍ର । (୫୩) କ୍ଷୀରାବ୍ଧିଜା—ଲକ୍ଷ୍ମୀ । (୫୪) କ୍ଷିତିଧର—ଅନନ୍ତନାଗ ।

## ଦଶମ ଛାନ୍ଦ

# ଚଷା-ମୁଲ୍‌କି ହସା

(ରାଗ—ରସକେଲି*)

ଚଷାଭାଇ ହେ,
କର୍ମଯୁଗ ଆସିଲାଣି କାମେ ଦିଅ ହାତ,
କର୍ମଦେବୀ ଠାରୁ ଧର୍ମ ସୁଖଶିରୀ ଜାତ,
କର୍ମଉଚିତା ଦେଖାଇ ମାନବ ଭୁବନ-ବିଖ୍ୟାତ;
ଚଷା-ମୁଲ୍‌କ ହସା ରେ,
କର୍ମ ଯୋଗୁଁ ସିନା ଆଜ "ମହାତ୍ମା" ଗାନ୍ଧୀ ମହାଯଶା !

ଚଷାଭାଇ ହେ,
ଖଦଡ଼ା କପଡ଼ା ପାଟ ଯୋଡ଼ା ପରଜାର,
ଖେତକୁ କର ତୋହର ଘରେଇ ବଜାର,
ଖାଣ୍ଟି ସୁଖୀ ସେହି ସିନା ସ୍ୱାଧୀନ ଜୀବନଟି ଯାର;
ଚଷା-ମୁଲ୍‌କ ହସା ରେ,
ଖାଇବା ପିନ୍ଧିବା ଲାଗି କାହିଁକି ହେବୁ ଲୋକହସା ?

ଚଷାଭାଇ ହେ,
ଗରିବ ହେଲେ ମଣିଷ କରିବ କି ମଜା,
ଗିଆନ ଧିଆନ ବୁଝେ ନାହିଁ ପେଟ ରଜା,
ଗାନ୍ଧିମାଡ଼ କହୁଅଛୁ ପହିଲେ କର ପେଟ ଖଞ୍ଜା;
ଚଷା-ମୁଲ୍‌କ ହସା ରେ,
ଗଞ୍ଜାଇ ଅଫିମ ମଦ ନିଶାରେ ମନକୁ ନ ରସା !

* ଏହାର ପ୍ରତ୍ୟେକ ପଦରେ ଛଅଗୋଟି ପାଦ ଥାଏ । ପ୍ରଥମ ପାଦରେ ୫, ଦ୍ୱିତୀୟ ଓ ତୃତୀୟରେ ୯ ଲେଖାଏଁ, ଚତୁର୍ଥ ପାଦରେ ୧୭, ପଞ୍ଚମ ପାଦରେ ୭ ଓ ଷଷ୍ଠ ପାଦରେ ଚତୁର୍ଥପାଦ ପରି ୧୭ଟି ଅକ୍ଷର ଥାଏ । ଯତିପାତର ନିୟମ:—ପ୍ରଥମ = ୫; ୨ୟ ଓ ୩ୟ = ୮+୬; ଚତୁର୍ଥ = ୧୧+୬; ପଞ୍ଚମ = ୭; ଷଷ୍ଠପାଦ ଚତୁର୍ଥ ପାଦର ଅନୁରୂପ; ଷଷ୍ଠପାଦ ଉତ୍ତାରୁ ପୁନରପି ପଞ୍ଚମ ପାଦର ଆବୃତ୍ତି ହୁଏ ।

ଚଷାଭାଇ ହେ,
ଘର କଲ ଘରେ ଭାଙ୍ଗ ପରଲୋକେ ପର,
ଘାଣ୍ଟିବେ ସେ ଗୁରୁ ହୋଇ ଥିଲେହେଁ ବାପର,
(୧) ଘରାଗୁଁଡ଼ା ବାହାରିଲେ ଘର କ' ରହେ ମୂଷିକର;
ଚଷା-ମୁଲ୍‌କହସା ରେ,
ଘରଧନ ସାରି ଆଉ ନ ହୁଅ ପରଗୋଡ଼ଘଷା !

ଚଷାଭାଇ ହେ,
ଉଚ୍ଚ ସେ ଯେ' ଉଚ୍ଚ କାମ କରେ ଦେଶ ପାଇଁ,
ଉଚ୍ଚ କୁଳ ନେଇ କେହ୍ନ ଉଚ୍ଚ ହୋଇନାହିଁ,
ଉପରକୁ ଉଠ ନିଜ କାମରେ ଉଚ୍ଚତା ଦେଖାଇ;
ଚଷା-ମୁଲ୍‌କହସା ରେ,
(୨) ଉଖୁଲ୍ କଥାରେ ଉଚ୍ଚ ହେବାକୁ ନ'କର ଭରସା !

ଚଷାଭାଇ ହେ,
ଖୃକରିଆ ଜଲଖିଆ ଖୃ' ପୁରି ପଉଳ,
(୩) ଖୃଷୀର ବାସିପଖାଳ-ନୁନ୍-ମିରଗୃ-ଉଲ,
(୪) ଚଟଣି-ତପଲ ମୁର୍‌ହି ନଳୁବା ଜମେନ-ଚକୁଳ;
ଚଷା-ମୁଲ୍‌କହସା ରେ,
(୫) ଚୁଡ଼ା ଉଖୁଡ଼ା ଗୋରସ ସବୁଠୁଁ ଅଧିକ ସରସା !

ଚଷାଭାଇ ହେ,
ଛୁଆଁ ଛୁଇଁରେ ନମିଲେ ସରଗ ନରକ,
*ଛାଡ଼ ଜାତିଭେଦ ଭାବ ଏକତାକୁ ରଖ,

(୧) ଘରାଗୁଁଡ଼ା—(ସମ୍ବଲପୁରୀ ଶବ୍ଦ) ଏହାର ପ୍ରତିଶବ୍ଦ 'ବଲବସା', 'ଗର୍ଭଗାଡ଼'; ଯେଉଁଠି ମୂଷାଛୁଆଗୁଡ଼ିକ ରହନ୍ତି । (୨) ଉଖୁଲ୍ କଥା—ସ୍ୱେଚ୍ଛାଚାରିତା, ଅର୍ଥାତ୍ "ମୁଁ ବ୍ରାହ୍ମଣଜାତି", "ମୁଁ ଧନବାନ୍", "ମୁଁ ରାଜା", "ମୁଁ ଜମିଦାର" ଏପରି କହିବା । ପଉଳ—ଦରସିଝା ତରକାରୀ । (୩) ନୁନ୍—ଲବଣ । ମିରଗୃ—ଲଙ୍କାମରିଚ । ଉଲ—ପିଆଜ । (୪) ତପଲ—ଉଷ୍ଣ, ଗରମ । ମୁର୍‌ହି—ଭୁଜା । ଜମେନ—ତରଲ ଗୁଡ଼ । (୫) ସରସା—ଉପଯୋଗୀ । ଉଲ୍ଲିଖିତ ଶବ୍ଦଗୁଡ଼ିକ ସମ୍ବଲପୁରୀ ଭାଷାନ୍ତର୍ଗତ । * ଭ୍ରାତୃଭାବ—ଏକତା । ଜାତି—(ଜନ୍+ତି) ଜନ୍ମଗତ ଶ୍ରେଣୀ ଅଥଚ ଯେ ଯେଉଁ

ଶ୍ରେଷ୍ଠ ସରୁସୂତା ଜୁଟି କଲେ ତ ବଳଦ ଅଟକ;
ଚଷା-ମୁଲ୍‌କହସା ରେ,
ଛଡ଼ାଛଡ଼ି ହେଲେ ଲୁହା ଶିକୁଳି ଛୁଡ଼ାଇବ ଶଶା !

ଚଷାଭାଇ ହେ,
ଜମିନରେ ଦାବୀ ତୋର ତୁ ହିଁ ଜମିଦାର,
ଜାଣ ପ୍ରଜା-ରାଜ୍ୟେ, ରାଜା ଗୃହକର ପ୍ରଜାର,
ଜୀବନରକ୍ଷକ ତୁ ତ' ରସାର ଚଷା ମହୋଦାର;
ଚଷା-ମୁଲ୍‌କହସା ରେ,
ଜଙ୍ଗଲ ଜନ୍ତୁର ସଙ୍ଗେ ସମାନ ନ କର ତୋ ଦଶା !

ଚଷାଭାଇ ହେ,
(୬) ଝିରି ପରାଏ ଦୁର୍ଗୁଣ ଜୀବନ ଖେତରେ,
ଝଟତି ଉପାଡ଼ି ତାକୁ ଦେଖିଲା ମାତରେ,
ଝିଂଝଟ-ଝଟିକା କଛୁ ନରଖ ନିଜ ଚରିତରେ;
ଚଷା-ମୁଲ୍‌କହସା ରେ,
ଝିଡ଼ିଯାଏ ମନୁଷ୍ୟର ମହତ୍ତ୍ୱ ଛାଡ଼ ଜୁଆ ପଶା !

ଚଷାଭାଇ ହେ,
ନିଶାପରି ଭୁଲିଇଛୁ କଳ-କାରିଗରି,
(୭) ନିଜ ହାତକାମ କ୍ରମେ ଦେଉଛୁ ପାସରି,
(୮) ନିଲଜ ପରାଏ ପଛେ ଖୋଜିବୁ ଗୃହକର-ଗୃହକରି;
ଚଷା-ମୁଲ୍‌କହସା ରେ,
ନିହାତି ଅଚଳ ହୋଇ ପଡ଼ିଲେ ତୋହର ବେବସା !

---

ଜନ୍ମ ନେଇଛି, ସେ ସେହି ଜାତିର ପ୍ରାଣୀ; ଯଥା—ମନୁଷ୍ୟଜନ୍ମରୁ ମନୁଷ୍ୟଜାତି, ମାଙ୍କଡ଼ଜନ୍ମରୁ ମାଙ୍କଡ଼ଜାତି । ଏହିପରି ଘୋଡ଼ାଜାତି, କୁଆଜାତି, କୁକୁରଜାତି ଇତ୍ୟାଦି । (୬) ଝିରି—ବାଲୁଙ୍ଗା (ସମ୍ବଲପୁରୀ ଶବ୍ଦ) । (୭) ହାତକାମ—ସୂତାକାଟିବା, କୁଶାଣିପେଡ଼ା-ଘଣା ତିଆରି କରିବା, ଲଙ୍ଗଳ ବନାଇବା, ଇତ୍ୟାଦି । (୮) ଗୃହକର-ଗୃହକରି—ଗୃହକରମାନଙ୍କ ସେବାକାର୍ଯ୍ୟ ।

ଚଷାଭାଇ ହେ,
ଟାଲ-ପାହାଡ଼-ଜଙ୍ଗଲ-ନଦୀ-ସରୋବର,
(୯) ଟଙ୍କ-ଆକର ଏ ସବୁ ଭଗବାନଙ୍କର,
ଟଙ୍କା ନ ଲଗାଇ ଏଥି ଜୀବିକା ଚଳାଅ ଏଥର;
ଚଷା-ମୁଲ୍‌କହସା ରେ,
(୧୦) ଟେକ ନିଜେ ନ ଖାଇଲେ କେ ଦେବ ଧରାଇ ଗରସା ।

ଚଷାଭାଇ ହେ,
ଠିଆ ହୁଅ ନିଜ ଗୋଡ଼େ ହେବାକୁ ଠାକୁର,
ଠକ ପାଠ କୁହୁକରେ ହୁଅନା କୁକୁର,
(୧୧) ଠାପୁଆ ଠାଣି ନ ରଖି ଚଳାଉ ଚରଖି ଡାକୁର;
ଚଷା-ମୁଲ୍‌କହସା ରେ,
(୧୨)ଠରାଠର ଯୁଗ ନାହିଁ କାମରେ ନିଜେ ହାତ ପଶା !

ଚଷାଭାଇ ହେ,
ଡାକ କହୁଛନ୍ତି ତୋତେ ଦେଶର ଭକତ,
(୧୩) ଡାଆଣୀ ଶୋଷି ଦେଲଣି ପରଜା ରକତ,
ଡରନା' ତୁ' ମର ପଛେ କର ତୋ' ବୀରତ୍ୱ ବ୍ୟକତ;
ଚଷା-ମୁଲ୍‌କହସା ରେ,
ଡଙ୍ଗାପର ପରାଧୀନ-ଭରାରେ ପରାଣ ନ ଭସା !

ଚଷାଭାଇ ହେ,
ଢୁଲାଇବା ବେଳ ନାହିଁ ପ୍ରଭାତୀ ବାଜଣା,
(୧୪) ଢାଉଁ ଢାଉଁ ବାଜିଲଣି ମୁଣ୍ଡେ ବାଜ ଠଣା,
ଢମଣା ହେବୁ କାହିଁକି ବହି ତୁ' ଅହିରାଜ ଫଣା;

(୯) ଟଙ୍କ—ପର୍ବତର ଉନ୍ନତ ଦେଶ । ଆକର—ଖଣି । (୧୦) ଗରସା—ଭାତଗୁଣ୍ଡା (ସମ୍ବଲପୁରୀ ଶବ୍ଦ) । (୧୧) ଠାପୁଆ—ଅଳସୁଆ, ଠକ । ଠାଣି—ଚେହେରା । (୧୨) ଠରାଠର—ପରସ୍ପର ସାଙ୍କେତିକ ଆଦେଶ । (୧୩) ଡାଆଣୀ—କୂଟ ରାଜନୀତି (ଲକ୍ଷ୍ୟାର୍ଥ) । (୧୪) ଠଣା—ବକ୍ରାଙ୍ଗୁଳି ଦ୍ୱାରା ମସ୍ତକ ଉପରେ ଆଘାତବିଶେଷ ।

ଚଷା-ମୂଲ୍ କହସା ରେ,
(୧୫) ଢାଲ ଧର ଠିଆ ହୁଅ ନ ବାଜୁ ଅଭାବର କଶା !

ଚଷାଭାଇ ହେ,
ଅତିଥିସେବା ଅତୁଳ ଧରମ ହିନ୍ଦୁର,
ଅଜଣା କରଜ ତହିଁ ହୋଇଥାଏ ଦୂର,
(୧୬) ଅତିଥି ନୁହନ୍ତି ଭଣ୍ଡ-ଭିକାରି ଅଳସ-ଅସୁର;
ଚଷା-ମୂଲ୍ କହସା ରେ
(୧୭) ଅବନିଜା ପରି ଅନ୍ଧବିଶ୍ୱାସେ ବିବେକ ନ ନଶା !

ଚଷାଭାଇ ହେ,
ତୋତେ ପୋଷିବାକୁ ଗୋରୁମାତାର ଜନମ,
ତାହାର ସେବା ତୋହର ପରମ ଧରମ,
(୧୮) ତରିବୁ ତା ଯୋଗେ ବଇତରଣୀ ନ ଦଣ୍ଡିବ ଯମ;
ଚଷା-ମୂଲ୍ କହସା ରେ,
ତା' ଲାଗି ଧରିଚ୍ଛି ତୋତେ ଧରଣୀ ତା' ଲାଗି ବରଷା !

ଚଷାଭାଇ ହେ,
ଥିର କର ଜଗତକୁ ଦେଉଛୁ ତୁ ଯାହା,
ଥୁଆ ହୋଇଅଛି ପୁଣି ତୋହଲାଗି ତାହା,
ଶାଳୀଖଲ ସୁନା-ଚୂନା ଆବର ଛିଛିକାର ଆହା;
ଚଷା-ମୂଲ୍ କହସା ରେ,
(୧୯) ଥିର-କ୍ଷୀର-ମିଠା-ଖଟା-ଲୁଣିଆଁ-କଟୁ-ପିତା-କଷା !

ଚଷାଭାଇ ହେ,
ଦୟା ହିଁ ହୃଦର ଦୟାମୟ ଭଗବାନ,
ଦୟାଗୁଣେ ନର ପାଏ ଦେବତା ସମ୍ମାନ,
ଦୟାହୀନ ମାନବଟି ଅସୁର, ପଶୁର ସମାନ;
ଚଷା-ମୂଲ୍ କହସା ରେ,
ଦଶ ଉପକାରେ ଦେଶ-କାମରେ ଦୟାକୁ ଦରଶା !

(୧୫) ଢାଲ—ସଦୁଦ୍ୟମ; ବିବେକାନୁମୋଦିତ କାର୍ଯ୍ୟ (ଲକ୍ଷ୍ୟାର୍ଥ) । (୧୬) ଅସୁର—ମୂର୍ଖ, ପାଷଣ୍ଡ । (୧୭) ଅବନିଜା—ସୀତା । (୧୮) ବୈତରଣୀ—କଳ୍ପିତ ପ୍ରେତନଦୀ । (୧୯) ଥିର—ଡୋଗଣି (ସମ୍ବଲପୁରୀ ଶବ୍ଦ) ।

ଚଷାଭାଇ ହେ,
ଧର୍ମଭାବ କର୍ମେ ଥିବା ଉଚିତ ଯେପରି,
ଧଇରଯ ମାନବର ହୃଦେ ସେହିପରି,
ଧ୍ୱଜା ଉଡ଼ନ୍ତି ଦେଖ ଗାନ୍ଧିର ଧୀରଭାବ ଧରି;
ଚଷା-ମୁଲ୍‌କହସା ରେ,
(୨୦)ଧରିଛୁ "ସରବସହା" ନାମକୁ ସେଥିପାଇଁ ରସା !

ଚଷାଭାଇ ହେ,
ନବାବ-ଆଡ଼ମ୍ବରାଦି ବିଳାସ ବ୍ୟସନ,
ନୂଆ ଢଙ୍ଗ ବେଶଭୂଷା, ନକଲ ଫେସନ,
ନୋହୁ ପଛେ ବାବୁଗିରି ତହିଁରେ ଦିଅନାହିଁ ମନ;
ଚଷା-ମୁଲ୍‌କହସା ରେ,
ନଜର ପଡ଼ିଲେ ଲଜ ମାଡୁଛି ଘୃଣ୍ଡ଼ ସେ ତାମସା !

ଚଷାଭାଇ ହେ,
ପାଉଅଛୁ ଉପକାର ଯେଉଁ ଜ୍ଞାନ ପାଇ,
ପରଗ୍ଭର କର ତାହା ପର ଆଗେ ଯାଇ,
ପରାଣ ପ୍ରଦାନେ ନୁହ କୁଣ୍ଠିତ ପରହିତ ପାଇଁ;
ଚଷା-ମୁଲ୍‌କହସା ରେ,
ପର କାଳରେ ହେବଟି ତୋହର ସରଗରେ ବସା !

ଚଷାଭାଇ ହେ,
ଫଳ ଆଶା ତେଜି କର କରମ ସାଧନ,
ଫିଟିବ ସେ ଫଳେ ଦିନେ ଜଞ୍ଜାଳ-ବନ୍ଧନ,
ଫାନ୍ଦରୁ ଫିଟିଲେ ତୋର ଆନନ୍ଦ ହେବ ବରଧନ;
ଚଷା-ମୁଲ୍‌କହସା ରେ,
ଫଳକାମୀର ସାଧନା ରାଜସୀ-ତାମସୀ-ତପସ୍ୟା !

---

(୨୦) ସରବସହା—ପୃଥିବୀ (ସର୍ବଂସହା ଶବ୍ଦର ରୂପାନ୍ତର) ।

ଚଷାଭାଇ ହେ,
ବଞ୍ଚୁଛୁ ପ୍ରକୃତ ପ୍ରାଣେ ଯେଣୁ ତୁ ସ୍ୱାଧୀନ,
ବିବେକ-ଜ୍ଞାନ ଅଛୁ ତ ନୋହୁ ଧାନହୀନ,
ବିଭୁଙ୍କ ପ୍ରଜା ତୁ କର ପାଳନ ବିଭୁଙ୍କ ଆଇନ;
ଚଷା-ମୁଲ୍‌କ୍‌ବାସୀ ରେ,
ବିଶ୍ୱାସ ରଖ ତୋ ହାତେ ଘୁଞ୍ଚିବ ଦେଶର ଦୁର୍ଦ୍ଦଶା।

ଚଷାଭାଇ ହେ,
ଭଲ ମନ୍ଦ ଦୁଇ ବାଟ ଚହ୍ଲାଏ ପୁରାଣ,
ଭଲ ବାଟେ ଯାଏ ଯାର ଥାଏ ଭଲ ଜ୍ଞାନ,
ଭୁଲ ହେବ ନାହିଁ ବୋଲି ଏ କଥା ଶାସ୍ତ୍ରର ଭିଆଣ;
ଚଷା-ମୁଲ୍‌କ୍‌ବାସୀ ରେ,
ଭଜିବା ଉଚିତ ତୋର ପୂରୁବ-ପୁରୁଷ-ଧରଷା !

ଚଷାଭାଇ ହେ,
ମନୋଭାବ ଫୁଟୁ ସତ୍ୟ-ମଧୁର ବଚନେ,
ମୁହଁ କଥା ଭୁଷ୍ଟି ଦେଉ ଲୋକଙ୍କ ଲୋଚନେ,
ମନ ବଚନ କର୍ମର ଏକତା ରଖ ସଂଯମନେ;
ଚଷା-ମୁଲ୍‌କ୍‌ବାସୀ ରେ,
ମାନବ ପ୍ରାଣେ ଦେବତ୍ୱ ଦେଖାଇ ଦେବତାଙ୍କୁ ହସା !

ଚଷାଭାଇ ହେ,
ଯେଉଁ ମହାତ୍ମାଙ୍କର ଅହିଂସା-ସମର,
ଯନ୍ତ୍ରଣା ଅନ୍ତରଇ ଅନ୍ୟାୟୀ-ଯମର,
ଯାହାଙ୍କର କର୍ମଯୁଗ କରୁଛି ମରକୁ ଅମର;
ଚଷା-ମୁଲ୍‌କ୍‌ବାସୀ ରେ,
ଯତନେ ନକଲ କର ତାଙ୍କର କାମର ନକସା !

ଚଷାଭାଇ ହେ,
ରହିଁଥାରେ କର ଦେଶ-ଶିଳ୍ପ ବରଧନ,
ରଖ ଏ ଭରସା ତୋର ଶିଳ୍ପ ବରଧନ,

ଋସାର ଜୀବ-ଜୀବନ ଚଷା ତୁ ଈଶ୍ୱରର ଧନ;
ଚଷା-ମୂଲ୍ କହସା ରେ,
ରେଏଁ ରେଏଁ ସ୍ୱରେ ତୋର ଅମୃତ-ଧାରାକୁ ବରଷା !

ଚଷାଭାଇ ହେ,
ଲୁଗାବୁଣା ଲାଗି ଆଶା ତନ୍ତୀକି ନକର,
*ଲଙ୍ଗଳ ଧରୁ ଭଖାରୀ ବ୍ରାହ୍ମଣ ତୋହର
ଲୁହାକାମ ଶିଖୁ ମଧ ତୋ ଭାଇ ସୁନାରୀ ଏଥର;
ଚଷା-ମୂଲ୍ କହସା ରେ,
ଲଭ ଆଉ ନାହିଁ ଦେହେ ଲଗାଇ ଛ'ଭର ନ'ମସା !

ଚଷାଭାଇ ହେ,
ସ୍ୱଦେଶର ଯେ ଜନଷ ମଣୁ ଉପକାରୀ,
ବେଭାର କର ସେ ସବୁ ତୁ ନିଜେ ତିଆରି,
ବୁଝି, ପରନିର୍ଭରତା ଆଳସ୍ୟ ଆପଣା ଭଗାରି;
ଚଷା-ମୂଲ୍ କହସା ରେ,
ବିଗିଡ଼ି ନଯାଉ ତୋର ସ୍ୱାଧୀନ ଜୀବନର ଠସା !

ଚଷାଭାଇ ହେ,
ଶୁଣେଭେ ଡାକୁଛି ମୋହନ ମୁରଲୀର ସ୍ୱନ,
ଶ୍ରେୟୁ ଲାଭେ ଉଠ ତେଜି ସଙ୍କୋଚ-ଶଯ୍ୟନ,
ଶୋଇଲା ପୁଅର ଭାଗ ନଥାଏ, ସତ୍ୟ ଏ ବଚନ;
ଚଷା-ମୂଲ୍ କହସା ରେ
(୨୧) ଶିଙ୍ଗ ତ କେ ଧରିବ କିଏ ଖାଇବ ଗୋରସ ଖିରସା !

ଚଷାଭାଇ ହେ,
ଷଡ୍ରିପୁ ନଷ୍ଟ କର ଭାଇଙ୍କ ଭିତରୁ,
ଷଡ଼ ଐଶ୍ୱର୍ଯ୍ୟ ଉଚ୍ଛୁଳିବ ଭାରତରୁ,
ଷଡଯନ୍ତ୍ରୀର ଗୂଢ଼ ମନ୍ତ୍ର ଯାହା ଅଛି ସରୁ;

* ଭଖାରୀ—ବେଦାନଭିଜ୍ଞ ବ୍ରାହ୍ମଣ । (୨୧) ଖିରସା—ଛେନା (ସମ୍ବଲପୁରୀ ଶବ୍ଦ, କ୍ଷୀରସାର ଶବ୍ଦଜ) ।

ଚଷା-ମୂଲ୍‌କିହସା ରେ,
ଷଣ୍ଡ ବଳେ ଭଣ୍ଡମୀତ-ଦଣ୍ଡନ ଖଣ୍ଡ ଖଣ୍ଡ ଖସା !

ଚଷାଭାଇ ହେ,
ସତ୍ୟ-ସନ୍ତୋଷ ସଂଯମ ଅହିଂସା ଏକତା,
ସହିଷ୍ଣୁତା ସ୍ୱାଧୀନତା ନ୍ୟାଯ୍ୟ ନିର୍ଭୀକତା,
(୨୨)ସମଦରଶିତା ତ୍ୟାଗ ସେବାଦ୍ଧ ଆତ୍ମନିର୍ଭରତା;
ଚଷା-ମୂଲ୍‌କିହସା ରେ,
ସାତ୍ତ୍ୱିକ ଶ୍ରଦ୍ଧାରେ ପାଳି ଏସବୁ 'ସ୍ୱରାଜ୍ୟ' ତୋ ବସା !

ଚଷାଭାଇ ହେ,
ହଟିଯାଉ ତମ ଦେଶ-ଦୁର୍ଦ୍ଦଶା-ନିଶାର,
ହରି-କର ପରି କର କର ପରସାର,
ହେଉ ଆଲୋକିତ ପୂର୍ବ ଆଲୋକେ ଭାରତ ସଂସାର;
ଚଷା-ମୂଲ୍‌କିହସା ରେ,
ହିଂସ୍ରକ ବଞ୍ଚକ ନିଶାଚରଙ୍କ ଉଡ଼ିଯାଉ ହିଂସା !

ଚଷାଭାଇ ହେ,
କ୍ଷମ ପ୍ରଜାପତି ପାଦେ କର ନିବେଦନ,
କ୍ଷିପ୍ରେ ଖସିଯାଉ ପ୍ରଜା ପ୍ରାଣର କଷଣ,
କ୍ଷିତି ଖ୍ୟାତ ହେଉ ଦେଶ ସ୍ୱାଧୀନ-ସୁଖ-ଶାନ୍ତି-ଧନ;
ଚଷା-ମୂଲ୍‌କିହସା ରେ,
କ୍ଷଣଜନ୍ମା ମହାତ୍ମାଙ୍କ ତପସ୍ୟା ସଫଳୁ ସହସା !

---

(୨୨) ସମଦର୍ଶିତା—"ସର୍ବଭୂତେଷୁ ଚାତ୍ମାନଂ ସର୍ବଭୂତାନି ଚାତ୍ମନି,
ସମଂ ପଶ୍ୟନ୍ନାତ୍ମଯାଜୀ ସ୍ୱାରାଜ୍ୟମଧିଗଚ୍ଛତି ।"—ମନୁ ।

ଯେ ସର୍ବଭୂତରେ ଆତ୍ମାକୁ ଏବଂ ଆତ୍ମାରେ ସର୍ବଭୂତଙ୍କୁ ଅର୍ଥାତ୍ ସମସ୍ତ ପ୍ରାଣୀଙ୍କ ସମାନଭାବରେ ଦେଖେ, ତାକୁ ଆତ୍ମଯାଜୀ କୁହାଯାଏ । ଆତ୍ମଯାଜୀ ଅର୍ଥାତ୍ ଆତ୍ମ ଯଜ୍ଞକାରୀ ବ୍ୟକ୍ତି କେବଳ ସ୍ୱରାଜ୍ୟ ବା ମୁକ୍ତିଲାଭ କରିପାରେ ।

# ନୃସିଂହନାଥ

# ଭୂମିକା

ବହୁବର୍ଷତଳେ ନୃସିଂହ ଚତୁର୍ଦ୍ଦଶୀ (ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ) ମେଳା ଦେଖିବା ଉଦ୍ଦେଶ୍ୟରେ ଏଇ 'ନୃସିଂହନାଥ' ରମ୍ୟସ୍ଥଳୀଟିର ଦର୍ଶନ ଲାଭ ଦିଗ୍‌ଦର୍ଶନ ସ୍ୱରୂପ ମୋର କୈଶୋର କାଳରେ ଅନ୍ତତଃ ଚଉଦ ବର୍ଷ ବୟସରେ ଥରେ ଘଟିଥିଲା । ଏବେ ମୋର ପ୍ରାଣାଧିକ ପ୍ରିୟ ପ୍ରତିଭାପୂଜକ ନିସର୍ଗ ସରଳ-ବିନୟୀ ଶ୍ରୀମାନ୍ ବାବୁ ହରିକିଶୋର ପାଣିଗ୍ରାହୀ (ପାଇକମାଲ ଥାନାନ୍ତର୍ଗତ ପଲସଦା ଗ୍ରାମର ଜନୈକ ସୁଶୀଳ ଯୁବକ, ରାଜ-ବୋଡ଼ାସମ୍ବର ଉଚ୍ଚ ଇଂରାଜୀ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ର)ଙ୍କ ସଭକ୍ତି ସାହଚର୍ଯ୍ୟରେ ଓ ଉକ୍ତ ଥାନାନ୍ତଃପାତୀ ମାନଭଙ୍ଗ ଗ୍ରାମର ମୋହନସିଂହ ନାମକ ଜଣେ କନ୍ଧ ଜାତୀୟ ପାର୍ବତ୍ୟ ପଥପ୍ରଦର୍ଶକ ବ୍ୟକ୍ତିଙ୍କ ସଶ୍ରଦ୍ଧ ଆନୁକୂଲ୍ୟରେ ଶଂସିତ ପୁଣ୍ୟସ୍ଥଳୀର ମନୋମୁଗ୍ଧକର ରୁଦ୍ର-କାନ୍ତ ପ୍ରାକୃତିକ ଦୃଶ୍ୟାବଳୀ ସନ୍ଦର୍ଶନ କଲି ।

ଇତିପୂର୍ବରୁ ବର୍ଣ୍ଣିତ ପୁଣ୍ୟପୀଠକୁ କେତେକ ପୌରାଣିକ କବି 'ପାପହରଣ ତୀର୍ଥ' ଆଖ୍ୟା ପ୍ରଦାନ କରି ଯାଇଅଛନ୍ତି । ଯେହେତୁ ଏହାର ତାପହାରିଣୀ-ଗିରିନିର୍ଝରିଣୀର ପବିତ୍ର ଶାନ୍ତିପ୍ରଦ ଧାରାରେ ପିତୃକୁଳର ସଦ୍‌ଗତି ଲାଭ ବିଶ୍ୱାସରେ ଅନେକ ଯାତ୍ରୀ ପୂର୍ବପୁରୁଷଙ୍କର ଅସ୍ଥି ବିସର୍ଜନ କରିଥାନ୍ତି ଓ ସୂର୍ଯ୍ୟୋପରାଗରେ ତଥା ଚନ୍ଦ୍ରଗ୍ରହଣରେ ସ୍ନାନ ମଧ୍ୟ କରିଥାନ୍ତି ।

ସତ୍ୟଂ ତୀର୍ଥଂ ବ୍ରତଂ ତୀର୍ଥଂ ତୀର୍ଥମିନ୍ଦ୍ରିୟନିଗ୍ରହଃ
ସର୍ବଭୂତ ଦୟାତୀର୍ଥଂ ତୀର୍ଥମାର୍ଜବମେବ ଚ ।
ବ୍ରହ୍ମଚର୍ଯ୍ୟପରଂ ତୀର୍ଥଂ ନିୟମସ୍ତୀର୍ଥମୁଚ୍ୟତେ
ଯଃ ସ୍ନାତି ମାନସେ ତୀର୍ଥେ ସ ଯାତି ପରମାଂ ଗତିମ୍ ॥

"ଜନାଃ ଯୈ ସ୍ତରନ୍ତି ତାନି ତୀର୍ଥାନି ।" ଲୋକେ ଯେଉଁଥିରେ ବା ଯାହାଦ୍ୱାରା ପାପ-ସ୍ରୋତରୁ ତରିଥାନ୍ତି ତାହାହିଁ ତୀର୍ଥ । ବ୍ୟାକରଣିକ ପ୍ରମାଣାନୁଯାୟୀ—ତୃ+ଥ= 'ତୀର୍ଥ' । ଅର୍ଥାତ୍ ପାପରୁ ମୁକ୍ତି ପାଇବା ସକାଶେ ଲୋକେ ଯାହାର ଆଶ୍ରୟ ନିଅନ୍ତି ବା ଯେଉଁ ସ୍ଥାନକୁ ଗମନ କରନ୍ତି ତାହା ତୀର୍ଥପଦବାଚ୍ୟ । ଏଇ ଆଧ୍ୟାତ୍ମିକ ଦୃଷ୍ଟିରେ ଦେଖିବାକୁ ଗଲେ ନୃସିଂହନାଥତୀର୍ଥରେ ତୀର୍ଥର ପ୍ରକୃତ ମାହାତ୍ମ୍ୟ ତଥା 'ତୀର୍ଥ' ଆଖ୍ୟାର ଯଥାର୍ଥତା କେତେ ଦୂର ବିଦ୍ୟମାନ, ତାହା ଚିନ୍ତାଶୀଳ ତୀର୍ଥଯାତ୍ରିଗଣଙ୍କ ବିବେଚ୍ୟ ।

ଆଲୋଚ୍ୟ ବିଷୟରେ ତଥା ନୃସିଂହନାଥର 'ପ୍ରାକୃତିକ ଚିତ୍ର' ଚିତ୍ରଣ ସମ୍ପର୍କରେ ମାନସିକ ଶାନ୍ତିପ୍ରଦ ଅବକାଶର ସୁଯୋଗ ଦେଖି 'ତୀର୍ଥ-ଦର୍ଶନ' ନାମକ କାବ୍ୟଟିଏ ଲେଖିବି ବୋଲି ଆଶାନ୍ୱିତ ହୃଦୟରେ ସତ୍‌ସଂକଳ୍ପ ପୋଷଣ କରିଅଛି—ଏ ସ୍ଥଳରେ ଏହା ପ୍ରକାଶ କରିବାଦ୍ୱାରା ଅପ୍ରାସଙ୍ଗିକତା ଯଦ୍ୟପି ଫୁଟି ପଡ଼ୁଥାଏ, ତେବେ ସହୃଦୟ ପାଠକପାଠିକାଗଣ ମୋର ପ୍ରଗଲ୍‌ଭତା ତଥା ଲଘୁହୃଦୟତାଜନିତ ତ୍ରୁଟି ମାର୍ଜନା କରିବା ହେବେ । ଇତି ।

ନୃସିଂହନାଥ ମନ୍ଦିର
୬-୫-୫୩ ଇସ୍ବୀ

ଶ୍ରୀ ଖଗେଶ୍ୱର ଶେଠ

# ଦ୍ୱିତୀୟ ସଂସ୍କରଣର ଭୂମିକା

ନୃସିଂହ ଚତୁର୍ଦ୍ଦଶୀ ମେଳା ସମୟରେ ଏଇ ନୃସିଂହନାଥ ତୀର୍ଥଦର୍ଶନ ଓ ବିଶ୍ୱ-ବଜାରର ବୈପଣିକ ଦୃଶ୍ୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ଫୁଲଝର, ରାୟଗଡ଼, ସାରଙ୍ଗଗଡ଼, ଛତିଶଗଡ଼, ବାମଣ୍ଡା, ବୌଦ୍ଧ, ସୋନପୁର, ପାଟଣା, କଳାହାଣ୍ଡି ପ୍ରଭୃତି ଅନେକ ଅଞ୍ଚଳରୁ ସହସ୍ର ସହସ୍ର ଯାତ୍ରୀ ଆସି ସମବେତ ହୋଇଥାନ୍ତି । ସେ ସଙ୍ଗେ ଅନେକ ସାଧୁ ସନ୍ଥ ଗୁଣୀ ଧାର୍ମିକ ତଥା କବି ପଣ୍ଡିତଙ୍କର ମଧ୍ୟ ଶୁଭାଗମନ ଘଟିଥାଏ ।

ସତ୍ୟ-ଶିବ-ସୁନ୍ଦର-ରୂପୀ ସଚ୍ଚିଦାନନ୍ଦଙ୍କର ପାପସନ୍ତାପହାରୀ ଚିର ସତ୍ୟାମୃତର ଚିରନ୍ତନୀଧାରା, ବିଶ୍ୱହିତକାରୀ ଜୀବନଶାନ୍ତିପ୍ରଦ ପ୍ରାକୃତିକ ବୈଭବର ଅଖଣ୍ଡ ଆନନ୍ଦାମୃତ-ଧାରା, ମନୋପ୍ରାଣନେତ୍ରରଞ୍ଜନକାରୀ ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ପବିତ୍ର ସୌରଭାମୃତଧାରା, ନିର୍ଝରଜଳ-ଫଳ-ପୁଷ୍ପପ୍ରଦ ମଧୁମୟ କାଳ ଓ ସୁଶୀତଳ ସମୀରଣ ରୂପରେ ଏଇ ପୁଣ୍ୟସ୍ଥଳୀରେ ଅବିରାମ ଗତିରେ ଯେପରି ପ୍ରବାହିତ—ତାହା ସୁଚିନ୍ତା-ଦୃଷ୍ଟିରେ ଅବଲୋକନ କଲେ ଯେ ପ୍ରକୃତ ଜ୍ଞାନୀ, ପ୍ରକୃତ କର୍ମୀ, ପ୍ରକୃତ ଭକ୍ତ, ସେ ନିଶ୍ଚୟ କହିବେ ଯେ ବିଶ୍ୱବ୍ୟାପୀ ବିଶ୍ୱପତିଙ୍କର ଦେଦୀପ୍ୟମାନ ଦର୍ଶନୀୟ ରୂପ ଓ ଚିନ୍ତନୀୟ ରୂପ ଏଭଳି ତୀର୍ଥମାନଙ୍କରେ ହିଁ ଚିରବିଦ୍ୟମାନ ! ଆଗତ-ଅନାଗତ ତୀର୍ଥଦର୍ଶୀମାନଙ୍କୁ ଏହା ଜଣାଇଦେବା ଉଦ୍ଦେଶ୍ୟରେ ଏଇ 'ନୃସିଂହନାଥ' କ୍ଷୁଦ୍ର ପୁସ୍ତିକାଟି ଲିଖିତ ।

ଅତି ଅଳ୍ପଦିନ ମଧ୍ୟରେ ଉକ୍ତ ପୁସ୍ତକର ପ୍ରଥମ ସଂସ୍କରଣର ସତ୍ତ୍ୱ ନିଃଶେଷ ହୋଇଯିବାରୁ ତାର ଦ୍ୱିତୀୟ ସଂସ୍କରଣର ପ୍ରକାଶ ପାଇଁ ପ୍ରକାଶକ ମହାଶୟ ଏବେ ମୋତେ ସାଗ୍ରହାନୁମତି ମାଗି ଅଛନ୍ତି । ତାର ଲକ୍ଷ୍ୟ ଦିଗରେ ପୁସ୍ତକର ଉପାଦେୟତା କିଭଳି ଓ କେତେଦୂର ଅଛି, ଏଥିରୁ ତାହା ସହଜରେ ଅନୁମେୟ ।

ଏହି ଉପାଦେୟତା ଦୃଷ୍ଟିରୁ ନୃସିଂହନାଥ ବା 'ପାପହରଣ ତୀର୍ଥ'ର ଆଉ କେତୋଟି ଜ୍ଞାତବ୍ୟ ଐତିହାସିକ ବିବରଣ ଉକ୍ତ ପୁସ୍ତକରେ ସନ୍ନିବେଶ କରିବାର ଆବଶ୍ୟକ ଥିଲେହେଁ ଏଥର ହୋଇପାରି ନାହିଁ । ଆଶା ହୁଏ, ଏହାର ପରବର୍ତ୍ତୀ ସଂସ୍କରଣରେ ସେ ସବୁ ଯଥାସ୍ଥାନମାନଙ୍କରେ ସନ୍ନିବିଷ୍ଟ ହେବ ।

ଏ ସଂସ୍କରଣରେ କେତେକ ସ୍ଥାନର କେତୋଟି ପଦ ପରିବର୍ଦ୍ଧିତ ଓ କେତେକ ପାଦର ଅଂଶ ତଥା ଶବ୍ଦ ପରିବର୍ତ୍ତିତ ହୋଇଅଛି । ତତ୍ପ୍ରତି ପାଠକପାଠିକାଙ୍କ ଶୁଭଦୃଷ୍ଟି ଆକୃଷ୍ଟ ହେଲେ ଚରିତାର୍ଥତା ଲଭ କରିବି । ଇତି ।

ବିଜେପୁର-ବୁଢ଼େମାଲ
ତା ୧୧-୧୧-୫୪ ଇ:

ଲେଖକ

# ନୃସିଂହନାଥ

## ବନ୍ଦନା

( ରାଗ—ମଙ୍ଗଳଗୁଜ୍ଜରୀ )

ବନ୍ଦଇ ନୃସିଂହନାଥ, କନ୍ଦର-ବିହାରି,
ମଞ୍ଜାର ରୂପଧାରୀ ହେ ପାପତାପହାରି ।
ବିତରିବାକୁ ଜଗତେ ତୁମ୍ଭ କୃପା-ବାରି,
(୧) ଗଦ୍‌ଗଦ-ନାଦରେ ବହେ ଜହ୍ନୁର କୁମାରୀ ।
(୨) ଅମୃତା ପବିତ୍ରା ଆଦି ଧାତ୍ରୀ କଣ୍ଟକାରୀ,
ଧାତ୍ରୀରୂପେ ହରୁଛନ୍ତି ଯାତ୍ରୀଙ୍କ ବେମାରି ।
(୩) 'ବୈଶାଖ-ବଜାରେ' ବସି ଅସଂଖ୍ୟ ବେପାରୀ,
ଫୁରୁଣା ଚଉରେ ତୁମ୍ଭ କରୁଣା-ଭିଖାରୀ ।
ମହିମା-ସୌରଭ ତବ ଚୌଦିଗେ ବିସ୍ତାରି,
ଫୁଲ-ମୁଖେ ହସୁଛନ୍ତି ବକୁଳ ସୁନାରି ।
ଯଥାକାଳେ ଆସି ଷଡ଼ଋତୁ-ପୂଜାହାରୀ,
ଯେଝା ପୂଜାବିଧି ସାରି ଯାଆନ୍ତି ବାହାରି ।
ପ୍ରସାଦରୂପେ ରସାଳ-ପନସ ତର୍କାରୀ,
(୪) ନାଗରଙ୍ଗାଦି; ଚରଣାଶ୍ରିତ-ହିତକାରୀ ।
ଦରଶନ ଛଳେ ତବ କେତେ ନର ନାରୀ,
ଭକ୍ତି ଢାଳି ହେଉଛନ୍ତି ମୁକ୍ତି ଅଧିକାରୀ ।
ବନ୍ଦନ ସଙ୍ଗୀତେ ସ୍ୱନ-ବଲ୍ଲକୀ ଝଙ୍କାରି,
ଧନ୍ୟ ମଣନ୍ତି ଜୀବନ ପିକ ଶୁକ ଶାରୀ ।
ଏ ମହା ମହିମା ସବୁ ବରନି ନପାରି,
ଯୋଗଧ୍ୟାନେ ମୂକ କବି ଶୁକ-ବ୍ରହ୍ମଚାରୀ ।

---

(୧) ଜହ୍ନୁକୁମାରୀ—ଗଙ୍ଗା ।

(୨) ଅମୃତା—ହରିଡ଼ା, ଗୁଳୁଚିଲତା । ପବିତ୍ରା—ତୁଳସୀ । ଧାତ୍ରୀ—ଅଁଳା, ଧାଈମାତା । କଣ୍ଟକାରୀ—ଅଙ୍କରାନ୍ତି ।

(୩) ନୃସିଂହ ଚତୁର୍ଦ୍ଦଶୀ ମେଳାକୁ ଅନେକେ 'ବୈଶାଖ-ବଜାର' କହନ୍ତି ।

(୪) ନାଗରଙ୍ଗ—ନାରଙ୍ଗଫଳ ।

(୧) ଜ୍ଞାନ ଶକ୍ତ ମୋର କାହିଁ ଆହେ ଇନ୍ଦୁରାର,
କରୁଣା ଆଶାରେ ସିନା ମୁଁ ଲେଖମାଧାଗ୍ମ ।
ହେ ସତ୍ୟ-ଶିବ-ସୁନ୍ଦର, ଭବାବ୍ଧି-କାଣ୍ଡାର,
ଯେ ମହାମହିମା-ଚନ୍ଦ୍ର ଚରୁ ଚମତ୍କାଗ୍ମ ।
ତବ ସେ ମହିମା ଗୀତେ ପଦ ଦୁଇ ଗୃଚ,
ଲେଖୁଁ ଲେଖୁଁ ହେବ ଯେହ୍ନେ ଭବସିନ୍ଧୁ ପାର ।
ଏ ଆଶା ପୂରାଅ ବାଧାବିଘ୍ନ ମୋ ନବାର,
ଶ୍ରୀଚରଣ ତଳେ ପ୍ରଭୋ ଏତକ ଗୁହାର ।

---

## ଦେବମୂର୍ତ୍ତି-ଦର୍ଶନ

( ରାଗ—ସିନ୍ଧୁଡ଼ା ବା ସଜ ମଉଜ ମଲ—ବୃତ୍ତ )

ନରସିଂହ ନାଥ ପ୍ରଭୁଙ୍କ ଚରିତ
ଶୁଣ ହେ ଭାଇ ଭଉଣି,
(୨) କନ୍ଦଗିରି ତଳେ ଥିଲା ଏ ଅଞ୍ଚଳେ
ପୂରୁବେ ଏକ କନ୍ଧୁଣୀ ଯେ;
ତା'ର ନାମ ଯମୁନା,
ସତ୍ତୀ ସାଧବୀ ସୁନ୍ଦରୀସୁନା ସେ । ୧ ।

ଛନ୍ଦ ମିଛ କଥା କିଛି ନ ଜାଣେ ସେ
ହରିକନ୍ଦର ଘରଣୀ,
ପୁଅ ଝିଅ କେହି ପଚାରିଲେ କହି
ନପାରେ ନାମ ନ ଗଣି ଯେ;
ଦିନେ ସେଇ ସରଳା,
ଫଳ ମୂଳ ଖୋଜିବାକୁ ଗଲା ଯେ । ୨ ।
ଫଳ କିବା ମୂଳ କିଛି ନ ପାଇଲା
ବୁଲି ବୁଲି ଘୋର ବନେ
ପୁଅ ଝିଅ ମୋର କି ଖାଇ ବଞ୍ଚିବେ
ଭାଳିଲା ଦୁଃଖିତ ମନେ ଯେ;

---

(୧) ଇନ୍ଦୁରାରି—ମୂଷିକାସୁରର ଶତ୍ରୁ ।
(୨) କନ୍ଦଗିରି—ଏହାର ଆଧୁନିକ ନାମ 'ଗନ୍ଧଗିରି' ।

ଚଢ଼ି ଗଛ ଉପର,
ଗୃହ ଆଡ଼କୁ ଦେଲା ନଜର ଯେ । ୩ ।
(୧) ଅଳପ ଦୂରରେ ବେଲଗଛେ ଲହ
ଲଗିଛି ପିଟକନ୍ଦାର,
ଉପଟେ ଉଡୁର ଖଣତ ଧଇଲା
ଖୋଳିବାକୁ ମୂଳ ତା'ର ଯେ;
ଫିଙ୍ଗି ମାଟି ପଥର,
ଥକ ପଡ଼ୁଛି ଥରକୁଥର ଯେ । ୪ ।
ଯେତକ ଗହ୍ୱର ଖୋଳୁଛି କନ୍ଦାଟି
ସେତକ ହେଉଛି ଗୋଟ,
କିଛୁକ୍ଷଣ ପରେ ଦେବତାର ଶିରେ
ବାଜିଲା ଖଣତ ଚୋଟ ଯେ;
ଦେଖି ରକତଧାର,
ହଂସା ଉଡ଼ିଗଲା ଯମୁନାର ଯେ । ୫ ।
କାହୁଁ ଏ ରକତ ଆସିଲା ବୋଲି ସେ
ବିଚାରଇ ମନେ ମନେ,
ଏକାଳେ ଶୁଭିଲା ଦେବତାର ଡାକ
ମିଆଉଁ-ମିଆଉଁ-ସ୍ୱନେ ଯେ;
"ଆଲୋ ଯମୁନା ସତ,
ଆଉ ନ ମାର ମୋତେ ଖଣତ ଲୋ ।" । ୬ ।
ଚମକ ପଡ଼ିଲା ଯମୁନା, ଭୟରେ
ଦେହ ଫୁଲିଗଲା ତା'ର,
ଭାବିଲା କି କଲି ଏ ସ୍ଥାନ ତ ବାସ
ଅଟେ କେଉଁ ଦେବତାର ଯେ;
ମତେ ଦେବଟି ଖାଇ,
ତହୁଁ ସେସ୍ଥାନୁ ଗଲା ପଳାଇ ଯେ । ୭ ।
ଗିରସ୍ତ ଆଗରେ କାନ୍ଦି କାନ୍ଦି କହେ
ଘଟିଗଲା ମହା ପାପ,
ଏ ପାପରୁ ମତେ ରଖି ନ ପାରିବ
ଆସିଲେ ହେଲେ ମୋ ବାପ ଯେ;

(୧) ଲହ—ଲତା । ପିଟ୍‌କନ୍ଦା—ଏକ ପ୍ରକାର ବନ୍ୟ କନ୍ଦମୂଳ ।

ଏହା କହି ସୁନ୍ଦରୀ,
ତଳେ ପଡ଼ିଗଲା ଥରି ଥରି ଯେ । ୮ ।
ଦଉଡ଼ି ଆସିଲେ ଖେଡ଼ା ବେଡ଼ା ଆଦି
ରଡ଼ିବାରୁ ଖେମା ବୁଢ଼ୀ,
ଢେକୁଲୁ ଯାଦବ କକା ସଙ୍ଗେ ତାଙ୍କ
ଯାଇଥିଲେ ମୂଷାକୁଡ଼ ଯେ;
କେହି ନ ଥିଲେ ଘରେ,
ଖେମା ଡାକେ ତାଙ୍କୁ ଉଚ୍ଚସ୍ୱରେ ଯେ । ୯ ।
ପଚାରିଲା ଖେଡ଼ା କି ସାପ ଗୋବିଛ ?
ବେଡ଼ା ବୋଲେ ସାପ ନୁହେ,
ମୁଁ ଜାଣେ ହରିଆ ଦେଇଅଛି ମାଡ଼
କଜିଆ ଲଗାଇ ଦୁହେଁ ଯେ;
ପାଣି ପିଆଅ ଧରି,
ମରିଯିବ ଏ ଯାଉଛି ଥରି ଯେ । ୧୦ ।
ମୁଖେ ପାଣି ସିଞ୍ଚି ବସାଇ ଧଇଲା
ହରି କନ୍ଧ ତରତରେ,
ପଚାରିଲା କହ କେଉଁଠି କି ହେଲା
କାହିଁକି କାନ୍ଦୁଛ ଡରେ ଲୋ ?
(୧) ଡଲା-ଖଣ୍ଡିକ କାହିଁ ?
କେଉଁ ସ୍ଥାନେ ଆସିଛୁ ପକାଇ ଲୋ । ୧୧ ।
କହିଲା ଯମୁନା ଡଲା ଖଣ୍ଡିକଟା
ବଡ଼ ହେଲା କି ତୁମରି ?
ବଞ୍ଚିବାର ଆଶା ନାହିଁ, କେଣେ ଗଲା
ଆଣ ମୋ ସାନ କୁମରି ଯେ;
ତାକୁ ଦେଖିବି ଥରେ,
ମରିଯିବି ତ ଆଜ ଭିତରେ ଯେ । ୧୨ ।
ପୁଅ-ଝିଅଙ୍କର ଲାଗି ବହୁ ଦୂର
କନ୍ଦା ଖୋଳି ଯାଇଥିଲି,
(୨) ବେଲଗଛ ମୂଳେ ପିଠକନ୍ଦା ଡରି
ଲାଗିଥିବାର ଦେଖିଲି ଯେ;

(୧) ଡଲା—ବାଉଁଶପାତିଆଦ୍ୱାରା ନିର୍ମିତ ପାତ୍ରବିଶେଷ । (୨) ଡରି—ଲତା ।

ତହୁଁ ଖୋଳଲ ମାଟି,
ଖଣତିର ଚେଟେ କାଟି କାଟି ଯେ । ୧୩ ।
ଯେତିକ ଗହ୍ୱର ଖୋଳିଲ ମୂଳଟି
ସେତିକ ଯାଉଛୁ ପଶି,
ବଡ଼ ବଡ଼ କନ୍ଦା ବାହାରିବ ବୋଲି
ଖୋଳୁଥାଏଁ ହସି ହସି ଯେ;
କଞ୍ଚା ରକତଧାର,
ଗାଡ଼ ଭିତରୁ ହେଲ ବାହାର ଯେ । ୧୪ ।
ରକତକୁ ଦେଖି ଡରି ଥରିଗଲି
କନ୍ଦା କି ଖୋଳନ୍ତି ଆଉ,
ଗାଡ଼ୁଁ ବାହାରଲ ବିଲେଇ-ଶବଦ
ପରି ମିଆଉଁ-ମିଆଉଁ ଯେ;
ନାଚିଗଲ ମୋ ହିଆ,
ଉପରକୁ ଆସି ହେଲ ଠିଆ ଯେ । ୧୫ ।
କିଛିକ୍ଷଣ ପରେ ପୁଣି ମୋ କାନକୁ
ଶୁଭିଲ "ଆଲୋ ଯମୁନା,
ମୋ ମୁଣ୍ଡ ଉପରେ ଖଣତି ନ ମାର
ଦେବି ତୋତେ ଟଙ୍କା ସୁନା ଲୋ";
ଏହା ଶୁଣି ମୋ ଗୁଡ଼ି,
ଡରେ ଥରିଯାଉଛୁ କହାଡ଼ି ଯେ । ୧୬ ।
(୧) ବାହାରିଲ ହରି ଟେଙ୍ଗାରିଟା ଧରି
କହିଲ ଦେଖିବା ଚାଲ,
ବାଟ କଡ଼ାଇଲ ଯମୁନା ଅଡ଼ାଇ
(୨) ଅଡ଼ାଇ ଲହଁସା ଡାଳ ଯେ;
ଯାଇ ହେଲେ ହାଜର,
ଯହିଁ ଶୁଭିଲ ବିଲେଇ ସ୍ୱର ଯେ । ୧୭ ।
ଦେଖିଲେ ଖଣତି ଡାଲ ପଡ଼ିଅଛି
ରକତଧାରଟି ନାହିଁ,

(୧) ଟେଙ୍ଗାରି—ସାନକୁରାଢ଼ି (ଟେଙ୍ଗ ଶବ୍ଦଜ) ।
(୨) ଲହଁସା ଡାଳ—ସାନ ବଡ଼ ଗୁଳ୍ମଗୁଡ଼ିକର ଇତସ୍ତତଃ ବିସ୍ତୃତ କ୍ଷୁଦ୍ର ଶାଖା ।

ଉଷ୍ଣ ହୋଇ ତହିଁ ଗୋସ୍ୱପାଏ ଏକ
ପଥର-ମୂର୍ତ୍ତି-ଖଲର ଯେ;
ପିଠକନ୍ଧାରୁ କ୍ଷୀର,
ଝରୁଅଛି ଯେହ୍ନେ ଗଙ୍ଗାଧାର ଯେ । ୧୮ ।

ହରି-ଯମୁନାର ତଣ୍ଟି ଶୁଖିଗଲା
ଦେଖି ବିଚିତ୍ର ଘଟଣା,
ଏକାଳେ ଶୁଣିଲା ଦେବବାଣୀ—ହରି
ଜରନା କରୁ ଭାବନା ରେ;
ମୁହିଁ ତୋ ଇଷ୍ଟଦେବ,
ପରସନ୍ନ ହେଲି ମୋତେ ସେବି ରେ । ୧୯ ।

ପାପ ହେଲା ବୋଲି ଡରେ ତୋ ଭାର୍ଯ୍ୟା
କରେ ସନ୍ତାପ ବରଣ,
ମୋର ଦରଶନେ ଏ ଜନ୍ମର ତାର
ହୋଇଛି ପାପ ହରଣ ରେ;
ମୁହିଁ ନୃସିଂହନାଥ,
ଭୋଗ ପାଇବ ତା' ରନ୍ଧା ଭାତ ରେ । ୨୦ ।

ଆଜଠାରୁ ଶୁଦ୍ଧ- ଧରମେ ଯମୁନା
କାମନା କରନ୍ତୁ ଆଉ,
ମୋର ପୂଜା କରି ମୋ ଭକତି ଧରି
ପାପରୁ ମୁକତି ପାଉ ରେ;
'ପାପହରଣ' ନାମ,
ଏହାଯୋଗୁଁ ପାଇବ ଏ ଧାମ ରେ । ୨୧ ।

ଏଇ ସ୍ଥାନେ ମୋର ମନ୍ଦିର ତୋଳାଅ
ଡାକିଆଣି କାରିଗର,
ହରିଆ ବୋଇଲା ମୂଲିଁ ତ କରୁଛି
ପତରଗୁଆଣୀ ଘର ରେ;
ତୁ ତ ଇଷ୍ଟଦେବତା,
ଧନ କାହିଁରୁ ପାଇବି ବତା ରେ ! । ୨୨ ।

ହସି ନରସିଂହ ଦେବତା କହନ୍ତେ
ଯାଅ ଲଙ୍ଗୁଳପାଟଣା,

(୧) ହରିନାଥ ରାଜା ଅଛି ତୋ ଜାତର
ତୋତେ ସିନା ନାହିଁ ଜଣା ରେ;
ସେଉ ମୋର ଦେଉଳ,
ତୋଳିଦେବ ନହୁଅ ଆକୁଳ ରେ । ୨୩ ।

ବୈଶାଖ-ପୂର୍ଣ୍ଣିମୀ ଶନିବାରେ ମୋର
ପାଇବୁ ଶୁଭ ଦର୍ଶନ,
ଏ ପୂର୍ଣ୍ଣିମୀରେ ମୋ ବାରଷିକ-ପୂଜା
ବ୍ରତ କରିବୁ ପାଳନ ରେ;
ସେଇ ଦିନ ମୋ ରୂପ,
(୨) ଝଟକିବ ଯେହ୍ନେ ଜାତରୂପ ରେ । ୨୪ ।

ତୁ ହେବୁ ପୂଜାରୀ ପୂଜାର ଯୋଗାଡ଼
କରିଦେବ ତୋର ପ୍ରିୟା,
ମୋର ଦରଶନେ ଶରଧିତ ମନେ
ଆସିବେ ଯେଉଁ ଯାତ୍ରୀ ରେ;
ତାଙ୍କ ସେବା କରିବୁ,
ଭେଦଭାବ ମନେ ନ ଧରିବୁ ରେ । ୨୫ ।

ମୁଇଁ ତ ପଥର— ଦେବତା ଏଥର
ପାଇବ ଭୋଗ-ବାସନା,
ସେ ସିନା ଅସଲ— ଦେବତା; ଖାଇବା
ପାଇଁ ଅଛି ଯା' ରସନା ରେ;
(୩) ଦେବପୂଜା-ଭକତି,
ତତେ ପାପରୁ ଦେବ ମୁକତି ରେ । ୨୬ ।

ସତ୍ୟ-ମଧୁକଥା ଯା' ଜିଭରେ ଅଛି
ସେଇ ମୋ ବନ୍ଧୁ ଭକତ,

---

(୧) ହରିନାଥ ରାଜା—ଏହି ଦୁଷ୍ପୁରଖିଆ କନ୍ଧରାଜାଙ୍କର ରାଜଧାନୀର ନାମ 'ରାଣୀଝରିଆ' । (୨) ଜାତରୂପ—ସୁବର୍ଣ୍ଣ । (୩) ସତୀସାଧ୍ୱୀ ସ୍ତ୍ରୀ, ମାତାପିତାଦି ଗୁରୁଜନ, ପ୍ରଜାବତ୍ସଳ ଧାର୍ମିକ ରାଜା, ବେଦଜ୍ଞ ବ୍ରାହ୍ମଣ, ସତ୍ୟଧର୍ମ ପ୍ରଚାରକ, ସତ୍‌ସାହିତ୍ୟସେବୀ ଅର୍ଥାତ୍ ସୁକବି, ବିଶ୍ୱହିତୈଷୀ ସାଧୁ-ସନ୍ନ୍ୟାସୀ, ମହାତ୍ମା-ମହାପୁରୁଷଙ୍କ ସେବା-ସତ୍କାର, ସମ୍ମାନ-ଗୌରବ ରକ୍ଷା କରିବା ଓ ଈଶ୍ୱରଙ୍କର ବେଦାଦେଶ କାୟମନୋବାକ୍ୟରେ ପାଳନ କରିବା ହିଁ ପ୍ରକୃତ ଦେବାର୍ଚ୍ଚନା ବା 'ଦେବତା ପୂଜା' ।

କପଟ ଯା' ପେଟେ ନାହିଁ ତା' ଆଖିକି
.ମୋ ରୂପ ହେବ ବ୍ୟକତ ରେ;
. ମତେ ଘରକୁ ନଅ,
ଭଲ ସ୍ଥାନେ ରଖି ପୂଜା ଦଅ ରେ । ୨୭ ।

## ମନ୍ଦିର ନିର୍ମାଣ

( ରାଗ—ରାମକେରୀ )

ଏହା କହି ହେଲେ ମଉନ ପ୍ରଭୁ ନୃସିଂହନାଥ,
ହରି କହି ତହୁଁ ଘରଯା ପ୍ରତି ଠାରିଲା ହାତ ।
ଧଇଲା ଯମୁନା ଜଳରେ ସେଇ ଦେବ-ମୂରତି,
ହୁଳହୁଳ ଦେଇ ମୁଣ୍ଡରେ ବହି ଚଳିଲେ ଝିଅଟି ।
ତା' ପଛେ ଚଳିଲା ହରିଆ ହରିବୋଲ ନାଦରେ,
ପରାଣ ଉଲସି ଉଠୁଛି ଅତି ଆହ୍ଲାଦରେ ।
ହରି ସାନଭାଇ ସେଆଡ଼େ ସହଦେବ ଆସୁଛି,
ଭାଇ ଭାଉଜଙ୍କୁ ଅନାଇଁ ଗଲା ଘରକୁ ଧାଇଁ ।
ଘରେ ପହଞ୍ଚିଲେ ହରିଆ— ଭୋଇ ଯମୁନା ସଙ୍ଗି,
ଓହ୍ଲାଇ ରଖିଲେ ମୁଣ୍ଡରୁ ତଳେ ଦେବମୂରତି ।
ଏ ଘଟନା ଦେଖି ପଲ୍ଲୀରେ ଥିଲେ ଯା' ନାରୀ ନର,
ରୁଣ୍ଡ ହେଲେ ସର୍ବେ ଦୁଆରେ ଆସି ହରି କନ୍ଧର ।
ଘୁଲୁ ବୁଢ଼ା ବୋଲେ ଦେବତା ସେବା ଭାରି ଜଞ୍ଜାଳ,
ଭଲଭାବେ ମାନି ପାରିଲେ ଭଲ; ନୋହିଲେ କାଳ ।
(୧) ଝାଙ୍କରୁଲିକି ମୋ ଶଶୁର ମାନୁଥିଲା ଏପରି,
ରାଗିଯିବାରୁ ସେ' ବଉଁଶ— ଯାକ ଗଲେ ତା' ସରି ।
ହରି ବୋଇଲା ଏ ଦେବତା ଖାଲି ଖାଇବ ଭାତ,
ରକତଧାର ତ' ନ ଲାଗେ କପାଁ କରିବ ଘାତ ?
କହିଲା ଯମୁନା ମୂଳରୁ ସବୁ ଦେବଚରିତ,
ଶୁଣି ପଲ୍ଲିବାସୀ ସଭିଏ ହୋଇଗଲେ ଚକିତ ।

(୧) କନ୍ଧ, ବଂଝାଲ ଆଦି କେତେକ ଅନାର୍ଯ୍ୟ ଜାତିଙ୍କ ବିଶ୍ୱାସ ଓ ଧାରଣାରେ 'ଝାଙ୍କରୁଲି' ଥିଲା ପ୍ରଚଣ୍ଡା ଦେବୀବିଶେଷ ।

କଚ୍ଛଦନେ ହରନାଥଙ୍କୁ ଡାକଆଣି ହରଆ,
କରାଇଲା ତାଙ୍କ ଖରଚରେ ଦେବମନ୍ଦିର ଠିଆ ।
(୧) ବାର ଖଣ୍ଡି ଘିଅ ହୋମରେ ହରନାଥ ରାଜନ,
(୨) ପ୍ରତିଷ୍ଠା କଲେ ଦେଉଳ ଆଣି ଭଲ ବ୍ରାହ୍ମଣ ।
ଏ ଋଷିରୁ ଧୀରେ, ମାନସେ ଘେନ ଆନ ଚରିତ,
ହରଶଙ୍କରଙ୍କ ମନ୍ଦିର ଯେଉଁରୂପେ ନିର୍ମିତ ।
(୩) ହରନାଥଙ୍କର ଭରସା ଥିଲେ ଦୁଲୁଭରାଣୀ,
ସପନରେ ତାଙ୍କୁ ଶୁଭିଲା ଦିନେ ଦେବତାବାଣୀ ।
କହିଲେ ଦେବତା—ଦୁଲୁଭ, ଗନ୍ଧଗିରିକି ଆସ,
ତା' ଦକ୍ଷିଣ ପଟେ ଭେଟିବୁ ମୋତେ କର ବିଶ୍ୱାସ ।
ଦେଖିବୁ ଯେବଣ ପଥର ଶୁଭ୍ର ସ୍ୱଚ୍ଛ ବରଣ,
ସେ ପଥର ଆଣି ପୂଜିବୁ ଦେଇ ଫୁଲ-ଚନ୍ଦନ ।
ତୋଳାଇଦେବୁ ଯେ ମନ୍ଦିର ସେଇ ପବିତ୍ର ଧାମେ,
ପୂଜା ପାଇବ ସେ ଦେଉଳେ 'ହରଶଙ୍କର' ନାମେ ।
ଚମକି ଉଠିଲେ ଦୁଲୁଭ ଉଭିଗଲେ ଦେବତା,
ରାଜାଙ୍କୁ ଉଠାଇ କହିଲେ ରାଣୀ ସପନ କଥା ।
(୪) ଉତ୍ତରିଲେ ରାଜା ବଜଲ- ସିଂହ—ଛନ୍ତି ତ' ଭାଇ,
ଦେବ ଆଜ୍ଞା କର ପାଳନ ତାଙ୍କ ସାଥିରେ ଯାଇ ।
ପାହିଲା ରଜନୀ ଗାଇଲା ପିକ ପ୍ରଭାତ ଗୀତ,
ବାହାରିଲେ ରାଣୀ ଦିଅର ସଙ୍ଗେ ହୋଇ ସଜ୍ଜିତ ।
ପାଞ୍ଚଦିନେ କଲେ ପ୍ରବେଶ ଗିରି ଦକ୍ଷିଣ ଚୂଳେ,
ଦେବତାଙ୍କୁ ଆଣି ଲଗିଲେ ରାଣୀ ନୂଆ ଦେଉଳେ ।
ଦେଉଳତୋଳାରେ ଲଗାଇ ସାତ ଶହ ବିନ୍ଧାଣି,
(୫) ପାଞ୍ଚ ଖଣ୍ଡି ଘିଏ କରାଇ ଥିଲେ ପ୍ରତିଷ୍ଠା, ରାଣୀ ।

(୧) ବାର ଖଣ୍ଡି—ସାତ ମହଣ କୋଡ଼ିଏ ସେର । (୨) ଭଲ ବ୍ରାହ୍ମଣ—ଆରଣ୍ୟକ ବା ଆଶ୍ରମିକ ଦେବଙ୍କ ବ୍ରାହ୍ମଣ । (୩) କନ୍ଦରାଜା ହରନାଥଙ୍କ ଚାରୋଟି ରାଣୀ । ଯଥା—ଦୁର୍ଲଭା (ପାଟରାଣୀ), ସୁଲଭା, କମଳା ଓ ବିମଳା; ଦୁର୍ଲଭା ବା ଦୁଲୁଭା ବାମନଗଡ଼ର ରାଜକନ୍ୟା । (୪) ହରନାଥ ରାଜାଙ୍କ ଭ୍ରାତା ବଜ୍ରସିଂହ । ଏହାଙ୍କର ପ୍ରଚଳିତ ଡାକନାମ ହେଉଛି—ବଜର୍ ସିଂହ ବା ବଜଲସିଂହ । (୫) ପାଞ୍ଚ ଖଣ୍ଡି—ତିନ ମହଣ ପାଞ୍ଚ ସେର ।

ହରଆର ଗଭ ଥିଲ ଯେ ସହଦେବ ନାମରେ,
ରାଣୀଦେଉଳେ ସେ ରହିଲ ପୂଜାହାରୀ କାମରେ ।
ସେଇଦ୍ୱାରଠାରୁ 'ନୃସିଂହ- ନାଥ' 'ହରିଶଙ୍କର'
କରୁଛନ୍ତି ପାପ ହରଣ ତାଙ୍କ ଭକତଙ୍କର ।
ତୀର୍ଥ-ଦରଶନେ ପାତକ ଯାଏ ଯାର ବିଶ୍ୱାସ,
ତୀର୍ଥଯାତ୍ରୀ ରୂପେ ଏ ତୀର୍ଥେ ଯାଏ ମାର ନିଶ୍ୱାସ !

## ତୀର୍ଥ-ଦର୍ଶନ

(ରାଗ—ବଙ୍ଗଳାଶ୍ରୀ)

ନରସିଂହ ନାଥ ଚରଣ ଧଉତ କରିବାକୁ ଧରାତଳେ,
ସାରା ତୀର୍ଥ ଆସି ଧାରାରୂପେ ମିଶି ଗଲେ ଗଙ୍ଗାଦେବୀ ଜଳେ ।
ଧୂର୍ଜଟି-ଜଟାରୁ ବହୁଥାନ୍ତି ଶୁଭ୍ର- ଧାରା ଦେଖାଇ ଯେପରି,
ବହି ରମ୍ୟ ଛବି ବହିଲେ ଜାହ୍ନବୀ ଗନ୍ଧଗିରି ଗର୍ଭଁ ଝରି ।
ତୀର୍ଥ-କୁଣ୍ଡ-ଧାର ମାହାତ୍ମ୍ୟ ପ୍ରଚୁର ଶକତି କାହିଁ ମୋହର ?
ଲେଖୁଛି ତଥାପି ହେବ ବୋଲି ପାପୀ- କର ମୋର ପବିତର ।
(୧)ଗୋହନ୍ତା ପାପୀର' ପାପରାଶି ଦୂର କରିବାକୁ ଦେବଗଣ,
ଯେଉଁ 'ଗୋକୁଣ୍ଡ'ରେ ଅଦୃଶ୍ୟ ମୂର୍ତ୍ତିରେ ରହିଛନ୍ତି ଅନୁକ୍ଷଣ ।
ଯେଉଁ ଗୋକୁଣ୍ଡରେ ସ୍ନାନ କରି ଥରେ (୨)ପାପରୁ ଶିବ ମୁକତ,
ଭକ୍ତ-ହୃଦପୂରେ ସେ କୁଣ୍ଡ-ପୟରେ ହେଲି ମୁଁ ଆଗେ ପ୍ରଣତ ।
ଏକେ ଖରାକାଳ ତହୁଁ ଯାଇ 'ଶୂଳ- ଧାର'ର ନେଲି ଶରଣ,
ଯେଉଁ ଶୂଳଧାର ପାପୀ ତାପୀଙ୍କର କରେ ସନ୍ତାପ ହରଣ ।
'ଭୀମଧାର' ଶୁଣି 'ସୀତାକୁଣ୍ଡେ' ଯାଇ ଶୁଣିଲି ତା' ଗୁଣ-ଖ୍ୟାତି;
ଯେ' ସୀତାକୁଣ୍ଡରେ ପିଣ୍ଡଦାନ କରେ ପିତୃକୁଳ ତରିଯାନ୍ତି ।

---

(୧) ଗୋହନ୍ତା—ଗୋହତ୍ୟାକାରୀ, ମାତୃଦ୍ରୋହୀ, ମିଥ୍ୟାଭାଷୀ, କୁଟିଳ-ପ୍ରକୃତକ, ବିଶ୍ୱାସଘାତକ । ଦେବ—ଦାନାତ୍ ଦେବଃ; ରକ୍ଷଣାତ୍ ରାକ୍ଷସଃ । ପରୋପକାରାର୍ଥେ ଜୀବନର ସର୍ବସ୍ୱ ଯେ ଦାନ କରେ—ସେ ଦେବତା ।

(୨) ପାପ—ଅନଷ୍ଟଚନ୍ତା, ଦୁଷ୍କାମନା, ଦୁଷ୍କୃତ; ଯେଉଁ କାର୍ଯ୍ୟରେ ଭୟ, ଲଜ୍ଜା, ସଙ୍କୋଚ୍ଚ ଆତ୍ମଗ୍ଲାନ ଜାତ ହୁଏ ।

ଦେଖି ଶୈଳାଙ୍କିତ ‘ପାଣ୍ଡବଙ୍କ ତୀର୍ଥ’ ଭାବିଲି ଥରକୁଥର,
ଏ ‘ପାପହରଣେ’ କେ ପାପ ବରଣେ ପାଣ୍ଡବେ ହେଲେ ପଥର ?
‘ଚନ୍ଦନଅର୍ଗଳି’— ଗିରିଗର୍ଭେ ଗଲି ମିଳିଲି ‘କପିଳଧାରେ’,
ସ୍ୱରଗୀୟ ଭାବ କଲି ଅନୁଭବ ବସି ‘କପିଳଗୁହା’ରେ ।
କପିଳଧାରରେ ଯା’ ଦେଖିଲି ପରେ କରିବି ଦୃଶ୍ୟ ବର୍ଣ୍ଣନ,
ଭାଗ୍ୟ ଥିଲେ ମୋର ହେବ ସେ କାବ୍ୟର ନାମଟି ‘ତୀର୍ଥଦର୍ଶନ୍’ ।
‘କପିଳ ଆସନେ’ କପି ଦରଶନେ କପାଳକୁ ନନ୍ଦ ଥରେ,
ପର୍ବତୁଁ ଓହ୍ଲାଇ ପ୍ରବେଶିଲି ଯାଇ ‘ଆମ୍ବଧାର’ ତୀରଥରେ ।
‘ସତ୍ୟଆମ୍ବ’ ‘ସତ୍ୟ- ଧାର’ ତୀର୍ଥ ସେ’ ତ କଳିରେ ଦିଶନ୍ତା କାହିଁ ?
ଅତୀବ ନିରାଶେ ଦୁଃଖିତ ମାନସେ ଅଇଲି ତହୁଁ ପଳାଇ ।
‘ଭୀମଘର’ କାହିଁ ? ଲୋଡ଼ା କଲି ନାହିଁ ବାଧିବାରୁ ଭୋକ ଶୋଷ,
ନ ଦେଖିଲି କଥା ଲେଖି ମୁଁ ଅଯଥା ଅରଜିବି କପାଁ ଦୋଷ ?

## ଚଉତିଶା-ଚନ୍ଦ୍ରକଳା—ଦ୍ୱାଦଶ ଛାନ୍ଦ

# ସୂକ୍ତ-ମାଳା

( ରାଗ—କୃଷ୍ଣକଳା )

କର୍ମମସ୍ତୁ ବଶ୍ୟ କର୍ମେ ପ୍ରାପତ ଶ୍ରୀହରି,
କର୍ମକୁଣ୍ଠ ପ୍ରାଣୀ ଛାଗୀ-ଗଳସ୍ତନ ପରି ।
କର-ଚରଣ-ବିହୀନ ଜଳ ଅଗ୍ନି ବାତ,
କଲ୍ୟାଣୀସ୍ତୁ କର୍ମ ଯୋଗୁଁ ଦେବତା ଆଖ୍ୟାତ ।

ଖୋଜି ଶିଖ ପର ଗୁଣ ଦୋଷକୁ ଏଡ଼ାଇ,
ଖାଅ ଯଥା କୋଳି, ହାତେ କଣ୍ଟା ନ ଗଡ଼ାଇ ।
ଖଣ୍ଡି ବା ପାରଗ ପର ଦୋଷ ପ୍ରଦର୍ଶନେ,
ଖ୍ୟାତ ସାବାସି କି ଅଛୁ ସେପରି ସାଧନେ ।

ଗର୍ବୀ କାଠପୂର୍ଣ୍ଣ-ମିଷ୍ଟ-ଫଳର ସମାନ,
ଗୁଣ ଯାହା ଥିଲେ ମଧ ନ ପାଏ ସମ୍ମାନ ।
ଗୋରସ ଗଙ୍ଗାଜଳରେ ପୂରିଥାଉ ଘଟ,
ଗୋରକ୍ତ ମିଶ୍ରଣେ ସବୁ ହୋଇଯାଏ ନଷ୍ଟ ।

ଘୋଷି ଶାସ୍ତ୍ର କର୍ମକୁଣ୍ଠ ହୁଏ ଯଦି ଜନ,
ଘଡ଼ଘଡ଼ିରେ କି ଲଭ ନ ବର୍ଷିଲେ ଘନ ।
ଘୂରାଉଛୁ ମୁଣ୍ଡ ଯାର ଖାଲି ସ୍ୱାର୍ଥଚିନ୍ତା,
ଘୁଣାକ୍ଷର ମଣ ତାର ପାଣ୍ଡିତ୍ୟ କବିତା ।

ଉଚ୍ଚ ହେବା ପାଇଁ ଯଦି କରୁଛ ଯତନ,
ଉଚ୍ଚ କର ଆଗେ ତାଙ୍କୁ ପତିତ ଯେ ଜନ ।
ଉଡ଼୍ଡୀୟମାନ ଫାନସଠାରୁ କର ଶିକ୍ଷା,
ଉପରକୁ ନିଏ ତାକୁ ତଳ ବତି-ଶିଖା ।

ଚନ୍ଦ୍ରଠାରୁ ବୃହତ୍ତର କୋଟି କୋଟି ତାରା,
ଚହ୍ଲା ନଗଲେ ହେଁ ପାଳଥାନ୍ତି ଧର୍ମ-ଧାରା ।

ଙ୍ଗନମାଗତରେ ମଧ୍ୟ ହୁଅନ୍ତି ଉଦୟ,
ଙ୍ଗହେଁନା' ନାମ-ଉଚତା ମହତ ହୃଦୟ ।

ଛନ୍ଦ କୁଟିଳତା ପର-ଅନଷ୍ଟ ବାସନା,
ଛୁଡ଼ାଇ ହୃଦରୁ ଇଚ୍ଛା ମହତ ସାଧନା ।
ଛଡ଼ାଇ କେଦାର ଗର୍ଭୁଁ ଝଗ୍ର ତୃଣମାନ,
ଛୁଡ଼ା କରେ ହଳ, ଚଷା ବୁଣିବାକୁ ଧାନ ।

ଜାଜ୍ଜ୍ୱଲ୍ୟମାନ ଧରମ-ଦରପଣ ଧରି,
ଜଳେ ସ୍ଥଳେ ଅଧଃ ଊର୍ଦ୍ଧ୍ୱେ ବିରାଜିତ ହରି ।
ଜଗତକୁ ଭଲମନ୍ଦ ଦେଖାଇବ ଯାହା,
ଜୀବନେ ଅଦୃଷ୍ଟ ରୂପେ ଦୃଷ୍ଟ ହେବ ତାହା ।

ଝାଉଁଳି ନଯାଉ ପାପ-ତାପେ ହୃଦ-ତରୁ,
ଝରୁ ପୁଣ୍ୟାମୃତଧାରା ସାଧନା-କନ୍ଦରୁ ।
ଝଲେ ସଦଭ୍ୟାସେ ନରହୃଦୟେ ଦେବତ୍ୱ,
ଝଟକେ ଯଥା ଘୃଷ୍ଟ ଲୌହ ତେଜ ମଜନତ୍ୱ ।

ନିଜ ଗୁଣ ଖ୍ୟାତ ହୁଏ ଯା ମୁଖୁଁ ବାହାର,
ନୀଚତା ବା ଅଳ୍ପଜ୍ଞତା ସୂଚନା ତାହାର ।
ନିନାଦ କରେ କଳସ ଅର୍ଦ୍ଧପୂର୍ଣ୍ଣ ଜଳେ,
ନିର୍ବିଷ ଡୁଣ୍ଡୁଭ ଫଣି ତମ୍ପଠାରୁ ବଳେ ।

ଟେକପଣେ ଉଚ୍ଚ କେତେ ନୀଚମନାମାନେ,
ଟେକହୁଏ ଗୁଣୀ ଗୁଣଗ୍ରାହୀର ସମ୍ମାନେ ।
ଟଳ ପଦ-ସ୍ୱଦଳତ ଶାଳ୍ମଳୀ ସୁମନ,
ଟଗର ଗଇଶ ଈଶ ମସ୍ତକମଣ୍ଡନ ।

ଠିକେ ଶତ୍ରୁ ଅନାହୂତ-ଉପଦେଶଦାତା,
ଠକ ସେ ନିଶ୍ଚୟ ନିତୁ ଦେଶ ଧର୍ମଧାତା ।
ଠଉର କର ଚର୍ମାସ୍ଥି-ଭସ୍ମ-ଶ୍ରଦ୍ଧାତୁର,
ଠାକୁର ଶଙ୍କର ହେଉ ନ ହେଲେ କୁକୁର ।

ଡର ସରମ ସଂକୋଚ ହୁଏ ଯହିଁ ଜାତ,
ତେଇଁ ଚାଲ ସତର୍କରେ ତାହା ପାପ-ଖାତ ।
ଡେରନା' ଶ୍ରବଣ ତହିଁ କରନା' ବିଶ୍ୱାସ,
ଡଙ୍ଗର ମନ୍ତ୍ର-ମନ୍ତ୍ରଣା ଯାହା ଅପ୍ରକାଶ୍ୟ ।

ଢଙ୍ଗରଙ୍ଗ ବେଶଭୂଷା ନହେଉ ନକଲ,
ଢମକୁ ଦମନ କରି ରଖ ନିଜ ଭଲ ।
ଢେଙ୍କି ସରଗପୁରେ ଦେଲେ ସୁଦ୍ଧା ସ୍ଥାନ,
ଢୋକିବ କି ସୁଧାଧାର, ନ କୁଟିବ ଧାନ ?

ଅସତ୍ୟ ଭାଷଣ ଫଳ କରି ବିବେଚନା,
ଅପମାନ, ଦୋଷବୃଦ୍ଧି, ଦୂଷିତ ରସନା ।
ଅବିଶ୍ୱାସୀ ବନ୍ଧୁମେଳେ ସତ୍ୟେ ବି' ସନ୍ଦେହ,
ଅନୁତାପିତ ଜୀବନ ଥିବାଯାଏ ଦେହ ।

ତପ ଜପ ମୂଳଭିତ୍ତି ସତ୍ୟଧର୍ମ ଫଳ,
ତୀର୍ଥ ବ୍ରତ ଯାଗ ହୋମ ସତ୍ୟ ହିଁ କେବଳ ।
ତର୍ପନ ଚନ୍ଦ୍ରାଦି ଜଳ ପବନ ପାବକ,
*ତେତିଶ ଦେବତା ସର୍ବେ ସତ୍ୟର ସେବକ ।

---

* ତେତିଶ ଦେବତା—ଅଷ୍ଟବସୁ (ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ରମା ଓ ନକ୍ଷତ୍ର); ଦଶପ୍ରାଣ—(୧-ପ୍ରାଣ—ଏହି ବାୟୁ ହୃଦୟରେ ରହି ଭୁକ୍ତାନ୍ନ ଆମାଶୟକୁ ନିଏ; ୨-ଅପାନ—ଏହି ବାୟୁ ଗୁହ୍ୟଦ୍ୱାରରେ ଅବସ୍ଥାନ କରି ମଳମୂତ୍ରାଦି ତ୍ୟାଗ କରେ; ୩-ସମାନ—ଏହି ବାୟୁ ନାଭିମଣ୍ଡଳରେ ରହି ଭୁକ୍ତାନ୍ନକୁ ପାକ କରେ; ୪-ଉଦାନ—ଏହି ବାୟୁ କଣ୍ଠଦେଶରେ ରହି ବାକ୍‌ଶକ୍ତି ଜାତକରେ; ୫-ବ୍ୟାନ—ଏହି ବାୟୁ ଶରୀରର ସର୍ବସ୍ଥାନରେ ରହି ଆକୁଞ୍ଚନ-ପ୍ରସାରଣ ଓ ସ୍ପର୍ଶଶକ୍ତି ଜନ୍ମାଏ; ହିକ୍‌କା, ଛିକ୍‌କା ଓ କ୍ରୋଧ ସମୟରେ ୬-ଧନଞ୍ଜୟ ବାୟୁ; କ୍ରନ୍ଦନ ସମୟରେ ୭-କୃକଳ ବାୟୁ; ହାଇ ସମୟରେ ୮-ଦେବଦତ୍ତ ବାୟୁ; ଉଦ୍‌ଗାର ସମୟରେ ୯-ନାଗବାୟୁ ଏବଂ ନେତ୍ର ଉନ୍ମୀଳନ-ନିମୀଳନ ସମୟରେ ୧୦-କୂର୍ମବାୟୁ କାର୍ଯ୍ୟକାରୀ ହୋଇଥାଏ); ଦ୍ୱାଦଶ ଆଦିତ୍ୟ—(ବୈଶାଖ, ଜ୍ୟେଷ୍ଠ, ଆଷାଢ଼, ଶ୍ରାବଣ, ଭାଦ୍ର, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର, ପୌଷ, ମାଘ, ଫାଲ୍‌ଗୁନ ଓ ଚୈତ୍ର); ଇନ୍ଦ୍ର (ବିଜୁଳି), ପ୍ରଜାପତି (ଯଜ୍ଞ) ଓ ଜୀବାତ୍ମା । ("ଇଚ୍ଛାଦ୍ୱେଷପ୍ରଯତ୍ନସୁଖଦୁଃଖଜ୍ଞାନାନ୍ୟାତ୍ମନୋଲିଙ୍ଗମିତି"—ନ୍ୟାୟଦର୍ଶନ)—

ଅଣ୍ଡା ଜଳେ ପଶେ ପ୍ରାଣୀ ଉତ୍ତାପ ନ ସହି,
ଅରେ ପୁଣି ଶୀତେ ତହିଁ କ୍ଷଣେ ଗଲେ ରହି ।
ଥିର କି ଅଛି ଐହିକ-ଚର ସୁଖ ଦୁଃଖ,
ଥୋଇଛି ଯା’ ଭାଗ୍ୟେ ବିଧି ନହୁଅ ବିମୁଖ ।

ଦେଖି ଗ୍ରହରାଜ-ଅସ୍ତକାଳ ତାରାଗଣ,
ଦୀପ୍ତ ହୋଇଥାନ୍ତି ମଣ୍ଡି ଗଗନ-ପ୍ରାଙ୍ଗଣ ।
ଦୁର୍ଭାଗ୍ୟ କାଳେ ବିବେକ ଦୁର୍ବଳଲେ ତଥା
ଦୁଷ୍ଟ ଇନ୍ଦ୍ରିୟ ସକଳ ଟେକିଥାନ୍ତି ମଥା ।

ଧର୍ମଧାରଣା ଆବରି ଈଶ୍ୱରଭକ୍ତିରେ,
ଧରନ୍ତି ଅନେକେ ଟେକି ତରକ-ଯୁକ୍ତିରେ ।
ଧାର୍ମିକ ପ୍ରେମିକ ତହିଁ ରହେ ମୂକ ଭଳି,
ଧ୍ୱନି ନ ହୁଏ ଗୁଞ୍ଜନେ ମଧୁ ଚୁମ୍ବି ଅଳି ।

ନାରୀଜାତି ପ୍ରତି ନ୍ୟାୟଦୃଷ୍ଟି ପଡ଼ୁ ଭାଇ,
ନିର୍ବାଧ ସ୍ୱାଧୀନତା କି ମନା ତାହାପାଇଁ ।
ନୀର-ସମୀର-ଆଲୋକ ପ୍ରାପ୍ତି ଅଧିକାର,
ନିଷ୍ଠୁର ଅଛି ତ’ ତରୁ ପରି ଲତିକାର ।

ପୁଚ୍ଛ-ଶୃଙ୍ଗଧାରୀ ପଶୁ ନୁହଇ କେବଳ,
ପଶୁଠାରୁ ପଶୁ ଯାର ନାହିଁ ଜ୍ଞାନବଳ ।
ପରପ୍ରାଣ ଚିହ୍ନି ହରିବାର ପର ବ୍ୟଥା,
ପରମ ଧର୍ମ ଏହା ହିଁ ଜ୍ଞାନ ମାନବତା ।

ଫୁଲେ ଫୁଲେ ଯଥା ଭିନ୍ନ ଭିନ୍ନ ଗୁଣ ବାସ,
ଫରକ ନୁହେ ସେପରି ଧରମବିଶ୍ୱାସ ।
ଫୁଲଜ୍ଞାନେ ଶିଶୁ ଯଦି ଦୀପ୍ତ ଦୀପ ଧରେ,
ଫୁଲ-ଜ୍ୱାଳା ନ ଦିଏ କି ଧର୍ମ ଶିଶୁକରେ ?

---

ଯାହାର ଇଚ୍ଛା, ଦ୍ୱେଷ, ପୁରୁଷାର୍ଥ ଓ ସୁଖଦୁଃଖ ଜ୍ଞାନ ଥାଏ, ତାହାକୁ ଜୀବାତ୍ମା ବୋଲିଯାଏ ।
ବୈଦିକ ଶାସ୍ତ୍ର ବା ଆର୍ଷ ଗ୍ରନ୍ଥୋକ୍ତ ଏହି ତେତିଶ ଗୋଟି (ସଂଖ୍ୟକ) ଦେବତାଙ୍କୁ ପୌରାଣିକ ପଣ୍ଡିତଗଣ ତେତିଶ କୋଟି ଦେବତା କହନ୍ତି ।

ବାହ୍ୟଶୃଙ୍ଖଳା-ଶାଙ୍କୋଳି ହୁଏ ଯଦି ଛିନ୍ନ
ବିଶ୍ୱରଥାନ୍ତି ଅନେକେ ହେଲି ମୁଁ ସ୍ୱାଧୀନ ।
ବାସ୍ତବ ସ୍ୱାଧୀନ ସିନା ସେହି ମହାମତି,
ବିରାଗ ଯା' ଜିଣିଅଛି ଷଡ଼ରିପୁ ପ୍ରଭୃତି ।

ଭୁଆ ନିଜ ଆଖି ବୁଜି କରେ କ୍ଷୀରପାନ,
ଭାବେ ସର୍ବେ ନିମୀଳିତ-ନେତ୍ର ମୋ ସମାନ ।
ଭ୍ରାନ୍ତ ନର ପାପ ଅର୍ଜେ ରଖି ଚିତ୍ତେ ଛନ୍ଦ,
ଭବେଶ ଅନ୍ତର୍ଯ୍ୟାମୀଙ୍କୁ ମଣି ଓଲୁ ଅନ୍ଧ ।

ମା' ବୋଲି ଖେଳାଳୀ ଶିଶୁ କାନ୍ଦିବସେ ଯଦି,
ମାଆ ବି' ସେନେହେ ତାକୁ ପ୍ରବୋଧେ ଜଳଦି ।
ମନେ ବ୍ୟାକୁଳତା ରଖି ପ୍ରଭୁଙ୍କୁ ଡାକିଲେ,
ମାୟା ଚିନ୍ତାନଳ ଗର୍ଭେ ଶାନ୍ତି ମଧ୍ୟ ମିଳେ ।

ଯା ସାଧନା ଯେଉଁପରି ଫଳ ସେହିପରି,
ଯୁଟାଇଥାନ୍ତି ତା' ଭାଗ୍ୟେ ଫଳଦାତା ହରି ।
(୧) ଯତି-ଅତିଥି ଲଭଇ ଭକତି କରୁଣା,
ଯୁବକ ଯାଚକ ପାଏ ତିରସ୍କାର ଘୃଣା ।

ରାମ ହରି ଯାହା ବୋଲି ଖାଲି ଶୁଷ୍କ ନାମ-
ରଟନା ନିଷ୍ଫଳ, କର ନାମୋଚିତ କାମ ।
ରଖାଯାଉ ସମ୍ମୁଖରେ ମଧୁଭାଣ୍ଡ ଖୋଲି,
ରସନା କି ମଧୁରିବ 'ମଧୁ'-'ମଧୁ' ବୋଲି ?

ଲକ୍ଷ ଲକ୍ଷ ପାନ୍ଥ ଆଜି ଧରମ ମାର୍ଗରେ
ଲାଗିଛନ୍ତି ହିଁକାହିଁକି ନେବାକୁ ସଙ୍ଗରେ ।
ଲଭି ଯେମାନଙ୍କ ଖାଲି ଠଣାଠଣି ଠେକ,
ଲକ୍ଷ୍ୟ ବସ୍ତୁ ଚିହ୍ନି ନାହିଁ ତାଙ୍କର ବିବେକ ।

(୧) ଯତି—ସଂଯମଶୀଳ, ଜିତେନ୍ଦ୍ରିୟ ।

ବିନୟୀ ନିଃସ୍ୱାର୍ଥ ସେବା ସାରଲ୍ୟ ସତ୍ୟତା,
ବିଶ୍ୱଧର୍ମୀର ଏହା ହିଁ ଗୁଣ ଧାର୍ମିକତା,
ବିହେ ଯଥା ଚନ୍ଦ୍ର ବିଶ୍ୱ-ଲୋଭନୀୟ କାନ୍ତି,
ବିତରେ ତା' ଗୁଣ ତଥା ଶୀତଳତା-ଶାନ୍ତି ।

ଶାସ୍ତ୍ର ଯେଣୁ ସ୍ୱାର୍ଥପର ଭ୍ରାନ୍ତ ନରକୃତ
ଶତଧା ଧର୍ମସରଣୀ ନୁହେ ସ୍ପଷ୍ଟୀକୃତ,
ଶିକ୍ଷା-ଜ୍ଞାନ-କଳ୍ପତରୁ ପ୍ରକୃତ ପୁରାଣ
ଶାଠ୍ୟ ଦୋଷମୁକ୍ତ ଏହା ଈଶ୍ୱର ଭିଆଣ ।

ଷଣ୍ଢଧ୍ୱଜ ଚର୍ମାମ୍ବର ଶିରେ ସୁଧାକର
*ଷବ-ବିପଶ୍ଚିତ-ଧର ବକ୍ଷେ ମନୋହର ।
(୨) ଷୋଡ଼ଶୋପଚାର-ଶମଶାନ ଭସ୍ମଗ୍ରାହୀ
(୩) ଷଡ଼ଭିଜ୍ଞ ସାଧୁହୃଦେ ଭେଦଭାବ ନାହିଁ ।

ସରିତ୍ପତି ତେଉ ଦୋଳେ ପର୍ବତ ଆକାରେ
ସଲିଳପ୍ରାର୍ଥୀ ଚାତକ ଜଳଧର ଠାରେ ।
ସ୍ୱାଧୀନ ବିଶ୍ୱସେବକ ଯେ ଉଚ୍ଚହୃଦୟ
ସର୍ବେ ତାକୁ ମଣିଥାନ୍ତି ମହତ ସଦୟ ।

ହତ୍ୟାକାରୀ ରାଜଦ୍ୱାରେ ଭୋଗିଥାଏ ଦଣ୍ଡ
ହତ୍ୟାଦୋଷେ ହତଆର ହୁଏନା' ଦ୍ୱିଖଣ୍ଡ ।
ହେଜ ଭାଇ ଆତ୍ମକୃତ ପାପପୁଣ୍ୟ ଲାଗି
ହେବ ନିଜେ ଦାୟୀ, ଶାସ୍ତ୍ର ନୁହେ ଫଳଭାଗୀ ।

---

* ଷବ-ବିପଶ୍ଚିତ—ବିଷ । ବିଷଧର—ସର୍ପ ।

(୨) ଷୋଡ଼ଶୋପଚାର—ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ମଧୁପର୍କ (ମଧୁ-ଦଧି-ଘୃତ-ଶର୍କରା-ଜଳ), ପୁନରାଚମନୀୟ, ସ୍ନାନ, ବସନ, ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ବନ୍ଦନା—ପୂଜାର ଏହି ଷୋଳ ଉପଚାର ।

(୩) ଷଡ଼ଭିଜ୍ଞ—ଦିବ୍ୟଚକ୍ଷୁ, ଶ୍ରୋତ୍ର, ପରଚିତ୍ତ ଜ୍ଞାନ, ପୂର୍ବଜନ୍ମ ସ୍ମରଣ; ଆତ୍ମଜ୍ଞାନ, ବିହଙ୍ଗତ୍ୱ (ଆକାଶରେ ଗମନ କରିବା କ୍ଷମତା) ଏବଂ କାୟବ୍ୟୂହ ସିଦ୍ଧି ଅର୍ଥାତ୍ ଯେ କୌଣସି ଦେହ ଧାରଣ କରିବାର କ୍ଷମତା—ଏହି ଛଅ ବିଷୟରେ ଯେ ଅଭିଜ୍ଞ ।

(୪) କ୍ଷୟ୍ନ ନ ଲଭିବା ଯାଏ ବିଷୟବାସନା
କ୍ଷେମପ୍ରାପ୍ତି ନାହିଁ ବୃଥା ସକଳ ସାଧନା ।
(୫) କ୍ଷେତ୍ର ଯଦି ଛିଦ୍ରଯୁକ୍ତ ଠାଳ ତହିଁ ଜଳ
କ୍ଷତଗ୍ରସ୍ତ ହେବ ସିନା ଶ୍ରମୀ କୃଷୀବଳ ।

## ତ୍ରୟୋଦଶ ଛାନ୍ଦ

## ହଳିଆ ଭାଇ

(ରାଗ—ଫାର୍ଦ୍ଧ କେଦାର)

ଭାଇ ହେ,
କଲି ପାପ-ତାପ-ଭରା ଭବ-ଅକୂପାର,
କୃଷକ ଜୀବନେ ତୋର ହୋଇବାକୁ ପାର;
କର ସେବାଧର୍ମ-ବ୍ରତ ପାଳନ କେବଳ ଗୋମାତାର ରେ !

ଭାଇ ହେ,
ଖାତର ନ କର ଖରା ବରଷା ଶୀତରେ,
ଖଟିଥାଏ ଗୋରୁ ସଦା ତୋହର ହିତରେ;
ଖୋଜିଲେ କେ' ଅଛି ଗୋରୁ ସମାନ ଏ ଜୀବଜଗତରେ ରେ !

ଭାଇ ହେ,
ଗୋମାତାର ପିଣ୍ଡଗୋଟି ପ୍ରଜାର କଲିଜା,
ଗୋମାତା ପ୍ରସାଦେ ପ୍ରଜା ସୁଖରାଜ୍ୟେ ରଜା;
ଗୋମାତା ଆଣଇ ସିନା ମର୍ତ୍ତ୍ୟକୁ ସ୍ୱର୍ଗୀୟ ଭବ ମଜା ରେ !

ଭାଇ ହେ,
ଘାସ ପୁଆଳ ଖାଇ ଯେ ଜଗତକୁ ସେବେ,
ଘିଅ ଗୋରସ ଯା ଲାଗି ପାଉଛନ୍ତି ଦେବେ;
ଘୁଞ୍ଚିଯିବ ତୋର ଦୁଃଖ ଦୁର୍ଦ୍ଦଶା ତା ସୁଖ ହେବ ଯେତେ ରେ !

(୪) କ୍ଷେମ—ମଙ୍ଗଳ, ମୁକ୍ତି । (୫) କୃଷୀବଳ—କୃଷକ, ପ୍ରଜା ।

ଭାଇ ହେ,
(୧) ଉଛୁର ବାଧିଲେ ତତେ ଉପରକୁ ଚାହୁଁ,
ଉଦାରଭାବେ କ ହଳକାମ ଅଟକାଉ;
(୨) ଉକ୍ଷା ପ୍ରାଣ ଆଗେ ଶୀତଳ, ତୋ ଶାନ୍ତି ପଛେ ଥାଉ ରେ !

ଭାଇ ହେ,
ଚଷୁ କୁଣ୍ଡା ଖାଇ ତତେ ଦେଉଛୁ ଯେ ଧାନ,
ଚାହ୍ନ ତା ପ୍ରାଣକୁ, ନୁହ ପଶୁର ସମାନ;
ଚତୁଷ୍ପଦ-ମାତାକୁ ତୋ ମାତାଠୁଁ ଉଚ୍ଚରେ ଦିଅ ସ୍ଥାନ ରେ !

ଭାଇ ହେ,
(୩) ଛୁଡ଼ା କର ହଳ ଯେବେ କରୁ କଚ୍ଛା ଗ୍ରାସ,
ଛୁଡ଼ାଅ ତୋ ହଳ ଲାଗି ଦୁଇ ବିଡ଼ା ଘାସ;
ଗୁଣ୍ଠ ଧରି କ୍ଷୁଧାର୍ତ୍ତି ତୁ; ସେ କେଣ୍ଡ଼େ ଭୋଗିବେ ଉପବାସ ରେ !

ଭାଇ ହେ,
(୪) ଜେଠରେ କାଠ ଭରଣ ଆଣୁ ଯେବେ ତୁହି,
ଜୁଇ ପରାଏ ପାଦକୁ ଲାଗୁଥାଏ ଭୂଇଁ;
ଜାଣୁ କି ସେକାଳେ କେଡ଼େ ବିକଳ ବଳଦ ତୋର ଦୁଇ ରେ !

ଭାଇ ହେ,
(୫) ଝଁକେର ଧରେ ଯେ କାଳେ ଶ୍ରାବଣ ମାସରେ,
(୬) ଝଁମୁରା ମାଡ଼ଇ ତୋତେ, ଗମ୍ଭୀର ବାସରେ;
ଝୁଲୁ ପଡ଼ୁଥାଇ ଗୋରୁ ପଞ୍ଜରା ଝଡ଼ର ବତାସରେ ରେ !*

(୧) ଉଛୁର—ଠିକ୍ ମଧ୍ୟାହ୍ନ ସମୟ (ସ.ଶ.—ଉସ୍ତୁର ଶବ୍ଦଜ) । (୨) ଉକ୍ଷା—ବଳଦ । (୩) ହଳ—ଲଙ୍ଗଳ, ଯୋଡ଼ିବଳଦ । (୪) ଜେଠ—ଜ୍ୟେଷ୍ଠମାସ । (୫) ଝଁକେର—ଅନେକ ଦିନ ବ୍ୟାପୀ ଅବିଶ୍ରାନ୍ତ ବର୍ଷା । (୬) ଝଁମୁରା—ଗାଢ଼ନିଦ୍ରା । ଏହି ଶବ୍ଦଗୁଡ଼ିକ ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ।

* ଉଷ୍ଣେ ବର୍ଷତି ଶୀତେ ବା ମାରୁତେ ବାତି ବା ଭୃଶମ୍,
ନ କୁର୍ବୀତାତ୍ମନ ସ୍ତ୍ରାଣଂ ଗୋରକୃତ୍ୱା ତୁ ଶକ୍ତିତଃ । —ମନୁ ।

ଗ୍ରୀଷ୍ମ, ବର୍ଷା, ଶୀତ ବା ପ୍ରବଳ ପବନରୁ ଗୋରୁଙ୍କୁ ଯଥାଶକ୍ତି ରକ୍ଷା ନ କରି ଆତ୍ମରକ୍ଷା କରିବ ନାହିଁ ।

ଭାଇ ହେ,
ନାବାଳକ କାଳେ କୃଷ୍ଣ ନନ୍ଦଘରେ ଥାଇ,
ନ ରଖି ଆଳସ୍ୟ କମ୍ବା ବିଳାସ ବଢ଼ାଇ;
ନେଉଥିଲେ ପ୍ରତିଦିନ ପ୍ରଭାତୁଁ ବନକୁ ବଛୁ ଗାଈ ରେ !

ଭାଇ ହେ,
ଟୋପା ଟୋପା ଖସିବାରୁ ଗୋରୁ ଅଶ୍ରୁଜଳ,
ଟଳଟଳଲାଣି ରସା ଯିବ ରସାତଳ;
ଟେକ ରଖିବାକୁ ପୁତ୍ରେ, କେବଳ ମାତାର ସିନା ବଳ ରେ !

ଭାଇ ହେ,
ଠିଆ ହେବାକୁ ନାହିଁ ତ ଗୋଚର ପଡ଼ିଆ,
ଠେଙ୍ଗା ଖାଏ ଗୋରୁ ପର କ୍ଷେତେ ହେଲେ ଠିଆ;
(୭) ଠାକୁର ଭୋଗର ଜମି କାହିଁକି ନ ହେବ ମରୁଡ଼ିଆ ରେ !

ଭାଇ ହେ,
(୮) ଡମ୍ବରୁଧରବାହନ ଦେବେଶ ସମାନ,
(୯) ଡମ ନୁହ ତା ସେବାରେ ହୁଅ ପନ୍ବାନ;
(୧୦) ଡଙ୍ଗର ଶିଖରେ ତାର ଆଶିଷେ କାଟିବୁ ବୁଣି ଧାନ ରେ !

ଭାଇ ହେ,
ଢବାଘରେ ଶୋଇ ତୁହେ ହୋଇଥାଉ ସୁଖୀ,
ଢ଼ିପ ଖାଲ ଗୁହାଳରେ ଗୋରୁ କେଡ଼େ ଦୁଃଖୀ;
(୧୧) ଢନା ଆମା ଗୁଁଡ଼ିଆରେ ତାହାର ରକତ ଯାଏ ଶୁଖି ରେ !

---

(୭) ଠାକୁର ଭୋଗ—ସ୍ୱନାମପ୍ରସିଦ୍ଧ ଧାନ୍ୟବିଶେଷ ।

"ଯଦ୍‌ଗୃହେ ଦୁଃଖିତାଃ ଗାବଃ ସ ଯାତି ନରକଂ ନରଃ ।" —ଅଗ୍ନିପୁରାଣ ।

(୮) ଡମ୍ବରୁଧରବାହନ—ବଳଦ । ଦେବେଶ—ଶିବ । (୯) ଡମ—ଗୋଖାଦକ ଜାତିବିଶେଷ । (୧୦) ଡଙ୍ଗର—ପାହାଡ଼ । (୧୧) ଢନା—ବୃହତ୍ ମକ୍ଷିକାବିଶେଷ । ଆମା—ଦଂଶନଶୀଳ ମକ୍ଷିକା । ଗୁଁଡ଼ିଆ—ମଶା ।

ଭାଇ ହେ,
(୧୨) ଅର୍ଜୁନୀର ଜନ୍ମ ଖାଲି ନୁହେ ତାହାପାଇଁ,
ଅନ୍ନଦା-ଜୀବନଦା ସେ ଜଗତର ଧାଈ;
ଅହଂମା ବୋଲି ଯା ହୁଏ ଜଣାଇ ତା' ରବ ମଣି ନାହିଁ ରେ ।

ଭାଇ ହେ,
ତ୍ରେତାଯୁଗେ ଅପୁତ୍ରକ ଦିଲୀପ ରାଜନ,
(୧୩) ତୋଷିବାରୁ ସେବାବ୍ରତେ ନନ୍ଦିନୀର ମନ;
*ତପନ-ବଂଶଭୂଷଣ ସ୍ୱରୂପ ଲଭିଲେ ପୁତ୍ର ଧନ ରେ !

ଭାଇ ହେ,
ଅରି ଅରି ଗୋରୁ ଟାଣୁଥାଏ ବୋଝ-ଗାଡ଼ି,
(୧୪) ଥକି ଠିଆ ହେଲେ ତାକୁ ପରଘାଉ ବାଡ଼ି ।
(୧୫) ଥିବ ଏ ପାପର ପରିଚିତ କି ଦେଖ ତ ଶାସ୍ତ୍ର କାଢ଼ି ରେ !

---

(୧୨) ଅର୍ଜୁନୀ—ଗୋମାତା । (୧୩) ନନ୍ଦିନୀ—ବଶିଷ୍ଠଙ୍କର ହୋମ ଧେନୁ । ସୂର୍ଯ୍ୟବଂଶୀୟ ଦିଲୀପ ରାଜା ନନ୍ଦିନୀଙ୍କ ସେବା ଫଳରେ ଭୁବିଖ୍ୟାତ ରଘୁ ମହାରାଜାଙ୍କୁ ପୁତ୍ରରୂପେ ପାଇଥିବା କଥା ପୁରାଣପ୍ରସିଦ୍ଧ ।

* ଗୋଷୁ ଭକ୍ତଶ୍ଚ ଲଭତେ ଯଦ୍ ଯଦିଚ୍ଛତି ମାନବଃ,
ସ୍ତ୍ରିୟୋଽପି ଭକ୍ତା ଯା ଗୋଷୁ ତାଶ୍ଚ କାମ ମବାପ୍ନୁୟୁଃ;
ପୁତ୍ରାର୍ଥୀ ଲଭତେ ପୁତ୍ରଂ କନ୍ୟାର୍ଥୀ ତାମବାପ୍ନୁୟାତ୍,
ଧନାର୍ଥୀ ଲଭତେ ବିତ୍ତଂ ଧର୍ମାର୍ଥୀ ଧର୍ମମାପ୍ନୁୟାତ୍ ।
ବିଦ୍ୟାର୍ଥୀ ପ୍ରାପ୍ନୁୟାତ୍ ବିଦ୍ୟାଂ ସୁଖାର୍ଥୀ ଆପ୍ନୁୟାତ୍ ସୁଖଂ
ନ କିଂ ଦୁର୍ଲଭଂ ଚୈବ ଗବାଂ ଭକ୍ତସ୍ୟ ଭାରତ । —ମହାଭାରତ ।
ଆଚରନ୍ତେ ଗୋଘ୍ନ ମୂର୍ଚ୍ଛ ପୁରୁଷଘ୍ନଂ କ୍ଷୟଦ୍‌ବୀର ସୁମ୍ନମସ୍ମେତେ ଅସ୍ତୁ ।
—ଋଗ୍‌ବେଦ ।

ହେ ପରମାତ୍ମନ୍ ! ଗୋହନ୍ତା ଲୋକ-ହିଂସକମାନଙ୍କୁ ଦୂର କରି ଦିଅନ୍ତୁ, ଆମମାନଙ୍କୁ ସୁଖୀ କରନ୍ତୁ ।

(୧୪) ପରଘାଇବା—ପ୍ରହାର କରିବା (ପ୍ରାଘାତ ଶବ୍ଦଜ) । (୧୫) ପରିଚିତ—ଶୁଦ୍ଧିଲଭ (ପ୍ରାୟଶ୍ଚିତ୍ତ) ।

ଭାଇ ହେ,
(୧୬) ଦାମୁଡ଼ର ପେଟ ଖାଣ୍ଡି ବଳୁ ଯା ଗୋରସ,
(୧୭) ଦ୍ୱିଶଫ ରକ୍ଷଣ ଏ କ ଭାବୁ ତୋ ମାନସ;
ଦେବ ତତେ କେଉଁପରି କରମ-ଦେବତା ସୁଖ-ଯଶ ରେ !

ଭାଇ ହେ,
ଧର୍ମକୁ କର୍ମେ ଯେ ଲୋକ ରଖଇ ଯେପରି,
ଧରମର ବଳ ତାକୁ ଟେକଇ ସେପରି;
(୧୮) ଧର୍ମରାଜ-ନଦୀ ପାରି ହେବୁକି ଧନର ପୁଚ୍ଛ ଧରି ରେ !

ଭାଇ ହେ,
ନୁହେ କେହ୍ନ ଚିର ସଖା ଧରମ ବ୍ୟତୀତ,
ନେବ ନାହିଁ କେହ୍ନ, ସଙ୍ଗେ ଦାରା-ସୁତ-ମିତ;
ନ ଯିବ ତୋ ସଙ୍ଗେ ଯମପୁରକୁ ମରତପୁର ବିତ୍ତ ରେ ।

ଭାଇ ହେ,
ପୃଥିବୀ ଘୋଷୁଛି ଯେଉଁ ଚଷାର ସୁଖ୍ୟାତି,
ପୋଷୁଛି ସେ ଚଷା—ଲକ୍ଷପୋଷାଙ୍କୁ ଯେ ଜାତି;
ପାପ ନୁହେ କବା ତାକୁ କନ୍ଦାଉଥିବାର ଦିବାରାତି ରେ !

ଭାଇ ହେ,
ଫିଟାଇ କହୁଛି ହିତ କଥା ଧେନ ବାରେ,
(୧୯) ଫେଡ଼ ଚନ୍ଦ୍ରା-ନେତ୍ର ଅନା କାଳ-ପାରିବାରେ;
ଫନ୍ଦା ବୋଲି ଗୋରୁପ୍ରାଣ କନ୍ଦାଇ କାଳଭ ବାନ୍ଧିବାରେ ?

---

(୧୬) ଖାଣ୍ଡିବା—ଖାଦ୍ୟ ପରିମାଣ କମାଇଦେବା । (୧୭) ଦ୍ୱିଶଫ—ଦୁଇ ଖୁରାଯୁକ୍ତ ପଶୁ, ଗୋମହିଷାଦି । ରକ୍ଷଣ—ଏ ସ୍ଥଳରେ ସେବା ଅର୍ଥରେ ପ୍ରଯୁକ୍ତ ।

"କୃଷି ଗୋରକ୍ଷା ବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜଂ" —ଗୀତା ।

କୃଷି, ଗୋରକ୍ଷା ଓ ବାଣିଜ୍ୟ ବୈଶ୍ୟର ସ୍ୱାଭାବିକ କର୍ମ ଅଟେ ।

ପଶୂନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ
ବଣିକ୍ ପଥଂ କୁସୀଦଂ ଚ ବୈଶ୍ୟସ୍ୟ କୃଷିମେବ ଚ । —ମନୁ ।

ପଶୁପାଳନ, ଦାନ, ଯଜ୍ଞ, ବେଦାଧ୍ୟୟନ, ବାଣିଜ୍ୟ, ସୁଦଗ୍ରହଣ ଏବଂ କୃଷି—ଏସବୁ ବୈଶ୍ୟର କର୍ମ ।

(୧୮) ଧର୍ମରାଜ-ନଦୀ—ପ୍ରେତନଦୀ, କଳ୍ପିତ ବୈତରଣୀ । (୧୯) କାଳ—ମୃତ୍ୟୁ ।

ଭାଇ ହେ,
ବଳ ଥିବା ଯାଏ ଫୁରୁସତ ପାଏ ନାହିଁ,
(୨୦) ବ୍ୟସ୍ତ ତୋ ବଳଦ ଦାଇଁ-ଯୁଆଳି କନ୍ଧାଇ;
ବୁଢ଼ା ହେଲେ ଦେଖେ ମୋଚି-ଗୁହାଳ ଚମଡ଼ା-ହାଡ଼ ପାଇଁ ରେ ।

ଭାଇ ହେ,
ଭାଉ ମାଂସେ ବସାଇବା କଂସାଇ ଜୀବିକା,
ଭୟଙ୍କର ପାପ ତା'ଠୁଁ ବୃଦ୍ଧ ଗୋରୁ ବିକା;
(୨୧) ଭୋକେ ପଛେ ମରିଯାଅ ନରକକୁଣ୍ଡେ ନହୁଅ ଫିକା ରେ ।

ଭାଇ ହେ,
ମେଣ୍ଢା ଛାଗ ନ ହେଲେହେଁ ଗୋରୁର ସମାନ,
ମଙ୍ଗଳା ଆଗରେ ତାକୁ ନ' ଦେ ବଳିଦାନ;
ମାଆ ଯେ ସେ କରିବକି ସନ୍ତାନମାନଙ୍କ ରକ୍ତପାନ ରେ !

ଭାଇ ହେ,
ଯକ୍ଷ୍ମା-ବସୂଚିକା ଆଦି ନାନା ରୋଗ ଛଳେ,
ଯମଦୂତେ ମାନବଙ୍କୁ ଆକ୍ରମିଣ ବଳେ,
ଯକୃତ କଳିଜା କୋରି ଖାଆନ୍ତି ପାଣ ବି' ହିଂସାଫଳେ ରେ ।

ଭାଇ ହେ,
ରଖ ତୋ ମାନବଧର୍ମ ନହୁଅ ଦାନବ,
ରାଜା ହୋଇ ଜୀବରାଜ୍ୟ ଲଭିଛୁ ଉଭବ;
ରକ୍ଷକ ଭକ୍ଷକ ହେଲେ ଶୁଣିବ କେ କାହା ଆର୍ତ୍ତରବ ରେ ।

ଭାଇ ହେ,
ଲଙ୍ଘିଯାଅ ସ୍ୱକର୍ତ୍ତବ୍ୟ ହୋଇ ଦୃଢ଼ବ୍ରତ,
ଲୁପ୍ତ ହୋଇ ବସିଲଣି ଆର୍ଯ୍ୟର ମହତ୍ତ୍ୱ;
ଲଭିଗଲେ ପାପ ପଛେ କି ଲାଭ, ହେଲେହେଁ ତୈଳଦତ୍ତ ରେ ।

---

(୨୦) ଦାଇଁ—ବେଙ୍ଗଲା ଦଉଡ଼ି (ପ.ଶ.) । (୨୧) ଫିକା—ନିକ୍ଷିପ୍ତ (ପ. ଶ.) ।

ଭାଇ ହେ,
(୨୨) ବଶିଷ୍ଠ ଭୃଗୁସୁତାଦ୍ଧ ଆର୍ଯ୍ୟ ଋଷିଗଣେ,
ବନ୍ଧ ଶ୍ରୀ-ରୂପିଣୀ ଦେବୀ ଗୋମାତା ଚରଣେ;
ବିଶ୍ୱପୋଷଣ କ୍ଷମତା ଅର୍ଜିଥିଲେଟି ଜଣେ ଜଣେ ରେ ।

ଭାଇ ହେ,
(୨୩) ଶ୍ରୀବାସ ଯା ପୃଷ୍ଠଦେଶେ ଗଲେ ଶ୍ରୀନିବାସ,
(୨୪) ଶ୍ରୀ-ବାସଜ ମୁଖପଦ୍ମେ କରଛନ୍ତି ବାସ,
ଶ୍ରୀମତୀ ଶ୍ରୀବତୀ ସେହି ଗୋମାତା କଲ୍ୟାଣେ ଦୁଃଖ ନାଶ ରେ ।

ଭାଇ ହେ,
(୨୫) ଷଷ୍ଠୀଦେବୀ ବିରାଜନ୍ତି ଯା ପୁଚ୍ଛ-ଗ୍ରମରେ,
(୨୬) ଷଷ୍ଟିହାୟନ-ବାହିନୀ ଯାର ନିଶ୍ୱାସରେ;
(୨୭) ଷାଡ଼ବାଧିଷ୍ଠାତ୍ରୀ ବୀଣାନିଃସୃତ ଯେ ଦେବୀ ହମ୍ବା ସ୍ୱରେ ରେ ।

ଭାଇ ହେ,
ସର୍ବ ବାଧାବିଘ୍ନହାରୀ ଯା ଶୁଭ ଦର୍ଶନ,
ସୁରଗଣ ମଣ୍ଡିଛନ୍ତି ଯା ଲୋମ-ଆସନ;
ସତ୍ୟ ଶାନ୍ତି ଦୟା କ୍ଷମା ସ୍ଥିରଟି ଯାହାର ଶ୍ରୀଚରଣରେ ।

ଭାଇ ହେ,
ହୋମେ-ଯଜ୍ଞେ ବାୟୁଶୁଦ୍ଧ ହୁତାଶର ତୁଷ୍ଟି,
(୨୮) ହରଷେ ମେଘବାହନ କରୁଅଛି ବୃଷ୍ଟି;
ହୋଇଅଛି ରକ୍ଷା ସେହି ଗୋମାତା କଲ୍ୟାଣେ ସିନା ସୃଷ୍ଟି ରେ ।

ଭାଇ ହେ,
କ୍ଷୀରଦା ନୀରଦା ଦେବୀ ଧନଦା ଅନ୍ନଦା,
(୨୯) କ୍ଷେମଙ୍କରୀ ଶୁଭଙ୍କରୀ ଅଭୀଷ୍ଟ ବରଦା,
କ୍ଷମିବେ ତୋ ଅପରାଧ ତାହାଙ୍କ ଶ୍ରୀପଦେ ସେବ ସଦା ରେ ।

---

(୨୨) ଭୃଗୁସୁତ—ଯମଦଗ୍ନି । (୨୩) ଶ୍ରୀବାସ—ଶିବ । ଶ୍ରୀନିବାସ—ବିଷ୍ଣୁ । (୨୪) ଶ୍ରୀବାସଜ—ବ୍ରହ୍ମା । ଶ୍ରୀ—ଲକ୍ଷ୍ମୀ । (୨୫) ଷଷ୍ଠୀଦେବୀ—ଦୁର୍ଗା । (୨୬) ଷଷ୍ଟିହାୟନ-ବାହିନୀ—ଲକ୍ଷ୍ମୀ । (୨୭) ଷାଡ଼ବାଧିଷ୍ଠାତ୍ରୀ—ସରସ୍ୱତୀ । (୨୮) ମେଘବାହନ—ଇନ୍ଦ୍ର । (୨୯) କ୍ଷେମଙ୍କରୀ—ଲବ୍ଧ ବସ୍ତୁର ରକ୍ଷାକାରିଣୀ ।

## ଚତୁର୍ଦ୍ଦଶ ଛାନ୍ଦ

# ପ୍ରଭୁ-ଭକ୍ତି

(ରାଗ—କଳହଂସକେଦାର)

ପ୍ରକୃଷ୍ଟ ଧର୍ମପଥ ପ୍ରଭୁଭକତି,
ପ୍ରକୋପି-ମନ, ତହିଁ କର ତୁ ଗତି;
(୧) ପ୍ରକୃତି ଜ୍ଞାନ-ପଦେ ମାୟା-ଶାଙ୍କୋଳି,
ପକାଇଛି, ତୋ ପ୍ରଭୁ ଦେବେ ତା' ଖୋଲି ରେ !

ପାଖେ ଅଛନ୍ତି ବିଶ୍ୱ- ପରାଣପତି,
(୨) ପଖନହୃଦୟୁ ସେ ନ ଦେଖି ଭକ୍ତି;
ପଖାଳ ତାଙ୍କ ପଦ ପ୍ରେମ-ଜୀବନେ,
ପ୍ରଖ୍ୟାତ ହେବୁ ଯଦି ମର ଜୀବନେ ରେ !

ପାଗଳମତି, ପ୍ରେମ- ଭକ୍ତି-ପଥରେ,
ପ୍ରଗତି କଲେ ତାଙ୍କୁ ପାଇବୁ ଥରେ;
ପ୍ରଗଲ୍‌ଭତା ନୋହିଲେ ପାପକୁ ଟାଣି,
ପ୍ରଗ୍ରହ ହୋଇ ନେବ ଥାଅ ତୁ ଜାଣି ରେ !

(୩) ପ୍ରଘୋଷକ, ସ୍ପରଶ, ରସ, ଘୃ, ବାସେ;
(୪) ପ, ଘୃତଭୋଗୀ, କ୍ଷିତି, ଆପ, ଆକାଶେ;
ପ୍ରଘଟ ପ୍ରଭୁ ସବ ଅନ୍ତଃକରଣେ,
ପ୍ରଘର୍ଷିତ ହୁଅ ତୁ ତାଙ୍କ ଚରଣେ ରେ !

ପଙ୍ଗଣ୍ଡ ଗୃପଲ୍ଲୀ ଛାଡ଼ ତୁ ମନ,
ପାଉଁଶ ହେବ ପିଣ୍ଡ ଗଲେ ଜୀବନ;

(୧) ପ୍ରକୃତି—ବିଷୟ ଅର୍ଥାତ୍ ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ—ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ପ୍ରଭୃତି ଭୋଗ୍ୟ ବସ୍ତୁ । (୨) ପଖାନ—ପଥର (ସ.ଶ.) । (୩) ପ୍ରଘୋଷକ—ଶବ୍ଦ । ଘୃ—ତେଜ । ବାସ—ଗନ୍ଧ । (୪) ପ—ବାୟୁ । ଘୃତଭୋଗୀ—ଅଗ୍ନି ।

ଯାଉଛି ଧନ ଲୋଡ଼ି ହଜିଛୁ ଯାହା,
ପଉରୁଷ ପାଇବୁ ଲଭିଲେ ତାହା ରେ !

(୫) ପ୍ରଚଣ୍ଡ ଭାବ ସଦା ଦମନ କର,
(୬) ପ୍ରଣୋଦନାନୁଯାୟୀ ତୋ ବିବେକର;
(୭) ପଚନ ଗର୍ଭେ ପଡ଼ି କାର୍ପାସ ସମ,
ପ୍ରଚୁର ପାପ ତନ୍ତିଁ ହେବ ଭସମ ରେ !

ପୋଛିଦଅ ହୃଦର ସଂଶୟ-ମଳ,
ପ୍ରଚ୍ଛନ୍ନେ ଛନ୍ତି ପ୍ରଭୁ ଦିଶିବେ ଝଲ;
ପିଚ୍ଛିଲ ଦେବତା ସେ ବିଶ୍ୱବିହାରୀ,
ପଛେ ଝୁରିବୁ ତାଙ୍କୁ ଧରି ନ ପାରି ରେ !

ପାଜ ମନ, ଜ୍ଞାନକୁ ସୁଚନ୍ତା-ରଥେ,
(୮) ପ୍ରାଜକ କରି ତତେ ରଖି ସୁପଥେ;
ପ୍ରଜ୍ୱଳନ କରି ତୋ ଭବ-ଦୁର୍ଗତି,
(୯) ପ୍ରଜନନ-ମରଣେ ଦେବ ସୁଗତି ରେ !

ପୃଷ୍ଠାଶ୍ରୀ ହୋଇ ଯା ଯା ପ୍ରଭୁ ପଯୁରେ,
(୧୦) ପାଝଁମ କରି ପ୍ରାଣ ଭକତଭରେ;
(୧୧) ପଂଖା ପଂଖା ମହର୍ଷି ଯା ପାଦ ତଳେ,
ପଂଖା ପ୍ରସାରିଛନ୍ତି ପ୍ରେମବିହ୍ୱଳେ ରେ !

ପୀନ ଔଦ୍ଧତ୍ୟ ତୋର ନ ହେଲେ ଊଣା,
ପାନ କରି ନପାରୁ ପ୍ରଭୁ କରୁଣା;
(୧୨) ପିନଦ୍ଧ ହୋଇଛୁ ତ ତ୍ରିଗୁଣ ଜାଲେ,
ପୁନଶ୍ଚ ପଡ଼ିଯିବୁ ଭବ-ଜଞ୍ଜାଳେ ରେ !

---

(୫) ପ୍ରଚଣ୍ଡତା—କ୍ରୋଧ । (୬) ପ୍ରଣୋଦନ—ପ୍ରେରଣ । (୭) ପଚନ—ଅଗ୍ନି (୮) ପ୍ରାଜକ—ସାରଥି । (୯) ପ୍ରଜନନ-ମରଣେ—ଜନ୍ମମୃତ୍ୟୁରେ । (୧୦) ପାଝଁ ପାଦଭୂଷଣ । (୧୧) ପଂଖା—ଦଳ, କରତଳ । (୧୨) ପିନଦ୍ଧ—ଆବୃତ । ତ୍ରିଗୁଣ ସୁଖ, ଦୁଃଖ ଓ ମୋହ ।

ପେଟୁକ ଶଣ୍ଡା ଚୋର ଗୁଡ଼ ଦୁର୍ମତି,
ପେଟ ପୋଷଣେ ଖାଲି ନାହିଁ ସୁଗତି;
(୧୩) ପଟୁ ସେ କାର୍ଯ୍ୟେ ପଶୁ- କୀଟ-ପତଙ୍ଗ,
ପଟାନ୍ତର ହେବୁକି ତାଙ୍କର ସଙ୍ଗ ରେ !

ପଠନ କର ପୂତ ଓଁକାର ମନ୍ତ୍ର,
ପଠନ କରେ ଯାହା ନିପୁଣ-ଯନ୍ତ୍ର;
ପାଠକ ବୁଝନ୍ତି ସେ ପାଠ ମହିମା,
ପଠନେ ଶେଷ ନୁହେ ତା' ଗୁଣ ସୀମା ରେ !

(୧୪) ପାଡ଼ଶୁଆରେ ଆଜ ଶୋଇଛୁ ଭୋଳେ,
ପଡ଼ିବୁ ଯାଇ କାଲି ଚିତାଗ୍ନି କୋଳେ;
ପୋଡ଼ିବ ପିଣ୍ଡ, କର୍ମ ଅପୋଡ଼ା ହେବ,
(୧୫) ପୀଡ଼ନ ବାଞ୍ଛା ଯେଣୁ ପ୍ରଭୁଙ୍କୁ ଦେବ ରେ !

(୧୬) ପ୍ରୌଢ଼ ଜୀବନେ ଗ୍ରାସି- ବଏ ଯା ଜରା,
(୧୭) ପୋଢ଼ପଣ-ଦୂଷ୍ଣ ସେ ଆସିଛି ପରା;
(୧୮) ପଡ଼ିଆରି ରୂପେ ତୁ ହୃଦ-ମନ୍ଦିରେ,
ପଢ଼ି ଓଁକାର ମନ୍ତ୍ର ଜାଗିଥା' ଧୀରେ ରେ !

ପାଣିଫୋଟକା ସବୁ ଦେଖୁଛୁ ଯାହା,
(୧୯) ପୁଣ୍ୟ ବହୁନେ କଏ ଆତ୍ମାର ସାହା;
ପ୍ରାଣ ଉଜ୍ଜ୍ୱଳ କର ପୁଣ୍ୟ-ଆଲୋକେ,
(୨୦) ପଣ ରହିବ ମନ ତୋ ପରଲୋକେ ରେ !

ପତିତପାବନ ତ' ଜଗତପତି,
ପୂତ ପଦୂରେ ତାଙ୍କ ଢ଼ାଳ ଭକତି;
ପତିତ ଯେଣୁ ମନ, ପାପେ ତୋ ପ୍ରାଣ,
ପତନୁ ପ୍ରାଣପ୍ରଭୁ କରିବେ ତ୍ରାଣ ରେ !

(୧୩) ପଟୁ—ନିପୁଣ । (୧୪) ପାଡ଼ଶୁଆ—ଶେଯ । (୧୫) ପୀଡ଼ନ—ଦଣ୍ଡପ୍ରଦାନ, ସାଦର ଗ୍ରହଣ । (୧୬) ପ୍ରୌଢ଼—ପରିଣତ ବୟସ୍କ । (୧୭) ପୋଢ଼ପଣ—ଯମ । (୧୮) ପଡ଼ିଆରି—ଦ୍ୱାରପାଳ, ଦେବପୂଜକ । (୧୯) ପୁଣ୍ୟ—ଧର୍ମ । (୨୦) ପଣ—

(୨୧) ପାଥୋଦ ପର ଆଶ୍ରି ଧରମ ପଥ,
ପଥିକ ହୁଅ କର୍ମେ ଲାଗି ସତତ;
(୨୨) ପ୍ରାର୍ଥୀ ହେବୁ ତୁ ଯେବେ କର୍ମ ନକର,
ପଥରେ ଥିଲେ ସୁଦ୍ଧା ନ ଶୁଣେ ହରି ରେ !

(୨୩) ପଦ୍ମ ନଷ୍ଟ ଭ ଯଥା ହିମ କମଳେ,
(୨୪) ପୁଦ୍‌ଗଲ ତଥା ତୋର ପାତକ ମଳେ;
ପାଦ୍ୟ ହେଉ ତୋ ଅଶ୍ରୁ ପ୍ରଭୁଚରଣେ,
ପ୍ରୀତ ହେବ ଆତ୍ମା ତାଙ୍କ କରୁଣେ ରେ !

(୨୫) ପିଧାନ ମାୟାଜାଲେ ଧରମ ରାହା,
ପ୍ରଧାବିତ ହେଲେ ତୁ ଛିଡ଼ିବ ତାହା;
(୨୬) ପ୍ରାଧାନ୍ୟ ପ୍ରାପ୍ତ ହେବୁ ଏ ନ ଜୀବନେ
(୨୭) ପ୍ରଧ୍ମାତ କର ନାମ ବିଶ୍ୱ-ଭବନେ ରେ !

(୨୮) ପିନାକୀ-ବ୍ରହ୍ମା-ପଞ୍ଚ ସ୍ଥିର ବଦନେ,
(୨୯) ପନତ ଯେହ୍ନ ବ୍ରହ୍ମ- ଗୃହ ବଦନେ;
(୩୦) ପନ୍ନଗ ନଗଜାଦି ଅଗଣ୍ୟ ପ୍ରାଣୀ,
ପାନ କରନ୍ତି ଯାଙ୍କ କରୁଣା-ପାଣି ରେ !

ପିପାସୁ ହୁଅ ତାଙ୍କ କରୁଣାମୃତ,
ପ୍ରାପତ ହେବ, ହେବ ତୋ ପ୍ରାଣ ପୂତ;
ପାପାନ୍ଧ ମାନସ ତୁ ପିନା ଅଜ୍ଞାନ,
ପାପୀ-ପୁଣ୍ୟାତ୍ମା ପ୍ରଭୁ- ନେବେ ସମାନ ରେ !

ପ୍ରଫୁଲ୍ଲ କର ତୋର ହୃଦ-କମଳ,
ପ୍ରଫୁଲ୍ଲ ହେବେ ପ୍ରଭୁ ଭକ୍ତବତ୍ସଳ;

---

ପ୍ରତଜ୍ଞା । ପରଲୋକ—ଲୋକାନ୍ତର । (୨୧) ପାଥୋଦ—ଜଳ, ଅଗ୍ନି, ସୂର୍ଯ୍ୟ ପ୍ରଭୃତି । (୨୨) ପ୍ରାର୍ଥୀ—ଭିକ୍ଷୁ । (୨୩) ହିମକମଳ—ଶିଶିରପାଣି । (୨୪) ପୁଦ୍‌ଗଲ—ଆତ୍ମା । (୨୫) ରାହା—ପଥ । (୨୬) ପ୍ରାଧାନ୍ୟ—ଶ୍ରେଷ୍ଠତା । (୨୭) ପ୍ରଧ୍ମାତ—ଧ୍ୱନିତ । (୨୮) ପିନାକୀ—ଶିବ । (୨୯) ପନତ—ସ୍ତୁତ । (୩୦) ପନ୍ନଗ—ସର୍ପ । ନଗଜ—ହସ୍ତୀ ।

ପ୍ରଫୁଲ୍ଲତା ବିଶ୍ବର ପୀରତି ଶଂସି,
ପ୍ରଫୁଲ୍ଲ କଞ୍ଜମୁଖେ ହସେ ସରସୀ ରେ !

ପ୍ରବାହାବଦ୍ଧ ଜଳେ ରଖି ପିପାସା,
ପ୍ରାବୃଟେ ଚାତକ ତା ବଢ଼ାଇ ଆଶା;
(୩୧) ପବିପାତେ-ସ୍ତନିତେ ନକରି ଭୟ,
ପବନ ନୀରଦକୁ କରେ ଆଶ୍ରୟ ରେ !

ପ୍ରଭୂର୍ତି ଦେବାର୍ଚ୍ଚନା- ଶ୍ରମଟି ସାର,
ପ୍ରଭୁଭକ୍ତିକି କର ହୃଦରେ ହାର;
ପ୍ରଭ୍ରଂଶ କର ଭ୍ରମ ତର୍କ-ବୁଦ୍ଧିରେ,
ପ୍ରଖ୍ୟାତେ ତମୋଷ୍ୟ ଯେହ୍ନେ ମିହିରେ ରେ !

(୩୨) ପ୍ରମଦା ପ୍ରେମ ମଧୁ- ପାନେ ସତତ,
ପ୍ରମତ୍ତ ହୁଅ ନାହିଁ କହୁଛି ସତ;
ପ୍ରେମଦା ନୁହଇ ସେ ଭ୍ରମଦା ସିନା,
ପ୍ରମାଦ ମୂର୍ତ୍ତିମନ୍ତ ମାୟା-ନବୀନା ରେ !

(୩୩) ପର୍ଯ୍ୟଟନ କର ତୁ ସକଳ କ୍ଷେତ୍ର,
(୩୪) ପ୍ରପୂତ କର ଦିଅ ଦର୍ଶନେ ନେତ୍ର;
(୩୫) ପର୍ଯ୍ୟଙ୍କେ ବସି ହୁଅ ଆବାଞ୍ଛ ଯତି,
ପ୍ରଯତ୍ନ ବ୍ୟର୍ଥ, ସାର୍ଥ ପ୍ରଭୁଭକତି ରେ !

ପରମବ୍ରହ୍ମ ପ୍ରଭୁ ସର୍ବାନ୍ତର୍ଯ୍ୟାମୀ,
ପରାତ୍ପର ସେ ବିଶ୍ବ- ଜୀବନ ସ୍ୱାମୀ;
ପରିଚୟ ତାଙ୍କର ନିଅ ଆମ୍ଭାରେ,
ପରଶଂସା ପାଇବୁ ପର ସଂସାରେ ରେ !

---

ଅଗଣ୍ୟ—ଅସଂଖ୍ୟ । (୩୧) ପବି—ବଜ୍ର । ସ୍ତନିତ—ମେଘ ଗର୍ଜନ । (୩୨) ମଧୁ—ମଦ୍ୟ । (୩୩) କ୍ଷେତ୍ର—ତୀର୍ଥସ୍ଥାନ । (୩୪) ପ୍ରପୂତ—ପବିତ୍ର । (୩୫) ପର୍ଯ୍ୟଙ୍କ—ଧ୍ୟାନ ସମୟର

ପଲ୍ଲବର କର ଦୋ' ଦୁତ-ପ୍ରଦେଶ,
(୩୬) ପଲ୍ଲୀର ପ୍ରକାଶିବ ଭକ୍ତି-ଆବେଶ;
ପ୍ରଲମ୍ବ ଭୁଜ ଦୋଲାଇ ଜଗତପତି,
ପୁଲକରେ ତୁମ୍ଭେ ଦେ ଲଭ ନୀରବ ରେ !

ପବନପ୍ରିୟ ସ୍ତମ୍ଭ- ଦଣ୍ଡ ଅନ୍ତରେ,
(୩୭) ପଦମାନ ରୋପଣ ଥାଏ ଭୁଧରେ;
ପବନ ବାଂଶୀ ବାଂଶୀ ଶୁଣେ ଗର୍ଜ୍ଜନ,
ପ୍ରବଳ ଟେଜ ତେଜ ନାଗନ୍ଧ ଭୁଜଙ୍ଗ ରେ !

ମନ୍ଦ ଉଦ୍‌ଧତ ଅନ ବନ୍ଦ୍ୟ ନାଚନେ,
ମନିଷୀଙ୍କ ପଦାଙ୍କ- [illegible] ନେହାରେ;
ଜନ୍ମଭୂ ବନ୍ଧୁ ଦୋର ଶୋଭେ ସର୍ବ୍ବତ୍ର,
ପ୍ରତିପ୍ର ତୋମାଂ ଭାଙ୍ଗ ଦେବ ଗାଂଭୀ ରେ !

ପାଶବ୍ରମତ, କର ପ୍ରିୟଙ୍କୁ ଆଣି,
ପାଷାଣ-ନାଟକୁ ରଙ୍ଗ- ନାଟ୍ଟି ବଣ୍ଟାଇ;
(୩୮) ଗୁଣୋଦର ଅଙ୍ଗୁ ମଧ୍ୟୀ ଛବିଶ,
ପ୍ରବଳ ପ୍ରଭାବର ସଂଯମେ ବନେ ତର !

ପାଦଧୂଳ ନାହିଁ ମନ କନ୍ଦୁକ ଧାଇଁ,
ମନ୍ଦ ଶୋଭ ଶର ମାନସ-ସ୍ୱପ୍ନ;
[illegible] ପ୍ରଶୁଷ୍କ ମାଧୁ-ସ୍ୱଗତ,
ସମ୍ଭ, ତେଣି ଗଗନ; କର ଶଯ୍ୟା ତର !

ମାତୃଗାଉଣ୍ଟ ଅଙ୍କୁ- ରଞ୍ଜନ ଝଙ୍କାରେ,
ଗନ୍ଧର୍ବ ଓ' ଝଣ- ଝାଙ୍ଗୀ ଦୁଆରେ,
(୩୯) ମଦନ୍ତୁ ବଣ ଘନ୍ତ- ଭକ୍ତ ନିସ୍ତାରେ;
ମନସ୍ୱୀ ନ ରଖେ ପୁଷ୍ପମନ୍ଦରେ ରେ !

ଭୁବନଦେବଗଡରେଶ । (୩୬) ପଲ୍ଲୀ—ପାଡ଼ୁଆ । (୩୭) ପଦମାନ-ଅର୍ଦ୍ଧ । ଭୁରୁଧ—ଅର୍ଦ୍ଧ (କୁମ୍ଭବରର ଭୁପାଳୁର) । (୩୮) ଗୁଣୋଦର—ମେଘ । ପ୍ରବଳ—ଭଲଲୁ । (୩୯) ପଦ୍ମସ୍ତ—ପଦରେଣ । ଖଣ୍ଡ—ପଥ ।

ପକ୍ଷପାତ-ରହିତ ପ୍ରଭୁଚରଣେ,
(୪୦) ପ୍ରକ୍ଷିପ୍ତ ହେଲେ ତୋର ପାପ ଜୀବନେ,
ପ୍ରେକ୍ଷଣ ଗୂଳ, ଢାଳି ସେ କୃପାଜଳ,
ପ୍ରୋକ୍ଷଣ ପରି କରି- ଦେବେ ନିର୍ମଳ ରେ !

## ପଞ୍ଚଦଶ ଛାନ୍ଦ

# ଗରିବ

( ରାଗ—ବଙ୍ଗଳାଶ୍ରୀ )

କରମ ଆଦରି ଶରମ ସହୁଛି,
କି ହେବ ନର ମଥିଲେ,
କାଳେ ମୋ ମରମ- ବେଦନା-ଶରମ
ହରିବ ଧରମ ଥିଲେ ।

ଖାଇବା ଅଭାବେ ମୋ ଆଖିକି ଯେବେ
ଅନ୍ଧାର ଦିଶେ ଦୁନିଆ,
ଖରାକାଳ ଧୂଳି ତାତିରୁ ବି' ବଳି
ଯାଉଥାଏ ପେଟ ନିଆଁ ।

ଗୁମାନିଆ ପୁଞ୍ଜି- ପଡି ଘରେ ଖଞ୍ଜି
(୧) ହେଲେ ଦିନକିଆ ଗୁଢ଼ି,
ଗହମ ଧାନର କ୍ଷେତେ କାମ କରି
(୨) କୁଦୋ ଗୁଞ୍ଜି ଆଣେ ଭୂତି ।

---

(୪୦) ପ୍ରକ୍ଷିପ୍ତ—ବିନ୍ୟସ୍ତ, ଅର୍ପିତ । ପ୍ରେକ୍ଷଣ—ସମ୍ୟକ୍ ଦୃଷ୍ଟି । ପ୍ରୋକ୍ଷଣ—ଶୁଦ୍ଧି ନିମିତ୍ତ ଜଳସେଚନ ।

(୧) ଗୁଢ଼ି—କ୍ଷେତରେ କାମ କରିବା ଚାକର (ସମ୍ବଲପୁରୀ; ଗୋତ୍ରୀ ଶବ୍ଦଜ) ।

(୨) କୁଦୋ—ତୃଣଧାନ୍ୟବିଶେଷ (ସମ୍ବଲପୁରୀ; କୋଦ୍ରବ ଶବ୍ଦଜ) । ଭୂତି—ବେତନ (ସମ୍ବଲପୁରୀ; ଭୃତି ଶବ୍ଦଜ) ।

ଘରୁ ଖାଇ ଘୋଡ଼ା ପଛେ ଦଉଡ଼ିବା
ଭଲ କରେ ଯେତେ କାମ,
ଘେନବଙ୍କ ଧର୍ମ ସରଳତା ମୋର
ଥାଉ ତା ଦେବା ଇନାମ ।

(୩) ଭଲଆ-ଉଦରି- ଭୁଲଆ ମାଲିକ
ମୂଲଆ ପ୍ରାଣ କି ଚହ୍ନେ ?
ଉପାସରେ ଶୁଏ ଉଧାର ନ ପାଏ
ଉଠି ନ ପାରିଲେ ଦିନେ ।

ଚରିଖି ମୋ'ଘରେ ନ ରଖିଲ ଦିନୁ
ଅରକ୍ଷିତ ହେଲ ସିନା,
ଚେହେରା ଚରିସ ଗୁଣେ ଲୋକ ନେସ
ନ ରହେ ଅବସ୍ଥା ବିନା ।

ଛତା ଯୋତା ଥୋଇ ଶେଯେ ଥାଏ ଶୋଇ
ଯେ'କାଳେ ମୋ ସାହୁକାର,
ଗ୍ରୀଷ୍ମରେ ସେକାଳେ ବୁହାଏ ମୁଁ ଖରା-
(୪) ତାତରେ ଗହଦ ଧାର ।

ଜାଲଆ ଲଞ୍ଜୁଆ ପଞ୍ଚ ହାବୁଡ଼ରେ
ପଡ଼ିଗଲେ କେବେ ଥରେ,
ଜବାବ ନଦେଇ ବିନାଦୋଷେ ତହିଁ
ଜରିମାନା ଦିଏ ଡରେ ।

---

(୩) ଭଲଆ—ବଡ଼ପୁଡ଼ା । ଉଦରି—ବୃହତ୍ ଧାନକୋଠି । ଭୁଲଆ—ଗୃହର ପ୍ରଷ୍ଠ କାନ୍ଥର ଊର୍ଦ୍ଧ୍ୱଭାଗ ।

(୪) ଗହଦ—ସ୍ୱେଦ (ସମ୍ବଲପୁରୀ ଶବ୍ଦ) ।

ଝଣଝଣ-ପ୍ରିୟ ଧନୀ ମାନୀ କାନେ
ମୋ ଦୁଃଖ ପିବକ ଶୁଣା ?
ଝିଙ୍କି ଖାଇବାକୁ ମୋ ଭଲ କାବାକୁ
ସେ ତ ବାଲୁଆ ଶାଗୁଣା ।

ନଘାନ୍ଧ ନରନ୍ଧ ନରଷର ଜାଣି
ଗଞ୍ଜିଲେ ମତେ ସକଳେ,
ନରତେ ସନ୍ତାପ ସହିଲ; ନଶାପ
ହିସାବ ନାହିଁ ଅକଲେ ।

ଟାଣୁଆ ବା'ବୁଙ୍କ ଟୁପା ଟୁପା ଦୋଷେ
ବୁଜନ୍ତୁଏ ଲୋକଆଗି,
ଟିକିଏ ମୋ ଦୋଷ ପାଇଗଲେ ବେଷ-
କଣ୍ଠେ ଗାଇଥାନ୍ତି ସାକ୍ଷୀ ।

ଠାପୁଆ ଗପୁଆ ଇତର ଲୋକେ ବି
କରି ବ୍ୟଙ୍ଗ-ପରିହାସ,
ଠେଁସ କଥା କହି ଅକାରଣେ ମୋର
ପରାଣେ ଦ୍ୟନ୍ତି ପରାସ ।

ଡଉଲତ ଆଶେ ନ ରଖେ ଅଭ୍ୟାସେ
ଠକବୃତ୍ତି ବଦମାସି,
ଡାକ ପରିଶ୍ରମ- ବଳ ଖାଏ ପଛେ
ଆଠକାଳ ବାରମାସୀ ।

ଢୋକେ ପେଜଭାତ- ମୁଠାକର ଲାଗି
ମୁଁ ଗୁଡ, ପୁଅ କୁଠିଆ,
ଢେଙ୍କି ମାଡ଼େ ନାରୀ ପର ଘରେ ଝିଅ
ଗଣ୍ଡୁଛି ପାଣି ମାଠିଆ ।

ଅଳସୁଆ ନୋହି ଅସଲ ଇଜତ
ରଖିଛୁ ଧନ ଜୀବନେ,
ଅଗ୍ରବର ଢେଙ୍କୁ ଛଆପି ଆଦର
ନ ପାଏ ସଭ୍ୟ-ଭୁବନେ ।

ତୋଷାମଦ ମଧୁ ନାହିଁ ମୋ ଅଧରେ
ନ ଜାଣେ ତ' ଛଳ ଛଟା,
ଭଣ୍ଡତପାଙ୍କର କୂଟ କଉଶଳେ
ଘେରେ ତେଣୁ ହଟହଟା ।

ଥାଏ ଘଡ଼ି ଋଣି ଦାରୁଣ ସାହୁର,
ଶୁଝି ନ ପାରିଲେ ଥରେ,
ଥେଷର କଟାଳ- ଝିଙ୍କାସରେ ମୋର
ଲୁହ ଝରେ ଦେହ ଥରେ ।

ଦେଖୁଛି ମୋ'ଘରେ ଖୁଦ ମୁଠେ ଥିଲେ
ଭିଖାରୀର ଅଧିକାର,
ଦୁଆରେ ଅନେକ ଧନୀଙ୍କର ଭକ-
ବତଳେ ମିଳେ ଧିକ୍କାର ।

ଧୋବ ଧାଉଳିଆ ଧନ-ଧନ୍ଦାଳିଆ
ଦେଖାନ୍ତି ଯେ ବ୍ୟବହାର,
ଧରମ ମୋ ସାକ୍ଷୀ ପୋଛୁ ଲୁହ-ଆଖି
ସହୁଛିଏ ଅତ୍ୟାଚାର ।

ନାମ ଅଭିମାନେ ପଚୁର ଯେମାନେ
ହୋଇଥାନ୍ତି ହାତପିଠା,
ନରେଇଁଲେ ତାଙ୍କ ମଧ୍ୟରୁ ଅନେକ
ଲୋକ ମୋର ମୁଣ୍ଡପିଠା ।

ପୁରୁଣାକୁ ନୂଆ          କର ଏ ଦୁନିଆ
ଦେଖାଉଛୁ ତ' ତାମସା,
ପରିବରତନ          କରିବ ନାହିଁକି
ଗରିବର ଦୁରୁଦଶା ।

ଫଳିତ ହେଲେ ବି          ଲକ୍ଷିତ ନହୁଏ
ଛନ୍ତି ଦୟାମୟ ହରି,
ଫଟ ଛ' ନୁହଇ          ବୁକୁଫଟା ଦୁଃଖ
ଦେଖୁଛନ୍ତି ସେ ମୋହରି ।

ବନ୍ଧୁରୂପେ ମୋର          ଅଶ୍ରୁ ପୋଛୁଦ୍ୟନ୍ତି
ଧନବନ୍ଧୁ ଭବଗ୍ରାହୀ,
ବିଭବ ଅଭାବେ          ବ୍ୟସ୍ତପ୍ରାଣେ ଯେବେ
ଉପରକୁ ଥାଏ ଚାହିଁ ।

ଭଣ୍ଡାମି-ଭରିତ          ଯୁଗେ ମୋ ଚରିତ
ସରଳତାକୁ ଅନାଇ,
ଭଦ୍ରବେଶୀ ଭଣ୍ଡ-          ବାବୁମାନେ ମତେ
ଭଳୁଆ ଦେଲେ ବନାଇ ।

ମାନ ଧନ ଥିବା          ମାନବର ଅଭି-
ମାନ ରକ୍ଷକ ସଭିଏ,
(୫) ମା' ନ ଥିବା ଦୁଃଖୀ-          ମାନଙ୍କ ବ୍ୟାକୁଳ
ମାନସକୁ ଚହ୍ନେଁ କିଏ ?

ଯାତନା ନ ଜାଣି          ବୋଲନ୍ତି ସେ ପୁଣି
ମହାଜନ ମହାଯଶା,

(୫) ମା—ଲକ୍ଷ୍ମୀ, ସମ୍ପତ୍ତି ଅର୍ଥାତ୍ ମାତୃରୂପିଣୀ ବିଦ୍ୟା, ଭୂସମ୍ପତ୍ତି ।

ଯାହାଙ୍କର ପୁସି- କୁଟା ମୋଠୁଁ ବେଶି
ଭୋଗନ୍ତି ସୁଖ ସୁଦଶା ।

ରହୁଛି ଉପାସେ ସମସ୍ତ ବିଶେଷେ
ତଥାପି ନୁହେ ହତାଶ,
ରଙ୍କ ଧନୀଙ୍କର ଦୁଃଖ ସୁଖ ତର
ନ ରଖେ କାଳ ବତାସ ।

ଲଭିଲେହେଁ ନାନା ଲାଞ୍ଛନା ଯାତନା
ମରମଦାହୀ ସରମ,
ଲକ୍ଷ୍ୟସ୍ଥାନେ ମୋର ପହଞ୍ଚି ପାରିଲେ
ସାର୍ଥକ ହେବ ଜନମ ।

ବିପଦ ବିଷାଦ ଚିନ୍ତା ଅବସାଦ
ଏ ସବୁକୁ ମଣେ ବନ୍ଧୁ,
ବିନୟ ଦୀନତା ସତ୍ୟ ସରଳତା
ମୋ ପ୍ରାଣ-ପୁଷ୍ପର ମଧୁ ।

ଶିଶୁମାନଙ୍କର ହସ ଖେଳ ମାଆ
କଉତୁକେ ଦେଖୁଥାନ୍ତି,
ଶୋକାକୁଳ ହୁଏ ଯେ ଶିଶୁ ତା'ପ୍ରାଣେ
ସେଇ ତ' ଢାଳନ୍ତି ଶାନ୍ତି ।

ଷୋଡ଼ଶୀର ଫୁଲ- ଡାଲିରେ ଆଦର
ନ ଲଭିଲେ ହେଁ କି ହେଲା ?
କ୍ଷଣ କୁସୁମର ଗୁଣକୁ ଭ୍ରମର
ଗ୍ରହଣେ କରେ କି ହେଳା ?

ସୁଦାମା ବିଦୁର ବନ୍ଧୁ ଆଦଙ୍କର
ଶୁଣିଅଛୁ ତ' ଚରିତ,

ସେମାନେ ମୋ'ଭଳ ତଥାପି ତ ଝଳ
ଯାଇଛୁ ତାଙ୍କ ଦୂରତ ।

ହର ମୋର ଧନ ବନ୍ଧୁ ପରିଜନ
ମାନ ମହତ ବେବସା
ହୃଦୟୁ ନିକଳେ ତାଙ୍କ ପାଦତଳେ
ରଖେ ତେଣୁ ମୋ ଭରସା ।

କ୍ଷଣିକ ହେଲେହେଁ ଏ ମହା ବନ୍ଧନେ
ଯେ ମତେ ଦେଇଛୁ ବାନ୍ଧ,
କ୍ଷୁଭିତ ସ୍ୱରଣେ ତାଙ୍କୁ ଅନୁକ୍ଷଣେ
ଡାକୁଥିବ କାନ୍ଦ କାନ୍ଦ ।

## ଷୋଡ଼ଶ ଛାନ୍ଦ

## ଅନ୍ତିମ-ଚିନ୍ତା

( ରାଗ—ଭୂପାଳ )

କାହିଁରୁ ମୁଁ ଥିଲ ଆସି କାଳ-ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବ କାହିଁ ?
*କୁଟୁମ୍ବାଦ ବନ୍ଧୁ ବର୍ଗ ଧରମ ବ୍ୟତୀତ
ମୋ'ସଙ୍ଗେ କେହ ତ' ଯିବେ ନାହିଁ ।

---

* ଏକ ଏବ ସୁହୃଦ୍ଧର୍ମୋ ନିଧନେ ପ୍ୟନୁଯାତି ଯଃ,
ଶରୀରେଣ ସମଂ ନାଶଂ ସର୍ବମନ୍ୟଦ୍ଧି ଗଚ୍ଛତି । —ମନୁ ।

ପ୍ରାଣୀର ମୃତ୍ୟୁ ପରେ ଧର୍ମ କେବଳ ସଙ୍ଗେ ଯାଏ, ଅନ୍ୟ ସବୁ ଦେହ ସହିତ ନଷ୍ଟ ହୁଏ ।

ଖାଦ୍ୟ ଆଜ କ୍ଷୀର ସର ଲବଣୀ ଶାକର
ପିଷ୍ଟକାନ୍ନ ନାନା ମିଷ୍ଟଫଳ,
ଖାଇପାରେ କାଲି ମାଟି ମୁଦ୍ଧ ନେତ୍ର ଘାଣ୍ଟି
ଯାଇପାରେ ଚଣ୍ଡ ଚିତାନଳ ।

ଗର୍ବମଦେ ଅନ୍ଧସମ କ୍ରୋଧେ ତମ ତମ
ହୋଇ ହେଉଥିଲି କେଡ଼େ ଉଚ୍ଚ ?
ଗଲେ ପିଣ୍ଡୁ ପ୍ରାଣ ଛାଡ଼ି ଶିରେ ମୋ ଦୋଷାଡ଼ି
ହୋଇପାରେ ଶ୍ୱାନ ଶିବା ପୁଚ୍ଛ ।

ଘର ଘର ବୋଲି ଭିନ୍ନ- ପ୍ରାଣେ ରାତ୍ରଦିନ
ଘାଣ୍ଟିହେଲି ଘୋର ନରକରେ,
ଘାଟପାରିର ମାସୁଲ ଦେବାକୁ ଅମୂଲ
କି ଦେବି, କି ଅଛି ମୋର କରେ ?

ଉଲ୍ଲାସରେ ସୁଖରସ ମଣି ମୋ ମାନସ
ଭୋଗିଥିଲା ଯାହା ଯଉବନେ,
ଉଲଟି ସେସବୁ ସୁଖ ପାଲଟିଛି ଦୁଃଖ
ଅନୁତାପ ଆଜି ଦହେ ମନେ ।

ଚିତ୍ତୁ ଗଲାଣି ସ୍ଥିରତା ହୃଦରୁ ଧୀରତା
ଦେହ ଦୁର୍ବଳତା ବଢ଼ିଲାଣି,
ଚେତିଲେ କି ଅଛି ଆଉ କାଳଚୋର ଆୟୁ
ଧନରତନ ତ' ହରିଲାଣି ।

ଛଟପଟ ହେବା ସାର ହସିବ ସଂସାର
ଖୋଜି ବସିଲେ ସେ ହୃତ ଧନ,
ଛିଡ଼ି ପଡ଼ୁଥିବା ଡାଳି ଲାଗିଛି କି କାହିଁ
ଭାବନା ହିଁ ଲଜ୍ଜା-ଖଣ୍ଡନ ।

ଜୀବନ-ଜଞ୍ଜାଳ-ତାପ ପାପ ଅନୁତାପ
ତୁଷାନଳ ଠାରୁ ଯାଏ ବଳି,
ଜୀବଲୋକେ ଆଉ କେହି ମୋହ ଭାଗ୍ୟ ନେଇ
ପାତକୀ ନଥିବେ ମୋହି ଭଳି ।

ଝଡ଼ିଯିବୁ କାଳ-ସ୍ରୋତେ ବୋଲି ଧନେ ମୋତେ
ଚେତାଇ ନଥିଲା ମୋ ବିବେକ,
ଝଂଝା ବାତ ବାଜି ଆଜି ପଡ଼ୁଅଛି ଭାଜି
ଆଶା-ସ୍ୱପ୍ନ-ବାଜି ଛବି ଟେକ ।

ନିର୍ମାଲ୍ୟ-ଅମୃତ ପାଇ ଆନକୁ ଚଖାଇ
ରଖି ନ ପାରିଲି ଭାଗ୍ୟଦୋଷେ,
ନିତାନ୍ତ ଭୋଗେ ଗରଳ ମହାକାଳ ଫଳ
ଖାଇ ମଦ୍ୟପାୟୀ ହେଲି ଶୋଷେ ।

ଟଳଟଳ ପ୍ରାଣବାୟୁ ଖସିବାକୁ ଆଉ
ବେଶି ନାହିଁ ଆୟୁ ଭୋଗ କାଳ
ଟାଣି ମୋତେ ନେବାପାଇଁ ଆସିଲେଣି ଧାଇଁ
କାଳଦୂତ ରୂପୀ ରୋଗ-ଜାଳ ।

ଠାକୁର ସାର ବିଶ୍ୱର ଯେ' ପ୍ରାଣଈଶ୍ୱର
ପାପ-ତାପହର ଦୟାମୟ,
ଠଉରାଇଛି କାତର- ପ୍ରାଣେ ମୁଁ ଏଥର
ତାଙ୍କ ଶ୍ରୀପଦ୍ମର ମୋ ଆଶ୍ରୟ ।

ଡୋଳା ଭୁଲିଣି ଏ ଧନ ବନ୍ଧୁ ପରିଜନ
ମନମୋହୀ ରୂପ ଯଉବନ,
ଡହଳ ବିକଳ ଭବ- ନଦୀର ଏ ସବ
ବିଷମ ଜଞ୍ଜାଳ-ଆବର୍ତ୍ତନ ।

ଦ୍ରୁମ-ତମାଳୀ ସକଳ          ପଦ୍ମପତ୍ରେ ଜଳ-
ବିନ୍ଦୁ ଟଳ ଟଳ ପରକାର,
ତାଳେ କ୍ଷଣପ୍ରଭା ପରି          ପ୍ରଭାବ ସଞ୍ଚର
ଚାଲିଯିବ ତାଳ ଅନ୍ଧକାର ।

ଅତି ବଚନ ଏ ହାଟ          କାହିଁ ହର୍ଷ ନାଟ
ଅତ୍ୟାଚାରେ ହାହା-ଗୀତି କାହିଁ
ଅବାକ ହୋଇ କେ ଭାଳେ          କର ଦେଇ ଭାଲେ
ବିସ୍ମିତ କେ' କାହା ଶୀତ ଚାହିଁ ।

ତପ୍ତ ରକତ ଶୀତଳ          କା' ପ୍ରଭାବେ ଜଳ
ଅନଳରେ କାହିଁ ପରିଣତ,
ତାର୍କିକର ବିତର୍କଣା          ଜ୍ଞାନ ବୁଦ୍ଧି ବଣା
ହୋଇଯିବ ଚାହିଁ ଏ ରଙ୍ଗ ତ' ।

ଥୁଣ୍ଟା ତାଳ ସୁବିଶାଳ-          ବଟ ବା ରସାଳ
ସର୍ବେ ଦିନେ ସମଦଶାପନ୍ନ,
ଥବର ବାତୁତ କାଳ          ବାରେ ନାହିଁ କାଳ
ନିର୍ଦ୍ଦୟ ନିର୍ମ୍ମମ ତା ନୟନ ।

ଦଳପତି ଧନୀ ମାନୀ          ସାଧୁ ବ୍ରହ୍ମଜ୍ଞାନୀ
ନ ରହିବ କିଛି ଠେକ କାର,
ଦ୍ୱିଜ ଶୂଦ୍ର କି ବାଉରି          କାଳର କାଉଁରି—
ହାଡ଼ କରିଦେବ ଏକାକାର ।

ଧୂଳିର ଏ ଅବୟବ          ଧୂଳିର ବିଭବ
ଧୂଳିରେ ଗଢ଼ା ଏ କ୍ରୀଡ଼ାଗାର,
ଧର୍ମ ମାତ୍ର ଏକା ଧ୍ୟେୟ          କାଳର ଅଜେୟ,
ଆଉ ଯେତେ ସବୁ ଧୂଳି ଗାର ।

ନହୁଲ ଶିଶୁର କ୍ରୀଡ଼ା    ନାରୀ-ନର୍ମ ବ୍ରୀଡ଼ା
ନବୀନ ଯୁବାର ଶୋଭା ଠାଣି,
ନୀଳମେଘୁଁ ଇନ୍ଦ୍ରଧନୁ    ପରି ଏ ଭବନୁ
ଅକାଳେ ବି କାଳ ନଏ ଟାଣି ।

ପାଟଶାଢ଼ୀ ଝିନବାସ    ବଢ଼ିଆ ସୁବାସ
କୁସୁମ ଚନ୍ଦନ ଅଳଙ୍କାର,
ପାଣିଫୋଟକା ଏ ଦେହ    ପାଇଁ କେତେ ସ୍ନେହ
କେତେ ବେଶ ଠାଣି ଦରକାର ।

ଫୁଲ ଫାଟିଯିବ ଯେବେ    ଫିଙ୍ଗିଦେଲେ କେବେ
ମଶାଣି ଭୂମେ ଏ ପିଣ୍ଡ ଗୋଟି,
ଫୁଲ ଚନ୍ଦନ ସୁବାସ    ରୋଧି ଲୋକଶ୍ୱାସ,
ଦୁଃସହ ଦୁର୍ଗନ୍ଧ ଯିବ ଛୋଟି ।

ବସି ଅଧର ଚିବୁକେ    ପାନଖିଆ ମୁଖେ
ପଶିଯିବେ ନର୍କମକ୍ଷୀ ଦଳ,
ବ୍ୟାପିଯିବେ ତ ଅଂଶେଇ    ଲୋକନେନେ ଦେଇ
ଚନ୍ଦନର ଛବି ଅବିକଳ ।

ଖେକଲ୍ କୋକୀ ଶୃଗାଳ    ଶ୍ୱାନ ଗୃଧ୍ର ମାଳ
ଝଦାର ଏ ବୁକୁ ଦ' ପଞ୍ଜରା,
ଭ୍ରୂ-ଭାଲ ଚର୍ମ ଛିଡ଼ାଇ    ଦେବେ ଉଜୁଡ଼ାଇ
ପରାଣ-ପକ୍ଷୀର ସୁନାଘରା ।

ମୋ ଘରଦ୍ୱାର ମୋ ଧନ    ମୋ ଦାରା ନନ୍ଦନ
ସବୁ ମୋର ଏହି ଅଭିମାନ,
ମୋହ ମନ୍ଦିରର ଭ୍ରମ    ଇନ୍ଦ୍ରଜାଲ ସମ
ଉଭେଇଦେବଟି ଶମଶାନ ।

(୧) ଯେ ସମୟେ ମାଟି ଦେହ    ସଙ୍ଗେ ମାଟି ଗେହ
ତେଜି ଜୀବ ଯିବ ଯମାଳୟ,
ଯମ ଅଦାଲତ ଆଗେ    ଦେବାକୁ ନଲାଗେ
ଜାତି କୁଳ ଖ୍ୟାତି ପରିଚୟ ।

ଭବତଳେ ଦେହଧାରୀ    ପ୍ରଭାବ ବିସ୍ତାରି
ଲଭିଥାଉ ଯାହା ଦେଶ-ବଳ
ଭବତନୟର ଚିତ୍ତ    ଦୃଷ୍ଟି ଆକର୍ଷିତ
କରିପାରେ ନାହିଁ ସେ ସକଳ ।

ଲକ୍ଷ୍ୟ ଧେୟ ସେ ସକଳ    ପାପପୁଣ୍ୟ ଫଳ
ନିର୍ଣ୍ଣୟ-କର୍ତ୍ତବ୍ୟ ସମାଧାନ,
ଲାଞ୍ଚୁଆ ନୁହେ ସେ କାଳ    ଦଣ୍ଡଧର ଜାଲ-
ଆବେଦନେ ମୁଦିଦିଏ କାନ ।

(୨) ବ୍ରାହ୍ମଣ ମୁଣ୍ଡେ ନିଷାଦ-    ଶୂଦ୍ରାଦିର ପାଦ
ରଖାଇପାରେ ତା ରାଜନୀତି,
(୩) ବାବୁ ଗାଲେ ତା' ଶୂକର    ଦେଲେ ବି' ଥାପର,
ନୀତିରେ ତାକୁ ନ ହେବ କ୍ଷତି ।

ଶାସ୍ତ୍ରୀ ପାଇପାରେ ଶାସ୍ତି    ନିର୍ବୋଧ ନିହାତି
ମୂର୍ଖ ତହିଁ ପାଇପାରେ ମୁକ୍ତି
ଶାସକେଶ ପ୍ରେତସାଇଁ    ଧର୍ମାସନେ ନାହିଁ
ଓକିଲାତି ଭଣ୍ଡ ତର୍କ ଯୁକ୍ତି ।

(୪) ଷଡ଼ଙ୍ଗାଦି ଅଷ୍ଟାଦଶ    ପୁରାଣ ଆଦର୍ଶ
ଦୃଷ୍ଟାନ୍ତ ବି' ତହିଁ ନାହିଁ ଲାଗେ,

(୧) ଗେହ—ଗୃହ । (୨) ନିଷାଦ—ଚଣ୍ଡାଳ । (୩) ଥାପର—ଚଟକଣ (ସ.ଶ.) ।
(୪) ଷଡ଼ଙ୍ଗ—ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ—ବେଦର ଏହି

(୫) ଷଷ୍ଠିମତ୍ତମୁଖ କବ ତର୍କ ଅନୁଭବ
ହାରିଯିବେ ସର୍ବେ ତାର ଆଗେ ।

ସେଇ ଧରମରାଜର ଛାମୁରେ ହାଜର
ହେବ ଏକାକୀ ଯେ କାଳେ ଆତ୍ମା
ସଖା ରୂପେ ମୋ ଆତ୍ମାର ଧର୍ମ ବିନୁ ଆର
ଦିଶୁନାହାନ୍ତି ତ କେହି ସାହା ।

ହରି ହେ ହୃଦମନ୍ଦିର- ଠାକୁର, ଅଧୀର
ପ୍ରାଣେ ମୁଁ ଡାକୁଛି ଆର୍ତ୍ତକଣ୍ଠେ
ହର ଦୁରିତ ଦୁର୍ଗତି ତୁମ୍ଭ ବିନୁ ଗତି-
ଦାତା ମୋ କେ ଅଛି ଏ ସଙ୍କଟେ ।

କ୍ଷେମଙ୍କର ତୁମେ ହରି ଆଶ୍ରୟ ମୋହରି
ଭରସା ତେଣୁ ମୁଁ ଅଛି କରି,
କ୍ଷୁବ୍ଧ ଭବ-ସିନ୍ଧୁ ପାରି ହେବ ହେ କାଣ୍ଡାରି
ତବ ଶ୍ରୀଚରଣ-ନାବ ଧରି ।

---

ଛଅ ଅଙ୍କ । (୫) ଷଷ୍ଠିମତ୍ତମୁଖ—ଗଣେଶ । କବ—ଶୁକ୍ର ।

# ରଇତ-ଅମାବାସ୍ୟା

# ଚଇତ-ଅମାସ୍ୟା*

(ରାଗ—ବଙ୍ଗଳାଶ୍ରୀ)

ଉତ୍କଳ ସାହିତ୍ୟ- ଆଲୋଚନାମୃତ
ପାନରେ ହୋଇ ସନ୍ତୃପ୍ତ,
ମାନସ ମୋହର ହୋଇଥିଲା ଦିନେ
କଳ୍ପନା କୋଳେ ସୁଷୁପ୍ତ ।

ତନ୍ଦ୍ରା-ସ୍ୱପ୍ନରାଜ୍ୟେ ପର୍ଯ୍ୟଟନ ବ୍ୟାଜେ
ଦେଖିଲି ଏକ ରୂପସୀ—
କ୍ଷୀର-ଧବଳାଙ୍ଗୀ ବିକଳେ କାନ୍ଦୁଛି
(୧) ହୀରକ ପୁଳିନେ ବସି ।

ଶୋକାକୁଳା ଦେବୀ- ପ୍ରତି ଥରେ ଥରେ
ଅନାଇ ଊବନ ଭଙ୍ଗେ,
ଦିବ୍ୟ ହଂସଟିଏ ଦୋଳୁଅଛି ମାନ
(୨) ଗୁମ୍ଦହି-ମାଳତରଙ୍ଗେ ।

ଦେବୀ କରେ ବୀଣା, ଶ୍ୱେତ-ଶତପତ୍ର
ଚୁମ୍ବିଛି ଚରଣଦ୍ୱୟ;

---

* ତା ୪।୪।୨୪ ଇ: ଗଙ୍ଗାଧରାବ୍ଦ ୬୨ ।

(୧) ହୀରକ ପୁଳିନ—ହୀରାକୁଦ । ଏହା ସମ୍ବଲପୁର ସହର ନିକଟରେ ମହାନଦୀ ଗର୍ଭରେ ଅବସ୍ଥିତ ।

(୨) ଗୁମ୍ଦହି—ସମ୍ବଲପୁର ନିକଟସ୍ଥ ମହାନଦୀର ପ୍ରଧାନ ଗଣ୍ଡ । ବ୍ରହ୍ମାଣୀ—ବ୍ରହ୍ମାଙ୍କ ପତ୍ନୀ ।

କମଳା, ବ୍ରହ୍ମାଣୀ, କବା ବୀଣାପାଣି
ଆଣିଲ ଚିତ୍ତ-ସଂଶୟ ।

କାନ୍ଦ କାନ୍ଦ ଦେବୀ ଫିଙ୍ଗିଦେଲେ ଶୁଭ୍ର
ପଦ୍ମାସନ ଗଲ ଉଡ଼ି,
(୧) ଛତର ସାଗରେ ପଡ଼ିଲା, ବୀଣାଟି
ନଦୀଗର୍ଭେ ଗଲ ବୁଡ଼ି ।

ଯେ' ନଦୀରେ ବୀଣା ବୁଡ଼ିଲା ତା' ନାମ
କେହି ତ' ନଥିଲେ ଜାଣି,
(୨) ଦୂରୁ ଦେଖି ତାକୁ 'ବୀଣା' ନାମ ଦେଲେ
ବୁଢ଼ାରଜା ଶୂଳପାଣି ।

ଦେବୀ ମର୍ମନ୍ତୁଦ- କ୍ରନ୍ଦନ ଶ୍ରବଣେ
ଦେବୀପ୍ରତି ଦେଇ ଦୃଷ୍ଟି,
(୩) ଶିରେ ବକ୍ଷେ କର ତାଡ଼ି ସମଲାଈ
କଲେ ଅଶ୍ରୁଜଳ ବୃଷ୍ଟି ।

ଚକିତ ନୟନେ ଅନାଇ କେତେକ
ସମଲାଈ-ସହଚରୀ
(୪) କାନ୍ଦଲେ ପାଟଣେ- ଶ୍ୱରୀ ଚନ୍ଦ୍ରାସନୀ
ପଦ୍ମାସନୀ ସୁରେଶ୍ୱରୀ ।

---

(୧) ଛତର ସାଗର—ଏହି ଜଳାଶୟଟି ସମ୍ବଲପୁର ସୋମନାଥ ମନ୍ଦିରର ବାୟବ୍ୟ-କୋଣରେ ଅବସ୍ଥିତ ।

(୨) ବୀଣା—ସମ୍ବଲପୁର ସହର ଭିତରେ ବହିଯାଉଥିବା କ୍ଷୁଦ୍ର ନଦୀ । ଶୂଳପାଣି—ବୁଢ଼ାରଜା ପର୍ବତର ଅଧିଷ୍ଠିତ ଶିବ । ଏହା ସମ୍ବଲପୁର ରେଲଷ୍ଟେସନ ନିକଟରେ ଅବସ୍ଥିତ ।

(୩) ସମଲାଈ—ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ।

(୪) ପାଟଣେଶ୍ୱରୀ—ପାଟଣାର ଅଧିଷ୍ଠାତ୍ରୀ ଦେବୀ । ଚନ୍ଦ୍ରାସନୀ—ଚନ୍ଦ୍ରପୁରର ଅଧିଷ୍ଠାତ୍ରୀ ଦେବୀ । ପଦ୍ମାସନୀ—ପଦ୍ମପୁରର ଅଧିଷ୍ଠାତ୍ରୀ ଦେବୀ । ସୁରେଶ୍ୱରୀ—ସୋନପୁରର ଅଧିଷ୍ଠାତ୍ରୀ ଦେବୀ ।

ପ୍ରତିଧ୍ୱନି ଛଳେ   କାନ୍ଦୁଥିଲେ ଅବା
ଦେଉଥିଲେ ପ୍ରବୋଧନା
ବାରି ହେଲା ନାହିଁ   ସମଲାଈ ପ୍ରତି
ଗୃହିଁଥିଲେ ବିଗଙ୍ଗନା ।

ଦେବୀଙ୍କ ବିଳାପ   ଶୁଣି ଶବୋପୃଳା
ଜୀବନ ହେଲା ବ୍ୟାକୁଳ
ବିକ୍ଷୋଭିତ ହେଲା   ମହୋଦଧି ବକ୍ଷ
ଚଲକାର ଉପକୂଳ ।

(୧) ବେଦବ୍ୟାସ କୁଞ୍ଜେ   କଳରବ କଣ୍ଠେ
କାନ୍ଦିଲେ ପ୍ରକୃତି-ରାଣୀ
ଝର୍ଝର ନାଦରେ   ପରଧାନ-ପାଟ
ଢାଳିଲା ଲୋତକ ପାଣି ।

(୨) ବିଷାଦେ ଫିଙ୍ଗିଲେ   ନରସିଂହନାଥ
ବକୁଳ-ଚମ୍ପକ ହାର
ଝରିଲା ଗଦ୍‌ଗଦେ   ହରଶଂକରଙ୍କ
(୩) ଲୋତକ-ସହସ୍ରଧାର ।

(୪) ବିକଳେ କାନ୍ଦିଲେ   ବାର-ପାହାଡ଼ାଦି
(୫) ଶିଶୁପାଳ ବଡ଼ପାଠୀ

---

(୧) ବେଦବ୍ୟାସ—(ଗଙ୍ଗାପୁର-ବାମାଙ୍ଗପୁର) ରାଜ୍ୟର ନାଗରା ଜମିଦାରୀ ସ୍ଥିତ ଏକ ସୁଦୃଶ୍ୟ ପର୍ବତ ।
ପ୍ରଧାନପାଟ—ବାମଣ୍ଡା ରାଜ୍ୟାନ୍ତର୍ଗତ ପ୍ରପାତବିଶେଷ ।

(୨) ନୃସିଂହନାଥ—ସମ୍ବଲପୁର ଅଞ୍ଚଳର ଗୋଟିଏ ତୀର୍ଥସ୍ଥାନ ।
ହରଶଙ୍କର—ସମ୍ବଲପୁର ଅଞ୍ଚଳର ଗୋଟିଏ ତୀର୍ଥସ୍ଥାନ । ଏହି ପର୍ବତର ଗୋଟିଏ ଅଂଶ (ନୃସିଂହନାଥ) ବୋଡ଼ାସମ୍ବର ଜମିଦାରୀରେ ଏବଂ ଅପର ଅଂଶ (ହରଶଙ୍କର) ପାଟନା ରାଜ୍ୟର ସୀମାରେ ଅବସ୍ଥିତ ।

(୩) ସହସ୍ରଧାର—ହରଶଙ୍କର ମନ୍ଦିର ନିକଟବର୍ତ୍ତୀ ପ୍ରପାତର ନାମ ।

(୪) ବାରପାହାଡ଼—ସମ୍ବଲପୁର ଜିଲ୍ଲାର ବିଖ୍ୟାତ ପର୍ବତ ।

(୫) ଶିଶୁପାଳ ଓ ବଡ଼ପାଟି—ସମ୍ବଲପୁର ଜିଲ୍ଲାର ଗୋଟିଏ ଗୋଟିଏ ସୁଦୃଶ୍ୟ ପର୍ବତ ।

(୧) ଶିଶୁପରି ବୁଢ଼ା- ରଜା ବିଳପିଲା
ଶୁଣି ରେଳ ବଡ଼ ପାଟି ।

(୨) ଘେଁସାଲି, ଉତ୍ତଲୀ, ଜୀର, ଦନ୍ତା ଆଗେ
କରୁଥିଲେ କଳ କଳ,
କୋଇଲି କାନ୍ଦଣା ଶୁଣି ଏମାନଙ୍କ
ଶୁଖିଗଲା ଅଶ୍ରୁଜଳ ।

ଶୋକ ଶ୍ୱାସେ ଫୁଟି- ଗଲା ପ୍ରାକୃତିକ
(୩) ଉତ୍କଳର ଉତ୍କଳିକା,
ରସାସ୍ୱାଦୀ ପଦ- ପୀଡ଼ନେ ବିଷାଦ
ଲଭିଲେ ଶତପତ୍ରିକା ।

ଧଇର୍ଯ୍ୟ ସମ୍ଭାଳି ନ ପାରିଲା ମନ
ଅନିବାର୍ଯ୍ୟ ଅଶ୍ରୁଜଳେ,
ଚଉଦିଗେ ଚାହିଁ ଚେତନା ହରାଇ
ଢଳି ପଡ଼ିଲା ବିହ୍ୱଳେ ।

---

(୧) ବୁଢ଼ାରଜା—ପର୍ବତବିଶେଷ । ଏହା ସମ୍ବଲପୁର ରେଲ୍‌ଷ୍ଟେସନ ନିକଟରେ ଅବସ୍ଥିତ ।

(୨) ଘେଁସାଲି—ଘେଁସ (ଜମିଦାରୀବିଶେଷ) ନିକଟରେ ବହିଯାଉଥିବା କ୍ଷୁଦ୍ର ନଦୀ ।
ଉତ୍ତଲୀ—ଉତ୍ତଲଗଡ଼ (ଆଧୁନିକ ନାମ ଭାଲପଦର) ନିକଟ ବାହିନୀ ନଦୀ ।
ଜୀର—ଏହି ନଦୀର ଉତ୍ତର କୂଳରେ ବରଗଡ଼ ଅବସ୍ଥିତ ।
ଦନ୍ତା—ବରଗଡ଼ଠାରୁ ସମ୍ବଲପୁର ଯିବା ମଧ୍ୟବର୍ତ୍ତୀ ରାସ୍ତାରେ ଏହି ନଦୀ ପଡ଼ିଥାଏ ।
ବସନ୍ତକାଳୀନ କୋକିଳରବକୁ ସମ୍ବଲପୁରର ପଲ୍ଲୀସ୍ତ୍ରୀମାନେ "କୋଇଲି କାନ୍ଦଣା" କହନ୍ତି । କୋଇଲି—ଏହି ନଦୀ ବେଦବ୍ୟାସ ପର୍ବତ ନିକଟରେ ପ୍ରବାହିତା ।

(୩) ଉତ୍କଳିକା—ଫୁଲକଢ଼ି, ଉତ୍କଣ୍ଠା ।
ରସାସ୍ୱାଦୀ—ଭ୍ରମର, ସାହିତ୍ୟିକ । ପଦ—ପଦ୍ୟାଂଶ, ଚରଣ ।
ଶତପତ୍ରିକା—ପଦ୍ମିନୀ; ଅସଂଖ୍ୟ (ମାସିକ, ସାପ୍ତାହିକ ପ୍ରଭୃତି) ପତ୍ରପତ୍ରିକା ।

କଛୁ କ୍ଷଣେ ସଙ୍ଗ ଲଭି ଅନାଇଲି
ଧବଳାଙ୍ଗୀ ଦେବୀ ପ୍ରତି,
ଗଣ୍ଡେ କର ଦେଇ କହୁଛନ୍ତି ସେହି
କାରୁଣ୍ୟର ମୂର୍ତ୍ତିମତୀ ।

"ଆରେ ଗଙ୍ଗାଧର, ଥିଲୁ ତୁହି ମୋର
(୧) କବି-ମୌଳି-ଅଳଂକାର
ଆଲୋକ ଦେଖାଇ ଦେଇଗଲୁ ମତେ
ଶୋକ-ଗୁମ୍ଫା ଅନ୍ଧକାର ।

ଗଙ୍ଗାଧର ନୋହୁ ଆସିଥିଲୁ ସିନା
ସରଗର ଗଙ୍ଗାଧାର
ଆଜୀବନ ପାଦ- ପଦ୍ମ ମଳ ମୋର
କରିବାକୁ ପରିଷ୍କାର ।

ଯେଉଁ ସବିନୟ ଗତିରେ ସୁକବି,
ଆସିଥିଲୁ ସେହି ଗୁଣ
(୨) ମରଧାମେ ଆତ୍ମ- ପରିଚୟ ଛଳେ
ଦେଖାଇଗଲୁ ଦ୍ୱିଗୁଣ ।

(୩) 'ଉଚ୍ଚେ ଥାଇ ମଧ୍ୟ ନମ୍ର ହୋଇଥାନ୍ତି
ସତତ ମହତ ଜନ',

---

(୧) ପ୍ରାକୃତିକ ଉତ୍କଳର ଆଧୁନିକ କବିସମାଜରେ ସ୍ୱର୍ଗୀୟ ଗଙ୍ଗାଧର ମେହେର ଶୀର୍ଷସ୍ଥାନୀୟ । ଏହାର ଜ୍ୱଳନ୍ତ ପ୍ରମାଣ ତାଙ୍କର କାବ୍ୟ କବିତାରେ ବହୁଳ ଭାବରେ ପରିଲକ୍ଷିତ ହୁଏ ।

ସ୍ୱର୍ଗୀୟ ପଂଡିତ କବିବରଙ୍କ ଆବିର୍ଭାବ (୧୮୬୨ ଅଗଷ୍ଟ ୯ ତାରିଖ) ଶ୍ରାବଣପୂର୍ଣ୍ଣିମା ଏବଂ ତିରୋଭାବ (୧୯୨୪ ଅପ୍ରେଲ ୪ ତାରିଖ) ଚୈତ୍ର ଅମାବାସ୍ୟା ।

(୨) ସ୍ୱର୍ଗୀୟ କବି ଗଙ୍ଗାଧରଙ୍କ ଅନ୍ୟାନ୍ୟ ସଦ୍‌ଗୁଣ ମଧ୍ୟରେ 'ବିନୟ' ଗୁଣଟି ଶୀର୍ଷସ୍ଥାନୀୟ ଥିଲା ।

(୩) କବିଙ୍କ "ମହିମା" ପୁସ୍ତିକାର ପାଦବିଶେଷ ।

ଏ ମିତବାକ୍ୟର ସତ୍ୟତା ରକ୍ଷଣେ
ପ୍ରମାଣିତ ତୋ ଜୀବନ ।

ମହେଶ୍ୱର ମହା- ଆଶିଷରେ ତୋର
ହୃଦୟ ଥିଲା ମହାନ,
ତଥାପି ତୋ ମତ ଆପଣାର ପ୍ରତି
ମଣୁଥିଲା ଅତି ସାନ ।

(୧) 'ହେଲେହେଁ ତୁ ସାନ କରୁଣା ନିଧାନ
ରାଜ୍ୟରେ କରିଛୁ ବାସ'
ନୋହିଲେ ଜୀବନେ ଦେଇଥାନ୍ତୁ କେହେଁ
ଏ ସତ୍ୟପୂତ ଆଶ୍ୱାସ ?

ଧନ ଜବ, ଜ୍ଞାନ- ଶକ୍ତି ଅନୁଯାୟୀ
ଦେଶହିତ କାର୍ଯ୍ୟେ ଲାଗି
(୨) ସ୍ୱାର୍ଥେ ଉଦାସୀନ- ଥାଇ, ଚିନ୍ତାଧୀନ
ଥିଲୁ ପର-ସୁଖ ଲାଗି ।

ପର ଦୁଃଖେ ଆତ୍ମ- ସୁଖ ତୁଚ୍ଛ ମଣି
ଉପଦେଶ ଦେଲୁ ଧନ;
(୩) 'ନିଜ ସୁଖ କାହିଁ ଏକାକୀ ଭୁଞ୍ଜିବେ
ସ୍ୱଭାବ-ଉଚ୍ଚରୁ ଜନ ।'

ଜଟିଳ ସଂସାର ଚିନ୍ତାନଳେ ହେଉ-
ଥିଲେହେଁ ତୁ ଦଗ୍‌ଧୀକୃତ
ପ୍ରାଣେ ଶୀତଳତା ଢାଳୁଥିଲା ତୋର
ମୋ' ଚରଣାଚିର୍ନାମୃତ ।

---

(୧) ଅର୍ଘ୍ୟଥାଳୀ—ମଧୁମୟ କବିତାର ପାଦବିଶେଷ ।
(୨) "ଚାଲି ଯାଉଛି, ଏପରି ଆଉ କେତେ ଦିନ ଗଲେ ଗଲା; ଏଥିପାଇଁ କେବେ କଣବା ।" ଏହା ମେହେର କବିଙ୍କର ଗୋଟାଏ ସାଧୁକ୍ତି ।
(୩) "ପ୍ରଣୟ-ବଲ୍ଲରୀ"ର ପାଦବିଶେଷ (ପୃ ୧୮୫ ଦ୍ରଷ୍ଟବ୍ୟା) ।

ବିଷୟ-ବିଷର ତିକ୍ତତାରେ କବି,
ବୋଧିଛୁ କବି-ହୃଦୟ,
(୧) 'ବିଶ୍ୱ ଦେଖ ମଧୁ- ମୟ ରେ ଜୀବନ
ବିଶ୍ୱ ଦେଖ ମଧୁମୟ ।'

(୨) ଅମୃତ କଳ୍ପକ, ଅନୃତ ନୁହେ ଯା'
ବାରିଛୁ 'ଅମୃତମୟ',
ଅବିକୃତ ଚିତ୍ତେ ପରଖିଲେ ତାହା
ବାସ୍ତବ ଅମୃତମୟ ।

ତୋର ଆବିର୍ଭାବ ମୋ ଭାଗ୍ୟର ସତ୍ୟ-
ଶିବ-ସୁନ୍ଦର-ପ୍ରଭାତ
(୩) ଶ୍ରୀକରଣ ତୋର ହୋଇଥିଲା ମୋର
ଅମୃତଧାରା ପ୍ରପାତ ।

ଦରିଦ୍ର ହେଲେହେଁ ଯଶୋରାଜ୍ୟେ ତୋତେ
ସରି ନୁହେ କୋଟିପତି;
ଅକ୍ଷୟ କାଳର ବକ୍ଷେ ରଖିଗଲୁ
*ଯେଉଁ ଅକ୍ଷର କୀରତି ।

'କବିତା-କଲ୍ଲୋଳ', 'ପ୍ରଣୟ-ବଲ୍ଲରୀ',
'ଇନ୍ଦୁମତୀ', 'ତପସ୍ୱିନୀ',
ଅପ୍ରକାଶ 'ରସ- ରତ୍ନାକର' ତୋର
ଅପୂର୍ଣ୍ଣାଙ୍ଗିନୀ 'ପଦ୍ମିନୀ' ।

---

(୧) 'ଅର୍ଘ୍ୟଥାଳୀ'—ମଧୁମୟ କବିତାର ଘୋଷା ପାଦବିଶେଷ (ପୃ ୬ ଦ୍ରଷ୍ଟବ୍ୟ) ।

(୨) ଅମୃତ କଳ୍ପକ—ଅମର କବି, ଯାହାର କଳ୍ପନା ଅମୃତପରି ମଧୁର ଓ ଆନନ୍ଦପ୍ରଦ ।
'ଅମୃତମୟ'—'ଅର୍ଘ୍ୟଥାଳୀ'ର କବିତାବିଶେଷ (ପୃ ୪ ଦ୍ରଷ୍ଟବ୍ୟ) ।

(୩) ଶ୍ରୀକରଣ—ଲେଖନୀ, କଲମ ।

* "ଅକ୍ଷରା କୀର୍ତ୍ତିଃ ସଞ୍ଜୀବତି" । "କୀର୍ତ୍ତିରକ୍ଷରସମ୍ବନ୍ଧା ସ୍ଥିରା ଭବତି ଭୂତଳେ ।"

ତୋ 'କୀଚକବଧ', ସୁଦୃଶ୍ୟ 'ଅଯୋଧ୍ୟା-
ଦୃଶ୍ୟ', 'କୃଷକ-ସଙ୍ଗୀତ',
'ଭାରତୀ-ଭାବନା', 'ମହିମା' ମହିମା-
ମୟ ଭାବ ତରଙ୍ଗିତ ।

କଳ୍ପନାର କେଳି- ନିକୁଞ୍ଜ 'ଉତ୍କଳ-
ଲକ୍ଷ୍ମୀ' ଆଦି 'ଅର୍ଘ୍ୟଥାଳୀ',
ଉତ୍କଳ ସାହିତ୍ୟ- ରାଜ୍ୟର ଏ ଏକ
ଏକ ସୁବର୍ଣ୍ଣ ଅଟ୍ଟାଳୀ ।

ଭୁବନେ ଭାରତ ଭାରତେ ଉତ୍କଳ
ଉତ୍କଳ ପିଣ୍ଡେ ମୋ ପ୍ରାଣ
ଥିବାଯାଏ କାଳ ଟାଳି ନ ପାରିବ
ତୋ ଅଟ୍ଟାଳିକାର ଟାଣ ।

ହୃଦ-ଅବସାଦ ନୈରାଶ୍ୟ-ବିଷାଦ
ଛୁଟାଇ ତୋର କବିତା
ନବୀନ ପବନ ସଞ୍ଚାରିବ ଚିର
ଫୁଟାଏ, ଯେହ୍ନେ ସବିତା ।

ବିବେକ-ପୁରୁଷ ସୁମତି-ପ୍ରକୃତି
ନାୟକ-ନାୟିକା ବ୍ୟାଜେ
ପ୍ରାକୃତିକ ଜ୍ୟୋତି ଢାଳିଛନ୍ତି ଏକା
ତୋ' ନବ୍ୟ ସାହିତ୍ୟ-ରାଜ୍ୟେ ।

ସରସ ସରଳ ଲଳିତ ଭାଷାରେ
ତୋଳି ସତ୍ୟର ଉଚ୍ଚତା,
ଜାତୀୟ-ହୃଦୟ ଆକର୍ଷଣେ କରି,
ଥିଲା ତୋ ଉଚ୍ଚ ଦକ୍ଷତା ।

ବିଶ୍ୱପ୍ରୀତିକର ବାସ୍ତବ ଗୀତର
ବଢ଼ାଇ ଗୌରବ ସୀମା;

'ମହିମା' ତୋହର ଦେଖାଇ ଦେଇଛି
ବାସ୍ତବ କବି ମହିମା ।

(୧) କଲେ କାଳିଦାସ ଉତକଳୀ-ଦାସ
ତୁଳିକା-ଦଣ୍ଡେ ଓଜନ
'ପ୍ରଣୟ-ବଲ୍ଲରୀ' 'ଇନ୍ଦୁମତୀ' ତୋର
(୨) ଗୌରବର ନିଦର୍ଶନ ।

(୩) କାଳି-ସ୍ୱର୍ଣ୍ଣଥାଳୀ- ଲୁଚି ସରପୁଳି
ବୃଦ୍ଧି କରେ ରୁଚି କ୍ଷୁଧା
ପ୍ରଣୟ-ପଲ୍ଲବେ ପ୍ରସୂନ-ସୌରଭେ
(୪) ତୃପ୍ତି ଦେଇଛି ତୋ ସୁଧା ।

(୫) ଉପମାଳଙ୍କାରେ ରୂପ ଅଳକାରେ
(୬) କବି କିନ୍ନରଶେଖର
ହେଲେ କାଳିଦାସ, ସାହିତ୍ୟ-କୈଳାସ-
(୭) ବିହାରୀ ତୁ ଗଙ୍ଗାଧର ।

(୧) କାଳିଦାସ—ବିକ୍ରମାଦିତ୍ୟଙ୍କ ପ୍ରଧାନ ସଭାପଣ୍ଡିତ; ଶକୁନ୍ତଳା, ରଘୁବଂଶ ପ୍ରଭୃତି ଗ୍ରନ୍ଥର ପ୍ରଣେତା । ଉତ୍କଳୀଦାସ—ଉତ୍କଳଭାରତୀ-ସେବକ । ଏ ସ୍ଥଳେ ସ୍ୱର୍ଗୀୟ କବିବର ଗଙ୍ଗାଧର ମେହେରଙ୍କ ପ୍ରତି ପ୍ରଯୁଜ୍ୟ ।

(୨) ଗୌରବ—ଗୁରୁତା, ସମ୍ମାନ ।

(୩) କାଳି—କାଳିଦାସ ।

(୪) ସୁଧା—ରଚନା (ଲକ୍ଷ୍ୟାର୍ଥ) ।

"ସତ କହିଲ ଗୋ ସୁଧା ସୁଭାଷିଣୀ
ରଚନା ତ ସୁଧାକଣ ।" (ପ୍ର. ବ. ପୃ ୬୮ ଷ୍ଟା)

(୫) ସଂସ୍କୃତ ସାହିତ୍ୟରେ ଉପମାଳଂକାରରେ ଭୁବିଖ୍ୟାତ କବି କାଳିଦାସଙ୍କ ଯେପରି (ଉପମା କାଳିଦାସସ୍ୟ··· ପ୍ରଭୃତି) ସୁଖ୍ୟାତି ଅଛି, ଉତ୍କଳ ଭାଷାକାବ୍ୟରେ କବି ଗଙ୍ଗାଧରଙ୍କ ପ୍ରତିପତ୍ତି ତଦ୍ରୂପ କହିଲେ ଚଳେ । ଏହି ମହାକବି ଦ୍ୱୟଙ୍କର କତିପୟ ଉପମା ପ୍ରୟୋଗର ସମାଲୋଚନା ମୋ' ରଚିତ "ଗଙ୍ଗାଧର-ସାହିତ୍ୟ" ନାମକ (ଅପ୍ରକାଶିତ) ଗ୍ରନ୍ଥରେ ଅନୁସନ୍ଧେୟ ।

(୬) କିନ୍ନରଶେଖର—କୁବେର । ରୂପ—ଦୃଶ୍ୟକାବ୍ୟ ।

7 (୭) ଗଙ୍ଗାଧର—ମେହେର କବି; ଶ୍ଳେଷାର୍ଥରେ ଶିବ ।

(୧) କାଳ-ପାନ୍ଥ ସ୍ମୃତି- ମାତ୍ର ବିବେଚନେ
(୨) ଭଞ୍ଜ-ଶ୍ଳେଷାର୍ଥ ରଚନା
ପ୍ରତିଯୋଗ ଛଳେ ପ୍ରତିବାଦ ବିନା
ତୋର 'ଭାରତୀ-ଭାବନା' ।

ଧର୍ମର ଶାସନେ କାମ-ଉନ୍ମାଦର
ପାପ ପ୍ରେମେ ଢାଳି ଶଧ
ଯା' ହୁଏ ମାନବ ଜ୍ୱଳନ୍ତ ପ୍ରମାଣ
ତା'ର ତୋ 'କୀଚକବଧ' ।

ବାଣୀ-ଲକ୍ଷ୍ମୀ ଦୁହେଁ ସପତ୍ନୀ ହେଲେହେଁ
ପୂନ୍ତ ପକ୍ଷେ ପୂଜନୀୟା,
ଏଭାବେ କି ମୋତେ ସୁନ୍ଦରୀ-ଜଗତେ
(୩) ଲକ୍ଷ୍ମୀ ରୂପେ କଲୁ ଠିଆ ?

କିବା ନାରୀଜାତି ଜ୍ଞାନ-ଧନଦାତ୍ରୀ
ଭଗବତୀ ଜଗଦ୍ଧାତ୍ରୀ-
ହେବାରୁ ତୋ ସାରା- ଜୀବନେ ମୋ ଧରା
ଆରାଧିଲୁ ଦିବାରାତ୍ରି ।

ମାତୃଜାତି ନାରୀ- ଗୌରବ ପତନେ
ଦେଶୋନ୍ନତି ଅସମ୍ଭବ,
ଆଣି ଏ ଭାବନା ତେଣୁ ତୋ' ରଚନା
ପ୍ରଥମେ 'ଅହଲ୍ୟାସ୍ତବ' ।

---

(୧) ପାନ୍ଥ—ଗ୍ରନ୍ଥର ନାୟକ ।
(୨) ଭଞ୍ଜ—ଉତ୍କଳର କବିସମ୍ରାଟ୍ ଉପେନ୍ଦ୍ରଭଞ୍ଜ ।
'ବୈଦେହୀଶବିଳାସ' କାବ୍ୟାନ୍ତର୍ଗତ "ବାରୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ, ବହିର କାନ ନକର ଆଲିଙ୍ଗନକୁ ।" ଶ୍ଳେଷାଳଂକୃତ ପଦାଂଶର ଏବଂ 'ଭାରତୀ ଭାବନା' କବିତାର ଗୁଣଦୋଷର ଆଲୋଚନା "ଗଙ୍ଗାଧର ସାହିତ୍ୟ"ରେ ଦ୍ରଷ୍ଟବ୍ୟ ।
(୩) "ଜୟ ଗୋ ଉତ୍କଳ-ଲକ୍ଷ୍ମୀ ଏକମାତ୍ର ସୁନ୍ଦରୀ ତୁ ବସୁଧାରେ ।"
'ଉତ୍କଳଲକ୍ଷ୍ମୀ'ର ପ୍ରଥମ ପାଦ (ପୃ ୧ ଦ୍ରଷ୍ଟବ୍ୟ) ।

ଲୋକ-ଅପବାଦ ଅପମାନ ଖେଦ
ଆଣିଲେ ସତୀ ଜୀବନେ,
ସତୀ ତେଜ ସ୍ୱାର୍ଥ ପତିର ମହତ୍ତ୍ୱ
ଖୋଜେ ହୁତାଶନେ ବନେ ।

ପତିପ୍ରାଣା ସତୀ ପ୍ରଭୁପାଦେ ନତି
ପତିମଙ୍ଗଳ ପ୍ରାର୍ଥିନୀ
ପରିତ୍ୟକ୍ତା ସତ୍ତ୍ୱ- ପ୍ରାଣେ ଏ ସୁନୀତି
ରଖିଛୁ ତୋ 'ତପସ୍ୱିନୀ' ।

(୧) ଚିର ଶୁଭଙ୍କର ବିଶ୍ୱପତିଙ୍କର
ନପୂତି ଗତି କୁଟିଳା
ଆନନ୍ଦର କୋଳେ ବିଷାଦ, ବିଷାଦ-
କୋଳେ ଆନନ୍ଦର ଲୀଳା ।

ଅଲଙ୍ଘ୍ୟ ଜୀବର ଧୈର୍ଯ୍ୟ ପରୀକ୍ଷକ
ଧର୍ମର ଏ ମହା ଦୃଶ୍ୟ
ଦେଖାଇଛୁ ସୂକ୍ଷ୍ମ- ଦର୍ଶୀ ଜ୍ଞାନୀ ଜ୍ଞାନ-
ନେତ୍ରେ ତୋ 'ଅଯୋଧ୍ୟାଦୃଶ୍ୟ' ।

'କବିତା-କଲ୍ଲୋଳେ' କଳ୍ପନାର ଦୋଳେ
ଦୋଳିଛୁ ପ୍ରକୃତି ରାଣୀ;
'କୃଷକ-ସଙ୍ଗୀତେ' କୃଷି,-କୃଷକର
ଗୌରବ ଅଛୁ ବଖାଣି ।

(୨) 'ରସ-ରତ୍ନାକର' ରଚନା କଳାର
ରମଣୀୟ-ରତ୍ନହାର

(୧) "ଶୁଭ୍ର ସହରଭ ରସିକେ,
ଶୁଭ-ସମ୍ପାଦନୀ ହୁଅ ରଘୁବଂଶିକେ !" (ତପସ୍ୱିନୀ—ପୃ ୫୪ ସ୍ତ୍ରୀ)

(୨) ରସରତ୍ନାକର—ମେହେର କବିଙ୍କର ପ୍ରାଥମିକ ରଚନା (ଅପ୍ରକାଶିତ) ।

(୧) ରଙ୍ଗଣ କୁମର          ରସା ଯୋଷାବର
ରସିକା ଊଷା ବହ୍ନାର ।

ସୁରନ୍ତା-କଳିକା          ଫୁଟାଇ ସଗରେ
ପ୍ରତିଭା-ବଲତା ଜାଳି,
ଭକ୍ତି-ନଇବେଦ୍ୟ          ପ୍ରେମ ଅଶ୍ରୁ-ପାଦ୍ୟ
ସଜାଡ଼ିଛୁ ଅର୍ଘ୍ୟଥାଳୀ ।

ଭାବ ଗମ୍ଭୀରତା-          ଗୁଣେ 'ଅର୍ଘ୍ୟଥାଳୀ'
ହୋଇଛି ଯେ ରୂପେ ଭବ୍ୟ,
ବ୍ୟାଖ୍ୟା କଲେ ତାର          ଏକ ଏକ ପଦ୍ୟ
ହେବ ଏକ ଏକ କାବ୍ୟ ।

ଧର୍ମସଂକୀର୍ଣ୍ଣତା          ସାମ୍ପ୍ରଦାୟିକତା
ଦେବାରୁ ତୋତେ ବିରକ୍ତି,
ବିଶ୍ବକବି, ବିଶ୍ବ-          ଜୀବନଙ୍କ ପଦେ
ମୁକ୍ତି ମାଗିଛୁ ତୋ 'ଭକ୍ତି' ।

ମାତୃଭୂମି ଜ୍ଞାନେ          ବିଶ୍ବସେବା ଧର୍ମ
ମାତୃଭାଷାରେ ସାଧିତ,
'ଉଦ୍‌ବୋଧନ', 'ମାତୃ-          ଭୂମି'ରେ ଏ ଭାବ
କରିଛୁ ପ୍ରତିପାଦିତ ।

ମୃଣାଳେ କଣ୍ଟକ,          ଚନ୍ଦନ ପାଦପେ
ଉରଗ ଜଡ଼ିତ ଯଥା,
ଧର୍ମକାର୍ଯ୍ୟେ ବିଘ୍ନ          ଦେଖାଇଛୁ ତୋର
'ଗଣେଶଙ୍କ ଆତ୍ମକଥା' ।

କରିବାକୁ ଦୂର          ଦେଶ ସମାଜର
କୁସଂସ୍କାର ଆବର୍ଜନ,

(୧) ରଙ୍ଗଣ—ପ୍ରଦ୍ୟୁମ୍ନକୁମର-ଅନିରୁଦ୍ଧ ।

ଥୋଇଛୁ 'ପ୍ରେତର        ଅନୁତାପ' ଆଦି
'କର୍ମଗୁଣ' ନିଦର୍ଶନ ।

(୧) ଖଚୁଆ ମିଚୁଆ        ଲଞ୍ଚୁଆ ପେଞ୍ଚୁଆ-
ପଞ୍ଚ ଗୌନ୍ତିଆ କୌଶଳ
ଅନୁଭବ କବି,        ଫୁଟାଇଛୁ ଛବି
'ପଞ୍ଚାୟତେ' ଅବିକଳ ।

ନରବେଶୀ ପୁଚ୍ଛ-        ହୀନ ବାନରଙ୍କ
ଗଳେ ଦେଖି ରତ୍ନହାର
ଗାଇଛୁ ଚହଲ,        'ତାଙ୍କୁ ମଧ୍ୟ ବୋଲ-
ଥାନ୍ତି ଧର୍ମ ଅବତାର' ।

ମାନବର ପ୍ରିୟ-        ଶତ୍ରୁ ଏ ଜଗତେ
କେ' ଅଛି ଆଳସ୍ୟ ବିନା ?
'ପରିଶ୍ରମ'-ଗୁଣ-        ଗାଇ କର୍ମୀ ପରି-
ଚୟ ଦେଇଅଛୁ ସିନା ।

ବାକ୍ୟର ମହତ୍ତ୍ୱ        ବାକ୍ୟଦେବୀ-ପୁତ୍ର,
ହୁଡ଼ିଲେ ମହା ସରମ,
ଏହା ଜାଣି 'ବାକ୍ୟ-        ବୀର କର୍ମବୀର'
ଆଦର୍ଶ ତୋର କରମ ।

କବିତାରେ ଗୀତି-        ଛନ୍ଦେ ନୀତିଶିକ୍ଷା
ଥିବାର ସ୍ୱାଭାବିକତା,
(୨) ଗୀତି-ପ୍ରତିକୂଳେ        ଶିକ୍ଷା ଦେବା ତୋର
ପ୍ରତିଭାର ଅଧିକତା ।

---

(୧) ପେଞ୍ଚୁଆ—କୁଟିଳ ପ୍ରକୃତିକ ବ୍ୟକ୍ତି ।

(୨) ଏହି ଉକ୍ତିର ଯଥାର୍ଥତା "ଅର୍ଘ୍ୟଥାଳୀ" କାବ୍ୟାନ୍ତର୍ଗତ "ସଙ୍ଗଫଳ" ଓ "ଗର୍ବ" ଏହି କବିତାଦ୍ୱୟରେ ସମାଲୋଚନା ସହକାରେ ଅନୁସନ୍ଧେୟ ।

ଦୋଷଦର୍ଶୀ-ପକ୍ଷ- ପାଖଙ୍କ ନନ୍ଦାରେ
ନ ଆଣି ଥିଲେ ବିଷାଦ,
(୧) ଅନ୍ଧକାର ଦୁଃଖେ ଅନ୍ଧକାର-ମୁଖେ
ଘୋଷିଛୁ ଆତ୍ମପ୍ରସାଦ ।
(୨) ଜଡ଼ ପଶୁ-ପକ୍ଷୀ- ପତଙ୍ଗମ-ମୁଖେ
ମାନବକୁ ଯେଉଁ ଶିକ୍ଷା,
ଦେଇଅଛୁ ଗୁଣି, ଜଣାପଡ଼େ ସେଥୁଁ
ତୋର ଗୁଣଗ୍ରାହ୍ୟ-ଦୀକ୍ଷା ।

---

(୧) ଏହି ସମୟରେ ଗଣି ଗଣି ବିପଦ ଓ ପ୍ରତିବନ୍ଧକ ମଧ୍ୟରେ କବିଙ୍କୁ କାର୍ଯ୍ୟ କରିବାକୁ ପଡ଼ିଥିଲା । ତଥାପି ତାଙ୍କୁ କେତେବେଳେ ହେଲେ ସୁଦ୍ଧା ବିଚଳିତ ହୋଇଥିବାର ଦେଖାଯାଇ ନାହିଁ । ଏହିପରି ଘୋର ଅଶାନ୍ତି ଏବଂ ବିପଦ ମଧ୍ୟରେ ସେ ନିର୍ଭୀକ ଭାବରେ ଅସାଧାରଣ ସହିଷ୍ଣୁତା ଓ ଅଟଳ ଧୈର୍ଯ୍ୟ ସହିତ ଯେଉଁ କାର୍ଯ୍ୟ ସାଧନ କରିଗଲେ, ତାହା କେବଳ ତାଙ୍କପରି ଧୀରହୃଦୟ ସୁପୁରୁଷ ଠାରେ ସମ୍ଭବ । (ମେହେର କବି—ପୃ ୨୭।୨୮ ଷ୍ଟା)
"ଅନ୍ଧକାରର ଆତ୍ମପ୍ରସାଦ" ଏହି କବିତାଟି "ଅର୍ଘ୍ୟଥାଳୀ" କାବ୍ୟାନ୍ତର୍ଗତ ।

(୨) ମେଘ ବୋଲୁଅଛି ମୁଁ ଦେଉଅଛି ଜଳ
କୃଷି କର ମାନବ ଲଭିବୁ ସୁଫଳ
ବୋଲୁଅଛି ବଳଦ ମୁହିଁ ଶେରସାହା
ଚଷି ଯା' ନପାରିଛି ମାନବ ମୁଁ ଚଷି-
ଦେବ ତାହା ହେ ।

ଶସ୍ୟ ବୋଲେ ମୁଁ ଅଛି ମାନବ ନିମନ୍ତେ
ଶତଗୁଣେ ଫଳିବି ବୁଣିଦେଲେ ମତେ
ତେବେ ସୁଦ୍ଧା କୃଷିକି ନକର ମାନବ
ବୁଲି ବୁଲି ପୋଷିଲେ ଉଦର ପ୍ରତ୍ୟକ୍ଷ
ସେ ଦାନବ ରେ ।
(କୃଷକ-ସଙ୍ଗୀତ—ପୃ ୭।୨ ଷ୍ଟା)

ପକ୍ଷୀମୁଖରେ ଶିକ୍ଷାଦାନ—
ଅର୍ଘ୍ୟଥାଳୀ କାବ୍ୟାନ୍ତର୍ଗତ "ନର ଓ ମୟୂର" କବିତା ଦ୍ରଷ୍ଟବ୍ୟ ।

ପତଙ୍ଗମ (ଭ୍ରମର) ମୁଖରେ ଶିକ୍ଷାଦାନ—
ନିଜ-ଭିଖାରିର ଲୋକେ ନଥାଏ ଆଦର
ଏହା ଭାବି ଥରେ ଭ୍ରମିଗଲି ଦେଶାନ୍ତର ।

ଚରନ୍ତ ସୁନ୍ଦର, ମାନବ-ଚରିତ୍ର-
ଚଟକେ ରଖି ବିଶନ୍ନତା,
ସତ ପ୍ରକୃତିକ, ପ୍ରକୃତିକ ଆଉ
କିଏ ଦେବ ସଜୀବତା ?

ଲଳିତ ପ୍ରାଞ୍ଜଳ ମଧୁର ଉଜ୍ଜ୍ୱଳ
ସାର୍ଥକ-ଶବ୍ଦଯୋଜନା,
'ସ୍ୱଭାବ-ସୁକବି'- ପରିଚୟ ତୋର
ଦେଇଅଛି ମହାମନା !

ବସନ ଭୂଷଣ ବିଲେପନ ଯାହା
ଯେତିକ ହେବ ସୁନ୍ଦର
ଖାଡ ପରିମିତ ରଖି ବିଶୋଭିତ
କରିଛୁ ମୋ କଳେବର ।

ଯୁଗ ଅନୁରୋଧେ ମଣ୍ଡି ନ ଥିଲେହେଁ
ମୋ ଅଙ୍ଗେ ଶବ୍ଦାଳଂକାର
ପ୍ରତିଭା ବଳରେ ଦେଖାଇ ଦେଇଛୁ
ଶବ୍ଦର ସଦ୍‌ବ୍ୟବହାର ।

ତୋ କବିତା ମୋର 'ବଲ୍ଲକୀ-ଝଙ୍କାର'
ନୁହେ ପ୍ରଲାପ-କଳ୍ପନା,
ଜାଗ୍ରତ-ସ୍ୱପ୍ନର ଛାୟା ନୁହେ ତୋର
'ଅମୃତମୟୀ' କଳ୍ପନା ।

---

ଦେଖିଲି ମାନବଙ୍କର ତହିଁ ଅତ୍ୟାଗ୍ରହ
ସ୍ୱାର୍ଥପାଇଁ ନ କରନ୍ତି ଧର୍ମର ବିଗ୍ରହ । (କବିତା କଲ୍ଲୋଳ—ପୃ ୩୫ ଷ୍ଠା)

ଲୋକମାନେ ନେଇଥାନ୍ତି ପଦ୍ମ ଘର ଘର
ବିପଦ କାଳକୁ ତାର ପ୍ରଥା ଏ ବେଖର ।
କୁସୁମବର୍ଷନ କଟେ ଏତେ ସମାଦର
ଧର୍ମ ଅବତାର, ଯାହା ଇଚ୍ଛା ତାହା କର । (କ: କ: ପୃ ୩୭ ଷ୍ଠା)

ତୋ କବିତ୍ୱେ ଦୁଗ୍ଧ- ମଧୁରତା ଅଛି,
ନାହିଁ ମଦ୍ୟ-ମାଦକତା
ତାହା ସିନା କାବ୍ୟ, ଥାଏ ଯହିଁ ସାର୍ବ-
ଜନୀନ ଉପାଦେୟତା ।

ରାଜ-ନୀତି ଧର୍ମ- ନୀତି ଅର୍ଥନୀତି
କିବା ଲୋକସ୍ଥିତି-ନୀତି,
ମଙ୍ଗଳକ ଚିନ୍ତା ଯେଣୁ ତୋ କବିତା
ଟାଳେ ସାର୍ବଜନୀ ପ୍ରୀତି ।

ସାରସ୍ୱତ ସାର- ଧନ-ଭଣ୍ଡାଗାର-
ଦ୍ୱାର ଉଦ୍‌ଘାଟିନୀ ଚିନ୍ତା,
ଚିନ୍ତା ଯୋଗେ ସିନା ତୋ ଗୁରୁ ରଚନା
ଲଭିଛି ଦୀର୍ଘଜୀବିତା ।

ନିରପେକ୍ଷ ଭାବେ ପାଉଛି ତୋ କାବ୍ୟେ
ଆଉ ଏକ ବିଶେଷତ୍ୱ,
ମୋହ ମତେ ତାହା ବାସ୍ତବିକ ମହା-
କବିର କବି-ମହତ୍ତ୍ୱ ।

ଆତ୍ମ-ଶୋଚନୀୟ- ଅବସ୍ଥା, ଆବର
ଅଦୃଷ୍ଟ ନିନ୍ଦା ପ୍ରକାଶ,
ଆତ୍ମଶ୍ଲାଘାଠାରୁ ନିନ୍ଦନୀୟ ତାହା
କୃତ୍ରିମ ସତ୍ୟତାଭାସ ।

ଏ ପ୍ରଚ୍ଛନ୍ନ ଦୋଷେ ଦୂଷ୍ୟ ହୋଇନାହିଁ
ତୋ' କଉଣସି ରଚନା,
ଏହା ମଧ୍ୟ ତୋର 'ମହାକବି' ପଦ-
ଗଉରବର ସୂଚନା ।

ମୋ ନାମେ ଭାଇଙ୍କୁ ଦେଇଗଲୁ ଯାହା
ସାହିତ୍ୟ-ଧର୍ମ ପ୍ରସଙ୍ଗେ,

ତା' ବଦଳେ ନାନା ଆମସ୍ଥ ସେମାନେ
ଥାପୁଛନ୍ତି ମୋର ଅଙ୍ଗେ ।

କେତେଗୋଟି ନବୀନ ଭ୍ରାତା ଛନ୍ତି ତୋର
ଖଟି ମୋର ସେବା-ବ୍ରତେ,
ଅଙ୍ଗ ପ୍ରତିଅଙ୍ଗ କାଟି ନବରଙ୍ଗ
ଦେଖାନ୍ତି କବି-ଜଗତେ ।

କେହି ବା ମୋ ପଦ- ଭୂଷଣକୁ ମଣି
ଦୂଷଣ ପଦ-ଶୃଙ୍ଖଳା,
ଅପମାନେ ଗଞ୍ଜି ଦେଉଛନ୍ତି ଖଞ୍ଜି
ଖୋଲା ଛନ୍ଦ ବିଶୃଙ୍ଖଳା ।

ସହଜକୁ ଛାଡ଼ି ବାଧାବନ୍ଧ ମାଡ଼ି
ଚଳିବା ବୀରର ଧର୍ମ,
ଏ ଭାବନା ଆଣି କବି ବୀର ଠାଣି
ରଖିଛୁ ତୋ' କବିକର୍ମ ।

ଅବା ଭୂଷା-ଖାଲି ହୋଇଯିବ ବୋଲି
ତୋ ମାତୃଦେବୀ ଚରଣ,
ତେଜିଲୁ ସେ ଛନ୍ଦ ମଣି ଅପସନ୍ଦ
ମନର ଅନୁସରଣ ।

ଧନ, ମୋର ପାଦ- ଝୁମୁଝୁମୁ ନାଦ
ଶ୍ରବଣେ ତୋ ବେଶି ଶ୍ରଦ୍ଧା,
ଦେଲୁ ତେଣୁ କର୍ଣ୍ଣ- ତୋଷିଣୀ-ସବର୍ଣ୍ଣ-
ସ୍ୱର୍ଣ୍ଣ-ନୂପୁର-ଉପଧା ।

ନାମ ମାତ୍ର କେ' ବା କରି ମୋର ସେବା
ଭରି ହୃଦେ ଅହଙ୍କାର,

*ଚୌର ସାମର୍ଥ୍ୟରେ ପର ପଦାର୍ଥରେ
ଦେଖାଉଛୁ ଅଧିକାର ।

ଅଧିକାଂଶ ଛନ୍ତି ମାତୃଦ୍ରୋହୀ; ଭ୍ରାତୃ-
ଭାବ-ପ୍ରୀତି ପରିହରି,
ଜାତି ବଜାଡରେ ବାରି ହେଉଛନ୍ତି
ଅହଂକାରୀ କାକ ପରି ।

ମରାଳ-ମୟୂର- ଗତି ଅନୁକରି
ଚଟକ କଲେ ଗମନ
ପ୍ରକୃତି-ବିରୁଦ୍ଧ- ସଉନ୍ଦର୍ଯ୍ୟେ ମୁଗ୍‌ଧ
ହେବକି ଦର୍ଶକ ମନ ?

କେତେକ ସାହିତ୍ୟ- ଧର୍ମଧ୍ୱଜୀ, କେତେ
ଛନ୍ତି ଗୃହୁ-ପଟୁ କବି,
ସ୍ୱାର୍ଥାନ୍ଧ-ସ୍ୱଭାବେ ଆଙ୍କି ଦେଉଛନ୍ତି
ମୋ ବକ୍ଷେ କଳଙ୍କ ଛବି ।

ଅଧେ ଛନ୍ତି ବାକ୍ୟ- ସାହିତ୍ୟ-ସମ୍ରାଟ
ଈର୍ଷା-ବ୍ୟଞ୍ଜକ ଧମକେ,
ହତୋତ୍ସାହ କରି- ଦ୍ୟନ୍ତି ଭବିଷ୍ୟତ-
କବି ନବୀନ ଲେଖକେ ।

ଏଭଳି କେତେକ ପୁତ୍ର ଛନ୍ତି, ଯାଙ୍କୁ
ଲଭି ମୋ ମହତ୍ତ୍ୱ ଊଣା,
ମୋ କ୍ଷୀରେ ମୋ କୋଳେ ବଢ଼ି ସେ ଦେଖାନ୍ତି
ମୋ ପଦସେବାରେ ଘୃଣା ।

କେଉଁ ଭାବବ୍ୟଞ୍ଜୀ- ଭାଷାରତ୍ନ ଅବା
ଭରିନାହିଁ ମୋର କୋଷେ ?

* ପଦାର୍ଥ—ବସ୍ତୁ; ଶ୍ଳେଷାର୍ଥରେ ପଦ ଓ ଅର୍ଥ ।

ଧନହୀନ ପରି ପର ପଦାଶ୍ରିତ
ହୋଇଛନ୍ତି ନିଜ ଦୋଷେ ।

କା' ନାମ ପ୍ରକାଶ କରିବି ରେ ବିଶ୍ୱ
ଛିନ୍ଦୁ ନୁହନ୍ତି 'ନନ୍ଦନ',
ପୁତ୍ର-ଅତ୍ୟାଗ୍ନିର ଜ୍ୱଳନ ହେଲେହେଁ
ଜନନୀ ପକ୍ଷେ ଚନ୍ଦନ ।

ମାତ୍ର ସେମାନଙ୍କ ଭାବିବା ଉଚିତ
କାହିଁ ମୋର ପୂର୍ବ ଠେକ ?
ଯା' ଶିଷ୍ୟ ଗୁହିଁଲେ ପାଖ ସଙ୍ଗି ମାଏ
ଲାଜେ ମୋଡ଼ୁଥିଲେ ବେକ ।

ଆଦ୍ୟ-ମଧ୍ୟ-ପ୍ରାନ୍ତ- ମାଳ-ମନ୍ଥା-ସର୍ବ-
ଯମକ, ବର୍ଣ୍ଣାନୁପ୍ରାସ,
ଶ୍ଳେଷ, ପ୍ରହେଳିକା, ବକ୍ର-ଉକ୍ତି, ବିନା
ଅବିନା, ବିରୋଧାଭାସ ।

ସିଂହାବଲୋକନ, ବ୍ୟାଘ୍ରଗତି, ମେଷ-
ଯୁଦ୍ଧାଦି ଗୋମୂତ୍ର ଛନ୍ଦ,
ଅନ୍ତର୍ଲିପି, ବହି- ର୍ଲିପି, ପୁନରୁକ୍ତ-
ବଦାଭାସ, ଚିତ୍ର-ବନ୍ଧ ।

ସଓଷ୍ଠ୍ୟ, ନିରୋଷ୍ଠ୍ୟ, ଦତ୍ତ-ଚ୍ୟୁତାକ୍ଷର
ଲୋମ, ବିଲୋମ ଶୃଙ୍ଖଳା,
ଏ ଗ୍ରନ୍ଥର ନୂଆ ଅଲଂକାର ମୋର
ପିନ୍ଧିବାର ଆଶା ଗଲା ।

(୧) ଉପଇନ୍ଦ୍ର, ଅଭି- ମନ୍ୟୁ ଗଲାଦିନୁ
ଉତ୍କଳେ ତା'ଙ୍କ ସମାନ

---

(୧) ଭାଷାସାହିତ୍ୟ-ରାଜ୍ୟରେ ଭୂମଣ୍ଡଳ ଅପ୍ରତିଦ୍ୱନ୍ଦୀ କବିସମ୍ରାଟ ଉପେନ୍ଦ୍ରଭଞ୍ଜ । ଉପେନ୍ଦ୍ର ଭଞ୍ଜଙ୍କ ପଟ୍ଟଶିଷ୍ୟ "ବିଦଗ୍ଧଚିନ୍ତାମଣି" କାବ୍ୟ ପ୍ରଣେତା ଭକ୍ତକବି ଅଭିମନ୍ୟୁ ସାମନ୍ତସିଂହାର ।

କିଏ ଆସିଛି ଯେ' ସାହିତ୍ୟ-ସମ୍ପଦେ
ବଢ଼ାଇବ ମୋ ସମ୍ମାନ ।

ଆସିଥିଲ ମାତ୍ର ଅଳ୍ପଦିନେ କାଳ-
(୧) ସ୍ରୋତେ ଭସିଗଲ ରଥ,
ନବଡ଼ ସାହିତ୍ୟ- କାନନେ ଫିଟାଇ
ସୁପ୍ରଶସ୍ତ ରାଜପଥ ।

(୨) ସାଧୁ ଗୁଣାକର- ରାଧୁ ପୁତ୍ର ମୋର
ନବ୍ୟ ସାହିତ୍ୟ-ବନ୍ଧାଣି
ନନ୍ଦୀ ଭୁଲି କ୍ଷୀର- ଦାସୀ-ଜନନୀର
ବର୍ଣ୍ଣିଗଲ ଶୋଭାଠାଣି ।

(୩) ଯୋଗ୍ୟ ପୁତ୍ର ମଧୁଁ ସେହିପରି ମଧୁ
ମୋ ହୃଦୁଁ ହେଲ ଅନ୍ତର
ପାଠ୍ୟ-ସଙ୍ଗୀତର ଗଦ୍ୟ-ସାହିତ୍ୟର
ଆଣିଦେଇ ରୂପାନ୍ତର ।

ସମାଜର ଚିତ୍ର- ପ୍ରଦର୍ଶନ ଛଳେ
(୪) ଉତ୍କଳର କବି ବ୍ୟାସ,
ନବ ରଙ୍ଗ ଢଙ୍ଗେ ହସାଇ ରସାଇ
ଗଢ଼ିଗଲ ଉପନ୍ୟାସ ।

ରାୟ ରାଓ ସେନା- ପତିଙ୍କ ହରାଇ
ଥିଲି କରମ ଆଦରି,
(୫) ମେହେର, ମହାନ୍ତି ଅଛନ୍ତି ତ ବୋଲି
ଦୁଃଖ-ଚିନ୍ତା ଦୂର କରି ।

---

(୧) କବିସୂର୍ଯ୍ୟ ବଳଦେବ ରଥ ।
(୨) ରାଧୁ—ରାୟ ରାଧାନାଥ ରାୟବାହାଦୁର ।
(୩) ମଧୁ—ରାଓ ମଧୁସୂଦନ ରାୟବାହାଦୁର ।
(୪) ଉତ୍କଳର ବ୍ୟାସକବି ମହାତ୍ମା ଫକୀରମୋହନ ସେନାପତି ।
(୫) ମେହେର—କବି ଗଙ୍ଗାଧର । ମହାନ୍ତି—କବି ଚନ୍ଦ୍ରମଣି ।

ମୋ’ ହୃଦ-ଗଗନୁ ଅକାଳେ ଯା ଖସି
ଗଲୁ ମେହେର-ମିହିର†,
ପ୍ରତିଭା ପୂଜାରେ ସ୍ତୁତି ଦେଖିଲେ କ
(୧) ଆଦିକବି ଏ ମହିର ।*

ନାହିଁ ଯେ’ ଦେଶରେ ସ୍ୱାର୍ଥ-ବିଜଡ଼ିତ
ଦୁର୍ବିଗ୍ରହ-ହଳାହଳ,
ମାତ୍ସର୍ଯ୍ୟ-ମରୁତ କଣ୍ଟିଳ୍ୟ-ଘୃତ
ଖଳ-ନନ୍ଦନ-ଅନଳ ।

ନାହିଁ ଯହିଁ ଦ୍ୱେଷ ଅହଂକାର କ୍ଲେଶ
ନାହିଁ ଦମ୍ଭ ଅଭିମାନ,
ପବିତ୍ର ସାହିତ୍ୟ- ରାଜ୍ୟ-କବି, ତହିଁ
ବଢ଼ୁ ତୋ ପଦ ସମ୍ମାନ ।

ଯାଅ ବସ୍ତ୍ର, ସ୍ୱର୍ଗେ ସ୍ୱର୍ଗୀୟ ସବରେ
ଆଗେ ଆଲିଙ୍ଗିବା ପାଇଁ,
ମର୍ତ୍ତ୍ୟଧାମେ ଆଜି ଆସିନାହିଁ ଚନ୍ଦ୍ର
ତୋର ପଥ ଗୃହିଁ ଗୃହିଁ ।

ଦୂରୁଁ ଦିବ୍ୟରଥେ ଅନାଇଣ ତତେ
ତୋଳି ପାରିଜାତ ହାର,
(୨) ‘ସ୍ୱାଗତ କବୀନ୍ଦ୍ର’ ବୋଲି ରାମଚନ୍ଦ୍ର
ଦେବ ପ୍ରୀତି-ଉପହାର ।

‘ଜା ହସ୍ତେ ଜନନୀ- ପଦ-ସେବା ଭାର
ସମର୍ପି ଆସିଲି’ ବୋଲି

---

†·ମିହିର—ସୂର୍ଯ୍ୟ ।
* ଏ ମହିର—ଏ ସ୍ଥଳରେ କେବଳ ସମ୍ବଲପୁର ଜିଲ୍ଲା ପ୍ରତି ପ୍ରଯୁଜ୍ୟ ।
(୧) ଆଦିକବି—ବ୍ରହ୍ମା । (୨) ମୟୂରଭଞ୍ଜ ମହାରାଜା ୰ ରାମଚନ୍ଦ୍ର ଭଞ୍ଜ ଦେଓ ।

ପଗ୍ଭରିବ ତୋତେ ମଧୁସୂଦନ ମୋ
ସରଳ ହୃଦୟ ଖୋଲ ।

ଅନାଇ ତୋ ମୁଖ ଦିବ୍ୟାନନ୍ଦ ସୁଖ
(୧) ଲଭିବ ନେତ୍ର ସଚର,
'ଆଉ କଛୁ ଲେଖି- ଆସିଛକ' ବୋଲି
ସମ୍ଭାଷିବ ମୋ ଫକୀର ।

ଅଜ, ସତ୍ୟରଙ୍କ, ରାମ ଆଦି କଙ୍କ
ଆଉ କେତେକଙ୍କ ଆଗେ
ଅଙ୍ଗୁଳି ସଙ୍କେତେ ରାଧାନାଥ ତତେ
ଚହ୍ନାଇଦେବ ସରାଗେ ।

ଶକୁନ୍ତଳା, ସତୀ- ସୀତା, ଇନ୍ଦୁମତୀ
ଶାପ-ବିମୁକ୍ତା ଅହଲ୍ୟା
ଯୋଷାମଣି ଉଷା ସତୀ-ଶିରୋଭୂଷା-
ସଇରିନ୍ଧ୍ରୀ, କଉଶଲ୍ୟା ।

ବାଧାବିଘ୍ନ ଝାଳ ନାରୀଧର୍ମ ପାଳି
ପରଶାମେ ଆହ୍ଲାଦ,
(୨) ଶାନ୍ତ ଲଭିଚନ୍ତି, ନଶ୍ଚେ ତୋହପ୍ରତି
ପ୍ରଦାନବେ ଆଶୀର୍ବାଦ ।

(୩) ପାପେ ଅବହେଳ 'ପଦ୍ମିନୀ'ଙ୍କ ଠେଲି
ନ ଥିବାରୁ କୃପାନଳେ

(୧) ସଚ—ବାମଣ୍ଡା ମହାରାଜ ୬ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ।

(୨) ଆତ୍ମବିଗ୍ରହ-ନର୍ଭର କବି ଗଙ୍ଗାଧର ମେହେର ପାର୍ବତୀ, ଉଷା, ନନ୍ଦକେଶ୍ୱରୀ, କେଦାର-ଗୌରୀ ତୁଲ୍ୟ ବିଷାଦାନ୍ତ କାବ୍ୟ-କବିତାର ସମ୍ପୂର୍ଣ୍ଣ ବରୋଧୀ ଥିଲେ । ଏହାର ଜ୍ୱଳନ୍ତ ପ୍ରମାଣ—ତାଙ୍କର ପ୍ରାଥମିକ ରଚନା (ନବ୍ୟଯୁଗର) "ଇନ୍ଦୁମତୀ" ବ୍ୟତୀତ ତପସ୍ୱିନୀ, ପ୍ରଣୟବଲ୍ଲରୀ, କୀଚକବଧ, ଅଯୋଧ୍ୟାଦୃଶ୍ୟ ପ୍ରଭୃତ ପ୍ରତ୍ୟେକ କାବ୍ୟ କବିତାରେ ରଚନାଶୈଳୀ ତଥା ଭଙ୍ଗୀରୁ ସୁସ୍ପଷ୍ଟ ପରଚୟ ମିଳେ ।

(୩) ପଦ୍ମିନୀ—ମେହେର କବିଙ୍କର ଅସମ୍ପୂର୍ଣ୍ଣ କାବ୍ୟବିଶେଷ ।

ହସହସ ହୋଇ ତୋ ଚରଣ ଧୋଇ
ଦେବ ସେ ସ୍ୱର୍ଗଙ୍ଗା-ଜଳେ ।

ବସନ୍ତ-ଗ୍ରୀଷମ- ବରଷା-ଶରଦ
ସହ ହେମନ୍ତ ଶିଶିର
ନନ୍ଦନବନର ଫୁଲହାର ଗୁନ୍ଥି
ମଣ୍ଡିବେ ତୋ' ବକ୍ଷ ଶିର ।

(୧) ଆଦିକବିଙ୍କର ଆଦେଶେ କୋକିଳ
ପାରିଜାତ ଡାଳେ ବସି
ଗାଇବ ତୋ ଯଶଃ- ସଙ୍ଗୀତ ଅଜସ୍ର
ବାଇ କଳକଣ୍ଠ ବଂଶୀ ।"

ଏହା କହି ଦେବୀ ଦୀର୍ଘଶ୍ୱାସ ଛାଡ଼ି
ସମ୍ବରିଲେ ଶୋକ-ଭାଷା
ଅଦ୍ୟାପି ସେ ଛବି ସ୍ମୃତିପଟେ ଆଙ୍କି
ଦିଏ "ଚଇତ-ଅମାସ୍ୟା" ।

(୧) ଆଦିକବି—ବ୍ରହ୍ମା, ମହର୍ଷି ବାଲ୍ମୀକି ।

# ପ୍ରଣୟ-ନିର୍ଝର

# ଭୂମିକା

ଶ୍ରୀଯୁକ୍ତ ଖଗେଶ୍ୱର ଶେଠଙ୍କ ପ୍ରଣୀତ 'ପ୍ରଣୟ-ନିର୍ଝର'ର ପାଣ୍ଡୁଲେଖ୍ୟ ପାଠ କରିବାର ସୁଯୋଗ ମୋତେ ମିଳିଛି । ମାନବର ଆଦିମ କାଳର ଆଦିମ ପ୍ରବୃତ୍ତି ପ୍ରଣୟ ଓ ତାହାର ମହିମାମୟ ମହତ୍ତ୍ୱ ତଥା ମାଧୁରୀ ପୁସ୍ତିକାଟିର ଉପଜୀବ୍ୟ ବିଷୟ । ଏକଦା କାବ୍ୟ-ନାୟକ ନିଜ ତରୁଣ ଜୀବନରେ କୌଣସି ବାଲ୍ୟ-ବିବାହିତା ତରୁଣୀର ପ୍ରଣୟରେ ଆକୃଷ୍ଟ ହୁଅନ୍ତି ଓ ସେହି ପ୍ରଣୟର ପୂର୍ଣ୍ଣ ଉପଭୋଗ ନ ହେଉଣୁ ତାଙ୍କର ବିଚ୍ଛେଦ ସଂଘଟିତ ହୁଏ । ବିଚ୍ଛେଦର ଏକବର୍ଷ ଅବ୍ୟବହିତ ପରେ ବର୍ଣ୍ଣିତ ନାୟିକାର ମୃତ୍ୟୁ ହୁଏ ଓ ସେହି ମୃତ୍ୟୁରେ ପ୍ରଣୟୀର ବିରହ-ବ୍ୟଥିତ ପ୍ରାଣରେ ମର୍ମନ୍ତୁଦ ବେଦନା ଅନୁଭୂତ ହେବାରୁ ସେ 'ପ୍ରଣୟ-ନିର୍ଝର'-ବିଷାଦରାଗିଣୀ-ମର୍ମରିତ ଗିରିନିର୍ଝରର ସ୍ୱନ ତୋଳନ୍ତି । ଶେଠ ମହୋଦୟ ଏହି ଗାନରେ ସଂବେଦନ ମର୍ମସ୍ପର୍ଶୀ କରାଇ ପାରିଛନ୍ତି । ପୁସ୍ତିକାଟିର ଉତ୍ତରଭାଗ ପାଠକଲେ ଚକ୍ଷୁ ଅଶ୍ରୁସିକ୍ତ ହୁଏ । କରୁଣରସର ମଧୁର ମୂର୍ଚ୍ଛନାରେ ଏହା ମୂର୍ଚ୍ଛିତ ।

ଲେଖାଟିର ଭାଷା ହୃଦୟଗ୍ରାହୀ; କିନ୍ତୁ ସବର୍ଣ୍ଣ ଉପଧା ତଥା 'ର' ଅନ୍ତ୍ୟ ରକ୍ଷା ଦିଗରେ ସେ ତୀକ୍ଷ୍ଣ ଦୃଷ୍ଟି ଦେଇଥିବାରୁ ସ୍ଥଳେ ସ୍ଥଳେ ଭାଷାର ଉତ୍ଥାନ ପତନ ଘଟିଛି । ଯୁଗ ଅନୁଯାୟୀ ଭାଷା ଅପେକ୍ଷାକୃତ ଆଉ ଟିକିଏ ସରଳ, ତରଳ ତଥା ସୁବୋଧ ହେବାର ଥିଲା । ସ୍ଥଳେ ସ୍ଥଳେ କାବ୍ୟରେ ବହିର୍ବସ୍ତୁ ଓ ବିଶେଷତ୍ୱ ପ୍ରଦର୍ଶନର ପ୍ରଚେଷ୍ଟା ହୋଇଥିବାରୁ ତହିଁରେ ପ୍ରଧାନ ବିଷୟବସ୍ତୁ ଅବହେଳିତପ୍ରାୟ । ଭଞ୍ଜୀୟ ପ୍ରଭାବରୁ ଶେଠ ମହୋଦୟ ସମ୍ପୂର୍ଣ୍ଣରୂପେ ଅବ୍ୟାହତି ପାଇ ପାରି ନାହାନ୍ତି । ଅଥଚ ତାଙ୍କର ବଳିଷ୍ଠ ଅଭିବ୍ୟକ୍ତି ସେ ଦିଗରେ ତାଙ୍କୁ ନୂତନ ଭାବରେ ଠିଆ କରାଇ ପାରିଛି । ସବର୍ଣ୍ଣ ଉପଧା ଓ 'ର' ଅନ୍ତ୍ୟ ରକ୍ଷା ଅକ୍ଷୁଣ୍ଣ ଥିବାରୁ ପଦମାଧୁରୀ ବୃଦ୍ଧି ପାଇଛି । ଗୋଟାଏ କଠିନ ନିୟମରେ ଆବଦ୍ଧ ଥାଇ ହୁଏତ ସେ ମୁକ୍ତ ଆକାଶର ବିହଙ୍ଗମ ଭଳି କ୍ରୀଡ଼ା କରିବାର ଅବସର ପାଇ ପାରି ନାହାନ୍ତି । ତଥାଚ

ଭାଷାର ସରଳତା ଏବଂ ଗମ୍ଭୀର ଭାବ ରକ୍ଷା ଦିଗରେ ସେ କମ୍ ପ୍ରତିଭାର ପରିଚୟ ଦେଇ ନାହାନ୍ତି । ସ୍ଥାନେ ସ୍ଥାନେ ପ୍ରାଦେଶିକ (ସମ୍ବଲପୁରୀ) ଶବ୍ଦର ପ୍ରୟୋଗ ନେଇ ଭାଷାର ସାର୍ବଜନୀନତା ନଷ୍ଟ ହେବାର ସେତେ ଆଶଙ୍କା ଆସେ ନାହିଁ; ଯେହେତୁ ଅନେକସ୍ଥ ପୁସ୍ତିକାଟିର ରସ ପରିପୁଷ୍ଟିରେ ଏହା ସହାୟ ହୋଇଛି । ପକ୍ଷାନ୍ତରେ ପ୍ରଣୟ-ମଧୁର ପରିବେଷଣ ସହ ସମାଜପ୍ରତି ଶିକ୍ଷାର ତିର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ ତାଙ୍କର ନବୋନ୍ମେଷଶାଳିନୀ ପ୍ରଜ୍ଞାର ପରିଚୟ ଦିଏ ଓ ଗୋଟିଏ ଗୋଟିଏ ପଦରେ ପ୍ରତିଭାଶାଳୀ କବିର କବିତ୍ୱ ସୂଚନା ମିଳିଥାଏ । ଦୈନ୍ୟ ପ୍ରପୀଡ଼ିତ ଜୀବନରେ ଶେଠ ମହୋଦୟଙ୍କ ଏଭଳି ସାଧନା ପ୍ରଶଂସନୀୟ ।

ବିଚ୍ଛେଦ ପରେ ପ୍ରଣୟିନୀ ନିକଟକୁ ପ୍ରେରିତ ପତ୍ର 'ପ୍ରଣୟ-ପତ୍ରିକା' ନାମରେ ପରିଚିତ । ଏହା ପୁସ୍ତିକାଟିର ଶେଷ ଭାଗରେ ସନ୍ନିବିଷ୍ଟ । ଏଥିରେ ମଧ୍ୟ ଭାଷା, ଭାବ, ତଥା ମୌଳିକତା ନେଇ ଲେଖକଙ୍କର କମ୍ କଳାପାଟବ ପ୍ରକାଶ ପାଇନାହିଁ । ଅଧିକନ୍ତୁ, ପ୍ରଣୟ ସମ୍ପର୍କୀୟ ପାରିଭାଷିକ ଶବ୍ଦ 'ଟେକ-ପାସୋରି-ପସରି', 'କାମ-ଦରବାର' ପ୍ରଭୃତିର ପ୍ରୟୋଗରେ ଲେଖକଙ୍କର ନବ-ଉଦ୍ଭାବନୀ ଶକ୍ତିର ପରିଚୟ ମିଳେ । ତଦୁପରି ପ୍ରେମର ମଧୁର-ସ୍ପନ୍ଦନରେ ପୁସ୍ତିକାଟି ଯେପରି ଉଚ୍ଛଳ, ରସିକତାର କୋମଳ ଉନ୍ମେଷ ନେଇ ତାହା ସେପରି ସ୍ୱାଦ୍ୟ ଓ ହୃଦ୍ୟ । ସ୍ଥୂଳତଃ ରଚନାଟି କବିତ୍ୱମୟୀ ହୋଇ ପାରିଛି । ଇତି ।

ପାଣିମୋରା
୮-୪-୪୯

ଶ୍ରୀ କେଶବ ମେହେର

# ପ୍ରଣୟ-ନିର୍ଝର

## ପୂର୍ବଭାଗ

### ( ସମ୍ଭୋଗ ବା ମିଳନ )

( ରାଗ—ରାମକେରୀ )

(୧) ଥିଲା ଏକ ପଲ୍ଲୀଗ୍ରାମରେ
ଗୋଟେ କୁଚଆ ଘର,
ସେ ଘର-ଅଳ୍ପଲୀ ବିଜୁଳି
ଯେସନେ କଳାମେଘର ।
ବଡ଼ ଧି' ଭଉଣୀ ମା' ବାପ
ପୁଣି ବେନି ସୋଦର,
ସଭିଙ୍କରଠାରୁ ପାଏ ସେ'
ଅତି ସ୍ନେହ ଆଦର ।
ଉଚ୍ଚ ଶିକ୍ଷିତା ନ ହେଲେହେଁ
ଉଚ୍ଚ ଜ୍ଞାନ-ସମ୍ଭାର,
ପରିଚୟ ଦେଉଥିଲା ତା'
ଆଚରଣ ବେଭାର ।
ପଢ଼ି ବୁଝିପାରେ ସଙ୍ଗୀତ
ନାଟ୍ୟ ନାନା ରଙ୍ଗର,
ସରଳ କବିତା ତରଳ
ଭାବ ଭଙ୍ଗୀ ତଗର ।

---

(୧) କୁଚଆ—ଜାତିବିଶେଷ ।

ଉପମାନ-ଅପମାନଦା
ନବ ସୁରସିକାର,—
ରୂପ-ଛବିଗାନ କବିର
ବୃଥା ଶ୍ରମ ସ୍ୱୀକାର ।

ଗୋଲ ପୟୋଧର ଗୋଲପ
ଧର ରଙ୍ଗାଧରର,
ପରତେ କେ' ଯିବ ନ ଦେଖି
ଥରେ ଖୋଲ ଶରୀର ।

(୧) ରୂପଗରବଣୀ ଗୁପତ-
ପ୍ରେମ-ଧୈର୍ଯ୍ୟ ଗୁମର,
(୨) ପେଷିବାକୁ ପେଷି ଥିଲ କି
ତାକୁ କଞ୍ଜକୁମର ?

ଷୋଳବୟସୀ ସେ' ସୁନ୍ଦରୀ-
ମଣି ରମଣୀବର,
ପୀରତି ଆପନେ ପରତି-
ଦାନ ଦାଏ ଖବର ।

(୩) ସଜଫୁଟା ରଜ ଉକୁଟା-
କମଳମି-ପ୍ରେମର,
(୪) କହ୍ଲରକୁ ଏଡ଼ି ଦେଇଛୁ
କେଉଁ ମୂଢ଼ ଭ୍ରମର ।

ଲଗିଲ ଦୁହିଙ୍କ ଗଳାରେ
ଦୃଢ଼ ପୀରତି-ଡୋର,
(୫) ପ୍ରେମ-ହୁମାଗୁଡ଼-ଗଣ୍ଡରେ
ବୁଡ଼ି ହେଲୁଁ କୁଡ଼ୋର ।

---

(୧) ରୂପଗର୍ବିଣୀ—"ମୁଁ ସୁନ୍ଦରୀ" ଏହି ଧାରଣାରେ ଯେଉଁ ସ୍ତ୍ରୀର ଅଭିମାନ ଥାଏ ।
(୨) କଞ୍ଜକୁମର—ବ୍ରହ୍ମା । (୩) ରଜ ଉକୁଟା—ପୁଷ୍ପଧୂଳି ମାଖିଥିବା; ରଜୋବତୀ ହୋଇ ସାରିଥିବା । (୪) କହ୍ଲର—ସୁବାସ; (ଲକ୍ଷ୍ୟାର୍ଥରେ) ଆହ୍ୱାନ । (୫) ହୁମାଗୁଡ଼ି—ହୁମାରେ ଥିବା ଶିବମନ୍ଦିର । ଏହା ସମ୍ବଲପୁରର ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ ।

ପ୍ରେମରସଭରା ସଙ୍ଗୀତ
ହେଲା ସିଦ୍ଧି ମନ୍ତ୍ରର,
ମନ ମୋହିନେଲା ମନୋଜ-
ପୂଜାବିଧି ଯନ୍ତ୍ରର ।

ଭୁଲିଗଲା ମନ ସମସ୍ତ
ସ୍ନାନ-ପାନ-ଆହାର,
ସୁଧାକଣା ମଧୁ-ପ୍ରସାଦ
ପାଇ ରତିନାହାର ।

କ୍ଷଣିକ ବିଚ୍ଛେଦ ଲାଗିଲା
ପ୍ରାଣେ କୋଟି ବତ୍ସର,
ପୀରତି-ପଥରେ ନ ଘଟି-
ବାରୁ ବାଧା-ମତ୍ସର ।

ନିରୂପଣ କରେ ରସିକା-
ରାଣୀ ତା' ଅଭିସାର,
ଘରେ ବା ବାହାରେ ସମସ୍ତ
ଜାଣି ଦିବା ନିଶାର ।

ଶୁଶ୍ରୂଷା-ମରମ ବୁଝିବ
ଯେହୁ ପ୍ରେମ-ଚତୁର,
ମଦନେ ସେ' ଦିନ ଚତୁରା-
ମନ ହୁଏ ଆତୁର ।

ପଠାଇଦିଏ ସେ' ମୋ'ଠାକୁ
ଚିରା ପାନ ପତର,
ସିଞ୍ଚା ହୋଇଥାଏ ତହିଁରେ
ବିନ୍ଦୁ ବିନ୍ଦୁ ଅତର ।

ଯେତେ ଦିନ ଥାଏ ସୁନ୍ଦରୀ-
ଭାଲେ ଟିକା ସିନ୍ଦୂର,

କୁଡ଼ୋର—ମତ୍ସ୍ୟବିଶେଷ । ଏହି ଜାତୀୟ ମତ୍ସ୍ୟଦଳ ବର୍ତ୍ତିତ ଗୁଡ଼ର ଘାଟରେ (କୁଡ଼ୋର) ନିର୍ଭୀକ ନିରାପଦ ଭାବରେ ସନ୍ତରଣ କରୁଥିବାର ଦେଖାଯାଏ ।

ସେତେଦିନ ଯାଏ ତା’ପାଖୁଁ
ମୋତେ କରାଏ ଦୂର ।

ଯେଦିନ ମାଜଣା-ବାଜଣା-
ଊଣା ପାଦ-ନେପୁର,
ଜଣାଏ ସେଦିନ ଯିବାକୁ
ବାଲା ସଙ୍କେତ ପୁର ।

ଚଲାପାଙ୍ଗୀ କଲା କୁନ୍ତଳା-
ଆଖି କଜଳ ଗାର,
ଦେଖିଦେଲେ ଜଠେ ମରମେ
ଜଳ କାମ ଅଙ୍ଗାର ।

କାମକାଣ୍ଡ ବାଜ ନଥିବା
ଦିନେ ସାଜ ହେବାର,
ବଦଲେ ଯେ ଗୀତ ସେ’ ଜାଣେ
ପ୍ରୀତି ମାଜ ଦେବାର ।

ରଖିବାକୁ ଝାଣ ପକାଏଁ
ଗୁଣ ଯେବେ ଠେକର,
(୧) ‘ନଖି’ ବୋଲ ମୃଦୁ ମଧୁରେ
ହସି ଛଡ଼ାଏ କର ।

ଲପନଠୁଁ ବେଶି ଗୋପନ
କଥା କହେ ନେତର,
କାନଠୁଁ ମୋ ଗାନ ଅଧିକ
ଶୁଣେ ତାର ଅନ୍ତର ।

ଲଜରଖା ଅଙ୍ଗେ ନଜର
ଦେଲେ ରସାଳସାର,
ଘୋଡ଼ାଇବା ଛଳେ ବଢ଼ାଇ
ଦିଏ ଶୋଭାର ସାର ।

(୧) ନଖି—ଗୁଣ (କରଆ-ସମ୍ବଲପୁରୀ ଶବ୍ଦ) ନକାଟିବାପାଇଁ ବାମହସ୍ତର ଦୁଇଟି ଅଙ୍ଗୁଳର ନଖଦ୍ୱୟକୁ ଲଗାଇ ଏହି ନଖି ଶବ୍ଦ ଉଚ୍ଚାରଣ କରାଯାଏ । ଏହା ସମ୍ବଲପୁରୀ ଶବ୍ଦ ।

ପ୍ରୀତି-ମଧୁଚଖା ନବୀନ
ପ୍ରାଣେ ପ୍ରାଣବନ୍ଧୁର,
ହାସ-ଭାଷ-ବେଶ ସକଳ
ବୋଧ ହେଲା ମଧୁର ।

ସମସ୍ତ ବିଶେଷେ ଅଦେହ-
ଶରବିଦ୍ଧ ଦେହର,
(୧) ଗଂହ୍ୱଦ ଗନ୍ଧ ବି' ଆଣିଲା
ଅରବିନ୍ଦ କହ୍ଲର ।

ଘଡ଼ି ଯାଉଥାଏ ଏପରି
ଦିନେ ଦିନେ ବାସର,
ଜଣା ପଡ଼େ ନାହିଁ କିଦିନ
ଆଜ କେଉଁ ମାସର ।

ଇତର ଯାତରା ପରବେ
କିମ୍ବା ଓଷା ବ୍ରତର,
ପୂଜା ଭକତିରେ ନଥାଏ
ଆମ୍ଭ କିଛି ଖାତର ।

ପାଖ ଗ୍ରାମେ ରଥ ଯାତରା
ହେଲେ ହେଉଁ ହାଜର,
କାଳିଆ ସୁଭଦ୍ରା ଉପରେ
ସେତେ ନାହିଁ ନଜର ।

କିଣି ରଖୁଁ ଖଜା ମିଠାଇ
ଖଡ଼ା ପାନ ଅତର,
(୨) ଫେରିଲୁ ବେଳେ ତା' ଫିଟାଇ
ବାଟେ କରୁଁ ବିତର ।

(୩) ଆସିଲେ ସେପରି ଦଶରା-
ତାଳଖାଇ-ତିହାର,

(୧) ଗହ୍ୱଦ—ସ୍ୱେଦ । ଅରବିନ୍ଦ—ପଦ୍ମ, କାମଦେବଙ୍କର ପ୍ରଥମ ଶର । କହ୍ଲର—ସୁବାସ ।
(୨) ବିତର—ଆନନ୍ଦ ସହକାରେ ଭୋଗ୍ୟବସ୍ତୁର ରସାସ୍ୱାଦ ଗ୍ରହଣ (ସଂ:ଶ:) ।
(୩) ତିହାର—ପର୍ବପର୍ବାଣି (ସଂ:ଶ:) ।

(୧) ଅଙ୍ଗର ନଲଆ-ବାଲଆ
କୁଞ୍ଜେ କରୁଁ ବିହାର ।
ଦରଫୁଟା ହାସେ ବଢ଼ଆ
ରସେ ରଞ୍ଜି ଅଧର,
ସେ ବୋଲେ ମୁଁ ହେବ ରାଧିକା
ତୁମେ ମୋ' ବଂଶୀଧର ।
କାରତିକ ଶେଷେ ଯେକାଳେ
ପଶେ ମାରଗଶିର,
ମାର-ଅଦାଲତ ପଦାରୁ
ଖସେ ମଦାଳସୀର ।
(୨) କରମା ନାଟେ ଯେ ଦରମା
ଦିଏ ବୋଡ଼ାସମ୍ବର,
ଭାଗ ପାଇନାହିଁ, ନଥାଏ
ମଧ ଲୋଡ଼ା ଆମର ।
(୩) 'ଶୁଆନା' ନାଚର ଦେଖାଇ
ଦିଏ ନାନା କସୂର,

(୧) ନଲଆ—ଅପ୍ରଶସ୍ତ କ୍ଷୁଦ୍ର ନଦୀ । ଲକ୍ଷିତ ନଲଆର ନାମ "ଗଣ୍ଡା ମେହେର" । ଏହାର ଧାର ଅଙ୍ଗନଦୀରେ ପଡ଼େ ।

(୨) କରମାନାଟ—ବୋଡାସମ୍ବର ଅଞ୍ଚଳର କରମା ନାଟରେ ପ୍ରାୟ ୮।୧୦ ଜଣ ଯୁବକ ଏବଂ ଅଧିକାଂଶ ଯୁବତୀ-ଟୋକୀ ଯୋଗ ଦିଅନ୍ତି । ପିଲମାନେ ମାଦଳ ବଜାଇବେ । ଟୋକୀମାନେ ଗୀତ (ଆଦିରସାତ୍ମକ ଯୋଡ଼ାଯୋଡ଼ି ଗୀତ) ଗାଇ ଗାଇ ଶ୍ରେଣୀବଦ୍ଧ ଭାବରେ ନୃତ୍ୟ କରିବେ । ବିଶ୍ରାମ ଆବଶ୍ୟକ ହେଲେ ଗୋଟାଏ ନିର୍ଜନ ଗୃହରେ ସମସ୍ତେ ମିଳିମିଶି ଶୋଇବେ । ସେମାନଙ୍କର ଏହି ଆମୋଦ ପ୍ରମୋଦ ହିସ-କଉତୁକର ଉପଭୋଗକୁ ଏଠାରେ କରମା ନାଟର ଦରମା ବୋଲି ନିର୍ଦ୍ଦେଶ କରାଯାଇଛି ।

(୩) ଶୁଆନା—ଏହି ନାଚରେ ବିଶେଷତଃ ଇରିଆ ଜାତିର ଟୋକୀମାନେ ଯୋଗ ଦିଅନ୍ତି । ସେମାନେ ନିଜ ଗ୍ରାମରେ ଏବଂ ପାଖ ପଲ୍ଲୀଗ୍ରାମରେ ମଧ ଘରଘର ବୁଲି 'ଶୁଆଦେବୀ'ଙ୍କ ନାମରେ ଗୀତ ଗାଇଗାଇ ହାତରେ ତାଳ ପକାଇ ଶ୍ରେଣୀବଦ୍ଧ ଭାବରେ ନୃତ୍ୟ କରନ୍ତି ଏବଂ ରାତି ସମୟରେ ଯେଉଁ ଗ୍ରାମରେ ସେମାନେ ରହି ଯାଇଥିବେ, ସେହି ଗ୍ରାମର କରମା ନାଟରେ ଯୋଗ ଦିଅନ୍ତି । କସୂର—ଦୋଷ ।

(୧) 'ହୁମୋ' ଗୀତରେ 'ସେ' ଲଗାଏ
ଭଙ୍ଗା ସଙ୍ଗୀତ-ସୁର ।

(୨) ସେ କାଳରେ ବସି ନ ଥିଲା
କେତି ହାଟ ବଜାର,
(୩) ଷ୍ଟୈର ପ୍ରେମେ ପ୍ରତିଯୋଗିତା
ଯହିଁ ଦେଖାନ୍ତି ଜାର ।

ପାଇଯାନ୍ତି ତହିଁ ଅନେକେ
ନିଜ ଯୋଗ୍ୟୋପହାର,
ଯୋଗ୍ୟତାନୁଯାୟୀ ଲାଞ୍ଛନା-
ନିନ୍ଦା-ଲଜ୍ଜା-ପ୍ରହାର ।

(୪) ଅଭିସାରିକାର ସ୍ୱୀକାର
ନେଇ କେଉଁ ନାଗର,
(୫) ପଥ ଶୁହେଁ ତେଜି ଥରକୁ-
ଥର କର-ଜାଗର ।

ପରପୁରୁଷର ଛଇଚ
ପରଶରେ ଯାହାର,
ସତୀତ୍ୱ-ମହତ୍ତ୍ୱ ଦେହରୁ
ହୋଇଯାଏ ବାହାର ।

ସେମାନଙ୍କ ମଧ୍ୟୁ ଅନେକ
ସଜି ହର ହାଟର,

---

(୧) ହୁମୋ—ସମ୍ବଲପୁର ପ୍ରଭୃତି କେତେକ ଅଞ୍ଚଳରେ ଟୋକାମାନଙ୍କର ରାତ୍ରିକାଳୀନ ଖେଳବିଶେଷ । ଏହି ଖେଳରେ ଟୋକାମାନେ ଅନେକ ଢ଼ଙ୍ଗର ସୁର୍‌ରେ ଗୀତ ଗାଇ ଗାଇ ଆମୋଦ ଅନୁଭବ କରନ୍ତି । ସେମାନଙ୍କ ଗୀତରେ ସମସାମୟିକ ସମାଜର ଚିତ୍ର, ସୁଖଦୁଃଖ ସମ୍ପୃକ୍ତ ମନୋଭାବ ଆଦି ସରଳ ପଲ୍ଲୀଭାଷାରେ ପରିସ୍ଫୁଟ ହୋଇଥାଏ । ହୁମୋ ଗୀତକୁ ପଲ୍ଲୀ-ସାହିତ୍ୟର ଉପାଦେୟ କବିତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

(୨) ହରବକାର— ହଣହାଟ । (୩) ଜାର—ଲମ୍ପଟ ।

(୪) ଅଭିସାରିକା—ନାୟିକାବିଶେଷ; ଯେଉଁ ସ୍ତ୍ରୀ ପରପୁରୁଷ-ସହବାସ ଇଚ୍ଛାକରି ସଙ୍କେତ ସ୍ଥାନକୁ ଗମନ କରେ । (୫) କରଜାଗର—ଟର୍ଚ୍ଚଲାଇଟ୍ ।

ଅଭିନେତ୍ରୀ ସାଜ ଚଳାଇ
ଥାନ୍ତି ପ୍ରେମ-ଥେଟର ।

ଅନ୍ଧାରିଆ ନିଜ ଘରକୁ
ଦିନବେଳେ ଯା’ ଡର,
ତେଲଘଣା-ତେଲ, ମଳରେ
ଗଣା ଯାର ମୁଁଙ୍ଗ୍ଡ଼ର ।

ବିଜନ ପ୍ରାନ୍ତରେ ଲମ୍ପଟ
ଭୁଲେ ସେ ରସିକାର,
ଟଣନ୍ତି ବାରେନା’ ବାଲିଆ
ଧୂଳି ସ୍ଥାନ ବିକାର ।

ପଚ୍ଛରିଲେ ଲଜ୍ଜେ ନଦିଏ
ଯେଉଁ ନାରୀ ଉତ୍ତର,
ସଚ୍ଚା ଖାତିରେ ଯେ’ ଲୋକଙ୍କ
ନେବେ ଘର ସୁତର;

(୧) ଦିନକ ମଧ୍ୟେ ଯେ’ ସାରନ୍ତି
ସାର ଧନ ଲଙ୍କାର,
କି ନ କରେ ନାରୀ-ଚରିତ-
ହାଣ୍ଡି ହରିବଜାର ?

ପରଦାଦ୍ୱେଷିଣୀ କେତେକ
ପରମଦା ସେଠାର,
ନେତ୍ର ତାଙ୍କ ଦେଉ ନଥାଏ
ମାନ ଗୃହାଣୀ-ଠାର ।

ବିବେକ-ଜ୍ଞାନସ୍ତ୍ରୀ ସତୀତ୍ୱ-
ତେଜ ପରଦା ଯା’ର,
କି କରିବେ ତାଙ୍କୁ କାମାନ୍ଧ-
ଜାର ଶତ ହଜାର ?

(୧) ହରିବଜାର—ହରିହାଟ ।

ଫନ୍ଦା ରଖାଇ ତା’ ଅଶୋକ-
ବନେ ପ୍ରେମଧନ୍ଦାର
(୧) ଚୁମ୍ବି ପାରନ୍ତା କି ଭ୍ରମର
ସୀତା-ଓଷ୍ଠ-ମନ୍ଦାର ?

ନଥିଲେକି ଯଦୁବଂଶରେ
ବିଶ୍ୱବିଜୟୀ ବୀର,
କେ ରୋଧି ପାରିଲା ପୀରତି-
ଇଚ୍ଛା ଭଦ୍ରାଦେବୀର ?

ନମାନେ କଣ୍ଟକ ଅଟକ
ପ୍ରୀତି-ଦେବୀ ପଯୂର,
(୨) ନିନ୍ଦା ଲଜ୍ଜା ବାଧା ଯା’ ଦାସୀ,
ଭୟ ଯାର କୋଯୂର ।

କର ଯୋଡ଼ି ରହେ ଅଗ୍ରତେ
ମୂଢ଼ ସମାଜ-ଡର,
ମୁଣ୍ଡ ନଇଁ ରହେ ପୀରତି-
ତେଜେ ଟେରବାଡ଼ର ।

(୩) ପୀରତିର ଗ୍ଲାତ ବଜର-
ଠାରୁ ବେଶି ବଜର
ପ୍ରକୃତି-ଧମକ ଦାଉକୁ
ମଧ୍ୟ ନାହିଁ ନଜର ।

(୪) ମଇଧାନ ଖରା ପ୍ରଖରା
ଝାଞ୍ଜି ବଇଶାଖର,
(୫) ପ୍ରୀତି ଆଗେ ସବୁ ତରଣ
ହୋଇଯାଏ ଆଖର ।

(୧) ଭ୍ରମର—ଭୃଙ୍ଗ, କାମୁକ ।
(୨) କୋଯୂର—ଗ୍ଲୁକର । (୩) ବଜର—ବଜ୍ର ଓ କଠିନ ।
(୪) ଝାଞ୍ଜି—ଗ୍ରୀଷ୍ମକାଳୀନ ଝଂଝାବାତ । (୫) ଆଖର—ଶେଷ ।

ଇତସ୍ତତଃ ଝୁଏ ଭରସା
ଗୁଢ଼ ବରଷାଧାର,
ମନଫଣ୍ଟା ହୋଇ ପଳାଏ
ଘନଘଣ୍ଟା ଅନ୍ଧାର ।

(୧) ଅରାତି ହେବାର ଭୟରେ
ପଡ଼ି ରାତିଯାକର,
(୨) ବିନୟରେ ପ୍ରୀତି-ପୟର
ଧୂଏ ଶୀତ-କାକର ।

ମନ୍ତ୍ରରେ ପ୍ରୀତିର ମହିମା
ବେଶି ବୁଝନ୍ତି ହର,
ବିଲେପନ ସତୀ-ଦଗଧ-
ଭସ୍ମ ଯା'ର ଦେହର ।
ପ୍ରିୟା-ଅସ୍ଥିମାଳା ବକ୍ଷରେ
ବହି ଚର ଈଶ୍ୱର,
ଅର୍ଦ୍ଧାଙ୍ଗ ଶରୀରେ ବୋଲନ୍ତି
ଯେହ୍ନୁ "ନାରୀ-ଈଶ୍ୱର" ।

(୩) ଗୁରୁଦାରା ତାରା ପ୍ରେମରେ
ଚନ୍ଦ୍ର କଳଙ୍କାକାର,
(୪) ଗୁଡ଼ାକେଶଙ୍କର ତଥାପି
ସେ ତ ଚୂଡ଼ାଳଂକାର ।

ଭକ୍ତିମତୀ ରମା ନ ରଖି-
ବାରୁ ପ୍ରୀତି ଗୋଚର,
କାଣୀ ବୋଲ ତାଙ୍କୁ କହଲେ
ସର୍ବେ ଚର ଅଚର ।

(୫) କେଳିକଳାବତୀ ହେବାରୁ
ବାଣୀ ମୋହି ସାକାର,

---

(୧) ଅରାତି—ଶତ୍ରୁ । (୨) ଶୀତ—ଶୀତକାଳ । କାକର—ବରଫ, ଶିଶିର ।
(୩) ଗୁରୁ—ବୃହସ୍ପତି । (୪) ଗୁଡ଼ାକେଶ—ମହାଦେବ । (୫) ସାକାର—ଅନନ୍ତଶାୟୀ ବିଷ୍ଣୁ ।

(୨) ଲଭିକଲେ କେଳିକଳାଟି
ପ୍ରେମ-ପୁରସକାର ।
ଶିର ନେଲେ ପଦ୍ମା ପ୍ରାଣେଶ-
ପଦସେବା କାର୍ଯ୍ୟର,
ବୀଣାପାଣି ଅଧିକାରିଣୀ
ହେଲେ ପ୍ରେମ-ରାଜ୍ୟର ।

(୨) ଅଗାଧ ସାଗର ମନ୍ଥନ
କାଳେ ବଧି ନାଗର
ଉପୁଜିବା ଦେଖି ସରବ-
ଶେଷେ ପୀୟୂଷ-ଗର ।
ସୁଧା-'ସାରମଧୁ' ହିସର
'ନିଶା' କର ମିଶର,
ରଖିଲେ ରସିକ-ରସିକା
ଲାଗି ପୀରତି-ସର ।
ପ୍ରୀତିର ଗୌରବେ ସନ୍ଦେହ
ରଖି ଦେବ ଇନ୍ଦର,
ପରଖିଲେ 'ପ୍ରୀତି' ପୀୟୂଷ
ତୁଳା କର ମନ୍ଦର ।
ଓଜନରେ ଦେଖି ପୀରତି
ଚଳ ସୁଧା ଉପର,
ଲୋଭୀ ହେଲେ ତେଣୁ ଅହଲ୍ୟା-
ରୂପବନ୍ତି ରୂପର ।
ପବିତ୍ର ସରଳ ପ୍ରେମେ ତ'
ସମ୍ଭ୍ରମ ନାହିଁ ପାପର,
ଭାଗୀ ହୁଅନ୍ତେକି ବାସବ
ଗଉତମ ଶାପର ?

(୧) କେଳିକଳା—ସରସ୍ୱତୀଙ୍କ ବୀଣା । (୨) ନାଗର—ରସିକ ।

ରୂପଜାତ ମୋହ ଫାଶରେ
ସିନା ସ୍ୱର୍ଗ ରଜାର,
ଫୁଟିଗଲା ଭଗଦଂଶର
ଉପସର୍ଗ ହଜାର ।

ରୂପସୀ-ଗୁପତ ପ୍ରେମରେ
ପଶି କେତେ ନାଗର,
ଏଣୁପର ସିନା ବହନ୍ତି
ବାନା ନାନା ରୋଗର ।

(୧) ରୂପାଜୀବା ପ୍ରୀତି-ସେବାରେ
କେତେ କାମ-କୁକର,
ସବଳର ହୋଇ ହୁଅନ୍ତି
ଶେଷେ ଦୁଃଖ-ଆକର ।

କାହିଁ କେତେ କାମୀ କାମିନୀ-
ଙ୍କର ନାହିଁ ଜୁମାର,
(୨) ବରାଙ୍ଗ ଛେଦନ କରାଇ
ମଧ୍ୟ ମାରୁଛନ୍ତି ମାର ।

ଝରଣରେ କେତେ ପ୍ରଣୟୀ
କେତେ ପ୍ରଣୟିନୀର
ମରବେ ଝୁରୁଛନ୍ତି ନରକେ
ନେଉଁ ଲୋକଜନର ।

ବାମା-ବଚନରେ ପଡ଼ି କେ
ପ୍ରୀତି-ମିଠା ଜହର,
ମୂରୁଛି ନପାରି ଖାଉଛି
ପ୍ରାଣ ଖାଇ ଜହର ।

ତଥାପି ନ ଛୁଟେ ଜଗତେ
ପ୍ରୀତି-ଦେବୀ ଆଦର,

(୧) ରୂପାଜୀବା—ବେଶ୍ୟା । (୨) ବରାଙ୍ଗ—ଉପସ୍ଥେନ୍ଦ୍ରିୟ, ମସ୍ତକ ।

ଧନ୍ୟ ସେ ପୀରତି, ମାଧୁରୀ-
ଧନ୍ୟ ତା ସୁଆଦର ।

ଦିନୁଦିନ ବଢ଼ି ବହୁଛି
ଆମ୍ଭ ପୀରତି ଧାର,
ଅତିକ୍ରମ କରି ବାରଣ
ସାଧାରଣ-ବାଧାର ।

(୧) ବିପ୍ରଲବ୍ଧା କିମ୍ବା ଖଣ୍ଡିତା
କଳହାନ୍ତରିତାର,
ଭାବ ଅନୁଭବ ଦିନେ ବି
ଘଟି ନଥିଲା ତାର ।

କଟି ଯାଉଥିଲା ଏ ଭାବେ
ଦିନ କେଡ଼େ ସୁନ୍ଦର,
ଦେଖାଇଲା ବିଧି ବରଷ-
ଶେଷେ ନୂଆ ଛନ୍ଦର ।

ଗ୍ରାମବାସୀ-କୂଟମନ୍ତ୍ରଣା
କିବା କପାଳ-ଗାର,
କେ କହିବ ? ମୋତେ ପିବାକୁ
ହେଲା ନିଜ ଅଗାର ।

(୨) ପଉଷ ପୂର୍ଣ୍ଣମୀ-ସଞ୍ଜରେ
ଖଞ୍ଜରୀଟ-ଦୃଗାର,
କରକଞ୍ଜ ଧରି ହେଲା ତା
ଦିହଗଞ୍ଜ ଭୂଷାର ।

(୧) ବିପ୍ରଲବ୍ଧା—ସଙ୍କେତ କରି ସୁଦ୍ଧା ଯେଉଁ ନାୟକ ଯେଉଁ ସ୍ତ୍ରୀର ନିକଟକୁ ନଆସି ବିରାଗ କରେ, ସେହି ସ୍ତ୍ରୀକୁ "ବିପ୍ରଲବ୍ଧା" କୁହାଯାଏ । ନିଜ ପ୍ରଣୟୀଠାରେ ଅନ୍ୟ ସ୍ତ୍ରୀର ଅନୁରାଗ ଚିହ୍ନ ଦେଖି ଯେଉଁ ସ୍ତ୍ରୀ ଈର୍ଷା-କଷାୟିତ ହୁଏ, ସେହି ସ୍ତ୍ରୀକୁ "ଖଣ୍ଡିତା" ନାୟିକା ବୋଲଯାଏ । ଗୃହକାରୀ ହେଲେ ସୁଦ୍ଧା ଯେଉଁ ସ୍ତ୍ରୀ ପ୍ରଣୟୀକୁ ବିରାଗ କରି ପଶ୍ଚାତ୍ତାପ କରେ, ସେହି ସ୍ତ୍ରୀ "କଳହାନ୍ତରିତା" ନାମରେ ଅଭିହିତା ହୁଏ ।

21 (୨) ବର୍ଣ୍ଣିତ ବିଷୟ—୧୯୨୫ ଖ୍ରୀଷ୍ଟାବ୍ଦର ଘଟଣା ।

ବିଷଣ୍ଣ ବଦନେ ଭଣିଲ
ସଖି, ଏ କଳାକର,
ଅସ୍ତ ହେଲେ କାଲି ସଦନେ
ଯିବ ମେଲାଣି କର ।

ଅଧୀର ନହେବୁ ସୁଧୀର-
ମଣି ରମଣୀ-ହୀର,
ଧୈର୍ଯ୍ୟ ନ ଧରେ କି ପଦ୍ମିନୀ
ଦୂର ହେଲେ ମିହିର ।

ଶୁଣି ଏ ଭରସା ନ କର
ମତି ଅତି କାତର,
ଯକ୍ଷ-ଈଶ୍ୱର, ଯାଉଛି
ଧରି ପିଣ୍ଡ ମାତର ।

ହସି କହି ଶଶି-ବଦନ,
ଚିନ୍ତା କର ଅନ୍ତର,
ପ୍ରତି ମାସରେ ତ ପଠାଉ-
ଥିବ ପ୍ରୀତି-ପତର ।

ଯହିଁ ଥିଲେହେଁ ମୁଁ ତୋହର
ଯିନା ନବାନାବର,
ପ୍ରବୋଧନା ଦେବ ଅଧିକ
କସ କହି ଆବର ।

କଥା ନ କହୁଣୁ ଲୋତକ-ଧାର
ପ୍ରାଣବନ୍ଧୁର,
କହି ଦେଉଥିଲା ମରମ-ବ୍ୟଥା
ଝାଣ-ବନ୍ଧୁର ।

କତିକ୍ଷଣେ ରମା ଯତନେ
ପୋଛି ଅଶ୍ରୁ ପଜର,
ଏଣେ ତେଣେ ଚାହିଁ ମୋ'ଆଡେ
ପୁଣି ଢାଳି ନଜର ।

ଯା' ଉତ୍ତରଲ ତା' ସରଳ-
ପ୍ରାଣ ଭାବ-ଭାଷାର,
ରୂପାନ୍ତର ଆଣି ଉପାନ୍ତ୍ୟ
ମେଲେ ଲେଖୁଛି ସାର।

"ଯେବେ ଯିବ, ଜୀବଧନ ହେ
ମତେ କହ 'ତୁ ମର',
କାହାକୁ ଦେବ ଏ ସେନେହ-
କଣା ଦେହ ତୁମର?
ନେବ କନା ସଙ୍ଗେ କହ ତ'
ଭଲ ନବ କଶୋର,
ଗେଲ ଶଧରେ ତ ଲଗାଇ
. ଦେଲ ଭେଲକ-ସୋର।

ଜାଣି ମୁଁ ନଥିଲ ନାଗର,
ପ୍ରୀତିଭାବ ବେଭାର,
ଠାଣି ଦେଖାଇଲ ନୟନ-
ଶୋଭା ମନଲୋଭାର।

ମଖାଇଲ ବନ୍ଧୁ ଖିଆଲ-
ମୁଖେ ରଙ୍ଗ ତମର,
ଚଖାଇଲ ମଧୁ ନିଆଲ-
ମୁଖେ ହୋଇ ଭ୍ରମର।

ମୋହିବାକୁ ଅନବରତେ
ଆଉ ମନ କାହାର,
ଦେହେ ଭୂଷା ସାଜ ଚେହେରା
ମାଜ ହେବ ବାହାର?

ପିନ୍ଧାଇ ଦେବାକୁ କାହାର
ଗଳେ ପ୍ରେମୋପହାର,
ଗୁନ୍ଥି ରଖିଥିବ ଗୁପତେ
ମଲ୍ଲୀ-ଗୋଲାପ-ହାର?

କାହାକୁ ଡାକବ ବଜନ
ଦେଖି ନଜ ନବର,
(୧) ପରିହାସ ଛଳେ ସମ୍ବୋଧି
ଅରେ ହେ କବି-ବର ?

ତୁମୋ ଖେଳରେ ମୋ' ଘୋଷିବ
ଘୋଷା କାହା ଗୀତର ?
କା'କୁ ଦେଖି ଖେଳ ସଙ୍ଗିନୀ-
ମେଳେ ହେବ ଫିତର ?

'ବିଦେଶୀର ସଙ୍ଗ ହାଲଫା-
ରଙ୍ଗ' ଅତି ଅଚର,
(୨)' ମଣିଲି ଏ ମାତବାଣୀକ
ପ୍ରୀତି-ପଥ-ପ୍ରାଚୀର ।

ଉପହାସ କଲ ଯେ ସଖି
କହଥିଲ ଏ ଗିର,
ଅପଯଶ ଗାଇଦେବକ
ସେହି ଏ ଅଭାଗୀର ?

ଘାଟେ ବାଟେ ଦାଣ୍ଡ-ବଜାରେ
ଗଜାମୁଗ, ମକର,
ଗଙ୍ଗାଜଳ, ମିତ, ବଉଳ,
ସହି-ସଙ୍ଗାତଙ୍କର,

କେତେ ଆଖିଠାରି-ଟାପରା
ଟପାମରି-ପଥର,
ସହି ନେଇଚ୍ଛି ମୁଁ ତୁମରି
ଲାଗି ଥରକୁଥର ।

ଲୋକଲାଜ ଜାତି ସମାଜ-
କୁ ମୋ' ନାହିଁ ନଜର,

(୧) ବର—କାନ୍ତ, ପତି । (୨) ପ୍ରାଚୀର—କାନ୍ଥ ।

ଆଜଠାରୁ ମୋତେ ରସିକ-
ରାଜ କର ନଜର ।"
ରଙ୍ଗାଧର, ଦେଖି ଏ ରଙ୍ଗ-
ଢଙ୍ଗ ପାଖ ସାହିର,
ହସୁଥିବେ ଲୋକ ଆହୁରି
ନିନ୍ଦା ହେବ ଜାହିର ।

"କି ଅଛୁ ହସିଲେ ହସନ୍ତୁ
ସେହି ଭଗାରି ବାର
ସ୍ୱଭାବ ତାଙ୍କ ତ' ଅମୃତେ
ବିଷ ଉଗାରିବାର ।
ଚାତକୀ ପରାଏ ଚାହିଁଛୁ
ସଙ୍ଗେ ନେବା ଫିକର
ସ୍ଥିର କର ମନ ଉଚ୍ଛନ୍ନ,
ଧନ, ଧରୁଛି କର ।"

ପ୍ରେମ ଚାତକ, ଏ ଅସାର-
ଆଶା ଛାଡ଼; ଆସାର—
ସୁନିର୍ମଳ ଜଳ ଦେବକି
ଆଷାଢ଼ର କାସାର ?
ସୁକୁମାର, ଧନକୁମାରୀ
ତୁ ତ' ଧନୀ କୁମାର-
ପ୍ରକାଶ୍ୟ ପ୍ରଣୟୀ ତୋ ଯୋଗ୍ୟ
ସିନା, ମୋତେ ନ ମାର ।
ଭୋଗ-ବିଳାସିନୀ ସୌଭାଗ୍ୟ-
ବଣି ନାଗରୀବର,
ଦାସୀ ହେବୁ କପାଁ ସ୍ନେହରେ
ଭାସି ଏ ଗରବର ?

"ଉପର ଛାଉଣୀ-ଛଟକି-
ଛାୟା ଛାର ଧନର

ପରଶଂସା ସ୍ତୁତି, ତୁମେ ତ'
ଧନ, ମୋ ଜୀବନର ।
ଦରକାର ଯେବେ ପଡ଼ିବ
ଏହି ଧନ ଝଙ୍କାର,
ଅଛି ତୁମ୍ଭ ଗୁଣ, ଏବେ ତ'
ଅଛି ମୋ ଅଲଙ୍କାର ।
ଭବେ କି ସମ୍ଭବ ବିଭବ
କାର ରହୁଛି ଥିର,
ସ୍ଥିରତା କି ଅଛି ଶାରଦ-
ଶାର ସିନ୍ଧୁ-ବିଚର ?
ଜୀବଧନ, ଧନ-ଚିନ୍ତାରେ
ମନ ଊଣା ନକର,
କରୁଛି କାତର ମିନତି
ପୁଣି ଧରୁଛି କର ।"

ପ୍ରୀତି-ପାଗଳ, ତୋ' ଏ ଗୀତି
ଦେଖି ମାଆ ବାପର,
ପରାଣେ କକଣ୍ଟ ଆସିବ
ସେ' ତ ନୁହନ୍ତି ପର !

"ଜନମ ଦିଅନ୍ତି ଜଗତେ
ସିନା ମାତା ପିଅର,
କରମଦାତା ତ ନୁହନ୍ତି
କେହି ପୁଅଝିଅର ।
ଯା' ପ୍ରାଣେ ବେଦନା ସେ ଜାଣେ
ସିନା, ଅନ୍ୟ କାହାର
(୧) ଲୁହ ଝରିବକି ମାହାର୍ଯ୍ୟ-
କୋଳେ ଦେଖି ମାହାର ?

(୧) ମାହାର୍ଯ୍ୟ—ଦେବତାସ୍ଥାନର ନର୍ତ୍ତକୀ । ମାହାର—ନୀଚଜାତିବିଶେଷ, ମେହେର ।

ବର ହେବ ଯଦି ଗୋବର-
କାଠ ମଧୁ ମଲ୍ଲୀର,
ଘଟିବକି ମଧୁ ଚୁମ୍ବନ
ମଲ୍ଲୀ ଭାଗ୍ୟେ ଅଳିର ?"

କଥା ଶୁଣି ମଥା ଘୂରିଲା
ଚିତ୍ତ ହେଲା ଅଧୀର,
ହୃଦ-ଦୁର୍ବଳତା ଭୀରୁତା
ମୋତେ କଲା ବଧିର ।

ମୁଣ୍ଡ ଆଉଁସିଲି ତୁଣ୍ଡରୁ
ନ ଆସିଲା ଉତ୍ତର,
(୧) ରଙ୍ଗ-ଢଙ୍ଗ ଦେଲା ସୂତ୍ରଇ
ସ୍ନେହଭଙ୍ଗ-ସୂତର ।

ବରଷର ଶେଷେ ହରଷ-
ପ୍ରେମ-ରସ ଆଖର,
ଭାବ ଅନୁଭବ ଭାବନା-
ଶ୍ୱାସ ବହିଲା ଖର ।

(୨) ପାରିଜାତ ମଣି ଶେମଳି
ଫୁଲେ ସାଜୁଁ କବର,
(୩) ତରୁ ଉପରୁ କି ପଡ଼ିଲା
ଖସି ମାଳମୀବର ?

କହିଲି କାତରେ ମହିଳା-
ମଣି 'ନିଠ କିଶୋର,
ଠକିଲକି ମୋତେ କିଅବା
ମନୁ ଗଲା ପାସୋର ?

କହିଥିଲ ପରା ରହିବ
ବୋଲି ଚିର ବାସର,

(୧) ସୂତ୍ର—ବ୍ୟବସ୍ଥା । (୨) କବର—ଖୋଷା, କବରୀ । (୩) ମାଳମୀବର—ମାଲୁଣୀଶ୍ରେଷ୍ଠ ।

ଏ କି ଅଭିନୟ ଦେଖାଅ
ଆଜି ଅଭିଳାଷର ?

ଏତେ ଦଗାଦିଆ ପଥର-
ହିଆ ହେଲି ନାଗର,
ଆଗରୁ କାହିଁକି ଗରଳ
ନାହିଁ ଦେଲ ନାଗର ?

ତେଜିବି ପରାଣ କରୁଛି
ରାଣ ପରାଣେଶ୍ୱର,
ମୋ କଳଙ୍କ ଧରି ଶଶାଙ୍କ-
ପରି ହେବି ଭାସ୍ୱର ।

ପଦଧୂଳି ଦିଅ, ମରଣ-
କାଳେ ମାଖିବି ଶିର,
ଶେଷ ଚୁମ୍ବ ନିଅ, ଏ ଜନ୍ମେ
.................. !

## ଉତ୍ତର ଭାଗ

### ( ବିପ୍ରଲମ୍ଭ ବା ବିରହ* )

(ରାଗ—କଳହଂସକେଦାର)

ଜଟିଳ କୁଟିଳ ଏ ମାୟା ସସାର,
(୧) ପାପ-ପ୍ରେମ ବିଳାସ ମଣି ଅସାର;
ମୋ ହୃଦେ ଜାଳି ପୂତ- ପ୍ରୀତି-କର୍ପୂର,
ପ୍ରେୟସି, ମିଳିଲୁକି ସରଗପୁର ରେ !

*ବର୍ଣ୍ଣିତ ନାୟିକାର ବିୟୋଗ ୧୯୨୭ ଖ୍ରୀଷ୍ଟାବ୍ଦର ଘଟନା ।
(୧) ପାପପ୍ରେମ—ସମାଜର ବାଧତାମୂଳକ ପ୍ରେମ; ଇଚ୍ଛାବିରୁଦ୍ଧ ପ୍ରେମ ।

ଗୁଣବନ୍ତ, ତୋ' ଭକ୍ତି- ପ୍ରୀତି-ଆଦର,
ହେଉଅଛି ମୋ' ଗଣ୍ଠି- ଧନ ହୃଦର;
ମୋ ଶତ୍ରୁ-ସ୍ନେହତର ରତନାକର,
ସ୍ମୃତି-ଦେବୀର କ୍ଷୀର ସର ଶାକର ରେ !

କି ଲାଜେ ଗାଇ, ତୋର ନାମ ପ୍ରଚୁର,
କରିବି ବିବେକନ, କର ବିଚୂର;
ଆଦର୍ଶ ଦେଖାଇଛି ଯେ' ଯୋଗ୍ୟତାର,
ପଶୁ ପ୍ରାଣେ ତୁଳନା ନଥିବ ତାର ରେ !

କି ଭୂତ ବସା କଲା ମୁଣ୍ଡେ ମୋହର,
ରଙ୍କ ହୋଇ ମୁଁ ଫିଙ୍ଗି- ଦେଲି ମୋହର;
କ୍ଷୁଧାର୍ତ୍ତି ସୁଧାକୁ ଯା' କରିଛି ଦୂର,
କପାଂ ନ ପଡ଼େ ମୋର ବକ୍ଷେ ଉଦୁର ରେ ?

ବରଦା ମୁଣ୍ଡେ ଦେଇ ଟେଲା-ଠୋକର,
କଳ୍ପବଲ୍ଲୀକି ମୋଡ଼ି ଦେଲି ମୋ କର;
ଦୂଷିତ ହେବା ଭୟେ ବଇଶ୍ୱାନର,
ନ ଦହନ୍ତି କି ଦେହ ଏଇ ଶ୍ୱାନର ରେ ?

ପିପାସିତ ହୋଇ ମୁଁ ସ୍ୱର୍ଗଗଙ୍ଗାର,
ଧାରରେ ନିକ୍ଷେପିଲି ଖାର-ଅଙ୍ଗାର;
ଏ ମହା ପାତକର କି ପ୍ରତିକାର,
ଲେଖିଥିବ କି କେହି ସୁଶାସ୍ତ୍ରକାର ରେ ?

ମାନବୀ ହୋଇ କେହି ଏ ବ୍ୟବହାର,
ସହନ୍ତାକି ନକରି ଯଷ୍ଟି ପ୍ରହାର;
ଦେବି, ତୋ' ହୃଦ ଦୟା- କ୍ଷମା-ଆଧାର,
ନରାପଦେ ତୋ' ଦ୍ରୋହିଁ ହେଲି ଉଦ୍ଧାର ରେ !

ସେ ଦିବ୍ୟ ଗୁଣ-ରତ୍ନେ ଋଣୀ ମୁଁ ଝୁର,
ହୃଦରେ ଥୋଇ ସ୍ମୃତି- ଛବି-ମୁକୁର;

ଗୋଟିକ ଗୋଟି ଆଙ୍କି ଗୁଣନକର,
ଅଶ୍ରୁନେନେ ଆଜ ମୁଁ ତୋ' ଶବକର ରେ !

ସ୍ନେହ-ସାରଲ୍ୟ-ପ୍ରୀତି- ମୂର୍ତ୍ତି ଅନ୍ତର,
ଯେ' କାଳେ ମୋ ପାଖରୁ କଲୁ ଅନ୍ତର;
ଉଚ୍ଛୁଳ ପଡ଼ିବାରୁ ହୃଦ-ଆଧାର,
ଦେଇ ଗଲୁକି "ଶେଷ- ଚୁମ୍ବ" ଉଧାର ରେ ?

'ନ ଯାଅ' ବୋଲିବାର ତିନି ଅକ୍ଷର,
କହି ନ ପାରି ହାର ହେଲୁ ବକ୍ଷର;
ମଣିଲି ତୋ ଭୁଜକୁ ଭୁଜଙ୍ଗ-ହାର,
ସେ ପାପ-ବିଷଜ୍ୱାଳା ହେବ କାହାର ରେ ?

ନେଇଥିଲୁ ତ' ଧୂଳି ପାପୀ-ପାଦର,
ସତେ କି ରଖିଥିବୁ କରି ଆଦର ?
ନ ଯାଏ ପରାଣ ଯା' କରେ ଧିକ୍କାର,
ନରୁ ଜୀବନେ ମୋର କି ଅଧିକାର ରେ ?

ଭେଦ ଖିତି ନ ରଖେ ପ୍ରୀତିର ଉର
ଆଲିଙ୍ଗନେ ହସାଏ କାଳୀ-ଗଉର;
ଭେଦ-ମୀତି ଯେନି ମୁଁ ହେଲି ବର୍ବର,
କି ମୂଲ୍ୟ ଅଛି ମୋର, ପ୍ରେମ-ଗର୍ବର ରେ ?

ପରେ ଆନନ୍ଦ ଅର୍ପି ଥରକୁଥର,
ଯେ ପ୍ରେମ ଗୃହେଁ ନାହିଁ ଦାବି ସ୍ୱାର୍ଥର;
ସେ ପ୍ରେମରସ ହୃଦେ ପୂରି ତୋହର,
ଥିଲି ପ୍ରେମବଞ୍ଚିତ, ମୋ' ଦୁରିତ ହର ରେ !

'ସେବା', 'ସହିବା' ଧର୍ମ ଯେଉଁ ପ୍ରେମର,
ନିତ୍ୟ-ନୂତନ ଯେଉଁ ପ୍ରେମ ଭ୍ରମର;
ସେ ପ୍ରେମ-ସ୍ମୃତି ଆଜି ପ୍ରେମିକାବର,
ଶୋକ-ଅନଳେ ଦହେ ମୋ କଳେବର ରେ !

ପବିତ୍ର ପ୍ରେମେ ନର — ହୁଏ ଅମର,
ସେ' ପ୍ରେମ ଏଡ଼ି ହେଲ — ମୂଢ଼ ପାମର;
(୧) ପ୍ରିୟା ନ ଦେଖି ପ୍ରାଣ — ଦେଲ୍ ‘କେଦାର’,
ଧନ୍ୟ ସେ, ଧନ୍ୟ ତାର — ‘ଗଉରୀ’ ଦାର ରେ ।

ପ୍ରିୟେ, ଯେ' କାଳେ ଧରି — ବିରହ-ଜ୍ୱର,
(୨) ହତାଶେ ଫେରିଥିବୁ — ହୋଇ ଜର୍ଜର;
ପ୍ରବୋଧି ତୋତେ ପ୍ରିୟ- — ସଙ୍ଗିମାବାର,
କରିଥିବେକି ହୃଦ- — ବ୍ୟଥା ନିବାର ରେ ?

ସମ୍ମିଳନ ଦେଖାଇ — ନିଶାବିଧୁର,
ଯେ ସ୍ଥାନ ତୋତେ ମୋତେ — କଲ୍ ବିଧୁର;
ଅନାଇ ସେ ସ୍ଥାନକୁ — ଅନେକ ବାର,
ସଖି, ତୋ ଝରିଥିବ — ଲୋତକବାର ରେ !

ଜଣା ନ ଗଲ୍ କନ୍ତୁ — ତୋ' ସୁକୁମାର,
ତନୁକୁ ଆକ୍ରମିଲା — କେଉଁ ବେମାର;
ଗୁପତେ କରି କବା — ବିଷ ଆହାର,
ତାପେ ଝାଉଁଳିଗଲୁ — ମୋ ଚମ୍ପାହାର ରେ ?

‘ବଇଦପାଳି’ ରେ ତ' — ତୋ ଶାଶୁଘର
(୩) ବୈଦ୍ୟ ନ ଥିଲେକି ତୋ' — ରୋଗ-ଉଦ୍ଧର ?
ମହାବୈଦ୍ୟ ସମ୍ମୁଖେ — ସାକ୍ଷାତକାର—
ଘଟନା ଥିବ ଯା'ର — କି ପ୍ରତିକାର ରେ !

ହାସ ଉଲ୍ଲାସ-ସିନ୍ଧୁ- — ଆଶା ଲହର,
ସହସା ପାଲଟିବ — ଧାର ଲୁହର;
ଜୀବନ କଞ୍ଜ କଢ଼ି, — ନୋହୁଁ ନାହାର,
ଯିବୁ ତୁ ଝଡ଼ି ମନେ — ଥିଲା କାହାର ରେ ?

---

(୧) ‘କେଦାର’ ଓ ‘ଗୌରୀ’ଙ୍କର ପ୍ରଣୟ ବିବରଣୀ ‘ରାଧାନାଥ-ଗ୍ରନ୍ଥାବଳୀ’ରେ ଅନୁସନ୍ଧେୟ । (୨) ଜର୍ଜର—ଅବସନ୍ନ । (୩) ମହାବୈଦ୍ୟ—ଯମଦେବତା ।

(୧) ପଠାଇଥିଲି ଯେଉଁ ପ୍ରୀତି-ପତର,
(୨) ସେ ହେଲା ମୋ ହୃଦର କରପତର;
ଭୁଲିବା ଚିନ୍ତା କରେ ଯେତେ ପ୍ରକାର,
ସେ ଚିନ୍ତା ଧରି ଆଣେ ତୋର ଆକାର ରେ !

(୩) ତୋ ପ୍ରେମେ ବନ୍ଧା ହୋଇ ଭାରତୀଙ୍କର,
(୪) ସେବାରେ ହେଉଥିଲି ଆରତି-କର;
ଭୁଲି ପାରିବି କେମନ୍ତେ ସେ ଛବି-ତାର,
ସ୍ପନ୍ଦ ଆଣିଛି ଆଗେ ମୋ କବିତାର ରେ !

ବିଷାଦ ଚିହ୍ନ ଦେଖି ଏ ଅଭାଗାର,
ବଦନେ ଫୁଟିପଡ଼େ ବେଦନା ତାର;
ଫୁରୁଣା ଭରେ ଯଦି ମୋର ହୃଦର,
ଅରୁଣାଧରେ ସ୍ମିତ କରୁ ସୁନ୍ଦର ରେ !

ପ୍ରତିକୂଳ ନୋହି ମୋ ଅଭିରୁଚିର,
ପ୍ରୀତି-ଫୁଲ ତୋ' ଥିଲା ଅତି ରୁଚିର;
ପିଣ୍ଡରେ ଥିବାଯାଏ ପ୍ରାଣ ମୋହର,
ଭୁଲି ପାରିବି କେମନ୍ତେ ଗୁଣ ତୋହର ରେ !

ତୋ ମୁଖ ହାସଛଟା ଘନ ଅନ୍ଧାର-
ବକ୍ଷେ ବି ଢାଳୁଥିଲା ଆଲୋକ ଧାର;
ମେଣ୍ଟିବାରୁ ଆଜ ତୋ' ନାମ ଆକାର,
ଦିବସେ ଦେଖେ ମଧ୍ୟ ଅମାନ୍ଧକାର ରେ !

'ତୋ ପ୍ରେମ ବନ୍ଧନେ ମୋ ପ୍ରାଣ-ତିତିର,
ମୁକ୍ତ-ମାଧୁରୀ ଭୋଗୁ- ଥିଲା ପ୍ରୀତିର;

(୧) ନାୟିକା ନିକଟକୁ ଯେଉଁ ପ୍ରେମ-ପତ୍ର ପ୍ରେରିତ ହୋଇଥିଲା, ପାଠକମାନଙ୍କର କୌତୂହଳ ନିବୃତ୍ତି ନିମିତ୍ତ "ପ୍ରଣୟ-ପତ୍ରିକା" ଶୀର୍ଷକ ଚୌତିଶା ଆକାରରେ ଏହି ପୁସ୍ତିକାର ଶେଷରେ ସନ୍ନିବିଷ୍ଟ ହେଲା । (୨) କରପତ୍ର—କରତ । (୩) ଭାରତୀ—ବିଜେଶ୍ୱରୀ ପୂର୍ଣ୍ଣମାସୀ ଦେବୀ । (୪) ଆରତୀକର—ପୂଜାରୀ ।

(୧) ଏବେ ହେବାରୁ ତୋର ପାଶୁଁ ଅନ୍ତର,
ଛଟପଟ ହେଉଛି ସେ ନିରନ୍ତର ରେ !

ଅନୁଭବୁଛି ଭାବ ଯେତେ ଯୋଷାର,
ମୋ ନେତ୍ରେ ଗୋଲାପ ତୁ ତାଙ୍କ ଖୋଷାର;
ଆନ ପ୍ରିୟା ଏ ଝର ଗିରି ବନର,
ତୁ ଥିଲୁ ଫଲ୍‌ଗୁ ନଦୀ ମୋ ଜୀବନର ରେ !

(୨) ତୁ ହେଲେ କେଳିକଳା ମୁଁ ହୁଏ ତାର,
ମୁଁ ହେଲେ ଆଘାତ ଲୋ, ଧ୍ୱନି ତୁ' ତା'ର;
ତୁ ଥିଲୁ ଚନ୍ଦ୍ରରାତି ଏ ଚକୋରର,
ତୋ ବିରହେ ଆଜି ମୁଁ ହେଲି କୁରର ରେ;

ପାରିବାରିକ-ଚିନ୍ତା— ନଳ-ଧୂଆଁର,
ଅନ୍ଧକୂପେ ଆଜି ମୁଁ ଅନ୍ଧ, ଗୁଆଁର;
ତୋ ଖାତିରକୁ କଲି ଯା' ତିରସ୍କାର,
ଭାଗ୍ୟ ଦେଲା କି ମୋତେ ଏ ପୁରସ୍କାର ?

ଏବେ ବିବେକ ତେଜି ଆତ୍ମ-ଧିକ୍‌କାର,
ସାନ୍ତ୍ୱନା ଛଳେ କରୁ- ଅଛି ସ୍ୱୀକାର;
ସ୍ୱର୍ଗୀୟ-ପ୍ରେମ-ମୂର୍ତ୍ତି- ମଣି ଦେବୀର,
ପତିସୌଭାଗ୍ୟ କାହିଁ ପ୍ରେତସେବୀର ?

ତେବେ କି ବୁଝୁ ନାହିଁ ମନ ମୋହର,
କି କୁହୁକରେ ପଡ଼ି ମାୟା-ମୋହର;
ସ୍ମୃତିକି ଯେନ ଧାଏଁ ବାୟା ପ୍ରକାର,
(୩) ଲଙ୍ଘି ସରିତ-ବନ- ଗିରି-ପ୍ରାକାର ରେ !

ଭ୍ରମୁଛି ନାନା ପଲ୍ଲୀ ଗ୍ରାମ ନଗର,
ଚିହ୍ନବର୍ଣ୍ଣ ନ ଦେଖି ତୋର ଅଙ୍ଗର;

(୧) ପାଶୁଁ—ପ୍ରୀତିରୂପକ ଫାନ୍ଦରୁ, ନିକଟରୁ । (୨) କେଳିକଳା—ସରସ୍ୱତୀଙ୍କ ବୀଣା ।
(୩) ପ୍ରାକାର—ପ୍ରାଚୀର, କାନ୍ଥ ।

ନବଘେଶ ଫେରଆସି      ସେହ୍ନ ପ୍ରାନ୍ତର,
ସୀମାରେ ଖୋଜେ ଯହିଁ      ହେଲୁ ଅନ୍ତର ରେ !

(୧) ତହିଁ ନପାଇ ବୁଲେ      ନଲଆ-ଷର,
ବାରି ନପାରି ବେଲ      ଢନ ଘଣ୍ଡର;
(୨) ଅନାଏ କୁଦ କୁଞ୍ଜ      ଝୁପ୍ପା ଭିତର,
ଭପ୍ସୁ ନଥାଏ ଆହ୍ବା      ବାପ୍ପା ଚଉର ରେ !

ତଳେ ନଦେଖି ଚଟ୍ଟେ      ଢ଼ିବା ଉପର,
(୩) ନରେଖି ଦୁରୁଦଶା      ତୋ' ସଉପର;
ପୁଣି ତଳକୁ ଅବ-      ତରି ଶୀଘ୍ର,
ଲେଢ଼େ ଆଖଡ଼ା ଘର      ପଡ଼ୋଶୀ ଘର ରେ !

ଖୋଜ ବାଡ଼ ବଗିଚ୍ଛ      ଖଳା କୁଟୀର,
(୪) ଆଖର କରେ ସୀମା      ଆଖୁ-ପଟିର;
(୫) କୁରୁମା ଅନୁସରି      ପାଖ ଖେତର,
ଲେଉଟି ଆସେ ଶୋକେ      ହୋଇ କାତର ରେ !

ତୋ ସଙ୍ଗେ କରୁଥିଲ      ଯହିଁ ବିହାର,
ନମାନ ଧୂଳି ତାତ୍ତ,      ପଙ୍କ, ମୀହାର;
ସେ ସବୁ ସ୍ଥାନ ଭ୍ରମି      ଥରକୁଥର,
କଲଣି ମନ ମୋତେ      ଜଡ଼ ପଥର ରେ !

ଶ୍ରୁତି ଶୁଣିଲେ କାହିଁ      ତୋ'ଭଳି ସ୍ବର,
ଦୃଷ୍ଟି ଦଉଡ଼େ ତହିଁ      ହୁଏ ଘସ୍ବର;
ଦୃଷ୍ଟି ଦେଖେ ତୋ'ତୁଲ୍ୟ      ଯା' ଶୋଭାସାର,
ଶ୍ରୁତି ଇଚ୍ଛେ ମାଧୁରୀ      ତା ସୁସ୍ବାର ରେ !

ଏଜନ୍ମେ·····, ରୁଦ୍ଧ ହେଲା      ତୋ ପିକସ୍ବର,
ବୁଝିଲି, ନ ହେଲେ ହେଁ      ତା' ବକସ୍ବର;

(୧) ନଲଆ—ନାଳ । (୨) କୁଦ—ନଦୀଶଯ୍ୟାର ବାଲୁକାସ୍ତୂପ । (୩) ସଢପ—ମସିଣା ।
(୪) ପଟି—ଆଖୁ କଆରିର ଅଂଶବିଶେଷ । (୫) କୁରୁମା—ଖେତକୁଡ଼ିଆ ।

ପର ଜନ୍ମରେ ଯଦ୍ଧ ଭେଟାଏ ସ୍ମର,
(୧) ତୋ ପୁଣ୍ୟରେ ହେବକି ମୁଁ ଜାତିସ୍ମର ରେ ?

ଲଭନ୍ତୁ ପୁଣ୍ୟବନ୍ତ, ଯେ ସ୍ୱର୍ଗପୁର,
(୨) ନକଟ ତହୁଁ ବଇ- କୁଣ୍ଠ-ଗୋପୁର;
ଅର୍ପି ତୋ' ଏ ପତିତ- ପତି-କୁହାର,
ପତିତ-ପାବନଙ୍କ ପଦେ ଗୁହାର ରେ !

(୩) କୃପା-କୃପଣଠାରେ କୃପାକୂପାର,
କୃପଣ ହେଲେ ନନ୍ଦା ହେବ ଅପାର;
ପ୍ରେମଦାକ୍ଷି-ପାତକୀ ମୁଁ ସିନା କ୍ରୂର,
ପ୍ରେମ-ଭାବଗ୍ରାହୀ ତ' ବିଶ୍ୱଠାକୁର ରେ !

ପ୍ରେମିକ-ବିଶ୍ୱାସେ ଯେ ପ୍ରେମାବତାର,
ପ୍ରାଣେ ସ୍ପନ୍ଦିତ ହୁଏ ଯା' ପ୍ରେମ-ତାର;
ସେ ପ୍ରେମମୟ ପ୍ରଭୁ ଏ ପତିତର,
ପରାଣ କରିବେକି ଅପହରିତର ରେ ?

(୪) ଯେଉଁ ରସିକରାଜ ବୃନ୍ଦା ସତୀର,
ଗନ୍ତ୍ର ଚୁମ୍ବି ଆଶ୍ରିଲେ ଗଣ୍ଡକୀ ତୀର;
ସେ ପ୍ରେମମୟ ପ୍ରଭୁ ଏ ପତିତର-
ପରାଣ କରିବେକି ଅପହରିତର ରେ ?

ଯା' ପ୍ରେମ-ନେତ୍ରେ ନାହିଁ ଭେଦ-ବିକାର,
ପ୍ରାଣପ୍ରିୟ ଯେ କୁବ୍‌ଜା- ଶ୍ରୀ ରାଧିକାର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକି ଅପହରିତର ରେ .?

(୧) ଜାତିସ୍ମର—ପୂର୍ବଜନ୍ମର କଥା ଯାହାର ମନେ ଥାଏ ।
(୨) ଗୋପୁର—ଦ୍ୱାର ।
(୩) କୃପା-କୃପଣ—ନିର୍ଦ୍ଦୟ, ନିଷ୍ଠୁର ।
(୪) ଜଳନ୍ଧରଙ୍କର ସହଧର୍ମିଣୀ ସତୀ ବୃନ୍ଦାବତୀଙ୍କର ବିଷୟ 'କାର୍ତ୍ତିକ-ମାହାତ୍ମ୍ୟ' ଗ୍ରନ୍ଥରେ ଅନୁସନ୍ଧେୟ ।

(୧) ହେମାଙ୍ଗୀ ଲକ୍ଷ୍ମୀ ଦେହେ ଜନ୍ମାଇ ଜର,
ପ୍ରେମାଙ୍କୁରେ ଯେ କରେ- ଛନ୍ତ୍ର ନଜର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକ ଅପବିତର ରେ ?

ହରି ପାପ-ସନ୍ତାପ- କାମବାଧାର,
(୨) ବିଲ୍ୱମଙ୍ଗଳେ ଯେହୁ କଲେ ଉଦ୍ଧାର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକ ଅପବିତର ରେ ?

* ପ୍ରେମେ ଅନଳେ ଦହି ସ୍ୱ କଳେବର,
ନିରନ୍ନ ହେଲେ ଯେଉଁ କମଳାବର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକ ଅପବିତର ରେ ?

(୩) ପ୍ରେମକ୍ରିୟା ରଚିତ ମହାମନ୍ଦିର,
ମଧ୍ୟେ ଯେ ବନ୍ଦୀମାୟୁ ପ୍ରେମ-ବନ୍ଦୀର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକ ଅପବିତର ରେ ?

(୪) ନ ଲାଗିବାରୁ ବେଶ୍ୟା- ପ୍ରେମିକ କର,
ଚଳିଲା ନାହିଁ ଯାର ରଥ ଚକର;

---

(୧) 'ରାଧାନାଥ ଗ୍ରନ୍ଥାବଳୀ'ରେ ଚିଲିକା କାବ୍ୟରେ ଲକ୍ଷ୍ମୀଦେବୀଙ୍କର ବିବରଣୀ ଦ୍ରଷ୍ଟବ୍ୟ ।

(୨) ବିଲ୍ୱମଙ୍ଗଳ—ଏହି ମହାତ୍ମାଙ୍କ ଚରିତ୍ର 'ଦାର୍ଢ୍ୟତାଭକ୍ତି' ଗ୍ରନ୍ଥରେ ଅନୁସନ୍ଧେୟ ।

* ସମ୍ବଲପୁର ଜିଲ୍ଲାନ୍ତର୍ଗତ ଭଟଲୀ ଗ୍ରାମର ଦଧିବାମନ ମନ୍ଦିରରେ ସଙ୍କୁଚିତ ଭୋଗ ନିଷିଦ୍ଧ । କମଳା—ଲକ୍ଷ୍ମୀ, କମଳା ନାମ୍ନୀ ଗଉଡ଼ୁଣୀ । ଏହି ପ୍ରେମପ୍ରାଣା ମହାତ୍ମାଣୀ ଏକଦା ଭଟଲୀ ଗ୍ରାମର ଘରପୋଡ଼ି ସମୟରେ ଦଧିବାମନ ମୂର୍ତ୍ତିକୁ ଆଲିଙ୍ଗନ କରି ପ୍ରଚଣ୍ଡ ଅନଳ ତାପରେ ପ୍ରାଣ ବିସର୍ଜନ କରିଥିବା କିମ୍ବଦନ୍ତୀ ଅଛି ।

(୩) ମହାମନ୍ଦିର—ପୁରୀର ବଡ଼ଦେଉଳ ।

(୪) ବେଶ୍ୟା—ପ୍ରେମିକ ବଳରାମଦାସଙ୍କର ବିଷୟ 'ଦାର୍ଢ୍ୟତାଭକ୍ତି'ରେ ବର୍ଣ୍ଣିତ ।

ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକି ଅପବିତର ରେ ?

ବେନ ଭାଇଙ୍କ ମଧ୍ୟେ ଭଗ୍ନୀ ଯାହାର,
ବାହୁ ତୋଳି ଦେଖାନ୍ତି ବକ୍ଷର ହାର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକି ଅପବିତର ରେ ?

ରସିକା-ବାଣୀଙ୍କ ଯେ ରସିକେଶ୍ୱର,
ଶୁଣନ୍ତି ପ୍ରେମଗୀତ- ବୀଣା-ସୁସ୍ୱର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକି ଅପବିତର ରେ ?

ଭାଷା-ଦେବୀ-ସେବକ ବୋଲି ଗଉର,
ଆଶା ମୋ ଅଛି ହେଲେ ସୁଦ୍ଧା ଇତର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ପରାଣ କରିବେକି ଅପବିତର ରେ ?

# ଆମେ ଗରିବ କାହିଁକି ?

# ଆମେ ଗରିବ କାହିଁକି ?

ଆମେ ଏଥିପାଇଁ ତ ଗରିବ । ଘୋଷା ।

ଯେ ଦିନୁ ଭାରତେ
ଚଳିଲା ବେପାରୀ
ରାଜମାନ୍ତ କାରଖାନା
ପରାଧୀନତା ହିଁ
ମୂଳହେତୁ ହେଲା
ମାରିବାକୁ ଆମ ଦାନା । ୧ ।

ଲୁଣ, କାଠ ଆଦି
ଆମରି ଜିନିସେ
ଆମକୁ ଲାଗିଲା କର
ବିଦେଶୀ ଚାଳକ
ଆମରି ଟଙ୍କାରେ
ଆମକୁ କଲା ଚାକର । ୨ ।

ଛିଡ଼ିଲା ଶୃଙ୍ଖଳା
ଭାଙ୍ଗିଗଲା କ୍ରମେ
ଜାତୀୟ ଏକତା ବଳ
ଘରେ ଘରେ ଆମ
ବଣ୍ଟାହେଲା ଭାଇ-
ବିବାଦର ବିଷ ଫଳ । ୩ ।

ବିଦେଶୀ ଫାନ୍ଦରେ
ଲଟକି ପଡ଼ିଲୁଁ
ଅଟକିଗଲା ଜୀବିକା
ତହୁଁ ପରେ ବାବୁ
ବୋକାମି ଖରଚେ
ମନ ପ୍ରାଣ ଦେଲୁଁ ବିକା । ୪ ।

ପୂରୁବ କାଳରେ
ଦାନ୍ତଘଷା ବେଳେ
କାଠି ପତ୍ର ଆମେ ଚୂବୁଁ
ବ୍ରୁସ୍ ବା ଗୁଡ଼ାଖୁ
ନ ଘଷିଲେ ଆଜି
କେମନ୍ତେ ହୋଇବୁଁ ବାବୁ । ୫ ।

କଞ୍ଜା ପାଣି ପିଇ
ଖାଉଥିଲୁଁ ଆଗେ
ମୁଢ଼ି ଚୂଡ଼ା ପିଠା ଲିଆ
ଗରମ ଚୂହାରେ
ଜିଭଲୁ ପୋଡ଼ାଇ
କଲୁଁ ଆଜି ଜଳଖିଆ । ୬ ।

ଗାଧୁଆ ସମୟୁ
ମାଟି ଘଷି ଦେହେ
ମାଖୁଥିଲୁଁ ରାଶିତେଲ
ସାବୁନ ଅତର
ମାଖି ମାଖି ଆଜି
ଭାଙ୍ଗିଗଲା ଚୂଟି ଗେଲ । ୭ ।

ବାପ ଅଜା ଆମ
        ପିନ୍ଧୁଥିଲେ ଗୁରି
                ପାଞ୍ଚ ଅଣିଆର ଖଦି
କି ହେବୁଁ ଅଢ଼େଇ
        ଟଙ୍କିଆ ବିଲାତି
                କପଡ଼ା ପିନ୍ଧିଲୁଁ ଯଦି । ୮ ।

ହାତକଟା ସୂତା
        ମୋଟା ଢ଼େଢ଼ୀ ଆଗେ
                ଥିଲା ଆମର ଓଢ଼ଣି
ସ୍ୱଦେଶୀ ବନାତେ
        ବାବୁ ବୋଲାଇଲୁଁ
                ବାର ତେର ଟଙ୍କା ଗଣି । ୯ ।

ଗୁରି ଗୁଡ଼ୁଖାରେ
        ଦେଖି ନାହିଁ ଆମ
                ସିଗାରେଟ ବଡ଼ ଖାଡ଼ି
ତାକୁ ଧରି, ବାବୁ-
        ଗିରି ଦେଖାଇଲୁଁ
                ବେଁଟିଆ କାହାଳି ଗୁଡ଼ି । ୧୦ ।

ନବୀନ ଫେସନ
        ଦେଖାଇବା ଆମ
                ବାହାଦୁର ତ ହୋଇଛୁ
କୋଟ୍ ବୁଟ୍ ପିନ୍ଧି
        ଗାଧି ପାରୁଁ ମଧ୍ୟ
                ଅସମ୍ଭବ ନୁହେ କିଛୁ । ୧୧ ।

ପାଦ ଘାଆ ଘୋଡ଼ା-
ଇଲ୍ ପର ମୋଜା
ଉପରେ ଗେଟିସି ଫିତା
ହାଫ୍ ପେଣ୍ଟ୍ ପିନ୍ଧ
ବେଲ୍ଟ କଷା ହେଲ୍
ଆମାଶୟୁ ଖେଚଗେ ଚନ୍ଦ୍ରା । ୧୨ ।

ଶୀତଳ ପବନ
ପାଇଁ ଖସ୍‌କାଳେ
ଚଳାଉଥିଲୁଁ ବଚଣା
ଦେଖାଇବା ଲାଗି
ବରଷା କାଳେ ବ
ପଙ୍ଖା ହେଲ୍ ଆଜ ଝେଣା । ୧୩ ।

ଘରେ ହଗା ମୂତା
କର୍‌ବାଟା ହେଲ୍
ବାବୁ ବନ୍‌ବା ଯୋଗ୍ୟତା
ଚକୁ ଲୁହାକଣ୍ଟା
ଗୃମରେ ଖାଇବା
ହେଲ୍ ଏଭର ସଭ୍ୟତା । ୧୪ ।

ବଜାରକୁ ଗଲେ
ଖାଉଥିଲୁଁ ଆଗେ
ମିଠାଇ ଖଜା ଉଖୁଡ଼ା
ବସକୁଟ ଖାଇ
ମଜା କଲୁଁ ଆଜି
ହୋଇ କୁଳଧର୍ମବୁଡ଼ା । ୧୫ ।

ଘିଅ ଜଡ଼ାତେଲ
ବଦଳରେ ଆଜ
ଜଳା ହେଲ୍ କରୁସିନ
ଗୁଡ଼ ବକ, କଣି-
ଖାଉଅଛୁଁ, ଗାଈ-
ହାଡ଼ରକ୍ତ-ମିଶା ଚନ । ୧୬ ।

ସାମୁଦ୍ରିକ ବୋଡ଼ା-
ସାପ ବା ଘୁଷୁରି
ଚର୍ବିର ସ୍ୱଦେଶୀ ଘିଅ
ତାକୁ ଆମେ କଣି-
ଖାଉଅଛୁଁ, ପୁଣି
ପୂଜୁଅଛୁଁ କୁଳଦୀଅଁ । ୧୭ ।

ହାଟରୁ ଶୁଖୁଆ
କଣି ଖାଉଅଛୁଁ
ବୁଣି ନ ପାରୁଛୁଁ ଭଜ
ପାନ ବଡ଼ ମନ୍ଦ
ଗଞ୍ଜେଇ ନ ହେଲେ
ପଗଣ ଗୁଡ଼ୁଛୁ ଆଜ । ୧୮ ।

ଜଣେ ପାଇଁ ଘୁର-
ପଇସାର ଡାଲ
ରାନ୍ଧିବାକୁ କରୁଁ ମନା
ଘୁର ଅଣା ମାଂସ
କଣିଲେ ହେଁ ପୂରେ-
ନାହିଁ ଜଣକର ଦନା । ୧୯ ।

ଷ୍ଟେର ସାହୁକାର
ଜଣା ନ ପଡ଼ିଲା
ଠଉଚ ସଭିଙ୍କ ହାତେ
ଖରଚ ବଢ଼ିଲା
ପୁରି ତରକାରି
ଜଳଖିଆ କଣା ସ୍ରତେ । ୨୦ ।

ଘରେ ପଢ଼ି ଧର୍ମ-
ଶିକ୍ଷା ପାଉଥିଲୁଁ
'ଭାଗବତ', 'ରାମାୟଣ'
କଲେଜରେ ଆଜ
ବିଳାସୀ ଫେସନ
ଯାଜବାରେ ଠଙ୍କା ଗଣୁ । ୨୧ ।

ପଖୀକଲମରେ
ଚଳୁଥିଲା ଆଗେ
ବନ୍ଧପତ୍ର ଲେଖାପଢ଼ା
ଫାଉଣ୍ଟେନ୍ ଧରି
ଇଂରିଜୀ ଗାଳି
ବାବୁ ଗୁଣ୍ଡେ ହେଲୁ ଗଢ଼ା । ୨୨ ।

ଗୃହବାସ କାମ
ପାସୋରି ପକାଇ
ପାଶ୍ କଲୁଁ ଏମେ, ବିଏ;
ଗୃକର ନ ପାଇ
ଆଁ କରି ରହିଲୁଁ
ଆଉ 'ପଢ଼ୁଛି କିଏ ? । ୨୩ ।

ଦୁର୍ଭାଗ୍ୟ ଯୋଗୁଁ
ପୂର୍ବର ସବୁ
ଖତମାତ ଗୃଲଗଲା
ଅକଲ ବୁଡ଼ାଇ
ନକଲି ଫେସନେ
ହେଲୁଣି ଅଧା ଲଙ୍ଗଳା । ୨୪ ।

ନଖ, କେଶକୁ ତ
ଅଧା ଚତୁରାଇ
ରଖିଲୁଁ ଅଧାଖଣ୍ଡିଆ
ମୁଣ୍ଡ ଛୁଇଁଦେଲେ
ଦୁଇଅଣା ନେଲା
ଭଣ୍ଡାରି ନୂଆ ଭେଣ୍ଡିଆ । ୨୫ ।

ଥିଏଟରେ ପୁଣି
ମୁଣ୍ଡରେ ଖଞ୍ଜିଲୁଁ
ଦି ତିନି ଠଙ୍କିଆ ବାଳ
ଗାମୁଛାଧରିକୁ
ଗାଉଁଲିଆ କଲା
ଗଳାବନ୍ଧା ଉରୁମାଲ । ୨୬ ।

ଖଟ ପାଣି ଗଡ଼ୁ
ନ ଦେଇ ବନ୍ଧୁକୁ
ଦେଖାଇଦେଲୁଁ ଚଉକି
ଜୁହାର ବଦଳେ
ହାତ ଟିଙ୍କାଟିଙ୍କି
ଆଜ୍ଞା ଗୋଲାମି ସଉକ । ୨୭ ।

ଘରେ ନାହିଁ ଗାଈ
ବିଦେଶୁଁ ମଗାଇ
ଖାଇଲୁ ନକଲି ଦୁଧ
ଗରଜ ବଢ଼ାଇ
କରଜ ଆଣିଲୁଁ
ଛୁଡ଼ାଇ ନ ପାରୁଁ ସୁଧ । ୨୮ ।

ଘଡ଼ିର ନିୟମେ
ଚଳିବାକୁ ଆମ
ହାତେ ବନ୍ଧା ଲେସ୍ ଘଡ଼ି
ବେଳଉଦା ବେଳ
ଜାଣି ନ ପାରୁଛୁଁ
ଶେଯେ ଆଠ ଘଣ୍ଟା ପଡ଼ି । ୨୯ ।

ଧରମକୁ ଧନ
ମଣିଥିଲେ ଆଗେ
ଚେର-ମୂଳିଆ ବଇଦ
ଡାକତର କବି-
ରାଜଙ୍କର ଆଜ
ଠଙ୍କାରେ ଭାଙ୍ଗୁଛି ନିଦ । ୩୦ ।

ଆଗ ଲୋକେ କାଶୀ
ପୁରୀ ଯାଇ ଆସି
ପାରୁଥିଲେ ଚାଲି ଚାଲି
ହାଗି ଯିବା ଲାଗି
ବାଗି ସାଇକେଲ
ଲାଗୁଅଛି ଆଜକାଲି । ୩୧ ।

ଶିଶୁ ମନଭୁଲା
ମାଟିର ପିତୁଳା
ରବର ସାପ ଚଢ଼ାଇ
ତାସ ଫୁଟିବଲେ
ମୁଠା ମୁଠା ଟଙ୍କା
ସାରେ ବିଳାସ ବଢ଼ାଇ । ୩୨ ।

ଚମତ୍କାର ନାକ
ରବରର କାନ
ବିଦେଶୁଁ ଆସିବା ଯାଏ
ନାକ କାନର ବି
ବଳାକାମ ଆମ
ଚଶମାର ହାତେ ଥାଏ । ୩୩ ।

ନଈବଢ଼ି ପରି
ବିଦେଶୀ ଜିନିସ
ଯେତିକି ଆସୁଛି ମାଡ଼ି
ସେତିକି ଛୁଟିକି
ଯାଉଛି ଧନକୁ-
ଧନ ଭାରତର ନାଡ଼ି । ୩୪ ।

ଝକମକ ଚୂଡ଼ି,
ଖିରପିନ୍, ଖୋଷା-
କଣ୍ଟା, ଦର୍ପଣ-ପାନିଆ
ଏତିକି ନ ହେଲେ
ପାଣି ନ ଛୁଇଁଲେ
ଏଭର ମାଇକିନିଆ । ୩୫ ।

ରୂପାର ଖଗଲ୍
ଚୁପା ପଡ଼ଗଲା
ଝଂକଲ୍ କାଚର କଣ୍ଠି
ମାଲ କଉଁଡିଆ
ଆଜକାଲ ପରା
ଚପି ଦେଉଅଛୁ ତଣ୍ଟି । ୩୬ ।

ପେଟେ ନାହିଁ ଦାନା
ଖଟ ପାଇଁ କଣା
ହେଉଅଛୁ ଶେଯ ଗଦି
ସାବୁନ ଅତର
ଲାଗି ମାଇପିଙ୍କି
ଗନ୍ଧୁଛୁ ତେଲ ହଳଦୀ । ୩୭ ।

ଦେଖିଲେ ଏଭର
ଝିଅ ବହୂଙ୍କର
ବେଶଭୂଷା ଢଙ୍ଗରଙ୍ଗ
କଏ ନ କହିବ
ବଢ଼ୁଛି ଏହାଙ୍କ
ଯୋଗୁଁ ଅଭାବ-ତରଙ୍ଗ ? । ୩୮ ।

ଉଲଟା ଧରମେ
ଜଗର ରଖିଲୁ
କୁଲଟା-ପ୍ରେମେ ସରାଗ
ଅରଜ ନ ଜାଣୁ
ଗରଜ ତରଜ
ଖରଚ କରିବୁଁ ଆଗ । ୩୯ ।

କୁକୁରଛୁଆଙ୍କୁ
ସାଙ୍ଗେ ଶୁଆଇଲୁଁ
ମଣିଷ-ଛୁଆଁରେ ପାପ
ଦି ତିନି ଠଙ୍କିଆ
ଛେଳିଛୁଆ ହାଣି
ସେ ପାପରୁ ହେଲୁଁ ସାଫ । ୪୦ ।

ଗୌରାଙ୍ଗ ପ୍ରଭୁର
ଗୁଣ କର୍ମେ ନିଜ
ହୃଦ ନ ପାରୁଛୁଁ ଖୋଲି
କାମ ଧାମ ଛାଡ଼ି
ମରୁଅଛୁଁ ରଡ଼ି
'ଗଉର' 'ଗଉର' ବୋଲି । ୪୧ ।

ପାଣି ନ ପିଇଲେ
ପାଣି ନା' ଧରିଲେ
ମେଣ୍ଟିଯିବ କି ପିପାସା ?
ହାତ ନ ଚଳାଇ
ଭାତ ମିଳେ କାହିଁ ?
ଧନ୍ୟ ଏ ବିଶ୍ୱାସ ଆଶା । ୪୨ ।

'ରାମ-ଲୀଳା', 'କୃଷ୍ଣ-
ଲୀଳା' ନାଟ ଆଗେ
ହୋଇଥିଲା ମନୋହର
ମନ ମୋହି ଆଜି
ଧନ ବୋହିନେଲା
ବାୟୁସ୍କୋପ ଥିଏଟର । ୪୩ ।

ବିମାତାର ପୁଅ
ଭରତଙ୍କୁ ରାଜ୍ୟ
ସଁପି ଦେଇଥିଲେ ରାମ
ପିଠିର ଭାଇର
ମୁଣ୍ଡ ପିଟି ଭାଗ
ଛଡ଼ାଇବା ଆଜ କାମ । ୪୪ ।

ଭାଇ ଭାଗ ଥିଲା
ଦଶ ଟଙ୍କା ସେଥୁଁ
ସାକ୍ଷୀ ଖାଇଗଲେ ପାଞ୍ଚ
ଓକିଲର ଫିସ
ଘୁଡ଼ ହାକିମଙ୍କୁ
ସାତ ଟଙ୍କା ଦେଲୁ ଲାଞ୍ଚ । ୪୫ ।

ଗାଳି କଜିଆରେ
ବଧିର, ମାଡ଼ର
ନାଲିଶରେ ଅନ୍ଧ ସାକ୍ଷୀ
ସାକ୍ଷୀର କେବଳ
ଭୁଣ୍ଡ ଥାଉ ଦର-
କାର ନାହିଁ କାନ ଆଖି । ୪୬ ।

ସୁନା ଟଙ୍କା ଗଲା
ରୂପା ଟଙ୍କା ଗଲା
ଚଳାଇଲ ବାଜେଣି ଟଙ୍କା
କାଗଜ ଖଣ୍ଡେ ବ
ଶହେ ଟଙ୍କା ହେଲା
ଟଙ୍କା ନୁହଇ ଏ 'ଠକା' । ୪୭ ।

ହଜାର ଠଙ୍କାର-
ନୋଟ କମ୍ବା କୋଟି
ଠଙ୍କା ସମ୍ପତ୍ତିର ସ୍ବାମୀ
ଗଲେ ହଜି ନସି
ବନା ଜଳେ ଭସି
କରୁଥାଉଁ କାପ କାପ । ୪୮ ।

ଠକାମିର ଜାଲ
ପକାଇଛୁ ଜଳ-
ସ୍ଥଳ ବହାଣି ଇଂରେଜ
ସଫଣି ପରିଏ
ନ ଗ୍ଣଡ଼ୁଁ ତଥାପି
ଫରଫଣି ବାବୁ ତେଜ । ୪୯ ।

ପୁଣି ଏହା ପରେ
କ ପଲ୍ଲୀ ସହରେ
ଶହ-ଶହ ଠକ ଆଜି
ପକାଅ ନଜର
ସବୁଠି ହାଜର
ଛନ୍ତି ନାନା ଭେଖ ସାଜି । ୫୦ ।

କିଏ ବା ଗୁଣିଆଁ
ବୁଲନ୍ତା କୁଣିଆଁ
କେହି ବା, କେ ମାଗେ ଭିକ
କେହୁ ଦାନରଙ୍କା
କେ ବା କାନଫୁଙ୍କା
କେ ବାବା-ବକଧାର୍ମିକ । ୫୧ ।

ଦେଶୋପକାରୀଙ୍କ
ଉପହାସ କରି
ସତକୁ ମଣିଲୁଁ ଥଟ୍ଟା
ମୁଣ୍ଡପିଟା ଆଜି
ତୁଣ୍ଡ ପିଟାଇଲେ
ପାଉଛୁ ଗୋରସ ଅଣ୍ଟା । ୫୨ ।

ଗୋରସେ ପୋଷିଲୁଁ
ବଳାଢ଼ କୁକୁର
ବାଛୁରୀ ଭୋକେ ବିକଳ
ଗ୍ୱେରକୁ ଜୁହାରି
ସାହୁକାର ଠାରେ
ଦେଖାଇଲୁଁ ବାହୁବଳ । ୫୩ ।

ଧନକଅା ଯାନା—
ପରବେ କରୁଛୁଁ
ଯେଉଁ ଖର୍ଚ୍ଚ ଆଡ଼ମ୍ବର
ସେତିକରେ ବର୍ଷେ
ଖାଇବା ପିନ୍ଧିବା
ଚଳଯାନ୍ତା ଜଣକର । ୫୪ ।

ଟଙ୍କାଟିଏ ଦଣ—
ଧନେ ନ ପାଉଛୁଁ
ମୁଣ୍ଡଝାଳ ତୁଣ୍ଡେ ମାରି
ଦୁ ଘଣ୍ଟା ଭିତରେ
ଦଶଟଙ୍କା ନେଲ
'ଧେମ୍ସା ତାଲି ତାରି ନାରି' । ୫୫ ।

ବରଷକୁ ଅଣ୍ଟି
ବଳ ପଡ଼ୁଥିଲା
ବାପ ଅଜାଙ୍କର ଗ୍ରାସ
ମାସକ ଭିତରେ
ଘଟୁଛି ଆମର
ପନ୍ଦରଦିନ ଉପାସ । ୫୬ ।

କେତେ ଫୁଲ, ବାଣ,
ନାଚ, ବାଜା ଖଞ୍ଜି
କରୁଛନ୍ତି ବାଳୁତ ବାହା
ଘଣ୍ଟାକ ଭିତରେ
ଶହ ଶହ ଟଙ୍କା
ହେଉଅଛି ମାହାଲିଆ । ୫୭ ।

ବିବାହ ଆଗରୁ
ଦେଖାଣି, ମାଗୁଣି,
ପିନ୍ଧାଣି, ଚୂଡ଼ାଚପିଟି,
ବନ୍ଦାପନା କାଳେ
ପଠିଆଣି ଘରେ
ମୁଣ୍ଡ ହୋଇଥାଉଁ ପିଟି । ୫୮ ।

ସତକଥା, ଯାହା
ନୀତିଶାସ୍ତ୍ର କହେ
'ଗରିବର ନଷ୍ଟ ବୁଦ୍ଧି'
ଗରିବ ହିଁ ଆମ
ଦେଶରେ କରୁଛି
ଗରିବ-ସୃଷ୍ଟିର ବୃଦ୍ଧି । ୫୯ ।

ତା’ ଉପରେ ପୁଣି
ଦେଶୀ କାମ ଛାଡ଼ି
ଦେଖାଇଲୁଁ ବାବୁପଣ
ଏହା ବ ଆମର
ଦେଶ, ସମାଜର
ଅଧୋଗତିର କାରଣ । ୭୦ ।

ଆତ୍ମ-ନିର୍ଭରତା
ଆପେ ହରାଇଛୁଁ
କା’ଆଗେ କହିବୁଁ ଆଉ
ଠାକୁରକୁ ଆଜ
କୁକୁର କରଛି
ଦାରୁଣ ପେଟର ଦାଉ । ୭୧ ।

ହଶୁନାହିଁ ହାତ
କାରଗଣ୍ଡ ବେତ-
ବାଉଁଶର ଟୋପି ଛତା
ଆଖୁ-ପେଡ଼ା ଗଛ-
ଘଣାକୁ ନଦେଖି
ଘୂରିଯାଏ ଆଜ ମଥା । ୭୨ ।

ପୂରୁବର ସେହି
ଚରଖା ରହଁଟା
ଭୁଲାଭଣା କାହିଁ ଆଜ ?
ଘରେ ଘରେ ଯେଉଁ
ରେଏଁ ରେଏଁ ସ୍ୱନ
ନିତି ଉଠୁଥିଲା ବାଜ । ୭୩ ।

କାହିଁ ସେ ପୂରୁବ
ଭାରତ ଗୌରବ
କାହିଁ ସେହି ଧନଧାନ୍ୟ
କାହିଁ ସେହି ଆର୍ଯ୍ୟ-
ପ୍ରାଣ ପୃଥ୍ୱୀରାଜ
ମହାରାଜ ମହାମାନ୍ୟ । ୭୪ ।

'ବାଣିଜ୍ୟେ ବସତେ
ଲକ୍ଷ୍ମୀଃ' ଏ ଭାରତୀ
ମୁଖେ ଆଣେ ଆଜ ଲାଜ
ଭାରତଲକ୍ଷ୍ମୀକ
ବୁଡ଼ାଇ ନେଉଛି
ଯେହେତୁ ଜଳଜାହାଜ । ୭୫ ।

# ଅଶ୍ରୁ-ତର୍ପଣ

# "ଅଶ୍ରୁ-ତର୍ପଣ" ସମ୍ବନ୍ଧେ

"ଅଶ୍ରୁ-ତର୍ପଣ"ର ପାଣ୍ଡୁଲିପି ପାଠ କରି ମୁଁ ଅତୀବ ପ୍ରୀତ ହୋଇଅଛି । ମହାମାନବ ଗାନ୍ଧୀଙ୍କର ଅକାଳ ବିୟୋଗରେ ଲେଖକଙ୍କ ପ୍ରାଣରେ ଯେଉଁ ଆଘାତ ଆସିଛି, ତାକୁ ସେ ଏଥିରେ ରୂପଦାନ କରିଅଛନ୍ତି । ବାପୁଜୀଙ୍କର ଆଦର୍ଶ ଗୁଣସମୂହ ପୁସ୍ତିକାଟିର ସ୍ଥଳେ ସ୍ଥଳେ ମନୋହର ଭାବରେ ପ୍ରଦର୍ଶିତ ତଥା ବିଶ୍ଳେଷିତ ହୋଇଛି । ଅନେକେ ଗାନ୍ଧୀଙ୍କର ନିର୍ଦ୍ଦିଷ୍ଟ 'ଅହିଂସା', 'ସତ୍ୟାଗ୍ରହ', 'ସ୍ୱାଧୀନତା', 'ସତ୍ୟସାଧନା' ପ୍ରଭୃତି ଶବ୍ଦର ଅର୍ଥ ନ ବୁଝି ତାର ଅପପ୍ରୟୋଗ କରିଥାନ୍ତି । ସୁତରାଂ, ଲେଖକ ସେହିମାନଙ୍କୁ ସତର୍କ କରାଇଦେବା ସଙ୍ଗେ ସଙ୍ଗେ ତହିଁର ତାତ୍ପର୍ଯ୍ୟ ମଧ୍ୟ ଜଣାଇ ଦେବାକୁ ଭୁଲି ଯାଇ ନାହାନ୍ତି । ଦେଶ ଆଜି ସ୍ୱାଧୀନ ବୋଲି କେତେକ ବ୍ୟକ୍ତି ଆସ୍ପର୍ଦ୍ଧା ରଖନ୍ତି; ମାତ୍ର ଏହି ସ୍ୱାଧୀନତା ଭିତରେ ଯେ ଧୂଳିପଟଳ ପରି ସଂକୀର୍ଣ୍ଣ ଦଳାଦଳି, ଈର୍ଷା, ଦୁରଭିସନ୍ଧିର କନ୍ଦଳ ଉଠିଛି, ତହିଁରେ ଲେଖକଙ୍କ ସୁସମ ପ୍ରାଣ ବିଷମ ବିଷାଦରେ ବ୍ୟଥିତ ହୋଇପଡ଼ିଛି । ମହାତ୍ମା ଗାନ୍ଧୀଙ୍କର ଦୋହାଇ ଦେଇ ଲୋକେ ଆଜି ଦେଶରେ ଯେଉଁ ଅତ୍ୟାଚାର, ଅନାଚାର ସୃଷ୍ଟି କରୁଛନ୍ତି, ତହିଁରେ ଯେ କୌଣସି ସ୍ୱଦେଶବତ୍ସଳର ପ୍ରାଣ ବିଚଳିତ ହେବ, ସନ୍ଦେହ ନାହିଁ ।

ସବୁଜ ରଙ୍ଗର କୀଟ ସବୁଜ ଗଛର ପତ୍ରକୁ ଖାଇଗଲା ଭଳି ଆଜି ଅନେକ ଖଦଡ଼ଧାରୀ ହିଁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ମତକୁ ନିତି ହତ୍ୟା କରିବାରେ ଲାଗିଛନ୍ତି । ଏହାଠାରୁ ବଳି କ୍ଷୋଭର ବିଷୟ ଆଉ କ'ଣ ଥାଇପାରେ ! ଏ ସବୁର ନିରାକରଣ ପାଇଁ ଲେଖକ ଏ ପୁସ୍ତିକାଟିର ବହୁ ସ୍ଥଳରେ ମାନବ ସମାଜକୁ ନିର୍ଦ୍ଦେଶ ଦେଇଅଛନ୍ତି । ଏହା ପରେ ହିନ୍ଦୁ ଯେ ମହର୍ଷି ଦୟାନନ୍ଦ ସରସ୍ୱତୀ, ମହାତ୍ମା ଗାନ୍ଧୀ ପ୍ରଭୃତି ତାର ଧର୍ମପିତାଙ୍କୁ ନାନା ପଶୁବୃତ୍ତିରେ ହତ୍ୟା କରି ଆସିଛି, ତହିଁରେ ଏହି ଜାତିର ଓ ଧର୍ମର ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ପ୍ରକାଶ ପାଇନାହିଁ କି ? ଲେଖକ ଜଣେ ହିନ୍ଦୁ ଓ ସେ ହିନ୍ଦୁ ବୋଲି ଏହି ଜାତି ତଥା ଧର୍ମର ଦୋଷ ଓ ଦୁର୍ବଳତା ପ୍ରତି ବାରବାର ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆଦୌ ଭୀତ, ସଂକୁଚିତ ତଥା କୁଣ୍ଠିତ ହୋଇନାହାନ୍ତି । ଏହା ଅବିସଂବାଦିତ ସତ୍ୟ ଯେ, ଯହିଁରେ ଯା'ର ବିଶେଷ

ଅନୁରକ୍ତ ଥାଏ, ତହିଁରେ ଦୋଷ ଦୁର୍ବଳତାର ଆଭାସ ପାଇଲେ ତା'ର ପ୍ରାଣରେ ଦାରୁଣ ବେଦନା ଆସେ । ସୁତରାଂ 'ଅଶ୍ରୁ-ତର୍ପଣ'ର ଲେଖକଙ୍କ ସମ୍ବନ୍ଧରେ ତାହାହିଁ ଘଟିଛି । ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ, ପୁସ୍ତିକାଟିରେ ବିଷୟବସ୍ତୁର ଗୁରୁତ୍ୱ ନେଇ ସାହିତ୍ୟିକ ଉପାଦାନ ଗୌଣ ହୋଇପଡ଼ିଛି; ହେଲେ, ଏଥିରେ ଲେଖକଙ୍କ ପ୍ରାଣରେ ଯେଉଁ ଜାତିପ୍ରୀତିର ଓ ଧର୍ମସାହସର ଉଦୟ ହୋଇଛି, ତହିଁରେ ଆହ୍ଲାଦିତ ହେବାର ହିଁ କଥା ।

ଅଧିକନ୍ତୁ, ପୁସ୍ତିକାଟିର ଶେଷଭାଗରେ ସନ୍ନିବିଷ୍ଟ "ରାମଭଜନା'ରେ 'ଗାନ୍ଧିଜୀଙ୍କ ନିର୍ଦ୍ଦେଶ' କବିତାରେ ଭଜନର ସ୍ୱରୂପ କିଭଳି ହେବା ଉଚିତ, ତାହା ଦର୍ଶାଇବା ସଙ୍ଗେ ସଙ୍ଗେ ଲେଖକ ତହିଁରେ ଯେଉଁ ଚିନ୍ତାଶୀଳତା, ତତ୍ତ୍ୱାଲୋଚନାର ଗମ୍ଭୀରତା ତଥା ଆଦର୍ଶ ନୈତିକତାର ପରିଚୟ ଦେଇ ଅଛନ୍ତି, ତାହା ସହୃଦୟ ପାଠକବର୍ଗ ଅନୁଧ୍ୟାନ କଲେ ବେଶ୍ ଉପଲବ୍ଧି କରିପାରିବେ ।

କବି ବା ଲେଖକକୁ ସାରସ୍ୱତ କୁହାଯାଏ—କେବଳ ସେ ନିର୍ଭୀକ-ପ୍ରାଣରେ, ନିର୍ବିକାର ଚିତ୍ତରେ ସତ୍ୟର ଉପାସନା କରିଥାଏ ବୋଲି । ସୁତରାଂ, ଆଜୀବନ ସତ୍ୟସାଧକ ବାପୁଜୀଙ୍କର ବିୟୋଗାନ୍ତକ ଲେଖା "ଅଶ୍ରୁ-ତର୍ପଣ"ରେ ଲେଖକ ସତ୍ୟ-ଭାଷାର ଯେଉଁ ତର୍ପଣ ଅର୍ପଣ କରିଅଛନ୍ତି ତହିଁରେ ସ୍ୱର୍ଗତ ବାପୁ ନିଶ୍ଚୟ ଆହ୍ଲାଦିତ ହେଉଥିବେ—ଏହା ମୋର ତରଳ ପ୍ରାଣର ସରଳ ବିଶ୍ୱାସ । "ଅଶ୍ରୁ-ତର୍ପଣ" ଲେଖକଙ୍କ ଲେଖନୀ ମୁଖର, ନିର୍ଝର ତଥା ଚନ୍ଦନାକ୍ତ ହେଉ । ଇତି ।

ବେସିକ୍ ଟ୍ରେନିଂ ସ୍କୁଲ,
ବରଗଡ଼
ତା ୨୭-୪-୫୦

କେଶବ ମେହେର

# ଭୂମିକା

ପୁଣ୍ୟମୟୀ ଭାରତଜନନୀର ତୁଷାରଧବଳୋଜ୍ଜ୍ୱଳ 'ମସ୍ତକମଣି ମହାମହିମ ଉତ୍ତୁଙ୍ଗ ହିମାଚଳର ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ସମ୍ୟକ୍ ବର୍ଣ୍ଣନା ନିରକ୍ଷର ଆଦିବାସୀ ପାହାଡ଼ିଆ ଗୃହିଣୀମୁଖନିଃସୃତ ହଳିଆଗୀତରେ ବର୍ଣ୍ଣିତ ହେବା ଏବଂ ରତ୍ନଗର୍ଭା ଭୂମାତାର ଅତଳସ୍ପର୍ଶ ହୃଦୟ-ମହାର୍ଣ୍ଣବ-ଗାମ୍ଭୀର୍ଯ୍ୟର ପୂର୍ଣ୍ଣ କଳନା ଜୀବନ-ଜଞ୍ଜାଳ-ବ୍ୟସ୍ତ ଶମ୍ବୁକାନ୍ୱେଷୀ ସନ୍ତରଣଶୀଳ ପାତିହଂସର ସଞ୍ଚାଳିତ ପାଦଦ୍ୱାରା ନିର୍ଣ୍ଣୟ-ପ୍ରୟାସ ଯେପରି, ମହାନୁଭବ ମହାମାନବ ମହାତ୍ମା ଗାନ୍ଧୀଙ୍କର 'ମାହାତ୍ମ୍ୟ-ଗାନ' ରଚନା ଚେଷ୍ଟା ମୋ ଭଳି ନଗଣ୍ୟ ଲେଖକ ପକ୍ଷେ ତଦ୍ରୂପ କହିଲେ ଚଳେ ।

ବିଶ୍ୱ-ଲୋଭନୀୟ ପୂର୍ଣ୍ଣସୁଧାକରକୁ ପାଇବାଲାଗି ଉତ୍ତୋଳିତ ହସ୍ତରେ ଆହ୍ୱାନ-ସଙ୍କେତ ପ୍ରଦର୍ଶନ ପୂର୍ବକ "ଜହ୍ନମାମୁଁ—ଆ" ବୋଲି ଡାକିବାର କୋମଳ ପ୍ରବୃତ୍ତି ଶିଶୁର ସରଳ ପ୍ରାଣରେ ତ' ଜାତ ହୋଇଥାଏ । ତେବେ ଭୂମଣ୍ଡଳ ପୂଜାସ୍ପଦ ରାଷ୍ଟ୍ରପିତାଙ୍କ ଅକାଳ ତିରୋଧାନରେ 'ବାପୁ' ବୋଲି ଦୁଇଟୋପା ଲୁହ ଗଡ଼ାଇବାର ବ୍ୟାକୁଳତା ନିଷ୍ଠୁର ହିଂସ୍ର ବ୍ୟତୀତ ଯେ କୌଣସି ସାଧାରଣ ବ୍ୟକ୍ତି ପକ୍ଷରେ ମଧ୍ୟ ଅତି ସ୍ୱାଭାବିକ । ପ୍ରଭେଦ ଏତିକି, ଶିଶୁର ଆହ୍ୱାନ ପ୍ରବୃତ୍ତି ଆନନ୍ଦର; ଅଶ୍ରୁସିକ୍ତ ବ୍ୟକ୍ତିର ବ୍ୟାକୁଳତା ବିଷାଦର । ସରଳ ଶିଶୁ ସରଗ-ଚନ୍ଦ୍ରକୁ କେବଳ ଡାକେ; ଯଦି ନ ପାଏ କାନ୍ଦେ—ମା' ବାପା, ଭାଇ ଭଉଣୀଙ୍କ ଆଗରେ ଅଳି କରେ; ଶେଷରେ ସେଇମାନଙ୍କ ଛଳନାତ୍ମକ ରଙ୍ଗଢଙ୍ଗ ଦେଖି ନିରାଶ ପ୍ରାଣରେ ଶୁଷ୍କ ମୁଖରେ ଖାଲି ଗାଳି ଦେଇଥାଏ । ଏଇ 'ଅଶ୍ରୁ-ତର୍ପଣ' ଲେଖାରେ ମୋର ମାନସିକ ଅବସ୍ଥା ଅବିକଳ ସେଇପରି । ଏଥିରୁ ଏହା ବୁଝିବାକୁ ହେବ ଯେ, ଅଜ୍ଞାନ ଶିଶୁ ସିନା ନିଜର ଶକ୍ତି ସାହସର ଅଭାବ ଯୋଗୁଁ ଈପ୍‌ସିତ ଚନ୍ଦ୍ରକୁ ପାଇପାରେ ନାହିଁ—ପାଖକୁ ଯାଇପାରେ ନାହିଁ; କିନ୍ତୁ ଦେଶବିଦେଶରେ ତ' ଆଜି ଅନେକ କୃତବିଦ୍ୟ ଜ୍ଞାନବୃଦ୍ଧ ବାହାରିଛନ୍ତି, ଯେଉଁମାନେ ଚନ୍ଦ୍ରଲୋକକୁ, ମଙ୍ଗଳଗ୍ରହ ପାଖକୁ ଯିବାପାଇଁ କୃତନିଶ୍ଚୟ ତଥା ପ୍ରାଣପଣେ ଚେଷ୍ଟିତ । ବିଶେଷ ଜ୍ଞାନର ସାହାଯ୍ୟରେ ଚିନ୍ତା କଲେ, ଟିକିଏ ସାଧନା ଖଟାଇଲେ, ଭାରତର ମୋହନ-ଚନ୍ଦ୍ରଙ୍କର ସତ୍ୟ-ଶାନ୍ତି-ପ୍ରେମ-ଅହିଂସା

।

ରୂପକ ଚନ୍ଦ୍ରାଲୋକକୁ ଭୂମଣ୍ଡଳରେ ବିକୀର୍ଣ୍ଣ କରିବା କିମ୍ବା ଭୂମଣ୍ଡଳକୁ ମଙ୍ଗଳଗ୍ରହ ପରିବର୍ତ୍ତେ ମଙ୍ଗଳଗ୍ରହରେ ପରିଣତ କରିବା ସେମାନଙ୍କ ପକ୍ଷରେ ବେଶି ବିଚସ ବା କ'ଣ ! ଏଭଳି ସାଧକ ବିଶ୍ୱବରେଣ୍ୟ ବାପୁଜୀଙ୍କ ଆସନଠାରୁ ଆହୁରି ଉଚ୍ଚ ଆସନର ଅଧିକାରୀ ନୁହନ୍ତି କି ?

ସ୍ୱର୍ଗୀୟ ମୋହନ-ଚନ୍ଦ୍ରଙ୍କର ସହସ୍ର ସହସ୍ର ପ୍ରତିବିମ୍ବିତ ଚନ୍ଦ୍ର ଧରାଧାମରେ ନୈସର୍ଗିକ ଚନ୍ଦ୍ରରୂପରେ ପରିଣତ ହେଉନ୍ତୁ, ସର୍ବଶକ୍ତିମାନ୍ ଦୟାମୟ ଭଗବାନଙ୍କଠାରେ ଏହାହିଁ ମୋର ଶିଶୁତୁଲ୍ୟ ସରଳ ପ୍ରାଣର ଐକାନ୍ତିକ ପ୍ରାର୍ଥନା । ଇତି ।

ବିଜେପୁର-ବୁରେମାଲ
ତା ୨୧-୫-୫୦

**ଶ୍ରୀ ଖଗେଶ୍ୱର ଶେଠ**

# କୃତଜ୍ଞତା

ମୋର ଅନ୍ତରଙ୍ଗ ବନ୍ଧୁ ସତ୍‌ସାହିତ୍ୟାନୁରାଗୀ ଶ୍ରୀଯୁକ୍ତ ଉଦୟଙ୍କର ସାହୁ (ସୋହେଲା ଥାନାନ୍ତର୍ଗତ ଝିର୍ ନିବାସୀ ଜନୈକ ଭଦ୍ରବ୍ୟକ୍ତି) ଏବଂ ଶ୍ରୀମାନ୍ ପରମେଶ୍ୱର ପଟେଲ (ପାଇକମାଲ ଥାନାନ୍ତଃପାତୀ ଊର୍ଦ୍ଧ୍ୱଙ୍ଗି ପାଲି-ନି: ପ୍ରା: ସ୍କୁଲର ସହକାରୀ ଶିକ୍ଷକ) ମହାଶୟଦ୍ୱୟ ନିଜର ଆର୍ଥିକ ସ୍ୱଚ୍ଛଳତା ଅଭାବ ସତ୍ତ୍ୱେ ସୁଦ୍ଧା ଏଇ ପୁସ୍ତିକାର ମୁଦ୍ରଣ ବ୍ୟୟଭାର ସ୍ୱତଃପ୍ରବୃତ୍ତିରେ ତଥା ଆଦର୍ଶ ବନ୍ଧୁର ଆଂଶିକ କର୍ତ୍ତବ୍ୟ ଦୃଷ୍ଟିରେ ବହନ କରିଥିବାରୁ ତାଙ୍କର ଅମୂଲ୍ୟ ଅମାୟିକ ସୌହାର୍ଦ୍ଦ୍ୟ-ସ୍ନେହ-ସହାନୁଭୂତିର ତୁଳନାରେ ଏଇ କୃତଜ୍ଞତା-ଜ୍ଞାପକ ସୂଚକ ଦୁଇଗୋଟି ପଂକ୍ତି ଯଥେଷ୍ଟ ନୁହେଁ—ଅଥଚ ସେମାନଙ୍କ ନିକଟରେ ମୁଁ ଆଜୀବନ ଋଣୀ ।

ପରିଶିଷ୍ଟ ନିବେଦନ—ସାହିତ୍ୟିକ ଉତ୍କଳର ନବ୍ୟ ପ୍ରତିଷ୍ଠାପ୍ରାପ୍ତ ସୁପରିଚିତ ସମାଲୋଚକ ବାବୁ କେଶବ ମେହେର "ଅଶ୍ରୁ-ତର୍ପଣ"ର ପାଣ୍ଡୁଲେଖ୍ୟ ଆମୂଳାନ୍ତ ପାଠକରି ସ୍ପଷ୍ଟ ସରଳ ଉଦାର ହୃଦୟର ଯେଉଁ ସତ୍ୟମୂଳକ ମତ ବ୍ୟକ୍ତ କରିଅଛନ୍ତି, ତାହା ସତ୍ୟସନ୍ଧ ପୂଜ୍ୟପାଦ ବାପୁଜୀଙ୍କ ସ୍ୱର୍ଗୀୟ ଆତ୍ମାର ପୂଜାପୀଠ ନିର୍ମାଲ୍ୟ ସ୍ୱରୂପ ସତ୍ୟାଗ୍ରହୀ ପ୍ରିୟ ପାଠକ ପାଠିକାଙ୍କ ପ୍ରାଣରେ କିଞ୍ଚିତ୍ ପରମାହ୍ଲାଦ ପ୍ରଦାନ କରିପାରିଲେ ଅକ୍ଷୟ ଆତ୍ମପ୍ରସାଦ ମୁଁ ଲାଭ କରନ୍ତି । ଇତି ।

ବିନୀତ
**ଲେଖକ**

# ଉତ୍ସର୍ଗ *

ମହାନନ୍ଦ୍ର ମହାତ୍ମା କରକମଳେଷୁ:—

ଉଠ ବାପୁ, ଉଠ ଥରେ ଦିଅ ଦରଶନ
ମର୍ତ୍ତ୍ୟ ଅନ୍ତରାତ୍ମା ଆଜି କ୍ଲାନ୍ତ-ଅବସନ୍ନ,
କୋଟି କୋଟି ନେତ୍ରୁଁ ତବ ରକ୍ତଧାର ଭଳି
ଧୈର୍ଯ୍ୟ ବାନ୍ଧ ଅଶ୍ରୁ ରୂପେ ଯାଉଛି ତରଳି ।
ପାଶବିକ ଛଳ-ବଳ କୌଟିଲ୍ୟ ଆଶ୍ରିତ,
ଜଗିଲେହେଁ, ଯାର ନୁହେଁ ଭର ପରାଜିତ ।
ଗଡ଼େଇ ସେ ଧର୍ମାନ୍ଧିତ ଧର୍ମରକ୍ଷା-ରଣେ,
ନରଘ୍ନ-ବକ୍ଷପାତେ ଦେ' ହିଂସ୍ର ପ୍ରହାରଣେ ।
ହେ ଅହିଂସ ବୀର, ରାଜଧର୍ମ-ତତ୍ତ୍ୱଦର୍ଶୀ !
ଦେଶ-ନିଃସ୍ୱ ବନ୍ଧୁ, ବିଶ୍ୱ-ପ୍ରେମିକ ମହର୍ଷି !
ଭାଜିନାହିଁ ମରିନାହିଁ ହିଂସା-ପରାଜୟ
ଦେଖାଇଛ ମର୍ତ୍ତ୍ୟେ ଆଜି ଆହେ ମୃତ୍ୟୁଞ୍ଜୟ !
ଶୋଭମାନୁ ନୁହେଁ ଶୋକ ତଥାପି ମୋ ଆତ୍ମା
'ଅଶ୍ରୁ-ତର୍ପଣ' ଅର୍ପଇ ଯେନ ହେ ମହାତ୍ମା !

---

* ୧୯୪୮ ଜାନୁଆରୀ ୩୦ ତାରିଖ ଶୁକ୍ରବାର ।

# ଅଶ୍ରୁ-ତର୍ପଣ

ଶନି ପଦାଘାତ   କି ଅଶନିପାତ
  ଭୂକମ୍ପ, ପ୍ରଳୟ ବାତ୍ୟା,
ସବୁଠାରୁ ହେବ,   ବଳଅଛି ତବ
  ମର୍ମଦାହୀ ଶୋକବାର୍ତ୍ତା ।

ସତ୍ୟ-ଉପାସକ,   ହେ ବିଶ୍ୱ-ପ୍ରେମିକ
  କ୍ଷମାବତାର ମହର୍ଷି,
ମହେଶ ଆଦେଶେ   ଏ ଅଭାଗା ଦେଶେ
  ଆସିଥିଲ ହସି ହସି ।

ନର ସାଧାରଣ   ଅଦୃଷ୍ଟ ଅଶ୍ରୁତ
  ଅମର ବୀର ପୌରୁଷ,
ମରଧାମେ ସ୍ୱଚ୍ଛ   ଦେଖାଇ ଯାଇଛ
  ଯାହା ହେ ମହାପୁରୁଷ ।

ନର-ହାହାକାର   ସୁର-ପୁଷ୍ପହାର
  ପଶୁପକ୍ଷୀ ନେତ୍ରପାଣି,
ତୁମ୍ଭ ବନ୍ଧୁ ଗୁରୁ,   ଏ ମରଧାମରୁ
  ନେଇଛନ୍ତି କାହା ମେଲାଣି ?

ହେ ବିଶ୍ୱମୋହନ   ପତିତପାବନ
  ସମଦର୍ଶୀ ଗୁଣାକର,
ନର ମୂଢ ତୁମ୍ଭେ   କେଉଁ ଜ୍ଞାନ-ଦମ୍ଭେ
  ବୋଲିବ ତୁମ୍ଭଙ୍କୁ ନର ?

ଶୟନେ ଭୋଜନେ    ଗମନେ ବିଶ୍ରାମେ
ସକଳ କର୍ମ କରଣେ,
କେଉଁ ମହାମନା    ସତ୍ୟ-ଆରାଧନା
ଦେଖାଇଛନ୍ତି ଜୀବନେ ?

ଅହିଂସା ପରମ—    ଧର୍ମର ମରମ
ବୁଝିଛନ୍ତି ପଣ ପଣ,
ଅସୁରଙ୍କ ପଦେ    ପ୍ରେମ ଅଶ୍ରୁ ଜଳେ
ସୁଝିଛନ୍ତି କେତେ ଜଣ ?

ଦେଶ କଥା ଥାଉ    ଦେହ ନର ଆୟୁ
ଭୂମଣ୍ଡଳ-ସ୍ୱାଧୀନତା,
ଆଣିବାକୁ କେତେ    ଜଣ ଏ ମରତେ
ଦୂରାଇ ଅଛନ୍ତି ମଥା ?

ନଗ୍ନ ଅଙ୍ଗନ    ଭୋକୀ ଶୋଷୀ ଦୀନ
ଦୁଃଖୀଙ୍କ ସେବାରେ ଲାଗି,
ତ୍ୟାଗନ୍ତି ଜୀବନ-    ସୁଖ-ଶାନ୍ତି-ଧନ
ମଗିଛନ୍ତି କେତେ ତ୍ୟାଗୀ ?

ବାପୁ, ତବ ପୁତ୍ର    କନ୍ୟା ମଳମୂତ୍ର
ପୋଛିବାକୁ ଅଶ୍ରୁ ଢାଳି,
ବାହାରିବ କି ସେ'    ଭୂମ୍ବ ବକ୍ଷୋଦେଶେ
ଗୁଳି ଗିଳନ୍ତୁ ଯେ କାଲି ।

ଜନଦୁଃଖହାରୀ    ଶ୍ରୀପଦେ ଗୁହାରି
(୧) କରି ସେ' ନିଦିଧ୍ୟାସନେ;
ଗରିବ କଷଣ    ହରିବାକୁ ପଣ
ଧରିବକି ଅନଶନେ ?

(୧) ନିଦିଧ୍ୟାସନ—ମନୋନିବେଶ ପୂର୍ବକ ଧାରାବାହିକ ଚିନ୍ତା ।

ନାରୀ-ନର୍ଯ୍ୟାତନା ଦାରିଦ୍ର୍ୟ-ଯାତନା
ହରିଜନ-ତିରସ୍କାର,
ଗୋମାତାର ତନୁ ଦେଖି ତା' ନୟନୁ
ଝରିବକି ମାରଧାର ?

ସାମ୍ପ୍ରଦାୟିକତା ଭ୍ରାତୃ-ବିରୁଦ୍ଧତା-
ବହ୍ନି ଉଠିଲେ ଦେଶରେ,
ରକ୍ତଲିପ୍ତ ବାହୁ ରୋଧିବକି ସେହୁ
ଅଶ୍ରୁସିକ୍ତ ଆଶ୍ଳେଷରେ ?

ତୁମ୍ଭଙ୍କୁ ତ' ଆଜ ବ୍ୟସ୍ତେ ଖୋଜି ଖୋଜି
ସେବାଗ୍ରାମ ଶିଶୁମାନେ
କାନ୍ଦୁଥିବେ, ତାଙ୍କ ବାପୁ ! ବାପୁ !! ଡାକ
ପଶିବକି ପଶୁକାନେ ?

ଅସୁର ସମାଜେ କିବା ପଶୁ-ରାଜ୍ୟେ
ଶୁଣି ନଥିଲା ଏ କାନ,
ନ ଅଣ୍ଟିଲେ କ୍ଷୀର ଜନମୀ ରୁଧିର
ପାନକରେ ତା' ସନ୍ତାନ ।

ଭରତ-ମାତାର ତପ୍ତ ରକ୍ତଧାର
ପାନ କରଛି ଯା' ହିନ୍ଦୁ,
ତୁମ୍ଭ ବକ୍ଷ ଜାଳ ସେ ଅନଳେ ଜଳ
ନ ଯାଏ କି ସପ୍ତସିନ୍ଧୁ !

(୧) ଆହେ ସତ୍ୟାଗ୍ରହୀ, ତୁମ୍ଭ ସଙ୍ଗେ ଏହି
ଜଗତ୍‌ପ୍ରାଣ ସଦାଗତି;
ତେଜି ଏ ମହୀକି ସେକାଳେ କାହିଁକି
ସ୍ୱର୍ଗକୁ ନକଲେ ଗତି ?

(୧) ସତ୍ୟାଗ୍ରହୀ—ସତ୍ୟପ୍ରତି ଯାହାର ଚିର ଆଗ୍ରହ । ଅର୍ଥାତ୍ ଜନ୍ମଠାରୁ ମରଣ ପର୍ଯ୍ୟନ୍ତ କାୟମନୋବାକ୍ୟରେ ସତ୍ୟରକ୍ଷା ପବିତ୍ର ବ୍ରତ ଯେ ପାଳନ କରିଥାଏ । ଏ ସ୍ଥଳରେ ଆଜୀବନ ସତ୍ୟସାଧକ ସ୍ୱର୍ଗୀୟ ମହାତ୍ମା ଗାନ୍ଧୀ ।

ଦେବଙ୍କ ଆଶ୍ରୟ    ଯୋଗୁଁ ହିମାଳୟ
ସ୍ୱର୍ଗ ନ ହେଲା ଯଦି,
ହିନ୍ଦୁ-ପାପମଳ    ଧୋଉଛି ତ' ବୋଲି
ବହୁଛିକି ଗଙ୍ଗାନଦୀ ?

କାଷ୍ଠ ପାଷାଣର    ହେଲେହେଁ ଶରୀର
ପାଷଣ୍ଡ ହିନ୍ଦୁ ସମାଜେ,
ଲକ୍ଷ୍ମୀ ବରଭୁଜା    ହରିହର ପୂଜା
ପାଉଛନ୍ତି କେଉଁ ଲାଜେ ?

ହିନ୍ଦୁ-ଶାସ୍ତ୍ରସୃଷ୍ଟି    ଯେଣି ହିନ୍ଦୁଜାତି
ପୁରାଣ ସ୍ମୃତି ସଂହିତା
ଭାଗବତ ଆଦି    'ଧର୍ମଶାସ୍ତ୍ର' ଯଦି
ଆଶ୍ରି ଥାନ୍ତେ ତବ ଛତା !

ତୁମ୍ଭ ଶବାନଳ    ବହ୍ନି ସୁଶୀତଳ
କେବଳେ ହେ' ଯମୁନା-ଧାର,
ଯେ' ଭାନୁନନ୍ଦନା    ଯା' କୂଳେ ପୂତନା
ସ୍ୱପାପେ ଯାଇଛି ମାରି !

ପୁଣ୍ୟପ୍ରାଣ-ଚିତା    ଯେଣି ବା' ପବିତ୍ରା
ହୋଇଛି ଯମୁନା ଆଜ,
ତବ ହନ୍ତା ପାପୀ    ପ୍ରାଣକୁ କଦାପି
ନ ଛୁଇଁବ ଯମରାଜ ।

ହିନ୍ଦୁ ସମାଜର    ପାପୀଙ୍କି ହାଜର
କଲେହେଁ ନରକ କୁଣ୍ଡେ,
ତାଙ୍କ ରକ୍ତ-ମାଂସ    ହେବନାହିଁ ସ୍ପୃଶ୍ୟ
ନର୍କକୀଟଙ୍କର ତୁଣ୍ଡେ ।

ତୁମ୍ଭ ପୂତ-ଦେହ    ଚିତା-ଭସ୍ମ ଆଜ
ଯେ ନଦୀଧାର ମାଖିଛି,

ହିନ୍ଦୁ ସ୍ନାନ-ପାପ ମଳର ସନ୍ତାପ
ମେଣ୍ଟିଥିବ ତାର କଣ୍ଠୁ ।

ବଣ୍ଣେ କ ଦୁଷ୍କର୍ମ ସାଧିବାକୁ ଧର୍ମ-
ଧ୍ୱଜୀ ହିନ୍ଦୁ ସଙ୍କୁଚିତ ?
ସୁର-ଯଜ୍ଞାନଳେ ସୁରା ଢାଳି ବଳେ
ହୋଇପାରେ ସ୍ୱାର୍ଥପ୍ରୀତ !

କୁରଷଣଶୀଳ କୃତଘ୍ନ କୁଟିଳ
କୁଳାଙ୍ଗାର ହିନ୍ଦୁ-ସନ୍ତ,
ନ ମେଣ୍ଟିବା ଯାଏ ଏ ଦେଶ ନ ପାଏ
ଶାନ୍ତିମୟୀ-ସ୍ୱାଧୀନତା ।

ସିଦ୍ଧି ଲକ୍ଷ୍ୟ ତବ ନଥିଲା ତ' ଦେବ
ପାର୍ଥିବ ପଦ-ଆସନ,
ସଂହାମକ ରୋଗ ଭଳି ହିଂସ୍ର ଭୋଗ
ରକତଶୋଷୀ ଶାସନ ।

ନଥିଲା ହେବାକୁ ଛ' ପେସି ଦେବାକୁ
ମିଛୁଆ-ଧର୍ମାବତାର,
ନିବାର ଅପିଲ— କାଶର ଓକିଲ
କୂଟମାଡ ଦଣ୍ଡିଦାର ।

ବଂଶବାହୁ, କେଶୀ କଂସାଦ୍ଧ ଫରାସୀ-
ବୀର, ଆଲେକଜାଣ୍ଡର,
କ ଥିଲେ କ ହେଲେ କ ରଖି କ ନେଲେ
ଏ ଅଖିଳ ବ୍ରହ୍ମାଣ୍ଡର ?

ଆଧ୍ୟାତ୍ମିକ-ଦ୍ୟୁତି ପାଇଥିବାରୁଟି
ସେମାନଙ୍କ ଇତିହାସେ,
ଆହେ ତପୋନିଧି, ମଣିଥିଲ ବ୍ୟାଧି
ଭୋଗାଡ଼ମ୍ବର-ବିଳାସେ ।

କୋଟି କୋଟି ହୃଦ— ମନ୍ଦର ଆରାଧ
ଦେବତା ହୋଇଛ ଆଜି,
ନଥିବାରୁ ମନେ କର୍ମେ ବା ବଚନେ
ପିଶାଚର ଗୁପ୍ତା ବାଜି ।

ସତ୍ୟେ ଯୁଧିଷ୍ଠିର ବିନୟେ ବିଦୁର
(୧) ମୌନବ୍ରତେ ମନଃଶୀଳ,
ଆତ୍ମନିର୍ଭରତା ନିଃସ୍ୱାର୍ଥପରତା
ପ୍ରଦର୍ଶନେ ପାର୍ଥ ଥିଲ ।

ଦୁଷ୍ଟ ଦୁଃଶାସନ ଦର୍ପ-ବିଧ୍ୱଂସନ-
ପ୍ରତିଜ୍ଞାରେ ଯାଜ୍ଞସେନୀ,
ମନୋବଳ-ରଣେ କୃଷ୍ଣ, ନ୍ୟାୟପଣେ
ଧୃଷ୍ଟ-ହୃଦ ଥିଲ ଯେନ ।

ଧର୍ମ-ବିଦ୍ୱେଷିତା ଭଣ୍ଡ-ଧାର୍ମିକତା
ଉତ୍ପାଟନେ ଦୟାନନ୍ଦ,
ସ୍ୱଦୋଷ ଦର୍ଶନେ ଆତ୍ମ-ସଂଶୋଧନେ
ଥିଲ ସଦା ରାମଚନ୍ଦ୍ର ।

(୨)ଅହିଂସାରେ ବୁଦ୍ଧ ତ୍ୟାଗେ ଧର୍ମପଦ
ପ୍ରେମେ ଗଉରାଙ୍ଗ ଗୁରୁ,
ଅମୃତ ମାଧୁରୀ ସିଞ୍ଚିତମୁଖେ ଭରି
ଖସିଥିଲ ସ୍ୱର୍ଗପୁରୁ ।

ଥିଲ ପରଦୁଃଖ- କାତର, ନିରେଖ
ନିରକ୍ଷରଙ୍କର ବନ୍ଧୁ,

(୧) ମନଃଶୀଳ—ସହଦେବ, କନିଷ୍ଠପାଣ୍ଡବ ।

(୨) ଧର୍ମପଦ—ସୁନାମଧନ୍ୟ ଉତ୍କଳର ଦ୍ୱାଦଶ ବର୍ଷ ବୟସ୍କ ଶିଳ୍ପୀ ଭୁବନଖ୍ୟାତ କୋଣାର୍କ ମନ୍ଦିରର ଚୂଳନିର୍ମାଣକର୍ତ୍ତା ।

(୧)ଉତ୍କଳେ ଯେସନ    ଉତ୍କଳ ନନ୍ଦନ-
ମଣି ମଧୁ ଗୋପବନ୍ଧୁ ।

ଦୟାରେ ଜୀମୂତ—    ବାହନ ଭୂମେ ତ
ଧୈର୍ଯ୍ୟଗୁଣେ ପ୍ରହଲ୍ଲାଦ,
କ୍ଷମାଦାନେ ଯୀଶୁ    ସାରଲ୍ୟରେ ଶିଶୁ
ଥିଲଟି ହେ ପୂଜ୍ୟପାଦ !

ଶାସ୍ତ୍ରଜ୍ଞାନେ ବ୍ୟାସ    ଧ୍ୟାନେ ଅମ୍ବରୀଷ
ରାଜନୀତିରେ ଅଶୋକ,
ଥିଲ ଅବଧୂତ    ଦେବାକୁ ସତତ
ପ୍ରାକୃତିକ ଶିକ୍ଷାଲୋକ ।

ସିନ୍ଧୁ-ଅଭିମୁଖୀ    ସ୍ରୋତସ୍ୱତୀ ଦେଖି
ତା' ଗତି ଲକ୍ଷି ସଂସାରେ,
ହେ ଅହିଂସ, ସିଦ୍ଧି—    ସାଧନାର ବିଧି
ଶିଖାଇଛ ଅହିଂସାରେ ।

ଆହ୍ଲାଦ-ପ୍ରତ୍ୟାଶୀ    ନୋହି ବର୍ଣ୍ଣେ ଶଶୀ
ବତରେ ଆହ୍ଲାଦ ପ୍ରୀତି,
ପ୍ରେମ-ସୁଧା ଢାଳି    ଆଜୀବନ ପାଳି
ଯାଇଛ ସେ ମହାନୀତି ।

ପତିତପାବନ    ସବିତା ପବନ
ନ ମାନନ୍ତି ଅସ୍ପୃଶ୍ୟତା,
ଯେନ ସେ ମହତ୍ତ୍ୱ    ମାନବେ ଦେବତ୍ୱ
ଦେଖାଇଛ ହେ ଦେବତା !

(୨)ହିନ୍ଦୁ-ମୋହମ୍ମଦ    ପରି ଭ୍ରାତୃଭେଦ
(୩)ନ ଆଣି ଧର୍ମଭବନେ,

(୧) ମଧୁ—ଉତ୍କଳପୁତ୍ର ବାରିଷ୍ଟର ମଧୁସୂଦନ ଦାସ । ଉତ୍କଳମଣି—ଗୋପବନ୍ଧୁ ଦାସ ।
(୨) ମୋହମ୍ମଦ—ମହମ୍ମଦ ଧର୍ମାବଲମ୍ବୀ; ମୁସଲମାନ । (୩) ଧର୍ମଭବନ—ଭାରତବର୍ଷ ।

ମାନବ-ବାସ୍ତବ- ଧର୍ମ 'ସେବାବ୍ରତ'
ଦେଖାଉଛି ସ୍ୱର୍ଗାବଦନ ।

ଆଳସ୍ୟ-ରାକ୍ଷସ ଗର୍ବେ ଦେଖି ଦେଶ
ହେ ଦରିଦ୍ରନାରାୟଣ,
ଚର୍ମ-ଚକ୍ଷୁ ଧନ୍ଦି ଦିବସ-ଶର୍ବରୀ
କାନ୍ଦି ଯାଉଛି ଜଳ ରଣି ।

କୃତ୍ରିମ ଅଭାବ ବ୍ୟସନୀ ମାନବ
ଗଢ଼ିଅଛି ଭବେ ସିନା,
ବାସ୍ତବ ଅଭାବ କି ଅଛି ହେ ଦେବ
ନାଶି ଅନ୍ନ-ବସ୍ତ୍ର ବିନା ?

ଅନ୍ନ-ବସ୍ତ୍ର-ସ୍ଥାନ ମାନବ ଜୀବନ
ଥିଲେହେଁ ସେ' ଶବ ପରି,
ପିନ୍ଧି ପୀତାମ୍ବର ପିନ୍ଧୁ ସୁତାବର
ହେଉଛୁ କେଶବ ହରି ।

ହିମାଚଳଠାରୁ ସୀମାଚଳ ଗୁରୁ
କୁମାରିକା ଯାଏ ଯାଉ,
ପ୍ରାକୃତିକ ଧନ ବିଦେଶୀଙ୍କ ମନ-
ନେତ୍ରେ ଦିଏ ଚମତ୍କାର ।

ବିଶ୍ୱେ ମହାମୂଲ୍ୟ ରତ୍ନରେ ଅତୁଲ୍ୟ
ସେ' ଦେଶର କୋହିନୁର,
(୧) ଧନଦା, ଜ୍ଞାନଦା ମଣ୍ଡିଛନ୍ତି ସଦା
ସେ' ଦେଶ-ଜନନୀ ଉର ।

(୨) ଆଜି ସେ' ସୁକୂଳା ସୁଜଳା ସୁଫଳା
ଶସ୍ୟଶ୍ୟାମଳା ଦେବୀର,

(୧) ଧନଦା—ଲକ୍ଷ୍ମୀ । ଜ୍ଞାନଦା—ସରସ୍ୱତୀ ।
(୨) ସୁକୂଳା—ରତ୍ନବତୀ ।

ଦୁଷ୍କର୍ମା ସନ୍ତତ          ଗଣଙ୍କ ଦୁର୍ଗତି
ସୀମା ଲଙ୍ଘିଛି ହେ ବୀର !

ଶାସ୍ତ୍ର କହେ ପାପ          ଦିଏ ଦୁଃଖ-ତାପ
ସୁଖଶାନ୍ତି ପୁଣ୍ୟ ଫଳ,
ସୁଧା ପ୍ରସ୍ରବଣେ          ଥାଇ ଆତ୍ମ ପ୍ରାଣେ
ଘାରୁଛି ଆଜି ଗରଳ ।

ଉଚ୍ଚଶିକ୍ଷା ପାଇ          ତେବେ ଗଲା ନାହିଁ
ନୀଚବୃତ୍ତିର ଯାତନା,
ନୈତିକ-ଜୀବନ          ବାକ୍ୟ ସୁଗଠନ
କର୍ତ୍ତବ୍ୟ ନାହିଁ ଚେତନା ।

ଦେବ-ଅଭିଶାପ          ଅବା ଆତ୍ମ ପାପ
ପଡୁନାହିଁ ଏହା ଜଣା,
କଛିଦିନେ ମନ୍ତ୍ରୀ          ନ ପାରିବ ବନ୍ଧି
ଅହିପତି-ସପ୍ତଫଣା !

ଖନିଜ ଉଦ୍ଭିଜ          ଅବା କେଉଁ ରଜ
ରଖିନାହିଁ ଏ ଭାରତ ?
ତେବେ ସୁଦ୍ଧା ଛି’ ଛି’          ହେବାକୁ ପଡୁଛି
ଟଙ୍କାଧୀନ ସେବାରତ ।

(୧) ଟଙ୍କାକୃତ ପର—          ଚକ୍ଷୁ ଲଗି ପର
ଦୁଃଖ ପର୍ବତ ସମାନ,
ଥିଲେହେଁ ସେ ସବୁ          ଦିଶେ ଆଜି ବାବୁ-
ମାନଙ୍କୁ ଟଙ୍କାଠୁଁ ସାନ ।

---

(୧) ଟଙ୍କାକୃତ ପ୍ରଚକ୍ଷୁ—ଟଙ୍କାର ଗୋଲ ଆକାର ଧାରଣ କରିଥିବା ଚଶମା । ଏହାର ତାତ୍ପର୍ଯ୍ୟ ଏହି ଯେ, ଚଶମା ସାହାଯ୍ୟରେ ଶ୍ରେଷ୍ଠବସ୍ତୁଗୁଡ଼ିକ ମଧ୍ୟ ଟିକିଏ ସୁସ୍ପଷ୍ଟ ଓ ବଡ଼ ବଡ଼ ଦିଶିଥାଏ; କିନ୍ତୁ ଆଜି ଅଧିକାଂଶ ଚଶମା-ଆଖିଆ ବାବୁମାନଙ୍କ ଦୃଷ୍ଟିକି ଅନ୍ୟର ଦୁଃଖ, ଅସୁବିଧା ଓ ନିଜର ଦୋଷ-ଦୁର୍ବଳତା ପର୍ବତ ତୁଲ୍ୟ ଗରୀୟାନ୍ ହୋଇ ଥିଲେ ସୁଦ୍ଧା ସେ ସବୁ ଟଙ୍କାଠାରୁ ଶ୍ରେଷ୍ଠ ଦେଖା ଯାଉଛି ।

କଳ୍ପତରୁ ତଳେ    ବସି କ୍ଷୁଧାନଳେ
ଝୋଡ଼ୁଛ ଶିଶୁ-ମାଉଁସ,
ଖାଇ ହସୁଥିବା    କି ବାହାଦୁର ବା
କେଉଁ ବୀର ପଉରୁଷ !

ଈଶ୍ୱରଙ୍କ ରାଜ୍ୟ    ବିଶ୍ୱ-ସେବାକାର୍ଯ୍ୟ
କେହି ନୁହେ ବଡ଼ ସାନ,
ପଦ-ଅଭିମାନ    ଦେଖାଇବା ଆଜ
ପ୍ରଭୁ ସିନା ଅପମାନ !

ଦେଶୀ ବାବୁମାନେ    ବେଶି ଅଭିମାନେ
ଦେଶସେବା ବେଶ ସାଜି,
ପଦବୀ-ପାହାଚ    ଡେଇଁ ଡେଇଁ ନାଚ
ଦେଖାଉଅଛନ୍ତି ଆଜି ।

ଶାସନ ଉତ୍ସରେ    ଥିଲେ ଯେଉଁ ଆଗେ
କୃଷ୍ଣାଙ୍ଗର ଛୁଞ୍ଚୀ,
ସେମାନେ ହିଁ ଆଜି    ତାନମାନ ଦେଇ
ପିଟନ୍ତି ଝାଞ୍ଜ ଖଞ୍ଜଣୀ ।

ଧରୁ ସାପ ତଣ୍ଡି    ତା' ଗରଳ କାଢ଼ି
ଯତନେ ରଖିଲେ ସଞ୍ଚି,
ସାପ ମୁକୁଳିବା    ଅବା ଘରେ ଥିବା
କି ପ୍ରଭେଦ ଏଥି ଅଛି ?

ଭାରତେ ଇଂରାଜ    ନାହିଁ ସିନା ଆଜ
ମାତ୍ର ତାର କୃଷ୍ଣାଙ୍ଗ,
ବଢ଼ି ଦୁଇଗୁଣେ    ମାରାତ୍ମକ ଗୁଣେ
ଗରଳୁଁ ଗଳଣି କେତ ।

ଯେ ଦୋଷେ ଏ ଦେଶୁଁ    ବିତାଡ଼ିତ ପଶୁ-
ରାଜଧର୍ମୀ ଇଂରାଜ;

(୧)ଅତ୍ୟାଗ୍ରହୀ ଛଳ- ସତ୍ୟାଗ୍ରହୀ ଦଳ
ସେ ଦୋଷେ ଢ଼' ନେତା ଆଜ !

ମନ୍ତ୍ରୀ ସଭ୍ୟଙ୍କର ସାଧନା ଦୁଷ୍କର
ଯା' ଭାଗେ ଯେତକ ଫଳେ;
ସେଠା ପୁରସ୍କାର ଗୋଷ୍ଠା କାରବାର
ଲାଞ୍ଚ ଭଣ୍ଡାଦରେ ଚଳେ ।

ପ୍ରଜାଦୁଃଖ ଗାଇ ପ୍ରଜା-ଭୋଟ ପାଇ
ଦେଶରେ ଆଜ ଯେମାନେ
ଶାନ୍ତ-ବଧାପୂର୍ବ, ପ୍ରଜା-ଆର୍ତ୍ତିଡାକ
ବାଜୁନାହିଁ ତାଙ୍କ କାନେ ।

ଅର୍ଥ, ଅଧିକାର, ପଦ, ଅହଙ୍କାର
କ୍ଷମତା ଧ୍ୟେୟ ଯା'ଙ୍କର,
ତାଙ୍କ ପକ୍ଷେ ଧର୍ମ କରଣୀୟ-କର୍ମ
ଖୋଜିବାକୁ କାହିଁ ତର ?

ଗ୍ରାମେ ଶାନ୍ତ ଢ଼ଆ ପଞ୍ଚ ଗଉନ୍ତିଆ
ବସିଛନ୍ତି ବସ୍ତୁ ସମ,
ସାମାନ୍ୟ ତ୍ରୁଟିରେ ଦୁର୍ବଳ ତଣ୍ଟିରେ
ଫାଶି ଦେବାକୁ ସେ' ଯମ ।

ଆଜ ପ୍ରତି ଗ୍ରାମେ ଦଳାଦଳି କାମେ
ଲାଗିଛନ୍ତି ଦଳ ଦଳ,
ନଗାନ୍ତ ନରନ୍ତ * ନଗଣ୍ୟ-ପ୍ରାଣ
କରିବାକୁ କଲବଲ ।

(୧) ଅତ୍ୟାଗ୍ରହୀ—ଗୁଣ୍ଡା, ବଦମାସ । ଛଳ-ସତ୍ୟାଗ୍ରହୀ—ଯେଉଁମାନେ ଗଡ଼୍ଡ଼ାଳିକା ପ୍ରବାହବତ୍ କ୍ଷଣିକ ଉତ୍ତେଜନାରେ କିମ୍ବା ଭବିଷ୍ୟତ୍ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ସାମୟିକ ସତ୍ୟାଗ୍ରହରେ ବୀରତ୍ୱ ଦେଖାଇଛନ୍ତି ।

ଦେବ, କେତେ ଗ୍ରାମେ ଛଦ୍ମ ଭୂତ ନାମେ
ଥିଲା ଯେଉଁ ଅର୍ଥ ଜମା,
ସେ ଅର୍ଥ ଖରଚରେ ଆଜ କଣ୍ଠ ମିଳେ
ଚଳୁଅଛି ମକଦ୍ଦମା ।

ସ୍ୱରାଜ୍ୟ ହାସଲ କରିବାର ଫଳ
ଦେଇଥାନ୍ତା ଯିନା ଶାନ୍ତି,
ନ୍ୟାୟକର୍ତ୍ତା ସାଜ ଅନେକେ ତ ଆଜି
ସ୍ୱେଚ୍ଛାଚାରିତା ଦେଖାନ୍ତି ।

ପୁଲିସଙ୍କ ଆଗେ ଗୁହାରିଲେ, ରାଗେ
ଦିଅନ୍ତି ସେ' ଯେଉଁ ଉତ୍ତର,
ଆତ୍ମରକ୍ଷା ପାଇଁ ଘୁ'ଖିଆ ନଦେଇ
ଫେରି ଆସିବା ଦୁସ୍ତର ।

ପ୍ରାଣ-ବ୍ୟାକୁଳତା ଦେଖାଇ ଜନତା
ମାଗୁଛି ଯା ଦରକାର,
ଆଶ୍ୱାସ ମିଳୁଛି ଶାନ୍ତି ତୃପ୍ତି କିନ୍ତୁ
ଦେଇନାହିଁ ସରକାର ।

ଯହିଁ ଅର୍ଥ ତହିଁ ଧର୍ମପନ୍ଥା ନାହିଁ
ଧର୍ମ ନ ଇଚ୍ଛେ ବିଭବ,
ଆଲୋକ, ଅନ୍ଧାର ଆଶ୍ରି ଏକାଧାର
ରହିବାର ଅସମ୍ଭବ ।

ଭାରତ କଳଙ୍କ ଧର୍ମ-ମୁଖ ଆଜ
ଧର୍ମଧ୍ୱଜଙ୍କର କାମେ,
ଚୋର-ଡକାଇତ ଦଗାବାଜ ମାତ
ଚଳେ ଯେଣୁ ଧର୍ମ ନାମେ ।

ନ୍ୟାୟ ଚକ୍ଷୁ ସତ୍ୟ— ମୁକ୍ତି ପଦାଘାତ
କର ଧର୍ମଦ୍ରୋହୀ ଚେକେ,

ଆଜ ଗଣ୍ୟମାନ୍ୟ ଜନପ୍ରିୟ ଧନ୍ୟ
ହେବାକୁ ବ୍ୟସ୍ତ ଅନେକେ ।

ରାବଣର ଯତି- ବେଶ କି ପ୍ରକୃତି
ଗୁଣ କରିପାରେ ଭିନ୍ନ ?
(୧)ସୁନାପୋକ ମୋତି- ମାଣିକ୍ୟର ଜ୍ୟୋତି
ରଖିପାରେ କେତେ ଦିନ ?

କାଲି ଯେଉଁ ଖଦୀ ଅଙ୍ଗ-ଚିତ୍ତଶୁଦ୍ଧି
ଆଣୁଥିଲି ପୁଣ୍ୟ ମୁଦେ,
ଆଜ ସେ ଖଦଡ଼ ବାନା ନର୍କ-ଗାଡ଼
ଖୋଲେ କେତେକଙ୍କ ହୃଦେ ।

ନ ମାଡ଼ଇ ଲଜ ସେ ମଧରୁ ଆଜ
ଅନେକେ "ହା ବାପୁ !" ବୋଲି,
ଗଡ଼ନ୍ତି କନ୍ଦନେ ଅଶ୍ରୁ ପ୍ରଦର୍ଶନେ
(୨) ନେହଯୁଗେ ଛେପ ବୋଳି ।

ନୁହେ କି ଗୌରବ ? ବାପୁ, ଯେବେ ତବ
ଦାୟାଦ-ଦାୟିତ୍ୱ ଏହା,
ଏମାନେ ଯଦ୍ୟପି 'ସୁପୁତ୍ର' ହେ ତପି
କେ' ଆଉ ପିତୃ-ଦ୍ରୋହୀ ?

ସ୍ୱାଧୀନତା ଅର୍ଥ ନୁହଇ ତ' ସ୍ୱାର୍ଥ-
ଜଡ଼ିତ ସ୍ୱେଚ୍ଛାଚାରିତା,
କର୍ତ୍ତବ୍ୟ-ସାଧନା ଅଧିକାର ସିନା
ଆଣିଛ ହେ ରାଷ୍ଟ୍ରପିତା !

---

(୧) ପ୍ରଜାପତି ପତଙ୍ଗର ଦ୍ୱିତୀୟ ଅବସ୍ଥା । ଏହାର ସଂସ୍କୃତ ନାମ "କଣଭ" । ସମ୍ବଲପୁର ଅଞ୍ଚଳରେ ପ୍ରାୟ ଅଧିକାଂଶ ଲୋକ ଏହାକୁ "ସୁନାପୋକ" କହନ୍ତି ।

(୨) ଯେଉଁମାନଙ୍କ କାନ୍ଦଣାରେ ପ୍ରାଣ-ବ୍ୟାକୁଳତା କିଛି ନାହିଁ, ଅଥଚ ଧର୍ମଧ୍ୱଜମାନଙ୍କ ଛଳ-କ୍ରନ୍ଦନ ପ୍ରତି ଏହି ବ୍ୟଙ୍ଗୋକ୍ତି ପ୍ରଯୁଜ୍ୟ ।

ସତ୍ୟ ସ୍ୱାଧୀନତା    ଅହିଂସା ଏକତା
ତବ ପ୍ରେମ, ମୈତ୍ରୀ, ତ୍ୟାଗ,
ତତ୍ତ୍ୱଜ୍ଞାନ ନର    ହୃଦ-ସାମ୍ରାଜ୍ୟର
ଏକ ଏକ ମହାଯାଗ ।

ପୁରାଣ ଯା' ଭାଷେ—    ଦେବତାଙ୍କ ଆସ୍ୟେ
ମୋହିନୀ ଦେଲେ ଅମୃତ,
ଶିତିକଣ୍ଠ-ଗଳ    ବଳକା ଗରଳ
ଭୁଞ୍ଜିଲେ ଦିତିଙ୍କ ସୁତ ।

ପୁଣି ସେ ଅମୃତ    ନିଃସରିଲା ସତ୍ୟ
ରୂପେ ଦେବଙ୍କ ବଦନୁ,
ଶଠ-ମିଷ୍ଟ-କୂଟ    ରୂପେ କାଳକୂଟ
ଝରିଲା ଦୈତ୍ୟ ବଚନୁ ।

ସତ୍ୟର ମାଧୁରୀ    ମର୍ତ୍ତ୍ୟେ ଯେ ବିତରି
ଯାଉଛନ୍ତି ସେହି ଦେବତା,
ମିଥ୍ୟାବାଦୀ ବିଷ-    ଦାତାକୁ ରାକ୍ଷସ
ବୋଲିବାର ଅଧିକତା ।

ତୁମ୍ଭେ ତ' ମୋହନ,    କରିଛ ବଣ୍ଟନ
ପ୍ରେମ-ମଧୁ, ସତ୍ୟ-ସୁଧା,
ତଥାପି କେତେକ    ସରବଗ୍ରାସୀଙ୍କ
ନ ମେଣ୍ଟିଲା ପାପ-କ୍ଷୁଧା ।

ସେ ପାପ-ବାସନା    ରୋଧିବାକୁ ପିନା
ତବ ମାନସ ପହ୍ଵସ—
ରାଜ୍ୟରେ ସତତ    କରୁଥିଲା ନୃତ୍ୟ
ରାମରାଜ୍ୟ-ପୁଣ୍ୟରସ ।

ଏ କାଳେ ତୁମ୍ଭଙ୍କୁ    ସରଗେ ନେବାକୁ
ବାସବ ପ୍ରେରିତ ପକ୍ଷେ,

ସ୍ୱାଗତ ସଙ୍କେତ ରୂପେ ପାରିଜାତ
ଫିଙ୍ଗିଦେଲେ ତବ ବକ୍ଷେ ।

ମର୍ତ୍ତ୍ୟ-ମନ୍ଦାନଳ ଲାଗି ଦିବ୍ୟ ଫୁଲ
ମଉଳିଲା ଝରି ଝରି,
ମାନବ ଆଖିକୁ ଦେଖାଗଲା ବୁକୁ
ରକତ ଝରିଲା ପରି ।

ହସହସ ମୁଖେ ଗୁଳି ନିଜ ବକ୍ଷେ
ଧୀରେ ଉଚ୍ଚାରି—ହେ ରାମ,
ମର୍ତ୍ତ୍ୟଦେହ ମର୍ତ୍ତ୍ୟେ ଦେଇ ଦିବ୍ୟରଥେ
ଚାଲିଗଲ ଦିବ୍ୟଧାମ ।

## 'ରାମ-ଭଜନା'ରେ

# ଗାନ୍ଧିଜୀଙ୍କ ନିର୍ଦ୍ଦେଶ

(କ୍ଷୀରମପୁସିନ୍ଧୁ-କେମା-ଜୀବବନ୍ଧୁ—ବୃତ୍ତ)

(୧)

ଅଜ୍ଞାନ ବାତୁଳ ଜୀବନକୁ ତୁ ତ
ମାୟା-ଜାଲେ ହେଲୁ ବନ୍ଦୀ,
ସାରଶୂନ୍ୟ ଧନ ଆଶାର ବନ୍ଧନ
ଦେଇଛୁ ତୋ' ପାଦ ଛନ୍ଦି;
ମୂଢ଼ମନ, ମୁଖେ ରାମନାମ ଭଜ,
କାହିଁ ତୋ ମୁକତି ? ରଘୁଙ୍କ ପୀରତି
ରସେ ରହନ୍ତୁ ନିମଜ୍ଜି—ମୂଢ଼ମନ !

(୨)

ଏକପତ୍ନୀବ୍ରତ ଟେକକୁ ସତତ
ଟେକ ଥିବାରୁ ସେ ମାଥେ,

କାମାତୁର ଲଙ୍କା— ବଷ୍ଟିନାକୁ ସଜା
ଦଅାଇଲେ ଭାଇହାତେ;
ମୂଢ଼ମନ, ମୁଖେ ରାମନାମ ଭଜ,
ରୂପବନ୍ତ ପର- ଯୁବନ୍ତ-ପାପର
ପ୍ରେମେ ହେଉଛୁ ତ' ଗଞ୍ଜି—ମୂଢ଼ମନ !

(୩)

ବିନାଦୋଷେ ଦସ୍ୟୁ ପରାଏ ପରଶୁ-
ରାମ ତାହାଙ୍କୁ ଓଗାଳ,
ଦେଲେ ନିନ୍ଦା ଗାଳି ସେ ସବୁ ସମ୍ଭାଳି
ନେଲେ ପ୍ରଭୁ କ୍ରୋଧ ଟାଳି;
ମୂଢ଼ମନ, ମୁଖେ ରାମନାମ ଭଜ,
ଦୋଷଦର୍ଶୀ ତୁଣ୍ଡ ଫିଟାଇଲେ ମୁଣ୍ଡ
ନେବାକୁ ଉଠୁ ଗରଜ—ମୂଢ଼ମନ !

(୪)

ବିମାତାନନ୍ଦନ ହସ୍ତେ ରାଜ୍ୟ ଧନ
ସମର୍ପିଲେ ତେଜି ଲୋଭ,
ତ୍ୟାଗବୀର ବେଶେ ପଶିଲେ ବନେ ସେ'
ନ ଆଣି ମାନସେ କ୍ଷୋଭ;
ମୂଢ଼ମନ, ମୁଖେ ରାମନାମ ଭଜ,
ଭାଇ ପ୍ରାଣେ କ୍ଲେଶ ଦେଇ ମିଥ୍ୟା କେସ
ପାରୁଛୁ କେତେ ସରଜ—ମୂଢ଼ମନ !

(୫)

ଯେଉଁ ସୀତା ଲାଗି ଶିବଧନୁ ଭାଙ୍ଗି
ନାଶିଲେ ଦୁଷ୍ଟ ରାବଣେ,
ଲୋକନିନ୍ଦା ଶୁଣି ତେଜିଲେ ସେ ପୁଣି
ଗର୍ଭିଣୀ ସୀତାଙ୍କୁ ବନେ;
ମୂଢ଼ମନ, ମୁଖେ ରାମନାମ ଭଜ,

ଚିର ନୁହେ କାୟା ତଥାପି ତୁ' ମାୟା-
ମୋହେ ତ' ଯାଉଛୁ ହଜି—ମୂଢ଼ମନ !

(୬)

ରାଜ ଅଭିମାନ ପ୍ରଭାବ ସମ୍ମାନ
ଭୁଲିଯାଇ ସେ' ନଜର,
ଗୁହକ ଶବର— କପି ସୁଗ୍ରୀବର
ବନ୍ଧୁତ୍ୱେ ଦେଲେ ନଜର;
ମୂଢ଼ମନ, ମୁଖେ ରାମନାମ ଭଜି,
(୧)ପଦ ଆଡ଼ମ୍ବର ସମାଜ-ନମ୍ବର
ପାଉଛୁ କିସ ବରଜି—ମୂଢ଼ମନ ?

(୭)

ଭ୍ରାତୃଦ୍ୱେଷୀ ବାଳି- ହିଂସା ଦେଲେ ଜାଳି
ମଇତ୍ରୀ ପ୍ରେମ ପୂରଣେ,
ନ ହୋଇ ମତ୍ସରୀ ସେ' ହେମନଗରୀ
ଅରପିଲେ ବିଭୀଷଣେ;
ମୂଢ଼ମନ, ମୁଖେ ରାମନାମ ଭଜି,
ପରଶ୍ରୀକାତର- ପ୍ରାଣେ ନିରନ୍ତର
ବୁଣୁଛୁ କଳହମଞ୍ଜି—ମୂଢ଼ମନ !

(୮)

ଗୁଣଗ୍ରାହୀ ଭବ— ଶ୍ରୀହରିଙ୍କ ସ୍ୱଭାବ
ଥିଲା ମହତ ଉଦାର,
ରଖିଦେଲେ ଚିର ଦିନ ଗୁଣ୍ଡୁଚିର
ଦେହେ କରାଙ୍ଗୁଳି ଗାର;
ମୂଢ଼ମନ, ମୁଖେ ରାମନାମ ଭଜି,
କେତେ ଗୁଣୀଙ୍କର ହୃଦରେ ତୋ କର
ଦେଇଛି ସୁରେଖା ରଂଜି—ମୂଢ଼ମନ ।

(୧) ସମାଜ-ନମ୍ବର—ବ୍ରାହ୍ମଣ କରଣାଦି ଜାତିଭେଦ, ହିନ୍ଦୁ ମୁସଲମାନାଦି ସାମ୍ପ୍ରଦାୟିକ ଭେଦ, ସେବ୍ୟ-ସେବକାଦି ବ୍ୟକ୍ତିଗତ ଭେଦ ।

(୯)

ଶାପେ ହୋଇଥିଲ          ଅହଲ୍ୟା, ମିଥିଲ-
ପଥରେ ପଡ଼ିତ ଶିଳା,
ଯା' ପଦ ପରଶେ          କନ୍ୟା-ଆଦରଶେ
ହେଲ ସେ ସତୀ ସୁଶୀଳା;
ମୂଢ଼ମନ, ମୁଖେ ରାମନାମ ଭଜ,
ସତୀ ସ୍ୱାଧ୍ୱୀ ପ୍ରାଣ          କର ତୁ' ପାଷାଣ
ହେଉ କପଟ ଧର୍ମଧ୍ୱଜୀ—ମୂଢ଼ମନ !

(୧୦)

ଷଡ଼ରିପୁଜୟୀ          ଉଦାର ହୃଦୟୀ
ରାମଙ୍କ ଗୁଣ ସ୍ୱଭାବ
କରଣୀୟ କର୍ମେ          ତୋ ସମାଜଧର୍ମେ
କି ଶିକ୍ଷା ଅଛି ତା' ଭାବ;
ମୂଢ଼ମନ, ମୁଖେ ରାମନାମ ଭଜ,
ଦେଖାଉ ତୁ' ଯାହା          କି ସାଧନା ତାହା
ପାରିବୁ ନକେ ସମଜ—ମୂଢ଼ମନ !

# ପର୍ଣ୍ଣା ସତୀ

# ଭୂମିକା

ଓଡ଼ିଶାରେ ଏ ଯାଏ ଆଞ୍ଚଳିକ ଭାଷାରେ ସ୍ୱତନ୍ତ୍ର ସାହିତ୍ୟ ସୃଷ୍ଟିର ପ୍ରୟାସ ହୋଇନାହିଁ । କିନ୍ତୁ ଏହି ଦିଗରେ ସେପରି ପ୍ରଚେଷ୍ଟା ଅସମୀଚୀନ ହେବାର କୌଣସି ବଳବତ୍ତର ପ୍ରମାଣ ନଥିଲା ପରି ମନେ ହୁଏ । ପାଶ୍ଚାତ୍ୟ ସାହିତ୍ୟ ଆଡ଼କୁ ସ୍ଥିର ଦୃଷ୍ଟି ନିକ୍ଷେପ କଲେ ଆମେ ସହଜରେ ଜାଣିପାରୁଁ ଯେ ସେହିଠି ପ୍ରାଦେଶିକ ବା ଆଞ୍ଚଳିକ ଭାଷାରେ ସାହିତ୍ୟ-ସୃଷ୍ଟି ବହୁ ଦିନରୁ ହୋଇସାରିଛି ।

ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ଇଂଲଣ୍ଡ ଏହି ତିନୋଟି ବ୍ରିଟିଶ ଦ୍ୱୀପପୁଞ୍ଜର ଅନ୍ତର୍ଗତ ହେଲେ ମଧ୍ୟ ଏମାନଙ୍କର ଭାଷା-ସାହିତ୍ୟ ସ୍ୱତନ୍ତ୍ର । ସେହିଭଳି ସମ୍ବଲପୁର ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲେହେଁ ଏହାର ଭାଷାରେ ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ବରାବର ରହିଛି । ସେଇ ଦିଗରୁ ସମ୍ବଲପୁରୀ ଭାଷା ସ୍ୱତନ୍ତ୍ର ଓ ମୌଳିକ-ସାହିତ୍ୟ ସୃଷ୍ଟି କରିବାର ଆସ୍ପର୍ଦ୍ଧା ରଖେ ।

ସୁଖର ବିଷୟ, ଏହିଦିଗରେ କବି ଖଗେଶ୍ୱର ଶେଠଙ୍କ ପ୍ରୟାସ ପ୍ରଥମ ଓ ତାଙ୍କର ସେ ଭାଷାରେ ସାହିତ୍ୟ ସୃଷ୍ଟି କରିବାର ଦଖଲ ଅଛି ବୋଲି ମନେ ହୁଏ । କାହିଁକି ନା ସେ ଓତଃପ୍ରୋତ ଭାବରେ ପଲ୍ଲୀର ପ୍ରାଣ ସହିତ ବିଜଡ଼ିତ ଓ ଆବାଲ୍ୟ ପଲ୍ଲୀର ନିଭୃତ କୋଣରେ ବାସ କରି ଆସିଅଛନ୍ତି । ସୁତରାଂ ପଲ୍ଲୀର ସୁଖ ଦୁଃଖ, ଆଶା ଆକାଂକ୍ଷା, ଆବେଗ ଉତ୍କଣ୍ଠା ତଥା ବିରହ ମିଳନର ଚିତ୍ର ତାଙ୍କ ଲେଖାରେ ମୁଖର ଓ ଜୀବନ୍ତ ହୋଇଉଠିଛି । ଶଂସିତ ଶେଠ ମହୋଦୟଙ୍କ ପ୍ରଣୀତ 'ପଏର୍ଛା-ସଙ୍ଗ' ଏହି ଭାଷାରେ ଅଭିନବ ଓ ସର୍ବପ୍ରଥମ କାବ୍ୟ । ଏହାର ନାୟିକା, ବିଷୟବସ୍ତୁର ଚୟନ ଓ ରଚନା-ଶୈଳୀ ତଥା ଆଲଂକାରିକ ଛଟା ଆମ ଓଡ଼ିଆ ସାହିତ୍ୟରେ ସମ୍ପୂର୍ଣ୍ଣ ନୂତନ । ଏଥିରେ ଗତାନୁଗତିକ ପନ୍ଥା ତ୍ୟାଗ କରି ଆକ୍ଷେପମୂଳକ ନୂତନତ୍ୱ ଆରୋପ କରିଥିବାଦ୍ୱାରା ସମ୍ଭବତଃ କେତେକ ଭାଇ ଭଉଣୀଙ୍କ ମନୋଭାବ ଟିକିଏ ଭିନ୍ନାକାର ଧାରଣ କରିପାରେ । ତନ୍ନିମିତ୍ତ ସେମାନଙ୍କ

ମନୋଗତ ସମାଲୋଚନାର ଅବକାଶ ସକାଶେ କତିପୟ ବିଶିଷ୍ଟ କାରଣ ଲିପିବଦ୍ଧ କରିବାର ଆବଶ୍ୟକତା ଅପରିହାର୍ଯ୍ୟ ମନେକରୁଁ ।

ପୂର୍ବଭାରତର ଶିକ୍ଷା ସଭ୍ୟତା ସମ୍ବନ୍ଧୀୟ ଗର୍ବ ଗୌରବର ତୁଳନାରେ ଆଜି ନବ ଭାରତର ଅବସ୍ଥା ଅତୀବ ଶୋଚନୀୟ; ଏହାର ଜୀବନ୍ତ କାରଣ ସ୍ୱରୂପ ସାଂପ୍ରଦାୟିକ ସଙ୍କୀର୍ଣ୍ଣ ମତଭେଦ, ମାତ୍ସର୍ଯ୍ୟ ଜନିତ ଭୀଷଣ ଭ୍ରାତୃ-ବିରୋଧ, ଅନ୍ତଃସାରଶୂନ୍ୟ ଜାତ୍ୟଭିମାନ ତଥା ଆତ୍ମକର୍ତ୍ତବ୍ୟ ଉଦାସୀନତା ପ୍ରଭୃତି ଅନେକ ଦୋଷ ଦୁର୍ବଳତା ଥିଲେ ସୁଦ୍ଧା ନାରୀଶିକ୍ଷାର ଅଭାବ ହେଉଛି ତନ୍ମଧ୍ୟରୁ ଗୋଟାଏ ପ୍ରଧାନ କାରଣ । ଯେହେତୁ ନାରୀଜାତି ହିଁ ଜଗତର ଆଦ୍ୟଶକ୍ତି, ଜଗଜ୍ଜନନୀ ଓ ଜଗଦ୍ଧାତ୍ରୀ । ଆଜି ଏହି ବିଶ୍ୱନମସ୍ୟା ଦେବୀଙ୍କୁ ରକ୍ତଶୋଷିଣୀ ରାକ୍ଷସୀରୂପରେ ପରିଣତ କରିଛି କିଏ ? ଆମର ବିଶ୍ୱାସ, ଏହାର ସାଙ୍କେତିକ ଉତ୍ତର ପ୍ରଦାନରେ ଅଧିକାଂଶ ଚିନ୍ତାଶୀଳ ସୂକ୍ଷ୍ମଦର୍ଶୀ ବ୍ୟକ୍ତିଙ୍କର ଅଙ୍ଗୁଳି ନିର୍ଦ୍ଦେଶ ପଡ଼ିବ ନିଶ୍ଚୟ ପୁରୁଷ ଉପରେ । କିନ୍ତୁ ଆଜି ସେହି ପୁରୁଷ ହିଁ ନାରୀଜାଗରଣର ନାଗରା ପିଟିଛି ନଗରର ଗଳିଗଳିରେ— ପୁରପଲ୍ଲୀର କନ୍ଦରକନ୍ଦରେ । ଅବଶ୍ୟ ନାରୀର ଦୋଷ ଦୁର୍ବଳତା ଯେ ଆଦୌ ନାହିଁ—ଏହା ନୁହେଁ । ଆମର କହିବାର ତାତ୍ପର୍ଯ୍ୟ ହେଉଛି— ନାରୀର ଆଚରଣ ଭଲ ଥିଲେ ମଧ୍ୟ ତା'ର ଅନିଚ୍ଛାସତ୍ତ୍ୱେ ସ୍ଥାନବିଶେଷରେ ପୁରୁଷ ତାକୁ ନଷ୍ଟଭ୍ରଷ୍ଟ କରି ଦେଉଥିବାର ଘଟଣା ଓ ନାରୀର କଦର୍ଯ୍ୟ ମନୋବୃତ୍ତିକୁ ଆଶ୍ରୟ ପ୍ରଶ୍ରୟ ଦେଉଥିବାର ଭୂରିଭୂରି ପ୍ରମାଣ ପୁରୁଷଠାରେ ବହୁପରିମାଣରେ ମିଳେ । ସୁତରାଂ ଯାହାକୁ ବାସ୍ତବ ଶିକ୍ଷା ସଭ୍ୟତା ବୋଲିଯାଏ—ସେଭଳି ବାତାବରଣରେ ସାମାଜିକ ଜୀବନ ଗଢ଼ିବାକୁ ହେଲେ ନାରୀ-ଜାଗୃତି, ନାରୀ-ଶିକ୍ଷୋନ୍ନତି ଆନୟନରେ ନାରୀ ଅପେକ୍ଷା ପୁରୁଷର ଦାୟିତ୍ୱ ଓ ଗୁରୁତ୍ୱ ବେଶି ।

ଆଜି ଅଯଥା ଲୋକ-ଦେଖାଣିଆ ଛଳନାତ୍ମକ ମାନମର୍ଯ୍ୟାଦା ଓ ନାରୀଜାତିର କୁତ୍ସିତ ଚରିତ୍ର-ଚିତ୍ରକୁ ଘୋଡ଼ାଇ ରଖିବା ଉଦ୍ଦେଶ୍ୟରେ ବୀଭତ୍ସ ଗୁପ୍ତ ତାଣ୍ଡବର ଘୃଣ୍ୟ-ଦୃଶ୍ୟରେ ପର୍ଦ୍ଦା ପକାଇ ଦୁଶ୍ଚରିତ୍ରା ବ୍ୟଭିଚାରିଣୀ ସ୍ତ୍ରୀମହଲ ସମ୍ମୁଖରେ ସତୀ ସାଧ୍ୱୀ ସୀତା, ସାବିତ୍ରୀଙ୍କ ଆଦର୍ଶ ଚିତ୍ର ଉପସ୍ଥାପିତ କରିବା ପ୍ରୟାସ ଯାହା, ଦୁର୍ଗନ୍ଧ ଦୂଷିତ ଦୁରାରୋଗ୍ୟ ବ୍ରଣର ପଟିବନ୍ଧା ମୋଟା ମଇଳା କନା ଉପରେ ଡାକ୍ତର ମଲମ ପ୍ରଲେପର ବ୍ୟବସ୍ଥା ଠିକ୍ ସେଇୟା । ଅଥଚ ଉତ୍ତମ ଫଳପ୍ରାପ୍ତି ଆଶାରେ ବୀଜବପନ

ପୂର୍ବରୁ ଯେପରି ତୃଣ ବାଳୁଙ୍ଗାଦି ଉପାଡ଼ି ଦେଇ କ୍ଷେତ୍ରକୁ ପ୍ରସ୍ତୁତ କରିବାକୁ ହୋଇଥାଏ, ତଦ୍ରୂପ ପ୍ରଥମତଃ ମାନସିକ ଦୁଷ୍ପ୍ରବୃତ୍ତି ଦୁରଭ୍ୟାସ କୁସଂସ୍କାର ଅନ୍ଧବିଶ୍ୱାସ—ମଇଳାତକ ଯଥାସାଧ୍ୟ ଅନ୍ତର କରି ନୈତିକ ଜୀବନ ଗଢ଼ିବା ବିଧେୟ ଓ ଯୁକ୍ତିଯୁକ୍ତ ।

ବିଶ୍ୱନିୟନ୍ତା ଭଗବାନଙ୍କ ରାଜ୍ୟରେ ନ୍ୟୂନାଧିକ ସମସ୍ତଙ୍କର ଗୁଣଦୋଷ ଥାଏ । "ପଏର୍ଛା-ସଙ୍ଗି" ତହିଁରୁ ଅବ୍ୟାହତି ପାଇବା ସମ୍ପୂର୍ଣ୍ଣ ଅସମ୍ଭବ । ସୁତରାଂ ଏହାର ଦୋଷତକ ପରିତ୍ୟାଗ କରି ତତ୍ତ୍ୱଦର୍ଶୀ ମହାତ୍ମା ଦତ୍ତାତ୍ରେୟ (ଅବଧୂତ) ପିଙ୍ଗଳାବେଶ୍ୟାର ଗୁଣଗ୍ରହଣ କଲାପରି ତାର ନ୍ୟାୟ୍ୟ-ନିର୍ଭୀକତା, ସ୍ପଷ୍ଟ ସରଳତା ଓ ସତ୍ୟନିଷ୍ଠା ସହ ଅଟଳ ଧର୍ମ-ବିଶ୍ୱାସାଦି ଯେଉଁ କେତୋଟି ମହତ୍ତ୍ୱଗୁଣ ଅଛି, ସେତିକ ମାତ୍ର କାୟମନୋବାକ୍ୟରେ ଯଦି ପାଳନ କରାଯାଏ, ତା' ହେଲେ ଦେଶର ଓ ସାମାଜିକ ଜୀବନର ଦୁଷ୍ଟଶିରତା ଅଦୂର-ଭବିଷ୍ୟତରେ ଦୂର ହୋଇପାରେ ବୋଲି ଆମର ଦୃଢ଼ ଧାରଣା ।

ହିନ୍ଦୁ ସମାଜର ମୁକ୍ତିଧାମ ଶ୍ରୀକ୍ଷେତ୍ରରେ ହିନ୍ଦୁର ଆରାଧ୍ୟ ଦେବତା ଜଗନ୍ନାଥ ମନ୍ଦିରର ବହିର୍ଭାଗରେ ମୁକ୍ତିଯୁଗଳ-ଚିତ୍ରାବଳୀ ସଂସ୍ଥାପନଦ୍ୱାରା ପ୍ରାଚୀନ ଉତ୍କଳର ମନସ୍ତତ୍ତ୍ୱବିଦ୍ ସ୍ଥପତିଗଣ ଜାତି ସମାଜର ଶିକ୍ଷା ଉପକାର କଲ୍ପେ ଯେଉଁ ମହତ୍ ଆଦର୍ଶ ପ୍ରଦାନ କରିଯାଇଛନ୍ତି ପ୍ରାକୃତିକ ଉତ୍କଳର ବାଣୀ-ମନ୍ଦିରରେ ଏହି "ପଏର୍ଛା-ସଙ୍ଗି"ର ଚରିତ୍ର ଚିତ୍ରାଙ୍କନ କେବଳ ସେହି ଆଦର୍ଶର 'ଛାୟା' କହିଲେ ଚଳେ ।

ତେବେ ପୁରାଣବର୍ଣ୍ଣିତ ମୁନିଆଶ୍ରମୋପମ ଭାରତୀୟ ପୁରପଲ୍ଲୀର ସରଳ ନୈତିକ ଜୀବନରେ ଆଜ ଯେଉଁ ମାରାତ୍ମକ ଗୁପ୍ତରୋଗଗୁଡ଼ିକର ପ୍ରାଦୁର୍ଭାବ ଦେଖାଯାଉଛି—କଥଞ୍ଚିତ୍ ତାହାର ପ୍ରତିକାର ବ୍ୟବସ୍ଥା ଦିଗରେ ସମାଜ-ସଂସ୍କାର-ପ୍ରୟାସୀ ନାଗରିକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ହିଁ —ମୁକ୍ତ ପଲ୍ଲୀର ସରଳ ଭାଷାରେ ଏଇ "ପଏର୍ଛା-ସଙ୍ଗି" ରୂପାୟିତ ।

ଆଶାକରୁଁ, ଏଇ ଲେଖାଟି ଉତ୍କଳର ବିଶେଷତଃ ସମ୍ବଲପୁରର ଜାତି ଓ ସମାଜ ପ୍ରାଣରେ ସଂସ୍କାର ଓ ଅଭିନବ ଚେତନା ଆଣିବ ।

ବରଗଡ଼,
ବେସିକ୍ ଟ୍ରେନିଂ ସ୍କୁଲ
ତା ୨୩-୯-୫୦

ଶ୍ରୀ କେଶବ ମେହେର

# ପଏ୍‌ର୍ଣ୍ଣା ସତୀ

( କର୍‌ମା—ସୁର୍ )

ଶୁନ ଗୋ ମା’ ବହନେ,
ମୋର୍ ନାଆଁ ଟା ପଏ୍‌ର୍ଣ୍ଣା ସତୀ;
ମତେ ବଲ୍‌ସନ୍ ବାଞ୍ଝେନ୍ ଗୁର୍ଣ୍ଣି
ଢଏ୍‌ତା ଖାଇ ନଟୀ ବଗୁଣ୍ଣି ! । ଘୋଷା ।

(୧)
ନାଇଁ ଖଟି ମୁଇଁ କାଏଁ୍ କହେବ
ଯେନ୍ ପୋ’ ଦେଇଥିଲ୍ ଦଏବ;
ସେ’ ପୋ ଆଏଜ୍ ଖାଇଁଥିଲେଁ କାଏଁ୍
କଲ୍‌ଙ୍କାଫଟା କଥା ଶୁନ୍‌ତିଁ ?

(୨)
ମା’ ବାପ୍ ଯଦି କଲେ ଚଷ୍,
ମତେ ଦେଇଥିତେ ମହଦା ବଷ୍;
ଛୁଆର୍ ଠଁଠି ମାଡ଼ନେଲେ ମୋର୍
ନାଇଁ ଶୁନ୍‌ଲେ ଜୁହାର ବନ୍ତି !

(୩)
କାଏଁ୍ ଦୋଷ୍ କଲିଁ ଯୋ’ ନାଇଁ୍ କହେତା ?
ନାଇଁ୍ ନେଲ୍ ମୋତେ ବହେଇ୍ ଘଏତା;
ପଏ୍‌ସା ମୁଣ୍ଡ଼ ପଶ୍‌ଲା ବାଗିର୍
ବର୍‌କସି କାଏଁ୍ ଡ଼ୁକ ଯାଏତିଁ ?

(୪)

ବାପ୍ ଅଁ ଠ୍‌କୁର୍ ଠଁକା ଦେଖ୍‌ଲ୍,
ଦରମର୍ ଠାକେଁ ଝଁ ପେଇ ନେଲ୍;
ବନନା ଲୁଗାଥିଁ କନନା ଲ୍‌ଗଲ୍
ଲଖ୍‌ଚୁର୍ କାଣା ଭଙ୍‌ଛିଁ ହେଥିଁ ?

(୫)

ଡାଲ୍ ଖାଇ ନାଚେଁ ମୋର୍ ଧନ୍‌କେ
ଶାଢ଼ୀ ଠଁକା ପାଇଥିଲେଁ ସିନ୍‌କେ;
ହେଁଥିର୍ ଲାଗିଁ ମତେ ନଠୀ ବଏଲେଁ
ଯେନ୍ତା ଲାଗ୍‌ସି କାଏଁ କହେଛିଁ !

(୬)

ବାଜୁଥିତା ଡୁବୁ-ତବଲ୍-ଗିନ
ନାଚୁଥିଛିଁ ମୁଇଁ ସାଜୋ ପିନ୍ଧିଁ;
ଦେଖୁଥିତେ ଲୋକ୍ ଠିକଠ୍ ଘନ
ନଠୀ ବଏଲେଁ ହଁ—ବଲ୍‌ଛିଁ !

(୭)

କାର୍ତିକ୍ ମାସେଁ ସାଙ୍ଗର୍ ଲୋକ୍‌କୁଁ
ଉଠେଇ ଆନ୍‌ସିଁ କୁନ୍ଧାଡ଼କୁଁ;
ବସ୍ତୁଷ୍ଟି କାହ୍ନିଁ ହେଲେଁ ମତେତ’
ପର୍‌ସନ୍ ହେସନ୍ ବୁର୍ନ୍ଦାବଣ !

(୮)

ପୁଆଲ୍ ମାଡ଼ ହେଲେଁ ହେସିଁ ଲୁଆଁ ଚ
ଘାଠ୍‌କେ ଯାଏଁସି କପ୍‌ଠା କାଁଚ
ଉଦା ଧହେଁ ଫେର୍ ବଠୁଆ ହେଲେଁ
ଧୁଇ ହେସି ମୋର୍ ସବୁ କୁଛ !

(୯)

ଉବେ ଗୁଡ଼ାଖୁ ସାଗୁନ୍ ନେସିଁ
ଅଁର୍ସା ଘାଟେଁ ରଗ୍‌ଡ଼ି ହେସିଁ;

ଘାଟର୍ ପଖନ୍ କହ୍ନିଁ ଯାଏସି,
ଦୁହ୍ନ ରେଡ଼ିଠା ରେଏଣ୍ଡଁ ରେଣ୍ଡଁ ।

(୧୦)

ସଞ୍ଜ୍‌ବେଲେଁ ଗଲେଁ ବାହ୍ମାର୍କେ ଭିଁଠା
ଏକ୍‌ଲା ଯାଏସିଁ ଧୂବେନ୍ କଁଠା;
ଫାଏନ୍‌ଛୁଆ ବେଲେଁ ଲୋକ୍ ଆସିଗଲେଁ
ବେଁକେ ପାନ ଯାଇଁ ହେସିଁ ବୁଥିଁ !

(୧୧)

ଦାନ୍ ପୁଇନ୍‌କେ ସିନା ନାଇଁ ନ ଧନ୍
ଭକ୍ତି ଠାନ୍‌କେ ବଡ଼ାମନ୍;
ନାମ୍-କୀରତନ୍ ସପ୍ତା ହେଲେଁ
ବର୍‌କସି ହେସିଁ ଫାଏନ୍ ବୁହ୍ମାଣ୍ଡ ।

(୧୨)

ଗାଁକେ' ଆସ୍‌ଲେଁ ବାବାଜୀ ମାତା
ଗିଆନ୍ ଶୁନ୍‌ସିଁ ଗାଏର୍ ସର୍‌ତା
ସାଙ୍ଗେଁ ନେବାର୍‌କେ କହେସନ୍ ବାବୀ
ଦେଖିକରି ମୋର୍ ସେବା ଭକ୍ତି ।

(୧୩)

ଗଁଙ୍ଗା ଗୟାଥିଁ ନାଇନ ପଛେ
ଇ' ଠାନେଟ' ସବୁ ଅଛେ;
"ମନ୍ ନିରମଲ-ଗଁଙ୍ଗାଜଲ୍" ବଲିଁ
କହେସି ଟ' ମା ପଁଡ଼ାର ନାତି ।

(୧୪)

ନାଚ୍ ହଉଥିଲେଁ ଆଗୋ ହାଜର୍
ବାସନା ତେଲ୍ ମୋର୍ ମୁଣେଁ ଜବ୍‌ଜର୍
ଦୂତର୍ ଗୃଖି-ଗୃହ୍ନାନ ଦେଖି
ମନ୍ ବଲ୍‌ସି ଲମି ଯାଏଣ୍ଡଁ !

(୧୫)

ସପ୍ନେଁ ଦେଖିଲିଁ ଗୁଣ୍ ପୁଞ୍ଜେ
କୃଷ୍ଣ ପଶିଲେ ରାଧାର୍ କୁଞ୍ଜେ;
ଦୂର୍ଗା ଆସି ମୋର୍ ଖଟେଁ ବସିଲା
ଚମକ ଉଠି ବସିଲିଁ ରେତ ।

(୧୬)

ଅଣାଳ ଦେଖିଲିଁ ସବୁକୁଭ
କାହାର୍ ଆଏଁ ତା ଗୁଣାର୍ ଦୂର୍ଗା;
କା'କେ ରେତିଲିଁ ସପ୍ନେଁ ହେଲିଁ
ଡାକ୍‌ଲେ କୁହା କଜଲ୍ ପାତ ।

(୧୭)

ମା' ବାପ୍ ମତେ ସୁଖେଁ ବଢ଼ାଲେ
କାଏଁ କରମି ଥୁରେ ପଢ଼ାଲେ;
ଜହ ପଢ଼ିଥିଲେଁ ନାଟେଁ ବାହାର୍‌ତିଁ
ସୁହଦ୍ରାସଙ୍ଗ ରାଧା-ଦୂର୍ଗା ।

(୧୮)

ଆସିଥିଲା ଏଭେଁ କଷ୍‌କ ପାଲା
ଗାହାକ୍ ଥିଲା ଗୁଟେ ମାହାନ୍ତ ପିଲା;
ସେ' ତ ମତେ ଘିନନେଇଛେ
ଶାଢ଼ୀ ଖଁଡ୍ରେ ବାର ପନ୍ଦ୍ରାହାତ !

(୧୯)

ସବୁଦିନ୍‌କେ ରହୁଥିଲା
ପାଲା ଶିଖାମି କହୁଥିଲା;
ବୁଢ଼ା ଅଁଟ୍‌କୁରେ ଭାଙ୍ଗ୍‌ଲେ ନହେଲେଁ
ଗାଁ ଯାକର୍ ମନ୍ ଥିଲା ସେଥିଁ ।

(୨୦)

ଗାଁଆଁ ଥିଁ ହେନ୍ତା ଝନେ ଝନେ
ନାଇଁ ଥିଲେଁ କାଏଁ ଲଗିସି ବନେ,

ବୁଢ଼ାମାନେ ହେଁଠା ବୁଝ୍‌ବେ କା’ଣା
ନାଁ-କେ ମୁନୁଷ୍ ନହେଲେଁ ପାଣ୍ଡ ।

(୨୧)
ଦୂରଆ ଗାଆଁ ଥିଁ କେଭେଁ ସିଲେଁ
ବନେ ହରହାଟ୍ ହଉ ଥିଲେଁ;
ଢନାଗୃରେ ବାସି ନାଇଁ ଶୁଇଲେଁ
ଦେଖିପିବାର୍ ନାଇଁ ପଡ଼େ ଭୁଣ୍ଡ ।

(୨୨)
ହଇ ବସ୍‌ଲେଁ ଭୁଡ଼୍‌ଭୁଡ଼ିଆ
ଦେଖି ଯାଏସିଁ ରଥ୍ ଦୁଣ୍ଡଆ;
ଲୋକ୍ ଗହଲେଁ ବୁଟି ନାଇଁ ହୁଏ
ବାହାକ୍ ପିଲର୍ ଗୀତ୍ ବୁର୍‌ଣ୍ଡ ।

(୨୩)
ପଏସା ପାଏସିଁ ଅନାଅନା
ପେଡ଼ା ରସ୍‌ଗୁଲ୍ ଦନାଦନା;
ଯାହିଁ ଦେଖ୍‌ଲେଁ ମିତ୍ ମାହାର୍ସାତ୍
ନାଇଁ ଲଗି କାହିଁ କପ୍‌ଠା ଧୁଣ୍ଡ !

(୨୪)
ଗାଁ ଗଁଡ଼ା ଯାହିଁ ଗଲେଁ ହେଲେଁ
ଗୁଣ୍ଡ଼ି ନେସନ୍ କାଏଁ ଯାଏସିଁ ବଏଲେଁ;
ବଡ଼୍ ବଡ଼୍ ଲୋକ୍ ମାସେ ଦୁଇମାସ୍
ରଖି ପକାସନ୍ କାଏଁ କର୍‌ଣ୍ଡିଁ ।

(୨୫)
ଧାନ୍‌ଗୁଣ୍ଡି ମୁଇଁ ନାଇଁ ହେଲେ ବି’
ବନେ ଲୁକେ ମତେ ବଲ୍‌ସନ୍ ଦେବୀ;
ଉଲ୍‌ଟି ଦେଖ୍‌ଲା ଯେନ୍ ପିଲ୍ଲା ସତେ
ମୋର୍‌ଠାନୁଁ ନାଇଁ ଯାଏ ବର୍‌ଣ୍ଡି ।

(୨୬)
ନାଇଁ ହେଲେଭି କଥାବାର୍ତ୍ତା
ଚମ୍‌କୁଥିବା ଗାଏର ସର୍ତ୍ତା;
ଘାଇଥିବା ଯନ୍ଧ ବନେ କରି ମୋର୍
କଜଲ୍ ଲଗା—ବିଜ୍‌ଲି ବତି ।

(୨୭)
ଦେହ୍ ପା' ମୋର୍ ନଶେ ଆଗୋ
ଆଏଜ୍ କାଏଲ୍ ମୁଇଁ ନୁହେ ଜାନେ ଗୋ'
ଥରେ ଥରେ ଏକା କାଏଁ ହେମ୍ନି ଯେ
ଯାହା ଖାଏ ଲେଁ ଲାଗ୍‌ସି ବାଁତି ।

(୨୮)
ଗାଁଠ୍ୟା ଯେନ୍ତା ସୋର୍ ପାଏସନ୍
କାଏଁ କାଏଁ ରେର୍ ପଠେଇ ନେସନ୍;
ବାଠି କରି ସେଠା ପିଇ ନେସିଁ କି
ବନେ ଲାଗ୍‌ସି ସେ' ଭୁରଣ୍ଡି ।

(୨୯)
ନୁହେଁ ଗୋ ମା' ମୁଇଁ ପର୍ଦାବାଲି
ନାଇଁ ଜାନେଁ ଭର୍ମି-ଗେହ୍ଲେ-ଗୁଲି;
ହେନ୍ତା ଗୁଲି ନାଇଁ ଭରେ ମତେ
ବାଆନ ନେସି ଆମର୍ ଗୁଡି ।

(୩୦)
ପିନ୍ଧିଁ ଥିଲେଁ ଭି' ଡଁଢ଼ି ଝଲ୍‌କା
ନାଇଁ ଜାନେ ମୁଇଁ ମୁହୁଁ ମଲ୍‌କା;
ତଥାପି ତ' ଅଧେ ଲୋକ୍ ବଲ୍‌ସନ୍
ମଲ୍‌ମଲି ମୁହା କଅ୍‌ଲକଣ୍ଠି ।

(୩୧)
ଖାକେଁ ମୁଣେ ଥିବା ପାଏନ୍ ମଠିଆ
ବାଟେଁ କୁଡ଼େଥର୍ଁ ହେସିଁ ଠିଆ;

ହୁରିଆ ଲୁକେ କହି ପକାସନ୍
ଶୁଏଁ ଦେଖୀ ମୋ ରଅସବନ୍ତି !

(୩୨)

ଥୁଇ ନେସିଁ କି ମଠିଆ-ଯୁରା
ଦର୍ପନ୍ ପନଆଁ ଲାଗ୍‌ସି ନୁରା;
ନାଇଁ ଦେଲେଁ ଘାଏ୍ ଖୁଲିଁ-ଚହରା
ଠଅର ନାଇଁ ହୁଏ୍ ପାଦ୍-ଖୁଜାଥିଁ !

(୩୩)

ଦିନେ ବେଲେ ହୁନା ହେଲେ ଘର୍
ହୁନାଲି ମାନ୍‌କୁଁ କେତେ ଡର୍;
ଘର୍‌କେ ଡର୍‌ଲେଁ କାହିଁ ରହେମି ମା'
ନାଇଁ କରେଁ ମୁଇଁ କେଭେଁ ଶୁଆଣି ।

(୩୪)

ଲୋକ୍ ନୁର୍‌ସନ୍ ଧନ୍ ଜନ୍
ମୋର୍ ମନ୍‌ଟା ଭିନେ ମନ୍;
ସବୁ ଦିନେଁ କାଏଁ ରହେବା ଜୀବନ୍
ରହେସି ସିନା ଭାବ୍ ପୀର୍‌ତି ।

(୩୫)

ଗାଏଁ ପର୍‌ଗାଏଁ ଯେଏ୍ନ ହେଲେଁ
ଅଏନ୍ ପିଲାଟେ ଦେଖି ନେଲେଁ;
ମନ୍ ବଲ୍‌ସି ଭାଏ୍ ହେଲେଁ ଗଲେ
ଘାଏ୍ ହେଲେଁ ମୁଇଁ କଥା ହେତିଁ ।

(୩୬)

ହାଟେଁ ଝନେକେ ପର୍‌ଲିଁ ଘାଏ୍
ବନେ ବନେ ହଉଛ କାଏଁ ?
ସେତ୍‌କଥିଁ ମତେ ଅବ୍‌ଦ କରି
ଅଡ଼୍‌ଗି ନେଇଛନ୍ ଆମର୍ ଜାତିଁ ।

(୩୭)

ଜାଏତ୍ର ଗଲ୍ପ ମୋର କଏ ଦେଖିଛେ ?
ଇ' ଯୁଗର୍ ଜାଏତ୍ର କଏ ରଖିଛେ ?
ଉପ୍ରେଁ ସୁନାର୍ ଫୁଲ୍—ଫୁଟିଛେ ।
ଭିତର୍ ଯାକର୍ ଗବର୍ ଛତି ।

(୩୮)

ଗୁଲ୍ ଚଲନ୍ ଯାର୍ ନାଇନ ଭଲ୍
ଜାତିଁ ଥିଲେଁ ହେଲେଁ କାଏଁ ଫଲ୍ ?
ଆମର୍ ଗାଆଁର୍ ଫଁଡ଼ା-ବୁଢ଼ାକେ
ନାଇଁ ପାର୍‌ବେ ଗଁଡ଼ା ଭର୍ଥୀ ।

(୩୯)

ପୁଡ଼ିଯାଉ ସେ' ଚୁପ୍ରାକୁଠା
ମତେ ବଲ୍‌ସନ୍ ଛିଟ୍ଟିକୁଠା;
ଛିଟ୍ଟି କୁଠା କାହିଁ ହେଲା
ପ୍ରେମ୍-ସେବା ଯାର୍ ବାଡ଼ି-ବୁର୍ଟି ।

(୪୦)

ମୋର୍ ବାଗିର୍ ତ' କେତେ ପୁତୁଲି
ବଡ଼୍ ଦେଉଲେଁ ଯୁଲକେ ଯୁଲି;
ଠାନ୍ ପାଇଛନ୍ ଲୋକ୍ ଦେଖୁଛନ୍
ନାଇଁ ଦେଲେଁ ହେଲେଁ ପୂଜା-ଆଲ୍ତି ।

(୪୧)

ବଡ଼୍ ହେଲିଁ ମୁଇଁ ଯେନ୍ ବର୍ଷେଁ
ନାଠ୍ ଶିଖୁଥିଲେ ପାଶେଁ ପାଶେଁ;
ସେ' ବନ୍ଧୁଁ ଉଡ଼ୁଛେ ମୋର୍—
"ପଏର୍ଛା-ସଙ୍ଗ" ନାମ୍ କାର୍ତି ।

(୪୨)

ନାଚିଁ ନାଚିଁ ଯିଏ ବନେ ଗାଏସି
ତାର୍ ନକେ ମୋର୍ ମନ ଧାଏଁସି;

ମଗ୍ନ କଲେଁ ମୂର୍ଚ୍ଛି ନେସିଁ
ମୁଦ-ମଲକଡ଼ି-ପର୍ଜାପତ ।

(୪୩)

ଗାଁ’ର୍ ଗଜାମୁଁଗ, ଚଁପାଫୁଲ,
ସାମକଁଟା, ସାଙ୍ଗ, ବଉଲ;
ସଖୀ, ମକର, ଗଙ୍ଗାଜଲ୍
ସମ୍‌କୁଁ ମୁଇଁ ଯାଇଛେଁ ଜିତ ।

(୪୪)

ରସିଆ ନାଗର ଅତର୍ ମଖା
କସି-ପାନ୍‌ଖିଆ ବତର୍ ଚଖା
ରଖ୍‌ନା-ରଖା ମନ୍-ପର୍‌ଖା
ସମ୍‌କର୍ ମନ୍ ମୋହିଛେଁ ନିତ ।

(୪୫)

ମୋର୍ କଥା ଭାଷା ପର୍ଲେଁ କାନେ
ଫଁ କର୍‌ସନ୍ ଜାତିଆ ମାନେ;
ପର୍-କଲା ମୁଇଁ ଥୁକ ନେଲେ ଭ’
ରର୍ କର୍‌ସି ତାକର୍ ସ୍ତୁତି ।

(୪୬)

ଯାହା କଲେଁ ମତେ ସବୁ ସହିଛେଁ
କରମ୍ ଆଦିଁ ଜିଇଁ ରହିଛେଁ;
ଧରମ୍ ଆଗେଁ ସବୁ କହିଛେଁ,
ଜାତିଆ ମାନ୍‌କର୍ ରଇତି-ନୀତି ।

(୪୭)

ଜାତିଆମାନେ ହାଁଡ଼ିଁ ଖାଏସନ୍
ଗୁଡ଼େଁ ପର୍ଲେଁ ଗାଧି ଯାଏସନ୍;
ଜୁହାର୍ ଗୋ ମା’ ଇ’ ଜାଏତ୍‌କେ
ନାଇଁ ମିଲୁପଛେ ଗତି ମୁକ୍ତି ।

(୪୮)

ଜାଡିଆ କୁଳର୍ ଭାଏ ବାପ୍
ଯାହା କଲେଁ ଭି' ସବୁ ମାଫ୍;
ମାଏ୍‌ଝି-ଚୂନା ଅଁର୍ଲା-ସୁନା
କହୁଛେ ପରେ "ମନ୍ ସୁର୍ତି"

(୪୯)

ଜାତିଆ ଧରମେ ମାଏ୍‌ଝି-ଦାସୀ
ରାନ୍ଧ୍‌ବା ତପ୍‌ଲା ଖାଏ୍‌ବା ବାସୀ;
ଅଁର୍ଲା ବାବୁକେ ନାଇଁନ ଫାଶୀ
କରୁ ଦାଶ ଚୂର୍ ଉଅକାଇତ ।

(୫୦)

ଅଁର୍ଲାମାନ୍‌କୁଁ କଏ କହେବା ?
ଗୁଲ୍ ଚଲନ୍ ତାକର୍ କଏ ସହେବା ?
ସରବ୍ ସହମ୍ମା ବଲିଁ ସିନେ ଗୋ
କୁଲେଁ ଧରିଛେ ମା'ଃ ଧର୍ଣ୍ଣ ।

(୫୧)

ଦଶ୍‌ମାସ୍ ମା' କେତେ କଷ୍ଟେଁ
ଜିଅଁ ବା-ପେଟେଁ ଶୁଆବା ଖଟେଁ;
ବଡ୍ ହେଲେ ଛୁଆ ମାର୍‌ବା ଅଟେଁ
"ବୁଆର୍‌ପୋରେ" ବଲିଁ ମାକର୍ ଚିତ୍ତ ।

(୫୨)

ନଅମ୍ ସୁକୃତ୍ କରିଥିବେ
*ଗୁହ୍ମଡ଼ା ଗୁହ୍ମଡ଼ା ମରିଥିବେ;
ପେଟ୍ ଦଶ୍‌ଲେଁ ଭେଟ୍ ନାଇଁ ଇଠା
ଜାତିଆ ମାନ୍‌କର ସତିଆ-ଗୀତ ।

* ମରଣଂ ବିନ୍ଦୁପାତେନ ଜୀବନଂ ବିନ୍ଦୁ ଧାରଣମ୍ ।

(୫୩)

ଫ଼ସେଇ୍ ବସ୍‌ଲୁ ଦୁଇ ତିନ୍‌ଠା
କଏ ସାଙ୍ଗା ତୋର୍ ଧନ୍‌ଠା ?
ନଜେଁ ଭଏ୍ ବାପ୍ କହେଲେଁ ଆରୁ
ଗରଭ୍ ବଖାର୍ କାଇଛେ ଗଭ ?

(୫୪)

ସତଆ ଲୋକ୍ ଟ' ଉବାଲ୍‌ଟେଁ
ଲୁକା ଚୁରା କାମ୍ କବା କାଞ୍ଜେଁ
ଯଦି କରୁଛେ ନୁହେଁ ବଲୁଛେ
ନାଇଁ ହେଲା କାଏଁ୍ ବଶାସ୍-ଘାଣ୍ଡ ?

(୫୫)

ଅଁର୍ରାପିଲା ଭମର୍ ପୋକ୍
କହେସନ୍ କେତେ ନଲଜ୍ ଲୋକ୍;
ଦିନ୍ ବେଲେଁ ସତେଁ ଉର୍ସି ଭମର୍
ବୁଲ୍‌ସି ଖାଲି ରାଆତିଁ ରାତିଁ ।

(୫୬)

ଭମର୍ ପୁକର୍ ଭମ୍‌ରୀ ଅଛନ୍
ଅଁର୍ରେ କାଏଁ ନାଇଁ ଚହ୍ନିଛନ୍ ?
ଭମ୍‌ରୀ ନାଇଁ ହଇଁ ମାଏଝିମାନେ
କାଞ୍ଜେଁ ହେଉଛେ ମଲ୍ଲୀ ମାଲ୍‌ତୀ ?

(୫୭)

ସେମାନେ ହଉନ୍ ମହୁକା ଫୁଲ୍
ଗହକ ହେବେ ମାଏ୍‌ଝି କୁଲ୍;
ଶୁଖି ସଡ଼ି ଗଲେଁ ଫିକି ମାଡ଼ ନେବେ
ଫୁଲର୍ ଗୁଣ୍ଡି ବଡ଼୍‌ବା ଭାଣ୍ଡ ।

(୫୮)

ଅଁର୍ରେ ଯଦି ହେଲେ ସୁନା
ସୁନାର ହେବେ ସୁ-ନାସୀ ମିନା;

ପୁଡ଼ାବେ ବୁଡ଼ାବେ ବନ୍ଧି ଗଲେଁ
ଉଭଲ ନେବେ ମସାରତ୍ତ ।

(୫୯)

ମାଏ୍ ଝେ ଗଡ଼୍ଲେଁ ଏନ୍ତା ଆଏନ୍
କଏ ରଖ୍ତା ଅଁର୍ ମାଏନ୍ ?
ଛୁଡ଼ି ନେତେ ସେ ଅରନ୍ ପାଏନ୍
ବନ୍ ଗର୍ଭେଁ ହେତେ ପିଲାଞ୍ଚ ।

(୬୦)

ଉଷୋ ଖାଇଁ ଝନେ ପେଟେ୍ ଭଙ୍ଗ୍ତା
ଆର୍ ଝନେକେ ବନେ ଲଗ୍ତା;
ଚତା କାଟି ଜ୍ଞାନ୍ କାଢ଼ୁଥିତା ସେ'
ଧରିଁ ଭାଗ୍ବତ୍ ପୁରାନ୍ ପୁଥି ।

(୬୧)

ଭେଖ୍ ଦେଖା ଯେତେ ଗିଆନୀ ସାଧୁ
ଶୁଆ ବନନ୍ଛନ୍ ଗିଧାବାନ୍ଧୁ;
ମୁହେଁ ହରେରାମ୍ ରାଧେଶ୍ୟାମ୍
ପେଟେଁ କୁହୁଛେ ଶୁଖୁଆ କାଣ୍ଡି ।

(୬୨)

ଫୁସୁର୍ ଫାସର୍ ଝପା ଦାଏକା
ପାର୍ ନାଇଁ ଯାଏ୍ ମୋର୍ନ ଏକା
ନାଇଁ ଆସେ ମତେ ଲୁକା ଛପ୍କା
ଯିଏ୍ ଗୁହେଁତା ଦେଖେଇ୍ ନେଇଁ ।

(୬୩)

ପାପ୍ କର୍କ ପୁଇନ୍ କର୍
ସତ୍ କଥେଁ କାଏଁ ଲାଜ୍ ଡର୍ ?
ପାନ ବୁଡ଼ି ପାଏନ୍ ପିଇଲେଁ ହେଲେଁ
ନାଇଁ ଜାନେ କାଏଁ୍ ଜଲ୍ ଦେବ୍ତା ।

(୭୪)

ଯେନ୍ ଠାନେ ମୁଇଁ ଯାହା କର୍‌ସିଁ
ଯାହା ହଉ ପଛେ ସତ୍ କହେସିଁ ;
ମୋର୍ ମନେ ଛ’ ପର୍ଛେ ଲାଗ୍‌ସି
ଧରମ୍ ଅଛେ ସତ୍ କଥାଥିଁ ।

# ସୂକ୍ତି-ମୁକ୍ତାବଳୀ

# ସୂକ୍ତି-ମୁକ୍ତାବଳୀ

(୧)

ରଜନୀ ପାହିଲେ ଭୃଙ୍ଗ କୁସୁମେ ଯେସନେ
ମଧୁ ପାଇଁ ପ୍ରାର୍ଥୀ ହୁଏ ଗୁଣୁଗୁଣୁ ସ୍ୱନେ,
ପ୍ରତି ପ୍ରଭାତରେ ତେହ୍ନେ ପ୍ରଭୁଙ୍କ ଶ୍ରୀପଦେ
ଶକ୍ତି ଭିକ୍ଷା କର ଭାଇ, ଭକ୍ତି-ଗଦଗଦେ ।

(୨)

ସର୍ବ ଶକ୍ତିମାନ ଶୁଦ୍ଧ ଜ୍ଞାନ ବୁଦ୍ଧିଦାତା
କରୁଣାମୟ ସେ କୋଟି ବ୍ରହ୍ମାଣ୍ଡର ପାତା,
କାହାପ୍ରତି ସେ ପ୍ରଭୁଙ୍କ କି ଅଛି ଅଦେୟ
ମାଗ, ଯାହା ଇହ ପର ବେନି କାଳେ ଶ୍ରେୟଁ ।

(୩)

ପାଇଛ ଭାଇ ଦୁର୍ଲଭ ମାନବ ଶରୀର
ରହ ସାବଧାନ, ଏହା ରହେ ନାହିଁ ଚିର;
ମରେ ନା' ଭୁଲାଇ ମାରେ ମାୟାବିନୀ ଆଶା
ସ୍ୱପ୍ନର ସୁଖସମ୍ପଦ-ବିଷୟ-ପିପାସା ।

(୪)

କାହା ଭାଗ୍ୟେ କିସ ଆଣି ଦେବ ଆଜି ଦିନ
କେ ଜାଣିଛି, ସକଳେ ତ ମୃତ୍ୟୁର ଅଧୀନ;
ବଞ୍ଚିଛୁଁ ବୋଲି କି ଦମ୍ଭେ ଦେଖାଇବା ଠେକ
ଜନମ କାଳରୁ କାଳ ଛନ୍ଦିଛି ତ ବେକ ।

(୫)

ମରିବାରେ କି ଭାବନା ଯିବ ନଶ୍ବର ପ୍ରାଣ
ମାତ୍ର ସାଧୁବାଣୀ ଏହା ଭଲଭାବେ ଜାଣ;
ପୁଣ୍ୟାତ୍ମାର ମୃତ୍ୟୁ ନୁହେଁ ମୃତ୍ୟୁରେ ଗଣନ
ପାପାତ୍ମା ଜୀବନ କିନ୍ତୁ ଜୀବନ୍ତ ମରଣ ।

(୬)

କ୍ଷୁଧାଲାଗି ଫଳମୂଳ ତୃଷା ଲାଗି ପୟ
ରଖିଛନ୍ତି ପ୍ରାଣୀହିତେ ପ୍ରଭୁ ଦୟାମୟ;
ରୋଗ ପ୍ରତିକାର ପାଇଁ ଔଷଧ ଯେସନ
ପାପ ନିବାରଣେ ତଥା ପୁଣ୍ୟର ସାଧନ ।

(୭)

ଶିକ୍ଷିତ ଭିଷକଙ୍କର ସାଧନା ନିୟମେ
ଚିକିତ୍ସା ବ୍ୟବସ୍ଥା କଲେ ରୋଗୀ-ରୋଗ କମେ;
ତେହ୍ନେ ସାଧୁ ମହାଜନମାନଙ୍କର ସୂକ୍ତି
ଗ୍ରହଣ ପାଳନ କରି ପାପୀ ଲଭେ ମୁକ୍ତି ।

(୮)

ଜାଣ ଭାଇ, ରୋଗୀ ଦେହେ ରକ୍ତ ଥାଉଁ ଥାଉଁ
ଚିକିତ୍ସା ନକଲେ ପ୍ରତିକାର ନାହିଁ ଆଉ;
ସମୟ ବାହାରିଗଲେ ହେଉ ଶିବ ହରି
ପାତକୀର ପାପତାପ କେ ପାରିବ ହରି ?

(୯)

ସାବଧାନ, ରୋଗୀ ଯେବେ ପଥ୍ୟଭ୍ରଷ୍ଟ ହୁଏ
(୧) ମହାବୈଦ୍ୟଙ୍କୁ ଭେଟିବା ଅସମ୍ଭବ ନୁହେ;
ପାପ ତେହ୍ନେ ବଢ଼େ ଯଦି ପାପର ଉପରେ
ପାପୀର ସ୍ଥାନ ଜ୍ୱଳନ୍ତ ନରକ-କୂପରେ ।

(୧) ମହାବୈଦ୍ୟ—ଯମ ।

(୧୦)

ପାପକୁ ସାମାନ୍ୟ ଭାବ ନ ହୁଅ ଉଦାସ
ସାମାନ୍ୟ ଗରଳ ବନ୍ଧୁ ପ୍ରାଣ କରେ ନାଶ;
ସତର୍କ ନଥିଲେ ମାଝି ସାମାନ୍ୟ ଛିଦ୍ରରେ
ଜଳ ପଶିବାରୁ ଭେଳା ବୁଡ଼େ ସମୁଦ୍ରରେ ।

(୧୧)

ଲକ୍ଷେ ଶତ୍ରୁ ଜିଣି ଜଣେ ଦେଖାଉଛି ବଳ
ପାପ-ସନ୍ତାପ-ବର୍ଦ୍ଧକ ବୀରତ୍ୱ କେବଳ;
ପାପ-ଜନକ ଯେ' ରିପୁ କାମ କ୍ରୋଧାବଳି
ଏହାକୁ ଯେ' ଜିଣେ ସେହୁ ସିନା ମହାବଳୀ ।

(୧୨)

ଯେ ସମୟେ କାମ ଆସି ଆକ୍ରମେ ହୃଦୟ
ମାତୃରୂପା ବ୍ରାହ୍ମୀଦେବୀ ପାଦେ ରଖି ଲୟ,
ଆଦିରସାତ୍ମକ କାବ୍ୟେ ନ ରସାଇ ମନ
ଯୋଗଶାସ୍ତ୍ର ଭକ୍ତିଗ୍ରନ୍ଥ କର ଅଧ୍ୟୟନ ।

(୧୩)

ତାମସ ହୃଦରେ ବେଶି ଜନ୍ମେ କ୍ରୋଧାନଳ
କ୍ରୋଧ ବଶଜାଲେ ହୁଏ ବିବେକ ଦୁର୍ବଳ;
ବାରି ନପାରେ ସେ କାଳେ ହିତାହିତ ଜ୍ଞାନ
କ୍ରୋଧ ପ୍ରଶମିବ ତ୍ୟାଗ କର କାଳ ସ୍ଥାନ ।

(୧୪)

କର୍ମଫଳ ଦାତାଧର୍ମେ ନଦେଇ ନଜର
ଲୋଭେ ପରଧନ ଯଦି କରିଛ ନଜର;
ଭାବ ତା' ଧର୍ମଭଣ୍ଡାରୁ ନେଲ ଗୁପ୍ତଋଣ
ପରିଶୋଧ କଲାବେଳେ ପଡ଼ିବ ଦ୍ୱିଗୁଣ ।

(୧୫)

ସାଧନ କରିବା ଲାଗି ଉଦ୍ଦେଶ୍ୟ ତାଙ୍କର
ଶରୀରଟିଏ ତୁମ୍ଭଙ୍କୁ ଦେଇଛନ୍ତି ହରି;

ହାକ ଦେବେ ସୁଦ୍ଧା ତୁମ୍ଭ ନାହିଁ ଅଧିକାର
ଥାଉଁ ଧନଜନ ଜମିବାଡ଼ି ଘରଦ୍ୱାର ।

(୧୬)

ତାଙ୍କୁ ବତାଇଥାଏ ମନର ସ୍ଥୂଳତା
ଜ୍ଞାନ-ଅପକ୍ୱତା ପୁଣି କୂପ-ମଣ୍ଡୂକତା;
ଗବୋଦୟୁ କାଳେ ମନ ନେଇ ଜ୍ଞାନ-ନେତ୍ର
ଦେଖିଆସୁ ସାରା ପୃଥ୍ୱୀ ଶମଶାନ କ୍ଷେତ୍ର ।

(୧୭)

ପରଶ୍ରୀକାତର ଭାଇ, ଯଦି ତୁମ୍ଭ ଭାଗ୍ୟ
ସୁଖ-ଶିକ୍ଷା-ଯଶ ନାହିଁ ବୋଲି ପ୍ରତେ ଲାଗେ;
ପର ସମ୍ପଦ ସମ୍ମାନେ ହୁଅ ଆହ୍ଲାଦିତ
ହେଉଛ ଯା ପରଶିକ୍ଷା ଦର୍ଶନେ ବ୍ୟଥିତ ।

(୧୮)

ହିଂସା ଈର୍ଷା ମତ୍ସରତା ଦମ୍ଭ ଅଭିମାନ
ହୃଦ-ମନ୍ଦିରର ଏହା ଆବର୍ଜନାମାନ;
ଏଥିରୁ ହୃଦ ନିର୍ମଳ ରଖେ ଯେ ଯେତିକି
ତାଁ ପ୍ରତି ପରାତ୍ପରପ୍ରଭୁ ପ୍ରସନ୍ନ ସେତିକି ।

(୧୯)

ନିଶ୍ୱାସ-ଧୂପ ପ୍ରଦୀପ ପ୍ରେମ ଅଶ୍ରୁ-ପାଦ୍ୟ
ସ୍ତବ-ନଇବେଦ୍ୟ ପୂତ ସତ୍ୟ-ଘଣ୍ଟିନାଦ,
ସରଳ ମନ-ଚନ୍ଦନ ଭକ୍ତି-ପୁଷ୍ପହାର
ଏହା ସିନା ପ୍ରାଣପ୍ରଭୁ ପୂଜାର ସମ୍ଭାର ।

(୨୦)

ପ୍ରଭୁଙ୍କର ନାମ 'ସତ୍ୟ' 'ନ୍ୟାୟୀ' 'କ୍ରିୟାବାନ'
ସତ୍ୟ-ନ୍ୟାୟେ କାର୍ଯ୍ୟ କର ଥିବାଯାଏ ପ୍ରାଣ;
'ସର୍ବବ୍ୟାପୀ' 'ମହାଗୁପ୍ତ' 'ନିଷ୍ପାପ' ସେ ହରି
ସର୍ବତ୍ର ଖୋଜ ତାହାଙ୍କୁ ପାପେ ସଦା ଡରି ।

(୨୧)

'ଦୟାମୟ' ନାମ ଗାଇ ହୁଅ ଦୟାବାନ
କରିବ ଯଦ୍ୟପି 'ନିରଞ୍ଜନ' ନାମ ଗାନ;
ବିଷୟ୍ବିରାଗୀ ହୁଅ ବିଷୟରେ ଥାଇ
ଈଶ୍ୱର ନାମ ଭଜନ ଏହା ସିନା ଭାଇ ।

(୨୨)

ସଂସାରର ମନ୍ତ୍ର-ଯନ୍ତ୍ର-ଜ୍ଞାନ-ଧ୍ୟାନ-କର୍ମ
କୁଶାଗ୍ରର ଯଥା ଅଗ୍ର ମୂଳ ପର୍ଯ୍ୟନ୍ତ ଚର୍ମ;
ହୃଦୟରେ ନାହିଁ ଯେବେ ହରିଭକ୍ତି-ପଣା
କୁତର୍କ ବାଦ ବିତଣ୍ଡା ତୁଚ୍ଛ ଘଣାଟଣା ।

(୨୩)

ଜୀବନେ ପାର୍ଥିବ ସୁଖ-ସ୍ପୃହା ଥିବା ଯାଏ
ମାନବ ବାସ୍ତବ ସୁଖ ଶାନ୍ତିକି ନ ପାଏ;
ବାରୁଣୀ ପାନେ କାହାର ମେଣ୍ଟିଛି ପିପାସା
ଆରଶିର ମୂର୍ତ୍ତି କାହିଁ ଶୁଣାଇଛି ଭାଷା ।

(୨୪)

(୧) ଥିବାଯାଏ ଗନ୍ଧବତୀ ସଂସର୍ଗେ ସଲିଳ
ହୋଇଥାଏ ଗନ୍ଧଯୁକ୍ତ ଦୂଷିତ ପଙ୍କିଳ;
ରବିକର ଯୋଗେ ଯେବେ ହୁଏ ବାଷ୍ପାକାର
ନ ରହେ ତା'ଠାରେ କିଛି ପାର୍ଥିବ ବିକାର ।

(୨୫)

ତଥା ମାୟା ବିଜଡ଼ିତ ଜଞ୍ଜାଳୀ ସଂସାରୀ
ହୋଇଥାଏ ଦୁଷ୍ଟ, ଦୁରାଶୟ, ଦୁରାଗ୍ରହୀ;
ମାନ ଯେବେ ଚଳେ ଯେବେ ସାଧୁ ଉପଦେଶ
ଦୂର ହୋଇଯାଏ ତା'ର ପାପତାପ କ୍ଳେଶ ।

(୧) ଗନ୍ଧବତୀ—ପୃଥିବୀ ।

(୨୬)

ଥରେ ମାତର ପରଶମଣି ପରଶରେ
ଲୌହ ପରିଣତ ଯଦି ହୁଏ ସୁବର୍ଣ୍ଣରେ;
ହେଲେହେଁ ଲୌହ ସଙ୍ଗରେ ପୁଣି ବ୍ୟବହୃତ
ସୁବର୍ଣ୍ଣ ବର୍ଣ୍ଣ ତାହାର ନହୁଏ ବିକୃତ ।

(୨୭)

ଦୟାମୟ ହରିପାଦ ଛୁଇଁ ଥରେ ମାତ୍ର
ବଦ୍ଧଜୀବ ଯଦି ହୋଇପାରେ ମୁକ୍ତଗାତ୍ର;
ମହା ମହା ପାପୀମେଲେ କଲେହେଁ ବିହାର
ଚିରଦିନ-ନିବନ୍ଧନ ଜୀବନ ତାହାର ।

(୨୮)

(୧) ସାଗର ଆଶ୍ରୟାନ୍ୱେଷୀ ନିର୍ଝର ଜୀବନ
କେତେ ଦୁର୍ଗମ ପ୍ରାନ୍ତର, କେତେ ଗିରିବନ;
ଭ୍ରମିଥାଏ ଲଙ୍ଘି ଶତଶତ ବାଧାବିଘ୍ନ
ତଥାପି ଲକ୍ଷ୍ୟ ଦିଗରେ ନହୁଏ ଉଦ୍‌ବିଗ୍ନ ।

(୨୯)

କଲପ-ତପାଙ୍କ ପକ୍ଷେ ଦୁଷ୍ପ୍ରାପ୍ୟ ଯେ ହରି
ଅଳପକେ କିଏ ତାଙ୍କୁ ପାଇବ କିପରି ?
ହତାଶ ନହୁଅ ଭାଇ, ନହୁଅ ଚଞ୍ଚଳ
ଆଶୁ ଲଭ୍ୟ ନୁହେଁ ଭକ୍ତି-ସାଧନାର ଫଳ ।

(୩୦)

ସତତ ସଚେଷ୍ଟ ଥାଅ ପୁଣ୍ୟର ସାଧନେ
ଫଳପ୍ରାପ୍ତିର ସନ୍ଦେହ ରଖ ନାହିଁ ମନେ;
କୃତ କର୍ମଫଳେ ତୁମ୍ଭ ପୂର୍ଣ୍ଣ ଅଧିକାର
ହରି ବି' ହରି ନପାରେ କର୍ମଫଳ କା'ର ।

---

(୧) ଜୀବନ—ଜଳ; ଜୀବାତ୍ମାର ଐହିକ—ଐହିକ ଅବସ୍ଥିତିର ସମୟ ।

(୩୧)

ପାପଫଳ ଭୋଗିବାକୁ କେ କରେ କାମନା
ତଥାପି ପାପୀକି ମିଳେ ପାପର ଯାତନା;
ନିଷ୍ଫଳ ହେଲେ କି ପୁଣ୍ୟ କରନ୍ତେ ଅର୍ଜନ
ଭୋଗ ବିଳାସ ବିସର୍ଜି ସାଧୁ ମହାଜନ ।

(୩୨)

ସୁଖ-ଫଳଦାତା ଏକମାତ୍ର ପୁଣ୍ୟ-ତରୁ
ଅଙ୍କୁରିତ ହୁଏ ତାହା ଧରମ-ବୀଜରୁ;
ଜ୍ଞାନାଲୋକ ଭକ୍ତି-ଜଳ କର୍ମ-ବାୟୁ ଲଭି
ହୃଦ-କ୍ଷେତ୍ରେ ଧର୍ମ-ବୀଜ ଉଠଇ ଉଦ୍ଭବ ।

(୩୩)

ଅଗ୍ରେ ଭୟ-ଲଜ୍ଜା-ଶଙ୍କା ଶେଷେ ଅନୁତାପ
ଜାତ ହୁଏ ଯହିଁ ତାହା ଜାଣ ନିଶ୍ଚେ ପାପ;
ପବିତ୍ର ଉଲ୍ଲାସ ଦିବ୍ୟାନନ୍ଦ ଜନ୍ମେ ଯହିଁ
'ପୁଣ୍ୟ' ବୋଲି ତାହା ସବୁ ଧର୍ମଶାସ୍ତ୍ରେ କହି ।

(୩୪)

ବିଷ୍ଣୁ ଏକ ବିଶ୍ୱ ଏକ ଏକ ବିଶ୍ୱସାଇଁ
ବିଶ୍ୱରାଜ୍ୟ-ରାଜଧର୍ମମାତ୍ର ଏକ ଭାଇ;
ଅଙ୍ଗ ପ୍ରତ୍ୟଙ୍ଗାଦି ଜାତି ଧର୍ମ ଆତ୍ମ ଏକ
ଛାଡ଼ ହିନ୍ଦୁ-ଖ୍ରୀଷ୍ଟିୟାନ-ଭେଦଭାବ ଠେକ ।

(୩୫)

ହେ ହିନ୍ଦୁ ମୁସଲମାନ ଖ୍ରୀଷ୍ଟାନ ଜଇନ !
ଆତ୍ମ ଭେଦେ ଈଶ୍ୱରଙ୍କୁ ମଣ ନାହିଁ ଭିନ୍ନ;
ବୃଥା ତୁମ୍ଭ ବାକ୍‌ବିତଣ୍ଡା ଅନ୍ଧଦଳ ପରି
ହସ୍ତ-କର୍ଣ୍ଣ ପଦ-ଦନ୍ତ-ପୁଚ୍ଛ-ଶୁଣ୍ଢ ଧରି ।

(୩୬)

ଗୋଟିଏ ଜଳାଶୟରେ ଥାଏ ବହୁ ଘାଟ
ସଙ୍କୀର୍ଣ୍ଣ-ବିସ୍ତୀର୍ଣ୍ଣ ଘାଟ ଅନୁଯାୟୀ ବାଟ;

ଘାଟ ଭେଦେ ଜଳ କାହିଁ ତିକ୍ତ କି ମଧୁର
ଯଦି ହୁଏ କୃତ୍ରିମତା ଅଛି କର ଦୂର ।

(୩୭)

ଜଳାଶୟ-ଧର୍ମ ଘଟ-ସାମ୍ପ୍ରଦାୟିକତା
ଘଟପଦ୍ଧତି-ଧାରଣା ସଲିଳ-ସତ୍ୟତା;
ତିକ୍ତ ମଧୁର ରସଟି ନିନ୍ଦା ପରଶଂସା
କୃତ୍ରିମତା ବିକଳ୍ପିତ ଗଳ୍ପ ଲୋକହସା ।

(୩୮)

ସତ୍ୟ-ଶାନ୍ତି-ଦୟା-କ୍ଷମା ପରମ ଧରମ
ପରନ୍ତୁ ଫଳ ବିଶେଷେ ଫଳ ତା' ବିଷମ;
ଧର୍ମ ଛଳେ ଉଡ଼ିଯାଏ ଅଧର୍ମର କାର୍ଯ୍ୟ
କାଳ-ପାତ୍ର-ସ୍ଥାନେ ତାହା ହେଉ ବ୍ୟବହାର୍ଯ୍ୟ ।

(୩୯)

ସତ୍ୟ ହେଲେ ମଧ୍ୟ ଯାହା ଦୁଃଶ୍ରାବ୍ୟ ଅପ୍ରିୟ
ଲଜ୍ଜାପମାନଜନକ ଅବା ନିନ୍ଦନୀୟ,
ସେପରି ସତ୍ୟରେ ପୁଣ୍ୟ ଅଂଶ ନାହିଁ କିଛି
ବରଞ୍ଚ ତୁମ୍ଭଙ୍କୁ ଲୋକେ ବୋଲିବେ ଛୁଇଛି ।

(୪୦)

ନିଜ ସମ୍ମୁଖରେ ଜଣେ ଅନ୍ୟାୟ କୁତର୍କେ
ଧର୍ମ-ପଥରୁ ଲୋକଙ୍କୁ ଟାଣୁଅଛି ନର୍କେ;
ଦୃଢ଼ ବକ୍ତୃତାରେ ଯଦି ଦିଶୁଅଛି ଫଳ
ଶାନ୍ତ ବ୍ୟବହାର ତହିଁ ମୂର୍ଖତା କେବଳ ।

(୪୧)

ମୂର୍ଖ ବିପ୍ର, କାର୍ଯ୍ୟକ୍ଷମ-ସବଳ ଭିଖାରୀ
ଶଠ, ଅଳସ, ଧର୍ମର ବାହ୍ୟଚିହ୍ନଧାରୀ,
ଏମାନଙ୍କୁ ନଭାବି ଯେ କରେ କିଛି ଦାନ
ଦାନ ନୁହେ ତାହା ମହା ଦୁଷ୍କୃତି ଆଦାନ ।

(୪୨)

ଭଣ୍ଡ-ତପସ୍ୱୀ ଭିଖାରୀ ଠକ ଅଳସୁଆ
ଦେଶମାତାର ଏମାନେ ଜୀବନ୍ମୃତ ଛୁଆ;
ଏହାଙ୍କ ବୃଥା ଜୀବନରକ୍ଷା-ପ୍ରତିକାର
କେବଳ ଦେଶ-ଦାରିଦ୍ର୍ୟ-ବୃଦ୍ଧି ମାତ୍ର ସାର ।

(୪୩)

ପୁଣ୍ୟର ଆଶାରେ ଆମ୍ଭେ କରଥାଉଁ ଦାନ
ଦେୟ ବସ୍ତୁ ନୁହେଁ ଧୂଳି ପାଉଁଶ ସମାନ;
"ଦେଇଥିଲେ ପାଇ" ଅଛି ଧାର୍ମିକ ପ୍ରବାଦ
ନିର୍ବିବେକ ଦାନ ତେଣୁ ବିଷମ ପ୍ରମାଦ ।

(୪୪)

ବୀଜବପନ ପୂର୍ବରୁ ଯେପରି କୃଷକ
ଦେଖେ କ୍ଷେତ୍ରଟି କପରି ଶସ୍ୟ-ଉତ୍ପାଦକ;
ଦାନ ଲାଭ ପ୍ରତି ପୁଣି ରଖେ ଜ୍ଞାନ-ଦୃଷ୍ଟି
ତା' ଉପରେ ମୁକ୍ତ କରଥାଏ ବୀଜମୁଷ୍ଟି ।

(୪୫)

ଗୃହୀଙ୍କ ମୁଠାଏ ମଧ ଦେଲେ ସେହିପରି
ଦାନ ଫଳାଫଳ ବୁଝି ବିବେଚନା କରି;
ଦେଖିବା ଉଚିତ ପୁଣି କିଭଳି ଦାମୀସ୍ତୁ
ସନ୍ନ୍ୟାସୀ-ସଂସାରୀ ପୂଜନୀୟୂ-ବର୍ଜନୀୟୂ ।

(୪୬)

ବିଷୟଭୋଗ-ବିରାଗୀ ଶାନ୍ତ ଜିତେନ୍ଦ୍ରିୟ
ପରୋପକାରୀ ଯେ' ପ୍ରାଜ୍ଞ ସତ୍ୟଧର୍ମପ୍ରିୟ,
ସେ ଏକା ପୂଜ୍ୟ ସନ୍ନ୍ୟାସୀ ସାଧୁ ବ୍ରହ୍ମଚାରୀ
ଆଦର୍ଶ ଅତିଥି ଦାନ-ଗ୍ରହଣାଧିକାରୀ ।

(୪୭)

ହେଉ ଦେବତା ବ୍ରାହ୍ମଣ କିମ୍ବା ଗୁରୁ ବାପ
ଠକ ଅଳସ ପୋଷିବା ଗୁରୁତର ପାପ;

ପକ୍ଷାନ୍ତରେ କର୍ମଫଳ ଦାତା ନ୍ୟାୟବାନ
ଈଶ୍ୱରଙ୍କ ପ୍ରତି ତାହା ଅପମାନ ଦାନ ।

(୪୮)

ଯାହାର ପ୍ରଦତ୍ତ ଧନେ ପାପ ଅତ୍ୟାଚାର
ସାଧିତ ହେଉଛି କିମ୍ବା ଚଳୁଛି ଆହାର;
ହେଲା ଜଣେ ପୁରୁଷାର୍ଥ-ହୀନ ଅକର୍ମଣ୍ୟ
ସେ.ଭଳି ଦାନର ପ୍ରାପ୍ୟ କର ନିର୍ଦ୍ଧାରଣ ।

(୪୯)

କର୍ମହୀନଙ୍କୁ ଈଶ୍ୱର ନ ଦିଅନ୍ତି ଭିକ୍ଷା
ନିର୍ଜନେ ବାନ୍ଧି ଜଣକୁ କର ବି' ପରୀକ୍ଷା;
ଦିନରାତି ମାଗୁଥାଉ ମରିଯିବାଯାଏ
ହରିଙ୍କଠାରୁ ସେ କିଛି ସାହାଯ୍ୟ ନ ପାଏ ।

(୫୦)

ଦେଖୁଛ କୁକର୍ମୀ ଜଣେ କରୁଛି ସାଧନ
କ୍ଷମାବଶେ ତାକୁ ଯଦି ନକଲ ଶାସନ;
ବଢ଼ିଗଲା ତା ସାହସ ତୁମ୍ଭ ସମ୍ମୁଖରେ
ପୁଣି ପାପ କରିବାକୁ ଆଉ ସେ ନ ଡରେ ।

(୫୧)

ତୁମ୍ଭ ଆଗେ ଯେହୁ ପରନିନ୍ଦା ଗାଉଥାଏ
କି ପ୍ରମାଣ ଅଛି ତୁମ୍ଭ ନିନ୍ଦା ସେ ନ ଗାଏ ?
ସେଭଳି ଲୋକ ଆତ୍ମୀୟ ବନ୍ଧୁ ହେଲେ ମଧ୍ୟ
ଚିହ୍ନିନିଅ ନୁହେଁ ଗୁଣୀ କିମ୍ବା ଗୁଣଗ୍ରାହ ।

(୫୨)

ଅନାଇ ଅନ୍ୟର ଦୋଷ ଦୁର୍ଗୁଣ କୁତ୍ସିତ
ନିଜର କ୍ଷତି ସନ୍ଦେହେ ରଖୁଛ ଯା' ଖ୍ୟାତି;
ସେ ସକଳ ଥାଏ ଯଦି ତୁମ୍ଭ ଚରିତ୍ରରେ
କି କ୍ଷତି ଘଟିବ ତୁମ୍ଭ ଭାବିଦେଖ ଥରେ ।

(୫୩)

ନିର୍ଗୁଣ-ସଦୋଷ କିମ୍ବା ସଗୁଣ-ନିର୍ଦ୍ଦୋଷ
କିଛି ହିଁ ଥିବ ଜଗତେ ଏ ଭାବ ନ ପୋଷ;
ଯହିଁ ଗୁଣ ତହିଁ ଦୋଷ, ଦୋଷ ମଧ୍ୟେ ଗୁଣ
ସମ୍ପୃକ୍ତ ଏହାହିଁ ବିଧି-ସୃଷ୍ଟିର ନୈପୁଣ୍ୟ ।

(୫୪)

ଅପରକୁ ଦୋଷଶୂନ୍ୟ ରଖିବାକୁ ସଦା
ଦୋଷୈକଦର୍ଶୀର ଏହା ସ୍ୱାଭାବିକ ଶ୍ରଦ୍ଧା;
ନିଜର ନିର୍ଦ୍ଦୋଷ ଗୁଣ ପ୍ରଦର୍ଶନେ ତଥା
ଯତ୍ନ କଲେ ନର ପ୍ରାଣେ ହୁଅନ୍ତି ଦେବତା ।

(୫୫)

ସ୍ୱଭାବ-ସଦ୍‌ଗୁଣ ତୁମ୍ଭ ଅଛି ଯଦି ଭାଇ
ଛପି ରହେନା, ବ୍ୟାକୁଳ ହେଉଛ କିପାଇଁ ?
ଲୁଚିଥିଲେ ସୁଦ୍ଧା ଗୁଳ୍ମ ଅନ୍ତରାଳେ ମଲ୍ଲୀ
ବେଢ଼ିଥାନ୍ତି ତାକୁ ସ୍ୱତଃ ଶତଶତ ଅଳି ।

(୫୬)

କର ଯାଉଅଛ ଯେବେ ପର ଉପକାର
ଲୋକ ଆଗେ ନିଜେ ତାହା ନକର ପ୍ରଚାର;
ହସ୍ତ ତାଡ଼ନାରେ ଯାହା ବାଜୁ ମରଦଳ
ମୁହଁ-'ଧେ-ଧିନ୍ଦା'ରେ ଲୋକେ ହସିବେ କେବଳ ।

(୫୭)

ଯେଉଁ କାର୍ଯ୍ୟ ସାଧାରଣ-ଶକ୍ତି-ସାଧ୍ୟାତୀତ
ତାହା ଯେବେ ତୁମ୍ଭ ଯୋଗେ ହେଉଛି ସାଧିତ;
ନିଜ ଶକ୍ତି ବୋଲି ତହିଁ ନ ହୁଅ ଗର୍ବିତ
ବୁଝ ଦୈବୀ-ଶକ୍ତି ତୁମ୍ଭ ଶକ୍ତିରେ ନିହିତ ।

(୫୮)

ଧନ ଯଶ ରୂପ ଗୁଣ ବୁଦ୍ଧି ବିଦ୍ୟା ଜ୍ଞାନ
ବନ୍ଧୁ ଗୁରୁଜନ ଶକ୍ତି ଅବସ୍ଥା ସମ୍ମାନ;

ଏ ସକଳ ମାନବର ପୂର୍ବାର୍ଜିତ ଫଳ
ନ ଖଟେ ଏଥି କାହାର ବଳ କଉଶଳ ।

(୬୯)

ଧନ୍ୟ ସେ ପରୋପକାରୀ ଧାର୍ମିକ ଯେ' ଜନ
ଧର୍ମ-ଧନ ନାହିଁ ଯାର ସେ ସିନା ନିର୍ଦ୍ଧନ;
ଦେଶେ ଦେଶେ ବିଘୋଷିତ ଯାର ପଉରୁଷ
ପ୍ରକୃତ ଯଶସ୍ୱୀ ସେହି ସାର୍ଥକ ତା' ଯଶ ।

(୭୦)

ପୁରେ ପୁରେ ପ୍ରାଣେ ପ୍ରାଣେ ଯା' ପ୍ରତିମୂରତି
ଲଭୁଅଛି ପ୍ରଭୁତୁଲ୍ୟ ଅର୍ଚ୍ଚନା ଭକତି;
ସେହି ଏକା ରୂପବାନ ସେହି ସିନା ଗୁଣୀ
କାନ୍ଦୁଛି ଜଗତ ଯା'ର ଗୁଣାବଳି ଗୁଣି ।

(୭୧)

ବୁଦ୍ଧି ତାର ସାର ଭାଇ ସଂସାର-ଜଞ୍ଜାଳେ,
ବିହରେ ଯେ' ନିରାପଦ ଇହ ପର କାଳେ;
ସାଧୁଅଛି ବିଦ୍ୟା ଯା'ର ପର ଉପକାର,
ସେ ସିନା ବିଦ୍ୱାନ, ସାଧୁ ଜୀବନ ତାହାର ।

(୭୨)

ସୁଖେ-ଦୁଃଖେ ହାନି-ଲାଭେ ପୁଣ୍ୟ ପକ୍ଷ ଧରି,
ମନ-ବଚନ-କର୍ମରେ ପାପେ ଘୃଣା କରି;
ଜୁଝିବାକୁ କାଳ ସଙ୍ଗେ ଯେହୁ ସାବଧାନ,
ସେହି ଜ୍ଞାନବାନ ଭାଇ, ସେହି ଜ୍ଞାନବାନ ।

(୭୩)

ଜୀବନର ବନ୍ଧୁ କିଏ ? ପୁଣ୍ୟ-ପରିଶ୍ରମ,
ଆତ୍ମାର କେ ଚିରସଖା ? କେବଳ ଧରମ;
ଗୁରୁ କେ ? ନିଃସ୍ୱାର୍ଥପର-ଉପଦେଶଦାତା
ଚିର ସେବ୍ୟ ଦେବ ସିନା ନିଜ ପିତାମାତା ।

(୭୪)

ନିଗ୍ରହ ଦୁର୍ବଳ ଯେହୁ ପତିତ ନାଗର,
ଯା' ଉପରେ ପ୍ରବଳର ଘୋର ଅତ୍ୟାଚାର;
ତା' ଦୁଃଖ-ଦୁର୍ଗତି ଯେହୁ ପାରୁଅଛୁ ଟାଳି,
ସେ ସିନା ପ୍ରଶଂସମାପ୍ୟ ଯୋଗ୍ୟ ଶକ୍ତିଶାଳୀ ।

(୭୫)

ଧର୍ମ-ଧ୍ୟାନ ଅବସ୍ଥାରେ ନଦିଅ ନଜର,
ଶ୍ରେଣୀ-ବିଭକ୍ତ ତା' ସିନା ବିଶ୍ୱ-କଳେବର;
ସେ ସ୍ଥାନରେ ବିଶ୍ୱଗୁରୁ କରିବେ ପରୀକ୍ଷା,
କେହି ନ ଦେଖିବେ ତୁମ୍ଭ ଠାଣିମାଣି-ଶିକ୍ଷା ।

(୭୬)

ବୁଝିଅଛ ଏ ସ୍ଥାନରେ ଯାକୁ ଅପମାନ,
ସେ ସ୍ଥାନେ ପାଲଟି ଯାଇପାରେ ତା' ସମ୍ମାନ;
(୧) ଆଜ ଯା'କୁ ମଣିଅଛ ଗୁପ୍ତ-ପୁରସ୍କାର,
ପରୀକ୍ଷାରେ ପାଇପାର ତା'ପାଇଁ ପ୍ରହାର ।

(୭୭)

ତ୍ୟାଗି ଅସାର ବିଳାସ ଭୋଗ ଆଡ଼ମ୍ବର,
ସେ ମହା ପରୀକ୍ଷା ଲାଗି ହୁଅ ଯତ୍ନପର;
ଚାଲି ଯାଉଅଛି ଆୟୁ-ଆକର୍ଷୀ ସମସ୍ତ
କେଡ଼େ ବେଗେ ଯଥା ଖର ତରୁସ୍ପର୍ଶୀ ରଶ୍ମି ।

(୭୮)

କର୍ମିଗୃହୀଙ୍କ ଘଟିଲେ ପରିବରତନ,
ନ ଯାଉଣୁ ନିର୍ଦ୍ଦେଶିତ ସ୍ଥାନକୁ ତା' ମନ;
କେତେ ଚିନ୍ତା ଭାବ ଆଣିଥାଏ ନିଜପାଇଁ,
ପରଜନ୍ମ-ପରିସ୍ଥିତି ଭାବ ତେତେ ଭାଇ !

(୧) ଅନେକେ ଉତ୍କୋଚକୁ "ଗୁପ୍ତ-ପୁରସ୍କାର" ବୋଲି ମନେ କରିଥାନ୍ତି ।

(୬୯)

ପାଇ ପାରିବକି ନରଜନମ ଏପରି,
ମୂର୍ତ୍ତିଙ୍କ ଶାସ୍ତ୍ରରେ ଭାଇ ଦିବ୍ୟଜ୍ଞାନ ଧରି ?
ହେବ ନାହିଁ ତ' ନରଭୂଷର ଲୋକହସା ?
ଲାଗୁଛି କି ନିଃସନ୍ଦେହ ବିଶ୍ୱାସ ଭରସା ?

(୭୦)

ବିଷୟଚିନ୍ତାରେ ଖାଲି ଧାଣ୍ଡିବାକୁ ମନ,
ପାଇନାହିଁ ଭାଇ ତୁମ୍ଭେ ମାନବ ଜୀବନ;
ଭୁଲି ନ ଯାଅ ତାହାଙ୍କୁ ଯାହାଙ୍କ କରୁଣା
ସଦା ତୁମ୍ଭ ଦୁଃଖ ତାପ କରୁଅଛି ଊଣା ।

(୭୧)

କର ଚରଣାଦି ଚକ୍ଷୁ କର୍ଣ୍ଣ ବୁଦ୍ଧି ଜ୍ଞାନ
ଯେ ଦେଇଛନ୍ତି ନଦିଅ ତାଙ୍କୁ ଅପମାନ;
ତୁମ୍ଭ ପ୍ରାଣରକ୍ଷା ଲାଗି ଯା'ଙ୍କ ସ୍ନେହାମୃତ
କ୍ଷୀରରୂପେ ମାତୃସ୍ତନୁ ହୁଏ ବିନିଃସୃତ ।

(୭୨)

ମାନବ ଜୀବନ-ରାଜ୍ୟେ ମନ ସେନାପତି,
ତା'ର ଦୌର୍ବଲ୍ୟରେ ଘଟିଥାଏ ମହାକ୍ଷତି;
କାମରିପୁ କ୍ରୀଡ଼ାସ୍ଥଳୀ ଯୌବନ ସମୟ,
ଲଙ୍ଘି ପାରିଲେ ମନର ସବୁ ସ୍ଥାନେ ଜୟ ।

(୭୩)

ସହଜ ନୁହଇ ଭାଇ, ସେ ସ୍ଥଳୀ ଲଙ୍ଘନ,
ତେଣୁ ଆଗରୁ ସଜ୍ଜିତ ହୋଇଥାଉ ମନ;
ସାଧୁସଙ୍ଗ-ବର୍ମ ପିନ୍ଧି ଧୈର୍ଯ୍ୟ-ଢାଲ ଧରି,
ଆରୋହଣ କରିଥାଉ ଧର୍ମଜ୍ଞାନ-କରୀ ।

(୭୪)

(୧) କାମ-ଗୁପ୍ତଚର ଜ୍ଞାନ-ଇନ୍ଦ୍ରିୟ ସକଳ,
ଜାଣନ୍ତି କେତେ କୁହୁକ ପ୍ରରୋଚନା ଛଳ;
ଭୁଲିଯାଏ ମନ ଯନ୍ଧ ତାଙ୍କ ପ୍ରଲୋଭନେ,
ସହଜେ ତ' ପଡ଼ିଯିବ ରିପୁର ବନ୍ଧନେ ।

(୭୫)

ରିପୁଭୟେ ମନ ସଦା ଥାଉ ସାବଧାନ,
ସତର୍କତା-କରେ ଧରି ବିବେକ-କୃପାଣ;
ଆଟୋପ-ଅଙ୍ଗୁଳୀ ଚୂଳେ ନକରୁ ବିହାର,
ଦୁଷ୍ପ୍ରବୃତ୍ତି-ଦୁର୍ଲଳସା କରୁ ପରିହାର ।

(୭୬)

ନିଜକୁ ସହଜେ ଉଚ୍ଚ ଭାବିଥାଏ ମନ,
ସହଜ ଯେପରି ସାଧୁ ଭେଖ ପ୍ରଦର୍ଶନ;
ତେଣୁ ବାସ୍ତବ ଉଚ୍ଚତା ସାଧୁତା ଅର୍ଜନେ,
ମନକୁ ଆଗେ ଦମନ କରନ୍ତି ସଜ୍ଜନେ ।

(୭୭)

ଜ୍ୱଳନ୍ତ ଅଙ୍ଗାରେ ଦହି ହାତୁଡ଼ି ପ୍ରହାର
ନ ଦେଲେ ଯେହ୍ନେ ମାଳିନ୍ୟ ନଯାଏ ଲୁହାର;
ସେପରି ଧର୍ମ-କର୍ଷଣେ ସନ୍ତପ୍ତ ବିପନ୍ନ
ନହେଲେ ସୁଖ-ସମ୍ଭୋଗେ ନ ଶୁଧୁରେ ମନ ।

(୭୮)

ଗବ୍ୟଦୁଗ୍ଧ ପାନେ ବୃଦ୍ଧି ଦେହବଳ ଯଥା,
ସାଧୁସଙ୍ଗ ଗୁଣେ ବଢ଼େ ମନୋବଳ ତଥା;
ଦେହ ସୁସ୍ଥ ରହେ ନିୟମିତ ନିତ୍ୟକର୍ମେ,
ମାନସ ନୀରୋଗ ପୁଣ୍ୟ ସାଧନା ସଂଯମେ ।

---

(୧) ଜ୍ଞାନେନ୍ଦ୍ରିୟ—ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ।

(୭୯)

ଯୁଗଧର୍ମୀ ଭାଇ, ତୁମ୍ଭେ ଉଦାର ଶିକ୍ଷିତ,
ମାନବର ମହାଧର୍ମେ ହେଲେହେଁ ଦୀକ୍ଷିତ;
ଆତ୍ମଧର୍ମେ ଥାଅ ସଦା ସଚେଷ୍ଟ-ଜାଗ୍ରତ,
ଜୀବନ-ଚକ୍ରଯାନର ତାହା ଅକ୍ଷ ବତ ।

(୮୦)

ଧର୍ମ ଢଗରେ ଅନେକେ ଗୁଡ଼ନ୍ତି କୁହାଟ,
ନିଜ ସୁବିଧାରେ ଗଢ଼ି ନିଜ ଧର୍ମବାଟ;
ମନଗଢ଼ା ନୁହେ ଭାଇ, ସତ୍ୟ-ଧର୍ମ-ପନ୍ଥା,
ଢୂରେ ଯହିଁ ମହା ମହା ମନୀଷୀଙ୍କ ମଥା ।

(୮୧)

ଯେ ଧର୍ମ ଅର୍ଦ୍ଧପଥରୁ ଯୋଗୀ ତ୍ୟାଗୀ ଜ୍ଞାନୀ
ଥକି ଫେରିଆସି ଭୋଗୁଛନ୍ତି ଆତ୍ମଗ୍ଲାନି;
ସେ ଧର୍ମଢଗେ କେତେକ ଜଞ୍ଜାଳୀ ସାଧକ
ନିଜକୁ ମଣନ୍ତି ସାଧୁ ପଥପ୍ରଦର୍ଶକ ।

(୮୨)

ସାବଧାନ, ସାବଧାନ, ସାବଧାନ ଭାଇ,
ସ୍ୱାର୍ଥୀ ଧର୍ମଧ୍ୱଜୀଙ୍କର ଫାନ୍ଦେ ପଡ଼ନାହିଁ;
ଧର୍ମଭ୍ରମେ ହୁଏ ଯଦି ଅଧର୍ମ ସାଧିତ,
ତେବେ ତ’ ପାପର ସୀମା ନହେବ ଅଙ୍କିତ ।

(୮୩)

ଧର୍ମଧ୍ୱଜୀ ଧରମର ବିଶ୍ୱାସଘାତକୀ,
କେହି ନାହିଁ ତାହାଠାରୁ ଅଧିକ ପାତକୀ;
ସାହାଯ୍ୟ ପ୍ରଦାନ ଥାଉ ହୁଏ ମହାପାପ,
ଧର୍ମଧ୍ୱଜୀ ସହିତରେ କଲେ ବାର୍ତ୍ତାଳାପ ।

(୮୪)

ସରଳହୃଦୟା ସୀତା ସତୀ-ଶିରୋମଣି
ଧର୍ମଧ୍ୱଜୀଟାକୁ ବନେ ଅଭ୍ୟାଗତ ମଣି,

ଭିକ୍ଷା ଧରାଇବା ମାତ୍ରେ କି ଘୋର ଦୁର୍ଦ୍ଦଶା
ଭୋଗିଲେ ନିନ୍ଦାପବାଦ କେତେ ଲୋକହସା ।

(୮୫)

ଧର୍ମର ବାହ୍ୟ ଚିହ୍ନେ ଯେ ହେଉଛି ଚହ୍ଲାଇ,
ଧର୍ମାବ୍ଧି-ମରାଳ ବୋଲି ଚିହ୍ନ ତାକୁ ଭାଇ;
ନୁହେଁ ରତ୍ନଲିପ୍ସୁ କମ୍ବା ଉଦଧି-କଳଙ୍କ,
ଶମ୍ବୁକାନ୍ୱେଷୀ ସେ ନିଜ ଉଦରପାଳକ ।

(୮୬)

ନିରାଡ଼ମ୍ବର ଶାସ୍ତ୍ରଜ୍ଞ ଭୁଷ୍ଟ ସଦାଗୃହୀ,
ଧର୍ମପ୍ରାଣ ଧର୍ମ-ବାହ୍ୟଚିହ୍ନ-ପରିହାରୀ,
ଶତ୍ରୁ-ମିତ୍ର-ସମଦର୍ଶୀ ଈଶ୍ୱରପ୍ରେମିକ,
ଯେବଣ ମହାତ୍ମା, ସେହୁ ପରମ ଧାର୍ମିକ ।

(୮୭)

ଆତ୍ମାର ଯା' ଅନୁକୂଳ ତାହାହିଁ ସ୍ୱଧର୍ମ,
ପରମ ନିର୍ଣ୍ଣିପ୍ସୁ ଏହା ନାହିଁ ଏଥି ଭ୍ରମ;
ଧର୍ମଯୁକ୍ତ କର୍ମେ ଯେଉଁ ଧନ ଉପାର୍ଜିତ,
ତାହାହିଁ ଅର୍ଥ, ଅନର୍ଥ ଆଉ ଯାହା ବିତ୍ତ ।

(୮୮)

ଧର୍ମପଥେ ଚଳାଏ ଯେ ତା' ନାମ କାମନା,
କହି ଯାଇଛନ୍ତି ଜ୍ଞାନୀ ସାଧୁ ମହାମନା;
ଜୀବାତ୍ମାର ସ୍ୱାଧୀନତା-ପ୍ରାପ୍ତି ହିଁ ମୁକତି,
ସ୍ୱୀକୃତ ଏଥିରେ ନାନା ତରକ-ଯୁକତି ।

(୮୯)

ଧର୍ମ-ଅର୍ଥ-କାମ-ମୋକ୍ଷ ସାଧନାର ଫଳ,
ମାନବର 'ପୁରୁଷାର୍ଥ' ଏହାହିଁ କେବଳ;
ପୁରୁଷାର୍ଥ ସିଦ୍ଧି ପାଇଁ ପ୍ରଭୁଙ୍କ ଆଦେଶ
ଧର୍ମଶାସ୍ତ୍ରେ ଉକ୍ତ ଯେଉଁ ନୀତି-ଉପଦେଶ ।

(୯୦)

ଅନେକେ ପଣ୍ଡିତନାମା ଭଲମନ୍ଦ ବୁଝି,
ମାତ୍ର କାର୍ଯ୍ୟେ ଜ୍ଞାନନେତ୍ର ଦେଇଥାନ୍ତି ବୁଜି;
ସାଧାରଣ ଦୃଷ୍ଟିରେ ଯେ' ମୂର୍ଖ ଅଶିକ୍ଷିତ
ସେଭଳି କେତେକଙ୍କର କାର୍ଯ୍ୟ ଭଦ୍ରୋଚିତ ।

(୯୧)

କବି ବା ପଣ୍ଡିତ ଜ୍ଞାନୀ ଧ୍ୟାନୀ ହେଉ ଲୋକ,
ଲଭିନାହିଁ ଯଦି କିଛି କରୁଣା-ଆଲୋକ;
ପଥ ପ୍ରଦର୍ଶାଇ ଆନେ ନିଜେ ପଥବଣା,
* କରିସ୍ନାନ ପରି ତାର ଶାସ୍ତ୍ର ଆଲୋଚନା ।

(୯୨)

ଶିଶୁ ପ୍ରାଥମିକ ଶିକ୍ଷା ଯେହ୍ନେ ବର୍ଣ୍ଣଜ୍ଞାନ,
ତା' ପରେ ତା' ପଠମାୟୁ କାବ୍ୟ ଶାସ୍ତ୍ରମାନ;
ତେହ୍ନେ ଜୀବନେ ପ୍ରଥମେ ଗଢ଼ି ସଦଭ୍ୟାସ,
ସଂକଳ୍ପିତ ଅନୁଷ୍ଠାନେ ଲଗାଅ ପ୍ରୟାସ ।

(୯୩)

ଅଭ୍ୟାସକୁ ଯଥାସାଧ୍ୟ କର ସଂଶୋଧନ,
ସ୍ୱଭାବର ସଂଶୋଧନେ ନକର ଯତନ;
ଅଭ୍ୟାସ ସଂସର୍ଗ ଜାତ ରହେ ଇଚ୍ଛା ଭଳି,
ଈଶ୍ୱରଦତ୍ତ ସ୍ୱଭାବ ନଯାଏ ବଦଳି ।

(୯୪)

(୧) ଅସ୍ତେୟ ଚଉର୍ଯ୍ୟ ଆଦି ସତ୍ୟ-ମିଥ୍ୟାଭାଷ,
ସଂସର୍ଗଜନିତ ଗୁଣ ଦୋଷ ଏ ଅଭ୍ୟାସ;
ସାହସ ଭୀରୁତା କ୍ରୋଧ ଶାନ୍ତ ଦୟାଭାବ,
ତ୍ରିଗୁଣରୁ ଜାତ ଯାହା ତାହାହିଁ ସ୍ୱଭାବ ।

* ଜଳମଗ୍ନ ହସ୍ତୀ ପଦାକୁ ବାହାରିଲାକ୍ଷଣି ଦେହଯାକ ଧୂଳି ସିଞ୍ଚିହୁଏ ।
(୧) ଅସ୍ତେୟ—ଚୋରି ନ କରିବା ।

(୯୫)

ଅନ୍ୟଠାରୁ ପାଇବାକୁ ଯାହା ଇଚ୍ଛା କର,
ତରକ ସେତକ ଆଗେ ପରକୁ ବତର;
ଦୟା ପ୍ରୀତ ସେବା ଭକ୍ତ ପ୍ରଶଂସା ସମ୍ମାନ,
ସାହାଯ୍ୟ ସହାନୁଭୂତ ସ୍ନେହ କ୍ଷମା ଦାନ ।

(୯୬)

ସ୍ୱୀକାର କର ଆପଣାକୃତ ଦୋଷମାନ,
ପାପ-ଆପଦରେ ପୁଣି ହୁଅ ସାବଧାନ;
ପ୍ରଦାନଯାଅ ଏପର କାର୍ଯ୍ୟ ପରଚୟ;
ମାନଯାଉ ଭବଷ୍ୟତ ନ ରଖୁ ସଂଶୟ ।

(୯୭)

ଶତ୍ରୁ ମୂରୁଖର ମଧ୍ୟ ଥିଲେ ଭଲ ଗୁଣ,
ଆଦରେ ତା' ଗ୍ରହଥାଏ ଯେ' ଲୋକ ନପୁଣ;
ଦୋଷ ଯଦ ଥାଏ ଗୁରୁ କବା ପଣ୍ଡିତର,
ତ୍ୟାଗ କରଥାଏ ତାହା ବୁଦ୍ଧିମାନ ନର ।

(୯୮)

କାର୍ଯ୍ୟ କଛୁ ନାହିଁ ବୋଲ ବସିଥାନ୍ତ ଜନେ,
କେଡ଼େ ନବୋଧତା ଏହା ନ ଭାବନ୍ତ ମନେ;
କାର୍ଯ୍ୟ ସତ୍ତ୍ୱେ ବଶ୍ରାମିବା ବରଂ ଶ୍ରେୟସ୍କର,
ନଷ୍କର୍ମାର ବଶ୍ରାମଟି ଦୁଃଖର ଆକର ।

(୯୯)

(୧)ପୁଷ୍ପ-ସୁଷମାରେ ମୁଗ୍ଧ ହୁଏନା' ଭ୍ରସଳ,
ମକରନ୍ଦ ପାନେ ତା'ର ଆନନ୍ଦ ଅସଲ;
ଧାର୍ମିକ ଧର୍ମେ ଆଟୋପ ନ ଗୃହେଁ ସେପର,
ପ୍ରାଣର ଧନ ତାହାର ପ୍ରେମମୟ ହର ।

(୧) ଭ୍ରସଳ—ଭ୍ରମର ।

(୧୦୦)

(୧)ରଖିଛନ୍ତି ଯେ' ଶ୍ରୀଫଳ-ବଲ୍କଳବରଣେ
ନଖ-ରଦନ-ଦୁର୍ଭେଦ୍ୟ-କାଠିନ୍ୟ-ସଘନେ;
କମଳ ନାଡ଼େ କଣ୍ଟକ, ଫଣୀମୁଣ୍ଡେ ମଣି,
ସୁଗମ ଥିବ କି ତାଙ୍କ ଦର୍ଶନ-ସରଣୀ ?

(୧୦୧)

କରିବା ପାଇଁ ଅନ୍ୟର ବିନାଶ ସାଧନ,
ହୋଇଥାଏ ନାନା ଅସ୍ତ୍ର-ଶସ୍ତ୍ର ପ୍ରୟୋଜନ;
ନିଜର ମୃତ୍ୟୁ ସାଧନେ କଲେ ଅଭିଳାଷ,
ଛୁଞ୍ଚିର ଆଘାତେ ପ୍ରାଣ ହୋଇଥାଏ ନାଶ ।

(୧୦୨)

ଅପରଙ୍କୁ ଧର୍ମତତ୍ତ୍ୱ ବୁଝାଇବା ଲାଗି,
କେତେ ସାଧୁକ୍ତି ସୁଯୁକ୍ତି ତର୍କ ଥାଏ ଲାଗି;
ନିଜେ ବୁଝିବାକୁ ହେଲେ ସାମାନ୍ୟ ଜ୍ଞାନରେ,
ହେବନି ସମ୍ଭବପାରେ ନର ଜୀବନରେ ।

(୧୦୩)

ଫଳପ୍ରଦ ଈଶ୍ୱରଙ୍କ ଅସଂଖ୍ୟ ନୟନ,
ବିଶ୍ୱକାର୍ଯ୍ୟ ନିରୀକ୍ଷଣେ ତାର ଉନ୍ମୀଳନ;
ଯେ' ଯେଭଳି କାର୍ଯ୍ୟକର ଅଛି ତାଙ୍କ ସୃଷ୍ଟି,
ତାଳବ ଭୂମ୍ରି ଉପରେ ସେହିଭଳି ଦୃଷ୍ଟି ।

(୧୦୪)

ସେ ମହାବୃଷ୍ଟି ନ ବାରେ ଜାତି ବର୍ଣ୍ଣ ଚିହ୍ନ,
ପାଉଣା ପ୍ରଭେଦ ଘଟେ କର୍ମ ଯଦ୍ୱ ଭିନ୍ନ;
କୃପାଣର ସ୍ୱର୍ଣ୍ଣମୁଷ୍ଟି ରକ୍ତ ଜର୍ଜରିତ,
କୁସୁମ-ଚନ୍ଦନେ କୌନ୍ଦ-ଲେଖନୀ ଅର୍ଚ୍ଚିତ ।

(୧) ଶ୍ରୀଫଳ—ନଡ଼ିଆ ।

(୧୦୫)

ବାସ୍ତବ ମାନବ ଯଦି ବୋଲାଇବ ଭାଇ,
ବିବେକର ମହତ୍ତ୍ୱକୁ ରଖ ସଂକୁଠାଇଁ;
ଜାଣି ବୁଝିଅଛ କରୁ ନାହିଁ କି' ସଂଶୟ,
ତଥାପି ପ୍ରଥମେ ନିଅ ଚିନ୍ତାର ଆଶ୍ରୟ ।

(୧୦୬)

କଉଣସି କାର୍ଯ୍ୟେ ଆଜ ହେବ ନାହିଁ ଭ୍ରମ,
ଏପରି ଭାବିବା ନିଜ ଭ୍ରମ ତ' ପ୍ରଥମ;
ଜୀବମାନେ ଭ୍ରାନ୍ତ ଯେଣୁ, ଭ୍ରାନ୍ତ ଦୋଷୀ ନରେ
କ୍ଷମା ଦେବାର ଉଚିତ ସାମାନ୍ୟ ଦୋଷରେ ।

(୧୦୭)

ଉଚ୍ଚ ପଦଧାରୀ କିମ୍ବା ଉଚ୍ଚ ବଂଶଧର,
ହୋଇଯିବା ମାନେ 'ଉଚ୍ଚ' ହୁଏ ନାହିଁ ନର;
ହୃଦୟର ଉଚ୍ଚତା ହିଁ ଉଚ୍ଚତା ବାସ୍ତବ,
ପଦ ବଂଶଠାରୁ ଉଚ୍ଚ ହୃଦର ଗୌରବ ।

(୧୦୮)

ଅନ୍ୟର ଧର୍ମ-ଧାରଣା ଈଶ୍ୱର-ବିଶ୍ୱାସ,
ରୁଚି-ଶ୍ରଦ୍ଧା-ଭକ୍ତି-ନିଷ୍ଠା କରନାହିଁ ହ୍ରାସ;
ନିତାନ୍ତ ଆବଶ୍ୟକତା ଥାଏ ଯଦି ତହିଁ,
ସ୍ୱମତ ଜ୍ଞାପନେ ହୁଅ ପ୍ରଥମେ ବିନୟୀ ।

(୧୦୯)

ସ୍ୱମତରେ ବିରୋଧୀକି କରନାହିଁ ବାଧ୍ୟ,
ବିରୁଦ୍ଧ ମତଗତରେ ସାଧନା ଅସାଧ୍ୟ;
ବିରୁଦ୍ଧ ଗୁଣ-ସଂଯୁକ୍ତ ଜିନିସ ପାଖର,
ଏକୀକରଣରେ ଲଭ ବୈଗୁଣ୍ୟ ମାତର ।

(୧୧୦)

ବହି ଖଣ୍ଡେ ପଢ଼ି ତୁମ୍ଭେ ହୋଇଅଛ ପ୍ରୀତ,
ସେ ବହିରେ ଦେଲି ଜଣେ ମତ ବିପରୀତ;

ଦୁଃଖିତ ନହୁଅ ତହିଁ କର ବିବେଚନା,
ଏକ ନୁହେ ଲୋକଙ୍କର ରୁଚି ଆଲୋଚନା ।

(୧୧୧)

ନକେ ଖ୍ୟାତିଲିପ୍ସୁ ଏହା ସ୍ପଷ୍ଟ ନ ଜଣାଇ,
(୧) ଅନେକେ ହୋଇଥାନ୍ତି ସା' ହଠମତଦାୟୀ;
ସେଭଳି ଅଭିମତର ଥାଉ ଯାହା ମୂଲ୍ୟ,
(୨) କାବ୍ୟ-ପାଦପର ତାହା ତରୁରୁହ ତୁଲ୍ୟ ।

(୧୧୨)

ମାନବ ସମାଜେ ଅଗ୍ରପୂଜ୍ୟ ଯେଉଁ କବି,
ଶୁଷ୍କ ସମ୍ମାନିତ ଆଜି ତା' ପ୍ରତିଭା-ଛବି;
ନୈରାଶ୍ୟ-ଲାଞ୍ଛନା ଘୃଣା କବି ପୁରସ୍କାର,
କାଳ ପ୍ରଭାବରେ ଏହା ନୁହେ ଚମତ୍କାର ।

(୧୧୩)

ସାହିତ୍ୟ-ସାମ୍ରାଜ୍ୟ ଆଜି ଯେଣୁ ଅରାଜକ,
ଅଗଣିତ ସ୍ୱାର୍ଥୀ ମିଥ୍ୟା-ସ୍ତାବକ-ବଞ୍ଚକ;
ମୁଖରିତ କରୁଛନ୍ତି କବିର ଆସ୍ଥାନ,
କବି-ପ୍ରତିଭା ପୂଜକେ, ରହ ସାବଧାନ ।

(୧୧୪)

ଯୁଗନାମ 'କଳି' ଯୁଗଧର୍ମଟି 'ନକଲି'
ଯହିଁ ଦେଖି ହୀଡ଼ୁଛନ୍ତି ଅଦ୍ଭୁତ ଅକଲି;
ନ କଳିବା ଯାଏ ତା'ଙ୍କ ସ୍ୱଚ୍ଛ ଆଚରଣ,
ଭେଖ-ଭାଷା ସ୍ୱାର୍ଥ-ସିଦ୍ଧି-ଫାନ୍ଦ ବୋଲି ମଣ ।

(୧୧୫)

ଥିଲେ ସୁଦ୍ଧା ଗୋରକ୍ତରେ ଗୋରସର ସତ୍ତା,
ସଜ୍ଜନ ପକ୍ଷରେ ତାହା ବର୍ଜନୀୟ ଯଥା;

(୧) ହଠ—ବଳାତ୍କାର । (୨) ତରୁରୁହ—ମଲ୍ଲଙ୍ଗ ।

ଦେଖାଇଲେ ମଧ୍ୟ ଭାଷା-ଭେଷେ ଧର୍ମଭାବ,
ଛଡ଼ାନ୍ତୁ ସାଧୁ ତେଣୁ ଦଣ୍ଡ୍ୟ ଘୃଣ୍ୟ ବୋଲି ଭାବ ।

(୧୧୬)

ଆଲୋଚକ ନୁହ ପର ସୁଖ ବା ଦୁଃଖରେ,
ଅନଧିକାର ଚର୍ଚ୍ଚା ତା' ମାନବ ପକ୍ଷରେ;
ନିଜ ମନେ ଯାହା କିଛି କରୁଅଛ ସ୍ଥିର,
ପାଳିମାସୁ ହେଉଛନ୍ତି ତାହା ନିସ୍ତର ?

(୧୧୭)

କେ ଯଦି ତୁମ୍ଭ ଚରିତେ ଦେଖାଉଛି ଦୋଷ,
ତା' ଦୋଷ ଦେଖାଇବାକୁ କରନା ଆକ୍ରୋଶ;
ଦୋଷ-ପ୍ରଦର୍ଶୀର ଦୋଷ ଚହ୍ଲାଇବ ଯାହା,
ପ୍ରକାରାନ୍ତରେ ସ୍ୱଦୋଷ ସମର୍ଥନ ତାହା ।

(୧୧୮)

ବାସ୍ତବ ଜୀବନ୍ତ ବୋଲି ଟେକିପାର ମଥା,
ଅଛି ଯେବେ ଜୀବନରେ ଶାନ୍ତ-ସ୍ୱାଧୀନତା;
ପରିବାର-ଚିନ୍ତାଗ୍ରସ୍ତ ପରାଧୀନ ନର,
ମରିବାର ଲୋକଠାରୁ ଅତି ହୀନତର ।

(୧୧୯)

ସମ୍ମାନର ମୂଲ୍ୟ ଯେହୁ ବୁଝିଛି ସଂସାରେ,
ସମ୍ମାନ-ଭିକ୍ଷା ନକରେ ଲୋକ ବ୍ୟବହାରେ;
ନ ମିଳିଲି ଯୋଗ୍ୟାସନ କିମ୍ବା ନମସ୍କାର,
ନିଜର ନୀଚତା ତହିଁ ଦୁଃଖିତ ହେବାର ।

(୧୨୦)

ଜୀବନ-ମହତ୍ତ୍ୱ ରକ୍ଷା ଅନ୍ନ-ବସନରେ,
ଅଭାବ ମଣେ ଏହାର ଅଭାବକୁ ନରେ;
ଶୂନ୍ୟ ସିନା ଠାଣିମାଣି ବେଶ-ଆଡ଼ମ୍ବର,
ଭୋଗ-ବିଳାସ--ଅତୃପ୍ତ-ମାନସ-ଅଙ୍କୁର ।

(୧୨୧)

ଲାମ୍ପଟ୍ୟ ବୃଦ୍ଧର ଘୃଣା, ଇଷ୍ଟ-ନାମଗାନ,
ଅକ୍ଷମତା ଦୁର୍ବଳତା ସତ୍ତ୍ୱେ କ୍ଷମାଦାନ;
ନିଜଦ୍ରବ୍ୟ ନିର୍ଲୋଭ, ପରଧନେ ଦାନି
ବିଡ଼ମ୍ବନା ଧର୍ମର ଏ ଆଭାସ ଦେଖାଣି ।

(୧୨୨)

ଯେ କଷ୍ଟପୁରେ ଘଟିଛି ପର ମାନହାନି,
ଲୋକମେଳେ ନ ପଚ୍ଛର ତାକୁ ଜାଣିଜାଣି;
ବନ୍ଧୁ ପ୍ର ସିନା କି ଲଭ ସେଭଳି ପ୍ରଶଗନେ,
ଅଯଥା ଲଜ୍ଜା କରନ୍ତି ବଢ଼ିବ ତା ମନେ ।

(୧୨୩)

ପ୍ରକୃତ ବନ୍ଧୁ ଯେ' ଲୋକ ତୁମ୍ଭ ଧାରଣାରେ,
ଦେଣା-ପାଉଣା-ସମ୍ପର୍କ ନ ରଖ ତା' ଠାରେ;
ଅଭାବ ଅସୁବିଧା ତ' ଥାଏ ସଭିଙ୍କର,
ସମୟେ ସେହେତୁ ଘଟିଯାଏ ମନାନ୍ତର ।

(୧୨୪)

ନବାଗତ ପ୍ରତି ଆଗେ ଦେଖାଅ ସମ୍ମାନ,
ବୟସେ ନ ବାଢ଼େ ଗୁଣୀ-ଜନେ ବଡ଼ସାନ;
ଜନ୍ମଇ ଯଦି ସନ୍ଦେହ ଅବା ଅନୁରାଗ,
ମତଭିକ୍ଷା କରି ପରେ ପରିଚୟ ମାଗ ।

(୧୨୫)

ତୁମ୍ଭଙ୍କୁ ଦେଉଛନ୍ତି ଜଣେ ଗାଳି ବା ଧିକ୍କାର,
ନ ରଖି ତହିଁ ନିଜର ଗ୍ରହଣାଧିକାର;
ଟଙ୍କାଟିଏ ତୁମ୍ଭ କରେ କରୁଛନ୍ତି ଅର୍ପଣ,
କା'ର ହେବ ଟଙ୍କା, ଯଦି ନ କଲ ଗ୍ରହଣ ?

(୧୨୬)

ତୁମ୍ଭ ପରୋକ୍ଷରେ ଜଣେ ତୁମ୍ଭ ମାନହାନି,
ଚୁଗୁଲି କରନ୍ତି ତାହା ତୁମ୍ଭେ ନାହିଁ ଜାଣି;

ଯେ' ଲୋକ ଶୁଣାଇ କଷ୍ଟ ଦେଲା ତୁମ୍ଭ ମନେ,
ନୁହେ ବନ୍ଧୁ ଶତ୍ରୁ ବୋଲ ଚିହ୍ନ ସେ ଦୁର୍ଜନେ ।

(୧୨୭)

ବନ୍ଧୁ ଯଦି ଶୁଣେ ବନ୍ଧୁ-ନିନ୍ଦା ଅପବାଦ,
ରହି ନପାରେ ନକରି ଯଥା ପ୍ରତିବାଦ;
ବନ୍ଧୁନିନ୍ଦାକୁ ନ ମଣେ ଯେହ୍ନେ ଆପଣାର,
ଆଉ କି ଆଶା ତା'ଠାରେ ଯୋଗ୍ୟ ବନ୍ଧୁତାର ।

(୧୨୮)

ଦେଖାଏ ଜଣେ ତୁମ୍ଭଙ୍କୁ ସତତ ସମ୍ମାନ,
ଆଜି ତା'ର ବ୍ୟବହାର ଦେଲା ଅପମାନ;
ସେଥିପାଇଁ ତା' ପ୍ରତି ଯା' ବହ ବୃଥା ରୋଷ,
ବୁଝି, କିଛି ହେଲେ ତୁମ୍ଭ ପାଇଛି ସେ ଦୋଷ ।

(୧୨୯)

ବିପଦେ ମୃତ୍ୟୁ ବରିବା ବରଂ ଶ୍ରେୟସ୍କର,
ନୀଚମନାର ସାହାଯ୍ୟ ଗ୍ରହଣ ନ କର;
ଅନ୍ତଃସାରଶୂନ୍ୟ ସେହ୍ନେ ଶାରଦୀୟ ଘନ
ଯେତିକି ଜଳ ନ ଦେବ ସେତିକି ଗର୍ଜନ ।

(୧୩୦)

କର୍ତ୍ତବ୍ୟ ପଥେ ବିପଦେ ନ କର ଖାତର,
ବିପଦର ବିଭୀଷିକା ବଡ଼େ ଭୟୋତ୍ତର;
ବିପଦ ଗର୍ଭରୁ ଯେହ୍ନେ ସିଦ୍ଧି ଆଣିପାରେ,
କାଳ ସୁଦ୍ଧା ପରାଜୟ ମାନେ ତାହାଠାରେ ।

(୧୩୧)

ଘଟିଲେ ହେଁ ଶତ ବାଧାବିଘ୍ନ ସାଧୁକାର୍ଯ୍ୟେ,
ସଙ୍କଳ୍ପର ଅପୂର୍ତ୍ତି ତା ନରଖନ୍ତି ଆର୍ଯ୍ୟେ;
ଖଣ୍ଡ-ସତ୍‌କାର୍ଯ୍ୟ ସ୍ଥଗିତ ରଖେ ଯା' ଅଭ୍ୟାସ,
ଭ୍ରମବଶେ କରୁଛି ସେ ଆତ୍ମଶକ୍ତି ହ୍ରାସ ।

(୧୪୩)

ଧୀର-ଶୂର-ବୀରଗ୍ରଣୀ ଆପଣାକୁ ମଣ;
ସଙ୍କୁଚିତ ହୁଅ ନାହିଁ ସଙ୍କୋଚ ମରଣ;
ବିସ୍ତାର କର ହୃଦୟୁ ଆତ୍ମଶକ୍ତି ବଳ,
ଦୀପ୍ତ ହେଉ ଦେଶ-ମାତା ବଦନମଣ୍ଡଳ ।

(୧୪୪)

କାଳର ପ୍ରଭାବେ ଭାଇ, ଧର୍ମ ନାମେ ଆଜ,
କି ଅନ୍ୟାୟ କୁସଂସ୍କାର ଚଳାଏ ସମାଜ;
ଧର୍ମର ପକ୍ଷରେ ଏହା ନୁହେ କି ଲାଞ୍ଛନା ?
ଦେଶ ହାହାକାର ଆଜି ଧର୍ମର କାନ୍ଦଣା ।

(୧୪୫)

ଚଳାଇବାକୁ ଗୃହସ୍ଥାଶ୍ରମ-ଧର୍ମ-ଯାନ,
ଦମ୍ପତି ଦାୟିତ୍ୱ-ଚକ୍ର ନୋହୁ ଅସମାନ;
ରହୁ ଉଭଙ୍କ ଦାୟିତ୍ୱ ପୂର୍ଣ୍ଣ ସ୍ୱାଧୀନତା,
ପତିପତ୍ନୀ ଦୁହେଁ ଯେଣୁ ଦୁହିଙ୍କ ଦେବତା ।

(୧୪୬)

ପତ୍ନୀକି ଯେ' ଦେଇନାହିଁ ସ୍ୱାଧୀନାଧିକାର,
ଧର୍ମାନୁମୋଦିତ ନୁହେ ପତିତ୍ୱ ତାହାର;
'ସଧର୍ମିଣୀ' ନୁହେ ପତ୍ନୀ ତା' ପକ୍ଷେ ଗଣିକା,
କାମ-ସମ୍ଭୋଗ ବିଳାସ-ପାପ ସଂସାଧିକା ।

(୧୪୭)

ସୃଷ୍ଟି-ବିଧାୟିନୀ ସୃଷ୍ଟି-ସଂହାରଣୀ-ଶକ୍ତି,
ଅଛି ଯେ' ନାରୀଜାତିର ତା'ର କି ଦୁର୍ଗତି ?
ଆଜି ତା' ପ୍ରାଣର ଭୋଗ୍ୟ ଘୋର ଅତ୍ୟାଚାର,
ବାଲ ବଇଧବ୍ୟ ଅଶ୍ରୁଧାର ସାକ୍ଷୀ ତାର ।

(୧୪୮)

ଦେଶର ପ୍ରାଣରକ୍ଷକ ଗୋ-କୃଷକ ଧର୍ମ,
ତା'ଙ୍କ ଉନ୍ନତିକି ଆଗେ ମଣ ମୁଖ୍ୟ କର୍ମ;

ପତନୋନ୍ମୁଖ ଯଦ୍ୟପି ଗୃହୋପକରଣ,
ଗୃହୀର ଉଦାସୀନତା ମୃତ୍ୟୁର ବରଣ ।

(୧୪୯)

ଗ୍ରାମ ପଞ୍ଚାୟତ ପ୍ରତି ପକାଅ ନଜର,
ନେବ ଯେହ୍ନେ ଦେଶହିତ କାର୍ଯ୍ୟେ ସମାଚର;
ସ୍ଥାନେ ସ୍ଥାନେ ଦେଖି ତା'ର ପ୍ରଚ୍ଛନ୍ନ କଳଙ୍କ,
କାହା ପ୍ରାଣେ ନ ପଶିବ ବିଷମ ଆତଙ୍କ ?

(୧୫୦)

ସେ ସଭା ସୁସଭା ନୁହେ ନାହିଁ ଯହିଁ ବୃଦ୍ଧ,
ବୃଦ୍ଧ ନୁହେ ଧର୍ମବାକ୍ୟେ କଣ୍ଠ ଯାର ରୁଦ୍ଧ;
ଧର୍ମ ନୁହେ ନାହିଁ ଯହିଁ ସତ୍ୟର ପ୍ରତିଷ୍ଠା,
ସତ୍ୟ ନୁହେ ମିଶିଅଛି ଯହିଁ ଛଳ-ବିଷ୍ଠା ।

(୧୫୧)

ଘରେ ଘରେ ଘଟୁ ମତଭେଦ-ମନାନ୍ତର,
କୁଟିଳଙ୍କ ହେଲା ଏହା ଗାୟତ୍ରୀ ମନ୍ତ୍ରର;
କଳହର ସୀମା କେବ୍ଦେ ବଢୁ କ୍ରମୋତ୍ତର,
ଏହାହିଁ ସ୍ତୁତି-ପ୍ରାର୍ଥନା ଲାଞ୍ଚଖିଆଙ୍କର ।

(୧୫୨)

ନିଶା ପଶା ତାମସାଦି ବିଳାସ ବିବାଦ,
ହୋଇଛି ଧୂପ-ଆଳତି-ଶଙ୍ଖ-ଘଣ୍ଟନାଦ;
ହେଲା ଆଜ ପ୍ରତିମାସୀ-ଗ୍ରାମ୍ୟ ଅଭିଯୋଗ,
ଖରଚୁଆ ମିଛୁଆଙ୍କର ପରସାଦ ଭୋଗ ।

(୧୫୩)

ଚେଙ୍ଗଲଚୁଆ ତିଣ୍ଟି ଚପି ଗ୍ରାମାନ୍ତ-ପଠାରେ,
ବାବୁ ଆଣିଛନ୍ତି, ନିନ୍ଦା ହେଟାବାଘଠାରେ;
(୧)ବାବୁଙ୍କ ବାଡ଼ରୁ ଗୁଡି ଚୋରିକଲା ମକା,
ମାଡ଼ଖାଇ ପଞ୍ଚାୟତେ ଦେଲା ପାଞ୍ଚଟଙ୍କା ।

(୧) ଗୁଡି—ମୂଲିଆ (ସମ୍ବଲପୁରୀ ଶବ୍ଦ) ।

(୧୫୪)

ଗାଧୁଆ ବେଳେ ଅନେକ ଭଦ୍ରଙ୍କ ଯୁବତୀ,
ପାଣିଲୋଟା ନ ନେଇ ବି’ ଖାଡ଼ା ଫେରୁଛନ୍ତି;
ଘାଟରେ ବାସନ ଆଜି ମାଜିବାରୁ ପରି,
ଗରିବର ମାଇପକୁ ସଭର ଡାକରି ।

(୧୫୫)

ଦୀନ ଅସହାୟ ଜଣେ ନିଜ ପେଟ ମାରି,
ଋଣ ଶୁଝିବାକୁ ରଖିଥିଲା ଟଙ୍କା ଗୁରି;
ସେ ଟଙ୍କା ଉଧାର ନେଲେ ଗ୍ରାମର ଅଧୀଶ,
ମାଗିଲାବେଳେ ପାଉଣା "କରଯା’ ନାଲିଶ" ।

(୧୫୬)

ଯେଉଁ ଗ୍ରାମେ ନିର୍ବିଘ୍ନର-ନିର୍ବାଚିତ ପଞ୍ଚ,
ସେଗ୍ରାମେ ବେଶି ଅନୀତି କୁତ୍ସିତ ପ୍ରପଞ୍ଚ;
ଧନ-ବଂଶ ନୁହେ ଭାଇ, ପଞ୍ଚର ଯୋଗ୍ୟତା,
ଲୋଡ଼ା ତା’ଙ୍କୁ ଧର୍ମଜ୍ଞାନ-ନ୍ୟାୟ-ନିଷ୍ପକ୍ଷତା ।

(୧୫୭)

ଆତ୍ମରକ୍ଷାଠାରୁ ଧର୍ମରକ୍ଷା ମାନବର,
ଶ୍ରେଷ୍ଠଧର୍ମ ଶ୍ରେଷ୍ଠକର୍ମ ବୋଲି ଜ୍ଞାନ କର;
ଧର୍ମକୁ ଧାର୍ମିକ ରଖିଥାଏ ଯେଉଁପରି,
ଧର୍ମବଳ ସଦା ତା’ଙ୍କୁ ରଖଇ ସେପରି ।

(୧୫୮)

କ୍ରୂର କପଟୀର କୂଟ ବୁଦ୍ଧି କଉଶଳ,
କୁଟିଳର ଷଡ଼୍‌ଯନ୍ତ୍ରଣା ବଳିଷ୍ଠର ବଳ;
ଏ ସକଳ ଧର୍ମ ଆଗେ ମାନେ ପରାଜୟ,
ଅଭ୍ରାନ୍ତ ଏ ଉକ୍ତି—"ଯତୋଧର୍ମସ୍ତତୋଜୟ" ।

(୧୫୯)

ବିହ୍ୱଳ ନହୁଅ ପଦ-ସମ୍ପଦ-ସମ୍ମାନେ,
ପଡ଼ିରହିବେ ସବୁ, ଯେବେ ମୃତ୍ପିଣ୍ଡ ଶ୍ମଶାନେ;

ଏକମାତ୍ର ଧର୍ମ ଚର ବନ୍ଧୁ ଚର ସଖା,
ଆତ୍ମାର ସୁଖ-ସମ୍ମାନ-ସଉନ୍ଦର୍ଯ୍ୟ ରଖା ।

(୧୬୦)

'ସତ୍ୟ' 'ନ୍ୟାୟ' ଧର୍ମ ଦୁଇ ଯା'ର ଦିବ୍ୟ ଆଖି,
ମୂର୍ଖ ବା ପଣ୍ଡିତ ହେଉ ସେହୁ ଯୋଗ୍ୟ ସାକ୍ଷୀ;
ସାକ୍ଷୀ ସମ୍ମୁଖରେ ସ୍ଥିତ ସ୍ୱର୍ଗ-ନର୍କକୁଣ୍ଡ,
ଅଜ୍ଞାନାନ୍ଧ ହୋଇ ସାକ୍ଷୀ ନ ଫିଟାଉ ତୁଣ୍ଡ ।

(୧୬୧)

ଧର୍ମରକ୍ଷକ ତୁମ୍ଭେ ହେ ସାକ୍ଷି-ପଞ୍ଚଗଣ,
ପରଲାଗି ପାପଭାଗୀ ନୁହ ଅକାରଣ;
ପ୍ରବଳ ଧନୀ ତୁମ୍ଭଙ୍କୁ ନଦିଏ ସମ୍ପତ୍ତି,
କମ୍ବା ଦୁର୍ବଳ ଗରବ କରେ ନାହିଁ କ୍ଷତି ।

(୧୬୨)

ଦୋଷୀର ଦୋଷ ପାପୀର ପାପକୁ ଘୋଡ଼ାଇ,
ଧର୍ମର ମହତ୍ତ୍ୱେ ବାଧା ଦିଅନାହିଁ ଭାଇ;
ମିଥ୍ୟାସାକ୍ଷ୍ୟ-ମୂଲ୍ୟେ ପାଇଥାଅ ଯେଉଁ ଲାଞ୍ଚ,
ଲାଞ୍ଚ ନୁହେ ତାହା ପାପ-ତୃଣାବୃତ ଖାଞ୍ଚ ।

(୧୬୩)

ଧର୍ମର ଦୋହାଇ ଦେଖାଇ ମିଥ୍ୟା କଥା ବକ,
ଛଳେ ବଳେ ଦେବ ସିନା ମାନବକୁ ଠକ;
ଯେ ସମୟେ ଧର୍ମରାଜ ଆଗେ ହେବ ଠିଆ,
ଲାଞ୍ଚ ଗୁହିଁବକ ଚିତ୍ରଗୁପତ ପାଞ୍ଜିଆ ?

(୧୬୪)

ସତ୍ୟ ନ୍ୟାୟକୁ ଯେ' ଲୋକ କୂଟ କଉଶଳେ,
ହରାଇ ଦେଉଛୁ ମିଥ୍ୟା ଅନ୍ୟାୟର ବଳେ;
ଧର୍ମ ଇଙ୍ଗିତେ ତା' ଭାଗ୍ୟେ ସଦ୍ୟଦୁଗ୍ଧ 'ରକ୍ତ'
ଜଳ ସୁଦ୍ଧା ଅନଳରେ ହୁଏ ପରିଣତ ।

(୧୬୫)
ଅନେକେ ଅନାଇ ସ୍ୱୀୟ ପଦବୀ-ଅବସ୍ଥା,
କର୍ତ୍ତବ୍ୟରେ ମଧ୍ୟ ଲଜ୍ଜା ଆଣନ୍ତି ଅଯଥା;
ଲଜ୍ଜା ବା ସଙ୍କୋଚ କଏ ଦେଇଥାଏ ଭାଇ,
ଅନ୍ୟାୟ-ଅଧର୍ମ ସିନା, ଅନ୍ୟ କେହି ନାହିଁ ।

(୧୬୬)
ଯାହା ଜାଣ ସେଥିପାଇଁ ଦେଖାଅନା' ଗର୍ବ,
ତୁମ୍ଭଠୁ ଜାଣିବା ଲୋକ 'ଛନ୍ତି ଖର୍ବ ଖର୍ବ;
ଅବଶ୍ୟ ତୁମ୍ଭ ଅନେକ ଗୁଣ ଥାଇପାରେ ।
ତୁମ୍ଭ ଗୁରୁତୁଲ୍ୟ ଗୁଣୀ ଛନ୍ତି ବ' ସଂସାରେ ।

(୧୬୭)
ହୋଇଥାଉ ବୁଦ୍ଧିଶାଳୀ ତର୍କ-ବିଚକ୍ଷଣ,
ନ ନିଅ ତା' ପରାମର୍ଶ କୁଟିଳ ଯେ' ଜନ;
ଲଭି ଥିଲେହେଁ ତହିଁରେ ସମ୍ମାନ ସମ୍ପଦ,
ଦୁର୍ଜନର ଅନୁଗତ ନୁହେ ନିରାପଦ ।

(୧୬୮)
ଅବିକୃତ ଅଛି ତୁମ୍ଭ ବେଶ-ଭୂଷା-ରୂପ,
ତଥାପି ତୁମ୍ଭଙ୍କୁ ଜଣେ ଦେଖାଏ ବିଦ୍ରୂପ;
ତହିଁରେ ତୁମ୍ଭେ ବିରକ୍ତ ହେବା ଅକାରଣ,
ଜାଣ ତାହା ସ୍ୱାଭାବିକ ଦୁର୍ଜନ ଲକ୍ଷଣ ।

(୧୬୯)
ଶାନ୍ତି ଶାନ୍ତି ବୋଲି ଲୋକେ ଛାଡ଼ନ୍ତି ଚିତ୍କାର,
ବିଷୟ-ଗରଳେ କାହିଁ ଶାନ୍ତି-ସୁଧାଧାର ?
ତ୍ୟାଗ ମହାବ୍ରତେ ମିଳେ ଶାନ୍ତିର ପ୍ରସାଦ,
ନିଷ୍କାମ-ସାଧକେ ଲଭିଥାନ୍ତି ତା' ଆସ୍ୱାଦ ।

(୧୭୦)
ଦେଖି କାହାର ଆଙ୍ଗିକ ଦୃଶ୍ୟ ବେଶ ବାସ,
ଦଅନାହିଁ ତା ପ୍ରାଣରେ ପରିହାସ-ପ୍ରାସ;

ଜ୍ଞାନ-ଦୃଷ୍ଟିରେ ଅନ୍ୱେଷ ତହିଁର କାରଣ,
ପଚ୍ଛରିବ ଯଦି ହେଉ ମଧୁର ଭାଷଣ ।

(୧୭୧)

ମାଦକ ଦ୍ରବ୍ୟ ସେବନେ ନରଖ ଅଭ୍ୟାସ,
ନରର ନରତ୍ୱ ତହିଁ ହେଲେ ହୁଏ ନାଶ;
ପ୍ରାଣାଧିକ ମଣ ଯେଉଁ ମହତ୍ତ୍ୱର ମୂଲ୍ୟ,
ଅମଳ ପକ୍ଷେ ତା' ନୁହେ କଉଡ଼ାକର ତୁଲ୍ୟ ।

(୧୭୨)

ନ ଜଣାଇ ହେଉ ବନ୍ଧୁ ଆତ୍ମୀୟର ଘର,
ବହିର୍ଦ୍ୱାର ସୁଦ୍ଧା ତାର ଲଙ୍ଘନ ନକର;
ଘଟୁ ନ ଘଟୁ ତହିଁରେ ନିନ୍ଦା ଅପମାନ,
(୧) ସ୍ୱେଚ୍ଛାଚାରିତା ମୂର୍ଖତା-ମାନଦଣ୍ଡ ମାନ ।

(୧୭୩)

କା' ମନେ କି ଭାବ ଚିନ୍ତା ଦେଉଛି ସମୟ,
ନକର କାହାରି ଆଗେ ବୃଥା ବାକ୍ୟବ୍ୟୟ;
ତୁଚ୍ଛ ବୋଧ ହୋଇପାରେ ତୁମ୍ଭ କଥାମାନ,
ତା' ପକ୍ଷରେ, ତୁମ୍ଭେ ସିନା ମଣ ମୂଲ୍ୟବାନ ।

(୧୭୪)

ଉପଦେଶେ ନ ବଦଳେ ଅନେକଙ୍କ ଗତି,
ତେବେ ସୁଦ୍ଧା ଉପଦେଶ-ଦାନ ଧର୍ମ-ନୀତି;
ଉପ୍ତବୀଜ ପରି ଜ୍ଞାନ ମାନବହୃଦରେ,
ଲୁପ୍ତ ଥାଇ ନଷ୍ଟ ହୁଏ ଶିକ୍ଷା ଅଭାବରେ ।

(୧୭୫)

ଜଳ-ପବନ-ଆଲୋକେ ବୀଜ ଅଙ୍କୁରିତ,
ଶିକ୍ଷା-ପ୍ରେରଣା-ଉତ୍ସାହେ ଜ୍ଞାନ ପ୍ରକାଶିତ;

(୧) ମାନ—ସ୍ୱୀକାର କର ।

ଫଳାଫଳ ଭେଦ ଘଟିଥାଏ ସ୍ଥାନ ଜାଣି
ଝାଙ୍ଗରେ ଧାନ ଫଳାଇ ପାରିବକି ପାଣି ?

(୧୭୬)
ନିବିଧ ମହାଋଣର ପରିଶୋଧ ପାଇଁ,
ବ୍ରତ ଛଳେ ଯେଉଁ ବ୍ରତ ବହିଅଛ ଭାଇ;
ସେ ମହା କର୍ତ୍ତବ୍ୟେ ସଦା ହୁଅ ଯତ୍ନବାନ,
ମୁକ୍ତି-ଅଟ୍ଟାଳୀର ତାହା ପ୍ରଥମ ସୋପାନ ।

(୧୭୭)
ବିଷୟ ଭୋଗ ଜଞ୍ଜାଳେ ଦେଇ ଜଳାଞ୍ଜଳି,
ଚଞ୍ଚଳ ମନ ନିରୋଧି ରିପୁଦର୍ପ ଦଳି;
ତୁମ୍ଭ ହିତେ ଲେଖି ଧର୍ମଶାସ୍ତ୍ରାଦି ପୁରାଣ,
ପରମାର୍ଥୀ ଋଷିଗଣ ଦେଇଛନ୍ତି ଜ୍ଞାନ ।

(୧୭୮)
ଯା'ଙ୍କ ହେତୁ ତୁମ୍ଭେ ଆଜ ବୈଦ୍ୟ ଶୂରବୀର,
ଗାୟକ ବାଦକ ଶିଳ୍ପୀ ବୈଜ୍ଞାନିକ ଧୀର;
ଯା'ଙ୍କ ଲାଗି ବୋଲାଇଛ ଜ୍ୟୋତିଷିକ ଗୁଣୀ,
ତାଙ୍କ ଉପକାର-ଋଣେ ନୁହ କିବା ଋଣୀ ?

(୧୭୯)
ଋଷି-ଋଣରୁ ମୁକତ ହେବା ପ୍ରତିକାର,
ବିଶ୍ୱହିତେ କର ଆର୍ଷଜ୍ଞାନର ପ୍ରଚାର;
କି ଉପାୟେ ପ୍ରଚାରିତ ହେବ ସେହି ଜ୍ଞାନ,
ଏଥିପାଇଁ ବାଳକାଙ୍କୁ ହୁଅ ବିଦ୍ୟାବାନ ।

(୧୮୦)
ମାନବଜୀବନେ 'ବିଦ୍ୟା' ବନ୍ଧୁ ଧନ ବଳ
ପଦ ପରମାୟୁ ରୂପ ଗୁଣାଦି ସକଳ;
ସର୍ବତ୍ର ସେ ସମ୍ମାନିତ ଯେହୁ ସୁବିଦ୍ୱାନ
ନର ନୁହେ ବିଦ୍ୟାହୀନ ବାନର ସମାନ ।

(୧୮୧)

ଯେଉଁ ଦେବଗଣ ତୁମ୍ଭ ସଦା ହିତକାରୀ
ଜୀବନରକ୍ଷକ ନାନା ଦୁଃଖ-ରୋଗହାରୀ;
ଦେବାର୍ଚ୍ଚନା-ସାଧନାରେ ତାଙ୍କ ଋଣ କ୍ଷୟ
ଲଭକର ଅବ୍ୟାହତ ଆତ୍ମ-ଅଭ୍ୟୁଦୟ ।

(୧୮୨)

ଦେଶେ ଛନ୍ତି ଧର୍ମ ମର୍ମ ହଜାର ହଜାର,
ଅପବୃତ୍ତିର ଯେମାନେ ଜୀବନ୍ତ ବଜାର;
ତାଙ୍କ ହୃଦୟରାଜ୍ୟର ସୁପରିବର୍ତ୍ତନ,
ନ ଆସିବା ଯାଏ ଦେଶ ଚିର ଅଚେତନ ।

(୧୮୩)

ଦେବତା ସେ ଅଛି ଦିବ୍ୟ ଗୁଣାବଳୀ ଯା'ର,
ଜଳ, ଅଗ୍ନି, ବାୟୁ, ସୂର୍ଯ୍ୟ, ବସ୍ତ୍ରବିଦ ବାର;
ଗୁରୁ, ଗୋରୁ, ତରୁଲତା, ଅତିଥି, ବ୍ରାହ୍ମଣ,
ପର ଉପକାରୀ ମାନେ ଦେବତାରେ ଗଣ ।

(୧୮୪)

ମଳ ମୂତ୍ର ଛେପ ଜଳେ ନ କର କ୍ଷେପଣ,
ଦୂଷିତ ପଙ୍କାବର୍ଜନା କର ନିଷ୍କାସନ;
ଘଟ୍ଟ-ତଟାଦିର ଆବଶ୍ୟକ ପରିଷ୍କାର,
ସେବା ଅର୍ଚ୍ଚନା ଏହାହିଁ ଜଳ-ଦେବତାର

(୧୮୫)

ନ ଅର୍ପି ଅନଳ କୁଣ୍ଡେ ଦୂଷ୍ୟ ଦ୍ରବ୍ୟମାନ,
(୧) ପ୍ରତ୍ୟହ କର ତା ଗର୍ଭେ ଧୂପ ସର୍ପି ଦାନ;
ଅଗ୍ନି-ଦେବାର୍ଚ୍ଚନା ଏହା, ଏହା ଯୋଗେ ବାୟୁ,
ଲଘୁତା-ଶୁଦ୍ଧତା ପ୍ରାପ୍ତ ବୃଦ୍ଧିକରେ ଆୟୁ ।

(୧) ସର୍ପି—ଘୃତ ।

(୧୮୬)

ଗୃହ ଚତୁଷ୍ପାର୍ଶ୍ୱେ ମଲ୍ଲୀ ଗୋଲାପ ମାଳତୀ
(୧) ଜାଈ ଯୂଈ ଛୁରିଅନା ମାଧବୀ ସେବତୀ,
(୨) ବାଡ଼ି ବଗିଚାରେ ବିଲ୍ୱ ବୟସ୍ଥା ଅରିଷ୍ଟ
ରୋପ, ଦୂରୀଭୂତ ହେବ ଦୁର୍ଗନ୍ଧ ଅରିଷ୍ଟ ।

(୧୮୭)

ଗ୍ରାମାନ୍ତ-ପ୍ରାନ୍ତରେ ମଳ ମୂତ୍ର ବିସର୍ଜନ
ମୃତ ପ୍ରାଣୀର ଶରୀର ପ୍ରୋତ୍‌ଥନ ଦହନ;
ଏ ସକଳ କାର୍ଯ୍ୟ ବାୟୁପୂଜା ଅନ୍ତର୍ଗତ,
ପାଳନେ ସହଜେ ହେବ ନାହିଁ ରୋଗଗ୍ରସ୍ତ ।

(୧୮୮)

ଦେବଯଜ୍ଞ 'ସୂର୍ଯ୍ୟପୂଜା' ଅମ୍ବୁ-ସଦାଗତି,
ବିଶୁଦ୍ଧ ହେବାରୁ ତହିଁ ମେଘର ଉତ୍ପତ୍ତି;
ମେଘ କରିବାରୁ ଯଥାକାଳେ ସୁବରଷା,
ଦୁର୍ଭିକ୍ଷ-ଦୁର୍ଦ୍ଦଶା ହରେ ଅନ୍ନଦାତ୍ରୀ ରସା ।

(୧୮୯)

(୩) ଅତିଥି ସେବାଦି ଯମ-ନିୟମ ସାଧନା
ସମ୍ବତ୍ସର ଦେବତାର ଏହାହିଁ ଅର୍ଚ୍ଚନା;
ଏହା ଯୋଗେ ଲଭ ହୁଏ ପବିତ୍ର ଉନ୍ନତି,
ଆତ୍ମଜ୍ଞାନ ହିତାହିତ-ବିବେଚନା ଶକ୍ତି ।

(୧୯୦)

ଦିବସ-ଦୈବତ ପୂଜା ସାନ୍ଧ୍ୟ ପ୍ରାଣାୟାମ
ଅନଭ୍ୟସ୍ତ ବ୍ୟକ୍ତି ପକ୍ଷେ କର୍ତ୍ତବ୍ୟ ବ୍ୟାୟାମ;
ଆଳସ୍ୟ-ଜାଡ୍ୟ-ଦୂଷିତ-ବାୟୁ ଦୂରୀଭୂତ,
ହୁଅଇ ଏଥିରେ ମନ ପ୍ରାଣ ଶୁଦ୍ଧ ପୂତ ।

---

(୧) ମାଧବୀ—ତୁଳସୀ, ସ୍ୱନାମପ୍ରସିଦ୍ଧ ଲତାବିଶେଷ । (୨) ବୟସ୍ଥା—ଅଁଳାଗଛ । ଅରିଷ୍ଟ—ଲିମ୍ବଗଛ, ଅଶୁଭ । (୩) ମନ ବଚନ କର୍ମରେ ଅହିଂସା, ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ (ନିରଭିମାନତା), ଏହି ପାଞ୍ଚ ସାଧନକୁ ଯମ କୁହାଯାଏ ।

(୧୯୧)

ସୁଉପଦେଶ ପାଳନ ଗୁରୁ-ଦେବାର୍ଚ୍ଚନା
'ଗୋ-ପୂଜା' ଗୋରକ୍ଷା-ସେବା-ବ୍ରତ ସଂସାଧନା;
ଦେଶ-କାଳ-ଜ୍ଞାନେ ସ୍ୱତ-ମତ ସଂଶୋଧନ,
ଏହାହିଁ ଦେବ-ବ୍ରାହ୍ମଣ-ଅତିଥି-ପୂଜନ ।

(୧୯୨)

ତୁମ୍ଭ ଜୀବନର ସୁଖ-ଉନ୍ନତି ବିଧାନେ
ସତତ ଚେଷ୍ଟିତ ପିତା ଯଥାଶକ୍ତି-ଜ୍ଞାନେ;
ସେ ତୁମ୍ଭର ସ୍ନେହେ ପଡ଼ି ଆନ କଥା ଆଉ,
ତୁମ୍ଭ ମୃତ୍ୟୁ ଇଚ୍ଛି ଦେଇପାରେ ନିଜ ଆୟୁ ।

(୧୯୩)

ତୁମ୍ଭର ପିତୃ-ଦେବତା ସେହି ମହାପ୍ରାଣ
ପୁତ୍ର ପକ୍ଷେ ଯେହୁ ମହାଆକାଶୁ ମହାନ;
ପିତୃସେବା ଧର୍ମ ପାଳିଥାଅ ବହୁ ଗୁଣେ,
ତଥାପି ଋଣୀ ତୁମ୍ଭେ ତା' ଉପକାର-ଋଣେ ।

(୧୯୪)

(୧) ପିତୃଋଣ-ଅଜ୍ଞାତ-ଋଣ ହେବ ବିମୋଚନ
(୨) ପିତୃ-ଯଜ୍ଞ, ଭୂତ-ଯଜ୍ଞ କର ସଂପାଦନ;
ପିତୃକୁଳ-ବୈଶ୍ୱଦେବ-ଈଶ୍ୱର ଆଶିଷେ,
ମୁକ୍ତପ୍ରାଣ ହୁଅ ତହିଁ ନ ପଡ଼ି କଳୁଷେ ।

---

ଶୌଚ—ରାଗ ଦ୍ୱେଷ ତ୍ୟାଗ ଦ୍ୱାରା ଅନ୍ତରଙ୍ଗ ଏବଂ ଜଳାଦିଦ୍ୱାରା ବହିରଙ୍ଗ ନିର୍ମଳ ରଖିବା; ସନ୍ତୋଷ—ଆଳସ୍ୟ ପରିତ୍ୟାଗ କରି ଶ୍ରଦ୍ଧା-ସହକାରେ ଧର୍ମମାର୍ଗରେ ପୁରୁଷାର୍ଥ ସାଧନ ପୂର୍ବକ ହାନିଲାଭରେ ବିଚଳିତ ନ ହେବା; ତପ—ଧର୍ମକାର୍ଯ୍ୟରେ ଦୁଃଖକଷ୍ଟ ସହ୍ୟ କରିବା; ସ୍ୱାଧ୍ୟାୟ—ସତ୍ୟ ଶାସ୍ତ୍ର ଅଧ୍ୟୟନ, ଅଧ୍ୟାପନ ଓ ସାଧୁସଙ୍ଗ କରିବା; ଈଶ୍ୱର ପ୍ରଣିଧାନ—ଈଶ୍ୱରୋପାସନା (ଆପଣାର ଜୀବାତ୍ମାକୁ ଈଶ୍ୱରଙ୍କ ଇଚ୍ଛାନୁକୂଳ ସମର୍ପଣ କରିଦେବା) । ଏହି ପାଞ୍ଚପ୍ରକାର ସାଧନାକୁ ନିୟମ କୁହାଯାଏ ।

(୧) ଅଜ୍ଞାତ ଋଣ—କୁକୁର, ବିରାଡ଼ି, କାକ, କୁକ୍‌କୁଟ ଆଦି ପଶୁପକ୍ଷିଗଣ ନିଜର ଅଜ୍ଞାତରେ ଗୃହସ୍ଥର ଯେଉଁ ଉପକାର କରିଥାନ୍ତି ।

(୨) ଭୂତଯଜ୍ଞ ବା ବୈଶ୍ୱଦେବ ଯଜ୍ଞ—ପାକଶାଳାର ବାୟୁଶୁଦ୍ଧି; ରୋଗୀ, ଦରିଦ୍ର,

(୧୯୫)

ବିବିଧ ଋଣରୁ ପାଇବାକୁ ଅବ୍ୟାହତି,
(୧) ଷଟ୍‌କର୍ମେ ବ୍ରାହ୍ମଣ ସିନା ଆଜୀବନ ବ୍ରତୀ;
ପଞ୍ଚ ସପ୍ତ କର୍ମ 'ଧର୍ମ' କ୍ଷତ୍ରିୟ-ବୈଶ୍ୟର
ଏକମାତ୍ର ସେବାଧର୍ମ ପାଳକ ଶୂଦ୍ରର ।

(୧୯୬)

ଗୁଣ କର୍ମ ଭେଦେ ଚାରି ବର୍ଣ୍ଣର ଉତ୍ପତ୍ତି,
ଜନ୍ମରୁ ସେ ଶୂଦ୍ର, ହେଉ ଯାହାର ସନ୍ତତି;
ସଂସ୍କାର କର୍ମରେ ଦ୍ୱିଜ, ବିପ୍ର ବେଦଜ୍ଞାନେ,
ବ୍ରାହ୍ମଣ ସେ ଯା' ପ୍ରତିଷ୍ଠା ଅଛି ବ୍ରହ୍ମଜ୍ଞାନେ ।

(୧୯୭)

ବ୍ରାହ୍ମଣର 'ତପ' ଧର୍ମ-ଜ୍ଞାନ ସମ୍ପାଦନ,
କ୍ଷାତ୍ର-ତପ ସୁଶାସନେ ପରଜାପାଳନ;
ବୈଶ୍ୟର ତପ କୃଷାଦି ବଣିଜ ବେବସା,
ଅନ୍ୟ ତ୍ରିବର୍ଣ୍ଣର ସେବା ଶୂଦ୍ରର ତପସ୍ୟା ।

(୧୯୮)

ଲୋଭସକ୍ତ ବ୍ରାହ୍ମଣର ଧର୍ମ-କର୍ମ-ଜ୍ଞାନ,
ନିର୍ବିବେକ ନୃପତିର ଶାସନ-ବିଧାନ;

---

ପତିତ ଲୋକ ଏବଂ ଉପକାରୀ ପଶୁପକ୍ଷିମାନଙ୍କ ପ୍ରତି କର୍ତ୍ତବ୍ୟ ପାଳନ । ଏହାଦ୍ୱାରା ନିତ୍ୟ ଜୀବନ ନିର୍ବାହ ସକାଶେ ନିମ୍ନ ଶ୍ରେଣୀର ଜନ୍ତୁପ୍ରତି ଅଜ୍ଞାନକୃତ ପାପର ପ୍ରାୟଶ୍ଚିତ୍ତ ହୁଏ ।

(୧) ଅଧ୍ୟୟନମଧ୍ୟାପନଂ ଯଜନଂ ଯାଜନଂ ତଥା,
ଦାନଂ ପ୍ରତିଗ୍ରହଶ୍ଚୈବ ବ୍ରାହ୍ମଣାନାମ କଳ୍ପୟେତ୍ ।
ପ୍ରଜାନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ,
ବିଷୟେଷ୍ୱପ୍ରସକ୍ତିଶ୍ଚ କ୍ଷତ୍ରିୟସ୍ୟ ସମାସତଃ ।
ପଶୂନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ,
ବଣିକ୍‌ପଥଂ କୁସୀଦଂ ଚ ବୈଶ୍ୟସ୍ୟ କୃଷିମେବ ଚ ।
ଏକମେବ ତୁ ଶୂଦ୍ରସ୍ୟ ପ୍ରଭୁଃ କର୍ମସମାଦିଶତ୍,
ଏତେଷାମେବ ବର୍ଣ୍ଣାନାଂ ଶୁଶ୍ରୂଷାମନସୂୟୟା । (ମନୁ)

ମିଥ୍ୟାବାଦୀ ବୈଶ୍ୟ ଧନାର୍ଜନ-କଉଶଳ
ଉଦ୍ଧତ ଶୂଦ୍ରର ସେବା ଏସବୁ ନିଷ୍ଫଳ ।

(୧୯୯)

ଜାତିବର୍ଣ୍ଣ ଭେଦେ କେହି ନୁହ ବଡ଼ସାନ,
ସର୍ବେ ଏକ ଭାଇ, ଏକ ଈଶ୍ୱର ସନ୍ତାନ;
ଯେ' ଯାହା କାମ କରୁଛ ଶକ୍ତି ଅନୁଯାୟୀ,
ନୁହେ ଜଣକର ତାହା ସଭିଙ୍କର ପାଇଁ ।

(୨୦୦)

କେହି ଜଣେ ହେଲା ନୀଚ ପତିତ ପାମର
ତା' ଉଦ୍ଧାର ଲାଗି ପ୍ରାଣପଣେ ଚେଷ୍ଟା କର;
ପରିବାର ମଧ୍ୟେ ଜଣେ ହେଲେ ରୋଗଗ୍ରସ୍ତ
ତା' ପ୍ରତିବିଧାନେ ତୁମ୍ଭେ ନ ହୁଅ କି ବ୍ୟସ୍ତ ?

(୨୦୧)

କାହାରି ପ୍ରାଣେ ତୁମ୍ଭର ବ୍ୟବହାର କଷ୍ଟ
ନ ଦେଉ, ନକରୁ କା'ର ଧନମାନ ନଷ୍ଟ;
ବରଂ କଷ୍ଟ ନିନ୍ଦା ସହି ସାଧ ଲୋକହିତ,
ରାହୁଗ୍ରସ୍ତ ଶଶୀ କା'ରେ କରେ କି ତାପିତ ?

(୨୦୨)

ନିଶ୍ଚେ ଯେ' ମରିବ ଧନେ ଆପଣାର ଲାଗି
ତା'କୁ ମାରି ନୁହ ବୃଥା ଅପଯଶ ଭାଗୀ;
ପରକୁ ନମାରି ବଞ୍ଚି ଯଦ୍ୟପି ନପାର,
ତା' ବଦଳେ ଶ୍ରେୟସ୍କର ନିଜେ ମରିବାର ।

(୨୦୩)

ଦଶ ଉପକାରେ ପ୍ରାଣ ଦେଶହିତେ ଧନ
ଉତ୍ସୃଷ୍ଟ ଯା'ର, ସାର୍ଥକ ତା' ଧନ-ଜୀବନ;
ନୁହେ ଏହା ସ୍ୱାର୍ଥଲିପ୍ସୁ-କବିର ଗୃହୋକ୍ତି,
ଅନ୍ତର୍ନିହିତ ଏଥିରେ ମାନବର ମୁକ୍ତି ।

(୨୦୪)

ସୁଖେ ବଞ୍ଚିବାକୁ ଯଦି ପର ପ୍ରାଣେ ତ୍ରାସ
ଦେଉଅଛ ଅବା କରୁଅଛ ପର ପ୍ରାଣ ନାଶ;
କଲ୍ୟାଣ ସେଭଳି ସୁଖ-ଜୀବନେ ହେ ଭାଇ ?
ଭାବ ସେ ସୁଖ-ଜୀବନ କେତେ ଦିନ ପାଇଁ ?

(୨୦୫)

ସମଦର୍ଶୀ ଆତ୍ମଜ୍ଞାନୀ ବିବେକୀ ବିନୀତ
ଧୈର୍ଯ୍ୟଶୀଳ ଦୟାବାନ ଆଳସ୍ୟରହିତ;
ଜିତେନ୍ଦ୍ରିୟ ଶୁଦ୍ଧମନା ସତ୍ୟ-ଅନୁରାଗୀ
ପଣ୍ଡିତ ସେ ସଦା ତୁଷ୍ଟ ବିଷୟ-ବିରାଗୀ ।

(୨୦୬)

ପାତ୍ରଗତ ଜଳେ ତୈଳବିନ୍ଦୁ ପରକାର,
ଦୁଷ୍ଟ ସାମାନ୍ୟ ସଦ୍‌ଗୁଣେ ପ୍ରଶଂସା ପ୍ରସାର;
ସେପରି ସାଧୁଜନର ସାମାନ୍ୟ ଦୁର୍ଗୁଣ
ନିନ୍ଦା ଅପଯଶ ଆଣିଥାଏ ବହୁଗୁଣ ।

(୨୦୭)

ଅନୁଚିତ ଅନୁରାଗ-ପ୍ରଦର୍ଶିନୀ ନାରୀ
ଅପରିଚିତ ଅଯଥା-ପରଶଂସାକାରୀ;
ଏ ଦୁହିଁଙ୍କି କର ନାହିଁ ବିଶ୍ୱାସ ସହସା
ଘଟିପାରେ ମାନହାନି ଆପଦ ଦୁର୍ଦ୍ଦଶା ।

(୨୦୮)

ଧନ-ଜୀବନ-ସମୟ-ଅପବ୍ୟବହାର,
ଯେ କରେ ସେ ଶତ୍ରୁ ସିନା ଆପେ ଆପଣାର;
ମାନବଠାରୁ ଅନ୍ୟାନ୍ୟ ପ୍ରାଣୀଏ ଅଧିକ
ବୁଝିଛନ୍ତି ଏହା ତାଙ୍କ ପକ୍ଷେ ସ୍ୱାଭାବିକ ।

(୨୦୯)

ଦେଖ ଭାଇ ଆସିଯିବ ଏପରି ଦୁର୍ଦ୍ଦିନ
ସବୁ ଶକ୍ତି ତୁମ୍ଭର ସେ କରିଦେବ କ୍ଷୀଣ;

ସେ ସମୟେ କେତେ କଥା ପଡ଼ିଯିବ ମନେ,
ଆତ୍ମଗ୍ଳାନି-ଅନୁତାପ ନ ଜନ୍ମୁ ଯେସନେ ।

(୨୧୦)

ଭବୀଙ୍କ କଦାପି ଆଶା ବିଶ୍ୱାସ ନକର,
ଦୁଷ୍କଳ ଗର୍ଭ ତାହାର ଅତି ଅଗୋଚର;
ବର୍ତ୍ତମାନ ଦେଖାଉଛି ଯେଉଁ ଅଭିନୟ
ଦେଖ କପରି ଘଟୁଛି ଦୃଶ୍ୟ-ବିନିମୟ ।

(୨୧୧)

ଏ କ୍ଷଣି ହସୁଛି ଯେହୁ ସମ୍ପଦ-ନିଶାରେ,
ପରକ୍ଷଣେ କାନ୍ଦୁଛି ସେ ପଡ଼ି ଦୁର୍ଦ୍ଦଶାରେ;
ଆଜ ଯେ' ଲୋକଙ୍କ ପ୍ରାଣ ଦେଉଅଛି ଜାଳି,
ଚିତାନଳେ ଭସ୍ମୀକୃତ ହେଉଛି ସେ କାଲି ।

(୨୧୨)

ଅନିତ୍ୟ ମର୍ତ୍ତ୍ୟ-ସଦନେ ତୁମ୍ଭେ ତ କୁଣିଆଁ
ଭୋଗ-ବିଳାସ-ବଢ଼ାଇ ଅଡ଼ାଇଦିନିଆଁ ।
ନିତ୍ୟସ୍ଥଳୀକି ଦିନେ ତ ଲେଉଟିବ ଭାଇ,
ହାଟ କରିଥାଅ ଭାଇ ବାଟଖର୍ଚ୍ଚ ପାଇଁ ।

(୨୧୩)

ଚିର ଶତ୍ରୁ-ମିତ୍ର ତୁମ୍ଭ କେ' ଅଛି ଜଗତେ ?
କାଳର ଇଙ୍ଗିତେ ବନ୍ଧୁ ବଇରି ସମସ୍ତେ ।
ଯେଉଁ ବିଷ ଭକ୍ଷି ପ୍ରାଣୀ ହାରିଥାଏ ପ୍ରାଣ,
ସମୟେ ସେ ବିଷଯୋଗୁଁ ରୋଗୁଁ ପାଏ ତ୍ରାଣ ।

(୨୧୪)

ଦେଖୁଅଛି ଭଲମନ୍ଦ ଦୁଇଟି ଆଖିରେ
ତୁମ୍ଭଙ୍କୁ ଜଗତ, ଖାଲି ତା' ସ୍ୱାର୍ଥ-ଗୁଖିରେ;
ମାତ୍ର ବହୁନେତ୍ରେ ତୁମ୍ଭ ହୃଦୟ ଭିତରେ
ଦେଖୁଛି ତୁମ୍ଭଙ୍କୁ ଜଣେ ତୁମ୍ଭର ହିତରେ ।

(୨୧୫)

ରୋଗେ ଶୋକେ ଦୁଃଖତାପେ ଜୀବନେ ମରଣେ
ତୁମ୍ଭପ୍ରତି ଦୟାଭାବ ଯାଁଙ୍କ ଅନୁକ୍ଷଣେ;
ତାଙ୍କଠାରେ ରଖ ସଦା ଭରସା ବିଶ୍ୱାସ,
ନୁହ ତୁମ୍ଭେ ଧାନହୀନ ନହୁଅ ନିରାଶ ।

(୨୧୬)

ଅନାଥର ନାଥ ଯେହୁ ଅଗତିର ଗତି
ସେ ପ୍ରଭୁ ହରିବେ ତୁମ୍ଭ ସକଳ ଦୁର୍ଗତି;
ମାତୃ-ନିର୍ଭର ସନ୍ତାନ ହେଲେ ମଧ୍ୟ ପାପୀ,
ମୁରୁଛି ନପଡ଼ଏ ତାକୁ ଜନନୀ କଦାପି ।

(୨୧୭)

ମାନବ-ଅସ୍ପୃଶ୍ୟ ଜଳ ଦୁର୍ଗନ୍ଧି ଦୂଷିତ
ହୁଏ ଯଦି ବିଷ୍ଣୁପଦୀ ପୟରେ ଆଶ୍ରିତ;
ବୋଲାଏ ତହିଁରୁ ସେହୁ 'ତୀର୍ଥାମୃତ' ଯଥା,
ହରିପ୍ରେମେ ପାପୀ ତେହ୍ନେ ପାଲଟେ ଦେବତା ।

(୨୧୮)

ଯେ ପ୍ରଭୁ କରୁଣାମୟ କରୁଣା ଯାହାର
ଝର ପ୍ଲାବୁଅଛି ବିଶ୍ୱ ଅନ୍ତର ବାହାର;
ତା' ଠାରେ ଯେ ରଖେ ପୂର୍ଣ୍ଣ ଭରସା ବିଶ୍ୱାସ
ଅପୂର୍ଣ୍ଣ ନରହେ ତାର ସାଧନାଭିଳାଷ ।

# ମହାପ୍ରଭୁ

# ଉତ୍ସର୍ଗ

ପ୍ରାତଃପ୍ରଣମ୍ୟ

ପରମାରାଧ୍ୟ ପିତୃଦେବ

ପ୍ରାଚୀନ-ସାହିତ୍ୟପ୍ରିୟ ପୁରାଣବେତ୍ତା

ସ୍ୱର୍ଗତ **ହୃଷୀକେଶ ଶେଠ** ମହୋଦୟଙ୍କ

ନିଭୌତିକ କରକମଳରେ

ପିତୃସ୍ମୃତି ଓ ପିତୃଭକ୍ତିର

ନିଦର୍ଶନ ସ୍ୱରୂପ

ଏଇ 'ମହାପ୍ରଭୁ' ପୁସ୍ତକଖଣ୍ଡି ଉତ୍ସୃଷ୍ଟ ହେଲା ।

ଚରଣସେବକ

**ଖଗେଶ୍ୱର**

# ସୂଚନା

ଏଇ 'ମହାପ୍ରଭୁ' ଲେଖାଟି ନିତାନ୍ତ କ୍ଷୁଦ୍ର କଳେବର ହେଲେ ମଧ୍ୟ ଏହାର ବିଷୟବସ୍ତୁ ଯଦି ପାଠକପାଠିକାଙ୍କର ଆଲୋଚନା-ଦୃଷ୍ଟିରେ ଆସେ, ତେବେ ଆମ ହିନ୍ଦୁସମାଜର ଅନେକେ ଏହାକୁ 'ଅବତାରବାଦ'ର ଏକ ପ୍ରକାର ପ୍ରତିବାଦ ବୋଲି ଅବଶ୍ୟ ମନେ କରିପାରନ୍ତି; କିନ୍ତୁ ଲେଖାର ପ୍ରକୃତ ଉଦ୍ଦେଶ୍ୟ ସେପରି ନୁହେ । "ଗ୍ରାମଂ ନାସ୍ତି କୁତଃ ସୀମା ?" ଅନନ୍ତ ଅସୀମ ବିଶ୍ୱବ୍ୟାପକ ଭଗବାନଙ୍କର ନଥିବା ସ୍ଥାନ ତ' କୌଣସି ଜଗତରେ ନାହିଁ—ତାଙ୍କଠି ପୁଣି ଆରୋହଣ-ଅବତରଣ, ଅନ୍ତର୍ନିବେଶ-ବହିର୍ନିଷ୍କ୍ରମଣାଦି ସାନ୍ତ ସସୀମ ଜୈବିକ କ୍ରିୟା ବା ପ୍ରାକୃତିକ ଆକାରବିକାର କ'ଣ ସମ୍ଭବ ହୁଏ ? ତା' କଦାପି ହୋଇନପାରେ । ସେଇ ତ ଚିର ନିଶ୍ଚଳ, ଅଖଣ୍ଡ-ବିଶ୍ୱବ୍ୟାପକ—ତାଙ୍କର 'ଅବତାର' କଳ୍ପନା କେବଳ 'ଆକାଶକୁସୁମ' ଶବ୍ଦ ସୃଷ୍ଟି ପରି ।

"ନାସ୍ତିକୋ ବେଦନିନ୍ଦକଃ" ଏଇ ସଦୁକ୍ତିର ତାତ୍ପର୍ଯ୍ୟ ହେଉଛି—ଯେଉଁମାନେ ସର୍ବଶକ୍ତିମାନ୍ ସର୍ବବ୍ୟାପୀ ବିଶ୍ୱନିୟନ୍ତା ନିର୍ବିକାର ନିରାକାର ନିରାଧାର ପୁରୁଷଙ୍କର ଅବତାର ବିଶ୍ୱାସ କିମ୍ବା କଳ୍ପିତ ପ୍ରତିମୂର୍ତ୍ତିରେ ଭକ୍ତି ସ୍ଥାପନ କରନ୍ତି, ସେଇମାନେ ହିଁ ବାସ୍ତବ ନାସ୍ତିକ । ଯେହେତୁ ଚତୁର୍ବେଦ ମଧ୍ୟରୁ କୌଣସି ବେଦରେ ଈଶ୍ୱରଙ୍କର ଅବତାର ବା ଜନ୍ମମରଣର ଉଲ୍ଲେଖ ନାହିଁ । ପରନ୍ତୁ ବେଦଠାରୁ ବଡ଼ ଶାସ୍ତ୍ର ନାହିଁ । ପ୍ରମାଣ—

"ନାସ୍ତି ବେଦାତ୍ ପରଂ ଶାସ୍ତ୍ରଂ ନାସ୍ତି ମାତୃସମୋ ଗୁରୁଃ ।"

(ଭାରତ)

"ଧର୍ମଂ ଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ ।"

(ମନୁ)

"ଯା ବେଦ ବାହ୍ୟସ୍ମୃତୟୋଃ ଯାଶ୍ଚକାଶ୍ଚ କୁଦୃଷ୍ଟୟଃ ।
ସର୍ବାସ୍ତା ନିଷ୍ଫଳା ପ୍ରେତ୍ୟ ତମୋ ନିଷ୍ଠାହିତାଃ ସ୍ମୃତାଃ ॥"
(ମନୁ)

ଯେଉଁ ସ୍ମୃତିଗୁଡ଼ିକ ବେଦବିରୁଦ୍ଧ ତଥା କୁଦୃଷ୍ଟାନ୍ତରେ ପରିପୂର୍ଣ୍ଣ, ସେଇ ସବୁ ସ୍ମୃତି ନିଷ୍ଫଳ; ଯେହେତୁ ସେଗୁଡ଼ିକ ତମୋଗୁଣ ପ୍ରବର୍ତ୍ତକ ।

ଏଥିରୁ ସୁସ୍ପଷ୍ଟ ପ୍ରମାଣିତ, ଅବତାରବାଦୀମାନେ ମଧ୍ୟ ଏକ ଶ୍ରେଣୀର ନାସ୍ତିକ ।

ଏଇ ନାସ୍ତିକରୂପୀ ଧର୍ମଧ୍ୱଜୀ ବା ଧର୍ମରାଜ୍ୟର ଅଭିନୟାକାଂକ୍ଷୀ କୃତ୍ରିମ ଭକ୍ତିତଦ୍‌ଗତ ଭକ୍ତଗଣଙ୍କ ମଧ୍ୟରୁ ମଧ୍ୟ କେହି କେହି ଯଦି କହନ୍ତି— 'ମହାପ୍ରଭୁ' ଲେଖାଟି ମହାପ୍ରଭୁଙ୍କ ପ୍ରତି ବ୍ୟଙ୍ଗ-ବିଦ୍ରୂପାତ୍ମକ ସମାଲୋଚନା ବ୍ୟତୀତ ଅନ୍ୟ କିଛି ନୁହେଁ, ଏହା ସୁଦ୍ଧା ସେମାନଙ୍କର ଭୁଲ ଧାରଣା କହିଲେ ଚଳେ । କାହିଁକି ନା, ଆଲୋଚ୍ୟ ପୁସ୍ତକର ଯେଉଁ କେତୋଟି ପଦରେ ଅବତାରବାଦର ଖଣ୍ଡନମୂଳକ ଅଖଣ୍ଡନୀୟ ପ୍ରମାଣ ପରିସ୍ଫୁଟ ହୋଇଯାଇଛି, ସେଇସବୁ ହେଉଛି ସାର୍ବଜନୀନ ଆଦର୍ଶବାଦର ସାଙ୍କେତିକ ସୂଚନା ।

ପିତାର କୋଳରେ ଥାଇ କୌଣସି ଶିଶୁ ଯଦିଚ କାନ୍ଦି କାନ୍ଦି କହେ— "ବାପା, ମୋତେ ଅନେକ ଲୋକ କହନ୍ତି—ତୋ ବାପା ମରିଗଲେଣି ।" କିମ୍ବା "ଆଜ ରାତିରେ ସ୍ୱପ୍ନରେ ମୁଁ ଦେଖିଲି ଯେ—ବାପା ! ତୁମେ ମରିଯାଇଛ ।" ଏଇ କଥା ଦୁଇଟି ପିତୃଦେବଙ୍କ ପ୍ରତି ସନ୍ତାନର କ'ଣ ବ୍ୟଙ୍ଗ-ବିଦ୍ରୂପ ? ଏଭଳି ଉକ୍ତି ଶୁଦ୍ଧ ସରଳପ୍ରାଣ ଶିଶୁସନ୍ତାନ ମୁଖରୁ ପ୍ରକାଶ ପାଇବା କ'ଣ ଦୋଷାବହ ?

ସେ ଯାହା ହେଉ, ଆଲୋଚ୍ୟ ପୁସ୍ତକରେ ଗୁଣଦୋଷ ଯାହା କିଛି ଅଛି, ସେଗୁଡ଼ିକ ଈଶ୍ୱରବିଶ୍ୱାସୀ ସାଧୁ ସୁଧୀବର୍ଗଙ୍କ ବିଚାର୍ଯ୍ୟ ।

ଶେଷକଥା; 'ମହାପ୍ରଭୁ'ର ନିର୍ଦ୍ଦିଷ୍ଟ ରଚନା ସମୟ ପ୍ରାୟ ପାଞ୍ଚବର୍ଷରୁ କମ୍ ନୁହେଁ । ତଥାପି ଆଜଯାଏ ଏ' ପଦାକୁ ବାହାରି ପାରି ନଥିଲା । ଏବେ ବୋଡ଼ାସମ୍ବର ଉଚ୍ଚ-ଇଂରାଜୀ ବିଦ୍ୟାଳୟ ପ୍ରଧାନ ଛାତ୍ରାବାସର

ସତ୍ୟସାହିତ୍ୟାନୁରାଗୀ ସୁଜନଗଣଙ୍କ ଶୁଭାନୁକୂଲ୍ୟରେ ପ୍ରକାଶିତ ଅବସ୍ଥା ପ୍ରାପ୍ତ ହୋଇଅଛି । ତନ୍ନିମିତ୍ତ ଉଦାର ପ୍ରୟାସୀ ସଦଭିଳାଷୀ ଶଂସିତ ସୁଜନବୃନ୍ଦଙ୍କ ନିକଟରେ କେବଳ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ ବ୍ୟତୀତ ମୋର ଦୀନ ଜୀବନରେ ପ୍ରତିଦେୟ-ବସ୍ତୁ ଆଉ କ'ଣ ଥାଇପାରେ ? ଇତି ।

ବୁଟଲ୍ଲମାଲ୍,
ତା ୧-୭-୫୩ ଖ୍ରୀଷ୍ଟାବ୍ଦ

ଶ୍ରୀ ଖଗେଶ୍ୱର ଶେଠ୍

## ଖଣ୍ଡିଏ ପତ୍ର

ବରପାଲି

ତା ୪-୪-୫୪

ଶ୍ରଦ୍ଧେୟ ମହାଶୟ,

ଆପଣଙ୍କର ଅନୁଗ୍ରହ ଉପହାର 'ମହାପ୍ରଭୁ' କବିତା ପୁସ୍ତକ ଖଣ୍ଡିକ ସକୃତଜ୍ଞଚିତ୍ତରେ ଗ୍ରହଣ କରିଅଛି । ଭାବ-ବୈଭବରେ ତାହା ଅତି ଉପାଦେୟ ହୋଇଅଛି । ଏହିପରି ଯୁଗୋପଯୋଗୀ ରଚନା ସର୍ବଥା ଆଦୃତ ହେବ ବୋଲି ମୋର ବିଶ୍ୱାସ । ଇତି ।

ଆପଣଙ୍କର

ଶ୍ରୀ ଭଗବାନ ମେହେର

# ମହାପ୍ରଭୁ

(ରାଗ—କାମୋଦୀ)

(୧)

(୧) ବରଜବନ୍ଧୁ, ମତି    ଦରଜ ନୋହୁ ଅତି
ଗରଜ ହେତୁ ଏ ଶୋଚନା,
ଗରିବର ପାଉଣା    ଝରିବ ସେ' କରୁଣା
କରିବ ପରେ ବିବେଚନା ହେ
ମହାପ୍ରଭୁ !
ଦେଖାଣି ଗୁଣ ଦୋଷରାଜି,
ବଖାଣି ଦେବି ତୁମ୍ଭ ଆଜି;
ଠାକୁର ହୋଇ ଦାଣ୍ଡେ    ଠକୁଅଛ ବ୍ରହ୍ମାଣ୍ଡେ
(୨) ସେ' ରୂପେ ଠକପଣ ସାଜି ହେ !

(୨)

ତବ ହୃଦ-କମଳ    ଲବଣୀରୁ କୋମଳ
ପଷାଣଠାରୁ ପରା ଟାଣ ?
ମୋହ ତତ୍ତ୍ୱ ପରାଣ    କହୁଛି ତ' ପୁରାଣ
ସତ ବା ମିଛ ତୁମ୍ଭେ ଜାଣ ହେ
ମହାପ୍ରଭୁ !
ଲୋକ ରଟନା ନିନ୍ଦା ଗାଳି,
ଠୋକର ନେଇଛ ସମ୍ଭାଳି;

---

(୧) ବ୍ରଜବନ୍ଧୁ—ଜଗତର ସାମୂହିକ ହିତକାରୀ, ଗୋପାଳ ବାଳକଙ୍କର ସଖା ।
(୨) ଯେରୂପେ—ଯେଉଁ ପ୍ରକାରରେ ବା ଯେଉଁ ଅବତାରରେ ।

ନିରଖି ଲଜ ଭୟ              ପରଖିବ ହୃଦୟ
ଘଡ଼ୁଛୁ ଆଜ ମୋର ପାଳ ହେ !

(୩)

ଧରିଛ ଯେଉଁ ଗୁଣ-              ପରିଚ୍ଛଦ ଦ୍ୱିଗୁଣ
ଭରିଛ ଦୋଷ ତହିଁ ହରି,
(୧) ଦରୀ-ଛତ୍ୱରେ କି' ନ              କରିଛ ଗତ ଦିନ
(୨) କଶୋରୀ ସଙ୍ଗତେ ବିହରି ହେ
ମହାପ୍ରଭୁ !
ଅନେକ ଦିନର ଏ କଥା,
ମନେକର ଶିଖଣ୍ଡି ମଥା;
ଭାଷି ବସିଲେ ଭଲେ              ଭାସିବ ଲଜ୍ଜାଜଳେ
ଆସିବ ନିଜ ହୃଦେ ବ୍ୟଥା ହେ ।

(୪)

ସୁରୂପ-ଲଜ୍ଜା-ଭୀତା              ଦ୍ରୁପଦ-ଦୁହିତା
କୁରୁପତିଙ୍କ ସଭା ତଳେ,
ଡାକିବାରୁ କାତରେ              ଢାଙ୍କି ଦେଇଛ ଥରେ
ଅଙ୍ଗନା ଅଙ୍ଗ ବସ୍ତ୍ରାଞ୍ଚଳେ ହେ
ମହାପ୍ରଭୁ !
ରସନା ଗାଆନ୍ତା ପ୍ରଶଂସା,
ପଶେ ନା' ମୋ ମନେ ଭରସା;
(୩) ଗୋପିନୀ ବାସ ନେଇ              କପି-ନିବାସେ ଦେଇ
ଦେଖାଇଅଛ ଯେ ତାମସା ହେ ।

(୫)

ନନ୍ଦନ ଖେଳ କଳି-              ଛନ୍ଦନ ଶୁଣି ଚଳି
ଅନ୍ଧ ନ' ବୁଝି ଦେଲ ଗାଳି,

(୧) ଦରୀଛତ୍ୱର—ଗିରିଗୁହା ନିକଟବର୍ତ୍ତୀ କୁଞ୍ଜଘର ।
(୨) କଶୋରୀ—ଶ୍ରୀମତୀ, ରାଧିକା ସୁନ୍ଦରୀ ।
(୩) କପିନିବାସ—ବୃକ୍ଷଶାଖା । ଏ ସ୍ଥଳରେ ଯମୁନା ତଟବର୍ତ୍ତୀ କଦମ୍ବଗଛ ।

ନନ୍ଦ-ନବରୁ ଆସି    ଚନ୍ଦନ-ଗିର ଋଷି
ସ୍ପନ୍ଦନ କୃପାଧାରେଁ ଢାଳ ହେ
ମହାପ୍ରଭୁ !
ଦ୍ୱନ୍ଦ୍ୱ-ନୟନ ଦେଇ ଅନ୍ଧେ,
ବନ୍ଦନ ଲଭିଲ ଆନନ୍ଦେ;
(୧) ସ୍ୟନ୍ଦନଜ-ନୟନ    ଛନ୍ଦ ନ କଲେ ଜନ-
(୨) ନନ୍ଦନ ଗୃହିଁ କବ ମନ୍ଦେ ହେ !

(୬)

ବ୍ୟାଧଶରୁ ମୃଗୁଣୀ    "ବଧ ସଂକଟ" ଶୁଣି
ଅଛି, ହରିଛ ଗୋଟେ ସିନା;
(୩) ବନେଶ-ବ୍ୟାଘ୍ର ପରି    ବନେ ସଞ୍ଚରି ହରି
(୪) ଅନେକ ହନାଣିଛ ଚୀନା ହେ
ମହାପ୍ରଭୁ !
(୫) ଏକଥା ମଣ ଯେବେ ଭାଣ,
ଠେକ ଥାପିବ ମୋ ପ୍ରମାଣ;
କୁଟୀରେ ସୀତା ନାହିଁ    ଦୃଷ୍ଟିରେ ଥିଲ କାହିଁ ?
କନକ ମୃଗ ମନେ ଆଣ ହେ ।

(୭)

(୬) ବକ୍ରଦନ୍ତକୁ ଜଳେ    ଆକର୍ଷି ଥିଲ ଛଳେ
କ୍ଷୁଧାପ୍ରପୀଡ଼ି ନକ୍ର ଏକ,
(୭) ଚକ୍ରପାଦ-ସ୍କନ୍ଦନେ    ନକ୍ର ଯା' ମଲ ବନେ
ବକ୍ର ତ ହେଲ ଚକ୍ରଠେକ ହେ
ମହାପ୍ରଭୁ !

---

(୧) ସ୍ୟନ୍ଦନଜ—ପଦ୍ମ । (୨) କବ—ଶୁକ୍ରାଚାର୍ଯ୍ୟ । ମନ୍ଦ—ଜୟନ୍ତ କାକ । (୩) ବନେଶ—ସିଂହ । ବନେଶବ୍ୟାଘ୍ର—ଶବରଶ୍ରେଷ୍ଠ । (୪) ଚୀନା—ଏକକାନ୍ତାସ୍ତ ମୃଗୁଣୀ । (୫) ଭାଣ—ହାସ୍ୟାସ୍ପଦ ମିଥ୍ୟା । (୬) ବକ୍ରଦନ୍ତ—ହସ୍ତୀ । (୭) ଚକ୍ରପାଦ—ହସ୍ତୀ । ନକ୍ର—କୁମ୍ଭୀର । ବନ—ଜଳ ।

(୧) ଅହି-ଛିଦ୍ରର ଏ ପଦ୍ଧତି,
ବହିଛ ତବ ଖଗପତି;
(୨) ଭେକ-ଡାପଦ ନାଗ ବେକ ତା' ଛେଦ ଆଗ
କାହିଁକି କ୍ଷମା ତାଙ୍କ ପ୍ରତି ହେ ?

(୮)

(୩) ହେ ବାରଣ-ମାରଣ ନେବାର ଅକାରଣ
"ବାରଣୋଦ୍ଧାରଣ" ଉପାଧି,
(୪) ଅନେକ ରଣସ୍ଥଳେ ଅନେକପଙ୍କୁ ବଳେ
ଦେଇଛ ସହାରଣ ବ୍ୟାଧି ହେ
ମହାପ୍ରଭୁ !
ବିପକ୍ଷ କଲେ ଆଲୋଚନା,
କି' ପକ୍ଷପାତ ବିବେଚନା ?
(୫) କୁବଳୟ-କଳଜା କବଳ କରି ଧ୍ୱଜା
ଟେକିଛ ଏ' କି ପ୍ରବଞ୍ଚନା ହେ ?

(୯)

ହଜାଇ ଆଚରଣ ଅଜାମିଳ ବ୍ରାହ୍ମଣ
ମଜ୍ଜାଇଥିଲା ପାପେ ମତି,
(୬) ତା ମାରଣାଙ୍କେ ସୁତ- ନାମ ରଟନେ ପୂତ-
ଧାମର ଲଭିଲା ସୁଗତି ହେ
ମହାପ୍ରଭୁ !
ଧରମସୁତ ଯୁଧିଷ୍ଠିର,
ପରମ ଧାର୍ମିକ ସୁଧୀର;
ଶିଖାଇ ତାଙ୍କୁ ଛଳ ଦେଖାଇ ଦେବଦଳ
(୭) ଚଖାଇଦେଲ ପାପନାର ହେ ।

(୧) ଅହି-ଛିଦ୍ର—ସର୍ପଛେଦନକାରୀ । ପଦ୍ଧତି—ଉପାଧି । (୨) ନାଗ—ଅନନ୍ତ ସର୍ପ । (୩) ବାରଣମାରଣ—ଗଜନାଶନ, ବିପନ୍ନବିପଦହାରୀ (୪) ଅନେକପ—ହସ୍ତୀ । ସହାରଣ ବ୍ୟାଧି—ଆଘାତ ଜନିତ ଯାତନା । (୫) କୁବଳୟ—କଂସର ହସ୍ତୀ । ଧ୍ୱଜା—ଗଜଉଦ୍ଧାରଣ ବାନା (୬) ମାରଣାଙ୍କ—ମୃତ୍ୟୁଶଯ୍ୟା । ପୂତଧାମ—ବୈକୁଣ୍ଠପୁର । (୭) ଚଖାଇବା—ଅନୁଭବ କରାଇବା ।

(୧୦)

(୧) ପେଖନା-ଥଳ ଧର ଦେଖ ନାଥ, ତୁମ୍ଭର
ଏ ଖଣ୍ଡ ବଡ଼ ଅସୁନ୍ଦର,
ଆନ ସେପରି କଲେ ମାନସେ କୋପ ଜଲେ
ତା'ପ୍ରତି ଦେଖାଅ ବୃନ୍ଦର ହେ
ମହାପ୍ରଭୁ !
ବିଶ୍ରବା ବ୍ରାହ୍ମଣ ତ' ଜାଣ,
ବଂଶବାହୁର ନେଲ ପ୍ରାଣ;
* ଶୂଦ୍ରତପୀ ନାଶିଲ କ୍ଷୁଦ୍ରତ୍ୱ ପ୍ରକାଶିଲ
କାହିଁ ତ ନାହିଁ ପରମାଣ ହେ ।

(୧୧)

ଶବରୀର ଅଇଁଠା ନ'ବାର ଆମ୍ବ ମିଠା
ଆଗୁଁ ପାଇଛ ବେନଭାଇ,
ଶିଖିଆ ଚଣ୍ଡାଳୀର କ୍ଷୀର-ଆଗ୍ରହୀ କ୍ଷୀର
ଚଞ୍ଚଳା ଗୁଡ଼ନ୍ତେ କପାଇଁ ହେ ?
ମହାପ୍ରଭୁ !
ସରଣୀ ଧରି କ ହିନ୍ଦୁର
ଘରଣୀ କରୁଥିଲ ଦୂର ?
ଦିଆଇ ଜାତି ଫାଶୀ ପିଆଇଛୁ ତ' ବାସି-
ତୋରାଣି ତୁମ୍ଭଙ୍କୁ ବଦୁର ହେ ।

---

(୧) ପେଖନା—ଛଳନା ।

* ଶୂଦ୍ର ତପୀ—ପୌରାଣିକ ମତରେ ଶମ୍ବୁକ ନାମକ ଜଣେ ତପସ୍ୱୀ । "ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ ।" ଗୀତାର ଉଲ୍ଲିଖିତ ପ୍ରମାଣାନୁଯାୟୀ ଲଙ୍କାଧିପତି ରାବଣ ବିଶ୍ରବା ବ୍ରାହ୍ମଣଙ୍କ ପୁତ୍ର ଥିଲେ ମଧ୍ୟ ସ୍ୱୀୟ ଦୁଷ୍ଟାଚରଣ ହେତୁ ଯେପରି ବ୍ରାହ୍ମଣ ନୁହନ୍ତି, ତଦ୍ରୂପ ଶୀର୍ଷାସନ ଯୋଗାଭ୍ୟାସୀ ଶମ୍ବୁକ ତପସ୍ୱୀ ଶୂଦ୍ର ସନ୍ତାନ ହୋଇଥିଲେ ମଧ୍ୟ ଶୂଦ୍ର ସମାଜରେ ଗଣନୀୟ ନୁହନ୍ତି । ସୁତରାଂ ଏହି ଉଭୟ ବ୍ୟକ୍ତିଙ୍କ ବର୍ଣ୍ଣ ନିରୂପଣରେ ରାମାୟଣାଦି ଅନେକ ପୁରାଣରେ ପକ୍ଷପାତିତା ବା ବିଗ୍ରହବିଭ୍ରାଟ ଦେଖାଯାଏ ।

(୧୨)

(୧) ପ୍ରଭୁ ବୋଲି କି ଛବ    ସବୁଠାରେ କଇତବ
ସ୍ୱଭାବ ଉଚିତ ବେଭାର,
(୨) ନାରୀ ଲଜ୍ଜା ମହତ୍ତ୍ୱ    ସାରିଲ ଯା' କହତ'
ବାରିଲ କି ଦୋଷ ତାହାର ହେ ?
ମହାପ୍ରଭୁ !
ଧରମ ଦେବତାଟି ଯେହୁ,
କରମଫଳଦାତା  ସେହୁ;
(୩) ପର ମହିଳା-ବୋକ    ମରମକଣ୍ଟା ପୋକ
ସରମ କଥା  ସିନା ଏହୁ ହେ ।

(୧୩)

ବଳେ ସାଧିତ କର୍ମ    ଫଳେ ବାଧିତ ଧର୍ମ
ତଥାପି ସଂଶୟ କି ଦୂର ?
ଗ୍ରାମୁଙ୍କ ମାଡଧାରୀ    କା' ମୁଖେ ମାରଧାରୀ
କା' ମୁଣ୍ଡେ ପକାଏ ଭଦୁର ହେ
ମହାପ୍ରଭୁ !
ମୂରୁତ ଅଲଭ୍ୟ କୁମର
ଗୁରୁ ତ' ଲଭିଲେ ଭୁମର;
(୪) ଅମର ଦର୍ପହାରୀ    ପାମରକୁ ନ ମାରି
ଯମର ଭାଙ୍ଗିଲ ଗୁମର  ହେ ।

(୧୪)

ବିଶ୍ୱେଶ ବିଶ୍ୱମ୍ଭର    ବିଶ୍ୱେ ସଦା ତୁମ୍ଭର
ଥିଲେହେଁ ପ୍ରଭୁତ ପ୍ରଭାବ,
ନୁହେ ମୁଁ ଚାଟୁଭାଷୀ    ମୁହେଁ ଖାଲି ସାବାସୀ
ଢ଼ାଳିବା ନୁହେ ମୋ ସ୍ୱଭାବ ହେ
ମହାପ୍ରଭୁ !

---

(୧) କଇତବ—କପଟ । (୨) ନାରୀ—ଜଳନ୍ଧରର ପତ୍ନୀ ସତୀ ବୃନ୍ଦାବତୀ । (୩) ବୋକ—ଚୁମ୍ବନ । ପୋକ—ଶାଳଗ୍ରାମକୁ କାଟିଥିବା ବଜ୍ରକୀଟ । (୪) ଅମର ଦର୍ପହାରୀ—ପ୍ରଚଣ୍ଡ ନାମକ ଜଣେ ପାପୀ, ତେରଦିନଆଁ ଯମ । ଗୁମର—ଗର୍ବ ।

ବାଳ ନାଚିଛ ଶିରପରେ,
କାଳୀନାଗର ଦର୍ପ ହରି;
କେଳା ଲକୁଟ ଧରି ଖେଳାଇଛ ତା' ହରି
ମେଲ୍ଲଇ ସୁସ୍ୱର ବାଂଶରୀ ହେ ।

(୧୫)
ଉଦରେ ଦାବାନଳ ହୃଦରେ ହଳାହଳ
ଅଧରେ ଅମୃତ ରହିଲା,
ପଦ-ନଖରେ ଗଙ୍ଗା ବନ୍ଦନ ଭବ-ଡଙ୍ଗା
ବଦନ କଦନ ଦହିଲା ହେ
ମହାପ୍ରଭୁ !
କି କରି ନପାରିଛ କେବେ ?
କିଙ୍କରୀ ଶଙ୍କରୀ ତ ହେବେ;
ହେଜି ତବ ମହିମା ତେଜି ତର୍କ-ବଡ଼ିମା
(୧) ବେଜିତ ହୋଇଛନ୍ତି ଦେବେ ହେ ।

(୧୬)
(୨) ଆଦେଶରେ ଭୃମ୍ବର ପାଦେ ଶୟ୍ୟ-ଖଗ୍ୱର
ବଦ୍ଧେଷ ବର୍ଜି ଏକାସୀନ,
(୩) ଉଭୟ ରଖି ଦ୍ୱିଦାର ପୟର ଦାସୀ; ଦ୍ୱାର-
କୋଷ୍ଟର ଦ୍ୱୟହିଁ ଅଭିନ୍ନ ହେ
ମହାପ୍ରଭୁ !
(୪) ପାଥେ ପର୍ବତ ଭସାଇଲ,
ପଥେ ପଥର ହସାଇଲ;
(୫) ମାନବଟୀକ ବହି ଦାନବ ପରି ମହୀ
ତଳେ ତା' ମାନ ଖସାଇଲ ହେ ।

---

(୧) ବେଜିତ—ଅପମାନିତ । ଗୋବତ୍ସା ହରଣ କରିବାଦ୍ୱାରା ବ୍ରହ୍ମା, ଓ ଗୋବର୍ଦ୍ଧନ ପୂଜା ସମୟରେ ଦେବରାଜ ଇନ୍ଦ୍ର, ଶ୍ରୀକୃଷ୍ଣଙ୍କଠାରେ ଅପମାନିତ ହୋଇଛନ୍ତି । (୨) ଶୟ୍ୟ—ସର୍ପ, ଅନନ୍ତ ନାଗ । ଖଗ୍ୱର—ଗରୁଡ଼ । (୩) ଦ୍ୱିଦାର—ଉଭୟପତ୍ନୀ, ଲକ୍ଷ୍ମୀ ଓ ସରସ୍ୱତୀ । ଦ୍ୱାରକୋଷ୍ଟର—ଦ୍ୱାରପାଳ । ବୈକୁଣ୍ଠପୁର ଦ୍ୱାରପାଳ—ଜୟ ଓ ବିଜୟ । (୪) ପାଥ—ଜଳ । (୫) ମାନବଟୀ—ଗୋପର ବୃନ୍ଦାବତୀ ।

(୧୭)

ସରଳ ମଣି ଗେଲେ ସର-ଲବଣୀ ଦେଲେ
ଥୁ' କର ତୁଣ୍ଡେ ଭର ମାଟି,
ମନ-ନିର୍ମଳା ଋଣୀ- ଜନନୀଙ୍କି ବାଖ୍ୟାଣୀ
କରିଛ ବିସ୍ତାରଣ ପାଟି ହେ
ମହାପ୍ରଭୁ !
ତବ କପଟ ଅଛି ଜଣା,
(୧) ଭବ କଞ୍ଜର ବୁଦ୍ଧିବଣା;
ଜଡ଼ ଦେହ ଦେଖାଇ ବଡ଼ ଦେଉଳେ ଥାଇ
ଖାଉଛ ଏବେ ସରପଣା ହେ ।

(୧୮)

(୨) ଧ୍ରୁବ ପ୍ରହ୍ଲାଦ ସୁରୁ ବୟସୁଁ ଆଦ୍ୟ
ଆଦର୍ଶ ଭକ୍ତେ ହେଲେ ଗଣା,
(୩) ସପତ ଋଷି ଆଦି ଗୁପତ-ତତ୍ତ୍ୱ-ବାଦୀ-
(୪) ମାନଙ୍କୁ ଯା' ନାମ ଅଜଣା ହେ
ମହାପ୍ରଭୁ !
ସତ ନା' ମିଛ 'ମନ୍ତ୍ର' ଜପି,
ରଚନା ହେଲା ପତ୍ର ଛପି ?
ରଟନା ଅଛି ଖାଲି ଘଟନା ଆଜକାଲି
କାହିଁକି ଯାଉଛି ତ' ଛପି ହେ ।

(୧) ଭବ—ଶିବ । କଞ୍ଜର—ବ୍ରହ୍ମା । (୨) ସୁରୁ—ସାନ, ଶ୍ରେଷ୍ଠ । (୩) ସପ୍ତର୍ଷି—ମରୀଚ, ଅତ୍ରି, ଅଙ୍ଗିରା, ପୁଲହ, ପୁଲସ୍ତ୍ୟ, କ୍ରତୁ, ବଶିଷ୍ଠ—ଏହି ସାତ ଋଷି । ଗୁପ୍ତତତ୍ତ୍ୱବାଦୀ ବା ଷଡ଼୍‌ଦର୍ଶନ ପ୍ରଣେତା—କପିଳ (ସାଂଖ୍ୟ), ଗୌତମ (ନ୍ୟାୟ), ପାତଞ୍ଜଳି (ଯୋଗ), ଜୈମିନି (ପୂର୍ବ ମୀମାଂସା), କଣାଦ (ବୈଶେଷିକ), ବ୍ୟାସ (ବେଦାନ୍ତ) । (୪) ଯା'ନାମ—ଯେଉଁମାନଙ୍କ ନାମ ଅର୍ଥାତ୍ ଧ୍ରୁବ, ପ୍ରହ୍ଲାଦାଦିଙ୍କ ନାମ । ଏହାର ତାତ୍ପର୍ଯ୍ୟ ହେଉଛି, କୌଣସି ଆର୍ଷଗ୍ରନ୍ଥରେ ଧ୍ରୁବ ଓ ପ୍ରହ୍ଲାଦଙ୍କ ନାମ ଉଲ୍ଲେଖ ନାହିଁ । ଭଗବାନଙ୍କ ବିଶ୍ୱରାଜ୍ୟରେ ଧ୍ରୁବ ପ୍ରହ୍ଲାଦଙ୍କ ଜନ୍ମ-ନିବାସ ଏଇ ଭୂମଣ୍ଡଳର ସୃଷ୍ଟି ପ୍ରଥମ, ନା' ଧ୍ରୁବତାରା, ସପ୍ତର୍ଷି ତାରାମଣ୍ଡଳାଦିର ସୃଷ୍ଟି ଆଗ—ଏହାର ନିର୍ଣ୍ଣୀତ ପ୍ରମାଣ ମଧ୍ୟ ହିନ୍ଦୁ-ସମାଜର କୌଣସି ଶାସ୍ତ୍ରରେ ବର୍ଣ୍ଣିତ ହୋଇନାହିଁ ।

(୧୯)

(୧) କ' ଅରଚତ କାମ- ପିଅର ତୁମ୍ଭ କାମ
କି ସ୍ୱପସ୍ତ ଚୂଡ଼ାମଣି,
କାର୍ ନରହ୍ରି ତଳେ କାର୍‌ଦନ୍ତ ବଦଳେ
ମଣ୍ଡିଲ ସରଗ ଅଗଣା ହେ
ମହାପ୍ରଭୁ !
ପାର୍ଥର ବନ୍ଧୁ ହୋଇ ହରି,
ସ୍ୱାର୍ଥ ରଖିଲ ଶିରହରି;
ଜାଣି ଶୁଣି ଏ କଥା ଆଣି ସନ୍ଦେହ ମଥା
ଘୂରୁଛନ୍ତି ବିବସ ଶବଶ ହେ ।

(୨୦)

ଶିରେବର ଧାରଣ ଶିସ୍ୱବସ୍ତ୍ର ବ୍ରାହ୍ମଣ
ଲୁତରେ ଚରଣ ସହିଲ,
ଶିଶୁ ପାଗଳ ସମ ଶିଶୁପାଳ ଅଧମ
(୨) କଥାରେ ରଥାଙ୍ଗ ପେଷିଲ ହେ
ମହାପ୍ରଭୁ !
ସମଦରଶୀ ମହାବାହୁ,
(୩)ସମଦ-ଶ୍ରେଷ୍ଠୀ କିଏ ଆଜୁ ?
କର ମତେ ମେଲାଣି ସରମ ଅଶ୍ମିଳାଣି
ମହତ-ମହତ୍ତ୍ୱ ନ ଯାଉ ହେ ।

(୨୧)

କପଟୀ ଚହଟିଆ ଲମ୍ପଟିଆ ହଟିଆ
ରୂପଟି ତେଣୁ ତୁମ୍ଭ କଳା,
ପୂତନା ପ୍ରାଣପିଆ କୁତନା ଗାଳିଖିଆ
ଚେତନାନିଆ ନାବଚକା ହେ
ମହାପ୍ରଭୁ !

(୧) ଅରଚତ—ବିଶୃଙ୍ଖଳ ।
(୨) ରଥାଙ୍ଗ—ଚକ୍ର । (୩) ସମଦ—ଅଭିମାନ, ଗର୍ବ । ଶ୍ରେଷ୍ଠୀ—ସ୍ୱଗୀ ।

କଶୋଣ୍ଣ ପୀରତ୍ତି-କରଜ,
ବସୋର ତେଜଲ ବରଜ;
କୁବୁଜା-ପ୍ରେମ-ଗୀତ ଶୁଭୁ ଯା' ଅଛୁ କ୍ଷିତି-
ମଣ୍ଡଳେ ମଣେ ଆଶରଯ ହେ ।

(୨୨)

(୧) ଆଶ୍ୱାସି ପାର ଯା'ର ବଶ୍ୱାସ ଯେ ପ୍ରକାର
ସେ' ଭାବେ ଦେଇଥାଅ ବର,
ଆପଣ ମୋ ବଶ୍ୱାସେ କୃପଣ ବଶ୍ୱାବାସେ
ନୁହନ୍ତ ସୁଖ ବଭବର ହେ
ମହାପ୍ରଭୁ !
ପରମାନନ୍ଦ ତୁମ୍ଭ ନାମ,
ହେ ରମାନାଥ ସୁଖଧାମ;
(୨) ଏହା ତ' ଆସ୍ତିକର କା' ହାତ ନାସ୍ତିକର
ପୂରାଇଥାଏ ମନସ୍କାମ ହେ ।

(୨୩)

ବନାପୂକବଲ୍ଲଭ, ବନା କର୍ମେ ବଭବ
କା' ଭାଗ୍ୟେ ଦେଇଛ ଅଜାଡ଼ ?
ଭାଷ ହେ ଦୀନବନ୍ଧୁ ପାଶକୁ ତବ ବନ୍ଧୁ
ନ ଆସିଥିଲେ ବାସ ଗୁଡ଼ ହେ
ମହାପ୍ରଭୁ !

---

(୧) "ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ,
ମମ ବର୍ତ୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।" (ଗୀତା)

(୨) ନଶ୍ୱରବାଦୀ ନାସ୍ତିକର କାମନା ବା ବଶ୍ୱାସ ଦୃଷ୍ଟିରେ ପୁନର୍ଜନ୍ମ ତଥା ପ୍ରାରବ୍ଧ କର୍ମର ଫଳାଫଳ ଭୋଗ ନାହିଁ । ସୁତରାଂ 'ଗୀତା'ର ଉଲ୍ଲିଖିତ ପ୍ରମାଣାନୁସାରେ ତା'ର ପ୍ରତି ଯଦ ଐଶ୍ୱରୀୟ ଆଇନ୍ ଅଥଚ ନୟତ-ଶାସନ ବଧାନ ନଖଟେ, ତେବେ ନ୍ୟାୟାଧୀଶ ବଶ୍ୱନୟନ୍ତା ଭଗବାନ ପକ୍ଷପାତୀ ନୁହନ୍ତ କ ? ଯଦ ବା ନାସ୍ତିକର ବଶ୍ୱାସ ବରୋଧରେ ମଧ୍ୟ ଈଶ୍ୱର ତାଙ୍କୁ କର୍ମର ଫଳ ଦଅନ୍ତ, ତା ହେଲେ ଗୀତା ଉକ୍ତର ସତ୍ୟତା ରହଲ କେଉଁଠି ?

ଚଳଥାନ୍ତା କି ଦାନାପାଣି ?
ଭଳଥାନ୍ତେ କି ଠାକୁରାଣୀ ?
ତଥାପି ଜାଣି ହୃଦ                    କନ୍ଥାପିନ୍ଧାରେ ଖୁଦ
ମୁଠିଏ ଥିଲେ ତ' ସେ ଆଣି ଦେ ।

(୨୪)

(୧) କି ଲଭେ ଧର୍ମୋନ୍ନତି                    ଥିଲବେଳେ ଶ୍ରୀପତି
ଗ୍ରହିଲ ନାନା ଅବତାର,
ଦାରୁଣ କଳି ପାପ                    ଦାରୁ ନଯୂନେ ତାପ
ନ' ଦଏ ଏ କି ଚମତ୍କାର ହେ ?
ମହାପ୍ରଭୁ !
'ପତିତପାବନ' ନାମଟି
ପତିତଜନେ ରଟି ରଟି

---

(୧) "ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।" (ଗୀତା)

"ବୈଶାଖ ଶୁକ୍ଲ ପକ୍ଷୀୟା ଅକ୍ଷୟ ତୃତୀୟାୟାଂ ରବିବାରେ (ଗୁରୁବାର—ମାଦଳା ପାଞ୍ଜି) ସତ୍ୟଯୁଗୋତ୍ପତ୍ତିଃ । ତତ୍ପରିମାଣଂ ୧୭୨୮୦୦୦ ବର୍ଷ (୧୭୨୮୦୦୦ ମାଦଳା ପାଞ୍ଜି) । ତତ୍ରାବତାରାଶ୍ଚତ୍ୱାରଃ ମତ୍ସ୍ୟ-କୂର୍ମ-ବରାହ-ନୃସିଂହାଃ । ତତ୍ର ପୁଣ୍ୟଂ ପୂର୍ଣ୍ଣଂ ପାପଂ ନାସ୍ତି ।

କାର୍ତ୍ତିକସ୍ୟ ଶୁକ୍ଲପକ୍ଷେ ନବମ୍ୟାଂତଥୌ ସୋମବାରେ (ଶ୍ରାବଣ ଅମାବାସ୍ୟା ବୁଧବାର—ମା: ପା:) ତ୍ରେତାଯୁଗୋତ୍ପତ୍ତିଃ । ତତ୍ପରିମାଣଂ ୧୨୯୬୦୦୦ ବର୍ଷ । ତତ୍ରାବତାରାସ୍ତ୍ରୟଃ ବାମନ-ପରଶୁରାମ—ଶ୍ରୀରାମଚନ୍ଦ୍ରାଃ । ପୁଣ୍ୟଂ ତ୍ରିପାଦଂ ପାପମେକପାଦମ୍ ।

ଭାଦ୍ର କୃଷ୍ଣ ତ୍ରୟୋଦଶ୍ୟାଂ ଗୁରୁବାରେ (ଫାଲ୍‌ଗୁନ ତ୍ରୟୋଦଶୀ ଶୁକ୍ରବାର — ମା:ପା:) ଦ୍ୱାପରଯୁଗୋତ୍ପତ୍ତିଃ । ତତ୍ର ପରିମାଣଂ ୮୬୪୦୦୦ ବର୍ଷ । ତତ୍ରାବତାରୌ, ଶ୍ରୀକୃଷ୍ଣ-ବୁଦ୍ଧୌ । ପୁଣ୍ୟମର୍ଦ୍ଧଂ ପାପମର୍ଦ୍ଧମ୍ ।

ମାଘି ପୂର୍ଣ୍ଣିମାୟାଂ ଶୁକ୍ରବାରେ କଳିଯୁଗୋତ୍ପତ୍ତିଃ । ତତ୍ପରିମାଣଂ ୪୩୨୦୦୦ ବର୍ଷ । ତତ୍ର ପୁଣ୍ୟମେକପାଦଂ ପାପଂ ତ୍ରିପାଦଂ । ଅବତାର ସତ୍ୟସନ୍ଧି ସମୟେ କଲ୍‌କିର୍ଭବିଷ୍ୟତି ।"—ଚତୁର୍ଯୁଗୋତ୍ପତ୍ତିଃ ।

ପାଉଛନ୍ତିକ ଦେଖା ଆଉ ଛଳନା ରେଖା
କାଟନା ଆଉ ମ୍ଳେଚ୍ଛତଣି ହେ !

(୨୫)

କମଳାଧବ ତବ ଅମଙ୍ଗଳ କତବ
ରୂପରେ ଯେଉଁ ଅତ୍ୟାଗ୍ରହ,
କାନ୍ଦୁଛନ୍ତି କମଳା ଛନ୍ଦୁଛ ଯାଂ ମାମଲ
ନାହିଁକ ତାର ସୁବଗ୍ରହ ହେ ?
ମହାପ୍ରଭୁ !
ସବଳ ବନ୍ଧୁ ତୁମ୍ଭେ ପର ?
ଦୁର୍ବଳ ହେବେ ସର୍ବହର !
ଆସନେ ପାଅ ପୂଜା ଶାସନେ ଆଖିବୁଜା
ଏ ଭଙ୍ଗୀ ସଙ୍ଗିବଅ ଭ୍ରମ ହେ ।*

(୨୬)

(୧) ହେ ତକାସନ ଘନ ମେଚକାନନ ବନ-
ମାଳଆ ଚନ୍ଦ୍ରକଚୂଳଆ,
ଗୁହାରର ନମୁନା କୁହାରଳ; ଯମୁନା
କୂଳଆ କଦମ୍ବମୂଳଆ ହେ
ମହାପ୍ରଭୁ !
ଅବସ୍ଥା ଅନୁଯାୟୀ କବେ,
ବ୍ୟବସ୍ଥା ନ ବହିଲେ ଲବେ;
(୨) ଭବ-ଜଞ୍ଜାଳ-ରଣେ ତବ ଛନ୍ଦାଚରଣେ
ଭରସା କେ ରଖିବ ଭବେ ହେ ?

---

* ଏହି ପଦଟି ଦ୍ୱିଅର୍ଥକ ।

ଯୁଗ ଓ ଅବତାର ନିର୍ଣ୍ଣୟରେ ପରସ୍ପର ମତବିରୋଧୀ ଉଲ୍ଲିଖିତ ଶାସ୍ତ୍ରଗ୍ରନ୍ଥ ମଧ୍ୟରୁ କେଉଁ ଶାସ୍ତ୍ରର ପ୍ରମାଣରେ ସତ୍ୟତା ଅଛି, ତାହା ବୁଝି ପାଠକଗଣ ନିର୍ଣ୍ଣୟ କରିବେ ।

(୧) ତକାସନ—ଦାସ୍ତ । ଘନମେଚକାନନ—ନୀଳ ମେଘଜିତ ଶ୍ୟାମଳ ମୁଖ ।

(୨) ଛନ୍ଦାଚରଣ—ଛନ୍ଦ ହୋଇଥିବା ଯୁଗଳ ପାଦ । ଶ୍ଳେଷାର୍ଥରେ—କପଟ ସ୍ୱଭାବ, କୁଟିଳ ଆଚରଣ ।

# ସପ୍ତଶତୀ

(ମୂଳାନୁବାଦ)

# ସୂଚନା

ସୃଷ୍ଟିପ୍ରାରମ୍ଭରୁ—ଆବହମାନକାଳରୁ ମାନବଜାତିର ଗୋଷ୍ଠିଗତ ଜୀବନରେ ବିବାଦଶୀଳବତ୍ ସତ୍ୟ-ମିଥ୍ୟା, ସାରଲ୍ୟ-କୌଟିଲ୍ୟ, ସୁକୃତ-ଦୁଷ୍କୃତ ରୂପ ଦେବାସୁର ସଂଘର୍ଷ ଅବାଧଗତିରେ ବରାବର ଚାଲି ଆସୁଅଛି—ଆପ୍ରଳୟ ଏହା ଚାଲିବ କି ଁ ଚାଲିବ । ଏହାର ଅବିନଶ୍ୱର ସାକ୍ଷୀ ତ୍ରିକାଳଜ୍ଞ ତ୍ରିନେତ୍ର ସତ୍ୟ-ଶିବ-ସୁନ୍ଦର-ରୂପୀ ଦେବଦେବ ମହାଦେବଙ୍କର ଗଳବିଶୋଭିତ ମହାନାଗର ବିଷାମୃତ କାଳଜିହ୍ୱା ସ୍ୱରୂପ ବୈଦିକଯୁଗ ଏବଂ ପୌରାଣିକ ଯୁଗର ଉତ୍ପତ୍ତି । ଏହି ଉଭୟ ଯୁଗର ମାଧ୍ୟମରେ ଆଦର୍ଶବାଦ ବା ବୈଜ୍ଞାନିକ ଯୁଗର ଆବିର୍ଭାବ ।

ଓଡ଼ିଆ ଭାଷାର ଆଞ୍ଚଳିକ ପଲ୍ଲୀକବିତା-ରାଜ୍ୟରେ ଏଇ 'ପଏର୍ଦ୍ଧାସତୀ' ହେଉଛି ଆଦର୍ଶବାଦ ବା ମନୋବିଜ୍ଞାନ ଯୁଗର ମାନସୀ ପ୍ରତିମା—କାବ୍ୟ-ଜଗତର ଅଭିନବ ନାୟିକା ।

'ପଏର୍ଦ୍ଧାସତୀ' ସଧବା ନୁହେ କିମ୍ବା ବିଧବା ନୁହେ—ପତିବ୍ରତା ସତୀ ନୁହେ, ମିଥ୍ୟାଭାଷିଣୀ ଅସତୀ ନୁହେ । ଏ କେବଳ ମୁକ୍ତ ପଲ୍ଲୀଜୀବନ ସଂପୃକ୍ତ ବିଭିନ୍ନ ଦିଗର ଲୀଳାୟିତ ବ୍ୟଭିଚାରର ସାଙ୍କେତିକା, ବହିଃପ୍ରଦର୍ଶନୀ ପୁଣ୍ୟାନୁଷ୍ଠାନର ଚିତ୍ରପଟରେ ଗୁପ୍ତ ପାପଛାୟାର ଜୀବନ୍ତ ମୂର୍ତ୍ତି । ସୂକ୍ଷ୍ମ ଦୃଷ୍ଟିରେ ପୁଣି ପରିଚୟ ନେବାକୁ ହେଲେ ଏଇ 'ପଏର୍ଦ୍ଧାସତୀ'ଟି ଯୁଗୋପ-ଯୋଗିନୀ ସମାଜସଂସ୍କାରିକା ମେହେନ୍ତରାଣୀ । ତାଛଲ୍ୟଦୃଷ୍ଟିରେ—ସ୍ୱାର୍ଥାନ୍ଧ ପକ୍ଷପାତୀ ସଂମାଜର ଆମୋଦପ୍ରଦାୟିନୀ କ୍ରୀଡ଼ାପୁତ୍ତଳିକା ।

ଯେ କୌଣସି ସମାଜରେ ହେଉ, କଳ୍ପିତ ବା ମିଥ୍ୟା ଆଦର୍ଶଦ୍ୱାରା ସନାତନ ସତ୍ୟର ପ୍ରତିଷ୍ଠା କଦାଚ ସମ୍ଭବପର ନୁହେ । ପୁରାଣବର୍ଣ୍ଣିତ ପ୍ରାଚ୍ୟ ମହିଳାବୃନ୍ଦଙ୍କ ମଧ୍ୟରୁ ଅନେକ ସତୀସାଧ୍ୱୀ କଳ୍ପନାର ମୂର୍ତ୍ତିମତୀ; କେତେ ବା' ପକ୍ଷପାତ ଦୃଷ୍ଟିରୁ ଆଦର୍ଶ ପତିବ୍ରତା । ସେମାନଙ୍କ ମଧ୍ୟରୁ ପୁଣି ଅଧିକାଂଶ

କାହିଁକି ? ଯେଉଁଭଳି ମାହାତ୍ମ୍ୟପୂର୍ଣ୍ଣ ହେଲେ ମଧ୍ୟ ଯେଉଁ ବିଷୟ ବା ଘଟଣାଟି ସ୍ୱାଭାବିକ ନୁହେଁ—ଜୀବନ ସଙ୍ଗେ ଜଡ଼ିତ ନୁହେଁ—ତାହା ଜୀବନ ଗଢ଼ିବାକୁ କଦାପି ସମର୍ଥ ହୋଇପାରେ ନା । ଏହା ଜାଗତିକ ନିୟମ—ସୃଷ୍ଟି ସମ୍ବନ୍ଧ ନିୟମ ।

ସାବିତ୍ରୀବ୍ରତର ଉଦ୍ଦେଶ୍ୟ ଭିନ୍ନ, ଲକ୍ଷ୍ୟ ମହତ୍ । ତା' ହେଉଛି ସାମାଜିକ ଜୀବନରେ ସ୍ୱୟଂବର ପ୍ରଥାର ଆଦର୍ଶ ରକ୍ଷା ଓ ଶିକ୍ଷା । କନ୍ୟାର ବର ନିର୍ବାଚନ କାର୍ଯ୍ୟରେ ମାତାପିତା କିମ୍ବା ଭାଇ-ଭାଉଜ ଆଦି ଅନ୍ୟ କାହାର ଅଧିକାର ନାହିଁ । ଅଛି ଏକମାତ୍ର କନ୍ୟାର । ଏହାହିଁ ସତୀସାବିତ୍ରୀଙ୍କର ପାଳନୀୟ ବ୍ରତ—ସଂଯମ ରକ୍ଷା ।

ସତୀସାଧ୍ୱୀ ସାବିତ୍ରୀ ତାଙ୍କର ଅଳ୍ପାୟୁ ସ୍ୱାମୀ ସତ୍ୟବାନଙ୍କୁ ଦୀର୍ଘାୟୁ କରି ପାରିଥିଲେ କେବଳ 'ଯମ' ଅର୍ଥାତ୍ ଇନ୍ଦ୍ରିୟସଂଯମଦ୍ୱାରା । କିନ୍ତୁ ଏଇ ହାର୍ଦ୍ଦିକ ଯମଦେବତା ପ୍ରତି ଆଜି କାମାନ୍ଧ ସମାଜର ଦୃଷ୍ଟି ନାହିଁ । ଦୃଷ୍ଟି ତାର ଭୋଗଭୂଙ୍କ୍ଷେଗ-ପିପାସାରେ—ଇନ୍ଦ୍ରିୟ ଚରିତାର୍ଥତାରେ ।

(୨) ସୀତା—ଏହି ସତୀ ଅଜ୍ଞାତକୁଳଶୀଳା ଅଥଚ ସଦ୍ୟ ପ୍ରୋଥିତ ମଞ୍ଜୁଷା ଗର୍ଭରୁ ଏହାଙ୍କର ଆବିର୍ଭାବ ବୋଲି ପାର୍ଥିବୀ, ମହୀସୁତା ଆଦି ନାମରେ ଏ ଅଭିହିତା । ଏହାଙ୍କ ପାତିବ୍ରତ୍ୟ ମଧ୍ୟ ପୁରାଣପ୍ରସିଦ୍ଧ । ପଞ୍ଚବଟୀ ବନରେ ମାୟାମୃଗର "ହାହା ଲକ୍ଷ୍ମଣ" ଚିତ୍କାରରେ ବିଚଳିତ ହୋଇ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ ନିକଟକୁ ଜଗୁଆଳି ଲକ୍ଷ୍ମଣଙ୍କୁ ଉତ୍କଣ୍ଠିତ ପ୍ରାଣରେ ଯେ କୌଣସି ପ୍ରକାରେ ଏ ପଠେଇ ଦେଇଥିଲେ । କିନ୍ତୁ ଲକ୍ଷ୍ମଣଙ୍କ ସଙ୍ଗରେ ସ୍ୱାମୀ ସମୀପକୁ ପତିପ୍ରାଣା ଏହି ସତୀଶିରୋମଣି ଯାଇପାରିଲେ ନାହିଁ । ପତିବ୍ରତା ନାରୀଧର୍ମର କି ଅଦ୍ଭୁତ ଆଦର୍ଶ !

ଯେଉଁ ସୀତା ଅଯୋଧ୍ୟାର ରାଜପ୍ରାସାଦ ତ୍ୟାଗ କରି ବନଗାମୀ ସ୍ୱାମୀଙ୍କର ଅନୁଗାମିନୀ ହୋଇଥିଲେ, ଭୀଷଣ ଅରଣ୍ୟରେ ସ୍ୱାମୀଙ୍କ ବିପଦ ଆଶଙ୍କାରେ ଶଙ୍କିତା ହୋଇ ସୁଦ୍ଧା ସେ ପର୍ଣ୍ଣକୁଟୀର ତ୍ୟାଗ କରିପାରି ନାହାନ୍ତି । ପୁଣି ଏକାକିନୀ । ନାରୀସମାଜର ଶିଖିବା ଭଳି ଜିନିଷ ବା ଘଟଣାର ସ୍ୱାଭାବିକତା ଏଥିରେ କ'ଣ ଅଛି ? ଏ ଘଟଣାଟି ମଧ୍ୟ କାଳ୍ପନିକ ଯେ ନୁହେଁ, ଏହା କହିବ କିଏ ? ବର୍ଣ୍ଣିତ ବିଷୟବସ୍ତୁ କିମ୍ବା ଘଟଣାବଳୀ କାଳ୍ପନିକ ହେଲେ ମଧ୍ୟ ସତ୍ୟତାର ପ୍ରତୀକ ସ୍ୱରୂପ । ସେଥିରେ ସ୍ୱାଭାବିକତା

ଥିବାର କଥା । ଏହା କବିର ସତର୍କତା ଓ ସୁଚିନ୍ତା ଉପରେ ହିଁ ନିର୍ଭର କରିଥାଏ ।

(୩) ଦମୟନ୍ତୀ, ଦ୍ରୌପଦୀ ଆଦିଙ୍କ ସତୀତ୍ୱ ଚିତ୍ରରେ ଅପୌକ୍ତିକତା ଆହୁରି ଅଧିକ ।

(୪) ବ୍ରଜପୁରୀ ଗୋପଭୁବନରେ ଶ୍ରୀକୃଷ୍ଣଙ୍କ ମାଆ କେବଳ ଯଶୋଦା-ରାଣୀଙ୍କ ବ୍ୟତୀତ ଯେତେ ଗଉଡୁଣୀ, ଭଣ୍ଡାରୁଣୀ, କେଉଟୁଣୀ, ମାଳୁଣୀ, ବ୍ରାହ୍ମଣୀ ଆଦି ଯାହା କିଛି ଥିଲେ ସେମାନେ ସଭିଏ ବେଶ୍ୟା, ସଭିଏ ବ୍ୟଭିଚାରିଣୀ । ଏଥିରେ ପୁରାଣଯୁଗର, ବୈଷ୍ଣବଯୁଗର କବି ଲେଖକ-ଗଣଙ୍କର ଉତ୍କଟ ପକ୍ଷପାତିତା, ଅକାରଣ ସ୍ତାବକତାର ଚିହ୍ନ କ'ଣ ଫୁଟି ଉଠୁନାହିଁ ? ଏତଦ୍ଦ୍ୱାରା ସତ୍ୟର ଅବମାନନା କ'ଣ ଘଟୁନାହିଁ ?

କବି ହେଉଛି ସାରସ୍ୱତ, 'ସରସ୍ୱତୀ' ଅର୍ଥାତ୍ ସତ୍ୟଭାଷାର ଉପାସକ । ସେ ନିଜର ବା ଅନ୍ୟର ଦେଶର କିମ୍ବା ବିଦେଶର କାହାରି ଗୁଡ଼ିଏ କ ମହତ୍ତ୍ୱକୁ କଦାଚ ପୂଜା କରେ ନାହିଁ । ପୂଜା କରେ କେବଳ ସତ୍ୟର ମହତ୍ତ୍ୱକୁ, ସତ୍ୟର ଗୌରବକୁ, ମର୍ଯ୍ୟାଦାକୁ । ସେ ସବୁବେଳେ ଚାହେଁ— ସତ୍ୟର ଜୟ । କାଳ୍ପନିକ ମହର୍ଷି, ମହାପୁରୁଷ, ସତୀସାଧ୍ୱୀଙ୍କର ମାନ-ମର୍ଯ୍ୟାଦାରେ, ପ୍ରତିଷ୍ଠାରେ ବରଂ ବାଧା ପଡ଼ୁ; ନିର୍ବିଚାର ପୁରାଣବିଶ୍ୱାସର ମସ୍ତକରେ ତର୍କଣାର ଚଟକ ପଛେ ଝିଙ୍କୁ; ସତ୍ୟର ମୃତ୍ୟୁ ନ ଘଟୁ—ଏହାହିଁ କବିର ଆଦର୍ଶ କବିତ୍ୱ, ପଣ୍ଡିତର ପୂଜ୍ୟ ପାଣ୍ଡିତ୍ୟ ।

ଆଜି ସମାଜର ପ୍ରାଣରେ ସତ୍ୟ-ସହିଷ୍ଣୁତା, ସତ୍ୟାନ୍ୱେଷଣାନୁରାଗ ଅତି କମ୍ । ସତ୍ୟାମୃତର ମାଧୁରୀରେ ତାର ପ୍ରାଣ ଲାଳାୟିତ ନୁହେଁ । ମିଥ୍ୟା-ଛଳନାନ୍ତଃସାର-ବହିର୍ଚାକଚକ୍ୟରେ ସେ ଆଜି ସତତ ଆମୋଦ-ଅଭ୍ୟସ୍ତ । ଆନୁଷ୍ଠାନିକ ହେଉ ବା ଧାର୍ମିକ ହେଉ କର୍ତ୍ତବ୍ୟର ବହିରାଡ଼ମ୍ବରରେ ସେ ସନ୍ତୃପ୍ତ ଓ ବିମୋହିତ । କିନ୍ତୁ ସେଇ ଆପାତତଃ ସଦ୍ୟପ୍ରୀତିକର ଆମୋଦ ବିଳାସର ବିଶ୍ୱାସିକାମୟ ପରିଣାମ ପ୍ରତି ତାର ଭ୍ରୂକ୍ଷେପ ନାହିଁ—ଚିନ୍ତା ନାହିଁ । ଏହା କ'ଣ ବାତୁଳାଭିନୟ ନୁହେ ?

ପ୍ରଶ୍ନ ଉଠିପାରେ, ଏସବୁର ଆଲୋଚନା ପ୍ରସଙ୍ଗରେ 'ପଏଣ୍ଟ୍ କାଉଣ୍ଟର୍'ର ସମ୍ପର୍କ କ'ଣ ? ଏହାର ସୂକ୍ଷ୍ମ ଉତ୍ତର—ସମ୍ପର୍କ ନାହିଁ ବୋଲି କହିବାରେ

ମଧ୍ୟ ସମ୍ପର୍କ ଅଛି । 'ପଏର୍ଛାସଙ୍ଗ' ସହିତ ସ୍ରଷ୍ଟା ମହାଶୟଙ୍କ ସମ୍ପର୍କ ଯେପରି, ସମାଜର ଭଲମନ୍ଦ କାର୍ଯ୍ୟକଳାପରେ ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ ଜୀବ ମାନବର ସମ୍ପର୍କ ସେଇପରି । ଅଥଚ ଯା' ସହିତ ଯା'ର ସମ୍ପର୍କ ନାହିଁ, ତାକୁ ସେ ଜାଣେ ନାହିଁ । ଯଦି ବା ଜାଣିବ, ଭଲଭାବେ ଜାଣିବା ଉଚିତ । ସମ୍ପର୍କୀୟକୁ ଭଲଭାବରେ ଜାଣିବାଲାଗି ଯା'ର ପ୍ରୟାସ ନାହିଁ, ତାକୁ ସେ ନ ଜାଣିବାଟା ହିଁ ଭଲ ।

'ପଏର୍ଛାସଙ୍ଗ' ରଚନାବଶ୍ୟକତାର ମହତ୍ ଉଦ୍ଦେଶ୍ୟ ଏବଂ ତାର ଲକ୍ଷ୍ୟ ସମ୍ବନ୍ଧରେ ଭୂମିକାର ଲେଖକ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଓ ବିଶିଷ୍ଟ ସମାଲୋଚକ ଶ୍ରୀଯୁକ୍ତ ବାବୁ କେଶବଚନ୍ଦ୍ର ମେହେର ସ୍ୱମତର ସୂକ୍ଷ୍ମ ସୂଚନା ଭୂମିକାରେ ବ୍ୟକ୍ତ କରି ଦେଇଅଛନ୍ତି । ଏଥିରେ ସେ ଆଲୋଚ୍ୟ 'ପଏର୍ଛାସଙ୍ଗ' ପୁସ୍ତିକାକୁ ସମ୍ବଲପୁରୀ-ଆଞ୍ଚଳିକ ଭାଷାର ଅଭିନବ ଓ ସର୍ବପ୍ରଥମ କାବ୍ୟ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରି ଯାଇଛନ୍ତି ମଧ୍ୟ । ତଥାପି କେତେକ ସାହିତ୍ୟିକ ଭାଇ 'ପଏର୍ଛାସଙ୍ଗ'ର ସମ୍ପୂର୍ଣ୍ଣ ଉତ୍କଟ ବିରୋଧୀ । କିନ୍ତୁ ସେମାନେ ଜାଣିବା ଉଚିତ ଯେ 'ପଏର୍ଛାସଙ୍ଗ'ର ଦୋଷଗୁଣ ବର୍ଣ୍ଣନା ଗୋଷ୍ଠିଗତ ଗେୟ ନୁହେଁ—ବ୍ୟକ୍ତିଗତ ଧେୟ; ରସାସ୍ୱାଦନରେ ଉପଭୋଗ୍ୟ ନୁହେ—ଅନୁଭବ୍ୟ । ଅତଏବ ଏଇ 'ପଏର୍ଛାସଙ୍ଗ' ଅସଂଯତ ସମାଜର ଗୁପ୍ତ ପାପମାନର ପ୍ରସାରିକା ନା ସଂସ୍କାରିକା, ଏହା ସେମାନଙ୍କର ଏକାନ୍ତ ପ୍ରଣିଧାନର ବିଷୟ । ଯୁଗରୁଚିର ଆବଶ୍ୟକତା ଦୃଷ୍ଟିରୁ ମୂଳ କବିତାର ମୁକ୍ତାନୁବାଦ ଓ ପରିବର୍ଦ୍ଧିତ ଦୁଇ ତିନୋଟି ପଦ ଏଥିରେ ସଂଯୋଜିତ ହେଲା । ତନ୍ନିମିତ୍ତ ମୁକ୍ତାନୁବାଦ ଓ ଭାବଧାରାର କ୍ରମରକ୍ଷା ସକାଶେ ମୂଳ କବିତାର କେତୋଟି ପଦକୁ ମଧ୍ୟ ଇତସ୍ତତଃ କରି ଦିଆଯାଇଛି ।

ଆଶା ହୁଏ, ଏଥର ସମାଜସଂସ୍କାରପ୍ରିୟ ଭାଇଭଉଣୀଙ୍କ ଠାରେ 'ପଏର୍ଛାସଙ୍ଗ' ପୂର୍ବାପେକ୍ଷା ଅଧିକ ଆଦୃତରେ ପରିଚିତ ହୋଇପାରିବ ।

ତାଲପଦର (ଉତ୍ତଲଗଡ଼)<br>ତା ୧-୬-୫୮ ଖ୍ରୀଷ୍ଟାବ୍ଦ

ବିନୀତ<br>ଲେଖକ

# ପଏର୍ଚ୍ଛୀ ସତୀ*

( ମୁକ୍ତାନୁବାଦ )

ଶୁଣ ଆଗୋ ମାଆ    ଭଉଣୀମାନେ ମୋ'
ନାଆଁ ଟି ପରଚ୍ଛି ସତି,
(୧) ମାନ୍ତ ଅସହଣି-    ଲୋକେ ମତେ ବାଆ
(୨) ନଟୀ ବଗୁଲି ବୋଲନ୍ତି ।

କେନ୍ତୁ ବୋଲେ ଗୋଲେଷ    ଘଇତାଖାଉ ସେ'
(୩) ଚୁଟ୍କୁରିର କଥା ଗୁଞ୍ଜ,
କେନ୍ତି ଅବା ପଥେ    ମୁହୁଁ ଦେଖି ମତେ
ମୁହଁ କରାଏ ଆନ୍ତ ।

ଭଲ ବା ଖରାପ    ଯାହା ଥାଉ ଥରେ
ବରନନ୍ତୁ ମୋର ଗୁଣ,
ମା' ବହୁଣୀ ଆଗେ    ହିଁଅର କି ଲାଜ
ଆଉଥରେ କହେ ଶୁଣ ।

---

* ପଏର୍ଚ୍ଛୀ, ପରଚ୍ଛି—(ପରିଷ୍କାର ଶବ୍ଦଜ) ପରିଷ୍କାରିକା, ସ୍ୱଚ୍ଛାରିକା । ସତୀ—ସ୍ପଷ୍ଟବାଦିନୀ ।

(୧) ଅସହଣି—(ଅସହିଷ୍ଣୁ ଶବ୍ଦଜ) ଯେ ସତ୍ୟକଥା ସହି ପାରେ ନାହିଁ; ପରଶ୍ରୀକାତରା ।

(୨) ନଟୀ—ବେଶ୍ୟା । ବଗୁଲି—ବକ୍ଟୁଆଣି, କଣ୍ଟୁକଣି ଗଛବିଶେଷ । ସମ୍ବଲପୁର ଅଞ୍ଚଳରେ ବ୍ୟଭିଚାରିଣୀ ସ୍ତ୍ରୀ ପ୍ରତି ବଗୁଲି ଶବ୍ଦ ବ୍ୟବହୃତ ହୋଇଥାଏ । (ରୂଢ଼ି ପ୍ରୟୋଗ)

(୩) ଚୁର୍ସି, ଚୁଟ୍କୁରି—ଚୁଡ଼ପତ୍ରୀ, ଲଖିତାକାରରେ ପଡ଼ଦ୍ୱାରା ଯେ ପରିତ୍ୟକ୍ତା ।

କେତେ ଖାଇ ପଗ    କହୁଛନ୍ତି ମୋର
ପଛଆଡ଼େ ଦେଇ ଗାଳି,
ନିଜେ କଳଙ୍କିନୀ    ହୋଇ ଅଲକ୍ଷଣୀ
ଆମ ମୁଖେ ଦେଲୁ କାଳି ।

ଏହା ଲାଗି ଧାଣ୍ଡେ    ଝିଅ ବୋହୂଙ୍କର
ଇଜତ ମହତ ଗଲା,
ଖୋଲାମୁହାଁ ଜନ-    ଶିଖାଣି କଥାରେ
(୧) ସଭିଙ୍କି ଉଖୁଳା କଲା ।

ଏହିପରି କେତେ    ଅପବାଦ କେତେ
ନିନ୍ଦା ବାଜୁଛି ମୋ କାନେ,
ନାଆଁ ବୁଡ଼େଇ ମତେ    ଠେଲି ଦେବେ ପରା
ଇଜତିଆ ଘରମାନେ ?

ଆହା ରେ ଇଜତ,    ସତୀ-ଗାଉଜ ତ'
ସରଗକୁ ଯାନ୍ତା ଉଠି;
ପୁରୁବର ସତୀ-    ଙ୍କର ଗୋଡ଼ିମାଡ଼ି
(୨) ପାରିଲେ ସବୁ ପାଉଁଟି ।

କେତେ ଭାଗ୍ୟବତୀ    ସତୀ ଭଗବତୀ
(୩) ଭଗୀରଥଙ୍କ ଜନନୀ,
ଯାଙ୍କ ନାମ ସ୍ମରି    ବିଧବା ସୁନ୍ଦରୀ
ଲଭିବ କୁମରମଣି ।

ସତୀରାଜ୍ୟ କନ୍ୟା-    କାହ୍ନୁଁ ଉଡ଼େ ବାନା
(୪) ଆଉ ଏକ ସତୀଙ୍କର,
ଯାହାଙ୍କ ପ୍ରେମରେ    ରସି ପଲ୍ଙ୍କରେ
ବସିଥିଲେ ଦିନକର ।

---

(୧) ଉଖୁଳା—(ଉଚ୍ଛୃଙ୍ଖଳା ଶବ୍ଦଜ) ସ୍ୱେଚ୍ଛାଚାରିଣୀ ।

(୨) ପାଉଁଟିବା—ପଡ଼ିଥିବା ବସ୍ତୁକୁ ସଂଗ୍ରହ କରିବା ।

(୩) ଭଗୀରଥ—ସୂର୍ଯ୍ୟବଂଶୀୟ ନୃପତିଶେଷ, ଦିଲୀପଙ୍କ ପୁତ୍ର । ଏହି ବିବରଣ ବାଲ୍ମୀକି ରାମାୟଣ-ଆଦ୍ୟକାଣ୍ଡରେ ଅନୁସନ୍ଧେୟ ।

(୪) ଏହି ସତୀଙ୍କ ବୃତ୍ତାନ୍ତ ସାରଳା 'ମହାଭାରତ'ରେ ଦ୍ରଷ୍ଟବ୍ୟ ।

(୧) ଦେବ, ଦାନବ ଙ୍କ ସଙ୍ଗପ୍ରେମଲେଖି
ସତୀପଣ-ଯଜ୍ଞବେଦୀରେ,
ଅସତୀ ରାଜ୍ୟରେ ଘଟିବ କି ଏହା—
ଘଟେ ସିନା ସତୀ ଦେଶେ !

ଗାଇ ବସିଲେ ଏ ସତୀଙ୍କ ଚରିତ
ହସିବେ ବିଦେଶୀ ଭାଇ,
ଦେଶ ଭାଇ ନିଜେ ନିଆଁ ଗାଳିଦେଲେ
ପାରିବି କାହିଁ ଲୁଚାଇ !

(୨) ପୂର୍ବର ସତୀଙ୍କ ଖ୍ୟାତି ମିଳିବ କି
(୩) ପୂର୍ବର ସୁକୃତି ବିନା ?
(୪) ପରେଚ୍ଛା ସତୀ ବି ହୋଇ ନ ପାରିବି
'ପରସ୍ତ୍ରୀ ସତୀ' ମୁଁ ସିନା !

(୫) ଅଖଣ୍ଡା ବୟସେ ପୁଅ ଜନ୍ମ କରି
ଭୋଗିଥିଲି ହଟହଟା,
ତଥାପି ବାମ୍ଭଣୀ ପଦଟା ମୋହର
ହୋଇଛି କଲଙ୍କାଫଟା !

ପାପଗର୍ଭ ଦେଖି ମତେ ପକେଇ ବଣ
ଦେଇଥାନ୍ତେ ମାଆ ବାପ,
ଶିଶୁ ତନ୍ତି ମାତ ମୋ ସ୍ନେହରେ ପଡ଼ି
ବଢ଼ାଇଲେ ମୋର ପାପ ।

---

(୧) ଏହି ସତୀମାନଙ୍କ ବିଷୟ 'ରାମାୟଣ', 'ହରିବଂଶ' ଓ 'କାର୍ତ୍ତିକମାହାତ୍ମ୍ୟ' ଆଦି ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇଅଛି ।

(୨) ପୂର୍ବର ସତୀ—ପୂର୍ବକାଳୀନ ପ୍ରାଚ୍ୟଦେଶୀୟ ସତୀ; ସୀତା, ଅହଲ୍ୟା, କୁନ୍ତୀ, ଦ୍ରୌପଦୀ, ବୃନ୍ଦାବତୀ (ଜଳନ୍ଧରଙ୍କ ପତ୍ନୀ) ପ୍ରଭୃତି ।

(୩) ପୂର୍ବର ସୁକୃତି—ପୂର୍ବଜନ୍ମର ପୁଣ୍ୟ ସାଧନା, ତପ ।

(୪) ପରେଚ୍ଛା ସତୀ—ପର ଇଚ୍ଛାରେ ଯେଉଁମାନେ ସତୀ, ପର୍ଦ୍ଦା ଅବରୁଦ୍ଧା ସ୍ତ୍ରୀ ।

(୫) ଅଖଣ୍ଡା ବୟସ—ଯେଉଁ ବୟସରେ ମାଧୁରୀ ଅଛି, ନବଯୌବନ; ଶାସ୍ତ୍ରଧରଙ୍କୁ ଟିପାଇ ନଥିବା ବୟସ, କଶୋରୀ ବୟସ ।

ପାପଗର୍ଭ-ପ୍ରଭୃତି କାର ପାପ ପ୍ରଭୃ
ପ୍ରଶ୍ରୟ ଦେଉଛୁ ସିନା,
ବେଶ୍ୟା କେବେ ସତୀ ହୋଇଛୁ, ହେଲେହେଁ
ଜାରଜ-ସନ୍ତାନ-ହୀନା ?

ନାରୀ ସମାଜରେ ଜାରି କଲ, କଛୁ
ଘୁଞ୍ଚିବ ଏ ଦୁରଦଶା,
(୧) ଦାସୀ-ପ୍ରିୟ-ଭାଇ ବାରି ପାରିବେକି
ହେଉଛୁ କେ ଲୋକହସା ?

ଯେବେ ମୁଁ ଅସତୀ ବିବାହିତ ପତି
ଦେଖାଇଥାନ୍ତା ମୋ ଦୋଷ,
ଦୋଷ ନ ଦେଖାଇ ଦୂଷିତା ବୋଲିବା
ନୁହେକି ନିନ୍ଦା ଆକ୍ରୋଶ ?

ଯେ ଦୋଷେ ଯୁବତୀ ହୁଏ ଛାଡ଼ପତ୍ନୀ
ଅବା ଦୂଷିତା ପତିତା,
ସେ ଦୋଷେ ବ' ବର- ଗୁଣ ତ' ମଧୁର
ବଧୂଗୁଣ କପାଁ ପିତା ?

ମଦୁଆ ବେଧୂଆ ଗ୍ରେର ଅଲସୁଆ
ହେଲେହେଁ ପତି 'ଈଶ୍ୱର'
ଏକଥା ଯେ କହେ କାହିଁକି ନ ଦହେ
ତା' ମୁହଁକୁ ବୈଶ୍ୱାନର ?

ବାପ ଆଗୁ କୁଡ଼ା ଟଙ୍କା ଲୋଭେ ମୋହୋ
ପାଇଁ ବାଛିଲା ଯେ ପତି,
ଦରମରାଟା ସେ' କ ସରମେ ଆଉ
ବର୍ଣ୍ଣିବ ତାର ଦୁର୍ଗତି ?

ଶଯ୍ୟାରେ ପଡ଼ି ମୁଁ ଲଜ୍ଜ୍ୟାରେ କାନ୍ଦିଲି
ଛନ୍ଦହେଲା ମୋ ଚରଣ,

(୧) ଦାସୀ-ପ୍ରିୟଭାଇ—ବ୍ୟଭିଚାରିଣୀମାନଙ୍କର ପ୍ରିୟଭାଇ । ଦାସୀପ୍ରିୟ-ଭାଇ—(ବ୍ୟଙ୍ଗାର୍ଥରେ) ଯେଉଁ ଭାଇମାନେ ଦାସୀପ୍ରିୟ ଅର୍ଥାତ୍ ବେଶ୍ୟାସକ୍ତ ।

ଭାବିଲି ଏ ଦଶା ବରଣ କରିବା
ଭଗାରଥସା ମରଣ ।

'ବର' ବୋଲି ନଜେ ବର ତ' ନଥିଲି
ପର ଇଚ୍ଛାରେ ମୁଁ ବୁଢ଼ୀ,
ଗେଲ ଗରବ ମୋ ଭାଙ୍ଗିଗଲା, ପୁଣି
ଭାଙ୍ଗନ୍ତି କାହିଁକି ଚୁଡ଼ି ?

ବାପ ତ' ପୁରୁଷ ଜ୍ୱାଇଁ ଲାଗି ମାଆ
ପୋଛି ପୋଛି ଲୁହଧାର,
ଝିଅବିକା ଟଙ୍କା ସିନ୍ଦୁକେ କରନ୍ତି
ଲଖ ଚୁଡ଼ି ଭାଙ୍ଗୁ ତାର ।

ମଣିଷ ଜନମ ପାଇ ହୋଇଗଲି
ଗାଈ ମହିଷୀର ତୁଲ୍ୟ,
ଯେତିକି ଟଙ୍କାରେ ବିକା ହୋଇଥିଲି
ସେତିକି କି ମୋର ମୂଲ୍ୟ ?

"ପ୍ରେମ-କଉତୁକେ ହେମ-ଯଉତୁକେ
ତୋଷିବ ରସିକ ବର"
ଭାଷିଲେ ହେଁ କେହି ଅଶୀ-ବରଷିଣୀ
ରସିବ କି କଣ୍ଠି-ବର ?

'ଘଇତାଖାଈ' ମୁଁ ହୁଏ ପଛେ, ଭାଗ୍ୟେ
ନହେଲି ବ୍ରାହ୍ମଣ ଝିଅ,
ନୋହିଲେ ତ' ଲୋକେ ଜଳା ମରମେ ମୋ
ଢାଳି ଦେଇଥାନ୍ତେ ଘିଅ । *

* ଘଏ୍ତାଖାଇ ବଏ୍ଲେଁ ହେଲେଁ
କାଏଁ୍ କର୍ବେ ସହୁନେଲେଁ ?
ପଏ୍ତାପିନ୍ଧା-ଝି ନୁହେଁ ତ'
ରହିଁ ଗଲେଁ ଖାଏ୍ଲ୍ କୁହିଁ ଯାଏ୍ଛିଁ ।
ଶୁନ ଗୋ ମା' ବହିନେ................ !

ବାଲବଧବାର ତପ୍ତ ଲୁହଧାର
ପଣନ୍ତ ଭିଜାଇଦେଏ,
ବିପତ୍ନୀକ ବୃଦ୍ଧ ଭଡ଼େ ବାଳାହୃଦ
ହସୁଛନ୍ତ ତା’ ନାଡଏ ।

ଲଜ ସରମରେ ମଥା ପୋଡଡ଼ଏ
ଶୁଣିଲେ ଏ ସ୍ୱାଡମାନ୍ତ,
ଆଖିବୁଜା ମହା- ଜ୍ଞାମାଏ ତଥାପି
ବାଛନ୍ତ ମୋ’ ଖୋଲ ପ୍ରୀତି । *

(୧) ହେଲେ ଡାଲଖାଇ ସାରାରାତ ମୁହିଁ
ନାଚେ ହୋଇ ଉଜାଗର,
ମୁହିଁ ନାଚଭଙ୍ଗୀ ଶାଢ଼ୀ, ଟଙ୍କା ଗିଙ୍ଗି
ଦଅନ୍ତ କେତେ ନାଗର ।

---

* (/) ବାଲୁରାଆଁଡ଼ୀ ପାପର୍ ଡରେଁ
ସଚିଁ ଯାଉଥିବା ବାପର୍ ଘରେଁ,
ଝିଁଟି ଭଜାଲେଁ ଝିଇ୍କେ ପାପ୍
(୮) ବାପ୍ ଗୃଖୁଥିବା ନାର୍ଙ୍ଗି ଲେଢ ।
ଶୁନ ଗୋ ମା’ ବହନେ............!

(/) ବଧବା ଯୁବତୀ ଝିଅର ନର୍ଜ୍ଜଳା ଏକାଦଶୀ ବ୍ରତ ପାଳନ ଏବଂ ବିପତ୍ନୀକ ବୃଦ୍ଧ ପିତାର ପୁନର୍ବିବାହ ବ୍ୟବସ୍ଥା ବିଧାନ ହେଉଛି ଆର୍ଯ୍ୟ ବା ହିନ୍ଦୁ ସମାଜର ନିତାନ୍ତ ଘୃଣ୍ୟ କଳଙ୍କ ! ଏତଦ୍ୱାରା ପ୍ରବୃତ୍ତି (ଭୋଗ) ଓ ନିବୃତ୍ତି (ତ୍ୟାଗ) ମାର୍ଗର ବିଗୃରଧାରା ସମ୍ପୂର୍ଣ୍ଣ ବିପରୀତ ହୋଇ ପଡ଼ୁଛି । ଏହି କୁସଂସ୍କାରଟି ସ୍ୱାର୍ଥାନ୍ଧ ମରହଟ୍ଟୀ ବ୍ରାହ୍ମଣ ସମାଜରେ ବିଶେଷ ଭାବରେ ପରିଲକ୍ଷିତ ହୁଏ । ତନ୍ନିମିତ୍ତ "ପଏ୍‌ଡାପିଛା ଝିଲୁହେଁ ତ" ବୋଲି ବର୍ଣ୍ଣିତ ନାୟିକାର ମୁଖରେ ପକ୍ଷପାତୀ ବ୍ରାହ୍ମଣ ସମାଜ ପ୍ରତି ଆକ୍ଷେପ କରାଯାଇଅଛି ।

(୮) ନାର୍ଙ୍ଗି—ନାରଙ୍ଗୀଫଳ; (ଲକ୍ଷ୍ୟାର୍ଥରେ) ନବୀନା ନାଗରୀ । ଲେଢ—ପାଚଲା ଆମ୍ବ; (ଲକ୍ଷ୍ୟାର୍ଥରେ) ଲଳିତ-ଯୌବନା କିଶୋରୀ ।

(୧) ଡାଲଖାଇ—ସ୍ୱନାମପ୍ରସିଦ୍ଧ ଦେବୀବିଶେଷ ଓ ଗଡ଼ଜାତ ଅଞ୍ଚଳର ପର୍ବ-ବିଶେଷ । ଠିକ୍ ଦଶହରାରେ ଏହି ପର୍ବରେ ମଧ୍ୟ ଦୁର୍ଗାଦେବୀଙ୍କର ପୂଜା ହୁଏ । ଦୁର୍ଗା ଦେବୀଙ୍କର ଏହି ପୂଜାବ୍ରତ ବିଶେଷତଃ ଅନାର୍ଯ୍ୟ ସମାଜର ଝିଅ ଭୂଆସୁଣୀମାନଙ୍କ ଦ୍ୱାରା ପାଳିତ ହୋଇଥାଏ । ଏହି ସମୟରେ ସେମାନେ ଡାଲଖାଇ ଗୀତ ଗାଇ ଆନନ୍ଦରେ

ଓସା ବ୍ରତ ବେଳେ	ନାଚ ଝୋକାମେଳେ
ନଟୀ ହୋଇଗଲି ଯେବେ,
କେ କହିବ କହ	କାହା ଝିଅ ବୋହୂ
ନାଚନାହିଁ କାହିଁ କେବେ ?

ନଟୀ ସେଇ ସିନା	ନାଚେ ଯେ ନବୀନା
ନାଟକରୁ କରି ଜୀବିକା,
ନର୍ତ୍ତକୀ ସେ' ତ	ଯାର ନୃତ୍ୟ-ଗୀତ
ଟିକଟରେ ହୁଏ ବିକା ।

ନଟବର କୃଷ୍ଣ	ସଙ୍ଗେ ଗୋପୀଗଣ
ନାଚୁଥିଲେ ଦିନରାତି,
ଜଟିଳା କୁଟିଳା	ନଟୀ ବୋଲି ଦେଲେ
ରାଧିକାକୁ ଅପଖ୍ୟାତି ।

ଠିକ ସିନେମାର	ଝୋକାଟିଏ ଥରେ
ଦେଖାଇଲି ଯେଉଁ ନାଚ,
କହୁଥିଲେ ଲୋକେ	ପ୍ରାଣ ଥିଲେ ପାଇ-
ଥାନ୍ତା ସେ ମେଡ଼ଲ ପାଞ୍ଚ !

ଏଥିରୁ ମୋ ନାଚେ	କ ବାହାଦୁରି ବା'
ତଥାପି ବୋଲନ୍ତି ନଟୀ,
ମାନ ଅପମାନ	ଯାହା ଥାଉ ମୋତେ
ବାଧେ ଏ 'ନଟୀ' ପଦଟି ।

କାର୍ତ୍ତିକ ମାସର	ପ୍ରଭାତରୁ ଉଠି
ପ୍ରାତଃସ୍ନାନ ବିଧି ପାଇଁ,
ଭକ୍ତିଭରେ ଡାକି	ପ୍ରିୟସଖୀ ସଖୀ-
ମାନଙ୍କୁ ଆଣେ ଉଠାଇ ।

---

ନାଚ ନାଚ ଆମୋଦ ଉପଭୋଗ କରିଥାଆନ୍ତି । ତାଳଖାଇ ଗୀତର ସୁର ଯେପରି ଲଳିତ ଓ ଶ୍ରୁତିପ୍ରୀତିକର, ବାଦ୍ୟ ଓ ନୃତ୍ୟ ତଦ୍ରୂପ ମନୋମୁଗ୍ଧକର । ଏହି ପର୍ବାନୁଷ୍ଠାନର ମୌଳିକ ସ୍ଥିତମାତ୍ରରେ ଅହିଂସା, ଅସ୍ପୃଶ୍ୟତା ନିବାରଣ ଆଦି ସଂସ୍କାର-ମୂଳକ କାର୍ଯ୍ୟକଳାପର ସୂଚନା ପ୍ରତିଫଳିତ ହୁଏ ।

ସ୍ନାନ ସାରି ହରି- ପାରବଣ୍ଟଙ୍କର
ବନ୍ଦନା-ସଙ୍ଗୀତ ଗାଏ,
ତୁଳସୀକି ଧାଇ ତୁଳସୀ ନ ହୋଇ,
'ବହୁଗୁଣ' ପଦଟି ପାଏ ।

ଧନ୍ୟ ଏ ସଂସାର ଧନ୍ୟ ଲୋକଙ୍କର
ବ୍ୟବହାର ବୁଝାମଣା,
ସେହେତୁ ଅନେକେ ନିନ୍ଦାର ଧମକେ
ହେଉଛନ୍ତି ପଥବଣା ।

ପାଳଟିଏ ମାତ୍ର- ହେଲେ ପିନ୍ଧାଶାଢ଼ୀ
ପାଲଟି ଧୂଏ ଘାଟରେ,
ଦେଇ ଲେଉଟାଣି ଧୋଇହୁଏ ପୁଣି
ହଟୋଳୀ ହେଲେ ବାଟରେ ।

ଗାଧୁଆ ସମୟେ କଳସୀଙ୍କ ଭୟେ
ପୁରୁଷ ଘାଟେ ମୋ ସ୍ନାନ,
ଗୁଡ଼ାଖୁ ସାବୁନ ନେଇଥାଏ ଯାହା
ଫେରି ନ ଆସେ ସେମାନ ।

ତଳପାକ ଘଣ୍ଟି- ଘଣ୍ଟି ହସିହସି
କହୁଥିବ ସେବେ କଥା,
ଘାଟ ପଥରର ବ୍ୟଥା ଟାଣିନଏ
ଅସହଣିଙ୍କର ମଥା ।

ସଞ୍ଜବେଳେ ପୁଣି ସେଇଁ ଅସହଣୀ
ନାସ୍ତଙ୍କ ନେବେ ମୁଁ କଣ୍ଠା,
ତାଙ୍କ ଉପରେ ଖାଲି ପଡେ ମତେ ଗୁଳି-
ଯିବାକୁ ଧୂବେନ କଣ୍ଠା ।

ପାଣିଛୁଆଁ ବେଳେ ପଶିଯାଏଁ ଜଳେ
ବଳେ ଆସିଗଲେ କେହି,
ଜନଶୂନ୍ୟ ପଠା ଜାଣି ପାଣିଲୋଟା
ସଙ୍ଗେ ନ ଥିବାରୁ ନେଇ ।

ଦାନ ପୁଣ୍ୟ ଧନ ନଥିଲେ ହେଁ ମନ
ନୁହେ ନଠୁର ପଥର,
ନାମ-ସଂକୀର୍ତ୍ତନ ମଣ୍ଡଳୀରେ ପାଣି
ଢାଳେ ମୁଁ ଥରକୁଥର ।

ମଣ୍ଡଳୀରେ ଦନେ ପ୍ରେମଭୋଳେ ପାଣି-
ମାଠିଆ ଦେଲି କଣ୍ଢ଼,
ମୋ ମୁହଁକୁ ଦେଖି ହସିହସି ଅଧେ
ପିଲା ନାମ ଦେଲେ ଗୁଣ୍ଡ଼ ।

ଗାଆଁ କୁ ଆସିଲେ ବାବାଜୀ-ମାତାଜୀ
ଉଲସି ଉଠେ ମୋ ଚିତ୍ତ,
ଜ୍ଞାନ ନେବା ପାଇଁ ଧୁନି ଜାଳଦେଇ
ଜାଗି ରହେ ସାରା ରାତ୍ତ ।

ଭକ୍ତି ମୋର ଦେଖି ବାବା କହେ ତୋତେ
ଦେଖାଇବ ବୃନ୍ଦାବନ,
ମାତା ବୋଲେ ଚତ୍ତ ଶୁଦ୍ଧ ଥିଲେ କୃଷ୍ଣ
ଘରେ ଦଅନ୍ତି ଦର୍ଶନ ।

ପଣ୍ଡାଘର ପିଲା ଗୁରୁ ବାପା ମୋର
କହନ୍ତି ବ' ଏଇ କଥା,
ମୂରୁଖ ସେମାନେ ଗିଆନେ ଧିଆନେ
ଘୂରାଉଥାନ୍ତି ଯେ' ମଥା ।

ଦିଅଁ ଦରଶନେ ତୀରଥ ଭ୍ରମଣେ
କିଛି ନାହିଁ ପୁଣ୍ୟ ଫଳ,
ମନଟି ନର୍ମଳ ଥିଲେ ଏ ପିଣ୍ଡରେ
ବହୁଅଛି ଗଙ୍ଗାଜଳ ।

'ସୁଭଦ୍ରାହରଣ' ନାଟ ହେଉଥିଲେ
ଆଗେ ମୁଁ ହୁଏ ହାଜର,
ଗାଲେ ପାନଖିଲି ଭାଲେ ମୋ ଟିକିଲି
ମୁଣ୍ଡେ ଚୁଆ ଜରଜର ।

ଅର୍ଜ୍ଜୁନର ଠାଣି ସୁଭଦ୍ରା ଗୃହିଣି
ଦୂତର ଦେଖି ଛଟକ,
ଭାବେ ମନେମନେ ହେଲେ ସବୁ ଦିନେ
ଦେଖୁଥାନ୍ତି ଏ ନାଟକ ।

'ପରଥମ ଭେଟ' ଦଣ୍ଡନାଟଟିଏ
ଦେଖିଲି-ଦିନେ ସପନେ,
କୁଞ୍ଜଘରେ ପଶି ଚୁମ୍ବ ଦେଲେ କୃଷ୍ଣ
ରାଧାସୁନ୍ଦରୀ ଲପନେ ।

ନାଟଦୂଷା-ବେଶୀ ଯୁବାମଣି ଆସି
ବସିଲି ମୋ ପଲଙ୍କରେ,
ମୋ ଦେହେ ତା' ହାତ ନ ଲାଗୁଣୁ' ଚେତ
ଉଠି ବସିଲି ସଭୟରେ ।

ଅଣ୍ଡାଳ ଦେଖିଲି ଚଉକଣ୍ଡ ଅବା
ଘରେ ଆସିଥିବ ବୋଲି,
ନାଟଦୂଷା କେତେ ଆସନ୍ତା, କବାଟ
ହୋଇ ତ' ନଥିଲି ଖୋଲି' ।

କୁକୁଡ଼ା, କଜଳ- ପାଖି ରବ ଦେଲେ
ଭାବିଲି ମୁଁ ମନେମନେ,
ଚେତଲି କାହିଁକି ସପନ ସୁଖଟି
ଘଟିଥାନ୍ତା ବା' ସପନେ ?

ମାଆ ବାପା ମୋତେ ବଢ଼ାଇଲେ ସିନା
ବେଶି ପଢ଼ାଇଲେ ନାହିଁ,
ନୋହିଲେ ତ ନାଟେ ବାହାରିଥାନ୍ତି ମୁଁ
ସୁଭଦ୍ରା-ଦୂତିକା-ସାଜି ।

ନଷ୍ଟୀ ବୋଲି ଲୋକେ କହିଥାନ୍ତେ ପଛେ
ସାଜିବାରୁ ରାଧା, ଦୂତୀ,
ଦେଖାଇଦେଇ ମୁଁ ଥାନ୍ତି ସମାଜକୁ
ରାଧା-ସନ୍ନ୍ୟାସିନୀ-କୃତି ।

ଆସିଥିଲି ଏବେ          କଟକର ପାଲ୍
ଗାଏକ ଥିଲା ଯେ ପିଲା,
ପରଶଂସି ମୋତେ          ମୋ ଲାଗି ଗୃହରେ
ଶାଢ଼ୀ କିଣି ଦେଇଥିଲା ।

ଗୁଣୀ ବୁଝେ ଏକା          ଗୁଣର ମହତ୍ତ୍ୱ
କି ବୁଝିବ ଗୁଣହୀନ ?
ଜଳ ଗଭୀରତା          ଭେକ ଜାଣିବକି
ଜାଣିପାରେ ସିନା ମୀନ !

ସବୁଦିନ ପାଇଁ          ରହୁଥିଲା, ପାଲ୍
ଶିଖାଇବ କହୁଥିଲା;
ଗ୍ରାମେ ବୁଢ଼ାଦଳ          ଖୁଣ୍ଡ ସଭଙ୍କର
ମନକୁ ସେ' ମୋହୁଥିଲା ।

ଭଲ କଥା ସିନା          ଗାଆଁରେ ସେଭଳି
ଲୋକ ଥିଲେ ଜଣେ ଜଣେ,
ବୁଢ଼ାମାନେ ଏହା          କି ବୁଝିବେ, ତାଙ୍କୁ
ମଣିଷରେ କିଏ ଗଣେ ?

ବସାଇଲେ ପୋଥି          ମିଶ୍ର, ଶତପଥୀ
ଏ ଆହା ଯେତେ ଗାପୁଙ୍କ
ଆସନ୍ତୁ, ଦି'ଦିନ          ଘରେ ଆମ ପଡ଼ା
ବସା ହୁଏ ସେମାନଙ୍କ ।

ସେବା ଭକତି ମୋ          ଦେଖାଏ ତାହାଙ୍କୁ
ପାଇବା ପାଇଁ ଟିଆନ,
ପୁରାଣ ବଢ଼ିବା          ଯାଏ ମୋ ଘରରେ
ଚଳାନ୍ତୁ ସେ ଗୃହା, ପାନ । *

* ପୁରାନ୍ ବସାଲେଁ ଗାଆଁ ସାକ,
ମୋର୍ ଚଶ୍ମାର୍ ସେତେ ଗାହାକ;
ଜିଏ ଆସୁ ବ' କାଏଁ ପଁଡ଼ା, ଦାଶ୍
କାଏଁ ଶତ୍‌ପଥୀ, ମିଶ୍ର, ପଣ୍ଡା ।
ଶୁନ ଗୋ ମା' ବହେନେ............ !

(୧) ଦୂର ଗ୍ରାମେ 'ହରି- ହାଟ' ହେଲେ ରହି
ଯାଏ ଦୁଇଘରର ଧନ,
ସେପରି ଗୁଣୀଙ୍କ ଗୁଣ ଦେଖି ଦେଇ
ଆସେ କିଛି ପ୍ରୀତିଚିହ୍ନ ।

ରଥ-ଦୁତିଆଟି ଦେଖିଯାଏଁ ହୋଇ
(୨) ବସିଲେ ଭୁତଭୁତିଆ,
ପ୍ରୀତି-ଉପହାର ଦିଆନିଆ ଲାଗେ
ଦେଖି ସାଥି ପିରତିଆ ।

ଲୋକ ଗହଳରେ ବାଏକ ପିଲାର
ପ୍ରେମ ସଙ୍ଗୀତ-ମାଧୁରୀ,
ବୁଝି ହୁଏ ନାହିଁ ସେ ସଙ୍ଗେ ସେପରି
ପାଳିଆ ଭଙ୍ଗୀ ଚାତୁରୀ ।

ପଇସା ପାଏ ମୁଁ ଅଣା ଅଣା, ପେଡ଼ା
ରସଗୁଲା ଦନାଦନା,
ମନ ବୁଲୁଥାଏ ଇଜତକୁ ଦେଖି
ଚିଜକୁ ତୁ' ଅନାଅ ନା' ।

ଗାଆଁ ଗଣ୍ଡା କେବେ ଗଲେ ବି' ମୋତେ କି
ବାବୁଏ ଦିଅନ୍ତି ଗୁଡ଼ ?
ମାସେ ଖଣ୍ଡେ ରହି ଲେଉଟାଣି ବେଳେ
ଖଞ୍ଜିଦିଅନ୍ତି ହଳ ଗାଡ଼ ।

---

(୧) 'ହରିହାଟ'—ଯଜ୍ଞବିଶେଷ । ଏହି ହରିହାଟ ବା ହରିଯଜ୍ଞରେ ଏକ ସପ୍ତାହ ବ୍ୟାପୀ ମେଳା ହୁଏ । ବିଶେଷତଃ ସମ୍ବଲପୁର ଅଞ୍ଚଳରେ ଉକ୍ତ ଯଜ୍ଞାନୁଷ୍ଠାନର ପ୍ରସିଦ୍ଧି ଅଛି । ବର୍ଷାନୁବର୍ଷ ଏହି ଅନୁଷ୍ଠାନଦ୍ୱାରା ଅର୍ଥ ଏବଂ ସ୍ୱାସ୍ଥ୍ୟ ତଥା ସାମାଜିକ ମାନମର୍ଯ୍ୟାଦା ଦୃଷ୍ଟିରେ ଜନସାଧାରଣଙ୍କର ଲାଭ ଅପେକ୍ଷା କ୍ଷତିର ପରିମାଣ ଅଧିକ ହୁଏ । ତଥାପି ଏଇ 'ହରିହାଟ' ବା 'ହରିଯଜ୍ଞ'ର ଅନୁଷ୍ଠାତା ଓ ପରିଚାଳକବର୍ଗଙ୍କ ପକ୍ଷରେ ଏହା ଗୋଟାଏ ଧାର୍ମିକ ବ୍ୟବସାୟରେ ପରିଣତ ହୋଇଗଲାଣି ।

(୨) ଭୁତ୍‌ଭୁତିଆ—ସନ୍ଧ୍ୟାକାଳୀନ ଅନ୍ଧାର ।

(୧) ଧାଙ୍ଗ ଟୋକା ମୁହିଁ    ନ ହେଲେହେଁ ଟେ
ଲୋକ କହନ୍ତି ଏ ଦେଶ,
(୨) ଲେଉଟି ସେ ଯୁବା    ଅନାଇବ ମୋତେ
ସରେ ତା' ଆୟୁଷ ଶେଷ ।

ଜଳଜଳଗା ମୋ    ବିଜୁଳିବତିର
ଆଭା ଲାଗିଲେ ତା' ମୁହେଁ,
ଚମକୁଥିବ ସେ'    ସାଗ୍ରସ୍ତ, କଥା
ହୋଇ ନଥିଲେହେଁ ଦୁହେଁ ।

(୩) ଜନ୍ମେ ମୋର ନନା    ପିଲାବେଳେ ନାନା
ରୋଗେ ଭୋଗିଥିଲ ଦୁଃଖ,
ଏବେ କିଛି ଦୁଃଖ    ଜଣାନାହିଁ ମୋତେ
ଝୁଂଟିକଲ ଦନ୍ତ ମୁଖ ।

ମାସ ଥରେ ଅରେ    ଟେକାଣି କାହିଁକି
ବଦଳିଯାଏ ମୋ ଭାଣ୍ଡ,
ଖାଇବାକୁ କିଛି    ରୁଚେ ନାହିଁ, ଯାହା
ଖାଏ ହୋଇଯାଏ ବାନ୍ତି ।

ଗଉନ୍ତିଆ ବାବୁ    ଶୁଣିଲେ ଏସବୁ
ଔଷଧ ଦ୍ୟନ୍ତି ପଠେଇ,
ବାଟି ସେ ଔଷଧ    ପିଇଦେଲେ ମୁଣି
ପଠେଇ ଦ୍ୟନ୍ତି ମିଠେଇ ।

(୪) ବାଧିକା ହେଲେ ସେ    ପ୍ରାଣରାଧିକାର
ଛୁଇଁ ନ ଦେଖନ୍ତି ଦେହ,

---

(୧) ଧାଙ୍ଗ—ଡେଙ୍ଗ, କୋଣ୍ଡ । (୨) ଅନେକଙ୍କ ଧାରଣା, ନାଗରୂପଧାରିଣୀ କୌଣସି ଦେବୀଙ୍କ ଆକସ୍ମିକ ସାକ୍ଷାତ ଘଟିଗଲେ ସମ୍ମୁଖୀନ ବ୍ୟକ୍ତିକୁ ଦେବୀ ସତର୍କ କରି ଦିଅନ୍ତି ଯେ, ପଛପଟକୁ ସେ ଲେଉଟିବ ନାହିଁ । ଯଦି ଲେଉଟିବ, ଦେବୀଙ୍କ କୋପରେ ଅବାଧ୍ୟ ବ୍ୟକ୍ତି ମରିଯିବ ।

(୩) ନନା—ପିଉସୀ । (୪) ବାଧିକା—ବେମାର । ପ୍ରାଣରାଧିକା—ଏ ସ୍ଥଳେ ନିଜ ସ୍ତ୍ରୀ ପ୍ରତି ପ୍ରଯୁକ୍ତ ।

କେମନ୍ତେ ଜାଣିବ ମୋହଠାରେ ତାଙ୍କ
କାହିଁପାଇଁ ଏତେ ସ୍ନେହ !

ନୁହେ ମୁଁ ଡାକିନୀ ନୁହେ କୁହୁକିନୀ
ନୁହେ ମୁଁ ପରଦାୱାଲୀ,
ନଜାଣେ ମୋହିନୀ ମନ୍ତ୍ର, ଜାଣେନା'
ମନ ବିମୋହିନୀ ଚାଲି ।

(୧) ସୁନାର ପଏଁର ବାକସେ ପଡ଼ିଛି
କିଶୋରୀ ବୟସୁଁ ମୋର,
ପଇଁରକୁ ଦେଖି କେତେ ଭାବ ଚାଖି
ମନେ ହୋଇଯାଏ ସୋର ।

(୨) ଗୁଢହାତେ ଆମ ଗୁପଚରେ ସେ'ଠା
ମାରୁଆଡ଼ୀଘର ପିଲା,
"ଖଟିଗଲା ବେଳେ ପିନ୍ଧିବୁ" ବୋଲି ସେ
ଚିଠି ଲେଖି, ଦେଇଥିଲା ।

ଥୋଇ ଦେଇଛି ମୋ ପାଟଶାଢ଼ୀ ପୁଣି
ନାକ-କାନ-ଅଲଙ୍କାର,
ଏ ପୁଝା ବୟସେ ଅବୁଝା ମାନସେ
ଛୁଇଁ ନାହିଁ ଅହଙ୍କାର । *

ଠାକୁରାଣୀ ସାଜ ଚାକରାଣୀ ଖୋଜ-
ବାକୁ କାହିଁ ମୋର ଧନ ?

---

(୧) ପଏଁର, ପଇଁର—ପାଦାଭରଣବିଶେଷ (ପଶ୍ଚିମ ଶବ୍ଦ) ।
(୨) ଗୁଢ—ଚାକର ।

* ହଟେଇ ନେଇଛେଁ ଡ଼ଁଣି ଝଲ୍‌କା
ନାଇଁ ଜାନେଁ ବଲିଁ ମୁହିଁ ମଲ୍‌କା
ତଥାବି ତ' ଅଧେ ଲୋକ୍ ବଲ୍‌ସନ୍
ମଲ୍‌ମଲି ମୁହିଁ କଅ୍‌ଲକତା ।
ଶୁନ ଗୋ ମା' ବହନେ........!

ଦୁଇଯୋଡ଼ା ପାଣି ଦ୍ୱ' ବେଳକୁ ଆଣି
ନିଜେ ମୁଁ କରେ ରନ୍ଧନ ।

କାଖେ ମୁଣ୍ଡେ ମୋର ଥାଏ ଯେଣୁ ପାଣି-
ଭର୍ତ୍ତି ଦୁଇଟି ମାଠିଆ,
ଦିନେ ଦିନେ ଥକି ପଡ଼ିବାରୁ ବାଟେ
ହୁଏ ଥରେ ଥରେ ଠିଆ ।

ବଟର ଦୁନିଆଁ କା' ମନର ନିଆଁ
ଖୋଜିବ କିଏ କାହିଁକି ?
ଠିଆ ହେବା ଦେଖି କହନ୍ତି ଅନେକେ
ବାଟେ ଅନାଏ ଗୁଇକି ।

ଓହ୍ଲାଇ ରଖିଲେ ମାଠିଆ ଯୋଡ଼ାକ
ଜୀବନ ଲଗେ ଉଶ୍ବାସ,
ଚେହେରା ସଜାଇ ଯିବାକୁ ବାହାରି
ମନକୁ ଦିଏ ଉଲ୍ଲାସ ।

କେହି ଯୁବତୀର ଛିନ୍ନୀ ହେଲେ ଘର
(୧) ରଖେ ସେ' ସାଥି-ଶୁଆଣ୍ଡି,
ମୁଁ ତ ଏକାକିନୀ, ଯେ ଯାହା କହିଲେ
ସବୁ ସହେ ମୋର ଗୁଣ୍ଡି ।

ଅନେକେ ଖୋଜନ୍ତି ଧନ ଜନ ମାନ
ମୋ' ମନ ନୁହେ ସେପରି,
ସ୍ନେହ-ପ୍ରୀତିରେ କଟାଏ ଜୀବନ
ହେବ ନାହିଁ ତ ଅମରି ।

ଘର ପର ମୋର ସଭିଏ ସମାନ
ଗାଆଁ ପରଗାଆଁ ଏକ,
ଭ୍ରାତା-ଭଗିନୀରେ ଭେଦଭାବ ନାହିଁ
(୨) ଭୁଲିଯାଏ ନାତା-ଟେକ ।

(୧) ଶୁଆଣ୍ଡି—(ଇଭ୍ରୁସ୍ଥ ଲିଙ୍ଗ) ମୂଲ ନେଇ ଯେ ଅନ୍ୟର ଘରେ ଶୁଏ ।
(୨) ନାତା—ମାନ୍ୟତା, ଯଥା—ଭାଇ, ଭଉଣୀ, ଖୁଡ଼ୁତା, ମାମୁଁ ଇତ୍ୟାଦି ।

ବଜାରରେ ଜଣେ ଖଜା ଦୋକାନୀଙ୍କି
ଦେଖି ସହାସବଦନ,
ପଚାରିଲି, ବାବୁ ! କୁଶଳ ତ' ସବୁ
ଉଲ୍ଲାସେ ଅଛି ତ' ମନ ?

ଦୋକାନର ଘର ଦେଇ ଜଣକୁ ସେ'
ଠାରି ମୋତେ ଅନ୍ତରାଳେ,
ନେଉଥିଲେ କିଛି ଗୋପନୀୟ କଥା
କହିବାକୁ, ଏହି କାଳେ ।

ଆମ ଗାଁର କେତେ ବଜାରୁଣୀ ତାହା
ଅନାଇଁ କଲେ ବାହାନା,
ମାଆ ବୁଢ଼ୀକି ମୋ କହିଲେ, "ଏ ଗୁଡ଼-
ଆଣୀର ମୁଖ ଚୁହାଁନା' ।"

କଥାରେ ମୋ ଜାତି ଖସିଗଲା ତ' ସେ
ବସିଲା ଯାଇ କା' ମୁଣ୍ଡେ ?
ଖଜାଦୋକାନୀର ଜାତି ପଶିଲା କି
ବଜାରୁଣୀଙ୍କର ତୁଣ୍ଡେ ?

ଜାତିଆଣୀ ସତୀ- ରାଣୀଙ୍କର ଜାତି
ସୁନେଲି ରଙ୍ଗ ସେବତୀ,
ନାକଫଟା ଗନ୍ଧ ବାହାରୁଛି ତା'ର
ଭିତରୁ ଗୋବର-ଛତି ।

ଗାଆଁ ମକଦ୍ଦମ, ପଣ୍ଡାବୁଢ଼ା ଆଦି
କି ହେବ ଜାତିଆ ହେଲେ,
ଗଣ୍ଡା, ଘାସୀ-ଘର ତରୁଣୀ ଙ୍କ' ତାଙ୍କୁ
ଡରୁଥାନ୍ତି ରାତିବେଳେ ।

ଚୂପୁରାଲୁଚ୍ଚିଙ୍କ ମୁହାଁ ପୋଡ଼ଯାଉ
ପୋଡ଼ୁ ସେ ଚୂପୁରାଲୁଚ୍ଚା,

(୧) କେ’ ଦେଖିଛୁ ମୋର ଦୋଷ ଗୁନ୍‌ହା କିଛି
ବୋଲନ୍ତୁ ଯା’ ଛି ଛି କୁଠା ।
ସନ୍ତଙ୍କ ଆଖି ତ’ ଅପବିତ୍ର ହୁଏ
ଆନାଇ ମୋତେ ପଥରେ,
ବଡ଼ଦେଉଳରେ ଚିତ୍ର ମୂର୍ତ୍ତିଁ ତାଙ୍କ
ନେତ୍ର ପୂତ ହେଉ ଥରେ ।

ମୋ କଥାରେ ଯେଉଁ ଭକ୍ତଙ୍କ ମରମେ
ଭେଦୁଛି ପରମ-ବ୍ୟଥା,
ସେ ଚିତ୍ତେ ନଜର ଦେଲେ କଁପା ଜନ
ନ ଯାଉଛି ତାଙ୍କ ମଥା ?

(୨) ଅକୃତ୍ରିମ ପ୍ରିୟ ଅଭିନୟ ଯିନା
ଜୀବନ ଗଠନ କରେ,
ଶାସ୍ତ୍ର-ସାରଦର ସାରଧାର କାହିଁ
ଶୃଙ୍ଗାର ଭୂଷା ହରେ ?

କିଶୋରୀ ଜୀବନେ ନବ ଯଉବନେ
ଯେ ଶମ୍ଭୁ ଦେଲା ଚରଣ,
ରସିକା ପ୍ରେମନେ ନାଟ୍ୟ ଦରଶନେ
ନଷ୍ଟ ହେଲା ଆଚରଣ ।

ଯେଉଁ ସୁନାମଣି ସାଜ ରାଧାରାଣୀ
ରହେଁ ନ ରହିଁଲା ଘର,
ନାଚ ନାଚ ଗାଇ ଛଳୁଚା ନୟନ
ସେ’ ମୋ ମନ ନେଲା ହରି ।

ଥାଳୀ ତୋଳି କରେ ଯେବେ ଅଳି କରେ
ଆଳୀବଳେ ହସିହସି,

(୧) ଗୁନ୍‌ହା—ଅମାର୍ଜନୀୟ ତ୍ରୁଟି ।

(୨) ମହାତ୍ମା ମହାପୁରୁଷଗଣ ନିଜ ନିଜ ଜୀବନ-ନାଟକରେ ଯାହା ଦେଖାଇ ଛନ୍ତି, ତାହାହିଁ "ଅକୃତ୍ରିମ ପ୍ରିୟ ଅଭିନୟ" ।

ଅଳଗୀର ସଙ୍ଗେ କାମକାଣ୍ଡ ଅଙ୍ଗେ
ଯାଉଥାଏ ପଶିପଶି ।

ତରୁଣୀଙ୍କ କରୁ ମୁଦ, କଣ୍ଠି ମାଳ,
କଅାପଶୀ, ମଞ୍ଜି କଡ଼ି,
ଦିଆ ହେବା ବେଳ ନ ଠାଳ ତା' ଥାଳୀ
ପରେ ପଡ଼ୁଥାନ୍ତି ଝଡ଼ି ।

ଥାଳୀରେ ନଥୋଇ ଦିଏଁ ଯା ଧରାଇ
ଖଞ୍ଜି ରଖିଥିବା ପାନ,
ପାନ ନୁହେ ତାହା ମଣି ପ୍ରାଣନାହା
ପ୍ରେମ-ଚିହ୍ନ କରେ ଦାନ ।

ଗାଆଁରେ ଛନ୍ତି ଯେ ସଖୀ ସଙ୍ଗାତ ମୋ'
ଗଜାମୁଗ, ଚମ୍ପାଫୁଲ,
ମହାପରସାଦ, ଗଙ୍ଗାଜଳ, କର୍ପୂ-
ପାଣି, ମକର, ବଉଳ ।

ପରାଣବନ୍ଧୁ ମୋ' କହେ ସେଇ ଏକା
ବୁଝିଛି ସବୁର ପ୍ରୀତ,
ମୁଁ ପରା ତା' ପ୍ରାଣେ ଉଲ୍ଲାସ ଦେବାକୁ
ସଇଙ୍କି ଯାଇଛି କତ ।

ଆଉ ଜଣେ କହେ, ପାଉଛି ତୋ' ଯେଉଁ
ପ୍ରେମମଧୁ-ପରସାଦ,
ମନୋଜ କ୍ଷୁଧା ମୋ' ମେଣ୍ଟିଲେହେଁ ମନୁ
ଯାଉନାହିଁ ତା' ସୁଆଦ ।

ନାଟୁଆ-ଗୁରୁ ମୁଁ ହେଲେହେଁ ତୋ ଛବି
ନାଚୁଛି ନୟନେ ମୋର,
ମତକ ମୋ' ଭଡ଼ ରଖୁଛି, ଛୁଡ଼ାଇ
ବସିଲେ ତୋ' ପ୍ରୀତି-ଡୋର ।

ଧନ୍ୟ ତୁମ୍ଭ କେତେ ମଦନରେଖାଙ୍କୁ
କରନ୍ତୁ ମହତରଖା,
ମନପରଖା ଭି' ହୋଇ ଯାଉଛନ୍ତି
ତୋ ସ୍ନେହେ ଚୁମ୍ବନରେଖା !

ଏ ସବୁ ମୋ ଗୁଣ- ପରଶଂସା ଆଦି
ପଡ଼ିଯାଏ ସବୁ କାନେ,
କାଉଛଡ଼ା ଡମ୍ଫ ପରି ଲମ୍ଫ ଦେଇ
ଉଠନ୍ତି ଜାତିଆମାନେ ।

ଭୁଲିଗଲା ବାଟେ ମୋ ଘର ନିକଟେ
ଭୁଲିଯାଏ ତାଙ୍କ ଜାତି,
ଛାତି ଫୁଲାଇ ମୁଁ କଥା କହୁଥିଲେ
ଫାଟି ଯାଉଥାଏ ଛାତି ।

ଯାହା କଲେ ସବୁ ଯଜ୍ଞଷ୍ଟି କରମ
ଆଦର ଲାଗିଁ ରହିଛି,
ଜାତିଆଙ୍କ ଠେକ- ଗୁଣମାତ୍ର ଯାକ
ଧରମ ଆଗେ କହିଛି ।

ହାଣ୍ଡିରେ ଖାଇବ ମୁଣ୍ଡକୁ ଧୋଇବ
ଯାଦେ ପଡ଼ିଲେ ଚୋରଣି,
ନପାରେ ଦେଖାଇ ଜୁହାର ମା' ଏଇ
ଜାତିଆଙ୍କ ପ୍ରୀତି ଠାଣି ।

ଜାତିଆଙ୍କ ଘର ବାପାଙ୍କୁ ଯେ ଶାସ୍ତ୍ର
ନାନା ଦୋଷେ ଦିଏ କ୍ଷମା,
ପୁରୁଷ ଜାତିର ଲେଖା ତାହା ଲେଖି
ନାହାନ୍ତି ତ' ଉମା, ରମା ।

ହେଉ ହରି, ହର ଅବା ବେଦବର
ଦେବଋଷି, ବ୍ରହ୍ମଋଷି,

ଯେ କେହି ଲେଖୁନ୍ତ'          ଆଖି ବୁଜିଦେଇ
ଲେଖିଛୁ ତା' ମନଖୁସି ।

କେଉଁ ମାନସୀ କି          ଦେବୀ ଦାନବୀ କି
ପଚ୍ଛରିଛୁ ସେ' କି କାହିଁ ?
ଯାହା ଲେଖିଦେଲେ          ପୁରୁଷ, ସେସବୁ
ବେଦ ହୋଇଯିବ ନାହିଁ !

ମନଗଢ଼ା ଶାସ୍ତ୍ର          ପୁରୁଷ-'ଦେବତା'
ନାରୀ ତା' ଚରଣ-ଦାସୀ,
ସଦ୍ୟଭୋଗ -ସ୍ୱାଦ          ଦେବତା ପାଇବ
ଦାସୀର ପ୍ରସାଦ ବାସି ।

ପହୁଡ଼ି ସମୟୁ          ହେଲେ ଦେବତାଙ୍କ
ପାଦ ପଲଙ୍କ-ଭରଣା,
କାଳବେଳ ଜାଣି          ପଦ-ଗୁଜରାଣୀ
ଧରିବ ତେଲ, ଭରଣା ।

ଚପଡ଼ ଭୂଇଁରେ          ଶୁଇଲେ ଦେବତା
ପାଦେ ଯୋତା, ହାତେ ଛତା,
ଖାଲିପାଦେ ପଛେ          ଗୋଡ଼ାଇବ ଦାସୀ
ପଣନ୍ତେ ଘୋଡ଼ାଇ ମଥା ।

ଦୁରୁବଳ ବୁଢ଼ା-          ଦେବତାର ଯୋଗ୍ୟ
କୋମଳବୟସୀ ଦାସୀ,
ପାକୁଆପାଟିକୁ          କଦଳୀ-ଶାକର
କିଏ ନ ଦେବ ସାବାସି !

ସହି ହୁଏ ନାହିଁ          କହି ହୁଏ ନାହିଁ
ପୁରୁଷଙ୍କ ସାତନାତ,
ସରବ ସହଣୀ-          ଗୁଣେ ସିନା ତାଙ୍କୁ
କୋଳେ ଧରିଛି ଧରଣୀ !

ଦଶମାସ ମାଆ ଗର୍ଭେ ବହି ଶିଶୁ
ମୁଖେ ଦିଏ କ୍ଷୀରପାନ,
ଶୋଷ ଭୋକ ସହି ସନ୍ତାନର ପାଇଁ
ପାଳେ ଓଷା ବ୍ରତମାନ ।

ମାଆ ସାଥି ଜଣେ ଥିବା ଯୋଗୁଁ ସିନା
'ବାପ' ବୋଲି ପଡ଼େ ଜଣା,
ଏ ନଶ୍ଚେ ମୋ ବାପ ବୋଲି କି ଅଛି ବା'
ବାପ-ପ୍ରମାଣ ଠିକଣା ।

ତଥାପି ସନ୍ତାନ ବାପ ନାମେ ହୁଏ
ସମାଜରେ ପରିଚିତ,
ଜନ୍ମ ଦେଇ ସୁଦ୍ଧା ସନ୍ତାନାଧିକାରୁ
ଜନନୀ ସଦା ବଞ୍ଚିତ ।

କେ କହିବ କେତେ କାଳୁ ଚାଲୁଛି ଏ
ପୁଂସର ପକ୍ଷପାତିତା ?
ନାରୀ ବୁଝିଛି ମୋ' ଭାଗ୍ୟ ଏହା ଗାରି
ଦେଇଛନ୍ତି ଜଗତପିତା ।

ଶୁଣୁ ମାଆ ମୋର କହୁଥିଲେ ଦିନେ
ମୂଢ଼ ବାପ କଥା ମାନି,
ପୁରୁବରେ କିଏ ପର ନିଜ ମାଆ
ମୁଣ୍ଡ ଦେଇଥିଲା ହାଣି ।

ଧିକ ସେ ପାଷଣ୍ଡ ଧିକ ତା' ଜନମ
କି ପ୍ରାଣେ ମାତୃରକତ,
ବୋଳି ନିଜ କରେ ନାରୀଙ୍କ ସମାଜେ
ବୋଲାଏ ପିତୃଭକତ !

ଯେଉଁ ଶାସ୍ତ୍ରେ ଯେଉଁ ପୁରାଣେ ଏ ପାପୀ
ମାତୃହନ୍ତାର ଦୁର୍ମତି,

ପିତୃଭକ୍ତ ରୂପେ ଲେଖା ହୋଇ ପୁଣି
ସମାଜକୁ ଦିଏ ପ୍ରୀତି ।

ସେହି ଶାସ୍ତ୍ର ସେହି ପୁରାଣ ସେ' ମାତୃ-
ଧାତ୍ରୀର ଜାତି ସମାଜ,
ସ୍ୱାହାପତି ଗର୍ଭେ ଅର୍ପିତ ହେଲେହେଁ
ସ୍ୱାହା ଦେବୀଙ୍କି ତା' ଲାଜ !

ଯେଉଁ ସନ୍ତାନର ବାପ ବୋଲି ଆଗେ
ବାପ ନାମ ହୁଏ ଲେଖା,
କେତେ ସ୍ଥାନେ ସେଇ ସନ୍ତାନର ଭାଗ୍ୟେ
ନମିଳେ ବାପର ଦେଖା ।

ଗୁପତ ପ୍ରେମର ନିୟମ ଶପଥ
ଉଭେଇଯାଏ ସକଳ,
ରୋପଣ କରତା ମନେମନେ କହେ
ଖେତ ସମ୍ଭାଳୁ ତା' ଫଳ ।

ଭାଇ ବାପ ଯଦି କହିବେ ତୁହି ତ'
(୧) ନୋହୁ କୁନ୍ତୀ, ଦ୍ରଉପଦୀ,
ଦି' ତିନି ଜଣଙ୍କୁ ଦେଖାଇ ଏ ବୋଝ
କା' ମୁଣ୍ଡେ ପାରିବୁ ଲଦି ?

କା' ଅନୁଗ୍ରହରୁ ଦୁହିତ ତା ତନୁ
ନଜାଣେ କି ପ୍ରେମବଶି,
କି କରିବ ପ୍ରଶ୍ନା- ମଧ୍ୟଁ କେହି ଯଦି
ଥିବ ତା'ର ଗୁପ୍ତ ପତି !

ସରଳ ପ୍ରେମିକ ସତ୍ୟବ୍ରତ ଲୋକ
ନ ହୁଏ କେବେ ପାତକୀ,

(୧) ପୂର୍ବଭାରତରେ ମହିଳା ମହଲରେ କୁନ୍ତୀ, ଦ୍ରୌପଦୀ ଆଦି ବହୁଭର୍ତ୍ତୃକା ହେଲେ ମଧ୍ୟ ଏମାନଙ୍କ ସତୀତ୍ୱ ଓ ପାତିବ୍ରତ୍ୟ ପୁରାଣସ୍ୱୀକୃତ ।

ଭୁଟି ପାରୁଛୁ ସେ’ ପାତକୀରୁ ମହା-
ପାତକୀ ପ୍ରେମଘାତକୀ ।

ଜାଣି ଗର୍ଭସ୍ଥର କେତେ ସ୍ଥାନେ ନାରୀ
ଲୋଡ଼ୁଥାଏ ଔଷଧ,
ତଥା କାଟି ପୁଂସ ପଢ଼ୁଥାଏ "ମହା-
ପାପ ଗର୍ଭ-ଶିଶୁ-ବଧ ।"

ଏ ଗୁପତ ପାପ- କଳଙ୍କ କାଳିମା
ହେବାପାଇଁ ମୁଖେ ବୋଳ,
ଲେଖିଛୁ କି ପୁଂସ ନାରୀଜାତି-ପୁଷ୍ପ
ପୁରୁଷ-ଭ୍ରମର ବୋଲି ?

ସୃଷ୍ଟିରକ୍ଷା ପାଇଁ ଆଦ୍ୟ ଜାତି ଦୁଇ
ଅଛନ୍ତି ସ୍ତ୍ରୀ-ପୁରୁଷ,
ସେଦେହୁ ବହୁଛି ଆଦ୍ୟରସ, ମନ
ମୋହୁଛି ଯୁଗଳ ଦୃଶ୍ୟ ।

ଯେଉଁ ଆଦ୍ୟକବି ଉଭୟ ଅନୁଭବୀ
ପୁରୁଷକୁ ଭୃଙ୍ଗ କଲା,
କେଉଁ ନଶାଘୋରେ ପୁରୁଷ-ଭୃଙ୍ଗର
ଭୃଙ୍ଗୀକି ସେ ଭୁଲିଗଲା ?

ପୁରୁଷ ଯଦ୍ୟ ବା ଭ୍ରମର ତା’ ସ୍ତ୍ରୀ
ଭ୍ରମରୀ କାହିଁ ନ ହେବ ?
କେଉଁ ଯୁକ୍ତି ବଳେ କାହିଁକି ଲଳନା
ଫୁଲର ତୁଳନା ନେବ ?

ଫୁଲ ରସିକା ତ’ ନାରୀଜାତି, ପୁଂସ
ନେଇ ଫୁଲ-ବ୍ୟବହାର,
‘ଦୋଷୀ’ ଦୁରୁଗନ୍ଧ- ଫୁଲ ଦଶା ନେଇ
‘ଗୁଣୀ’ ହେଉ ଗଳାହାର ।

ସବୁ ଫୁଲେ କାହିଁ ସମ ମଧୁ, ସମ
ସୁଷମା, ସମ ସୌରଭ ?
ରସିକା-ଭ୍ରମରୀ ନେଜେ ବାରବନ
ପ୍ରିୟ ପୁଷ୍ପ-ପ୍ରେମାସବ ।

ସେକାଳେ ପୁରୁଷ ନିଜ ଭ୍ରମ ଦୋଷ
ବୁଝିନେବ ଅନୁଭବେ,
କେତେ ପକ୍ଷପାତୀ ହୋଇଛୁ ତା' ଜାତି
ସ୍ୱାଧୀନ ସୁଖ-ବିଭବେ !

ନିଜ ମନେ ପୁଂସ ସୁନା ହେବ ଯେବେ
ସୁ-ନାରୀ ହେଉ ସୁନାର,
ସୁନା କି ପିତଳ ପରଖି ରଖୁ ସେ'
କଷ୍ଟ-କଷଟିରେ ଗାର ।

ଏ ଆଇନ ଯେବେ ପ୍ରଚୁରିବ, ପୁଂସେ
ନ ପଚୁରି ନାରୀଜାତି,
ଗର୍ଭପୀଡ଼ା ଜାଣି ନଥିଲେ ହେଁ ପୁଂସ
ଲୁଚ୍ଛେଇବ ଦିନରାତି ।

ହେବେ ତହିଁ ବାର ଯେତେ ଭେଖଧାରୀ
ସାଧୁ-ଜ୍ଞାନୀ-ବ୍ରହ୍ମଠକ,
(୧) ଶୁକ ରୂପ ଧରି ଭଜୁଛନ୍ତି ହରି
ଯେଉଁ ଶାଗୁଣା ପେଚକ ।

(୨) ଫୁସୁରୁଫାସର କାନକୁହା ସ୍ୱର
ମୋ ମୁଖରେ ଆସେ ନାହିଁ,

---

(୧) ଶୁକ—"ଶ୍ରୀ ଚନ୍ଦ୍ରଧର" ବୋଲି ଘୋଷୁଥିବା ପିଞ୍ଜରାବଦ୍ଧ ଶୁଆ ପକ୍ଷୀ । (ଅନ୍ୟ ଅର୍ଥରେ) ବ୍ୟାସପୁତ୍ର ଶୁକଦେବ । ଏହି ମହାତ୍ମା ଆଦର୍ଶ ତତ୍ତ୍ୱଜ୍ଞାନୀ ଓ ଆବାଲ୍ୟ ବ୍ରହ୍ମଚାରୀ ଥିଲେ ।

(୨) ଫୁସୁରୁଫାସର—ଗୁପ୍‌ଚୁପ୍‌ କଥା ।

ମୋ କଥା ପ୍ରମାଣ ଯେ' ଖୋଜବ, ଦେବ
ଗୋଟିକ ଗୋଟି ଚହ୍ଲାଇ ।

ସେ ଭଲ ଚରନ୍ତ ଥିଲେ ସୁଦ୍ଧା ସତ
କଥାରେ କି ଲାଜ ଡର ?
ଜଳେ ବୁଡ଼ି ଜଳ ପିଇଲେ ହେଁ ଜଳ-
ଦେବୀଙ୍କି କି ଅଗୋଚର ?

ଘରେ ବା' ବାହାରେ ଯାହା କରେ ମୁହିଁ
କହୁଛିଏ ସତ କଥା,
ମୋ ମନେ ପରତେ **ସତ** କଥାରେ ହିଁ
ଅଛି ଧରମଦେବତା !

ସେ ମୋତେ କାମୁକୀ ବୋଲୁଛନ୍ତି ମୁଁ କି
ନୁହେ ତାଙ୍କ ଝିଅ-ବହୂ ?
ମୋ କାମୁକୀ ଗୀତ ଶିଖୁଛି ଯେ' ସଖୀ
ମୋପର ସେ' ସତ କହୁ ।

ସତ କହିବାକୁ ସତ ସହିବାକୁ
ଯେ' ଜାତିକି ମାଡ଼େ ଲାଜ,
ପାପବୁଦ୍ଧି ପାଇଁ ଥିବ କପାଁ, ପୋଡ଼ି
ଯାଉ ସେ ଜାତି-ସମାଜ !

# ସୁରଙ୍ଗୀ

# ଖଣ୍ଡିଏ ପତ୍ର

ପ୍ରିୟ ଖଗେଶ୍ୱର ବାବୁ !

ଆପଣଙ୍କର 'ସୁରଙ୍ଗୀ' କାବ୍ୟର ପାଣ୍ଡୁଲିପି ଆମୂଳାନ୍ତ ପାଠ କରି ଅତୀବ ପ୍ରୀତ ହୋଇଅଛି । ଏ କାବ୍ୟରେ ଆପଣଙ୍କର କବିପ୍ରତିଭା ସ୍ପଷ୍ଟ ଫୁଟି ପାରିଅଛି । ସ୍ଥାନେ ସ୍ଥାନେ କବିତାର ଭାବ ଓ ଭାଷା ଆଉ ଟିକିଏ ସମ୍ଭ୍ରାନ୍ତ ହୋଇଥିଲେ ଅଧିକତର ମନୋହର ହୋଇପାରିଥାନ୍ତା । ଯାହା ହେଉ ଭାବ ଓ ଭାଷା ପରସ୍ପର ମହତ୍ତ୍ୱ ବିକାଶରେ ପ୍ରତିଯୋଗିତା କରୁଥିବାର ଦେଖି ଭବିଷ୍ୟତ୍ ପାଇଁ ଆଶାନ୍ୱିତ ହେଲି ।

ଭାଷାର ଲାଳିତ୍ୟ ରକ୍ଷା ଓ ଉପଧା ସହିତ ପ୍ରାନ୍ତବର୍ଣ୍ଣର ମିଳନରେ ଆପଣ ଯେଉଁ ଶକ୍ତିମତ୍ତା ଦେଖାଇ ପାରିଛନ୍ତି ତାହା ତ ଏକ ଉପଭୋଗ୍ୟ ବସ୍ତୁ । ଏହା ଭିନ୍ନ ଅନେକ ସ୍ଥଳରେ ବିଶେଷତଃ ନୈଶିକ ବର୍ଷା ତଥା ପ୍ରଭାତ, ମଧ୍ୟାହ୍ନ, ସନ୍ଧ୍ୟାଦି ପ୍ରାକୃତିକ ବର୍ଣ୍ଣନାରେ, ସରସ ଓ ସୁନ୍ଦର ଭାବ ଯୋଜନାରେ, ରଚନାର ଭଙ୍ଗୀରେ, କଳ୍ପନାର ଗୃଢ଼ଗତିରେ, ବୁଦ୍ଧିର ତର୍କଣାରେ, ସୂକ୍ଷ୍ମ ଦୃଷ୍ଟିଶକ୍ତିର ତୁଳନାରେ ଯେଉଁ ମୃଦୁ ମାଧୁରୀ ବୋଳି ଦେଇଅଛନ୍ତି, ତାହାର ଆସ୍ୱାଦ ଉପଭୋଗ କଲେ ଆପଣଙ୍କ ଶିକ୍ଷା ଓ ବୟସ ବିବେଚନାରେ ଯେ କେହି ସହୃଦୟ ପାଠକ ନିଶ୍ଚୟ କହିବେ—ଏହା ବିକାଶୋନ୍ମୁଖୀ କବିପ୍ରତିଭା ଭିନ୍ନ ଆଉ କିଛି ନୁହେ ।

ସରଳ ଲଳିତ ତଥା ସାର୍ଥକ ପଦର ପ୍ରୟୋଗ ଗୁଣରେ ଅନେକ ସ୍ଥଳର ରଚନା ସ୍ୱତଃ ଲେଖନୀମୁନରୁ ଝଡ଼ିପଡ଼ିଥିଲା ପରି ମନେ ହେଉଛି । ଫଳତଃ କାବ୍ୟଖଣ୍ଡି ସୁଖପାଠ୍ୟ ତଥା କୌତୁକାବହ ହୋଇପାରିଅଛି ।

ଦୁଇ ତିନୋଟି ବର୍ଷ ତଳେ ଆପଣଙ୍କ କେତୋଟି ରଚନା ଦେଖିଥିଲି । ସେଥିରେ ମୁଁ ଏତେ ଦୂର ମୁଗ୍ଧ ହୋଇ ପାରି ନ ଥିଲେହେଁ ଆପଣଙ୍କ

ନୈସର୍ଗିକ ଶକ୍ତିର କିଞ୍ଚିତ୍ ପରିଚୟ ପାଇଥିଲି । ଏଥର ଏହି 'ସୁରଙ୍ଗୀ' କାବ୍ୟର ପାଠରେ ତାହା ସ୍ପଷ୍ଟ ହୋଇଅଛି ।

ନାନା ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସୁଦ୍ଧା ଆପଣ ଯଦି ଏ ଦିଗରେ ଲକ୍ଷ୍ୟ ସ୍ଥିର ରଖି କିଛି ଦିନ ଅଧ୍ୟବସାୟନିରତ ହୁଅନ୍ତି, ତେବେ ପ୍ରଭୁଙ୍କ ଇଚ୍ଛାରେ ଆପଣ ଅଚିରେ କବି-ଶ୍ରୀ-ମଣ୍ଡିତ ହୋଇ ଦେଶଖ୍ୟାତ ହୋଇ ପାରିବେ । ଏହା ମୋର ଅଭ୍ରାନ୍ତ ବିଶ୍ୱାସ ବୋଲି ମନେ ହୁଏ ।

ଦୁଃଖ ଦୈନ୍ୟକୁ ପ୍ରତିକୂଳ ମନେ ନକରି କବିଜୀବନର ଅନୁକୂଳ ଜ୍ଞାନରେ ଏ ପଥରେ ସୋତ୍ସାହ ଅଗ୍ରସର ହେଲେ ସାଫଲ୍ୟ ଲାଭ ସୁନିଶ୍ଚିତ ।

ଏ ଦେଶରେ କବିର ଧୈର୍ଯ୍ୟଚ୍ୟୁତି ଘଟିବା ଅତି ସ୍ୱାଭାବିକ । ସେଥିପାଇଁ ବର୍ତ୍ତମାନ ବା ଭବିଷ୍ୟତରେ କ୍ଷୁଣ୍ଣ ହେବେ ନାହିଁ—ଅନୁରୋଧ ।

ଦୀନବନ୍ଧୁ ଆପଣଙ୍କର ଦୀନ ଜୀବନର ସହାୟ ହେଉନ୍ତୁ—ଏହା ମୋର ତୃପ୍ତ ପ୍ରାଣର ମୁକ୍ତ ବାସନା । ଇତି ।

ବରପାଲି,
୫-୧୧-୩୬

ଆପଣଙ୍କର ଗୁଣମୁଗ୍ଧ
**ଶ୍ରୀ ରାଘବ ମିଶ୍ର**

# ଅଭିମତ

'ସୁରଙ୍ଗୀ'ର ପାଣ୍ଡୁଲେଖ୍ୟ ପାଠକରି ମୁଁ ପ୍ରୀତ ହୋଇଅଛି । ରାଧାନାଥ, ଗଙ୍ଗାଧର ଓ ଚିନ୍ତାମଣି କବିତ୍ରୟଙ୍କ ସମ୍ମିଶ୍ରିତ ଶୈଳୀର ସଂଯୋଜନ ସଙ୍ଗେ କବି ସ୍ୱୀୟ ଶୈଳୀର ସ୍ୱାତନ୍ତ୍ର୍ୟ ରକ୍ଷା କରି କାବ୍ୟଟିକୁ ସୁଖପାଠ୍ୟ ତଥା ମନୋହର କରିପାରିଛନ୍ତି । ସମାଜଶିକ୍ଷାର ଦୃଷ୍ଟିଭଙ୍ଗୀରେ ଅନ୍ଧକାର ପରେ ଆଲୋକ ପ୍ରଦର୍ଶନ ଚିନ୍ତାଶୀଳତାର ପରିଚୟ ଦିଏ । ପ୍ରକୃତି ପର୍ଯ୍ୟବେକ୍ଷଣ ଓ ତାର ଯଥାଯଥ ଚିତ୍ରଣରେ ମଧ୍ୟ କବିଙ୍କ କମ୍ ଶକ୍ତିର ପରିଚୟ ମିଳିନଥାଏ । ଊଷା ପ୍ରକୃତିର ମନୋଜ୍ଞ ତଥା ଜୀବନ୍ତ ଚିତ୍ରଣ, ଏହାର ଏକ ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇପାରେ । ଏହା ବ୍ୟଞ୍ଜିତ ନାଟ୍ୟସୁଲଭ ଭାଷା ଶୃଙ୍ଖଳାର କୌତୂହଳୋଦ୍ଦୀପକ ସରସ ଚିତ୍ରଣ ସହ କବି ଯେପରି ହସାଇ ପାରିଛନ୍ତି, ସେପରି କବିଜନୋଚିତ ସୂକ୍ଷ୍ମଦୃଷ୍ଟିର କୃତିତ୍ୱ ମଧ୍ୟ ଦେଖାଇ ଦେଇଛନ୍ତି । କାହିଁ କାହିଁ ସୀମିତ ସ୍ଥଳରେ ଉଚ୍ଚ ଭାବସମୂହର ଏକତ୍ରୀକରଣ ତଥା ପ୍ରସ୍ଫୁଟନ ସ୍ଥିତପ୍ରଜ୍ଞ-ଲେଖନୀର ସୂଚନା ଦିଏ । ବିଶେଷତଃ ହାର୍ଦ୍ଦିକ ବ୍ୟାକୁଳତାମୟ ହାହାକାରପୂର୍ଣ୍ଣ ଦୀନଜୀବନର ସତ୍ୟ-ଜୀବନ୍ତ ଦୁଃଖ-ବାଦର ଚିତ୍ରଣରେ କାବ୍ୟର ରସାନୁଭୂତି ସ୍ପଷ୍ଟ ଓ ସହଜ ହୋଇପାରିଛି । ସୁତରାଂ ରସୋତ୍ତୀର୍ଣ୍ଣ ବିନ୍ୟାସରେ କାବ୍ୟଟି ପ୍ରାୟ ସୁରୁଚିସମ୍ପନ୍ନ । ଅଳ୍ପ କଥାରେ କହିବାକୁ ଗଲେ, କବି ପାଠକଙ୍କୁ ହସାଇ ହସାଇ ଯେପରି ସାମାଜିକ ଶିକ୍ଷା ଦେଇଯାଇଛନ୍ତି, ସେହିପରି ଦୁଃଖବାଦ ଚିତ୍ରଣରେ ମଧ୍ୟ ଜୀବନର ଏକ ବିଶିଷ୍ଟ ଦର୍ଶନଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରି କନ୍ଦାଇ ଦେଇ-ଅଛନ୍ତି । ତଦୁପରି କାବ୍ୟଟିର ଅଧିକାଂଶ ପଦ ସମ୍ଭ୍ରାନ୍ତ କବିପ୍ରତିଭାର ଅଭ୍ରାନ୍ତ ନିର୍ଦ୍ଦେଶ ଦେଇଥାଏ । ସୁତରାଂ କବିଚିତ୍ତର ବହୁ ଉପାଦାନ ନେଇ 'ସୁରଙ୍ଗୀ' ସୁରଙ୍ଗିମା ତଥା ସୁରଞ୍ଜିମା ହୋଇପାରିଅଛି । ଅବଶ୍ୟ ଏହାର ଭାଷାରେ ସ୍ଥଳେ ସ୍ଥଳେ ସମତା ରକ୍ଷା ହୋଇ ପାରିନାହିଁ ଓ କାହିଁ କାହିଁ ବିଷୟବସ୍ତୁର ଆନୟନ କେତେକାଂଶରେ ଅପ୍ରାସଙ୍ଗିକ ମନେ ହୁଏ ।

।

ଆଞ୍ଚଳିକ ଶବ୍ଦର ବହୁଳ ପ୍ରୟୋଗ ସର୍ବଥା ସମୀଚୀନ ହୋଇନାହିଁ । ତଥାପି କାବ୍ୟଟିରେ କବିପ୍ରତିଭାର ଯେଉଁ ଅପୂର୍ବ ବିକାଶ ଘଟିଛି, ତାହା ସର୍ବଥା ପ୍ରଶଂସାର୍ହ । ମୁଁ କବିଙ୍କୁ ଆନ୍ତରିକ ସମ୍ବର୍ଦ୍ଧନା ଜଣାଉଛି । ଇତି ।

ବେସିକ୍ ଟ୍ରେନିଂ ସ୍କୁଲ୍,
ବରଗଡ଼
ତା ୩୦-୮-୫୦

ଶ୍ରୀ କେଶବ ମେହେର

# ସୁରଙ୍ଗୀ*

( ରାଗ—ନଟବାଣୀ )

(୧) ଫୁଲଝର-କୂଳ- ବନ୍ତି-କୁଳଧାର
ଫଳମୂଳ-ଶାକ- ଶସ୍ୟଶୋଭି ଝାର;
(୨) ବୁଢ଼ାଡଙ୍ଗରର ଅଙ୍ଗଜା ସୁରଙ୍ଗି,
(୩) ଅଙ୍ଗସଙ୍ଗିନୀ ତୁ ଚିତୋପଳ ଅଙ୍ଗୀ !
ଋଷିକୁଲ୍ୟା ସ୍ୱର୍ଣ୍ଣ- ରେଖା କଲନାଦୀ
ସାଲନ୍ଦୀ ବ୍ରାହ୍ମଣୀ କ୍ଷୀର ଦନ୍ତା ଆଦି;
ନଦୀ-ଉପନଦୀ- ଇତିହାସେ ନାମ
ବସିନାହିଁ ଯେଣୁ ଭାଗ୍ୟ ତୋର ବାମ ।
(୪) ଘେଁସାଲୀ ଉତ୍ଥଲୀ ଭେଡ୍ଡେନ ହରଡ଼
ତୋହଠାରୁ ଅବା କେଉଁ ଗୁଣେ ବଡ଼ !

---

* ସୁରଙ୍ଗୀ—ଫୁଲଝର ରାଜ୍ୟର ପ୍ରଧାନ ନଦୀ ।

(୧) କୂଳବନ୍ତୀ—ନଦୀ ।

(୨) ବୁଢ଼ାଡଙ୍ଗର—ଫୁଲଝର ରାଜ୍ୟ ଅନ୍ତର୍ଗତ 'ଶୁଖାସଲ୍ ଡିହ' ଗ୍ରାମର ନୈର୍‌ଋତ କୋଣରେ ଅବସ୍ଥିତ କ୍ଷୁଦ୍ର ପର୍ବତବିଶେଷ ।

(୩) ଅଙ୍ଗ—ମହାନଦୀର ଉପନଦୀବିଶେଷ ।

(୪) ଘେଁସାଲୀ—ଏହି ନଦୀ ଘେଁସ ଜମିଦାରୀ ନିକଟରେ ପ୍ରବାହିତ । ଉତ୍ଥଲୀ—ବିଜେପୁର ଜମିଦାରୀର ଉତ୍ଥଲ ଗଡ଼ (ଆଧୁନିକ ନାମ ତାଲପଦର) ନିକଟରେ ବହି ଯାଉଥିବା ହେତୁ ଏହି ନଦୀର ନାମ ଉତ୍ଥଲୀ ହୋଇଛି । ଭେଡ୍ଡେନ—ଇବନଦୀର ଉପନଦୀ-ବିଶେଷ । ଏହା ମହାନଦୀର ଉତ୍ତରରେ ପ୍ରବାହିତ । ହରଡ଼—ସମ୍ବଲପୁର ସହର ନିକଟରେ ପୂର୍ବଭାଗରେ ପ୍ରବାହିତ ।

ତାଙ୍କ ନାମ ଆଜ ଲୋକରେ ବନ୍ଦିତ,
(୧) ଉତ୍କଳ-ଲକ୍ଷ୍ମୀର ହୋଇଛୁ ସଙ୍ଗୀତ ।
ତୋ ତୀରେ ରାଜତ ତୁଙ୍ଗ ଶୈଳରାଜ
(୨) ଲୁପ୍ତଗିରି ଠାରୁ ଲୁପ୍ତନାମା ଆଜ ।
ଆନ କଥା ଥାଉ ବୁଢ଼ାରଜା ଦେଖ
ଉତ୍କଳ ସାହିତ୍ୟେ ହୋଇଛୁ ଉଲ୍ଲେଖ ।

(୩) ବୁଢ଼ାରଜା ଅଜା ଭଲ ଭୁଙ୍ଗରାଜ
ତା ନାମରେ ଖଣ୍ଡ ପଡ଼ିନାହିଁ ଆଜ ।

ଯାହାହେଉ ନଦି, ସମସ୍ତ ଅଛୁ ତ,
ହୋଇନାହିଁ ବଧି ବଧାନ ଅଜ୍ଞାତ ।

ସମସ୍ତ ହୀରାକୁ କରିଥାଏ ଜୀରା,
ସମସ୍ତେ ରାକ୍ଷସୀ ବୋଲିଏ ଇନ୍ଦିରା ।

ସମସ୍ତ ତ' ତୋତେ ଗଢ଼ିଛୁ ସତତ
ସମସ୍ତଙ୍କୁ ତୋର ଟାକିବା ବିହିତ ।

ବର୍ତ୍ତମାନ ନେତେ ଲୋକେ ତୁ ଅଚିହ୍ନା
ହେଉ ତାର ଦେଶ ପରିସ୍ଥିତି ସିନା ।

ଦେଶର ସୁଦଶା ଆସୁ କେତେ କବି
* ଚିତ୍ରିବେ ତୋହର ମନୋହର ଛବି ।

ବିନ୍ଧ୍ୟ ପାଦପଦ୍ମେ ଢାଳ ଅଶ୍ରୁ ଝର
ଉତ୍କଳେ ଭସାଇ ଆଶୁ ଫୁଲଝର ।

କେତେ ରାଧାନାଥ ମେହେର-ମିହିର
ନବ ଅବତାରେ ଚିତ୍ରିବେ ତୋ ତୀର ।

---

(୧) ଉତ୍କଳଲକ୍ଷ୍ମୀ—କବିବର ଗଙ୍ଗାଧର ମେହେରଙ୍କ ପ୍ରଣୀତ କାବ୍ୟବିଶେଷ ।

(୨) ଲୁପ୍ତଗିରି—ସମୁଦ୍ର ଗର୍ଭସ୍ଥିତ ମୈନାକ ପର୍ବତ । ବୁଢ଼ାରଜା—ସମ୍ବଲପୁର ସହରର ରେଲଷ୍ଟେସନ ନିକଟବର୍ତ୍ତୀ ପର୍ବତ ।

(୩) ଭୁଙ୍ଗରାଜ—ସ୍ୱନାମପ୍ରସିଦ୍ଧ ପର୍ବତବିଶେଷ । ଏହା ସୁରଙ୍ଗୀର ପ୍ରଧାନ ଗଣ୍ଡ ଦେବଦର୍ହର ଉତ୍ତର ତଟରେ ଅବସ୍ଥିତ ।

* ପର୍ବତମାଳା ବେଷ୍ଟିତ ଦେବଦର୍ହର ରମଣୀୟ ଦୃଶ୍ୟ ପ୍ରତି ଲକ୍ଷ୍ୟ ।

(୧) ଲେଖମା-ଖନିସ   ବଳେ ଚନ୍ଦ୍ରାମଣି
ଫିଟାଇବେ ତୋର   ବକ୍ଷେ ରତ୍ନଖଣି ।
(୨) ମୃତ୍ୟୁଞ୍ଜୟ ସମ   କେତେ ଗୁଣଗ୍ରାହୀ
(୩) ମୃତ୍ୟୁଞ୍ଜୟ ହେବେ   ତୋର ଗୀତି ଗାଇ ।
'ତୀର୍ଥ' ଆଖ୍ୟା ଦେଇ   ସାଧୁ ଭକ୍ତଜନ
ତୋ ଜଳେ କରିବେ   ମସ୍ତକ ମଜ୍ଜନ ।
* ଯେଣୁ ତର ତୁର୍ଣ   ପାତକାନରସ୍ତୁ
ଜୁଅନ୍ତି ତୋ ନୀର-   ପାନେ ନଷ୍ଟମସ୍ତୁ ।
ଋଷି ସତ୍ୟ ଶାନ୍ତି   ଅହିଂସା ଧରମ
ହେବୁ ଜବ-ଯୋଗୀ-   ତପୀଙ୍କ ଆଶ୍ରମ ।
ସୂକ୍ଷ୍ମଦୃଷ୍ଟି-ନେତ୍ରେ   ତଥାପି ତୁଚ୍ଛର
ଅନସ୍ତ୍ରବର୍ଣ୍ଣ ତୁ   ପ୍ରକୃତି-ଶରୀର ।
ନନ୍ଦକୂଳେଶ୍ୱରୀ   ରୂପେ ଗୁଣେ ସୁଭା
ଜଗାର ହୃଦୟା   ସ୍ୱଭାବ ସ୍ୱଶୁଭା ।
ପାଳିବାକୁ ତର   ଆଶ୍ରିତ ଗୀବନ,
ଦୟାରୂପେ ତାଳି   ଦେଉଛୁ ଜୀବନ ।

ଚତୁଷ୍ପଦ ଅଷ୍ଟ-   ପାଦ ଷଟ୍‌ପଦ
ଶତପାଦକାଦି   ଦ୍ୱିପଦ କମ୍ପଦ ।

ପ୍ରାଣ ରଖିଛନ୍ତି   ନାନା ଜାତି ପ୍ରାଣୀ
ହର୍ଷେ ଖାଇପିଇ   ତୋର ଦାନାପାଣି ।

ତୋର କ୍ଷୀର ଖାଇ   ବଢ଼ି ତୋର କୋଳେ
ମୁଁ ମଧ୍ୟ ବଞ୍ଚୁଛି   ତୋର ସ୍ନେହ ଖେଳେ ।

ଆଜନ୍ମ ଦୁଃଖୀ ମୁଁ   ଅତି ଦୀନହୀନ,
ଅଟଇ ଆବାଲ୍ୟ   ମାତୃପିତୃହୀନ ।
ରକ୍ତଶୋଷିଣୀ   ଚିନ୍ତା-ନିଶାଚରୀ
ଦିନୁଦିନ ମୋତେ   ଦେଉଅଛି ଚରି ।

(୧) ଚନ୍ଦ୍ରାମଣି—ସ୍ୱନାମଧନ୍ୟ କବି ଚନ୍ଦ୍ରାମଣି ମହାନ୍ତି ।
(୨) ବାଣୀଭୂଷଣ ୰ ମୃତ୍ୟୁଞ୍ଜୟ ରଥ । (୩) ମୃତ୍ୟୁଞ୍ଜୟ—ଅମର ।
* ସୁରଙ୍ଗୀ-ବର୍ତ୍ତିତ ସ୍ଥଳ 'ଦେବଦର୍ଶ'ର ଜଳବାୟୁ ଅତି ସ୍ୱାସ୍ଥ୍ୟପ୍ରଦ ।

ଦୁଃଖିଶ୍ରେଷ୍ଠ ମଣି  ଭୁବନ ସମ୍ରାଟ
ଦୁଃଖରାଜ୍ୟେ ମୋତେ  ଦେଇଛନ୍ତି ପାଟ ।
(୧) ଚିହ୍ନୁ କି ଜନନି,  'ସୁଙ୍ଗିପାଲି' ନାମେ
ଶୈଶବେ ଥିଲି ତୋ  ତଟବର୍ତ୍ତୀ ଗ୍ରାମେ ?
ବାଲ୍ୟ ସ୍ନେହମୟୀ  ଜନନୀ ହରାଇ
ତୁ ଜାଣୁ, ଏ ପ୍ରାଣ  ଅଛି ଯାହା ପାଇ ।
ତୁଇଁ ନ ଥିବାରୁ  ଏ ଯାଏ ମରଣ,
କେତେ କଥା ମା ଗୋ,  ହେଉଛି ସ୍ମରଣ ।
ତୋ ଦର୍ଶନେ ମୋର  ବାଲ୍ୟସ୍ମୃତି ଛବି
ଅଶ୍ରୁରୂପେ ଆଜ  ଯାଉଅଛି ସ୍ରବି ।
ତୋ ସରୁ ସୈକତେ  ବୁଲି ନାନା ଖେଳେ
ଦିନ କଟାଇଛି  ବାଲ୍ୟ ସଙ୍ଗୀମେଳେ ।
ପ୍ରାବୃଟ ପ୍ରାରମ୍ଭ  ସମୟରେ ଦିନେ
ଖେଳୁଥିଲୁଁ ଶିଶୁ-  ଦଳ ତୋ ପୁଳିନେ ।
ବାଲି ଘରଦ୍ୱାର  ବାଲି ଜମିବାଡ଼ି
ଗଢ଼ିଥିଲୁଁ ମାଟି-  କାଠି ହଳ ଗାଡ଼ି ।
କାହା ଘରେ ଅନ୍ୟ  ଜଣକର ପାଦ
ପଡ଼ିଗଲେ କେତେ  ଉଠୁଥିଲା ବାଦ ।
କ୍ଷଣସ୍ଥାୟୀ ଖେଳ-  ଜଞ୍ଜାଳରେ ପଡ଼ି
ଅହଂକାରେ ସର୍ବେ  ଛାଡୁଥିଲୁଁ ରଡ଼ି ।
ଏ ସମୟେ ତୋର  ସ୍ରୋତଟିଏ ଆସି
ଜମିବାଡ଼ି ଆମ୍ଭ  ସବୁ ଦେଲା ଗ୍ରାସି ।
ପଳାଇଲୁଁ ତହୁଁ  ଛାଡ଼ି ଘରଦ୍ୱାର
ପିନ୍ଧା ବାସମାନ  ଧରି ଯେ ଯାହାର ।
ବୁଝିଲି ମୁଁ ଏବେ  ସଂସାରର ସର୍ବ
ଭଜୁଛି ସେପରି  ଦିନେ କାଳଗର୍ଭ ।

(୧) ସୁଙ୍ଗିପାଲି—ଏହି ଗ୍ରାମ ସମ୍ବଲପୁର ଜିଲ୍ଲାନ୍ତର୍ଗତ 'ବରସନା' ଥାନାରେ ଅବସ୍ଥିତ। ଲେଖକର ବାଲ୍ୟଜୀବନଟି ଉକ୍ତ ଗ୍ରାମରେ ଅତିବାହିତ ହୋଇଅଛି ।

ସାରଶୂନ୍ୟ ଜ୍ଞାନ    ଧ୍ୟାନ ଅଭିମାନ
ପଦ ଆଡ଼ମ୍ବର    ସମ୍ପଦ ସମ୍ମାନ
ହସ କଉତୁକ    ଖେଳ ନୃତ୍ୟ ଗୀତ
ନ ରହିବ କିଛି    ଧରମ ବ୍ୟତୀତ ।

କିଛି କ୍ଷଣ ପରେ    ସେ ଦିନ ପ୍ରଦୋଷେ
ଦିଗ୍‌ବିଦିଗ ବ୍ୟାପି    ଗରଜି ସରୋଷେ ।
ନିସ୍ପୃତ ଗିରିକି    କରି ଉଲ୍ଲଙ୍ଘନ
ନଭେ ସିନ୍ଧୁତୁଲ୍ୟ    ହେଲା ଘନାଘନ ।
ଟପ ଟପ ଧାରା    ଆଗେ ଆଗେ ଧାଇଁ
ଛପ ଛପ ବୋଲି    ଗଲା ଚମକାଇ ।
ବୈଦ୍ୟୁତିକ-ଶକ୍ତି    ଜ୍ୟୋତି ପ୍ରକଟନେ
ଖେଳାଇଲା କ୍ଷଣ-    ପ୍ରଭା କ୍ଷଣେ କ୍ଷଣେ ।
ପତିତ ପୃଷନ୍ତ    ପ୍ରତି ଦେଲେ ଦୃଷ୍ଟି
ବୋଧହୁଏ ସତେ    କିବା ମୁକ୍ତା ବୃଷ୍ଟି ।
ଅବା ପ୍ରକୃତିର    ପାଦେ ନବଘନ
ଅର୍ପେ ଘନ ପୁଷ୍ପ-    ଉପଢଉକନ ।
ସ୍ୱପ୍ନ-ଶାନ୍ତି-ନାବେ    ଜୀବ ଯଥା ଭାସି
ଜାଗରଣେ ତନ୍ଦ୍ରା-    ସ୍ରୋତେ ପଡ଼େ ଖସି ।
ତେତିକେ ସେହି ଶୋଭା    ହରାଇ କ୍ଷଣକେ
ମୁଦିହେଲା ନେତ୍ର    ଅନ୍ଧାର-ପଲକେ ।
ଘନ ନିର୍ଘୋଷରେ    କମ୍ପିଲା ଅବନୀ
ଦେବାଳୟ-ମୁଖେ    ଦେଇ ପ୍ରତିଧ୍ୱନି ।
(୧) ବିଶ୍ୱ ଜୀବଜନ୍ତୁ    ଉଡ଼ି ରଙ୍ଗି ଧାଇଁ
ଇତସ୍ତତଃ ହେଲେ    ଆଶ୍ରୟ ଅନାଇଁ ।
ନତ ବନଶିରେ    ଗୋଷ୍ଠୁଁ ଗୋ ସହିତ
ଶାଳା ଅଭିମୁଖେ    କଲେ ବ୍ୟଗ୍ରଗତି ।

(୧) ରଙ୍ଗିବା—ଗ୍ରୁଡ଼ରେ ଭର୍‌ଦେଇ ଗୂଳ୍‌ବା ।

ସର୍ପେ ତେଜ ବଳ-     ଶାଳ ହୁଙ୍କା ଗର୍ତ୍ତ
ତରୁକୋଟେ ଯାଇ     ହେଲେ ଉପଗତ ।
ଯହିଁ ତୃଣାବୃତ     ଗନ୍ଧ ଜଳକୁଣ୍ଡ
ମଶାବୃନ୍ଦ ତହିଁ     ହୋଇଥିଲେ ଜୁଣ୍ଡ ।
ବର୍ଷା ଯୋଗେ ଉଡ଼ି     ଆସି ଗୋରୁଶାଳେ
ଆଶ୍ରା ନେଲେ ଗୁଦ-     ତଳ ଲମ୍ବୀ ପାଳେ ।
ଗୋରୁଦେହେ ଭେଦ     କଲେ ସୂକ୍ଷ୍ମ ଶୁଣ୍ଡ
ଛଡ଼ିଲେ ଗୋରୁଏ     ଶୃଙ୍ଗ ପୁଚ୍ଛ ମୁଣ୍ଡ ।
ଛିନ୍ନ-ପୁଚ୍ଛ ଯେହୁ     ମଶକ-ପୀଡ଼ନେ
(୧) ଇତସ୍ତତଃ ହୁଏ     ଚର୍ମ-ବିକମ୍ପନେ ।
ପରେ ପୀଡ଼ି ନିଜ     ଜୀବନ ଶୀତଳ
କରିବା ନୀତିଟି     ଦିଏ ବିଷଫଳ ।
କୃତଘ୍ନ ମଶକେ     ସେହି ଗୋରୁଶାଳେ
ଛଟପଟ ହେଲେ     ପଡ଼ି ଲୁତା ଜାଲେ ।

ବେଳୁଁ ବେଳ ଘନ     ବଢ଼ାଇ ଆସାର
କରିଦେଲା ଜଳ     ସ୍ଥଳ ଏକାକାର ।
(୨) ଦେଉଳୁ ବାହାରି     ସାନ୍ଧ୍ୟ ଶଙ୍ଖନାଦ
ଜଣାଇଲା ଲୋକେ     ବର୍ଷା ଧନ୍ୟବାଦ ।
ତମୋମୟୀ ସନ୍ଧ୍ୟା     'ବନ୍ଧୁର ଅୟନେ,
ଗାଇଲା ସଙ୍ଗୀତ     କଳକଳ ସ୍ୱନେ ।
ପ୍ରକୃତି-ବାଗ୍‌ଦେବୀ-     ବଲ୍ଲକୀ ଝଙ୍କାର
ଉଠିଲା ବିଚିତ୍ର     ନୈଶିକ-ଝିଙ୍କାର ।

(୧) ଚର୍ମ-ବିକମ୍ପନ ବା ଚର୍ମ-କମ୍ପନ—ଦଂଶନଶୀଳ କୀଟପତଙ୍ଗର ଉପଦ୍ରବଂ ଗୋରୁ ମହିଷ ପ୍ରଭୃତି କେତେକ ଚତୁଷ୍ପଦ ପ୍ରାଣୀଙ୍କର ଆତ୍ମରକ୍ଷା ପ୍ରତିକ୍ରିୟାବିଶେଷ ।

(୨) ସୁଙ୍ଗିପାଲିରେ କୌଣସି ମନ୍ଦିର ବା ଦେବାଳୟ ନାହିଁ । ଉକ୍ତ ଗ୍ରାମର ଅ ନିକଟରେ ପଶ୍ଚିମ ପଟରେ 'ଗଡ଼ପଟଣା' ନାମକ ଗୋଟିଏ ଗ୍ରାମ ଅଛି । ସେହି ଗ୍ରାମସ୍ଥ ଶିବମନ୍ଦିର ଓ ବିଷ୍ଣୁମନ୍ଦିରର ଶଙ୍ଖ-ଘଣ୍ଟନାଦ ସୁଙ୍ଗିପାଲିକୁ ସ୍ପଷ୍ଟ ଶୁଣାଯାଏ ।

ନାନା ଜାତି ଭେକ    ପ୍ରତିଯୋଗୀ-ରବେ
ହର୍ଷେ ଯୋଗଦେଲେ    ବାର୍ଷିକ ଉତ୍ସବେ ।
ଚଞ୍ଚଳା-ନର୍ତ୍ତନ    ଘଡ଼ଘଡ଼ି ବାଦ୍ୟ
ଦର୍ଶନେ ଶ୍ରବଣେ    ପ୍ରବାସୀଏ ବାଧ୍ୟ ।
ଛିନ୍ନାବୃତ ବାସେ    ବସି କାହା କ୍ଲାନ୍ତ
ଶମ୍ପା ଗତି ଦେଖି    କମ୍ପାଇଲେ ଗାତ୍ର ।
ସାଶ୍ରୁ ଭାଷାରେ    କେବଣ ବନିତା
ବଖାଣେ ସ୍ୱାମୀର    ଘରଧସୂହିତା ।
ପ୍ରବୋଧେ ତା ପତି    ବନ୍ଧ କର ହାଲ
ଗୃହାଚ୍ଛାଦେ ପ୍ରାତୁଁ    ଲଗିବ ଚଞ୍ଚଳ ।
ଅନେକଙ୍କ ଘରେ    ଛିଦ୍ରଭେଦୀ ବାରି
ହେଲ୍ ନିଦ୍ରିତଙ୍କ    ଦୁର୍ଜୟୁ ଭଗାରି ।
ଗଳିତ ସଲିଳ    କରୁ କରୁ ଦୂର
ଆପାଦ ପ୍ଲାବିତ    ହେଲଣି କା' ପୁର ।
ବଳାତ୍କାରେ ଜଳ    ହେବାରୁ କୁଣିଆଁ
ଚୁହ୍ଲି-ଘର ଛଡ଼ି    ପଳାଇଲ ନିଆଁ ।
କାହିଁ ମୂଳସିକ୍ତ    ଜୀର୍ଣ୍ଣ-ଭିତ୍ତି ପାତ
ଦରିଦ୍ର ହୃଦୟେ    କରୁଛି ଆଘାତ ।
ଧ୍ୱସ୍ତ ଗବାଳୟେ    ଶ୍ରୁତି ଦେଲେ ବାରେ
ପ୍ରାଣ ସ୍ତବ୍ଧ ହମ୍ବା-    ରବ ଶୁଣିବାରେ ।
ଖପରଲି-ଗୃହ    ପ୍ରାନ୍ତ ପାଳ ଧାର
ବିଦ୍ୟୁତ୍ତେଜେ ଦିଶେ    ଯେସନ୍ତେ ରୌପ୍ୟ ତାର ।
ବୃଷ୍ଟିଜଳ ଧାରେ    ଗ୍ରାମ୍ୟଦାଣ୍ଡ, ଗଳି
ହୋଇଗଲ କ୍ଷୁଦ୍ର    କ୍ଷୁଦ୍ର ନାଳି ଭଳି ।
କୂପ ଉପକୂଳ    ବିଲ ଉଚ୍ଛଳିତ
ଆପ ତୋ ଉପରେ    ହେବାରୁ ପତିତ ।
ସ୍ରୋତ ନିକୃନ୍ତନେ    ତଟବର୍ତ୍ତୀ ତରୁ
ଉପାଡ଼ିଲୁ ନଦୀ,    ସରେଶେଷେ ମୂଳରୁ ।
ଗ୍ରୀଷ୍ମେ ସେମାନେ    ଯେ ସହାନୁଭୂତି
ଦେଖିନ ରମ୍ୟ ନବ    ପଲ୍ଲବିତ ମୂର୍ତ୍ତି ।

ଦେବଦାହ ବକ୍ଷେ ଶୁଭ୍ର ସୁବିମଳ
ବୁଦ୍‌ବୁଦ ଜନ୍ମାଇ ପ୍ରପତିତ ଜଳ ।
ଶୀକର ଅସ୍ପଷ୍ଟୀ- କୃତ ଇନ୍ଦ୍ରଧନୁ
ସୃଜି ବିଶୋଭିତ କରେ ତୋର ତନୁ ।
କୁହୁଣେଲ, 'ଭଡ଼େ- କଁଟା, ସେମଲିଆ,
କାଉଁଶି, କଟଙ୍ଗୀ, ବେଦଶି, ନଳିଆ,
ତୋ ପୟୁରେ ତାଳ ଢାଅନ୍ତେ ଜୀବନ
ଏ ଉପନଦୀଏ, ଗୋ ନଦୀରତନ !
ଉଚ୍ଛ୍ୱସିଲା ତୋର ଉଦାର ହୃଦୟ
ଗୃହୁଁ ଗୃହୁଁ କ୍ଷଣେ ମାଡ଼ି କୂଳଦ୍ୱୟ ।
ତୀର-ଆବର୍ଜନା- ପକ୍ୱ ଜାମୁଫଳ
ଉପହାର ଦେଇ ଧାଇଁଲୁ ଚଞ୍ଚଳ ।
(୧) ସ୍ରୋତ ଉଦ୍ଭାସିତ ରକ୍ତକୀଟାବଳୀ
(୨) ବସିଲେ ପ୍ରବାଳ ସ୍ୱପ୍ନଫିଟା ଭଳି ।
ଶ୍ୱସମାନ କାନ୍ତ- ବିଜଡ଼ିତ ଫଣୀ
ହେଲେ ତୋର ବକ୍ଷ- ବିଶୋଭିତ ମଣି ।
(୩) ଉତ୍ତରଳ ଅଙ୍ଗ ଲଙ୍ଘି ପଉଗଣ୍ଡେ,
ଚୁମ୍ବ ଦେଇ ଦେଇ ତୋ ମୁହାଣି-ଗଣ୍ଡେ ।
ସେ କାଳରେ ତାକୁ- ଥିଲୁ କେକା ସ୍ୱନେ
ଏକାନ୍ତେ ବିଳସି- ବାକୁ ଏକାସନେ ।
ଏକେ ଯଉବନ- ଭରା ତୋ ହୃଦୟ,
ଦୁଜେ ଘନରସ- ଉଚ୍ଛୁଳା ସମୟ ।
(୪) ନମାନ ଦୁଃଶିଳା ବିଟପୀଙ୍କ ବାଧା
(୫) ବନମାଳୀ ସଙ୍ଗେ ମିଶିଗଲୁ ରାଧା ।
ଦେଖି ତୋର ପ୍ରେମ- ତନ୍ମୟୀ-ମୂରତି
ତୋ ତୀର ପାଳିତ ପଶୁପକ୍ଷିତତି ।

---

(୧) ରକ୍ତକୀଟ—ସାଧବବୋହୂ ପୋକ । (୨) ପ୍ରବାଳ—ପୋହଳା । (୩) ଅ
ମହାନଦୀର ଉପନଦୀବିଶେଷ । (୪) ଦୁଃଶିଳା—ନଦୀମଧ୍ୟରେ ଥିବା ଉଚ୍ଚ
ଦୁଷ୍ଟଚରିତ୍ରା ସ୍ତ୍ରୀ । (୫) ବନମାଳୀ—ଶ୍ରୀକୃଷ୍ଣ, ନଦୀ । ଅଙ୍ଗ—ଶରୀର, ନଦୀବ

କେହ୍ନ ବା ମାରବେ କେ' ବା ହର୍ଷରବେ
ତୋ ବନ୍ଦନା ଗୀତ ଗାଇଲେ ସରବେ ।
ରଚିକ, ମୁଁ ମଧ୍ୟ ହୋଇ ବଦ୍ଧାଞ୍ଜଳି
ମନ୍ତ୍ରରୂପେ ଜପି ତୋର ଗୁଣାବଳି,
ହୃଦସ୍ଥ ବେଦନା ଜଣାଇଲି ମୋର
(୧) କେଜାଣି ତୋ ମନେ ଥିବ କି ନା ସୋର !
ନପାଇଲି ଯେଣୁ ତୋର ପ୍ରତିଭାଷା
ବାହୁଡ଼ିଲି ପୁରେ ଘେନି ଖଣ୍ଡ ଆଶା ।
(୨) ମାନସରେ ରଖି ଭକ୍ତି-ପ୍ରୀତି-ନିଷ୍ଠା
ତୋ "ଧବଳେଶ୍ୱର- ମନ୍ଦିର" ପ୍ରତିଷ୍ଠା—
ମହୋତ୍ସବ-ଦୃଶ୍ୟ ଦର୍ଶନୋଦ୍ଦେଶ୍ୟରେ
(୩) ଆଉଥରେ ଆସି ଥିଲି ଚଇତରେ ।
ଯେକାଳେ ଏ ସ୍ଥଳେ ହେଲି ଉପସ୍ଥିତ
ହୋଇ ଥିଲେଣି ତ ରବି ଅସ୍ତମିତ ।
ଚବିଶ-ପ୍ରହର- ନାମ-ସଂକୀର୍ତ୍ତନ
ମୋହୁଥିଲା ଦୂର ଦର୍ଶକର ମନ ।
ମାତ୍ର ନିକଟକୁ ଗଲେ ପ୍ରେମ ଭକ୍ତି
ଦୂର ହୁଏ; ଜନ୍ମେ ବିକଟ ବିରକ୍ତି ।
ଉଦ୍ଧତ ନର୍ତ୍ତନ ଊର୍ଦ୍ଧ୍ୱ ଉଲ୍ଲମ୍ଫନ
ମୁଖଭଙ୍ଗୀ-ଛଳ- ଭକ୍ତି-ପ୍ରଦର୍ଶନ ।
ବକୃତାଭିନୟ କଟାକ୍ଷ-ଶୃଭୁଗୀ
ହୋଇଥିଲା ଯେଣୁ ପ୍ରେମ ବାହାଦୁର ।
ଆଚଣ୍ଡାଳ ବିପ୍ର ଯେଉଁ ସଂକୀର୍ତ୍ତନେ
"ସର୍ବେ ଏକ" ଏହ୍ନି ଭାବ ପ୍ରଦର୍ଶନେ,
ନାଚୁଥିଲେ ଯେହ୍ନୁ ହରିନାମ ଗାଇ
କାହିଁ ସେ ପ୍ରେମୀ, ସେ ପ୍ରେମ ଆଜ କାହିଁ ?

---

(୧) ସୋର—ସ୍ମରଣ ଶବ୍ଦଜ । (୨) ଏହ୍ନି ମନ୍ଦିର 'ଦେବଦର୍ହ'ର ପଶ୍ଚିମ ତଟରେ ବାଘେନ ପର୍ବତର ପାଦଦେଶରେ ପ୍ରତିଷ୍ଠିତ । (୩) ତା ୨୭।୩।୧୯୩୧ ଇସବୀର ଘଟଣାବଶେଷ ।

ଯେଉଁ ସଙ୍କୀର୍ତ୍ତନେ ଗୌରାଙ୍ଗ ମଣ୍ଡଳି
ଧୂସରିତ ଥିଲା ମାଖି ପଦଧୂଳି ।
ସେ କୀର୍ତ୍ତନେ ଆଜ ପାଟଫୁଲି ପାଗ
ନ ପିନ୍ଧିଲେ କାହିଁ ଭକ୍ତଙ୍କ ସରାଗ ?
ସଙ୍କୀର୍ତ୍ତନେ ଯେଉଁ ତୁଳସୀ ପତର
ଥିଲା ନିମନ୍ତ୍ରଣ- ଚିହ୍ନ ଭକତର,
ତା ବଦଳେ ଆଜ ବିଂଶ ତ୍ରିଂଶ ଟଙ୍କା
ଟୀକା ନ ଛୁଇଁଲେ ଭକ୍ତ ମୁହଁ ବଙ୍କା ।
ମଣ୍ଡଳୀରେ ଭକ୍ତ ନହେଉଣୁ ଛୁଡ଼ା
ଖଞ୍ଜା ଲାଗେ ଆଗେ ଗଞ୍ଜା ପାନ ବଡ଼ା ।
ସୁରଙ୍ଗି, ଯାହାର ନାହିଁ ଧର୍ମଲଜ୍ଜା
ସେ ଦେଖୁ କୀର୍ତ୍ତନେ ନବ୍ୟ ଭକ୍ତ ମଜା ।

ଗୁଡ଼ବାଟ ଠାରୁ ଗୁଲବାଟ ଯାଏ
ଦୋକାନ ପସରା ବସି ଶୋଭାପାଏ ।
ଗମ୍ଭୀର ନିର୍ଘୋଷେ ଗର୍ଜୁଛି ବଜାର
ଆସିଛନ୍ତି ଲୋକ ହଜାର ହଜାର ।
ବିଚିତ୍ର ବିଜୁଳି- ବତି ଲାଗି ତାରେ
ରଞ୍ଜିଦେଲା ସ୍ଥଳ ରଙ୍ଗିମା ପ୍ରଭାରେ ।
(୧) ବାଷ୍ପବତୀ ଦୋଳ- ଦୀପ୍ତି କାଚଦୀପ
ଶୋଭିଲେ ଦୋକାନ ପସରା ସମୀପ ।
ଥରେ ଥରେ ଜଳି 'ଚନ୍ଦର ଉଦଆ
ଦର୍ଶକଙ୍କୁ କରି- ଦିଏ ହାଲହଆ ।
ଘୁସଇ ବିଚିତ୍ର ଫାନସ ବହୁଡ଼
ତାରକିତ ନଭେ ଖାର୍ଯ୍ୟକରେ ଉଡ଼ ।
ତାରାତସ ବାଜି ସନ ସନ ଶବ୍ଦେ
ମର୍ତ୍ତ୍ୟ-ଉଲ୍‌କା ସମ ଉଠେ ବିଷ୍ଣୁପଦେ ।

(୧) ଦୋଳଦୀପ୍ତି—ପେଟ୍ରୋମାକ୍ସ ଲାଇଟ୍ ।

ଫୁଟି ବିକିରଣ  କରେ ଅଗ୍ନି-ଦୃଶ୍ୟ
କ୍ରମେ ଖସି ପୁଣି  ହୁଅଇ ଅଦୃଶ୍ୟ ।
କେତେ ଲୋକ କର  ମୁହାଁଚହ୍ନା ଛଳ
(୧) ବୈଦ୍ୟୁତିକ ହସ୍ତ-  ଦୀପିକାର କଳ ।

(୨) କାନ୍ତ-ବ୍ୟୂହ ପରି  ଗୁହ୍ୟପ୍ରଦୀପକ
କରନ୍ତି ପାଦପ  ଡାଳେ ଜକଜକ ।
(୩) ଦାନ୍ତୁଡ଼ିଚଟ୍ଟିକ  ଲଙ୍ଘି ସୁଧାକର
ଢାଳିଦେଲେ ଜଳେ  ନୃଜେ ସୁଧା-କର ।

ଦେବଦହ ବକ୍ଷେ  ପଡ଼ି ଚନ୍ଦ୍ରକାନ୍ତି
(୪) ଝଟକିଲା ଲହରୀ  ଯେସନେ ଚନ୍ଦ୍ରକାନ୍ତ ।
(୫) ଭତା ଡଙ୍ଗରର  ରଙ୍ଗ ଦାବାନଳ
କରିଦେଲା ଘନ  ଗହନ ଉଜ୍ଜ୍ୱଳ ।

ଆଲୋକ ଉତ୍ସଙ୍ଗେ  ଖେଳିଲା ଆଲୋକ
ସତେ କି ସ୍ଥାନଟି  ଆଲୋକର ଲୋକ ।
ମେଳିଛି ପ୍ରକୃତି  ମର୍ତ୍ତ୍ୟ-ଅପସରା
ଅବା ଅମାର୍ତ୍ତ୍ୟକ  ଆଲୋକ-ପସରା ।

କି ଧବଳେଶ୍ୱର  ପ୍ରଭୁଙ୍କ ଚରଣ
ଅର୍ଚ୍ଚନା ଉଦ୍ଦେଶ୍ୟେ  ଦିବିଷଦଗଣ
ଅମରାବତୀକି  ତେଜି ଦେବଦହେ
କ୍ରୀଡ଼ା କରୁଛନ୍ତି  ଆଲୋକ-ବିଗ୍ରହେ ।

(୬) ରାଜେନ୍ଦ୍ର ଲାଲଙ୍କ  ଯଶୋକୀର୍ତ୍ତିରାଜି
ଆଲୋକ ରୂପରେ  ଦେବ୍‌ଦହେ ବିରାଜି,
କରୁଛନ୍ତି କିବା  ନାମ-ସଙ୍କୀର୍ତ୍ତନ
ଛଳେ ରାଜେନ୍ଦ୍ରଙ୍କ  ମହିମା କୀର୍ତ୍ତନ ।

---

(୧) ହସ୍ତଦୀପିକା—ଟର୍ଚ୍ଚ ଲାଇଟ୍ । (୨) ଗୁହ୍ୟ ପ୍ରଦୀପକ—ଜୁଳୁଜୁଳିଆ । (୩) ଦାନ୍ତୁଡ଼ିଚଟ୍ଟି—ସ୍ୱନାମପ୍ରସିଦ୍ଧ ପର୍ବତବିଶେଷ । (୪) ଚନ୍ଦ୍ରକାନ୍ତ—ବିଶୁଦ୍ଧ ରୁପା । (୫) ସ୍ୱନାମପ୍ରସିଦ୍ଧ ପର୍ବତବିଶେଷ । ଏହା ଭତାଦର୍ହାର ଦକ୍ଷିଣ ପଟରେ ଅବସ୍ଥିତ । (୬) ରାଜେନ୍ଦ୍ର ଲାଲ—ଜମିଦାର ସାହେବ (ବୋଡ଼ାସମ୍ବର) ଶ୍ରୀ ଶ୍ରୀ ରାଜେନ୍ଦ୍ର ଲାଲ ସିଂହ ।

ଲଗିଲା ସଙ୍ଗୀତ ନାଟ୍ୟ'ସ୍ଥାନେ ସ୍ଥାନେ,
ଅଭିମାନଭରା ନୃତ୍ୟ-ବାଦ୍ୟ-ଗାନେ ।
ଢୋଲକ ମର୍ଦ୍ଦଳ କରତାଳୀ କଣୀ
(୧) କଳସ୍ୱନ ଶ୍ରୋତା- ମନ ନେଲେ କିଣି ।

କଏ ରାମଚନ୍ଦ୍ର କଏ ହନୁମାନ
(୨) କେ ବା ଦଶକନ୍ଧ କେହୁ ସତ୍ୟବାନ,
କଏ ମନ୍ଦୋଦରୀ କଏ ବଇଦେହୀ
କଏ ବା ସାବିତ୍ରୀ ପ୍ରତିରୂପ ନେଇ;

ଅଭିନେତୃଗଣ ରଙ୍ଗମଞ୍ଚ ମଧ୍ୟେ
ଭାଷା ବୃତ୍ତ ଭଙ୍ଗୀ ରଖି ଗଦ୍ୟେ ପଦ୍ୟେ,
ଦେଖାନ୍ତି କୃତିତ୍ୱ ଯୋଗ୍ୟତାନୁଭାବ
ଫୁଟି ପଡୁଥାଏ ପ୍ରତିଯୋଗୀ ଭାବ ।

ଏହିପରି ସିନା ଭବ-ରଙ୍ଗମଞ୍ଚେ
ବିବ୍ରତ ଅନେକେ ଅସାର ପ୍ରପଞ୍ଚେ ।
ଅହଂକାର-ନେତ୍ରେ ଆତ୍ମ-ସମୁଚ୍ଚତା
ଦେଖୁଛି କେ' ଏଡ଼ି ସାମ୍ୟ ସୁହୃଦତା ।

ଅଡ଼ାଇଦିନିଆଁ ଉଚ୍ଚପଦ ପାଇ
ପ୍ରତାପେ କେ ଦିଏ ଦୁନିଆ କମ୍ପାଇ ।
କେ ମଣେ ନିଜକୁ ରାଜରାଜେଶ୍ୱର
ନିଜେ ହର୍ତ୍ତାକର୍ତ୍ତା ତା ରାଜ୍ୟ ଦେଶର ।

ସାଧନ ଶୋଧନ ନିମ୍ନେ ଯା' ବାଟ
ସାଜୁଛି ସେ ଆଜ ସାହିତ୍ୟସମ୍ରାଟ ।
କବିପଦେ ଖଟି ନ ପାରେ ଯା' ମୁଣ୍ଡ
"କବିଭୂଷଣ ମୁଁ" ବୋଲୁ ଛି ତା ତୁଣ୍ଡ ।

କର୍ମକ୍ଷେତ୍ରେ ଯେହୁ ଅଜଗରେ ଗଣା
ବାକ୍ୟେ ତୋଳୁଛି ସେ ନାଗରାଜ ଫଣା ।

---

(୧) କଳସ୍ୱନ—ହାରମନିୟମ୍ । (୨) ଦଶକନ୍ଧ—ଲଙ୍କାଧିପତି ରାବଣ, ମିଥ୍ୟାବାଦୀ। ସତ୍ୟବାନ—ରାଜା ଦ୍ୟୁମତ୍ସେନଙ୍କର ପୁତ୍ର, ସାବିତ୍ରୀପତି, ସାଧୁ ।

ସୁରଙ୍ଗି, ଏ ରଙ୍ଗ- ମଞ୍ଚର ସେ ସ୍ୱାମୀ
ସର୍ବଦର୍ଶୀ ସେ ତ ସର୍ବ ଅନ୍ତର୍ଯ୍ୟାମୀ ।
ସେ ବିଶ୍ୱଗୁରୁଙ୍କ ବିଶ୍ୱ ରଙ୍ଗାଳୟେ,
ମତ୍ତ କିପାଁ ଲୋକେ କୃତ୍ରିମାଭିନୟେ ?

ସ୍ୱଭାବେ ସ୍ଥାନଟି ନିତାନ୍ତ ସଂକୀର୍ଣ୍ଣ
ଦେଖୁଁ ଦେଖୁଁ ହୋଇ ଗଲା ଜନାକୀର୍ଣ୍ଣ ।
ଲୋକାରଣ୍ୟେ ବାର ହେଲା ନାହିଁ ଗଳା
କେ' କାହା ଉପରେ ପଡ଼ୁଛନ୍ତି ଢଳ ।
କେ' କାହିଁ ଆବଦ୍ଧ ପ୍ରିୟ-ସଙ୍ଗ ଛାଡ଼ି
କେ' କାହାର ପାଦ ଦେଉଅଛି ମାଡ଼ି ।
ଘନ-ଜନତାରେ କେ ବା ହଲଚଲ
ନପାରିଣ ଉଠିଛ ବୋଲେ "ମଲି ମଲି" ।
ବଠିଳ ବଳେ କେ ବା ପଶି ନାସ୍ତଦଳେ
ଛଳନାରେ ବୋଲେ "ଠେଲୁଛନ୍ତି ଶଳେ" ।
କେତେ ସ୍ଥାନେ କେତେ ଚୌର୍ଯ୍ୟ ଲମ୍ପଟତା
ଚଳାଇ ନେଲା ସେ ନିବିଡ଼ ଜନତା ।
ବ୍ରାହ୍ମଣ ଚଣ୍ଡାଳ ସମସ୍ତେ ସମାନ
ଗନ୍ତବେଳେ କାହିଁ ଜାତି-ଅଭିମାନ ?
ରଖିନାହିଁ ହିନ୍ଦୁ- ଧର୍ମେ ଅସୁବିଧା,
ଦେଶ କାଳ ଜାଣି ଚଳେ ବଙ୍କା ସିଧା ।
ସ୍ଥାନ ଲାଗି କେତେ ନାଟ୍ୟାରମ୍ଭୁ ଆସି
ଏଣୁ ତେଣିକି କେ ନ ପାରନ୍ତି ଖସି ।
ନିଦାଘ ଗରମେ ଯେତେ ସ୍ୱେଦସିକ୍ତ
ନାଟ୍ୟ-ମାଧୁର୍ଯ୍ୟକ ମଣିଲେଣି ତିକ୍ତ ।
ମଣ୍ଡଳୀରୁ ଯେତେ ଲୋକ ବାହାରିଆ
ଉଦ୍ଗ୍ରୀବେ ଦେଖନ୍ତି ହୋଇ ଠିଆ ଠିଆ ।
କକ୍ଷାସୀନ ଶିଶୁ ସଙ୍ଗେ ଥିଲା ଯାର
ଜନତା ସଭାବ ମନେ ଥିବ ତାର ।

କମଳ ବନର ବକଦଳ ପରି
ଭସ୍ମେ କଳେବର ଧବଳିତ କରି,
ବସିଛନ୍ତି ଗଞ୍ଜା- ନିଶା-ଯୋଗଧ୍ୟାନେ
ବାବାଜୀଏ ଯେ'ଣ୍ଠା ଧୁନି-ସନ୍ନିଧାନେ ।

ମୃଦୁ ମନୋହର ସୁମଧୁର ଗାନ-
ମକରନ୍ଦ ସୁଧା କରିବାକୁ ପାନ
ଭ୍ରମର ପରାଏ ଦର୍ଶକ ସକଳ
ବେଢ଼ିଛନ୍ତି ନାଟ୍ୟ ସଙ୍ଗୀତ-କମଳ ।

ସେ ହାଗକୁ ସାଧୁ ସନ୍ନ୍ୟାସୀଙ୍କ ଚିତ୍ତ
ଅକାରଣେ କିପାଁ ହେବ ପ୍ରଧାବିତ ?
ଯେବେ ମଧୁରତା ଥିଲେହେଁ ଗୀତରେ
ପଶିବ କି ତାହା ପେଟର ଭିତରେ ?

ଚିଲମ ଧୂଆଁ ତ ଭିତରେ ବାହାରେ
ବ୍ୟାପିଯାଇ ପୁଣି ମୁଖରୁ ବାହାରେ ।
ଦେଖି ତାଙ୍କ ଭସ୍ମ- ବୋଳା ଅପଘନ
କାରଣ ଅନ୍ୱେଷି ଭାବିଲି ମୋ ମନ ।

ଯେ ସମୟେ ଜୀବ ତେଜିବ ସଂସାର
ମାଟିପିଣ୍ଡ ପୋଡ଼ି ହେବ ଦିନେ ଖାର ।
ତେଣୁ ସେ ତତ୍ତ୍ୱର ଗୂଢ଼ ପରିଚୟ
ଦିଅନ୍ତି କି ଏହି ବାବାଜୀନିଚୟ ?
କିବା ତା' ପିମ୍ପୁଡ଼ି- ମଶା-ମକ୍ଷିକାର
ଉପଦ୍ରବୁ ଆତ୍ମ- ରକ୍ଷା-ପ୍ରତିକାର ?
କି ଦିନ କି ରାତି, କି ଖରା ବରଷା
ଖୋଲାସ୍ଥାନେ ଯେଣୁ ବାବାଜୀଙ୍କ ବସା ।

ସାରିଲା ଉତ୍ସବ- ଆସୁ କ୍ରମେ ନିଶା
ଘାରିଲା ନୟନେ ନିଦ୍ରାଳସ୍ୟ-ନିଶା ।
ନାଟ୍ୟ ଦର୍ଶନରୁ ନେଇ ଅବସର
ଶୋଇବାକୁ ଲୋକେ ହେଲେ ତରତର ।

ଗୋଟିପୁଅ ଚଉ-    ପାଖେ ଗୋଟି ଗୋଟି
ଘୁଙ୍ଗୁଡ଼ିଲେ ନଦ    ଆସିବାରୁ ଘୋଟି ।
ପଣ୍ୟପଥ  ପଣ୍ୟ-    ଶାଳା ବସାଘର
ପୁଳିନ ତଳିନ-    ପ୍ରତିମ ପ୍ରସ୍ତର ।
ଯହିଁ ଅନାଇଲେ    ନନ୍ଦିତ ନନ୍ଦିତା
ଗଡ଼ଛନ୍ତି ସୁଖେ    ଏଡ଼ି ଭୟ ଚିନ୍ତା ।
ଗୁପ୍ତ ଅଭିଳାଷୀ    ନରନାରୀଗଣେ
ଲଗିଗଲେ ଯେଥି    କାମନା ପୂରଣେ ।
କେଜାଣି ସେକାଳେ    କସ ଦେଖି କାହିଁ
"କେ' କେ' ରେ" ବୋଲଣ    ରାବିଲି ଚିଠାଇ ।
ପର୍ଯ୍ୟବେକ୍ଷଣରେ    କାଟି ସେ ରାତିକ
ମୁଁ ମଧ୍ୟ ଦେଖିଛି    ଯେଉଁଠି ଯେତିକ ।
ସେସବୁ ତନ୍ସ୍ଥ୍ୟ    ଦେବଦେବୀ ନାଟ୍ୟ
କବି-ଦର୍ଶମାଧୁ-    ଛବି, ନୁହେ ପାଠ୍ୟ ।

(୧) କାନନ-କମଳା-    ବନେ କଙ୍କିରାତ
ଭାଷିଲା ମଧୁରେ    ଆସିଲା ପ୍ରଭାତ ।
ଶମ୍ଭୁଆଲେ କମ୍ବୁ    ମୁହୁର୍ମୁହୁଃ ସ୍ୱନେ
ଜାଗରିତ କଲା    ଯେପରି ସୁପ୍ତ ଜନେ ।
ଚନ୍ଦ୍ରଘଣ୍ଟ ବନ୍ଦ    ଯଷ୍ଟିର ତାଡ଼ନା
ଲଭି ଚିତ୍କାରିଲା    'ତାଡ଼ନା' ତାଡ଼ନା' ।
ଭୃଙ୍ଗରାଜ ଶୃଙ୍ଗ    ତେଜ ପତଙ୍ଗିକା
ଆବରିଲେ ଫୁଲ୍ଲ    କାନନ ମଲ୍ଲିକା ।
ଶୁଭିଲା ଦାନୁଡ଼ି    ଚଡ଼-ବଂଶ ବନ
କୁସୁମ-କୁଞ୍ଜରେ    ଭ୍ରମର ଗୁଞ୍ଜନ ।

---

(୧) କାନନ କମଳା—ବନଲକ୍ଷ୍ମୀ । ଉକ୍ତ ପର୍ବତର ପାଦଦେଶରେ ଏକପ୍ରକାର ଗଛ ଅତି ଘଞ୍ଚ ଭାବରେ ଲାଗିଅଛି । ତାହାକୁ ସ୍ଥାନୀୟ ଲୋକେ 'ଝାଡ଼ କମଳା' ବୋଲି କହନ୍ତି । ବନ—ଗୃହ, ଅରଣ୍ୟ । କଙ୍କିରାତ—କୋକିଳ । କମ୍ବୁ—ଶଙ୍ଖ । ପଣ୍ୟପଥ—ବଜାରଗଳି । ପଣ୍ୟଶାଳା—ଦୋକାନ ।

ଭଥା ଶଇଲରୁ     ମୟୂର ମୟୂରୀ
ରଥା ସନ୍ନିକଟେ     ଆସନ୍ତ ଉତ୍ତୁରି ।
ଦିବାଗମ ଦେଖି     ଯେତେକ ପସାରୀ
ସତର୍କ ରହିଲେ     ପସରା ପ୍ରସାରି ।

ପାଖେ କେହି ଠିଆ     ହେଲେ ଅଲକ୍ଷଣ
ପଶ୍ଚରେ ଦୋକାନୀ     କହି ନେବ କ'ଣ ?
କା' ମନୋଭାବ ସେ     ବୁଝିପାରିବ କି
ସେକାଳେ ତା' ନେନେ     ସକଳେ ଗହକ ।

ନିଜ ଜିନସର     ଉତ୍କର୍ଷ ବର୍ଣ୍ଣନ
କରି କେ ଟାଣୁଛି     ଗ୍ରାହକଙ୍କ ମନ ।
ଲଟିଲି ଗହଳ-     ଚବେ କଣା ବକା
ଚଣା ଭୂଜା ଚୂଡ଼ା     ଉଖୁଡ଼ା ଖାଜକା ।

ପେଡ଼ା ରସଗୋଲା     ଚଖାଇ ଆଦର
କରି କେ' ବୁଝାଏ     ସେର-ପାଆ-ଦର ।
ସିଗାରେଟ ବିଡ଼ି     ଖାଡ଼ି ବଡ଼ା ପାନ
ଲଗିଛି ବାବୁଙ୍କ     ଆଦାନ ପ୍ରଦାନ ।

ଟିଣ ପିପିଟିଏ     କିଣିଦେବା ଲଗି
ମା' ପିଣ୍ଡରେ କେଉଁ     ଶିଶୁ ଅଛି ଲଗି ।
ହ' ଆପଡ ଲଦ     ଶିଶୁ ମୁଣ୍ଡଭାଗେ
ରବର ପିତୁଳା     କଣୁଛି କେ ରାଗେ ।

ସାବୁନ ଖଣ୍ଡେ କେ'     ଦେଇ କାହା କରେ
ମୂଲ୍ୟ ନେବାକୁ ସେ'     ନାହିଁ ନାହିଁ କରେ ।
କେ ବା କିଣି ଆଣି     କଦଳୀ ମିଠାଇ
କା ପଣନ୍ତେ ବଳେ     ଦେଉଛି ଗଣ୍ଠାଇ ।

ଏହି ଭାବେ ସ୍ନେହ-     ପ୍ରେମ-ନିଦର୍ଶନ-
ପ୍ରଦାନେ ଲାଗିଛି     ସଦାସ୍ଥ ଦର୍ଶନ ।

ରାଜେନ୍ଦ୍ର ଲାଲଙ୍କ     ଅତିଥିସତ୍କାର
ସକାଶେ ଫିଟିଲା     ଦାତବ୍ୟ ଭଣ୍ଡାର ।

ସେ କାର୍ଯ୍ୟ ଚାଳନେ    ନାମୀ ନାମୀ ଲୋକେ
ଥିଲେ ବନ୍ଧୁ, ମାନ୍ୟ    ଲାଗିଗଲେ ଥୋକେ ।
(୧) ବନମାଳୀ ତନ୍ତିଁ    ବନେ ହୁସିଆର
ବାଛି ଦେଇଥିଲେ    ନାମ କାମଭାର ।

(୨) ଆଗତ ଅତିଥି    ସଂଖ୍ୟା ବୁଝି ହାଡ଼ି
ବାଣ୍ଟିଥିଲେ ଖାଲି    ପାତୁଲାଦ ହାଁଡ଼ି ।
(୩) ମାପି ମାପି ଡାଲି    ଚାଉଳ ଭିଖାରୀ
ଦେଉଥିଲେ ଦେଖି    ଅତିଥି ଭିକାରୀ ।

(୪) ଚାକର ସାହାଯ୍ୟ    ନ ନେଇ ଚକର
ଦେଉଥିଲେ ଖଲି    ଚକନ ପତର ।
(୫) କେ' ପାଇଛି କଏ    ପାଇନାହିଁ ଦୁଷ୍ଟି
ଏଇ କାର୍ଯ୍ୟ ଧରେ    ଦେଇଥିଲେ ଦୃଷ୍ଟି ।

(୬) ଲଏଖନଙ୍କର    ଖାଲି ଲେଖା କାମ
ଖରଚ ହିସାବ    ଅତିଥିଙ୍କ ନାମ ।
କିବା ଦୁଃଖୀ ସୁଖୀ    କି ମୂର୍ଖ ପଣ୍ଡିତ
ଏ କାର୍ଯ୍ୟେ ସବୁର    ମନ ଆନନ୍ଦିତ ।

ସାରା ରାତି ଦେଶ-    ଚିନ୍ତା କରି କରି
ସ୍ୱାର୍ଥତ୍ୟାଗ ପରି-    ଚୟ ଦେଲାପରି,
କେତେକ ବାବାଜୀ    ପକାଇଣି ଢୁଲ
ବସିଛନ୍ତି ଆଖି    କରି ଲାଲ ଲାଲ ।

---

(୧) ବନମାଳୀ—ବୋଡ଼ାସମ୍ବର ଜମିଦାରୀରେ ଥିବା 'ଗସ୍ତିଡ଼ିହି' ଗ୍ରାମର ଗୌନ୍ତିଆ ।.ବନେ—ଭଲ (ସମ୍ବଲପୁରୀ ଶବ୍ଦ) ।

(୨) ହାଡ଼ି ପାଣିଗ୍ରାହୀ—ମ୍ଳେଚ୍ଛାମୁଣ୍ଡା ଥାନା· ଶନମାଲ ନାକାର ମୋହରର । ପାତୁଲ—କ୍ଷୁଦ୍ର ଆଟିକା (ପାତ୍ର ଶବ୍ଦଜ) । ହାଁଡ଼ି—ହାଣ୍ଡିକା ଶବ୍ଦଜ ।

(୩) ଭିକାରୀ ନାୟକ—ଗାଇସ୍ଲେଟ ପ୍ରଗଣାର ଦଫାଦାର । (୪) ଚକ୍ରଧର ପାଣ୍ଡେ—ସିଲେଟ୍‌ପଦାର ଖମାରୀ । ଖଲି—ପତ୍ରଦ୍ୱାରା ନିର୍ମିତ ବସ୍ତୁତ ପାତ୍ର । ଚକନ—ପତ୍ରଠୋଲା (ଚତୁଷ୍କୋଣୀ ଶବ୍ଦଜ) । (୫) ଯୁଧିଷ୍ଠିର ନାୟକ—ନୂଆପଡ଼ା ପ୍ରଗଣାର ଦଫାଦାର । (୬) ଲକ୍ଷ୍ମଣ ପାଢ଼ୀ—ଗୋରଣ୍ଡା ପ୍ରଗଣାର ଦଫାଦାର ।

ଥୋକେ ଯାଇ ଧର୍ମ- ଭଣ୍ଡାରର ପାଖେ
ଦୁର୍ଦ୍ଧ ସଣ୍ଢୁ ଆଣି ନଯୋଜଣ କାଖେ ।
ଶୁଣ୍ଡୁଳ ବଦନେ ଗାଉଛନ୍ତି ରାମ-
ପରିବର୍ତ୍ତେ ଲୁଲ ରାଜେନ୍ଦ୍ରଙ୍କ ନାମ ।

ମନ୍ଦିର ସମ୍ମୁଖେ ଯୁବକ ଯୁବତୀ
(୧) ଦୁଣ୍ଡୀଭୂତ ମଣ୍ଡି ପଟଳ ପଦ୍ଧତି ।
ଶୋଭାମୁଗ୍ଧ ଏକ ଯୁବା ନେହାନନ୍ଦ
ସମ୍ଭରି ନପାରି ଆପଣା ପସନ୍ଦ,

ପ୍ରିୟ ସହଚର ଗୋଟିକି ଅନାଇ
ବୋଲେ ଦେଉଳଟି କି ସୁନ୍ଦର ଭାଇ !
ପର୍ବତକୁ ଆଛା ଶୋଭୁଛି ଦେଉଳ
ଶମ୍ଭୁଶିରେ ଯେହ୍ନେ କଢ଼ି ମଲ୍ଲୀଫୁଲ ।

କି ଅଖଣ୍ଡ-ଚନ୍ଦ୍ର ସ୍ଥିର ଖଣ୍ଡ ଘନେ
(୨) ଫୁଟି ପଡ଼ୁଅଛି ଘନାନ୍ତ ଗଗନେ ।
ଅଥବା ଶୈବାଳେ ଧବଳ କୁମୁଦ
ପ୍ରଫୁଲ୍ଲିତା ଲଭି ଦେଖାଉଛି ମୁଦ ।

ଦୋଳା ସନ୍ତରଣେ ବଲାଇ ମାନସ
(୩) ଦେବାଳୟ ରୂପେ ଦେବାଗ୍ରଜ ହଂସ
ଉଡ଼ି ଆସି କିବା ଶୈଳେ ଅଛି ବସି
ସୁରଙ୍ଗୀକି ମଣି ସୁରଙ୍କ ସରସୀ ।

ଗଙ୍ଗା ପରି କିବା ସୁରଙ୍ଗୀକି ଚାହିଁ
ଛଦ୍ମେ ଐରାବତ ଆସିଥିଲା ଧାଇଁ ।
(୪) ସୁରଙ୍ଗୀ ଶାପେ ସେ ପାଲଟିଛି କୂଟ
ଦେଉଳଟି ତାର ରଜତ-ମୁକୁଟ ।

କି ଅବା ଏ ରମ୍ୟ ଶିବ-ଅଟ୍ଟାଳିକା
ସୁରଙ୍ଗୀ-ବୈଷ୍ଣବୀ- ରାମାନନ୍ଦୀ-ଟିକା ।

---

(୧) ପଟଳପଦ୍ଧତି—ବାଂଶ ଗୁଳଦ୍ୱାରା ନିର୍ମିତ ପଥ । (୨) ଘନାନ୍ତ—ଶରତ୍କାଳ ।
(୩) ଦେବାଗ୍ରଜ—ବ୍ରହ୍ମା । (୪) କୂଟ—ପର୍ବତ ।

ନା' ନା' ଏ ସୁରଙ୍ଗୀ    ରସବନ୍ତ ଯୋଷା
ଶଇଲଟି ତାର    ତଇଲଙ୍ଗୀ ଖୋଷା ।
ଖୋଷା ମଧ୍ୟେ ଫୁଟି    ଦଶେ ଯା' ମଞ୍ଜୁଳ
ଚଉଁରମୁଣ୍ଡି ସେ    ମୁହଇ ଦେଉଳ ।
(୧) ତେଣୁ ସୁରଙ୍ଗୀର    ଶୋଭା-ପ୍ରେମ-ରସି
ରସିକ ହୃଦୟ    ନଏ ଆକରଷି ।
(୨) ଏତେ ସୁନ୍ଦରୀ ଏ    ଦଣ୍ଡି-ଆଶା ହେବ
କେ ଜାଣି ଥିଲା ହେ ?    ବରହା ସାହେବ—
କଲେ ସିନା କେତେ    କେତେ ଟଙ୍କା ସାର
ଟଙ୍କାରେ କ କରି    ନପାରେ ସଂସାର ?
ମାଡ଼ିଲା ସେ ଦିନୁ    ଏ ଦେଶର ସୀମା
ସଚଳ ଟଙ୍କାର    ଅଚଳ ମହିମା,
ବଢ଼ିଲା ସେ ଦିନୁ    ଧର୍ମ-ଅର୍ଥ-କଳି
ନ ପାରିଲେ ଲୋକେ    ଧର୍ମ ଅର୍ଥ କଳି ।
ଧର୍ମାବତାରଙ୍କ    ଯୁଗ-ଧର୍ମାଳୟ
ଘୋଷୁଅଛି ସଦା    ଟଙ୍କା ନାମେ ଜୟ ।
ଦୁଃଖ ଜଣାଇଲେ    ନ ଦେଖାଇ ଟଙ୍କା
ଟଙ୍କାଧୀନ-ଧର୍ମ    ମୁହଁ କରେ ବଙ୍କା ।
ଭ୍ରମି ଦେଖ ନାନା    ତୀର୍ଥ ପୁଣ୍ୟସ୍ଥଳ
ଟଙ୍କା ଲୋଭେ ପଣ୍ଡା    ପୁରୋହିତଦଳ
ସାରୁ ବାଇଗଣ    ପର ପୁଣ୍ୟ ମୁକ୍ତି
ବିକ୍ରୟ କଲେଣି    ବାଢ଼ି ତର୍କ ଯୁକ୍ତି ।
ମୁଣି ମୁଣି ଟଙ୍କା    ଝୁଣି ଝୁଣି ଆଜ
ନିର୍ଲଜ୍ଜ ନିର୍ଦ୍ଦୟ    ନିଷ୍ଠୁର ସମାଜ—
କଅଁଳା କନ୍ୟାକୁ    ବିକ ବୃଦ୍ଧ କରେ
ଭାସୁଅଛି ସିନା    ଘୋର ନରକରେ ।
ଆଜ ଯେ ସ୍ୱଦେଶ-    ହିତ ଅଭିଳାଷୀ
ଟଙ୍କା ଇଙ୍ଗିତେ ସେ    କାଲି ସର୍ବଗ୍ରାସୀ ।

---

(୧) ରସି—ଦଉଡ଼ି (ସମ୍ବଲପୁରୀ ଶବ୍ଦ) । (୨) ଦଣ୍ଡି-ଆଶା—ଗିରିଗହ୍ୱର ଦଶା ।

(୧) ଗୋଟିଏ ଟଙ୍କାରେ    କୋଟିଏ ପ୍ରାଣୀର
ତଣ୍ଟି ଚପିବାକୁ    ଛନ୍ତି କେତେ ବୀର ।
ଟଙ୍କା ପଦେ ଆଜ    ବିକ ମାନମଥା
ହରାଇଛି ଦେଶ    ଆତ୍ମ-ସର୍ବବତା ।
ଟଙ୍କା ମହିମାରେ    ମୃତ ବି' ପ୍ରତାପୀ
ଧାର୍ମିକର ତ୍ରୁଟି    ଝିଙ୍କେ ଆଜ ପାପୀ ।
ତର୍ମ୍ମ ମୁଣ୍ଡେ କରେ    ମଣ୍ଡୂକ ନର୍ତ୍ତନ
ବ୍ୟାଘ୍ର କର୍ଣ୍ଣ କରେ    ମୂଷିକ କର୍ତ୍ତନ ।
ଉତ୍ତରିଲ୍ ଜଣେ    ତୋ କଥାଟି ସତ
ମାତ୍ର ଏ କାର୍ଯ୍ୟରେ    ଅଛି ଭିନ୍ନ ମତ ।
*"ସୁନ୍ଦରେ ତୃପ୍ତିର    ଅବସାଦ ନାହିଁ
ଯେତେ ଦେଖୁଥିଲେ    ନୂଆ ଦିଶୁଥାଇ ।"
(୨) ଲେଖିଛନ୍ତି ଯାହା    ରାୟ କବିବର
ଲୁପ୍ତ ଅଛି ତହିଁ    ଲକ୍ଷ୍ୟଟି ସ୍ୱବର ।
ନିସର୍ଗ ସୌନ୍ଦର୍ଯ୍ୟ-    ଉପଭୋଗୀ ନର
ଶ୍ରୀତ ଅଟେ ଶୋଭା-    ପ୍ରୀତ ନୟନର ।
ସୌନ୍ଦର୍ଯ୍ୟ ଉପରେ    ସୌନ୍ଦର୍ଯ୍ୟର ଯୋଗ
କରି ଲଭେ ନବ    ନବ ଉପଭୋଗ ।
ଇଚ୍ଛାଟି ତାହାର    ସୌନ୍ଦର୍ଯ୍ୟ ତରଙ୍ଗେ
ହସି ହସି ଭାସୁ-    ଥାନ୍ତା ନବରଙ୍ଗେ ।
ସାରା ସଂସାରର    ସୌନ୍ଦର୍ଯ୍ୟ-ମାଧୁରୀ
ନିଜ ନୟନାଗ୍ରେ    ରହିଥାନ୍ତା ପୂରି ।
ନୋହିଲେ କି ଶିଶୁ    ସୌନ୍ଦର୍ଯ୍ୟ ଲାଳସୀ
ମାତାକୁ ମାଗନ୍ତା    ସରଗର ଶଶୀ ?

---

(୧) ମିଛୁଆ ସାକ୍ଷୀ ପ୍ରତି ଲକ୍ଷ୍ୟ । (୨) ରାୟ ରାଧାନାଥ ରାୟ ବାହାଦୁରଙ୍କ ପ୍ରଣୀତ 'ଚିଲିକା' କାବ୍ୟାନ୍ତର୍ଗତ ପଦବିଶେଷ: "ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।"

* କ୍ଷଣେ କ୍ଷଣେ ଯତ୍ ନବତାମୁପୈତି,
ତଦେବ ରୂପଂ ରମଣୀୟତାୟାଃ । (ମାଘ)

ସେହି ଇଚ୍ଛା ଆମ୍ଭ ଜମିଦାରଙ୍କର
ଦେବଦହେ କର- ଅଛୁ ଶୋଭାକର ।

ବାଳାଟିଏ ପୁଣି ଦେଲା ପ୍ରତିବାଣୀ
ତୁମ୍ଭେ ମଧ୍ୟ ଏହା ପାରନାହଁ ଜାଣି ।
(୧) ପୁଣ୍ୟଶୀଳା ପତି- ପ୍ରାଣା ଶ୍ରୀମତୀ
ମହାଦେଈଙ୍କର ଈଶ୍ୱର ଭକତି-
ନିଦର୍ଶନ ସିନା ଏହି ଦେବାଳୟ
ଧନ୍ୟ ତାଙ୍କ ସତୀ ସାଧବୀ ହୃଦୟ ।
ଥରେ ଜମିଦାର ସାଂଘେବ ପୀଡ଼ିତ
ଅବସ୍ଥାରେ ଥିଲେ ମରଣ-ମୂର୍ଚ୍ଛିତ ।
ତା ଦେଖି ଶ୍ରୀମତୀ ଶିରୀମତୀ ରାଣୀ
ବିନତ ମସ୍ତକେ ହୋଇ ଯୁକ୍ତପାଣି,
କହିଲେ ବ୍ୟାକୁଳା ଭକ୍ତିପୂର୍ଣ୍ଣ ସ୍ୱରେ
ଦୁଃଖହାରୀ ହର, ମମ ପ୍ରାଣେଶ୍ୱରେ
ପ୍ରାଣ ଭିକ୍ଷାଦାନେ କର ଯଦ୍ଧିଜୀବୀ
ଶୀତଳଷଷ୍ଠୀରେ ତୁମ୍ଭଙ୍କୁ ପୂଜିବି ।
ହର କୃପାବଳେ ଦୁଃଖ ହେଲା ଦୂର
ଲଭିଲେ ଆରୋଗ୍ୟ ଲାଲ ବାହାଦୁର ।
ଅଳ୍ପ ଦିନେ ରାଣୀ- କଳ୍ପନା-ବିଳାସ
ଦେବ୍‌ଦହକୁ କଲା ନବ କପିଳାସ ।
ସଖୀଟିଏ ବୋଲେ ସତ କି ଗୋ ସହି ?
କପରି ଜାଣିଲୁ କିଏ ଥିଲା କହି ?
କେହୁ ବୋଲେ ମୋତେ ନଲାଗେ ପରତେ
ରଜାଘର କଥା ଜାଣିଲୁ କେମନ୍ତେ ?
ତା' ଶୁଣି ପ୍ରଥମା ଦେଲା ପ୍ରତ୍ୟୁତ୍ତର
କେଉଁ କଥା ମୋତେ ଅଛି ଅଗୋଚର ?

(୧) ଶ୍ରୀମତୀ—ବୋଡ଼ାସମ୍ବର ଜମିଦାର ଶ୍ରୀ ଶ୍ରୀ ଲାଲ ରାଜେନ୍ଦ୍ର ସିଂହ ବରିହା ବାହାଦୁରଙ୍କ ସହଧର୍ମିଣୀ; ବଡ଼ରାଣୀ ।

ଏ ଦେଉଳେ ଅଛୁ ଯେବଣ ବାବାଜୀ
ତାକୁ ପଚୃର ମୁଁ କହୁଛୁ କି ସାଜ ?
ଏପରି ଅଚ୍ଛିନ୍ନ- କଳ୍ପନା ବିସ୍ତାର
ଦେବଦହ ଦେଗେ ଗଲେ ସବ ନାଶି ।

ତେଣେ ଦେବଦହ- ପାର୍ଶ୍ୱ-ଗଣ୍ଡେ ଜନ
କରୁଛନ୍ତି ହର୍ଷେ ସ୍ନାନାଦି ତର୍ପଣ ।
ଥୋକେ ପଶିଯାଇ ବାଘେନ-ଗହ୍ୱରେ
ଅଳ୍ପ ଦୂରୁ ଧୂଅଁ ଆସନ୍ତି ଭୟରେ ।
ମତ୍ସ୍ୟ ସନ୍ଦର୍ଶନେ ଶତୋଽଧିକ ନର
ମଣ୍ଡିଛନ୍ତି ଦହ- ମଧ୍ୟସ୍ଥ ପ୍ରସ୍ତର ।
କଏ କରତାଳି ମାରି କେ ଜୁହାର
କରି ବୋଲୁଛନ୍ତି ବାହାର ବାହାର ।
ନାଶିବୃନ୍ଦ ଦେଖି- ବାକୁ ମତ୍ସ୍ୟ ମଜା
ବିକ୍ଷିପନ୍ତି ଜଳେ ଭୁଜାଗୁଣ୍ଡ ଖଜା ।
ଦଳଦଳ ହୋଇ ଉଁଡ଼େଇ, ଜରେଲ,
କୁତୁରି, ଗଉର- ଚୂନା, ମହରେଲ—
ଚଞ୍ଚଳେ ଝୁଂକନ୍ତି ହର୍ଷ ଅନୁଭବ
ନାଶିନେହେ ଗାରି ଘିଉପୁଷ୍ଠା ଛବ ।
କେତେବେଳେ ପାଖେ ବଡ଼ ମାଛଟାଏ
(୧) ଆସି ଝାଲ ମାରି ଯଦି ବା ପଳାଏ
ଚମକି ନାଶିଏ ଗୃହିଁ ପରସ୍ପରେ
କହୁଥାନ୍ତି କେତେ ମାଛ ଦେଖ ତ ରେ !
କେଉଁ ନାଶି ବୋଲେ ଏ ମାଛଟି ସାନ
ଅଧେ ଛନ୍ତି ପୋଡ଼ ବଳଦ ସମାନ ।
ଛତାଠାରୁ ବଡ଼ ଅଛନ୍ତି କଇଁଛ
ମରିଯିବ ମୁହଁ କହୁଥିଲେ ମିଛ ।
ସମର୍ଥିଲି ଜଣେ— ହେଲେ ସତ ହେବ
ସେ ମାଛ ତ' ନେଲେ ପୋଡ଼ ଝିଙ୍କି ନେବ ।

(୧) ଝାଲ—ବୃହନ୍ମତ୍ସ୍ୟ ସନ୍ତରଣଦ୍ୱାରା ଉତ୍କ୍ଷିପ୍ତ ଜଳାଂଶ ।

(୧) କେହୁ ବୋଲେ ମାଛ    ଆମ ଗାଁ କଁଟାରେ
(୨) ଘାଡ ହେଲେ ଖାଲି    ଚରନ୍ତି ଭଁଟାରେ ।
କାହାଠାରୁ ଶୁଣି    କେବଣ ଯୁବକ
ଆମ୍ଭ ଅଭିଜ୍ଞତା    ପ୍ରକାଶି ଝଟକ
ଅଙ୍ଗୁଳି ନିର୍ଦ୍ଦେଶେ    ଦେଖାଏ ସତ୍ୱର
ଦେଖ ଘଣ୍ଟିମାନେ    ସେଇଟି ମଗର ।
ତାଙ୍କ ଆଗୁଁ ଆଗେ    ଦେଖିଯାର ଜେମା
ସନ୍ତ୍ରାସ ହରଷେ    ବୋଲେ ସତେ ରେ ମା'
ପୋଡ଼ାକାଠ ପରି    ଦିଶୁଛନ୍ତି କେମନ୍ତ
(୩) ସାର ହେଲାଣି ମୋ'    ସବୁ ଦହସତ ।
ଅନୁତାପି ଏକ    କୋମଳ-ବଚନା
ବୋଲେ ମୁଁ ଯାପିନା    କପାଁ କଲି ମନା ?
(୪) ଆସିଥିଲେ ଦେଖି-    ଥାନ୍ତା ମୋର କଳା
ନ ଆଣିବାରୁ ସେ'    କେତେ ଦୁଃଖ କଲା ?
ଉତ୍ତରିଲା ଜଣେ    କପାଁ ଏତେ କଥା
ସଙ୍ଗେ ଆଣିବାକୁ    ଲାଗିଲା କ ବ୍ୟଥା ?
ଶୁଣି ମଧୁକଣ୍ଠୀ    ଦେଲା ପ୍ରତିବାଣୀ
ନ ଆଣିଲି ମା' ଏ    ଯୁଗ କଥା ଜାଣି ।
ବଢ଼ିଲା ଝିଅର    ଉଚ୍ଛୁଳା ବଇସ
ଭାବଲି କିଏ ବା    କହିଦେବ କସ ?
ଦାଣ୍ଡେ ଭେଟେ ଖସି    ପଡ଼ିଲେ ମହତ
ହସିବାକୁ ଘଣ୍ଟେ    ଛନ୍ତି ଶତ ଶତ ।
ସେଥିଲାଗି ତାକୁ    ଏପରି ସ୍ଥାନକୁ
ଆଣିବାକୁ ସେତେ    ନଇଲି ମନକୁ ।
ସ୍ୱଭାବେ ତ' ରମା    କଳହ-ଚତୁରା,
ତର୍କ-ସମର୍ଥନେ    ହୋଇ ଆଗତୁରା
କହିଲା—ଯା ମନ.    ରସିବ ପାପରେ
ରଖିଲେ ହେଁ ତାକୁ    ପରଦା-ରୂପରେ ।

(୧) କଁଟା—ବୃହତ୍ କଳାଶୟ । (୨) ଭଁଟା—ସ୍ଥଳଭାଗ । (୩) ଦହସତ—ଶ୍ରମ ।
(୪) କଳା—କଳାବତୀନାମ୍ନୀର ଖଣ୍ଡିତ ନାମ ।

ସାଧିନେବ ସେତୁ ନିଜର କାମନା
ଅଟକାଇ ପାରେ ନାହିଁ ବାଧା ମନା ।
ନୋହିଲେ ଯାହାର ମନ ନିରମଳ
ସହିଁ ଥିଲେ ତାର ଇଜତ ଅଟଳ ।
(୧) ଯେ କାଦୋ ମାଡ଼ିଲା ସେ ଗୋଡ଼ ଧୋଇବ
କାହାର କି ଗଲା କେ କିସ କହିବ ?
ନ ଦେଖି ଆମକୁ କେବଣ ଭଣଜା
କେ' ବହୂ କହୁ ତ' ଦେଖିବ ତା ମଜା ।
କଳହକୁ ଡରି କଳାବଣର ମା'
ବୋଲେ କି କହୁଛୁ କି ବୁଝିଲୁ ରମା ?
କଥା ପଡ଼ନାହିଁ ପୁଣ୍ୟ ବା ପାପର
ଭଲ ସୁଭାବଟି ନୁହେ ତା ବାପର ।
ସଞ୍ଜ ହେଲେ ତାକୁ ଅନ୍ୟର ଦୁଆର
(୨) ମାଡ଼ ନ ହଏ ସେ କି କହିବୁ ଆର ?
ପୁଅଠାରେ ସିନା ବାପର ଆକଟ
ଝିଅ ଲାଗି ସେ ତ' ଘର ଛଟପଟ ।
ନୋହିଲେ ଏପରି ଉଛବ-ଭୂଇଁକି
ଝିଅକୁ ନଆଣି ଆସନ୍ତି ମୁହିଁ କି ?

ସ୍ତିରୀଙ୍କ କଥା ତ ଝିପିରି ବରଷା
ଲାଗିଥିଲେ ବନ୍ଦ ନହୁଏ ସହସା ।
କଳା-ମା' କଥାରେ ଖୋଜ ଛିଦ୍ର ଭାବ
ପୁଣି ଦେଇଥିବ କେ' କିସ ଜବାବ ।
(୩) ତୁ ଶୁଣିଥିବୁ ଗୋ ଉପଳ-ଉରସି,
ମୁଁ ତ ସ୍ଥାନାନ୍ତର ଗଲି ହସି ହସି ।

(୧) କାଦୋ—କାଦୁଅ (କର୍ଦ୍ଦମ ଶବ୍ଦଜ) । (୨) ଆର—ଆଉ, ଅନ୍ୟ । (୩) ଉପଳଉରସୀ—ବର୍ଣ୍ଣିତ ସ୍ଥାନର ପ୍ରସ୍ତରମୟୀ ନଦୀଶଯ୍ୟା ଦୃଶ୍ୟାନୁଯାୟୀ ସୁରଙ୍ଗୀପ୍ରତି ପ୍ରଯୁକ୍ତ ସମ୍ବୋଧନ ପଦ ।

ନିକଟ ଗ୍ରାମର ଦର୍ଶକ ସକଳେ
ଅବଗାହି ଦନ୍ତା, କନ୍ଦଅନ୍ତା ଜଳେ,
ପୁରେ ବାହୁଡ଼ନ୍ତ, ନାଟ୍ୟ ସଙ୍ଗୀତର
ଗୁଣ ଦୋଷେ ବାଢ଼ି ମତ ମତାନ୍ତର ।
କେହୁ ବୋଲେ ରଜା ଠାଣିଟା ଅସଲ
କେ ବୋଲଇ ରାଣୀ ନାଚୁଥିଲା ଭଲ ।
ଆନ କେହି ବୋଲେ ସେ ଗୁଡ଼ାକ ଗୁଡ଼
ଦୂତ ମନ୍ତ୍ରୀ ଯଦି ନୋହିଥାନ୍ତେ ମାଡ଼,
ନାଟ କେବେ ଧର ଆନ୍ତା କି ଯମକ ?
କି କରନ୍ତା ଠାଣି- ମାଣି-ଝକମକ ?
କେହୁ ବୋଲେ ଅତା- ଖାର୍‌-ସଙ୍ଗୀତର
ଭଲ ନ ଲଗିଲା ଚୋଟିପିଲା ସ୍ୱର ।
ହାରମନବାଲା ଥିଲା ଜଣେ ଖାଲ
ନୋହିଲେ ମୁଁ ମାରି ଦେଇଥାନ୍ତି ତାଳ ।
ଏହିମତେ ନାନା ଆଲୋଚନା କରି
ଚଳିଲେ ଯେ ଯାହା ପଥ ଅନୁସରି ।
ମୁହିଁ ମଧ୍ୟ ଏକ ପ୍ରିୟ ବନ୍ଧୁଙ୍କର
ଉଚିତାନୁରୋଧ ମଣି ହିତକର,
ମାଘିଦନ ତାପ ମନେ ଅନୁଭବ,
(୧) ଆଶ୍ରିଲି "ମହୁଲ ପାଲି"ର ପଦବା ।
ଉକ୍ତ ଗ୍ରାମ ସ୍ଥିତ ବଇଷ୍ଣବ ଘର
ମାତୁଳାଳୟ ମୋ ସେହି ବନ୍ଧୁଙ୍କର ।
ତହିଁ ରହି ଯଥା- ଯୋଗ୍ୟ ସମାଦରେ
ଚତ୍ର ନିବେଶିଲି ଘରଣି ପାଦରେ ।
ଧରାପୃଷ୍ଠେ ରବି ଅବରଳ ଖର
କରାଇଲେ ବେଳୁଁ- ବେଳକୁ ପ୍ରଖର ।
ଅଙ୍ଗ-ତଟ-ପଠା କ୍ଷେତ ଇକ୍ଷୁବନ,
କମେ କମେ ହୋଇ ଆସିଲି ବଜନ ।

(୧) ମହୁଲପାଲି—ଏହି ଗ୍ରାମ ଜଗଦଲପୁର ଥାନାନ୍ତର୍ଗତ ଲଖମରା ଗ୍ରାମ ନିକଟରେ ଅବସ୍ଥିତ । ପଦଣ୍ଠ—ବାଟ ।

ପଥିକ ପଦୂରେ    ଲାଗି ଧୂଳି ବାଲି
(୧) ଭୂରୁସି ପରାଏ    ଲାଗିଲାଣି ଖାଲି ।
ତପ୍ତ ପ୍ରଭଞ୍ଜନ    ବହିଲା ପ୍ରଖରେ
ଆବାସ ଆଶ୍ରୟୁ    ନେଲେ ନାଶନରେ ।

(୨) ଛେଳି ଗୋ ମହିଷ    ଆଶ୍ରିଲେ ଗୁହାଳି
(୩) ପାଇବାକୁ ଥିର    କୁଣ୍ଡାଦ ପୁଆଳି ।
(୪) ଫେନିଳ ତୁଣ୍ଡରେ    ସଇରିଭଗଣ
ନେତ୍ର ମୁଦ କଲେ    ଚର୍ବିତଚର୍ବଣ ।
(୫) ଓଳିତଳେ ଅଳ୍ପ    ଓଲି ସ୍ଥାନ ପାଇ
ପ୍ରଶ୍ୱାସିଲା ଶ୍ୱାନ    ରସନା ଲମ୍ବାଇ ।
ବସିଲା କୁକ୍‌କୁଟ    ଖୋଳି ଓଦା ମାଟି
ପ୍ରକମ୍ପିତ କଣ୍ଠେ    ମେଲି ଅଳ୍ପ ପାଟି ।
ଗୃହଚ୍ଛିଦ୍ରେ ଗୃହିଁ    ପ୍ରଚଣ୍ଡ ତପନେ
ଗାଳଦେଲା ପାରା    ଘୁଟ୍ରୁକୁଁ-ସ୍ୱନେ ।
(୬) କେ’ ବା ଆଶ୍ରି ଡ଼ବା    କାକର ବଖରି
ମନକୁ ବୋଧିଲା    କି କରିବ ଖରି ?
(୭) ଏଦା ଅଙ୍ଗଛି କେ    ଲୁଡ଼ି ପରେ ଲଦି
ପହୁଡ଼ିଲା ସୁଖେ    ପାରି ଖଟ ଗଦି ।
କେ’ ବା ଚୂନଟିକା    ମାଖି ପାନ ଖାଇ
ଘରେ ଘରେ ଢେଲା    ମଉଜ ଦେଖାଇ ।
ଗାଇଲା କେ ଧୀରେ    "ମଥୁରା ମଙ୍ଗଳ",
(୮) କେ ଝାଡ଼ିଲା ‘ଧାଡ଼ି’    ଝଙ୍କାରଣ ଗଳ ।
କେତେକ ଯୁବକ    ଖେଳି ରଙ୍ଗ ତାସ
ଉପଭୋଗ କଲେ    ଆମୋଦ ଉଲ୍ଲାସ ।

---

(୧) ଭୂରୁସି—ଭସ୍ମାଗ୍ନି । (୨) ଗୁହାଳି—(ଗବାଳୟ ଶବ୍ଦଜ) ଗୋରୁ ମହିଷାଦି ରହିବା ଘର । (୩) ପୁଆଳି—ପାଲ । (୪) ସୈରିଭ—ପୋଢ଼ା । (୫) ଓଲି—ଓଦା । (୬) ବଖରି—କୋଠରି । (୭) ଅଙ୍ଗଛି—(ଅଙ୍ଗପ୍ରୋଛନୀ ଶବ୍ଦଜ) ଗାମୁଛା । (୮) ସମ୍ବଲପୁର ଅଞ୍ଚଳରେ ଚତୁର୍ଦ୍ଦଶାକ୍ଷରୀ ଗ୍ରନ୍ଥପାଠକୁ ‘ଧାଡ଼ି’ କହନ୍ତି ।

ଟୋକା-କୋଳାହଳୁଁ ଶୁଣି ଛକା ଛକା
(୧) ମନେ କଲ ତହିଁ ଲାଗିଥିବ 'ଛକା'।
ବାଳକ ବାଳିକା ହୋଇ ଦଳଦଳ
କ୍ରୀଡ଼ା କଲେ ଆମ୍ର-ତରୁ-ତଳତଳ।
ଘରପୋଡ଼ ଡ଼ର ଜଣାଇ ଦାଣ୍ଡରେ
(୨) ଡାକ ଦେଲା ଗଣ୍ଡା ପ୍ରଲମ୍ବ-ତୁଣ୍ଡରେ।
ବମ୍ବୁର, ତେନ୍ତୁଳ, ଗୃର, ସହକାର
ପାଦପୁଁ ଉଠିଲା ଝିଙ୍କାର ଝିଙ୍କାର।
ବହୁଶାଖ-ବଟ ଗହଳ ପଲ୍ଲବେ
ଚଞ୍ଚୁ ମେଲି ପିକ ଲୁଚିଛି ନୀରବେ।
(୩) ମହୁଲ ବୁରେଇ ଜଗି ଘାଏ ଘାଏ
କପୋତ କୁଁ କୁଁ-କୁଁ- ସାରଙ୍ଗୀ ବଜାଏ।
ଥରେ ଥରେ ଲତା- ବୃତ ଗୁଳ୍ମ ତଳୁ
(୪) ଗୁବହଏ ଚମ୍ପା ଠିକ୍ କଲୁ, ଠିକ୍ କଲୁ।
କାହାକୁ କହେ ସେ କେଉଁ ଗୁଣ ଦେଖି
ଚମ୍ପା ମନୋଭାବ ନପାରିଲି ଲେଖି।
ସହସା ଶ୍ରବଣେ ଶଙ୍ଖ-ଘଣ୍ଟ ସ୍ୱନ
ବାଜିବାରୁ ମନ ହେଲା ଛନ ଛନ।
ଘଟନାଟି କହି- ଦେଲା ସ୍ମୃତି-ରାଣୀ
ମନ୍ଦିର ପ୍ରତିଷ୍ଠା- ସମସ୍ତ ହେଲାଣି।
ଜାଠରକ କ୍ରିୟା ତୁଟାଇ ଝଟତି
ଦେବଦହ ଢଗେ କଲି ତହୁଁ ଗତି।
ପ୍ରତିଷ୍ଠା ବ୍ୟାପାର ନାହିଁ ଅବଶେଷ-
ଦୃଶ୍ୟ ସ୍ଥଳେ କଲି ଯେ କାଳେ ପ୍ରବେଶ।
(୫) ବାରୁଣୀ ବାଳାର ହେମଛତ୍ର ଘରେ
(୬) ପଶିଲେ ରସିକ- ରବ ପ୍ରେମଭରେ।

---

(୧) ଛକା—ସ୍ତ୍ରୀ ଖେଳବିଶେଷ। (୨) ଗଣ୍ଡା—ଗ୍ରାମ ଚୌକିଦାର।
(୩) ବୁରେଇ—ଜଙ୍ଗଲ ଜୋଷ୍ଟା। (୪) ଚମ୍ପା—ଚଁପା, ବୁଲ୍‌ବୁଲ୍ ପକ୍ଷୀ।
(୫) ବାରୁଣୀ—ପଶ୍ଚିମଦିଗ, ବେଶ୍ୟା। (୬) ରସିକ—ରସଗ୍ରାହୀ, ଲମ୍ପଟ।

(୧) ସନ୍ଧ୍ୟା-କାମସେନା ଅନ୍ଧାର-କବାଟ
ପକାଇ ଅଟକ କରି ଦେଲା ବାଟ ।
ଦେଖି ନୀରଜାସ୍ୟ- ଗୁଞ୍ଜୁରି ସନ୍ଧ୍ୟାର
ଦଳଦଳ ପକ୍ଷୀ କଲେ ଛିଛିକାର ।
ଉଡ଼ି ଉଡ଼ି ଧିକ୍କା- ରିଲେ ଚମଚଟା
ପୋଡ଼ୁ ଲୋ ପାପିନି, ତୋର ପାପଛଟା ।
ପାପ ହେବ ବୋଲି ତୋ ମୁଖ ଦର୍ଶନେ
ଚକ୍ଷୁ ବୁଜି ତେଣୁ ସାଧୁ ଭକ୍ତ ଜନେ
ପ୍ରାଚୀ ଅଭିମୁଖେ ନୀରବେ ନିଷ୍ଠରେ
ବସିଥାନ୍ତି ବ୍ରହ୍ମ- ଉପାସନା ସ୍ଥଳେ ।
ସବୁ ମୁଖୁଁ ସନ୍ଧ୍ୟା ପାଇ ନିନ୍ଦା ଗାଳି
ମୁହଁଟା ଶୁଖାଇ ଦିଶିଗଲା କାଳୀ ।

ନୀରବନ୍ତେ କ୍ରମେ ପିକ କାକ ଶୁକ
(୨) କୁହୁନ ନିଃସ୍ୱନେ ବାହାରିଲା ଘୂକ ।
(୩) ସତେ ଯେହ୍ନେ ଦିନ ଦିନଦୁଃଖିତର
ଦୁଃଖରେ ଦୁଃଖିତ ସେ ଅଧିକତର ।
ସମ୍ମୁଖରେ ଦୁଃଖୀ ଭାସି ଦୁଃଖଜଳେ
ବିଳପୁଥିଲେ ହେଁ ଜୀବନ ବିକଳେ,
ବିଳାସୀ ହୃଦରେ ନ ଭେଦଇ ତାହା
ନ ବାହାରେ ତାର ମୁଖୁଁ ଶୁଷ୍କ ଆହା ।
ନିଜ ଗୁଣେ ଏହି ଭାବକୁ ପ୍ରକାଶି
ତାରା-ମୁକ୍ତାହାରା ଖଣ୍ଡ-ଶଶୀହାସୀ-
ଯାମିନୀ-କାମିନୀ ଚକଚକ-ଅଙ୍ଗୀ
ଅଇଲା ବସ୍ତାରି ଜକଜକ-ଭଙ୍ଗୀ ।
ଗତ ରାତ ପରି ନାଟ୍ୟ ସଙ୍କୀର୍ତ୍ତନ
ଯେଉଁ ସ୍ଥାନେ କଲେ ନୃତ୍ୟ ପ୍ରଦର୍ଶନ ।
ପ୍ରକୃତି-ନର୍ତ୍ତକୀ ଶୋଇଥିଲା ଥକି
ସପନ ଦେଖି କି ଉଠିଲା ଚମକି ?

(୧) କାମସେନା—କୁଟ୍ଟଣୀ ସ୍ତ୍ରୀ । (୨) ଘୂକ—ପେଚକ । (୩) ଦିନଦୁଃଖିତ—ଚକ୍ରବାକ ।

ପ୍ରତିଧ୍ୱନି ରୂପେ   ବାକ୍ୟଦେବୀ ସଙ୍ଗ<br>
ଭାଙ୍ଗିଦେଲା ବନ-   ଗିରିର ଜଡ଼ତା ।<br>
ଜଡ଼ତା-ନାଶିନୀ   ବାଗ୍‌ଦେବୀ ପୟରେ<br>
ମାଳା ଗୁନ୍ଥି ଦେବା-   ଲାଗି ଭକ୍ତିଭରେ<br>
ମାନବ ପ୍ରକୃତି-   କୁସୁମ ଚୟନେ<br>
ଲାଗିଲି ଯେତିକି   ପଡ଼ିଲା ନୟନେ ।<br>
କେତେକ ଗ୍ରାମର   ନାଟ୍ୟ-ସଙ୍ଗୀତର<br>
ରସେ ନ ରସିଲା   ମାନସ ମୋହର ।<br>
(୧) ବନ୍ଦାର ସଙ୍ଗୀତ   ଦେଖିଥିଲି କ୍ଷଣେ<br>
ଚନ୍ଦ୍ରାଦେବୀ ନୃତ୍ୟ   କଲେ ମୋ ଈକ୍ଷଣେ ।<br>
ଦୁର୍ଭେଦ୍ୟ ରହସ୍ୟ-   ମୟ କେତେ ସ୍ଥାନ<br>
ଭ୍ରମି ଭ୍ରମି ନିଶା   ହେଲା ଅବସାନ ।<br>
ନିର୍ଦ୍ଦ୍ୱନ୍ଦ୍ୱ ନିର୍ମଳ   ନିରାପଦ ସ୍ଥଳ<br>
ଖୋଜୁଁ ଖୋଜୁଁ ହଜି-   ଗଲା ଧୈର୍ଯ୍ୟବଳ ।<br>
ଦୋକାନୀଟାକୁ ମୁଁ   କଲି ଅନୁନୟ<br>
ସୁକଟିଏ ନେଇ   ଦେବାକୁ ଆଶ୍ରୟ ।<br>
ବହୁକଷ୍ଟେ ସେହୁ   ରାଜିଲା; ଦୋକାନେ<br>
କ' ଶୁଅନ୍ତୁ ଯାହା   ବାଜିଲା ମୋ କାନେ ।<br>
ନଜାଣିଲା ପରି   ରହି ଚୁପଚାପ<br>
ସହିନେଲି ଗୁପ୍ତ-   ମଜା ପ୍ରେମାଳାପ ।<br>
ଭାବିଲି ନିର୍ଦ୍ଦ୍ୱନ୍ଦ୍ୱ   ସ୍ଥାନ କାହିଁ ଆଉ ?<br>
ଯହିଁ ଶିବ ତହିଁ   ଶିବାରିର ଦାଉ ।<br>
କେ କହେ କାମକୁ   ଦହିଲେ ଶଙ୍କର ?<br>
ଶଙ୍କର ନିଜେ ତ'   ଭସ୍ମ କଳେବର ।

ଦିବାନାଥ ପୁରେ   ଯିବାପାଇଁ ଖଟି<br>
ବାଳପିଲା ଉଷା-   ଘୋଷା ପିକକଣ୍ଠୀ ।<br>
ଦିଗାଳୀ ଆବଳୀ   ପ୍ରତିଧ୍ୱନି ଛଳେ<br>
ପ୍ରବୋଧିଲେ ହସି   ଶିଶିରାଶ୍ରୁ ଜଳେ ।

(୧) ବନ୍ଦା—ବରଗଡ଼ ଥାନାନ୍ତର୍ଗତ ଗ୍ରାମବିଶେଷ ।

ପ୍ରକୃତି-ଜନନୀ ପ୍ରଭାତ ଶୋଭାରେ
ପାତ୍ରେ ସଜାଡ଼ିଲା ପଠିଆଣି ଭରେ ।
ଶ୍ରୀଫଳ, ଅମୂଁଳା, କେନ୍ଦୂ, କଷି ଗୁର
ଫଳ ସଙ୍ଗେ ବଣ- ମଲ୍ଲିକାର ହାର ।
ଅଧିତ୍ୟକା-ଖଟ୍ୱା ଗୁଞ୍ଜି-କୁଞ୍ଜି-ଶଯ୍ୟା
ଦେଖୁ ଦ୍ରବ୍ୟ ଯେତେ ହୋଇଗଲା ଖଞ୍ଜା ।
ମଠ ହେବ ବୋଲି ରଙ୍ଗ ପାଟ ଶାଢ଼ୀ
ଝଁଟଣ୍ଡି ଝିଅର ଲାଗି ଦେଲା କାଢ଼ି ।
ଜନନୀ ଚରଣେ କରିଣ ପ୍ରଣତି
ବାହାରିଲା ଧୀରେ ଉଷା-ଜ୍ୟୋତିଷ୍ମତୀ ।
ବଧୂ ସହଯାତ୍ରୀ ସ୍ୱରୂପେ ସମୀର
ଗନ୍ଧ ବହି ଗତି କଲା ଧୀର ଧୀର ।
ଜଳ ଅଗ୍ନି ଦେବ ସେ ସଙ୍ଗେ ଶ୍ରଦ୍ଧାରେ
ବାହାରିଲେ ବାଷ୍ପ- ଦାବ-ଧୂମାକାରେ ।
ବରଷ ବାଦଲ ରୂପେ ଲଭି ମୁଦ
ସ୍ୱର୍ଗୁଁ ବାହାରିଲେ ସକଳ ବିବୁଧ ।
ଭୋଜ୍ୟ ପ୍ରାପ୍ତି ଆଶା ଘେନି ଦ୍ୱିଜଗଣେ
ବାହାରିଲେ ପେଟ- ଜ୍ୱାଳା ନିବାରଣେ ।
ଝିଙ୍କାରି-ଝୁଣ୍ଟିଆ- ଲଗା ଉଷା ପାଦ
ଚଳାଇଲା ପ୍ରାତଃ- ଶୁଭ ଶଙ୍ଖନାଦ ।
ମଧୁପ-ଶଙ୍ଖୁଆ ହୁଉଁ-ହୁଉଁ-ନାଦେ
ପଥ କଢ଼ାଇଲା ପରମ ଆହ୍ଲାଦେ ।
ସେହି ସଙ୍ଗେ ଦେବ- ଦହ ରଙ୍ଗୋତ୍ସବ
ଅପୂର୍ବ ଉତ୍ସାହେ ଯୋଗ ଦେଲା ଜବ ।
ରବି-ଉଷାଦେବୀ ନବୀନ ମିଳନେ
ନେତ୍ର ପୂତ ହେଲା ପରି ହେଲା ମନେ ।
ପ୍ରାତଃ ନିତ୍ୟକର୍ମ ସାରି ତରତରେ
(୧) ପଶିଲେ ବାଘେନ ଗୁଡ଼ମାରଖରେ ।

---

(୧) ଗୁଡ଼ମାର୍ଖ—ଗହ୍ୱର ।

ସ୍ୱମୋଚ-ତର୍ଯ୍ୟକ ଗହ୍ୱର ଭିତର
କି ବା ସେ' ଦେବ୍‌ଦହ- ଦେବୀ କୋଠାଘର ?
ଚମଚଟାଙ୍କର ଗମନାଗମନେ
ବିରକ୍ତ କୌତୁକ ମିଶିଯାଏ ମନେ ।
ମନ ପାଞ୍ଚେ ଗିରି- ଗର୍ଭୋପଲ ଗୃହେଁ
ମାଡ଼ିବସିବ କି ? ଧୈର୍ଯ୍ୟ ବୋଲେ 'ନାହିଁ' ।
ତଥାପି ବିଶ୍ୱାସ ନକଲା ମାନସ
ମାନସର ପିଣ୍ଡୁ ଧରିଲା ସାହସ ।
ବାହାରିଲି ଭ୍ରାନ୍ତି ନପାରି ସମ୍ଭାଳି
ଭୟ-ବିକମ୍ପିତ ଧୀର ପଦ ଚଳି ।
ଗୁମ୍ଫା ସମ୍ମୁଖୀନ- ସମୁଚ୍ଚ ଶିଳାରେ
ଉପବିଷ୍ଟ ହେଲି ମତ୍ସ୍ୟ ବିତୃଷ୍ଣାରେ ।
ଦେଖିଲି କୁମ୍ଭୀର ଭାସୁଛି ଦେବ୍‌ଦହେ
(୧) ଖଣ୍ଡାଧାର ନିଭ ବନ୍ଧୁର ବିଗ୍ରହେ ।
ମଗ୍ନ-ସନ୍ତରଣେ ରଖି ହିଂସ୍ର ଛଟା
ଅଲକ୍ଷିତ ଭାବେ ଦେଖାଏ ମୁଣ୍ଡଟା ।
ସୃଜଦିଏ କାହିଁ ବୃହନ୍ମତ୍ସ୍ୟ ଠାଲ
ଭ୍ରମ ପ୍ରସାରିତ ଲହରୀର ଜାଲ ।
(୨) କାହିଁ ଜଳଭୂଆ ଗୁହା ସମ୍ମୁଖରେ
ଦେଖାଦେଇ ଜଳେ ପଶିଯାଏ ଖରେ ।
ଦୋଳୁଛି ଦେବ୍‌ଦହେ ହୀରକ ଲହରୀ
ଭକ୍ତହୃଦେ ହରି ପ୍ରେମାମୃତ ପରି ।
ଅନାଇ ଭୀଷଣ ତୁଙ୍ଗ ଶୃଙ୍ଗଧର
ମଧୁରହିତ ଚୋ ଭୃଙ୍ଗ-ରାଜଧର ।
ସ୍ଖଳନ-ଉନ୍ମୁଖ ଶୃଙ୍ଗ ବିଲୋକନେ
ଠେଲିଦେଲା ପରି ଲାଗୁଥାଇ ମନେ ।
ଖଣ୍ଡ ଖଣ୍ଡ-ଉଚ୍ଚ ଗଣ୍ଡ ଶୈଳ ଧାଡ଼ି
ହୋଇଅଛି ଯେହ୍ନେ ବନ୍ୟ ପାରାଭାଡ଼ି ।

(୧) ଖଣ୍ଡାଧାର—କରତ । (୨) ଜଳଭୂଆ—ଓଧ ।

କାହିଁ ସମାଗତ        ବସ୍ତର ପ୍ରସ୍ତର
କାରୁକାର୍ଯ୍ୟ ବନ୍ଧ        ହୋଇ ସ୍ତର ସ୍ତର ।
କଳ୍ପନାରେ ଫୁଟି        ପଡ଼ୁଅଛି ସ୍ପଷ୍ଟ
କେବା ସେ ପ୍ରକୃତ        ପ୍ରାସାଦ-ପାବଚ୍ଛ ।
ଦେଖି ବନଜନ୍ତୁ-        ଗ୍ରାବ ଶରଷ୍ଟିନ
ସ୍ମୃତି ରଙ୍ଗେ ଭପୁ        ଭାବ ଶରଦ୍ଦିନ ।
ମହୁଲ, ପଲାଶ,        ବେଲ, କଜ, କେନ୍ଦୁ,
(୧) ହରଡ଼ା, ବାହାଡ଼ା,        କୁସୁମ, କାକେନ୍ଦୁ,
ସର୍ଗି, କୁରେଇ, ଭେରୁଁ,        ଅଁଳା, ଗମ୍ଭାରି,
କଦଲୀ, କରଞ୍ଜ,        ଖରଲ, ସୁନାରି,
ଧାମନ, ବାନ୍ଧନ,        ସାହାଜ, ଭେଲୁଆଁ,
ଧଅଁରା, ଧାଭୁଣ,        କୁରୁଲୁ, କୁରୁଆଁ,
ଖଇର, ଖଇପ,        ହଲନ, ଆଁକେଲ,
କେକଟ, ଶାଳହା,        ଧୂବେନ, ପାଁଟକଲ,
ଶେମେଲ, ପାଟେଲ,        ବାଞ୍ଜି, ମୁଣ୍ଡି, ଗୁର,
ଆଁଚ୍ଛି, ବଲଦଆ,        ମୁଖା, ଲଣ୍ଡିଗୁର,
ଘଁଟୋ, ଶିଶୁ, ଖଜା,        ସେହ୍ନା, ପଣପଣା,
ଗୁଞ୍ଜି, ବାଉଡ଼ଙ୍କି,        ଲଟିବୁରେଭଣା—
ହୁରଙ୍ଗି, ଏ ଆଦି        ଚନ୍ଦୁଲତାକୁଳ
ଘେନ ଭୃଙ୍ଗରଜ        ମଣ୍ଡିଛି ତୋ କୂଳ ।
ଦେଖିଲି ଆବର        ତୋ ଖର ପ୍ରାଚୀର
ତର ବୃକ୍ଷ ଦୃଶ୍ୟ        ଦାନୁଡ଼ଚଡ଼ର ।
ଦେଖି ସେସ୍ଥପର        ଭଗା ଶୋଭା ଠାଣି
ନେଲ ଗୋ ସୁରଙ୍ଗି,        ସେକାଳେ ମେଲ୍ଲଣି ।
ଏତେକ ଆସିଥିଲ        ଭକ୍ତି-ଶ୍ରଦ୍ଧାବେଶେ
ତୋ ବୃକ୍ଷ ଚରିତ        ଚଉଣ ଉଦ୍ଦେଶ୍ୟ ।
ତୁ ସିନା ଗଢ଼ିନ,        ନାନା ବାଧାବନ୍ଧ
ଶଙ୍କଟରେ ତଳେ        ନୋହୁ ଉଦବନ୍ଧ,

(୧) କାକେନ୍ଦୁ—ମାଙ୍କଡ଼କେନ୍ଦୁ ।

ଯୁକ୍ତି କାଳ ସଙ୍ଗେ ରଜନୀ ଦିବସ
ଲଭନ୍ତୁ ଜୀବନେ ସିଦ୍ଧି ପୁଣ୍ୟ ଯଶ ।
ମୁଁ କେମନ୍ତେ ସେପରି ଚିନ୍ତାକୁଳ ମନେ
ଅଶାନ୍ତ-ଦୁର୍ଗତି- ଜଡ଼ିତ-ଜୀବନେ,
ଫୁଟାଇ ପାରିବି ତୋର ପୂର୍ଣ୍ଣ ଛବି
ଶକ୍ତି ମୋର କାହିଁ ? ସଚିତ-ସାଧବି !
ଯାହାହେଉ ଖଣ୍ଡ- ଆଲେଖ୍ୟ ତୋହର
ଛବି ଚରିତାର୍ଥ ହେଲା ମୋର କର ।
ନୁହଇ ମୁଁ କବି, ପ୍ରତିଷ୍ଠ ଲେଖକ
ଅବା ଉଚ୍ଚ-ଶିକ୍ଷା- ପ୍ରାପ୍ତ-ସୁପାଠକ ।
ଶିଶୁଖେଳା ଭଳି ଶ୍ୱେତ ପଦ୍ମାସନା
ସେବାରେ ଆବାଲ୍ୟ ବଳିଛି ବାସନା ।
ହେଲେହେଁ ମୁଁ ବାଣୀ ନଗଣ୍ୟ ସନ୍ତାନ
ମୋ ଲେଖକେ ହୁଏ କମଳାଙ୍କ ସ୍ନାନ ।
ଧୈର୍ଯ୍ୟଧ୍ୱଂସୀ ବେଗେ ପ୍ରାଣ ଘାରନ୍ତାନ୍ତ
ମାନସ ମୋହର ବିବ୍ରତ ବିଭ୍ରାନ୍ତ ।
ଘେରିବାକୁ ବେଶି ଦୁଃଖଶୋକ-ହିକ୍କା
ଦୁର୍ଭାଗ୍ୟ-ରାଜ୍ୟଟା ଆଣିଅଛି ଠିକା ।
ଅନୁଡ଼ିଶାଳେ ମୋ ଦେଖିବାକୁ ମୁଖ
ସଭିଙ୍କ ପଛିଲେ ଜଗିଥିଲା ଦୁଃଖ ।
ସୁରଙ୍ଗି ଗୋ, ସେଇ ଦୁଃଖର ଆଶ୍ଳେଷେ
ଚିର ବନ୍ଧ ମୁହିଁ ଯନ୍ତ୍ର ହୋଇ କ୍ଳେଶେ ।
ପ୍ରାଣ ମୋର ହୋଇ ଗଲାଣି ପଥର
ନେତ୍ର ଯେମନ୍ତେ ଅଶ୍ରୁ ଜଳର ନିର୍ଝର ।
ଆଗରୁ କେତେକ ବଡ଼ ବଡ଼ ଭାଇ
ଯାଇଛନ୍ତି ବୋଲି ଭାଗ୍ୟଦୋଷ ଗାଇ ।
ଅନୁକରଣ ଏ ନୁହେ, ଅନିବାର
(୧) ଶିଖାକରଣର ସ୍ୱତଃ ଅଶ୍ରୁଧାର ।

(୧) ଶ୍ରୀକରଣ—ଲେଖନୀ, କଲମ ।

ଲଭିଅଛି ସିନା    ନରଜନ୍ମ ମଣି
ନତ୍ତୁ ଭାଗ୍ୟ ମୋର    ଦୁଃଖ-ବିଷେ ଫଣୀ ।
ଜୀବନ ମୋହର    ନାନା ଅଶାନ୍ତିର
ହୋଇଛି ନର୍ତ୍ତନ-    କୁର୍ଦ୍ଦନ-କୁଟୀର ।
ନିରନ୍ତର ମୋର    ଅନ୍ତରାତ୍ମା-ଯନ୍ତ୍ର
ଉଠୁଛି ଉଚ୍ଚାରି    ହାହାକାର-ମନ୍ତ୍ର ।
ଏଣୁ ତ ସିନା ମୁଁ    ଶୂନ୍ୟ ମାୟାଗାରେ
କିସ ଅଛି ମୋର    ଜୀବନ-ସଂସାରେ ?
କାହିଁ ହର୍ଷ-ରବି    ସୁଖ-ଚନ୍ଦ୍ରମା ?
ଘୋଟିଅଛି ନିତ୍ୟ    ନୈରାଶ୍ୟ-ଅମା ।
ଭବିଷ୍ୟତ ସୁଖ-    ଶାନ୍ତିର ସୂଚନା
ଆଶା ଥିଲେହେଁ ତା    ଆଶା ମରୀଚିକା ।
ଆଶା-ଦୃଷ୍ଟିରେ ଯା'    ଦିଶୁଥାଏ ସୁନା
ହାତ ବଢ଼ାଇଲେ    ପାଲଟଇ ଚୂନା ।
ଭାଗ୍ୟଦୋଷ ଏ କି    ଦଇବୀ-ଚାପରି
ବୁଝି ନ ପାରେ ମୁଁ    ଜ୍ଞାନ-ବୁଦ୍ଧି-ହରି ।
ଚଖାଇବାକୁ କି    ଅସାର-ତିକ୍ତତା
ରଖାଇଛି ବିଧି    ସଂସାରେ ମୋ ସତ୍ତା ?
ମୋ ସଳଖେ ବିଧି    ଥିବ ଯାକୁ ରଖି
ମୋ ଅନୁଭୂତି ସେ    ପାରିବ ପରଖି ।
ଆସିଛି ଯେପରି    କାନ୍ଦି କାନ୍ଦି ଭବେ
ବାହୁଡ଼ିବ ପୁଣି    ସେ କ୍ରନ୍ଦନ ରବେ ।
ଦେଖି ପାରିବି କି    ସୁଖର ଲପନ ?
ଦେଖିବାକୁ ଯାହା    ନପାଏ ସପନ ।
ସରି ତ' ନଯିବ    ଗୋ ସରିତ-ରାଣି !
କେତେ ଗାଇବି ମୋ    ଦୁଃଖର କାହାଣୀ ।
ଯାଉଛି ସୁରଙ୍ଗି,    ଘେନ ନମସ୍କାର,
ସେ ସଙ୍ଗେ ଲେଖନୀ-    ଅଶ୍ରୁ-ମସି ଗାର ।

# ଧନ୍ୟ-କଳିକାଳ

# ଅଭିମତ

ପ୍ରିୟ ଖଗେଶ୍ୱର ବାବୁ,

ଆପଣଙ୍କର 'ଧନ୍ୟ-କଳକାଳ'ର ରଚନା ମୋତେ ସୁନ୍ଦର, ସରସ ଓ ଚମତ୍କାରୀ ବୋଧ ହେଲା । ପଦଗୁଡ଼ିକ କୌତୂହଳୋଦ୍ଦୀପକ-ଭାଷା-ଭାବରେ ଲିଖିତ ହୋଇ ମନୋହର ହୋଇପାରିଅଛି ।

କେତେକ ପଦର ବର୍ଣ୍ଣନା ଏପରି ହୃଦୟଗ୍ରାହୀ ହୋଇଅଛି ଯେ ମୁଁ ବାରମ୍ବାର ପଢ଼ି ଆମୋଦ ଉପଭୋଗ କଲି ।

ପାଠକମାନଙ୍କର କୌତୂହଳ-ବୃତ୍ତି ଚରିତାର୍ଥ ପାଇଁ ଆଉ କେତୋଟି ପଦ ବୃଦ୍ଧି କରି ପାରିବେ କି ?*

ବରପାଲି
୫-୭-୩୯

ଆପଣଙ୍କର
ରାଘବ ମିଶ୍ର

---

* ମନ୍ତ୍ରବ୍ୟଦାତାଙ୍କ ଅନୁରୋଧ ରକ୍ଷା ସତ୍ତ୍ୱେ ପ୍ରାୟ ଅର୍ଦ୍ଧାଂଶ ପଦ ପରିବର୍ଜନ କରାଯାଇଅଛି ।
—ଲେଖକ ।

# ଉପହାର

(ରାଗ—ଶଙ୍କରାଭରଣ)

ଘେନା, ହେଉ ନିବେଦନ,
ହେ ଉବଡ଼ା ଗ୍ରାମାଧିପ ଫକୀରମୋହନ ! । ଘୋଷା ।

ଲୁଚି ଥିଲେହେଁ ସୁପୁଷ୍ପ ଗୁଳ୍ମ-ଅନ୍ତରାଳେ
ନିଜ ଗନ୍ଧ ଯୋଗୁଁ ପଡ଼େ ଭ୍ରମର-ଜଞ୍ଜାଳେ ।
ହେୟ ସୁଦ୍ଧା ଉପାଦେୟ ମହତର କରେ
ରବିକରେ ଅଭ୍ରଖଣ୍ଡ ଜକଜକ କରେ ।
ଏ ଆଶାରେ 'ଧନ୍ୟ-କଳକାଳ' ପୁଷ୍ପହାର
ଗୁନ୍ଥି ଆଣିଅଛି ମଣି ପ୍ରୀତି-ଉପହାର ।
ସ୍ନେହ-ଦୃଷ୍ଟିପାତ ତୁମ୍ଭ ହେଲେ ଏଥିପ୍ରତି
ବଳବତୀ ଆଶା ମୋର ହେବ ଫଳବତୀ ।

ଆପଣଙ୍କର
ସୌଜନ୍ୟମୁଗ୍ଧ
**ଶ୍ରୀ ଖଗେଶ୍ୱର ଶେଠ**

# ଭୂମିକା

ମୋର ଅପ୍ରକାଶିତ ଲେଖାଗୁଡ଼ିକର କ୍ରମପ୍ରକାଶ-ବ୍ୟବସ୍ଥା ଦିଗରେ ମୋର ଯେଉଁ କେତୋଟି ବନ୍ଧୁ ଯତ୍ପରୋନାସ୍ତି ଚିନ୍ତିତ ଓ ଚେଷ୍ଟିତ, ସେମାନଙ୍କ ମଧ୍ୟରୁ ପ୍ରିୟବାବୁ ଶ୍ରୀଯୁକ୍ତ ଫୁଲଶର ପ୍ରଧାନ (ପାଣିମୋରା) ଅନ୍ୟତମ । ଏହାଙ୍କଠାରୁ ସୋହେଲା ଥାନାନ୍ତର୍ଗତ ତବଡ଼ା ଗ୍ରାମର ଗୌନ୍ତିଆ ମହାଶୟଙ୍କର ସାହିତ୍ୟ-ରସିକତା ତଥା ଗୁଣଗ୍ରାହକତା ଗୁଣ ଏବଂ ମୋର ଅପ୍ରକାଶିତ ଲେଖା ଗୋଟିକର ମୁଦ୍ରଣ ବ୍ୟୟଭାର ବହନ କରିବାକୁ ସେ ସ୍ୱତଃ ପ୍ରବୃତ୍ତି ପ୍ରକାଶ କରିଥିବାର ପରିଚୟ ପାଇବାରୁ ଫଳରେ ମୋର କଳ୍ପନା-ଲତିକାର ଏହି 'ଧନ୍ୟ-କଳିକାଳ' କୁସୁମ ଗୋଟିକ ବହୁଦିନ ପରେ ଆଜି ପଦାକୁ ବାହାରି ପାରିଅଛି । ତନ୍ନିମିତ୍ତ ମୋର ଅନ୍ତରଙ୍ଗ ବନ୍ଧୁ ଫୁଲବାବୁ ଏବଂ ଉଦାରହୃଦୟ ଶ୍ରୀମାନ୍ ଫକୀରମୋହନ ଗୌନ୍ତିଆ ମହାଶୟଙ୍କଠାରେ ଗଭୀର କୃତଜ୍ଞତା ଜ୍ଞାପନ କରେଁ । ଇତି ।

ପାଣିମୋରା | ବିନୀତ
ତା ୨୮-୩-୪୨ ଇଂ | ଲେଖକ

# ଧନ୍ୟ-କଳିକାଳ

(ବୃତ୍ତ୍ୟନୁପ୍ରାସ, ରାଗ—ଆଷାଢ଼ଶୁକ୍ଳ)

ଧନ୍ୟ କଳିକାଳ,
ଧନ୍ୟ ତୋହର ଜାଲିଆ ଜଞ୍ଜାଳ ! (ଧ୍ରୁବପଦ)

(୧) ଲୁଣ୍ଠଇ ସତ୍ୟ- ନ୍ୟାୟର ମହିମା
ଉଚ୍ଚାଟ ମନେ ଗଢ଼ିଲୁ ବଢ଼ିମା;
(୨) ସୁଷ୍ଠୁ ଦୃଶ୍ୟ ଦର୍ଶାଇଲୁ ପାପେ
ଢୁଂଣ୍ଠଇ ଧର୍ମେ ଅଗ୍ରିଲୁ ତୁ ଆପେ । ୧ ।

(୩) ଦ୍ୱୀପୀ ପରାଏ ଭାଙ୍ଗି ଧର୍ମ ଟେକ
ଚପିଲୁ ଆଗେ ବିବେକର ବେକ;
ଟିପିଲୁ ରାଜ- ମାତି ସ୍ୱାର୍ଥ-କଳେ
(୪) ଥିପିଲୁ ପ୍ରଜା- ରକ୍ତ ଅଶ୍ରୁ ଛଳେ । ୨ ।

ନାନା ବିଭତ୍ସ କୁସଂସ୍କାର ଆସି
ବାନା ତୋଳିଲି ବୁଦ୍ଧିଜ୍ଞାନ ଗ୍ରାସି;

---

(୧) କଳିର ଆଗମନ କାଳରେ ସତ୍ୟ, ଶାନ୍ତି, ନ୍ୟାୟ, ଦୟା, କ୍ଷମାଦି ଦେବତାଗଣ ମର୍ତ୍ତ୍ୟଧାମରେ ଛପି ରହିବା ସ୍ୱର୍ଗତ ରାୟ ରାଧାନାଥ ରାୟ ବାହାଦୁରଙ୍କ 'ମହାଯାତ୍ରା' ମହାକାବ୍ୟରେ ଅନୁସନ୍ଧେୟ ।

(୨) ପାପର ପୂର୍ବରୂପ ସୁନ୍ଦର ଓ ମନୋହର ଦେଖାଯାଇଥାଏ । (୩) ଦ୍ୱୀପୀ—ବ୍ୟାଘ୍ର । (୪) ଥିପିବା—ବିନ୍ଦୁ ବିନ୍ଦୁ ଝରିବା (ସମ୍ବଲପୁରୀ ଭାଷା) ।

(୧) ଆନାସ୍ଥ ଖେଳା- ହେଲା ଅନ୍ୟାୟର
ଦାନା ପାଣିଟି ଛୁଟିଲା ଧର୍ମର । ୩ ।

ପାପ ଉଦ୍ୟମେ ସାହାଯ୍ୟ ଅଧିକ
ଆପନ୍ନ ସାଧୁ ବୋଲାଇଲା ଧିକ;
କାପଟ୍ୟ ମିଥ୍ୟା ହେଲା ବ୍ୟବସାୟ
ତା' ପକ୍ଷେ ଯେଣୁ ଦେଖାଇଲୁ ଆୟ । ୪ ।

ପାଠରେ ଯେଣୁ ଶାଠ୍ୟ ଗଲା ଭରି
କାଠ ପଥର ପାଲଟିଲେ ହରି;
(୨) ଜାଠରକଦ୍ର ବନ୍ଧୁଲେ ଭୂମାତା
(୩) ଆଠ-ବୋଅଣି କଟାକ୍ଷ ବିଧାତା । ୫ ।

ଟଙ୍କା-ପ୍ଲାବନ ଅନ୍ୟାୟୀର ବର୍ମ
ଠକାମି ହେଲା ନବ୍ୟ ସଭ୍ୟ-ଧର୍ମ;
ଧକା ବାଜିଲା ସରଳ ସାଧୁଙ୍କୁ
ଧକାରେ କର୍ମ ଗଲା ଧର୍ମ ବୁଡ଼ୁ । ୬ ।

ମଦ ଅଫିମ ଗଞ୍ଜାଇ ଗଣିକା-
ସଦନେ ଲୋକେ ହେଲେ ପ୍ରାଣବକା;
ଖଦଡ଼ ଖଦ୍ରେ ନ ପାଉଛନ୍ତି ଅଣ୍ଟା
(୪) ପଦ-ପରଶୀ ଗୃହସ୍ଥ ମନଟା । ୭ ।

ଶ୍ୱେତର ଅଳସ ପେଟପୋଷା ଋଣୀ
ଡୋର କୌପୀନ ଭେକ ଧରି ପୁଣି;
ଡୋର ଇଙ୍ଗିତେ ମାଡ଼ିଣ ଚମ୍ପଟ
ଗୋରସ ଗଞ୍ଜା ପାଇଁ କଲେ ହଟ । ୮ ।

---

(୧) ଆନାସ୍ଥ—ଜାଲ । (୨) ଜାଠରକଦ୍ର—କ୍ଷୁଧାତୃଷ୍ଣା । ଭୂମାତା—ଗ୍ରାମର ଅଧିଷ୍ଠାତ୍ରୀ ଭୂପିଣୀ ଦୁର୍ଗାଦେବୀ । (୩) ଆଠ-ବୋଅଣି—ଟଙ୍କା । (୪) ପଦପରଶୀ—(ପଦସ୍ପର୍ଶୀ ଶବ୍ଦର ରୂପାନ୍ତର) ବସ୍ତୁର ସ୍ପର୍ଶର ବିଶେଷଣ ପଦ ।

ନରକୁ ନର ଛୁଇଁ ହେଲା ଘୃଣ୍ୟ
(୧) ନରକାଶନ ତାହାଠାରୁ ପୁଣ୍ୟ;
(୨) ଧରମ ହେଲା ଅଦ୍ଭୁତ ଧାରଣା
କରମ ତଥା ଆଳସ୍ୟ ପାରଣା । ୯ ।

ଯାତରା ପର୍ବ ତୀର୍ଥ ସନ୍ଦର୍ଶନେ
ପାତକ ଯାଏ ଭାବଥାନ୍ତି ଜନେ;
ମାତର ତହିଁ ନେବ ପାଏ ଯାହା
ହାତ ନ ଚଳେ ଲେଖିବାକୁ ତାହା । ୧୦ ।

ଧରମ ନାମେ ଧନାଗମ ଦେଖି
ଶରମ କଲେ ସରମ ଉପେକ୍ଷି;
କରମ ଦେବ ଦୁର୍ବଳ ଯା ଭାଲେ
ପରମ ହର୍ଷେ ପଡ଼ିଲେ ସେ ଜାଲେ । ୧୧ ।

ସତୀତ୍ୱ ରଖା- ହେଲା ପରଦାରେ
ପତିତ୍ୱ ଦେଖା- ଗଲା ପର ଦାରେ;
ଅଗ୍ନି ଶପଥ ରୂପ ନେଲା ସତ୍ୟ
ରତି ସମ୍ଭୋଗ ଆଦର୍ଶ ଦାମ୍ପତ୍ୟ । ୧୨ ।

(୩) ପାଣି ପ୍ରଭେଦ ରଖିଲେ ଗିନାରେ
ହାଣିଲେ ପଶୁ- ପକ୍ଷୀ ଦେବା ନା'ରେ;
ଜାଣିଲା ପାପ- ଜାଲ ନ ଛିଣ୍ଡାଇ
ଟାଣିଲେ ପୁଣି ପରଜନ୍ମ ପାଇଁ । ୧୩ ।

ପଦ ନ ପଡ଼ୁଁ ପନ୍ଦର ବରଷେ
ମଦନ ଶର ମରମେ ବରଷେ;

---

(୧) ନରକାଶନ—କୁକୁର । ପୁଣ୍ୟ—ପବିତ୍ର ।

(୨) ମନୁଷ୍ୟକୁ ମନୁଷ୍ୟ ନ ଛୁଇଁବା, ସ୍ତ୍ରୀମାନଙ୍କୁ ସ୍ୱାଧୀନତା ନଦେବା—ଏପରି ଯେତେ ଅଦ୍ଭୁତ ଧାରଣା ଧର୍ମ ନାମରେ ଅଭିହିତ ହେଲା ।

(୩) ଗିନା—କ୍ଷୁଦ୍ର କାଂସ୍ୟ ପାତ୍ର (ସମ୍ବଲପୁରୀ ଶବ୍ଦ) ।

ବଦନ ଭଙ୍ଗୀ    ବଙ୍କିମ ଗ୍ରୀବାଣୀ
କାଦନ କଲୁ    ସଞ୍ଜିବନ ଠାଣି । ୧୪ ।

କଷ୍ଟ ନୁହଇ    କଲ, ଭୋଁ କରମ
ଦଣ୍ଡ ଦୁଅଇ    ସରମେ ମରମ;
ରକ୍ଷିଛୁ ମସ୍ତ    ସର୍ବଂସହା ବୋଲି
(୧) ଅଷ୍ଟାଶ୍ବର କା    ରଖନ୍ତା ଉଦ୍ଧୋଳି । ୧୫ ।

(୨) ବୋକ ଖାପ୍ରିମା    ଗୁପ୍ତ ପ୍ରଣୟିମା
ଲୋକଦେଖାରେ    ହେଉଛୁ ଉଗିମା;
(୩) ପୋକ-ଆଳସ୍ୟୁ    ସେ ପ୍ରେମର ଚିହ୍ନ
ତୋ' କଷ୍ଟମନ୍ତି    କଲି, ଏହା ସିନା । ୧୬ ।

(୪) ରକ୍ଷିରଙ୍ଗିନୀ-    ଯୋଗିମା ଦୁଆରେ
ଅନ୍ତସ୍ଥ ହେଲେ    ରାଜା ଜମିଦାରେ;
ଯନ୍ତଏ ସାଧୁ    ମହା ବ୍ରହ୍ମଜ୍ଞାନ
ପ୍ରତିଷ୍ଠାନାକୁ    କଲେ ପୁତ୍ରଦାନ । ୧୭ ।

'ଠାର ଛନ୍ଦଏ' ତୋ'    ମନଭେଦୀ ଶର
ଜାର ଛନ୍ଦୀର    ମୋହନ ମନ୍ତର;
ବାର ବନିତା    କାମ କଳ୍ପତରୁ
ଖାର ମଖାର    ଶାଠ୍ୟ-ସଙ୍ଗତରୁ । ୧୮ ।

(୫) କର୍ଣ୍ଣ କୁଣ୍ଡଳ    ବଚନେ ଭୂଲେଖ
ଧର୍ମର ଚିହ୍ନ    ହେଲା ବାହ୍ୟ ଭେଖ;
ଚର୍ମ୍ମ, ଗେରିକ-    ବସ୍ତ୍ର, ଜଟାଜାଲ
(୬) ଘର୍ମ୍ମ-ଶୋଷକ    ଆଦି ଜପାମାଳ । ୧୯ ।

---

(୧) ଅଷ୍ଟାଶ୍ବର—ବାସୁକି । (୨) ବୋକ—ଚୁମ୍ବନ । (୩) ପୋକ-ଆଳସ୍ୟ—ମେହ-ଉପଦଂଶାଦି ରୋଗ । ଅନ୍ୟ ପକ୍ଷେ, ପୋ—ପୁତ୍ର; କ-ଆଳସ୍ୟ—ବ୍ରହ୍ମଗୃହ ଅର୍ଥାତ୍ ଗର୍ଭସ୍ଥ ଶିଶୁ ପକ୍ଷେ ଜନନୀର 'ପାପଗର୍ଭ' ବଚନେ ହିଁ ତୁଲ୍ୟ ।

(୪) ଯୋଗିମା—ରାଜାର ରକ୍ଷିତା ସ୍ତ୍ରୀ ଓ ବେଶ୍ୟା । ମହା ବ୍ରହ୍ମଜ୍ଞାନ—ଲମ୍ପଟତା ।
(୫) ଭୂଲେଖ—ବ୍ରାହ୍ମଣ । (୬) ଘର୍ମଶୋଷକ—ଭସ୍ମ ।

ଠକ ପାଷଣ୍ଡେ   ବହୁ ଭଣ୍ଡ ପକ୍ଷା
ବକର ଇଷ୍ଟ-   ବ୍ରତ କଲେ ଚନ୍ତ୍ରା;
(୧) ରକତ ପିଣ୍ଡ   ଯୌବନେ ସଂହାର
(୨) ଭକତା ହେଲେ   ବୃଦ୍ଧା ବାରନାରୀ । ୨୦ ।

ଉଲଟା ଧର୍ମ୍ମେ   ରହିଲା ବିଶ୍ୱାସ
କୁଲଟା ପୁର   ହେଲା କ୍ରୀଡ଼ାବାସ;
ଭୁଲ-ଜ୍ଞାପକ   ହେଲା ପକ୍ଷପାତ
ତୁଳସୀ ବୋଲି-   ଇଲା ବକୁଆତ । ୨୧ ।

ରାଧିକା କୃଷ୍ଣେ   ରଖି ଆଦରଶ
ସାଧିଲେ ଲୋକେ   ଗୁପ୍ତ ପ୍ରେମ ରସ;
ବାଧିତ କଲା   ପ୍ରେମ-ନବରଙ୍ଗ
ତା’ଧିକ ଧିକ   ରଟିଲା ମୃଦଙ୍ଗ । ୨୨ ।

ଷଣ୍ଡ ଶାବକ   ଭୋକେ ଶୀର୍ଣ୍ଣକାୟ
(୩) ମଣ୍ଡପ ପୁଷ୍ଟ   ଗବ୍ୟ-ଦୁଗ୍‌ଧେ ହାୟ;
ମଣ୍ଡଳ-ରତ୍ନ   ହେଲେ ଅନାଦୃତ
ଦଣ୍ଡ-ନାଟୁଆ   ପୂଜ୍ୟ ପୁରସ୍କୃତ । ୨୩ ।

ଧରମ-ବୁଦ୍ଧି-   ଧନ ଧ୍ୱଂସକାରୀ—
ଦରବ ମୂଲ୍ୟ   ଦ୍ରବ୍ୟ ହେଲା ଭାରି;
ଗରଳୋପମ   ଅଫିମ ଗଞ୍ଜିକା
(୪) ପରସନ୍ନାଦ୍ଧ   ମଦ୍ୟ ମାଂସ ପିକା । ୨୪ ।

ଭାତ ବଢ଼କର   ଚଳିଲା ବଜାରେ
ଲାତ ବାଜିଲା   ଅତିଥି-ପୂଜାରେ;
ବାତ ବା ପିତ୍ତ   ଯା’ କହୁ ନାଡ଼ିକା
(୫) ହାତ ଛୁଇଁଲେ   ବଇଦକୁ ଟିକା । ୨୫ ।

---

(୧) ରକ୍ତପିଣ୍ଡ—ଗର୍ଭସ୍ଥ ଶିଶୁ ।(୨) ବାରନାରୀ—ବେଶ୍ୟା । (୩) ମଣ୍ଡପ—ଶ୍ୱାନ ।
(୪) ପ୍ରସନ୍ନା—ମଦ । (୫) ଟିକା—ଅଗ୍ରିମ ପାଉଣା (ସମ୍ବଲପୁରୀ ଶବ୍ଦ) ।

ଠକ ପାଷଣ୍ଡେ        ବହି ଭଣ୍ଡ ଦୀକ୍ଷା
ବକର ଇଷ୍ଟ-        ବ୍ରତ କଲେ ଚନ୍ଦ୍ରା;
(୧) ରକତ ପିଣ୍ଡ        ଯୌବନେ ସଂହାର
(୨) ଭକତା ହେଲେ        ବୁଢ଼ା ବାରନାରୀ । ୨୦ ।

ଓଲଟା ଧର୍ମେ        ରହିଲା ବିଶ୍ୱାସ
କୁଲଟା ପୁର        ହେଲା କ୍ରୀଡ଼ାବାସ;
ଭୁଲ-ଜ୍ଞାପକ        ହେଲା ପଞ୍ଚପାଞ୍ଚ
ତୁଳସୀ ବୋଲି-        ଇଲା ବନ୍ଧୁଆଞ୍ଚ । ୨୧ ।

ରାଧିକା କୃଷ୍ଣେ        ରଖି ଆଦରଶ
ସାଧିଲେ ଲୋକେ        ଗୁପ୍ତ ପ୍ରେମ ରସ;
ବାଧିତ କଲା        ପ୍ରେମ-ନବରଙ୍ଗ
ତା'ଧିକ ଧିକ        ରଚିଲା ମୃଦଙ୍ଗ । ୨୨ ।

ଷଣ୍ଡ ଶାବକ        ଘେନେ ଶୀର୍ଣ୍ଣକାୟ
(୩) ମଣ୍ଡପ ପୁଷ୍ଟ        ଗବ୍ୟ-ଦୁଗ୍ଧେ ହାୟ;
ମଣ୍ଡଳ-ରତ୍ନ        ହେଲେ ଅନାଦୃତ
ଦଣ୍ଡ-ନାଟୁଆ        ପୂଜ୍ୟ ପୁରସ୍କୃତ । ୨୩ ।

ଧରମ-ବୁଦ୍ଧି-        ଧନ ଧ୍ୱଂସକାରୀ—
ଦରବ ମୂଳୀ        ଦ୍ରବ୍ୟ ହେଲା ଭାରି;
ଗରଳୋପମ        ଅଫିମ ଗଞ୍ଜିକା
(୪) ପରସନ୍ନାଦ        ମଦ୍ୟ ମାଂସ ପିକା । ୨୪ ।

ଘୃତ ବକର        ଚଳିଲା ବଜାରେ
ଲୁତ ବାଜିଲା        ଅତିଥି-ପୂଜାରେ;
ବାତ ବା ପିତ୍ତ        ଯା' କହୁ ନାଡ଼ିକା
(୫) ହାତ ଛୁଇଁଲେ        ବଇଦକୁ ଟିକା । ୨୫ ।

(୧) ରକ୍ତପିଣ୍ଡ—ଗର୍ଭସ୍ଥ ଶିଶୁ ।(୨) ବାରନାରୀ—ବେଶ୍ୟା । (୩) ମଣ୍ଡପ—ଶ୍ୱାନ । (୪) ପ୍ରସନ୍ନା—ମଦ । (୫) ଟିକା—ଅଗ୍ରିମ ପାଉଣା (ସମ୍ବଲପୁରୀ ଶବ୍ଦ) ।

ଗୁଣିଆଁ ହେଲେ ମୂରୁଖ ଅନାର୍ଯ୍ୟ
ଗୁଣୀ ଆଁ କର ରହିଲେ ସେ କାର୍ଯ୍ୟ;
ମୁଣ୍ଡିରୁ ଡୋର- ଡଉଁରିଆ କାଢ଼ି
ଝୁଣିଲେ ମନ୍ତ୍ର ଲାଜ ଭୟ ଛାଡ଼ି । ୨୬ ।

କ ତାମସାଠି ହସ୍ତେ ତୋର ନ୍ୟସ୍ତ
ପିତାଙ୍କୁ ସୁତ ଠକବାରେ ବ୍ୟସ୍ତ;
'ସୀତାରାମ' ଗା' ହୃଦୟର ଦ୍ୱାର
(୧) ଚାତା-ଶୋଭିତା ସଙ୍ଗେ ମଧ ତାର । ୨୭ ।

ଉପରେ ନାନା ହିତକଥା ଘଷି
କୂପରେ ଠେଲି ମିଳିଲି ସାବାସି;
ଉପକାରର ଉଚିତ ପାଉଣି
ଗୁପତ ଭାବେ ଚଳିଲି ମାଗୁଣି । ୨୮ ।

ଦାନର ସ୍ୱର ନେଲି ଖାଲି କଥା
ମାନ ରଖିଲି ଅହଙ୍କାର ତଥା;
ମାନବ ବୋଲି- ଇଲି ଜ୍ଞାନ-ବଳୀ
ଦାନ ନିଗ୍ରହ ଦୁର୍ବଳଙ୍କୁ ଦଳି । ୨୯ ।

ଜୀବ ବ୍ରହ୍ମର ତତ୍ତ୍ୱ ଠେଳି ବଣେ
(୨) ଜୀବନ୍ମୁକ୍ତ ଭଜିଲେ ବ୍ରାହ୍ମଣେ;
ଶିବ ସେ ହେଲୁ ନ ସମ୍ଭାଳି ରଗ
ଶବତୁ ହେଲେ ଉତ୍ଥାନ ବରାଙ୍ଗ । ୩୦ ।

ଅଗ୍ନି-ବର୍ଷୀରୁ ମୁମୂର୍ଷୁ ବ୍ରାହ୍ମଣ
ରସିକତାରେ ଦେଖାଉଛି ପଣ;
ବସି ପଲଙ୍କେ କାମ-ପ୍ରପୀଡ଼ିତ
କଣ୍ଠେ-ପ୍ରେୟସୀ- ପ୍ରେମେ ଆଲୋଡ଼ିତ ।

(୧) ଚାତାଶୋଭିତା—ମାତାଜୀ ।
(୨) ଜୀବନ୍ମୁକ୍ତ—ମୁକ୍ତସ୍ଥ ।

| | |
|---|---|
| ବାଲବିଧବା- | କାମନା ହୁତାଶ |
| ଜାଳଇ ହୃଦ, | ଯା' ଧୂମ ନିଃଶ୍ୱାସ; |
| (୧) କାଳକ୍ରମରେ | ଶ୍ୱସନ ରୂପରେ |
| (୨) କାଳ ହେଉଛି | ଦ୍ୱିଜାତି ଉପରେ । ୩୨ । |
| କନ୍ୟା ବିକ୍ରୟ | ସଉଦାର ଦରେ |
| ଧନ୍ୟା ତୋ' ମାତ | ବିସ୍ମୟ ମୁଖରେ; |
| ଅନ୍ୟାୟ-ଦ୍ୱେଷୀ | ଧର୍ମ୍ମ ଦେବତାର |
| ବନ୍ୟା ସୃଜୁଛି | ତେଣୁ ଅଶ୍ରୁଧାର । ୩୩ । |
| ନୃପତିଗଣ | ଗଣ୍ୟ ହେଲେ ଜାରେ |
| ଭୂପତି ନୋହି | ଏକ ଭାରିଯାରେ; |
| କୃପଣ ହୋଇ | ରାଜ ଧର୍ମ୍ମ-ଧନେ |
| (୩) ଧ୍ରୁପଦ ଧରି | ମାତିଲେ ବ୍ୟସନେ । ୩୪ । |
| ପଞ୍ଚାୟତର | ଭଦ୍ର ହେଲେ ଠକେ |
| (୪) ବଞ୍ଚାଇବାକୁ | ଉତ୍କୋଚ ଦାୟକେ; |
| କଞ୍ଚା ମିଛରେ | ନିର୍ମ୍ମେ ଗଢ଼ି ତାଳ |
| ସଞ୍ଚାର କଲେ | ଅର୍ଥ ଝଣା ଜାଲ । ୩୫ । |
| ଭାଗ ଅସାମ୍ୟେ | ଭାଇ ଭାଇ କଳି |
| ରାଗରେ ପ୍ରାଣ | ଯାଉଅଛି ଜଳି; |
| (୫) ଲାଗ ଆହରି | ଲଗାଇନ୍ତେ ମାମଲା |
| (୬) ପାଗଳ କାର୍ଯ୍ୟେ | ଦୁହିଙ୍କ ମା ମଲା । ୩୬ । |
| ସାକ୍ଷୀର ସାକ୍ଷ୍ୟ | ପୁଣ୍ୟାଂଶ ଝାଳୁଛି |
| ଆଖି ବିରୋଧେ | ଯେହେତୁ ଗାଳୁଛି; |
| ଲାଖିଅଛି ତ | ସ୍ୱାର୍ଥ ପାପେ ମନ |
| ମାଖିବ ନର୍କ | ଆଗେ ଅର୍ଜ୍ଜ ଧନ । ୩୭ । |

(୧) ଶ୍ୱସନ—ଶ୍ୱାସରୋଗ । (୨) କାଳ—ଯମ । (୩) ଧ୍ରୁପଦ—ସଙ୍ଗୀତର ଘୋଷା । (୪) ଉତ୍କୋଚ—ଲାଞ୍ଚ । (୫) ଲାଗ—ଋଣ (ସମ୍ବଲପୁରୀ ଶବ୍ଦ) । (୬) ମା—ସମ୍ପତ୍ତି, ଲକ୍ଷ୍ମୀ ।

ବଳଷ୍ଟୁ ଉଣୀ ହୋଇ ସାହୁକାର
କଲ ଭଆଣେ ଛୁଡ଼ିଲ ହୁଙ୍କାର;
ଝଳଚ ଦୋଷ- ଗୁଣି ଧନକର
ମଳନ ହେଲ୍ଲ ନ୍ୟାୟ-ଅଗୋଚର । ୩୮ ।

ପଶା-ତାମସା- ବେଶ୍ୟା-ନୃତ୍ୟ ରସେ
ଭୁଂସାଇ ଦେଲେ ଜୀବନ, ତାମସେ;
ଉସା ସେହେତୁ ହେଲ୍ଲ ଶସ୍ୟହୀନା
ଦଶା ମନ୍ଦଲ୍ଲ ଅନ୍ନ ଜଳ ବିନା । ୩୯ ।

ଚରଣ ଧୂଳି ଯାର ପୁଣ୍ୟଧନ
ଚରମ ଲଗି ତା' ଅପନଧନ;
ଧରମେ ଆଦ- ମାତା ଯେ ହିନ୍ଦୁର
ମରମେ ତା'ର କ କଷ୍ଟ-ଭଦୁର । ୪୦ ।

'ଜଲ' ବଣ୍ଟର 'ଜୀବନ' ପ୍ରକୃତ
ମଳ ମୂଳରେ ହେବାରୁ ବକୃତ;
ଫଳରେ ତାର ମେଲେରଆ ମାରି
ଅଳପ ଦନେ ଆୟୁ ନେଲେ ସାରି । ୪୧ ।

ହରଭକ୍ତରେ ଉପୁଜଲ୍ଲ ହାସ୍ୟ
ଦରଦ୍ରତାକୁ ବରଲ୍ଲ ବଳାପ;
ଚରଲ୍ଲ ଶକ୍ତା- କାଠ ରେଗ ଛଳେ
ସରଲ୍ଲ ଆୟୁ ସଡ଼ି ପାପ-ଜଳେ । ୪୨ ।

(୧) ପବତା ହେଲ୍ଲ ଅଜ ରକ୍ତାର୍ଚ୍ଚନା
କବତା ନେଲ୍ଲ ସ୍ତାବକ ରଚନା;
(୨) ହବ ଆଖ୍ୟାତ ହେଲ୍ଲ ଘୃଷ୍ଟି ମେଦ
ଅବଦ୍ୟା ମାତ୍ର ବୋଲ୍ଲଇଲ୍ଲ ବେଦ । ୪୩ ।

(୧) ପବତା—ଯେ ପବତ୍ର କରେ । ଅଜ—ଛେଳି । 'ଅଜାତଆ' ପ୍ରାୟୁକ୍ତିରେ ଛେଳି, ମେଣ୍ଢା ମାର କୁଳଦେବୀଙ୍କ ପୂଜା କରିବା କେତେକ ଜାତର କୌଳକ ପ୍ରଥା ଅଛୁ । (୨) ଘୃଷ୍ଟିମେଦ—ଘୃଣ୍ୟ ଚର୍ବି ।

ଗଳି ଗଣ୍ଡୁଛି    ଗୋରସ ଲହୁଣୀ
(୧) ଥଳି ଝୁଣ୍ଟୁଛି    ସ୍ୱସ୍ଥାନେ ବାରୁଣୀ;
ବଳିବର୍ଦ୍ଦକୁ    ନ ମିଳଇ ଦର୍ଭ
(୨) ଦଳିଲ୍ ଦାନା    ସ୍ୱଶାଳାରେ ଅର୍ବ ।୪୪।

(୩) ଭାଟକର୍ମୀଏ    ଭୂମି ରାଜ୍ୟେ ରାଜ୍ୟେ
ନାଟ କଲେଣି    ସାହିତ୍ୟିକ ବ୍ୟାଜେ;
(୪) ବାଟକଣ୍ଟକେ    କାଟି ଚିତା ଚୁଟି
ପାଠକନାରେ    ସାଜିଲେ ଲେଙ୍ଗୁଟି ।୪୫।

(୫) କକ୍ଷରେ ବସି-    ଥିବା କବିମାନେ
(୬) ତକ୍ଷକ ହେଲେ    ଗର୍ବ ଅଭିମାନେ;
(୭) ଲକ୍ଷ୍ୟ ନରଖି    ଲେଖକ ଦାୟିତ୍ୱ
ଅକ୍ଷର ଗଣି    ଗଢ଼ିଲେ କବିତ୍ୱ ।୪୬।

(୮) କବିପଦେ ଯା    ମୁଣ୍ଡ ଖଟି ନାହିଁ
(୯) କବି ପଦେ ସେ    ହେଉଛି ଚହଲାଇ;

---

(୧) ବାରୁଣୀ—ମଦ୍ୟ । (୨) ଅର୍ବ—ଘୋଡ଼ା ।

(୩) ଭାଟ-କର୍ମୀ—ଯେଉଁମାନେ ସ୍ୱାର୍ଥ ସାଧନ ଆଶାରେ କବିତା ଛଳରେ ରାଜା ଜମିଦାରଙ୍କର ଅଯଥା ପ୍ରଶଂସା ବର୍ଣ୍ଣନ କରିଥାନ୍ତି ।

(୪) ବାଟକଣ୍ଟକ—ମୁଣ୍ଡପିଟା ଦସ୍ୟୁ ।

(୫) ଯେଉଁମାନଙ୍କର ପଠନ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅର୍ଥାତ୍ କେବଳ 'ଚାଟଶାଳୀ'ର ବର୍ଣ୍ଣ ପରିଚୟରେ ଶେଷ । ଅନ୍ୟାର୍ଥରେ—ଯେଉଁମାନେ ଉଚ୍ଚବିଦ୍ୟାଳୟସ୍ଥ କକ୍ଷ (କୋଠରୀ)ରେ ବସିଥିବା ହେତୁ ବଳପୂର୍ବକ କବି ପଦରେ ଅଧିକାରୀ ହୋଇଥାନ୍ତି ।

(୬) ତକ୍ଷକ—ପ୍ରଚଣ୍ଡସ୍ୱଭାବ ସର୍ପବିଶେଷ; ବିଶ୍ୱକର୍ମା ଅର୍ଥାତ୍ ସବୁ ବିଷୟରେ ଯେ ସିଦ୍ଧହସ୍ତ ।

(୭) ଲେଖକ—ରଚକ; ଅମର ମସ୍ତକ ।

(୮) କବିପଦେ—କବିର କବିତ୍ୱରେ ।

(୯) କବି ପଦେ—କବି ପଦବୀରେ । ଅନ୍ୟାର୍ଥରେ, କ-ବିପଦରେ—ମସ୍ତକ

(୧) ଅବଦ୍ୟ ଆଜ    ସୁସମାଲୋଚକ
ରବ ଦୁର୍ଗୁଣ    ଗାଉଛନ୍ତି ପେଚକ । ୪୭ ।

ରଜା ତ' ନାହିଁ    ସାହିତ୍ୟ-ରାଜ୍ୟର
(୨) ହଜାରେ କଵି    ବଜାରେ ହାଜର;
ବଜାଇଦେଲେ    ଯେହ୍ନେ ଏମ୍. ଏ., ବି.ଏ.
ମଜା ସେ କରୁ    କହିବାକୁ କିଏ ? । ୪୮ ।

ବାସ ଭୂଷଣ    ବେଶ ଢଙ୍ଗରଙ୍ଗେ
ହାସ ଜନ୍ମାଉଛି    ଲଗାଇଲେ ଅଙ୍ଗେ;
ପାସରେ ହ୍ରାସ    ମାତୃଭାଷା ସୀମା
ଦାସତ୍ୱ ନେଲା    ଶିକ୍ଷାର ଗରିମା । ୪୯ ।

ବୀର ରକ୍ତର    ନ ଦିଶିଲା ସତ୍ତ୍ୱ
ଶିର ମୋଡ଼ିଲା    ନୈତିକ ନିସ୍ତେଜତା;
ନୀର ଶୋଷିଲା    ଚଣ୍ଡ ମାର୍ତ୍ତଣ୍ଡର
କିରଣକୁ ଏ    ଭାରତଖଣ୍ଡର । ୫୦ ।

ଭାରତବାସୀ    ଦେବଦେବୀଗଣ
ସାର ମଣିଲେ    ନିର୍ଜୀବ ଲକ୍ଷଣ;
ଆରତେ କେହି    ଗଲେ ତାଙ୍କ ପାଶ
ଧାରଣା ଫଳେ    ଲଭ ନଇରାଶ୍ୟ । ୫୧ ।

---

(୧) ଅବଦ୍ୟ—ମୂର୍ଖ ଏବଂ ଅପ୍ରକାଶ ।

ଆଜକାଲି କେତେକ ସମାଲୋଚକ ବାହାରିଛନ୍ତି, ଯେଉଁମାନେ ଆପଣାର ମୁଖ୍ୟ ନାମ ପଦାରେ ପକାନ୍ତି ନାହିଁ । "ସମ୍ମାର୍ଜନୀ ହସ୍ତ" (ଝାଡ଼ୁଆ ବା ମେହେନ୍ତର) ଏହିପରି କେବଳ ଗୌଣ ନାମରେ ନିଜର ଗୁଣକର୍ମର ପରିଚୟ ଦେଇଥାନ୍ତି । ଅବଶ୍ୟ କେତେକ ପାଠକଙ୍କର ମନେ ଆଇପାରେ, ଲେଖକର 'ସଜନୀ' ନାମ୍ନୀ ପୁସ୍ତିକାର ସମାଲୋଚକ ମହାଶୟ ଏହି "ସମ୍ମାର୍ଜନୀ ହସ୍ତ" ଉପାଧିରେ ମଣ୍ଡିତ ଥିଲେ ।

(୨) କଵି—ଯେଉଁମାନଙ୍କର ରଚନାରେ କେବଳ ଅନ୍ତ୍ୟବର୍ଣ୍ଣ 'କ'-'କ' 'ବ'-'ବ' ମିଳନ ବ୍ୟତୀତ ଅନ୍ୟ କିଛି ବିଶେଷତ୍ୱ ନାହିଁ ।

'ବାର-ବାରଣ'
'ନାରୀ-ଲାଞ୍ଛନା'
ଗୃହସହାନ-
ସାରିଲେ ପୂର୍ବ
'ଜାତି-ଅସ୍ପୃଶ୍ୟତା'
'ଭ୍ରାତୃ-ବିରୁଦ୍ଧତା'
ଭ୍ରଷ୍ଟ ଭୂଦେବତ୍ତ୍ୱ
ଭାରତ ମହତ୍ତ୍ୱ । ୫୨ ।

(୧) କଳି, ଦେଖି ତୋ'
(୨) ବଲି ପ୍ରାଏ ମୁଁ
ଡ଼ଳି ପଡ଼ୁଛି
ନଳିନ ପରୁ
କେଳି ଭୟଙ୍କର
ଭୟରେ କାତର;
ନେତ୍ରୁ ଅଶ୍ରୁ ଧାର
ନୀର ପରକାର । ୫୩ ।

ଭାରତେ ଯେତେ
ଧାର ବହୁଛି,
ଭାରତ ଛଡ଼ା
ଗାର ତୋ' ନାମେ
ପାପ ଅତ୍ୟାଗୃର-
କାରଣ ତୁ' ତା'ର;
ଅନ୍ୟ ଦେଶେ କାହିଁ
ଯେଣୁ ପଡ଼ନାହିଁ । ୫୪ ।

ସବିତା ସୁଧା-
ଅବିଚଳିତ
ପବିତ୍ର ଭୂମି
(୩) ଫବିଲା ତୋର
କର ଗ୍ରହ ତାରି
ଏ ସଭିଙ୍କ ଧାରି;
ଭାରତେ କେବଳ
କ୍ରୀଡ଼ା କଉଶଳ । ୫୫ ।

ଦୁରୁଭାଗ୍ୟରୁ
(୪) ରୁରୁପ ବଳେ
ମୂରୁଖ ଶାଠ୍ୟେ
(୫) ଗୁରୁ ବନିଲେ
ଘଟେ ଏ ଦୁର୍ଦ୍ଦଶା
ନୃତ୍ୟ କଲି ଶଶା;
ହାରିଲେ ଧାର୍ମିକେ
ଫୁତ୍କାର-ବୃତ୍ତିକେ । ୫୬ ।

---

(୧) କେଳି—କ୍ରୀଡ଼ା, କୌତୁକ । (୨) ବଲି—ଦେବୀ ଆଗରେ ବୋଦା ଦେଇଥିବା ବନ୍ଧା ଜୀବ । (୩) ଫବିବା—ଶୋଭା ପାଇବା (ସମ୍ବଲପୁରୀ ଶବ୍ଦ) । (୪) ରୁରୁପ—ମୃଗରାଜ, ସିଂହ । (୫) ଫୁତ୍କାରବୃତ୍ତିକ—ଯେଉଁମାନଙ୍କର କେବଳ ଫୁଙ୍କିବା ବ୍ୟବସାୟ । ଯଥା—ଶଙ୍ଖଫୁଙ୍କା ପୂଜାରୀ ବ୍ରାହ୍ମଣ, ଚୁଲିଫୁଙ୍କା ରାନ୍ଧୁଣିଆ ବ୍ରାହ୍ମଣ, କାନଫୁଙ୍କା ବୈଷ୍ଣବ ଗୋସାଇଁ, ଦେହଫୁଙ୍କା ତାନ୍ତ୍ରିକ ଗୁଣିଆଁ ଆଦି ।

ହେଲଣି ବେଳ କ ଅଛୁ ଖେଲେଣି
ଚେଲ୍ଏ ତ' ତୋ ଛାହ୍ଲା ପଡ଼ଲେଣି;
(୧) ଦେଲଣି ଦୃଷ୍ଟି ଭାରତ ସ୍ୱାଧୀନ୍ୟେ
ମେଲଣି ନେବୁ ଆଜ କଛୁ ଦନେ । ୫୭ ।

# ବିଷାଦ-ନିଶା

# ବିଷାଦ-ନିଶା

(ଅମିତ୍ରାକ୍ଷର ଛନ୍ଦ)

(୧) ବେଦାଙ୍ଗୀ ବାଙ୍ମୟୀ ଦେବୀ ଅନନ୍ତ-ଚରଣେ,
ବହୁଦିନୁ ଆସିଲଣି ଉତ୍କଳ ପ୍ରଦେଶେ;
ବିଲୋକିବ କି ମା, କଅଁଳ କରୁଣା-କଟାକ୍ଷେ,
ବିଦ୍ୟା-ଶକ୍ତି-ବିହୀନ ଏ ସନ୍ତାନେ ତୁମ୍ଭର !
ବୀଣାପାଣି, ନୁହେଁ ଏହା ନିଜ ମାତୃଶ୍ଳାଘା
ବୃଥା ପାକ୍ଷପତ୍ୟ କିମ୍ବା ଦୁରତିରଞ୍ଜନ;
ବିବିଧ ଶବ୍ଦାଲଙ୍କୃତା-ଉତ୍କଳଭାରତୀ
ବାଲ୍ୟକାଳୁଁ, ସାହିତ୍ୟରେ ଅପୂର୍ଣ୍ଣଯୌବନା,
ବାଜେଣି ସ୍ୱର୍ଣ୍ଣ ନୂପୁର-ପୂର୍ଣ୍ଣ ମିତ୍ରାକ୍ଷରେ
ବର୍ତ୍ତମାନ ନର୍ତ୍ତକୀ ସେ, ତାଙ୍କ ତୁଲେ କେହ୍ନେ
ବିଶୋଭିବ ବହୁପାଦ, ନିକ୍ୱଣ-ପଦରେ ?

ବାଣୀ ଶକ୍ତିମୟି, ମୋର ବାଣୀଶକ୍ତି କାହିଁ,
ବିଭ୍ରାଟ କରି ପାରିବ ପଦାବଳୀ ତୋର
ବିକଳ୍ପିତ ନବ୍ୟ ଛନ୍ଦ—ନବ୍ୟ ଅଳଙ୍କାରେ ?
ବିଚ୍ଛିନ୍ନି ମଞ୍ଜୀରର ପରିବର୍ତ୍ତେ ଦେବି,
ବ-ପୂର୍ବାନୁପ୍ରାସ-ମଞ୍ଜୁ ଝୁଣ୍ଟିଆ ପିନ୍ଧାଇ
ବାଜୁଥିବ ଝୁମୁଝୁମୁ ପାଦ ସଞ୍ଚାଳନେ,

---

(୧) ଅନନ୍ତଚରଣେ—ଅମିତ୍ରାକ୍ଷର ଛନ୍ଦ ରୂପିଣୀ ବାଗ୍‌ଦେବୀଙ୍କ ପ୍ରତି ସମ୍ବୋଧନ ।

(୧) ବାରମଗ୍ନ-କଣ୍ଠେ ଯଥା ପ୍ରାବୃଟ-ଝିଙ୍କାର ।
(୨) ବିପଞ୍ଚି-ଧାରିଣି, ଦିଅ ଶକତି-କଞ୍ଚିକା
ବାରେ ଉଦ୍‌ଘାଟିବି 'ଚିତ୍ରଶାଳା' ସାହିତ୍ୟର
ବିଷାଦ-ଦଶାର ଚିତ୍ର ପ୍ରଦର୍ଶନ ପାଇଁ ।
ବନାନ୍ତ-ସରଣୀ ମଣ୍ଡି ସ୍ୟନ୍ଦନ ତୁରଙ୍ଗ-
(୩) ବଲ୍‌ଗନେ, ଅଦୃଶ୍ୟପ୍ରାପ୍ତ ହେଲ ଚିହ୍ନଁ ଚିହ୍ନଁ ।
ବନଗମନେ ପରନ୍ତୁ ଅନିଚ୍ଛା-ସୂଚନା
ବ୍ୟକତ କରୁଅଛି, ତା' ଘର୍ଘର-ନିର୍ଘୋଷ-
ବିଳାପ, ଧ୍ୱଜମସ୍ତକ—ବିକମ୍ପନ ଛଳେ ।
ବାତ ନିଶ୍ଚଳ; ସ୍ଥଗିତ ସରଯୂର ଧାର
(୪) ବାସରେ ଉଲକାପାତି-ଅକାଳ-ଅନ୍ଧାର—
ବ୍ୟାପିଗଲା, ଅକସ୍ମାତେ ଅଯୋଧ୍ୟା ପ୍ରଦେଶେ ।
ବଜ୍ରନାଦେ ଅନାହତ-ଅଟ୍ଟାଳିକା ଚୂଳ
ବ୍ୟଗ୍ର ସ୍ଖଳିତ; ବଞ୍ଚକ ବିକଟ ଚିତ୍କାର—
ବାରମ୍ବାର; ପୁରେ ପୁରେ ମାର୍ଜାର କଳହ ।
ବିମୁକ୍ତକେଶା-ରକ୍ତାକ୍ଷୀ-କରାଳଦଶନା—
ବହ୍ନିମୁଖୀ-ଚଣ୍ଡନଖା ଶିମୁଣ୍ଡା ପ୍ରେତୁଣୀ
ବାହାରି ପ୍ରେତ ସଦନୁ, କଳକଳା ନାଦେ—
(୫) ବିଚ୍ଛନ୍ଦକେ ପଶି କଲେ ନର୍ତ୍ତନ କୁର୍ଦ୍ଦନ;
(୬) ବସନ୍ତ-କୁଜ୍‌ଝଟି-ଭ୍ରାନ୍ତ-ବନ୍ୟପଶୁ ଯଥା ।
ବ୍ରାହ୍ମ ମୁହୂର୍ତ୍ତରେ ଯେଉଁ ଅଯୋଧ୍ୟା ନଗରୀ
ବିକଶାଇଥିଲା ହର୍ଷେ ଶ୍ରୀମୁଖ-ମଣ୍ଡଳ,
ବିଷାଦ ଲେପକ-କାଳି ସହସା ତା' ମୁଖେ
ବୋଳିଦେବ ମନ୍ଦ ବିଧି, କିଏ ଥିଲା ଜାଣି ?
ବିଲୋକଣ ଅଯୋଧ୍ୟାର ଅଦ୍ଭୁତ ଦୁର୍ଦ୍ଦଶା
ବହୁକ୍ଷଣ ପରେ ସହି ନପାରି ତପନ

(୧) ବାର—ଜଳ । ବର୍ଷାକାଳୀନ ଜଳାଶୟମାନଙ୍କରେ ମଗ୍ନାବସ୍ଥାରେ ଶ୍ରବଣ କଲେ ଏକପ୍ରକାର ଅସ୍ପଷ୍ଟ ଝିଁ ଝିଁ ଶବ୍ଦ ଅନୁଭୂତ ହୁଏ । (୨) ବିପଞ୍ଚି—ବୀଣା । (୩) ବଲ୍‌ଗନ—ଅଶ୍ୱର ପ୍ଲୁତଗତି । (୪) ବାସର—ଦିବସ । (୫) ବିଚ୍ଛନ୍ଦକ—ଦେବାଳୟ । (୬) ବସନ୍ତ—ରାତି ।

ବିହ୍ୱଳେ ଚଞ୍ଚଳଗତି ଅସ୍ତାଚଳ ପ୍ରତି,
ବାହୁଡ଼ାଇ ସତେ ଯେହ୍ନେ ଆଣିବେ ଶ୍ରୀରାମେ ।
(୧) ବନସ୍ପତି-ବାସୀ ବୁଲ୍-ବିହଙ୍ଗମଗଣ
ବିଭିନ୍ନ ତରୁଶାଖାରେ ହୋଇ ଉପବିଷ୍ଟ
ବସାସ୍ଥିତ-ପକ୍ଷୀପ୍ରତି ଚାହିଁ ଚକିତରେ
"ବୈଦେହୀ ରାଘବ କାହିଁ ?" ବିହ୍ୱଳେ ଜିଜ୍ଞାସା ।
ବେଳ କିଛି ଅତିକ୍ରମି ଉତ୍ତରିଲା ଏକ
ବକ, ସମୁଡ୍ଡୀନ-ଶକ୍ତିହୀନ-ଜରାକ୍ଲିଷ୍ଟ—
ବନେ ପଶିଛନ୍ତି ରାମ-ଜାନକୀ-ଲକ୍ଷ୍ମଣ;
ବୁଝି ପାରିନାହିଁ କିନ୍ତୁ ଉଦ୍ଦେଶ୍ୟ ତାଙ୍କର ।
"ବାରଣ ନକଲ କିପାଁ କାରଣ ନବୁଝି ?"
ବାକ୍‌ବିତଣ୍ଡା ଚଳାଇଲେ ଜିଜ୍ଞାସୁ ବିହଙ୍ଗେ
ବୃକ୍ଷୁଁ ବୃକ୍ଷାନ୍ତରାସୀନ ହୋଇ ବାରମ୍ବାର ।
ବେଳୁଁ ବେଳ ପ୍ରୋକ୍ତ ପ୍ରଶ୍ନ ଲଭି ସମ୍ବର୍ଦ୍ଧନ
ବେନିଙ୍କର ଦଳେ କଲା କଳି-ସୂତ୍ରପାତ ।
ବର୍ଣ୍ଣଟିଏ ଘେନି ପ୍ରଶ୍ନେ ଅଦ୍ୟାପି ସେ 'କଳି'-
ବିଘଟିତ, ସାୟଂକାଳ-ପ୍ରଥମାବସ୍ଥାରେ
ବୋଲନ୍ତି 'କାକଳି' ଯାକୁ କବି-ବୁଧଗଣ ।
(୨) ବୀକ୍ଷଣାଭିଳାଷେ ଅଭିଷିକ୍ତ ମିତ୍ର-ମୁଖ
ବିହୁବେଳୁଁ ଆସି ହର୍ଷ-ପ୍ରଫୁଲ୍ଲ ବଦନେ
(୩) ବସିଥିଲେ ହସି ହସି ପ୍ରାଚୀପୁରେ ଶଶୀ ।
(୪) ବିଷ୍କିର-କୋଳାହଳରୁ ଶୁଣାଗଲା ଯେଣୁ,
(୫) ବନେ ପଶିଛନ୍ତି ରାମ ନାହିଁ ଅଯୋଧ୍ୟାରେ;
ବନବାସୀ ବେଶ ହେଲେ ଦେଖିଥିବି ବୋଲି
(୬) ବ୍ୟଗ୍ରୋତ୍ଥିତ ହେଲେ ବିଧୁ ଉପରୁ ଉପର ।
ବନବାସୀ ରାମ ବାର୍ତ୍ତା ଲଭି ରବି-ମୁଖୁଁ
ବାହାରିଲା ସନ୍ଧ୍ୟାବାଳା ବିଷାଦବଦନା,

---

(୧) ବନସ୍ପତି—ରାଜୋଦ୍ୟାନ । (୨) ବୀକ୍ଷଣ—ଦର୍ଶନ । (୩) ପ୍ରାଚୀ—ପୂର୍ବଦିଗ । (୪) ବିଷ୍କିର—ପକ୍ଷୀ । (୫) ରାମ—ଚନ୍ଦ୍ରର ଅନ୍ୟତମ ନାମବିଶେଷ । (୬) ବିଧୁ—ଚନ୍ଦ୍ର ।

ବାରୁଣୀନନ୍ଦନା ଗିରିଗହ୍ୱରବାସିନୀ
ବିଳପିତା ଅଯୋଧ୍ୟାକୁ ସାନ୍ତ୍ୱନା ପ୍ରଦାନେ ।
(ବିଶ୍ୱସ୍ତ-ବନ୍ଧୁ ଅଗ୍ରତେ ଦୁଃଖୀ ଦୁଃଖୀମାର
ବଢ଼ିଥାଏ ମନୋକଷ୍ଟ, ଫୁଟି ଦ୍ୱିଗୁଣିତ ।)
ବିବାର୍ଯ୍ୟ କାରୁଣ୍ୟ-ଜଳ ଚକ୍ରବାକ-ସ୍ୱରେ
ବରଷାଇଲା, ଅଯୋଧ୍ୟା ସନ୍ଧ୍ୟାଦର୍ଶନେ
ବିହଲା ଗତ ନଗରୀ କରି ଉଲ୍ଲଙ୍ଘନ,
(୧) ବିହାୟସ-ଗର୍ଭେ ଯାଇ ସେ କାରୁଣ୍ୟ-ସ୍ୱର ।
ବିସ୍ମୟେ ଚେଶ୍ଚୋଇ ସ୍ୱନେ "କି ହେଲା କି ହେଲା"
ବୋଲି ବାହାରିଲେ ତାରାଚୟ ଗୋଟି ଗୋଟି ।
ବ୍ୟଥା ଅଯୋଧ୍ୟା-ପ୍ରାଣର, ଉପଲବ୍ଧି ବିନା
ବୋକାପରି ରହିଗଲେ ମିଟିମିଟି-ନେତ୍ରେ ।
ବିଷଣ୍ଣ ବଦନେ ଏଣେ ରାଜଭୃତ୍ୟଦ୍ୱୟ
(୨) ବର୍ତ୍ତିକ୍ରିୟା ସମ୍ପାଦିଲେ କର୍ତ୍ତବ୍ୟାନୁରୋଧେ,
(୩) ବିକଶିଲା ଅବରୋଧେ ଆଲୋକ-ଲହରୀ ।
ବହିରଙ୍ଗ-ଅନ୍ତରଙ୍ଗ-ଶୁଦ୍ଧ ଦ୍ୱିଜକୁଳ
ବିଧ୍ୱନିତ କଲେ ପୂତ ଉପାସନାଗାର,
ବେଦମନ୍ତ୍ର-ଈଶସ୍ତବ-ଓଁକାର-ଝଙ୍କାରେ ।
ବ୍ରହ୍ମର୍ଷିବର ବଶିଷ୍ଠ ସଶିଷ୍ୟ କର୍ତ୍ତୃକ
ବିଧୂମିତ ହୋମଧୂମେ ପବିତ୍ର ଆଶ୍ରମ ।
(୪) ବୃତବର୍ତ୍ତୀ-ଘ୍ରାଣ ଜନୁ ଜନ୍ତୁନାହିଁ କାହିଁ
(୫) ବୈଭବିକ-ସୌଧେ କିମ୍ବା ଦରିଦ୍ର-କୁଟୀରେ ।
ବାଳା ବଧୂ ବୃଦ୍ଧା ଆଦି ସଭିଙ୍କର ଚିତ୍ତ-
ବିମଥିତ ହୋଇଛି, ଯେଣୁ ପବିତ୍ରତାଦର୍ଶେ
ବିଶ୍ୱଧନ୍ୟା ପଟ୍ଟରାଣୀ-ବଇଦେହୀଙ୍କର ।
ବୋଲେ କେଉଁ ଅଶ୍ରୁ-ନେତ୍ରା ଦେଖ ତ ସଜନି,
(୬) ବାଜ ପରି ଆଜ ଯୁବରାଜଙ୍କ ବିହୁନେ

(୧) ବିହାୟସ—ଆକାଶ । (୨) ବର୍ତ୍ତିକ୍ରିୟା—ସାନ୍ଧ୍ୟଦୀପ ଲଗାଇବା କାର୍ଯ୍ୟ । (୩) ଅବରୋଧ—ଅନ୍ତଃପୁର । (୪) ବୃତବର୍ତ୍ତୀ—ଲଶୁନ । (୫) ବୈଭବିକ—ଧନୀ । (୬) ବାଜ—ସଞ୍ଚାଣ ପକ୍ଷୀ ।

ବାସ ଘଡ଼ଉଡ଼ି ଦେଉଛି ମାନସ-ବିହଙ୍ଗେ;
ବଞ୍ଚିବେ କହିଁ ଜନନୀ କଉଶଲ୍ୟା ରାଣୀ ?
ବୃଦ୍ଧାଟିଏ କ୍ଷୁଦ୍ଧା ହୋଇ ଉତ୍ତରିଲା, ମୋତେ
ବିଧାତା ଶ୍ରୀରାମମାତା କରିଥାନ୍ତା ଯେବେ,
ବିସର୍ଜିଥାନ୍ତି ପଛେ ମୁଁ ପାଟରାଣୀ ପଦ,
ବାହୁଡ଼ାଇ ଆଣିଥାନ୍ତି ଶ୍ରୀରାମଙ୍କୁ; ମୋର
ବଧୂ ପୁତ୍ର ଦେଖି ନେତ୍ର ହେଉଥାନ୍ତା ପୂତ ।
ବିବେକ ବିସ୍ତାରି କେହୁ ବୋଲଇ—ନରେଶ
ବୁଦ୍ଧିଜ୍ଞାନ ହରାଇଲେ ପଡ଼ି ନାରୀମୋହେ;
ବର୍ଷାକାଳେ ମାଚନ୍ଦୁଦା-ନଦୀ ସ୍ରୋତେ ପଡ଼ି
ବୃଷ୍ଟି ଜଳ ନିର୍ମଳତା ହରାଏ ଯେସନ ।
ବସନପ୍ରାନ୍ତେ ଲୋତକ ପୋଛି କହେ କେହୁ—
ବିଧାତା, ଧର୍ମଦେବତା ସତେ ଅଛ ହେଲେ
ବନବାସୀ-ରାମ-କ୍ଲେଶ-ଉତ୍ତପ୍ତ-ନିଃଶ୍ୱାସେ
ବିଦଗ୍ଧା ହେଉ କୈକେୟୀ-କୁଟିଳହୃଦୟା ।
ବାଳବୃଦ୍ଧବନତାଦି ଏହିପରି ସର୍ବେ
ବିଷାଦିତ, ବସି ଦାଣ୍ଡ ଅଳନ୍ଦ ଚତ୍ୱରେ,
(ବିପ୍ରବତ୍ସଳ ଶ୍ରୀରାମ, ପତିପ୍ରାଣା ସୀତା,
ବୈମାତ୍ରେୟ-ଭ୍ରାତୃଭକ୍ତ ସୌମିତ୍ରି-ପ୍ରବୀର,
ବାତ୍ସଲ୍ୟପ୍ଳାବିତ-ପ୍ରାଣ ସତ୍ୟସନ୍ଧ ନୃପ,
(୧) ବ୍ୟାଳୀ କପଟକୁଶଳା-ରାଣୀ କୈକେୟୀର
ବ୍ୟକ୍ତ ଚରିତ୍ର-ଚର୍ଚ୍ଚାରେ ନିବେଶି ମାନସ)
ବୁଭୁକ୍ଷା ପିପାସା ପ୍ରାଣୁ କରୁଛନ୍ତି ଦୂର ।

ବିଷାଦର ପୁରୀ ଆଜ ସାକେତ ନଗରୀ
ବାଲ୍ମୀକ-କଳ୍ପନାତୀତ, ପାରିବ କି ବର୍ଣ୍ଣି
ବାଳମତି-ପଣ୍ଡିତମ୍ମନ୍ୟ-ନଗଣ୍ୟ ଲେଖକ ?
ବାତ୍ୟା-ଉତ୍ପାଟିତ ଜୀର୍ଣ୍ଣ-ପାଦପ ସଦୃଶ

(୧) ବ୍ୟାଳୀ—କ୍ରୂର ।

ବ୍ୟାକୁଳତା ଶୋକ ଚିନ୍ତା ହୃଦୟେ ପୂରାଇ,
ବିଚ୍ୟୁତ-ରତ୍ନମୁକୁଟ ସଜ୍ଜା-ବିରହିତ
ବ୍ୟସ୍ତ ବାସ ଅଶ୍ରୁ-ସିକ୍ତ-ନିଷ୍ପ୍ରଭ-ବଦନ
ବାତ୍ୟାହତପ୍ରାଣ ନୃପତି ପଡ଼ିଛନ୍ତି ଭୂମେ ।
ବିକ୍ଷିପ୍ତ ଚନ୍ଦ୍ରାତପଯୁକ୍ତ ସାଶଙ୍କ-ଚିତ୍ତରେ
ବେଷ୍ଟିତ କୋପୁରଗଣ ନୃପତିଭୃତ୍ୟାବର୍ଗେ;
ବ୍ୟଜନହସ୍ତରେ କେ ବା ଦଣ୍ଡାୟିତ, କେହୁ
ବାରି ସିଞ୍ଚୁଅଛନ୍ତି ନୃପ ଅଶ୍ରୁସିକ୍ତ-ମୁଖେ ।
ବୋଲୁଛନ୍ତି କେ, ଧୈର୍ଯ୍ୟ ଧର, ଧୈର୍ଯ୍ୟ ଧର ଦେବ !
ବହ୍ନି ସଜ୍ଞା ବହୁକ୍ଷଣେ ମୂର୍ଚ୍ଛିତ ନରେଶ
ବିନତ ମସ୍ତକେ ହସ୍ତ ନବେଶି ଲଲାଟେ,
ବିସର୍ଜି ଦୀର୍ଘ ନିଃଶ୍ୱାସ ଶୋକରୁଦ୍ଧ କଣ୍ଠେ
ବୋଲନ୍ତି, ହା ରାମ ମୋର ଜୀବର ଜୀବନ,
ବିଭ୍ରମାତ୍ମକ ଧାରଣା 'ମୋର' ବୋଲିବାର;
ବତ୍ସ, ନୋହୁ ଏ ମାନବ ଦଶରଥ ସୁତ;
ବିଭୁ ବରେଣ୍ୟ ସନ୍ତାନ ମୁକ୍ତାତ୍ମା ତୁ ପିନା
ବିଶ୍ୱହିତେ ଅବତୀର୍ଣ୍ଣ ବିଶ୍ୱମ୍ଭର କୋଳେ ।
ବିଶୁଦ୍ଧ ଅମରାକ୍ଷରେ ଯେଉଁ ଯଶୋଗୀତ
ବିରଚି ଗଲୁ ଭାରତ-ସ୍ମୃତିପଟେ ଆଜ,
ବହୁକାଳ ଭାରତୀୟ-ହୃଦୟ ରଞ୍ଜନ
(୧) ବିଗତ ସ୍ମରଣ୍ୟ ହେବ ପୂତ ନାମ ତୋର ।
ବିଶ୍ୱଧନ୍ୟ କ୍ଷଣଜନ୍ମା ଲକ୍ଷ୍ମଣ ତୁ ଧନ୍ୟ,
ବଶିଷ୍ଟ ତିତିକ୍ଷା ଗୁଣ ସମର୍ପିଲୁ ଯାହା
ବିବସ୍ୱାନ୍-ବଂଶାବତଂସ ଶ୍ରୀରାମ-ଶ୍ରୀପଦେ
ବିଭବ-ଲିପ୍ସୁ-ମାନସେ ବାନ୍ଧି ଜ୍ଞାନ-ଡୋରେ !
(୨) ବାରି ସ୍ୱାତୀ ନକ୍ଷତ୍ରେ ଶାମୁକା-ଗର୍ଭରେ
ବ୍ୟବସ୍ଥାନ କଲେ ହୁଏ ମୌକ୍ତିକ-ରତନ;
(୩) ବନଜ-ପତ୍ରେ ଝଟକେ ମୁକୁତା ସଦୃଶ,

(୧) ବିଗତ—ସ୍ମୃଗତ କାଳ । (୨) ବାରି—ଜଳ । (୩) ବନଜ—

(୧) ଜାତବେଦାଙ୍କ-ଗର୍ଭେ ଦିଏ ଅସ୍ତିତ୍ୱ ହରାଇ;
ବୈଲକ୍ଷଣ ଘଟେ ଯଥା ଭାଗ୍ୟ ଅନୁଯାୟୀ
(୨) ବଶିଷ୍ଟ-ଶିଷ୍ଟ-ଅଶିଷ୍ଟ ସଂସର୍ଗତା ଫଳେ ।
କିଅର୍ଥେ କି ରାମ ସଙ୍ଗେ ଜାନକୀ, ଲକ୍ଷ୍ମଣ
ବିପିନରେ ପଶିଥାନ୍ତେ ତେଜି ସୁଖସ୍ୱାର୍ଥ ?
ବିନା ପାପଫଳେ ମୂଢ଼ ଦଶରଥ କେହ୍ନେ
ବାର୍ଦ୍ଧକ୍ୟ ଜୀବନେ ସୁଦ୍ଧା ଦୁର୍ବିଷହାବଦ୍ଧ ।
ବିଭାବିତ 'ପାପ' ଶବ୍ଦ ଯେତେ ନୃପଙ୍କର
ବାଟେ ରମ୍ଭାପଣ ପ୍ରାପ୍ୟ ବିକର୍ମିଲ ପ୍ରାଣ ।
(ବିପଦ-ବ୍ୟାଧି-ସନ୍ତାପେ ସ୍ୱକୀୟ ଦୁଷ୍କୃତି
ବିବେକୀର ସ୍ମୃତିପଟେ ପଡ଼ିଥାଏ ଫୁଟି ।)
ବାହ୍ମଣ ଅଙ୍ଗାର-ସ୍ମୃତି-ସ୍ୟନ୍ଦନ ମାନସ
ବସିଲା, ତମସାଙ୍ଗରେ ତେଜି ନୃପହୃଦ ।
(୩) (ବିଲୋକିଲା—ତମସ୍ୱିନୀ ଘୋଟିଅଛି ତହିଁ,
ବାହ୍ମିନୀ ତସମା ଘାଟେ ପଡ଼ିଅଛି ଏକ
ବାଳକ ତାପସ; ତାର କୋମଳ ବକ୍ଷରେ
ବିଦ୍ଧ ଗାଢ଼େ ପ୍ରଜ୍ୱଳିତ ତୀକ୍ଷ୍ଣ କାଣ୍ଡମୂନ ।
ବାଣାହତ ଋଷିପୁତ୍ର-ହୃଦରୁ ନିଃସୃତ—
ବିଳାପ-ସ୍ରୋତ ଦେଉଛି କାନନ ଭସାଇ ।
(୪) ବର୍ଷ୍ମୀ ହୃଦ ସ୍ଥିର କିସ ? ଶୁଣି ସେ କାରୁଣ୍ୟ
ବଜ୍ରହିଁ ତରଳିଯିବ, ହାୟ, ହାୟ, ହାୟ !
ବିସ୍ମୃତ ଲୋତକନେତ୍ରେ ଚତୁର୍ଦ୍ଦିଗ ଚାହିଁ
ବୋବାଇଲା ମୁନିପୁତ୍ର କରୁଣ କଣ୍ଠରେ—
ବିଧାତ ! ମୋ ଜନ୍ମକାଳୁଁ ଯା ଅଛି ସ୍ମରଣେ
(୫) ବିବୁଧ ନର କିନ୍ନର କିବା ଖଗ ମୃଗ
ବୃକ୍ଷଲତା ଆଦି କୀଟପତଙ୍ଗ ଜୀବନେ,
ବିହ୍ୱନାହିଁ ପୀଡ଼ା କେବେ ଦୀଡ଼ାଛଳେ ସୁଦ୍ଧା;

(୧) ଜାତହୋତ୍ର—ଅଗ୍ନି । (୨) ବଶିଷ୍ଟ—ଉତ୍ତମ । ଶିଷ୍ଟ—ମଧ୍ୟମ । ଅଶିଷ୍ଟ—ଅଧମ ।
(୩) ତମସ୍ୱିନୀ—ଅନ୍ଧାରରାତି । ବାହ୍ମିନୀ—ନଦୀ । (୪) ବର୍ଷ୍ମୀ—ଶରୀରଧାରୀ ।
(୫) ବିବୁଧ—ଦେବତା ।

ବୋଲିବି କେମନ୍ତେ ଏହା କୃତକର୍ମ ଫଳ !
(୧) ବ୍ୟାଧ ପରଶ୍ରୀକାତର ହୃଦେ ଈର୍ଷାନଳ
ବହନ୍ତା ବା, ସେଭଳ ମୋ ସୁଖଶିଖ କାହିଁ ?
ବନ୍ୟ ଫଳମୂଳ ଖାଦ୍ୟ, ପାନୀୟ ଝରାମ୍ବୁ,
ବିଭୂତି ରୁଦ୍ରାକ୍ଷମାଳ ଅଙ୍ଗର ଭୂଷଣ,
ବୃକ୍ଷର ବଲ୍‌କଲ ହୋଇଅଛି ପରିଧେୟ;
ବୃଦ୍ଧ ପିତାମାତା—ଅନ୍ଧ ଅନ୍ଧୁଣୀ-ଶୁଶ୍ରୂଷା-
(୨) ବିଭବରେ ପୂର୍ଣ୍ଣ ସିନା ପର୍ଣ୍ଣାବାସ ମୋର ।
ବୋଧ ହେଲା କ ଅସହ୍ୟ କାହା ପକ୍ଷେ ଏହା ?
ବିଧି-ଉଦ୍ଭାବିତ-ନବ୍ୟ ମନୁଷ୍ୟ କ ସେହୁ ?
ବୁଝିଛି କ ନିତ୍ୟ ରହି ଏ ଅନିତ୍ୟ ଧାମେ,
ବହରିବ ଚିରସ୍ଥାୟୀ ସୌଭାଗ୍ୟ ମଦରେ ?
ବିଚିତ୍ର ଉପାଦାନରେ ଗଢ଼ି ତା ହୃଦୟ
ବରଗିଛନ୍ତି କ ବିଧି ଅଦ୍ଭୁତ ଉଦ୍ଦେଶ୍ୟେ ?
ବିଧି-ଇଚ୍ଛାରେ ଅବଧି ନୁହେଁ—ଏହା ଯେବେ
ବ୍ୟର୍ଥ, ମୋଭଳ ପାତକୀ କାନ୍ଦିଲେ କ ହେବ ?
ବ୍ରହ୍ମାଣ୍ଡେ ଜନ୍ମ ଲଭିଲେ ମରଣ ନିଶ୍ଚୟ,
ବାଧୁନାହିଁ ସେଥିପାଇଁ ମରିଯିବି ବୋଲି;
ବୃଦ୍ଧ ଜନକ ଜନନୀ ମୋ ଅନ୍ଧ ଅନ୍ଧୁଣୀ,
ବାତ୍ସଲ୍ୟ-ଧନେ ଯାହାଙ୍କ ଋଣୀ ଏ ଜୀବନ,
ବାହାରିଯିବ ତାହାଙ୍କ ଅଜ୍ଞାତରେ ଯାହା
ବ୍ୟାକୁଳ ହେଉଛି ସିନା ସେ ଦୁଃଖ ସୁମରି ।
ବିଶ୍ୱଜୀବନ-ଶୋଷକ ଏକେ ତ ଏ ଗ୍ରୀଷ୍ମ-
ବର୍ଦ୍ଧିତ ତୃଷ୍ଣାରେ ତାଙ୍କ କଣ୍ଠ ଯିବ ଶୁଖି;
ବେଳୁଁ ବେଳ ବିଳମ୍ବତା ଅନୁଭବି ମୋର
ବାରମ୍ବାର ଡ଼ାକି ଶେଷେ ହାରିବେ ଜୀବନ ।
ବଞ୍ଚାଇବ କିଏ ତାଙ୍କୁ ଏ ଅଧମ ବିନା ?
ବୁଲୁଥିଲେ କେଣେ ଫଳମୂଳ ଆହରଣେ,
ବିଳମ୍ବତା ଜାଣି ମୋର, ଅନ୍ଧୁଣୀ ଜନନୀ !

(୧) ବ୍ୟାଧ—ଦୁଷ୍ଟ । (୨) ପର୍ଣ୍ଣାବାସ—ପତ୍ରକୁଡ଼ିଆ ।

ବିପିନରେ ପଶି କରି ଅଣ୍ଡାଳି ଅଣ୍ଡାଳି
ବୋବାଉ—କେଣିକି ଗଲୁ, ଆସ ଧନମଣି !
ବିସୋରି ଦେବୁ ଜନନୀ, ଆଜଠାରୁ ମୋତେ,
'ବତ୍ସମଣି ଆସ' ବୋଲି ନ ଡାକିବୁ ଆଉ ।
ବାହୁଡ଼ିବ ନାହିଁ, ଡାକ—ମରିଗଲେ ସୁଦ୍ଧା;
'ବାପଧନ' ସମ୍ବୋଧନ ଶେଷ ଆଜୁଁ ତୋର ।
ବାତ୍ସଲ୍ୟ-ଋଣ ତୋର ମା' ଗୋଟିଏ ଦିନର
ବିଂଶତି କୋଟି ଜନ୍ମେ ମୁଁ ନପାରିବି ଶୁଝି ।
ବିଳପାଇ ପ୍ରାଣକୁ ମୋ ମାନସ-ପଟରେ
(୧) ବିଷ୍ଟପ ହେଉଛି ତାହା ସ୍ୱତଃ ହୃଦୟରୁ ।
ବୟସ ମୋ ଗଣ୍ୟ ଥିଲା ଦଶ ସମ୍ବତ୍ସରେ
ବହିଥିଲା ଶୀତକାଳ-ଶେଷ ସେ ସମୟ,
ବିଘ୍ନବର୍ତ୍ତୀ-ମଧ୍ୟସ୍ଥରେ ହିମ ବର୍ଷା ଶୀତ—
(୨) ବିଧୂନନେ, ସଂହନନ ଥରୁଥିଲା ତୋର ।
(୩) ବିଗ୍ରହ ମୋ ଅଣ୍ଡାଳଣ ଜାଣିଲୁ ସେକାଳେ
ବଲ୍କଲ-ଓଢ଼ଣୀ ନାହିଁ, ପଡ଼ିଅଛି ଖସି ।
ବତ୍ସଲେ, ତୋ ସ୍ନେହାମୃତ ଅମୂଲ୍ୟ ଅତୁଳ୍ୟ
ବଲ୍‌କଲ-ଓଢ଼ଣୀ ଆଣି ତୋ ଦୋ'ଡ଼ଣୀ ସହ
(୪) ବ୍ରଧ୍ନେ ମୋର ଘୋଡ଼ାଇଲୁ ଶୁଆଇ କୋଳରେ;
ବିସ୍ପର୍ଶ ବେଳୁଁ ତୋ କର ଭାଙ୍ଗିଥିଲା ନିଦ
ବାକ୍‌କୁଣ୍ଠାରେ ଥିଲି ସିନା ସ୍ନେହ ପରୀକ୍ଷାର୍ଥେ ।
ବାପାଙ୍କ ପୁତ୍ରବାତ୍ସଲ୍ୟ ସେପରି ଜନନୀ,
ବିସ୍ମରଣ କରି ପ୍ରାଣ କାନ୍ଦୁଛି ଯେତିକି
ବଢ଼ୁଛି ତହୁଁ ଦ୍ୱିଗୁଣ ବିଦ୍ଧ ଶର-ଜ୍ୱାଳା ।
ବହୁ ଧୈର୍ଯ୍ୟ କ୍ଷଣେ ନେତ୍ରନୀର ପୋଛି ପୋଛି
ବ୍ୟାକୁଳ-ବିନୟେ ପୁଣି କହିଲା ଏସନ—
ବାରେ ଆସ ଅନ୍ଧ କାହିଁ ଘାତୁକ ମହାତ୍ମା !
ବକ୍ଷସ୍ଥଳୁଁ ବିଦ୍ଧ ଶର କାଢ଼ିନେଇ, ମୋତେ

(୧) ବିଷ୍ଟପ—ବ୍ୟକ୍ତ । (୨) ବିଧୂନନ—କମ୍ପନ । (୩) ସଂହନନ—ଶରୀର ।
(୪) ବ୍ରଧ୍ନ—ଶରୀର ।

ବିଦାୟ ଦିଅନ୍ତୁ ଇହ ସଂସାରୁ ଚଞ୍ଚଳେ
ବାହୁଡ଼ିବି ପରଧାମେ, ମାଗୁଣି ଏତିକି ।
(୧) ବୀରୁଦନ୍ତରୁଁ ଏକ ଧନୁଷ୍ପାଣି ନର
ବିସ୍ମିତ-କମ୍ପିତ-ପଦେ ବାହାରି ସଧୀରେ,
ବାଲବ୍ରହ୍ମର୍ଷି ସମ୍ମୁଖେ ହୋଇ ଉପସ୍ଥିତ
ବଦ୍ଧାଞ୍ଜଳି-ଭଙ୍ଗସ୍ୱରେ କଲା ନିବେଦନ—
ବିବେକବିହୀନ ମୁହିଁ ଅଯୋଧ୍ୟା ନରେଶ
ବାଣାଘାତେ ମୋର ଦେବ, ଆହତ ଆପଣ ।
ବିଶ୍ୱ-ନାରକୀୟ ସୀମା କରିଛି ଲଙ୍ଘନ,
ବ୍ରହ୍ମହତ୍ୟା ମହାପାପେ ଆଜି ଏ ମୋହର
(୨) ବୃଜିନର ଫଳ, କେତେ କଳପ ପର୍ଯ୍ୟନ୍ତ
ବଞ୍ଚିତ କରିବ ମୋତେ ମାନବ ଜନ୍ମରୁ,
ବିଶ୍ୱପତି ନ୍ୟାୟନିଷ୍ଠ ଧାତାଙ୍କୁ ତା ଜଣା !
ବର୍ତ୍ତମାନ ମୋ ଦୁଷ୍କୃତି-ସମୁଚିତ ଦଣ୍ଡ
ବ୍ୟବହାର କରନ୍ତୁ ସ୍ୱଇଚ୍ଛାନୁରୂପ;
* ବିଗତ ବଂଶାଭିଶାପ ଅବା ଭସ୍ମୀଭୂତ ।
(୩) ବ୍ରୀଡ଼ିତ ବଦନେ ହସି ଉତ୍ତରିଲେ ସିନ୍ଧୁ—
ବୀରେନ୍ଦ୍ର, ସେ କାର୍ଯ୍ୟ ନର-ଶକ୍ତି ସାଧ୍ୟାତୀତ;
ବିଭୁଙ୍କର ବିଶ୍ୱରାଜ୍ୟେ ଆତ୍ମ-ଆଧିପତ୍ୟ
ବିକାଶ କରିବ ଅହୋ, କେଉଁ ସାହସରେ !
ବିଧିମତ ଦଣ୍ଡ ତୁମ୍ଭ ନିର୍ଣ୍ଣୟ କରଣେ
ବଢ଼ାଇବି ଆତ୍ମଦୋଷ ପ୍ରଭୁଙ୍କ ସମ୍ମୁଖେ !
ବୁଦ୍ଧି ବିବେକକୁ ମୋର ଧିକ ଶତଧିକ ।
ବାସନା ଏତିକି ମାତ୍ର, ଅନ୍ତିମ ଜୀବନେ
ବିଶ୍ୱାସ ମୋ ସେବକରେ ହୋଇଯିବ ଧନ୍ୟ ।

---

(୧) ବୀରୁତ୍—ବହୁଶାଖାଯୁକ୍ତ ଲତା । (୨) ବୃଜିନ—ପାପ । (୩) ବ୍ରୀଡ଼ିତ—ଲଜ୍ଜିତ ।

* କପିଳ ମହର୍ଷିଙ୍କ ଅଭିଶାପରେ ଦଶରଥଙ୍କର ପୂର୍ବପୁରୁଷଗଣ ଶହେବର ଅର୍ଦ୍ଧଦଗ୍ଧ ଯାତନା ଅନୁଭବ କରୁଥିଲେ ।

(୧) ବିକ୍ରାନ୍ତ, ଏ ବିଷ ମୁଖ-ବିଷମ ନାରାଚ
ବକ୍ଷରୁ ମୋ କାଢ଼ିନେଇ ନିଃଶଙ୍କଚିତ୍ତରେ
(୨) ବନପୂର୍ଣ୍ଣ କୁମ୍ଭ ଧରି ଚଳ ଅବିଳମ୍ବେ
(୩) ବର୍ତ୍ମ ନିକଟ କୁଟୀରେ; ମୋ ତାତ ଜନନୀ
ବସିଥିବେ, ଶୁଷ୍କକଣ୍ଠେ ପିପାସା-ବ୍ୟାକୁଳେ;
ବାରିପାନ ଶେଷେ, ତାଙ୍କୁ ଜଣାଇବ ମୋର
ବିନୀତ ଭକ୍ତି ପ୍ରଣାମ ତାଙ୍କ ଶ୍ରୀଚରଣେ,
ବିଘଟିତ ଆବର ଏ ଦୁଷ୍କୃତ ଘଟଣା ।
ବଟୁବାକ୍ୟେ କିଂକର୍ତ୍ତବ୍ୟବିମୂଢ଼ ରାଜନ
(୪) ବରାଙ୍ଗେ ପଡ଼ିଲା କିବା ଅକାଳ ଚଡ଼କ ।
ବଳି ନ ବଳଇ ମନ କାଣ୍ଡ କାଢ଼ିବାକୁ;
ବପୁ ସ୍ୱେଦ ଜର୍ଜରିତ, ନିଶ୍ଚଳ ଚରଣ;
(୫) ବର୍ଦ୍ଧକୀ-ନିର୍ମିତ ନର ପରିଏ ନରେଶ
ବାକ୍‌ରୁଦ୍ଧ; ସ୍ତମ୍ଭିତ ହୋଇ ରହିଗଲେ କ୍ଷଣେ ।
ବିପାକେ ଯା ଥିବ ତାହା ଘଟଇ ନିଶ୍ଚୟ;
ବର୍ଜନୀୟ ତହିଁ ପାଇଁ ସନ୍ତାପ ଶୋଚନା ।
ବିଦୁର ଏସନ ରାଏ ଧୈର୍ଯ୍ୟ ଆଣି ହୃଦେ
ବିଶିଖ ଉପାଡ଼ି ନେଲେ ସିନ୍ଧୁ ବକ୍ଷସ୍ଥଳୁଁ ।
ବ୍ରହ୍ମସ୍ତୋତ୍ର ଶୁଦ୍ଧକଣ୍ଠେ—ଅର୍ଦ୍ଧସ୍ଫୁଟ ସ୍ୱରେ
ବାରମ୍ବାର ଉଚ୍ଚାରିଲା ମୁମୂର୍ଷୁ ତାପସ;
(୬) ବେର ତନ୍ତ୍ରଗଲା ରକ୍ତ-ଅବାର୍ଯ୍ୟ-ନିର୍ଗମେ,
ବିଷୟାବାସ ବିସର୍ଜି ଭୌତିକ ସଂସାରୁ
ବିଦାୟ ହେତୁ ଜୀବାତ୍ମା ହେଲା ବ୍ୟାକୁଳିତ;
ବିବର୍ଣ୍ଣ ବଦନେ ଚିର-ମୁଦ୍ରିତ ନୟନେ
ବିଶ୍ରାମିଲା ପିଣ୍ଡ, କାଳ କରାଳ ଗର୍ଭରେ ।
ବଲ୍‌କଲବାସ ଘୋଡ଼ାଇ ମୃତପିଣ୍ଡ ଉପରେ
ବଟୁ ନିର୍ଦ୍ଦେଶିତ ପଥେ କୁଟୀରାଭିମୁଖେ
ବିହ୍ୱଲେ ପ୍ରଗତି ନୃପ ଶାପାଶଙ୍କଚିତ୍ତେ ।

(୧) ବିକ୍ରାନ୍ତ—ପରାକ୍ରମଶାଳୀ । (୨) ବନ—ଜଳ । (୩) ବର୍ତ୍ମ—ପଥ ।
(୪) ବରାଙ୍ଗ—ମସ୍ତକ । (୫) ବର୍ଦ୍ଧକୀ—ବଢ଼ାଇ । (୬) ବେର—ଶରୀର ।

(୧) କୁଟାବାସ-ପାର୍ଶ୍ୱବର୍ତ୍ତୀ ହେଲେ ଯହୁଁ ନୃପ,
ବାରି ଚରଣ-ଶବଦ ଅନ୍ଧ ତପିବର
ବତ୍ସଲତାମୃତସିକ୍ତ-ସୁମଧୁର ସ୍ୱରେ
ବୋଇଲେ, ଚଞ୍ଚଳ ପଦେ ଆସ ବତ୍ସମଣି !
ବହୁଦୂର ନୁହଇ ତ’ ତମସା, ଏତେକ
ବିଳମ୍ବ ଘଟିଲା କେହ୍ନେ ? କି ଅବା ପଥରେ
ବ୍ୟାଘ୍ରାଦି ହିଂସ୍ରକ ପ୍ରାଣୀ ଥିଲେ ଅଟକାଇ ?
ବଞ୍ଚି ଆସିଲୁ କେମନ୍ତେ ? ତୃଷାରେ ଆମ୍ଭର
ବାହାରି ଗଲେହେଁ ପ୍ରାଣ, ଆଜିଠାରୁ ଆଉ
(୨) ବନ ଆଣିବାକୁ ରାତେ ନ ଯିବୁ ରେ ଧନ !
ବିକଳ କୋମଳ କଣ୍ଠେ କହଇ ଅନ୍ଧୁଣୀ—
ବୁଝିଲିଣି ଧନମଣି, ତୋ ମନର କଥା;
ବ୍ୟଥା ଘଟିଛି ମରମେ କେଜାଣି କି ହେତୁ
(୩) ବିତଥ୍ୟ ନୁହଇ ଯେଣୁ ରହୁଛୁ ମଉନେ ।
ବୋଲ ତ’ ମୋ ମଥା ଛୁଇଁ, ତାହା କୁହେ ବୋଲ;
(୪) ବାରିପ୍ରବାହରୁ ବାରି ପ୍ରବାହ ପରାଏ
ବଚନୁ ଝରିପଡ଼ୁଛି ପୁତ୍ର ବତ୍ସଳତା;
ବହୁଛି ବା ଦ୍ରବ ଅନ୍ଧ ଦମ୍ପତି ପରାଣ ।
ବିଷମୟ-ବିଷାଦରେ ନୃପହୃଦ ପୂର୍ଣ୍ଣ;
ବଳେ ଇଚ୍ଛା, ନିଜ ମୁଣ୍ଡ ଛିଣ୍ଡାଇବ ଖଡ଼୍ଗେ;
ବିବେଚିତ ହେଲା ପୁଣି ପର ମୁହୂର୍ତ୍ତରେ—
ବ୍ରହ୍ମହତ୍ୟା-ଆତ୍ମହତ୍ୟା ଅଶେଷ ପାତକ
ବଢ଼ିଗଲେ, କୋଟି ଜନ୍ମେ ନ ପାରିବ ପାରି ।
ବାକ୍‌କୁଣ୍ଠାରେ ଯାହା ହେଉ ପରିତ୍ରାଣ କାହିଁ ?
ବିଜ୍ଞାପିଲେ ନରମଣି ସ୍ୱକୃତ ଦୁଷ୍କୃତ
ବିଘଟିତ ସିନ୍ଧୁହତ୍ୟା—ଆତ୍ମ-ଅଜ୍ଞାନତା;
(୫) ବିସଂଶ୍ଳିଷ୍ଟ-ତରୁବଲ୍ଲୀ ପ୍ରଭଞ୍ଜନେ ଯଥା,

(୧) କୁଟାବାସ—ମଠ, ମନ୍ଦିର । (୨) ବନ—ଜଳ । (୩) ବିତଥ୍ୟ—ମିଥ୍ୟା । (୪) ବାରିପ୍ରବାହ—ଝରଣା । (୫) ବିସଂଶ୍ଳିଷ୍ଟ—ସଂଯୁକ୍ତ ।

(୧) ବିସମ୍ବାଦ ଶ୍ରବଣରେ ସେ ଅନ୍ଧ ଅନ୍ଧୁଣୀ
ବୁଦ୍ଧି ଜ୍ଞାନ ଚଇତନ୍ୟ ହରାଇ ହୃଦରୁ
ବସୁନ୍ଧରା-ବକ୍ଷେ ଢଳି ପଡ଼ିଲେ ସହସା ।
(୨) ବସୁକୁମ୍ଭ ଧରି ନୃପ ଧାଇଁ ଆଶୁପଦେ
ବିମୂର୍ଚ୍ଛିତ-ବ୍ୟାକୁଳିତ-ଅନ୍ଧଦମ୍ପତିର
ବଦନମଣ୍ଡଳେ ଜଳ ଅଳ୍ପ ଅଳ୍ପ ଢାଳି
ବାସ-ବ୍ୟଜନ ସଧୀର କଲେ ସଞ୍ଚାଳନ ।
ବହୁକ୍ଷଣ ପରେ ସଂଜ୍ଞା, ଲଭି ଜ୍ଞାନ "ହା' ହା'
ବତ୍ସ ସିନ୍ଧୁ" ବାକ୍ୟେ ତୋଳି ବସାଇଲା ଅନ୍ଧେ;
ବିହ୍ୱଳିତ-ଶୋକକଣ୍ଠେ ଭାଷିଲେ ଅନ୍ଧର୍ଷି—
(୩) 'ବାରତା' ବାର-ତାରକା-ବାର କି ହେ ନୃପ !
ବିହିଲ ବିହି ଆଜି ମୋ ଜୀବନ-ସଂସାରରେ ?
ବଞ୍ଚି ନାହିଁ କି ମୋ 'ସିନ୍ଧୁ' ସତେ ଧରାଧାମେ ?
ବଞ୍ଚିତ ହେଲି କି ଆଜି ସିନ୍ଧୁ ସମ୍ବୋଧନେ ?
ବିହିତ ପ୍ରାପ୍ୟ-ସମ୍ବାଦ ଏହି କି ମୋହର ?
ବିଗୁରୁଥାଏ କେବଳ ସିନ୍ଧୁଲାଗି ସଦା
(୪) ବିନେତ୍ର ନୁହେ, ସୁନେତ୍ର ଦେଇଛନ୍ତି ବିଧି ।
(୫) ବ୍ରତୀ ନୁହେ, ଭୋଗୁଅଛି ସ୍ୱରଗ ସମ୍ପତ୍ତି;
(୬) ବର୍ହକୁଟୀ ନୁହେ, ଏ ମୋ ସୁରମ୍ୟ ହରମ୍ୟ ।
ବିଧ୍ୱସ୍ତ ହେଲା କି ଆଜ୍ଞ-ପ୍ରସାଦ-ପ୍ରାସାଦ ?
ବିଳପିଲା ଅନ୍ଧ ଶୋକେ ସଚେତ ଅନ୍ଧୁଣୀ
ବିଷ ମସ୍ତକରେ କର କରୁଡ଼ି କରୁଡ଼ି ।
ବାଳା ମୋର, ଗେହ୍ଲା ମୋର, ଜୀବର ଜୀବନ !
ବାପଧନ, ଭାଙ୍ଗିଦେଲୁ ମୋ ଆଶା ଭରସା;
(୭) ବାୟସ-ବନ୍ଧ୍ୟାର ଏକମାତ୍ର ନେତ୍ରତାରା !
(୮) ବହ୍ନି ପ୍ରାୟେ ଗର୍ଭ ଜଳୁଅଛି ପାପିନୀର

(୧) ବିସମ୍ବାଦ—ମନ୍ଦ ଖବର । (୨) ବସୁ—ଜଳ । (୩) ବାରତାରକାବାର—ପ୍ରଳୟ । (୪) ବିନେତ୍ର—ଚକ୍ଷୁହୀନ । (୫) ବ୍ରତୀ—ତପସ୍ୱୀ । (୬) ବର୍ହ—ପତ୍ର । (୭) ବାୟସବନ୍ଧ୍ୟା—କାକବନ୍ଧ୍ୟା ଅର୍ଥାତ୍ ଏକମାତ୍ର ସନ୍ତାନ ପ୍ରସବିନୀ ସ୍ତ୍ରୀ । (୮) ବହ୍ନି—ଅଗ୍ନି ।

ବୋଲାଇଅ ସୁଧା ତହିଁ ମାଆ ମାଆ ବୋଲି ।
ବାରେ ବାରେ ମୁଁ ପାପିନୀ ସ୍ୱଭାବଦୋଷରେ
ବର୍ଷଣ କଲେ କଟୂକ୍ତି, ତୋ କୋମଳ ପ୍ରାଣେ,
ବିହସିତ ବିନୁ ମୁଖେ ନ ଆସେ କାନ୍ଦଣା ।
ବହିଥିଲୁ ରୋଷ କି ମୋ ଅଶିତ ଦୋଷରେ
ବିମର୍ଷ-ସିନ୍ଧୁରେ ତେଣୁ ଠେଲିଦେଇ ମୋତେ
ବିମୁକ୍ତ ହେଲୁ କି ସିନ୍ଧୁ ! ଏ ମାୟା ସଂସାରୁ ?
ବଳା ରେ, ତୋ ବିନା କେହ୍ନେ ରଖିବି ଜୀବନ ?
(୧) ବନଲକ୍ଷ୍ମୀ ବଞ୍ଚିବକି ଫୁଲକୁ ହରାଇ ?
(୨) ବିଦୁଳ ବିଦୁର ହେଲେ ସରସୀଗରଭୁ
ବହିବକି ଶୀତଳତା କାଳ ଗ୍ରୀଷମରେ ?
ବଢ଼ିଲା କାରୁଣ୍ୟ-ନଦୀ ଉତ୍ତର ଉତ୍ତର
ବିଦ୍ରବିତପ୍ରାଣ ଅନ୍ଧ-ଦମ୍ପତି ଜୀବନ
ବିମିଶ୍ର ହୋଇ, ସେ ସଙ୍ଗେ ତମସାଭିମୁଖେ
ବହିଲା, ଅନ୍ଧ ଅନ୍ଧୁଣୀ ଭାସିଗଲେ ତହିଁ;
(୩) ବାଟ କଢ଼ାଇ ନିଅନ୍ତି ସାକେତ ସମ୍ରାଟ ।
(୪) ବିଗ୍ନ-ଗମନେ ତମସା ତଟେ ହେଲେ ଯାଇ,
ବାହିନୀ ଘାଟ ନିକଟେ ଅନ୍ଧଅନ୍ଧୁଣୀଙ୍କୁ
ବସାଇ, ମୃତ୍ପିଣ୍ଡ ଗୋଟି ଆଣି ନରମଣି
ବିସ୍ପର୍ଶାଇ ଦେଇ ଅନ୍ଧ ତାପସ ଶ୍ରୀକର୍ଣ୍ଣେ
ବୋଇଲେ, ହେ ମୁନିବର ! ଏହି ତବ ପୁତ୍ର ।

(୫) ବୋକ ବହି ପୁତ୍ର ମୁଖେ ବିହ୍ୱଳ-ବିଳାପେ
ବିକଳେ ଭାଷନ୍ତି ମୁନି, ଉଠ ଉଠ ଧନ,
(୬) ବିଷବଣି ପାହିଲଣି ବ୍ରହ୍ମ ଯଜ୍ଞେ ତୋର
ବିଳମ୍ବ ହେଉଛି ଉଠ, ରେ ମହାନଦ୍ରାକୁ ।
ବାଲ୍ୟକାଳରୁ ତୋହର, ଦିନେ ହେଲେ ତୋତେ
ବୋଲି ନାହିଁ ଉଠ ବୋଲି ରେ ସଦ୍‌ଗୁଣ ସିନ୍ଧୁ !

---

(୧) ବନଲକ୍ଷ୍ମୀ—ରମ୍ଭା । (୨) ବିଦୁଳ—ଜଳ । (୩) ସାକେତ ସମ୍ରାଟ୍—ଦଶରଥ । (୪) ବିଗ୍ନ—କାତର । (୫) ବୋକ—ଚୁମ୍ବନ । (୬) ବିଷବଣି—ସନ୍ଧି ।

ବାରେ କହ ଆଜ କାହିଁ ବିଲାପେ ଉଠାଇ
ବିଶୀର୍ଣ୍ଣ କଣ୍ଠ, ବିଦୀର୍ଣ୍ଣ ହେଉଛି ହୃଦୟ ?
ବିହରତ ଆଶ୍ରମର ଶୁକଶାରୀ ଦଳ
ବିଶ୍ରୁତ-ଅଭ୍ୟସ୍ତ ସ୍ୱନେ 'ସିନ୍ଧୁ, ସିନ୍ଧୁ' ବୋଲି
(୧) ବ୍ରାହ୍ମମୁହୂର୍ତ୍ତରେ ଆଉ ଡ଼ାକିବେ କାହାକୁ ?
ବିଷ୍ଣୁ ନାମାବଳୀ ତାଙ୍କୁ ଘୋଷାଇବ କିଏ
ବସାଇ କରପଲ୍ଲବେ ବାଲ୍ୟପୋଷା ପରି ?
(୨) ବାବୁ, ତୋତେ ଝୁରି ଝୁରି କାନ୍ଦିବେ କରଭେ
ବୁଲିବୁଲି ଲୋଡ଼ିଲୋଡ଼ି ନ ଦେଖିବେ ଯହୁଁ ;
ବଣ୍ୟ ପଲ୍ଲବରୁ ଆଣି ଅଚ୍ଛିନ୍ନ-ନୀବାର
ବଢ଼ାଇ କେ ଦେବ ତାଙ୍କ ଦୋଳିତ ହସ୍ତରେ ?
(୩) ବାଲ ରସାଲ ପିୟାଳ ମାଧବୀ ମାଳତୀ
ବାଳ-ତରୁଲତା, ତୋର ଶ୍ରୀକର ରୋପିତ,
ବସନ୍ତକାଳ ଆଗମେ ଆଗତ ବତ୍ସରେ
ବତ୍ସ ! ବଉଳିବେ କିସ ? ମଉଳିବେ ସିନା !
ବିସାରଦଳ ଝୁରିବେ, ଏହି ତମସାର
ବିକ୍ଷିପ୍ତ କରଣ ଜଳ ନ ପାଇବେ ଯହୁଁ
ବିଚୁରିତ ବନ୍ୟ ମୁଦ୍ଗ-ତଣ୍ଡୁଳ କଣିକା ।

ବିବେକୀ, ଶାନ୍ତ, ସୁଶୀଳ, ପିତୃମାତୃଭକ୍ତ,
ବିନୀତ, ସାଧୁ, ସଂଯମୀ, ସରଳ, ଦୟାଳୁ,
ବେଦଜ୍ଞ, ବିଜ୍ଞ, ବିଶ୍ୱାସୀ, ଈଶ୍ୱର-ପ୍ରେମିକ,
ବ୍ରହ୍ମଚାରୀ, ବ୍ରହ୍ମଜ୍ଞାନୀ, ଶିଷ୍ଟ, ମିଷ୍ଟଭାଷୀ,
ବୁଦ୍ଧ, ଶୁଦ୍ଧଚେତା, ବାଳ ବ୍ରହ୍ମର୍ଷିପ୍ରବର;
ବିଂଶତି ନାମରୁ କେଉଁ ନାମ ସମ୍ବୋଧନେ
ବାବା-ସମ୍ବୋଧନେ ପୁଣି ଉଠିବୁ ରେ ଧନ !
ବହିପଡ଼ୁ ସୁଧା, ହସି କହିଦିଅ ଥରେ ।

(୧) ବ୍ରାହ୍ମମୁହୂର୍ତ୍ତ—ଶେଷରାତ୍ରିର ଦୁଇଦଣ୍ଡ କାଳ । (୨) କରଭ—ହସ୍ତୀଶାବକ ।
(୩) ବାଲ—କୁରୁବେଲ ଗଛ ।

(୧) ବିଗାହାର୍ଥେ ଦିନେ ବାବୁ ଏହି ତମସାକୁ
(୨) ବୀଥି କଢ଼ାଇ କଢ଼ାଇ ଆଣିଥିଲୁ ମୋତେ
ବ୍ରାହ୍ମ ମୁହୂର୍ତ୍ତରେ; ନିତ୍ୟକର୍ମ ବିଧି ସାରି
(୩) ବ୍ରଜ-ଗର୍ଭୋତ୍‌ଥିତ ଏକ ଗ୍ରାବେ ହେଲି ଝୁଣ୍ଟି
(୪) ବାହୁଡ଼ିବା କାଳେ, ଆମ୍ଭ ଉଟଜ ନିକଟେ
ବିନିସୃତ ହୋନ୍ତେ ରକ୍ତ ପଦ ତର୍ଜନୀରୁ,
ବିଲୋକି ତୋ ଖୁରୁ-ଅଙ୍ଗ ଯାଇଥିଲି ଥରି;
ବହ୍ରମଣି, ଆଜ କେହ୍ନେ ଶୋଣିତ-ଶଯ୍ୟାରେ
ବିପ୍ଳାବିତ-ରକ୍ତ-ଭୂମେ କରିଛୁ ଶୟନ ?
ବିଷାସ-ଦୁଃଖାନୁଭବ ସେ କାର୍ଯ୍ୟେ କାହିଁ
ବହି ଯାଇଛି କି ସବୁ କାଳ-କଲ୍ଲୋଳରେ ?
ବର୍ଣ୍ଣିବି କେତେ ରେ ସିନ୍ଧୁ, ତୋର ଗୁଣାବଳୀ
ବ୍ୟର୍ଥନାମା ନୋହୁ, ତୁହି ସଦ୍‌ଗୁଣର ସିନ୍ଧୁ ।
ବାଞ୍ଛିତ ଶିକ୍ଷାରେ ଯେଣୁ ହୋଇଛୁ ଉତ୍ତୀର୍ଣ୍ଣ
ବାଞ୍ଛା-ବରଦ ଈଶ୍ୱର ଭୁବନ-ସମ୍ରାଟ
ବିମୁକ୍ତ ପଦରେ ରଖିବାକୁ ସ୍ୱର୍ଗଧାମେ
(୫) ବନ୍ଧନୀ-ଧାମରୁ ତୋତେ ନେଇଗଲେ ସିନା ।
ବିଲକ୍ଷି ତତ୍‌ପରେ ମୁନି ନୃପତିଙ୍କ ପ୍ରତି
ବୋଇଲେ, ହେ ଅବଧେଶ ! ତୁମ୍ଭ ଯୋଗେ ସିନା
ବିନାଶ କାଳେ ମୋ ମୁଖ ନଦେଖିଲି ପୁତ୍ର ;
ବୃଜିନର ପ୍ରତିଫଳ ଅନ୍ତିମ-ଜୀବନେ
ବିଧିର ବିଧାନେ ତୁମ୍ଭେ ଭୋଗିବ ନିଶ୍ଚୟ ।
ବିଳମ୍ବ ନକର ଚିତା କର ବିରଚନ,
ବେନି ପ୍ରାଣୀ ପୁତ୍ର ସହ ପଶିବୁଁ ଅନଳେ;
(୬) ବୈଶ୍ରବକ-ଲୀଳା ଏବେ ସରିଲା ଆମ୍ଭର ।
ବିଷାଦିତ-ଆନନ୍ଦିତ ଅଜଶତ୍ରୁ-ନୃପ
ବିରଚିଲେ ଚିତାନଳ ଚନ୍ଦନ-ଇନ୍ଧନେ,

(୧) ବିଗାହ—ସ୍ନାନ । (୨) ବୀଥି—ବାଟ । (୩) ବ୍ରଜ—ବାଟ । (୪) ଉଟଜ—ମୁନିକୁଟୀର । (୫) ବନ୍ଧନୀ—ଶରୀରର ଅସ୍ଥି ସବୁ ପରସ୍ପର ସଂଶ୍ଳିଷ୍ଟ ରଖିବା ସୂତ୍ରବତ୍ ପଦାର୍ଥ । (୬) ବୈଶ୍ରବକ—ଶାସ୍ତ୍ରଜ୍ଞ ।

ବିଧିମତ ଅପସ୍ନାନ କରି ସମାପନ;
ବଲ୍କଲତାଭରେ ଅନ୍ଧ ତାପସ ତାପସୀ
ବାହୁରେ ବେଢ଼ାଇ ମୃତ ତନୟର ତନୁ
(୧) ବ୍ରଧ୍ନ-ସଦ୍‌ଗତି ବାସନା ପୋଷି ହୃଦୟରେ
ବେଦାଶୀର୍ବାଦ ପଠନେ ପଶିଲେ ଅନଳେ ।
ବଳପିଲ୍ଲ ବନଦେବୀ ମରମର ସ୍ୱନେ
ବୁଝି ପାରନ୍ତି ସେ ଯେଣୁ ଏ ସଂସାର 'ମରି' ।
ବିଗତ ପାପର ଚିହ୍ନ ଯେମନ୍ତ ରଞ୍ଜଲେ
ବାହୁଡ଼ିଲ କ୍ଷୁବ୍ଧ ମନ ହୃଦ-ନିବାସକୁ ।
ବିବେକ-ନେତ୍ରରେ ଚିହ୍ନି କୃତ ପାପ-ଛବି
ବର୍ଣ୍ଣିବି କିସ ? ଯା ହେଲା ନୃପତି ହୃଦୟ
ବିବଶା ମୋ ଧୈର୍ଯ୍ୟ-ଶକ୍ତି ଲେଖନୀ-ଚାଳନେ ।
ବିଳାପ-ବିହ୍ୱଳା ରାଣୀ-କୌଶଲ୍ୟା-ସୁମିତ୍ରା
(୨) ବିଭୋଗିନୀ ସହଚରୀ ଅନୁଚରୀଙ୍କର
ବିନତି ଖେଦ-ସାନ୍ତ୍ୱନା-ସଂଭାଷଣେ ତେଣେ
ବାସଗୃହ କ୍ଷଣେ କ୍ଷଣେ ପଡ଼ୁଛି ଉଚ୍ଛୁଳି ।
ବାସ୍ତାଣୀ ପରି କୌଶଲ୍ୟା ଉଠି ତରତରେ
ବ୍ୟଗ୍ରପଦେ ଅଭିଷେକ-ଦ୍ରବ୍ୟାଗାରେ ପଶି
ବିଲୋକି ରତ୍ନମୁକୁଟ, ରତ୍ନ-ପୁଷ୍ପହାର
ବିକଳ ଭାଷେ କହନ୍ତି ବିହ୍ୱଳା ମହର୍ଷୀ—
ବ୍ରୀଡ଼ା ନାହିଁ ରହିଛ ଯା' ରେ ରତନଚୟ !
ବୁଡ଼ି ମରି କିନା ଯାଇ ସରଯୂ-ଗର୍ଭରେ ।
ବଟଦୁଗ୍ଧ ରୁଦ୍ରାକ୍ଷର ସଙ୍ଗେ ମୁହିଁ ସରି,
ବର୍ଜିତ ହୁଅନ୍ତ କେହ୍ନେ ମୋ ରାମଚନ୍ଦ୍ରଙ୍କାରୁ ?
ବିପ୍ଲାବିତ ଅଶ୍ରୁ—ଦୃଷ୍ଟି ଫେରାଇ ସେ ଦଣ୍ଡୁଁ
ବୋଇଲେ ଶତ ଧିକ୍‌କାରେ—'ଜଳି ମରି ଆରେ—
(୩) ବରାକ-ପୁଷ୍ପଜଡ଼ିତ-ପଟ୍ଟ ପରିଧେୟ !
ବେଷ୍ଟିତ ହେଲା ଶ୍ରୀରାମ-କଟିରେ ଗୈରିକ-

(୧) ବ୍ରଧ୍ନ—ସୂର୍ଯ୍ୟ । (୨) ବିଭୋଗିନୀ—ରାଜାର ସାମାନ୍ୟ ସ୍ତ୍ରୀ ।
(୩) ବରାକ—ସୁବର୍ଣ୍ଣ ।

(୧) ବସନ; କ ଲଭ ତୋର ପସନ୍ଦପଣରେ ?
ବିବେଚନ ଯେ ସମୟେ ଗ୍ରୀଷ୍ମ ମଧ୍ୟାହ୍ନେ
ବରଷାଉଥିବେ ରଶ୍ମି ରସାପୃଷ୍ଠୋପର,
ବନାଗ୍ନି-ଶ୍ୱାସ ମିଶ୍ରିତ ଝଂଝା ପ୍ରଭଞ୍ଜନ
ବନବାସୀଙ୍କ ଜୀବନ କରୁଥିବ ଦଗ୍ଧ;
ବିଦ୍ୟୁଦ୍‌ଭାସିନୀ ପ୍ରାବୃଟ ତାମସୀ ଯେ କାଳେ
ବଜ୍ର-ବୃଷ୍ଟି ସଞ୍ଚାଳନେ (ଅସର୍‌ ଅସର୍‌)
ବିପ୍ଲାବିତ କରିଦେବ ପର୍ଣ୍ଣବାସାନ୍ତର;
ବର୍ଣ୍ଣ୍ୟ ପ୍ରଦେଶେ ଯେ କାଳେ ଶୀତ-ନିଶାନ୍ତରେ
(୨) ବ୍ୟୋମଜୀରସିକ୍ତ-ତରୁ ପତ୍ରରୁ ହିମାଶ୍ରୁ
ବିନ୍ଦୁବିନ୍ଦୁ ଝରୁଥିବ, ଶୀତ ସମୀରଣେ;
(୩) ବାଲଧି-ଆଲଟ, ଛତ୍ର, ସେହ୍ନ ସେହ୍ନକାଳେ
(୪) ବାସିତ-ଶୀତଳ, ଶୀତ, ଶୀତ-ମୃଗମଦ,
ବିଳାସଭବନ, ଲୀଳା-ଦୋଳାୟିତ ପଙ୍ଖା
ବିଦ୍ୟୁଦ୍‌ବର୍ତ୍ତି-ଆଲୋକିତ ସ୍ଫଟିକ ସଉଧ,
(୫) ବନାତ-ଆପ୍ରପଦୀନ, ପଟ୍ଟ ଉପାଧାନ,
ବହଳ ଶାଟକଯୁକ୍ତ ରତନ ପଲଙ୍କ,
ବନବାସୀ ମୋ ଶ୍ରାବଣ-ସ୍ମୃତି-ପ୍ରାଙ୍ଗଣରେ
ବିଚରିବ ନାହିଁ ନୃତ୍ୟ—ମାଗୁଣି ଏତିକ ।
ବାହାର ସେ ପୁରୁଁ ରାଣୀ ଅଶ୍ରୁ ପୋଛୁ ପୋଛୁ
ବଇଦେହୀଙ୍କର ହର୍ଷବିଳାସ-ହରମ୍ୟେ
ବସିଲେ ପ୍ରବେଶି, ଶୋକ ନପାରି ସମ୍ଭାଳି ।
ବାତୁଳୀ ପରିଏ ତହିଁ କରନ୍ତି ବିଳାପ
ବରବଧୂ-ମଧୁଗୁଣ ବାଖାନି ବାଖାନି ।

ବଂଶଲୁପଶା ଗୋ, ଧନେ ପୁଷ୍ପ ଉପବନେ
ବୁଲୁଥିଲୁ ସାନ୍ଧ୍ୟବାୟୁ ସେବନାଭିଳାଷେ,

---

(୧) ପସନ୍ଦ—ସୌନ୍ଦର୍ଯ୍ୟ । (୨) ବ୍ୟୋମଜୀର—ଶିଶିର । (୩) ବାଲଧି—ଚାମର । (୪) ଶୀତଳ—ଚନ୍ଦନ । ଶୀତ—କର୍ପୂର । ମୃଗମଦ—କସ୍ତୁରୀ । (୫) ବନାତ—ଉର୍ଣ୍ଣ ନିର୍ମିତ ବସ୍ତ୍ରବିଶେଷ । ଆପ୍ରପଦୀନ—ମସ୍ତକରୁ ପାଦ ପର୍ଯ୍ୟନ୍ତ ଆଚ୍ଛାଦକ ବସ୍ତ୍ର ।

ବୟସ୍ୟାବୃତା ଭଗିନୀମାନଙ୍କର ମେଳେ ।
ବିଭ୍ରମ ପ୍ରମାଦ ଦେଖି ସେହି ଅବସରେ
ବଢ଼ିବା ପାଇଁ ତୋ ମନ, ଲତା ଅନ୍ତରାଳେ
ବସି ସବେ ଛଳେ କଲେ ଭୟ ପ୍ରଦର୍ଶନ ।
ବିସ୍ମୟ-ଭୟ-ଚକିତ-ଚିତ୍ତରେ ତୁ ପରା
ବୁଝି ନପାରି ଭଦନ୍ତ ଇତସ୍ତତଃ ଗୁହି,
ବହିଲୁ ଗମନୋଦ୍ୟମ ପୁର-ଅଭିମୁଖେ ।
ବିବେକିନି, ପ୍ରତିପ୍ରେମ ମୁଁ ବୁଝି ନପାରି
ବିଶେଷ ଦେଖାଇଛୁ ସ୍ୱଚ୍ଛ ସଖୀତ୍ୱ-ଗରିମା,
ବିଭୀଷିକା-ବିଭୂଷଣ ଶ୍ୱାପଦ-ଶଙ୍କୁଳ
ବନାନ୍ତରେ ଭୟ ତୋର ଲୁଚିଗଲା କାହିଁ ?
(୧) ବଡ଼ଭିରେ କେବେ କେବେ ବସିଥିଲେ ତୁହି
(୨) ବଡ଼ଖିରେ ବିକମ୍ପିତ ହେଉଥାଏ ପାଦ,
ବନଜାକ୍ଷି, କଣ୍ଟକିତ ବୃଷଣ୍ଟସ୍ଥ-ପଥେ
ବନ ପର୍ବତରେ କେମନ୍ତେ କରିବୁ ଭ୍ରମଣ ?
ବଇଦେହି, ଯେଉଁ କଇକେଇର ଚରଣେ
ବେଶି ଭକ୍ତି ଦେଖାଇଲୁ ଦିବସ ରଜନୀ,
ବିପିନ ବାସିନୀ ହେଲୁ ତାର ପ୍ରତିଦାନେ ।
ବୁଝିଲି ଗୋ ସୀତେ, ଏବେ ନିସ୍ପୃତର ମୀତି
ବିଧି ନେଇ 'ଅତି' ପ୍ରତି କରଇ ଧର୍ଷଣ;
ବିନୟିନି, ଅତି ଧୀରା ହେଲୁ ଯେଣୁ ତୁହି
ବ୍ୟାପିଗଲା ପର ଶାଠ୍ୟ ଅତିମିଷ୍ଟ ଫଳେ,
ବିହିଲା ଦାରୁଣ ବିଧି ତୋ ଭାଗ୍ୟେ ଦୁର୍ଦ୍ଦଶା ।
(୩) ବିଶ୍ଳିଷ୍ଟ ଥିଲା ମୋ ପ୍ରାଣ ଅତି ହର୍ଷେ କାଲି,
ବିଷାଦାଗ୍ନି ଆଜ ତାକୁ କରୁଛି ଦହନ ।
ବିଷଗର୍ଭ କୈକେୟୀର ସ୍ୱାର୍ଥ କୁଟିଳତା,
ବିହିତ ବା ଅତିଭକ୍ତି, କେ କହିବ ଏହା ?
ବିଧିର ବିଧାନେ ଅଛି କେ ସମାଲୋଚକ !

(୧) ବଡ଼ଭି—ଅଟ୍ଟାଳିକା । (୨) ବଡ଼ଖି—ଅଡଣୟ ଭୟ । (୩) ବିଶ୍ଳିଷ୍ଟ—ସମ୍ପୃକ୍ତ ।

ବକଳା ବଧୂବତ୍ସଳା କଉଶଲ୍ୟାଙ୍କର
ବିଦଗ୍ଧ ହୃଦେ ସାନ୍ତ୍ୱନା-ଚନ୍ଦନ ଏକାଳେ
(୧) ବିଲେପିଲ ତାମ୍ରଚୂଡ଼ ଋଷି ଭକ୍ତିଭରେ—
ବହ ଧୈର୍ଯ୍ୟ, ବହ ଧୈର୍ଯ୍ୟ, ଅୟି ମହାରାଣି !
(୨) ବରକ-ଦାସ-କୁଟିରେ ଉଠେ ବାରମ୍ବାର
(୩) ବଜ୍ରକୂଟ ସମର୍ଥିଲ କୁକ୍କୁଟର କଥା ।
(୪) ବିକର୍ତ୍ତନ-ବଂଶାବଳୀ-କୀର୍ତ୍ତନ-କୁସୁମ
(୫) ବନ୍ଦକେ ଛନ୍ଦ କବନ୍ତୁ-ସୂତ୍ର ଛନ୍ଦେ ଗୁନ୍ଥି
ବିଲମ୍ବିତ କରିଦେଲେ ରାଜଲକ୍ଷ୍ମୀ ଗଳେ ।
ବଳକ୍ଷ-ପକ୍ଷ ଉଦ୍‌ଗ୍ରୀବ ରାଜହଂସଦଳ
(୬) ବାଜ ଝାଡ଼ ଝାଡ଼ ବାଜଶାଳାରୁ ବାହାରି
(୭) ବର୍ତ୍ମ ଖଣ୍ଡି ଉଡ଼ା ଦେଇ (ଧୀରଗତି ହେତୁ)
ବିବିଧ ପୁଷ୍ପିତାଲତା-ଆଲିଙ୍ଗିତ ବାଡ଼
ବିଚିତ୍ରିତ-ସୁନିର୍ମିତ ସ୍ଫଟିକ-ସୋପାନ-
ବିଶୋଭିତ-ପଦ୍ମାକର ସ୍ୱଚ୍ଛ ନୀଳ ଜଳେ
ବୁଡ଼ି ପ୍ରାତଃସ୍ନାନ କ୍ରିୟା କଲେ ସମାପନ;
(୮) ବହନ୍ତେ କପାଁ ସେମାନେ ମିଛ ଦ୍ୱିଜ ଆଖ୍ୟା ?
(୯) ବିସିନିର କର୍ଣ୍ଣପାଖେ ଭ୍ରମରୀ-ଦୂତିକା
ବୋଧିଣି ଗୁଞ୍ଜନ ଛଳେ କହିଲା ଏମନ—
ବିଷାଦିନି, ନିଶା ଅନ୍ତେ ଆସିଲେଣି ଦେଖ
ବଲ୍ଲଭ ତୋହରି ହସି; ସୁରଙ୍ଗ-ଅଧର,
ବନଜିନି, ମନ ଚିହ୍ନି ଦିଅ ପୁରସ୍କାର ।

(୧) ତାମ୍ରଚୂଡ଼—କୁକୁଡ଼ା । (୨) ବରକ—ଗରବ । ଦାସ—କେଉଟ ।
(୩) ବଜ୍ରକୂଟ—ଚିଙ୍କି । (୪) ବିକର୍ତ୍ତନ—ସୂର୍ଯ୍ୟ । (୫) ବନ୍ଦକ—ଭାଟ ।
(୬) ବାଜ—ପର, ପକ୍ଷୀ । (୭) ବର୍ତ୍ମ—ପଥ । (୮) ଦ୍ୱିଜ—ପକ୍ଷୀ, ବ୍ରାହ୍ମଣ ।
(୯) ବିସିନି—ପଦ୍ମିନୀ ।

# ଉତ୍କଳ-କବିତା

# ଉତ୍କଳ-କବିତା

## ପ୍ରାର୍ଥନା

( ରାଗ—ତୋଡ଼ିପରଜ )

ପ୍ରେମମୟ, ତୁମ୍ଭେ ମୋ ପ୍ରେମସାଗର;
ତବ ପ୍ରେମାସବ ଜିଣେ ଯେଣୁ ଭବ-
ସାଗରର ସୁଧାଗର । ଘୋଷା ।

ତୁମ୍ଭେ ସିନା ଅନୁ- ମିତ ହେ ଅତନୁ
ବିଶ୍ୱମୋହନ ସୁନ୍ଦର,
ଏ' ତ ଅନୁଭବ୍ୟ ଯେଉଁ ନିତ୍ୟ ନବ୍ୟ
ଦେଖାଅ ଲୀଳା-ସୁନ୍ଦର ।

ତୁମ ପ୍ରେମେ ପାଳି ଲଗିଛି କେ' ମାଳା
ଗଢ଼ାଏ ଥରକୁଥର,
ପ୍ରେମେ ହୋଇ ହେଳ କେହି ଅବା କୋଳ
କରୁଛି କାଠ ପଥର ।

ତବ ପଦଧୂଳି ମାଖେ ତା' ମଉଳି
ଝୁରେ ଯେ' ପ୍ରେମ-ଶୀକର,
ପ୍ରେମର ପୁତୁଳି ଧୂଳିଠାରୁ ଊଣା
ମଣେ ରବି ନିଶାକର ।

ଦେଇଛ ରସନା ହୃଦର ବାସନା
ଗାଇବାକୁ ନିରନ୍ତର,

ଆସିଛି ମୁଁ ଗାଇ ଆଣିବ କପାଇଁ
(୧) ଛଳନା-ଗଳ-ଯନ୍ତ୍ର ?
ସାଗରେ ଶଫରୀ ପରିଏ ହେ ହରି,
ଖେଳୁଛି ପ୍ରେମେ ତୁମ୍ଭର,
ତୁମ୍ଭଙ୍କୁ କରୂପେ ମୋ ହୃଦୟ-କୂପେ
ଖେଳାଇବ ବିଶ୍ୱମ୍ଭର ?
ନାମ ଅରଚନା- ସାମଗ୍ରୀ ରଚନା
ସବୁ ତ' ତୁମ୍ଭ ନଜର,
ବିଶ୍ୱାସ ତେବେ ବି' ପ୍ରେମେ ମୁଁ ଯା' ଦେବ
ଢାଳିବ ଲୋଭ-ନଜର ।
ଜାଣିବ କେମନ୍ତେ ଆଣିଦେଲ ମତେ
କପାଁ "ମୁଁକାର", "ମୋକାର" ?
ମାଗୁଛି ହେ ଦେବ, ଯେ ଧନ ତା' ନେବ
ଏ କଣ୍ଠେ ଦେବ "ଓଁକାର" ।

---

## ଜଣାଣ *

( ରାଗ—କାମୋଦୀ )

କମ୍ବୁ-ରଥାଙ୍ଗକର ! ଖଳ-ପାଷଣ୍ଡଙ୍କର
ଗର୍ବାଭିମାନଦର୍ପହାର !
ଘନ ଅଘନାଶନ ! ଉରଗାରି-ଆସନ !
ଚରଣତଳେ ଏ ଗୁହାରି ହେ;
ଛପାଧନ !
ଜୟ-ବିଜୟ ଅଧିପତି,
ଝଂଝଟ ଉଗତିର ଗତି;

(୧) ଗଳଯନ୍ତ୍ର—ହାର୍ମୋନିୟମ୍ ।

* ଲେଖକଙ୍କଦ୍ୱାରା ପ୍ରଣୀତ ଅପ୍ରକାଶିତ 'ସତୀ ସାବିତ୍ରୀ' ଗୀତନାଟ୍ୟାନ୍ତର୍ଗତ ''ବାନଙ୍କର ଗାନବିଶେଷ । ଅ.ବଶ୍ୟକତା ଦୃଷ୍ଟିରୁ ଏ ସ୍ଥଳରେ ଏହା ସନ୍ନିବିଷ୍ଟ

ନିର୍ଦ୍ଦୋଷ ତ' ମହିମା,        ଟପି ଗଲେହେଁ ସୀମା
ଠକି ନ ପାରେ ମୋ ବିପତ୍ତି ହେ !

ଡରିବି କିପାଁ ଦୁଃଖେ ?        ଢଳିବି କିପାଁ ସୁଖେ ?
ଅବସ୍ଥା ତବ ଇଚ୍ଛାଧୀନ,
ଟଳିବା ମୋ ସାହସ        ଅଥୟ ହେଉ ମାନସ
ଦଦରା ନାବେ ନୋହି ଖିନ୍ନ ହେ;
ଧର୍ମରୂପ !
ନରଜନ୍ମ ତ ଅଛି ଲଭି,
ପଡୁ ବା' ଭାଗ୍ୟ-ମୁଦ୍ଗରେ ପବି;
ଫଣୀ ମସ୍ତକେ ଭେକ        ବସାଏ ତବ ଟେକ
ଭଜିତ ପାରେ ଅନୁଭବି ହେ !

ମଲେ ବା' ତୁମ୍ଭ କୋଳେ        ଯମ ଦେଖିବ ଡୋଳେ
(୧) ରହିବି ଶାଶ୍ବତ ତ୍ରିପୁରେ,
ଲଭିଲେ ହେ ସହସ୍ର-        ବର୍ଷ ଆୟୁ ଯା' ଯଶଃ—
(୨) ଶାଗର ବନସ୍ଥ ରିପୁରେ ହେ;
(୩) ଷଡ଼ବିନ୍ଦୁ !
ସତତ ସେହି ସିନା ମୃତ,
ହରିର ସଜ୍ଜ୍ୟାରେ' ନାମୃତ;
ଯାରୁ କରୁଣାମୃତ        ସତ୍ୟରେ ଅ-ବିକୃତ
ରହୁ ଏ ଶେଠ କବି କୃତ ହେ ।

---

## ନିବେଦନ

ବହି ପାରିବାର ବୋଝ ଦିଅ ପ୍ରଭୋ !
ସହି ପାରିବାର ଦୁଃଖ ଦିଅ,
ଦୁଃଖୀ ଦେଖୀ ପାଣେ        ପରଖିବା ପାଇଁ
ମୋ ଭାଗ୍ୟ-ଭାଗରୁ ସୁଖ ନିଅ ! (ଘୋଷା)

---

(୧) ଶାଶ୍ବତ ତ୍ରିପୁର—ସତ୍ୟମୟପୁର, ଚୈତନ୍ୟମୟପୁର ଓ ଆନନ୍ଦମୟପୁର ।
(୨) ରିପୁ—କାମକ୍ରୋଧଲୋଭମୋହାଦି ଷଡ଼ରିପୁ । (୩) ଷଡ଼ବିନ୍ଦୁ—ପରମାତ୍ମା ।

ତୁମେ ପର ଭବେ ଭକ୍ତଭାବଗ୍ରାହୀ,
ଭକ୍ତ ନୁହେଁ; ଭାବ-ବିଭବ ମୋ କାହିଁ ?
ପରଦୁଃଖେ ଲୁହ- ଧାର ବୁହାଇ ମୋ'
ସାର ଜୀବନେ; ସେ ଧାର ପିଅ । ୧ ।

ତୁମ ଅର୍ଚ୍ଚନାରେ ଲଗେ ପର ଫୁଲ,
ହୋଇ ପାରିବ କି ସେ ଫୁଲର ତୁଲ ?
କୁହୁଳି ତରଳି ଜଳିଯିବା ଭଳି
ଜୀବନ ମୋ ହେଉ ଧୂପ-ଘିଅ । ୨ ।

---

## ଆହ୍ଲାଦନ

(ଭଜ ମନ ବ୍ରଜବନ ଦ୍ୱିଜରାଜଙ୍କୁ ହେ—ବୃତ୍ତ)

ମାନସ, ତୁ' ପାନ କର ଆନନ୍ଦ-ସୁଧା ରେ,
ଆନନ ତୋ' ମ୍ଳାନ ନୋହୁ ଦାନବୀ-କ୍ଷୁଧାରେ । ଘୋଷା ।

ମାନ ଅପମାନ ତେଜ,
ସାନ ବଡ଼ ସମ ହେଜ;
ମାନବ ଗୁମାନ-ଅପିଧାନ-ବସୁଧାରେ । ୧ ।

ମାନ ବୋଲ ମୂଢ଼ ମନ,
ଦାନ କର ପ୍ରେମ-ଧନ;
ସ୍ନାନ ହେଉ ତାନ-ଲୟ-ଗାନ-ରସ-ଧାରେ । ୨ ।

ଜ୍ଞାନ ହରୁ ଦୁଃଖ ଶୋକ,
ଧାନ ବଢାଉ ଅଲୋକ;
ବାନର ସମାନ ନୁହ; ଆନ ଶରଧାରେ । ୩ ।

## ମାତୃପୂଜା

( ରାଗ—ରାମକେରୀ )

ଜୟ ସରସ୍ୱତୀ ଭାରତୀ—
ଦୟାବତୀ ଜନନୀ,
ରସ-ପରିପ୍ଲୁତ-ଚରଣା
ଯଶ-ପ୍ରଫୁଲ୍ଲ-ଆନନ !
ଶ୍ୱେତ ପଦ୍ମାସନା ରସନା-
ବିଳାସିନୀ ତୁ ଗୀତା,
ଆର୍ଥିକ ସାଧକ ସେବିତା
ଦେବି, କାନ୍ତି-ଭୂଷିତା ।
ସାରା ଭୂମଣ୍ଡଳ ଆଲୋକ-
ପ୍ରଦ ଧର୍ମପଦ-
କଳା ବିଭବେ ତୋ ଅକ୍ଷୟ
ରତ୍ନ କୋଷ-ସମ୍ପଦ ।
ଚତୁର୍ବର୍ଗ ଫଳ ଶ୍ରୀପଦେ
ରଖି ସ୍ୱର୍ଗାନ୍ତୁ ପୂରି
ବୋଲାଉଛୁ ମର୍ତ୍ତ୍ୟବୈକୁଣ୍ଠ
ସିନା ତୋ ଦିବ୍ୟ ପୁରୀ !
ବଢ଼ାଇବାକୁ ତୋ ମହିମା
ତେଜି ସୁଧା ସର୍ଗରେ,
ଜଡ଼ରୂପେ ତୋତେ ଆଶ୍ରିଲେ
ଦେବଦେବା ମୂର୍ତ୍ତିରେ ।
ନରସି ଶରଧା ବିଶେଷ
ବଇକୁଣ୍ଠ ଉପରେ,
ତୋ ପୁରୀ ମଣ୍ଡିଲେ ବିଶ୍ୱେଶ
ଦାରୁବ୍ରହ୍ମ ରୂପରେ ।
ଚିଲିକାବିହାରୀ ମରାଳ
ମୁଖୁଁ ଗାଇ ଝବରି,
ଏକାମ୍ର କାନନେ ଅଷ୍ଟାଙ୍ଗ
ହେଲେ ଭସ୍ମାଙ୍ଗ ହର ।

ବନ୍ଦନାପୂ କଲୁ ସଭିଙ୍କି
ଫଳ ପୁଷ୍ପ ଚନ୍ଦନେ,
ସଙ୍ଗୀତର କର ସପତ-
ସ୍ୱର ବୀଣାବାଦନେ ।
ଭଞ୍ଜ, ଦୀନକୃଷ୍ଣ, ସାମନ୍ତ
ଆଦି କୃଷ୍ଣ ନନ୍ଦନ,
ଆରମ୍ଭିଲେ ଛନ୍ଦ ରାଗରେ
ତୋର ସ୍ତୁତି-ବନ୍ଦନ ।
ନବୀନ ଭାବୁକ ସ୍ତାବକ-
ରୂପେ କବି-ସବିତା,
ଗାଇଲେ "ସଙ୍ଗୀତ କଳପ-
ଲତା" ଛବି କବିତା ।
ବ୍ୟାସ କବି ତୋର ଫକୀର
ହର୍ଷେ ଫିଟାଇ ଝୁଲି,
ଭକ୍ତିଭରେ ଦେଲେ ଅଜାଡ଼ି
'ପୂଜାଫୁଲ'ରେ 'ଧୂଳି' ।
ପଦ୍ମାବାସୀ ବୋଲି ମେଦ୍ବେର
ତୋର ଶରଧା ଚହ୍ଲି,
'ଅର୍ଘ୍ୟଥାଳୀ' ସଦ୍ଧ ଅର୍ପିଲେ
ଦରପୂଷ୍ଠା 'ପଦ୍ମିନୀ' ।
ନାଗରଜନା ରୂପେ 'ବଜୁଳି'
ଅର୍ଦ୍ଧମଣ୍ଡଳେ ଖେଳ,
'ଇନ୍ଦ୍ରଧନୁ' ଭୁଲେ ରଚିଲ
ଶୋଭା-ସମ୍ବାଦ କେଳ ।
ଚଉଦରେ ଜ୍ଞାନ-ଆଲୋକ
ଦାନ କରି ତୋ 'ପ୍ରଜ୍ଞା',
ହସାଇଲ ତୋତେ, ବସାଇ
ପଦସେବକ ସଜ୍ଞା ।
ସଜିଲ ତୋ ପୀଠ ବାଜିଲ
'ସ୍ୱରତରଙ୍ଗିଣୀ'-ମଞ୍ଜୁଷା,

ଜୟ କଳାବନ୍ତ ଜନନୀ
ବୋଲି ପଡ଼ିଲା ହୁରି ।
ଗାଇଲେ ତୋ କଳା-ସଙ୍ଗୀତ
ସ୍ନେହସ୍ନ ପୁତ୍ର-ପୁତ୍ରିକା,
ବାଇଲେ ଚୌଦିଗେ ପ୍ରତିଭା-
ବୀଣା ପତ୍ରପତ୍ରିକା ।
ମରୁଭୂମେ ଢାଳେ ଝରଣା
ତୋର କରୁଣା-ବୃଷ୍ଟି,
ଝଲକି ପୁଲକି ଗଲି ମୁଁ
ଦେଖି, ଦେଲୁ କି ଦୃଷ୍ଟି ?
ପୁଲକିତ ପ୍ରାଣେ ଗାଇବା
ଇଚ୍ଛେ ତୋ ଗୁଣ ଯଶ,
ପୂଜା ସମ୍ଭାରର ଅଭାବେ
ଖଟୁନାହିଁ ସାହସ ।
ରତ୍ନାକର ବିଶ୍ୱପାବନ-
ତୀର୍ଥ ଯେବେ ଅଙ୍କରେ,
ସଙ୍ଗୀତ-ଲହରେ ଶ୍ରୀପଦ
ତୋର ଧଉତ କରେ ।
ହୃଦେ ଗୁଣରତ୍ନ, ଜୀବନେ
ନାହିଁ ସେ ଗମ୍ଭୀରତା,
କି ଦମ୍ଭେ ଗାଇବି ତୋସୃଷ୍ଟି-
ତଟେ ତୋ ସୁନ୍ଦରତା !
ଚନ୍ଦ୍ରା-ନେତ୍ରେ ଗୃହିଁ କୋଣାର୍କ-
ଶିଳ୍ପକଳା-ଚାତୁରୀ,
ମହେନ୍ଦ୍ରଶିଖରୁ ବିସ୍ମିତ
ଚିତ୍ତ ଆସେ ଉତ୍ତୁରି ।
ସେ ସଙ୍ଗେ ଜନାଇଁ ସାହିତ୍ୟ-
ଶିଳ୍ପୀ ଭଞ୍ଜ-କବିତା—
ଶ୍ଲେଷ-ଅନୁପ୍ରାସ-ଯମକ;
ଦୃଷ୍ଟେ ଅନୁଭବିତା ।

ତାଳୀ-ଜମ୍ବୁ-ଝାଉ ଚଳକା
କାଳୀଜୟୀ-ଦର୍ପଣ,
ହଂସ କନାହତ ଜୀବନେ
କରେ ତୋର ତର୍ପଣ ।
ଆଗ୍ରହୀ ହେଲେହେଁ ପାରିବ
ଗ୍ରହ୍ମ ଶଳକା ପକ୍ଷୀ,
କାହିଁ ସେ ଜୀବନ, କାହିଁ ସେ
ସ୍ୱାସ୍ଥ୍ୟ, ଶକତି, ଶିକ୍ଷା ?
ଶତ ଶତ ବାଧା ସଙ୍କଟ
ଏଡ଼ି କଳ-ଜାହ୍ନବୀ,
ତୋ ସେବାରେ ଖଟି ପାଇଛୁ
'ମହାନଦୀ' ପଦବୀ ।
'କ୍ଷୀର' 'ଅମୃତ' ମୋ ହେଲେହେଁ
ମହାନଦୀର ଜଳ ।
ସାରନ୍ତି କାହିଁ ମୋ ଲଙ୍ଘିବା
ବାଧା-ସଙ୍କଟ ବଳ ?
ତଥାପି ଚପଳ ମାନସ
ଧାଏଁ ନିଜ ସ୍ୱଭାବେ,
ରଖିବାକୁ ମୋତେ ତୋ ପୂଜା-
ପୀଠେ ସେବକ ସର୍ବେ ।
ଅରୁଣାଧର, ଏ କରୁଣା
କେଉଁ ଅଭିଳାଷରେ ?
ବଞ୍ଚିତ ପୂଜା ମୁଁ ଶିଖି ତ
ନାହିଁ ଗୁରୁବାସରେ ।
ଏତିକି ଜାଣେ ଗୋ ଜନନି,
ସଦା ମନ ନିର୍ମଳ—
ଥାଏ ମାତୃପଦେ ତାହା ହିଁ
ମାତୃପୂଜା-ସମ୍ବଳ ।

# କବିତାଦେବୀ

(ନଷ୍ଟବାଣୀ)

(୧) ମୁଗ୍ଧପ୍ରାଣ-ସତ୍ୟଶୁଦ୍ଧ ସଂବେଦନା
କରୁଣାରୂପିଣୀ ବାଗ୍‌ଦେବୀନନ୍ଦନା;
ଶିବପ୍ରାଣା ଗୁଣକଳା ଜ୍ୟୋତିଷ୍ମତୀ,
କବିତା ଦେବି, ତୁ ସତ୍ତ୍ୱ ରସବତୀ !

ମଧୁମୟୀ ମୈତ୍ରୀ-ଶାନ୍ତି ବିଧାୟିନୀ
ଛନ୍ଦ-କୋମଳାଙ୍ଗୀ, ଆନନ୍ଦଦାୟିନୀ;
ବିବୁଧ-ମାନସ-ମୋହିନୀ ତୋ ଲୀଳା
ଖଳତ୍ୱ-ଜଡ଼ତ୍ୱ-ଦାହିନୀ ସୁଶୀଳା ।

ସହସ୍ରନୟନା ସହସ୍ରଚରଣା
ବିବିଧ ପଥଗା ବିବିଧ ବରଣା;
ତୁହି ଲକ୍ଷ୍ମୀ ତୁହି ଦୁର୍ଗା ସସ୍ରଭୁଜା
ତୋହର ପଦାର୍ଥେ ହୁଏ ତୋର ପୂଜା ।

କିମ୍ବଦନ୍ତୀ ଆଖ୍ୟାୟିକା ଇତିହାସ
(୨) ପ୍ରଲାପ ବିଳାପ ଗଳ୍ପ ଉପନ୍ୟାସ,
ଭିନ୍ନ ରୂପ ବହେ ଲଭି ତୋର ଧ୍ୱନି
ପ୍ରଭାବଶାଳିନୀ ତୁ ଭାଷା-ପାବନୀ ।

ତୋର ଶ୍ରୀଚରଣ ପରଶେ ପାଷାଣ
ସୁବର୍ଣ୍ଣ ପାଲଟି ପାଏ ଦିବ୍ୟ ପ୍ରାଣ;
ନିର୍ଜୀବା ପ୍ରକୃତି ଲଭି ସଜୀବତା
ମାନବକୁ ଦିଏ ବାସ୍ତବ ସଭ୍ୟତା ।

---

(୧) ମୁଗ୍ଧପ୍ରାଣ—ଶିବପ୍ରବଣ ନିସର୍ଗ କବି ।

(୨) ପ୍ରଲାପ—ଯେଉଁ ରଚନାରେ ନିତାନ୍ତ ଅସମ୍ଭବ ଅଯୌକ୍ତିକ ବିଷୟ ବର୍ଣ୍ଣିତ ହୋଇଥାଏ ।

ପୋଛିବାକୁ ଆତ୍ମଦୋଷ ଅନ୍ଧାସ୍ତର
ସମାଜକୁ ଦେଇ ବିବେକ ବିଗ୍ରହ,
ସମାଜର ଭିନ୍ନ ଜୀବନ ପଞ୍ଜିକା
ଚିତ୍ତ-ସଞ୍ଚାରଣୀ ହୃଦୟ-ରଞ୍ଜିକା ।

ନାନା ଘଟନାର ଚିତ୍ର ଉପାଦାନେ
ଲୀଳାମୟଙ୍କର ଲୀଳା ମହୋଦ୍ୟାନେ,
ପୁଷ୍ପରୂପେ କେତେ ଫୁଟିଉଠେ ସୃଷ୍ଟି
ବସୁଧାରେ ତହିଁ ସୁଧା କରୁ ବୃଷ୍ଟି ।

ତୋ ରସ ପୀୟୂଷ ପୂରଣେ ସେ ଫୁଲ
ଭବେ ହୋଇଥାଏ ଅମୂଲ୍ୟ ଅତୁଲ;
କାଳକୀଟ ତାକୁ ପାରେ ନାହିଁ ଛୁଇଁ
କାଳଜୟୀ ରୂପେ ଥିବା ଯାଏ ଭୁଇଁ ।

ମର୍ତ୍ତ୍ୟଭୂମେ ଏ'ର ରମ୍ୟ ଉପବନ,
ଉପବନେ ଫଳ ବାସନ୍ତୀ ସୁମନ,
ସୁମନେ ସୁଗନ୍ଧ ମକରନ୍ଦ ଭଳି
ଜଗତେ ତୋ ଯଶ ଗୁଣ ତହୁଁ ବଳି ।

କା' ସଙ୍ଗେ ରଖିବି ଲେଖି ତୋ ତୁଳନା
କଳପନା କରି ନପାରେ କଳନା;
ଜଗତେ ଏ ଭଳି ଅଛି କାହା ଶକ୍ତି,
ଏକାଧାରେ ଦେବ ଶାନ୍ତ ପ୍ରୀତି ଭକ୍ତି ?

(୧) କେଉଁ ରୂପଶ୍ରୀର ରୂପ ଅଳଂକାର
ଚିରନ୍ତନ ଚିତ୍ତେ ଦିଏ ଚମତ୍କାର ?
କେଉଁ ରସବତୀ ଗତି ଲୀଳା ରସ
ଶିଶୁ-ପଶୁ-ପ୍ରାଣ କରିପାରେ ବଶ ?

(୧) ରୂପଶ୍ରୀ—ରୂପଲକ୍ଷ୍ମୀ ।

ଯମକାନୁପ୍ରାସ ତୋ ମଞ୍ଜୁ କଂକଣ-
ନିକ୍ୱଣ ପ୍ରବୃତ୍ତିରେ ସୁଧାକଣ କ'ଣ ?
ଉପମା ରୂପକ ତରଳ ପଦକ
କଳପକ-ହୃଦ ମୁଦ ସଂପାଦକ ।

ଉପଧା-ନୂପୁର ପାଦେ ରୁଣୁଝୁଣୁ
ସୁବର୍ଣ୍ଣ ଝୁଣ୍ଟିଆ ନାଦେ ଝୁଣୁଝୁଣୁ ।
ଯତି ସମସ୍ୱର ବାଜେଣୀ କଂକଣି
କଣି କଣି ସ୍ୱନେ ନିଏ ମନ କିଣି ।

ସଂଯତ ଚନ୍ଦନ ତୋ ସିନ୍ଦୂର ଟିକା
(୧) ସଯନ୍ତ୍ରିତା ରକ୍ଷା ରତ୍ନ ଲଲାଟିକା
ଶ୍ଳେଷାଞ୍ଜନ ନବ୍ୟଖଣ୍ଡ-ପାଉଡ଼ର
ବର୍ଣ୍ଣାଧିକ୍ୟ ଦୋଷ ଚୋପି ତୋ ମୁଣ୍ଡର ।

ଭାଷା-ପାଟଶାଢ଼ୀ ପିନ୍ଧ ସୁଶଇଳୀ-
ଭଙ୍ଗୀ କାଢ଼ି ଗଣ୍ଡ କଲେ ତୁ ଛଇଲି,
କଇରବ ଫୁଟେ ଶଇଳ ଉରସେ
ମୃତ ଜାଗିଉଠେ ଅମୃତ ବରଷେ ।

ଶର ରଙ୍ଗ ରଖେ ତୋ ପଦ ଅଳତା
ଅଳତା ନୁହେ ସେ ସ୍ଥିର ବିଦ୍ୟୁଲ୍ଲତା;
ଯହିଁ ପଡ଼େ ସେହି ବିଦ୍ୟୁଲ୍ଲତା ଜ୍ୟୋତି
ସୃଷ୍ଟିକରେ ତହିଁ ହୀରା ମାଳା ମୋତି ।

ତତ୍ତ୍ୱ-ଦର୍ଶୀ କବି ଶିନି ତୋର ଛବି
ଯମଠାରୁ ଆଣେ ଅମର ପଦବୀ;
ସରଗ ସୁଷମା ତଳକୁ ଖସାଇ
ମରତକୁ ଦିଏ ସରଗେ ବସାଇ ।

---

(୧) ସଯନ୍ତ୍ରିତା—ନିୟମ ।

କବି-କାମଧେନୁ ଦେବି ତୁ କବିତା
ଅଭୟଦାୟିନୀ ପୟସ୍ୱିନୀ ଗୀତା;
ଗୁଣ-ଦୁଗ୍‌ଧପାୟୀ ଯେ ତୋର ଭକତ
ଅମେଧ ତା ମୁଖେ ତୋ ଦୋଷ-ରକତ ।

ଅଶେଷ ଜ୍ଞାନ ତୋ ଗର୍ଭେ ଅଛି ଭର
ରତ୍ନାକର ଗର୍ଭେ ରତ୍ନରାଜି ପର;
ପୁରାଣ ବର୍ଣ୍ଣିତ ସାଗର ମନ୍ଥନ
ଆନ କିଛି ନୁହେଁ ତୋହର ଚିନ୍ତନ ।

ଗୁଣୀ-ଦୋଷଦର୍ଶୀ ଦେବାସୁର ଦଳ
ଲଭିଲେ ତୋ ଗର୍ଭୁଁ ଅମୃତ ଗରଳ;
ଗୁଣ ଦୋଷେ ସମଦୃଷ୍ଟି ରଖି ଶୂଳୀ
ହେଲେ ବିଷକଣ୍ଠ ସୁଧାଂଶୁମଉଳି ।

ସଦାନନ୍ଦ ସମ ସମଦର୍ଶୀ କବି
ସୁଖେ ଦୁଃଖେ ହୁଏ ସମ ଅନୁଭବୀ;
ଶ୍ମଶାନ କୈଳାସ ତା' ନେତ୍ରେ ସମାନ
ଫଣୀକି କରେ ସେ ମଣିହାର ଜ୍ଞାନ ।

ସୁବାସ ଚନ୍ଦନ ଭସ୍ମ ବିଲେପନେ
ବିକୃତିର ସ୍ପୃହା ନାହିଁ ତା' ଲପନେ;
ସେହି ଦେବକବି ତୋ ଗୁଣ ମହିମା
ବର୍ଣ୍ଣନେ ଖଟାଇ ପାରେ ଶକ୍ତି ସୀମା ।

ତା ତତ୍ତ୍ୱଦୃଷ୍ଟିରେ ତୁହି ସୁରନଦୀ
ବିଷ୍ଣୁପଦ ନିର୍ଝରିଣୀ ବିଷ୍ଣୁପଦୀ;
ତ୍ରିଲୋକ-ପାବନୀ ଗଦ୍‌ଗଦ-ନାଦିନୀ
ଶାନ୍ତି ପ୍ରଦାୟିନୀ ପ୍ରାଣ ଆହ୍ଲାଦିନୀ ।

ଆଦି ଶାନ୍ତ ହାସ୍ୟ-କରୁଣ-ତରଙ୍ଗା
ସପ୍ତମୁଖମୟୀ ଧବଳାଙ୍ଗୀ ଗଙ୍ଗା,

ତେଣୁ ସିନା ଗଙ୍ଗାଧର ମସ୍ତକରୁ
ସୁଧାକର-ସୁଧା-କର ଛଳେ ଝରୁ ।

ଦେବ, ତୋ ପଦ୍ମରେ ଢାଳୁଛି ଜୀବନ
ଏ ଜୀବନ-ଧାରା କର ମା ପ୍ଳାବନ;
ହସାଇ ଖସାଇ ନଅ ସରାଗରେ
ମିଶାଇ ଦଅ ତୋ ଅମୃତସାଗରେ ।

ଅମୃତ ପାଲଟୁ ମୋ ଜୀବନ ରସ
ସେ ରସ-ତରଙ୍ଗେ ଦୋଳୁ ଆତ୍ମା-ହଂସ;
ମୁକ୍ତ କ୍ରୀଡ଼ା ହଂସ କରୁ ମୁକ୍ତଗତି
ତା' ହିଁ ମୋ ପରମାନନ୍ଦଦା ମୁକତି ।

---

## କୃଷ୍ଣ-କିଶୋରୀ

( ରାଗ—ପୂରବୀ )

କାନ୍ଦ କାହିଁକି ଗୋ ଚନ୍ଦମୁହିଁ,
କଣ୍ଠ ଦେଇ ଯାଉଛି ତ' ମୁହିଁ;
ଖେଦ-ଅଶ୍ରୁ-ନେତ୍ରେ ଖୋଜୁଥିବ କେତେ
ଖୋଲି ନେଇଯାଅ ନେତ୍ର ଦୁଇ
ଆହେ ଗଣ୍ଠିଧନ !
ଘନ ସୁନ୍ଦର ତୁମେ ତ' ମୋ ଜୀବନ,
ଜଣା କରି ଯାଉଛ ତ' ଦାସୀ ମନ । ୧ ।

ବୃନ୍ଦାବନଠାରୁ ନୁହେ ବେଶି
ଚାହିଁଥିବ ପଥ ଚାରୁକେଶୀ,
ଛାଡ଼ିଲ କିଶୋର ଛନ୍ଦା ପ୍ରୀତି ଡୋର
ଛିଡ଼ାଇ ଦେବ କି ଦୁଷ୍ଟ ପେଡି ?
ଆହେ ଜବାଧର,
ଝରୁଥିବ ଲୁହଧାର ଦରଦର,
ନୀପ ତରୁକୁ ଅନାଇ ଥରଥର । ୨ ।

ଟାହୁଲ ରସିକା ପ୍ରାଣସଖି,
ଟାଣଟପା କେତେ ଜାଣ କହି ?
ଠକ, ଚନ୍ଦ୍ରାବଳୀ- ଠାରେ ରଖି ଅଳି
ଠକିଛ ତ ମୋତେ ଗୁଣ ବହି ·
ଆହେ ଢୌଲଢୋଲା,
ତମ୍ଭି ସଖି ସାଧବୀଙ୍କ ପାଦତୋଳା
ଅତି ପୀରତି ପୀୟୂଷେ ବିଷଘୋଳା । ୩ ।

ତରଳାକ୍ଷି, ଦେଖିଛ କ ସତେ ?
ଭୁମ୍ଭ ନିନ୍ଦା-ଚୂମ୍ବ ବାଧେ ମତେ;
ଥୋଇଲି ପୋଇଲି ଥୋବଣି ଛଇଲୀ
ଥିଲେହେଁ ମୋ କଥା ଅପରତେ,
ଆହେ ଦଗାଦାର,
ଧନୀ ମାନଙ୍କି ତ' ସବୁ ଯାଏ ପାର;
ନିନ୍ଦା ଗାଇବାକୁ ବଳ ପାଏ କା'ର ? । ୪ ।

ପର ମଣିଲ କ ପ୍ରାଣପକ୍ଷି ?
ପ୍ରାଣସଖୀ ନୁହ ପ୍ରାଣପକ୍ଷୀ;
ଫମ୍ପା ପ୍ରବୋଧନେ ଫାଙ୍କିବ କେସନେ ?
ଫନ୍ଦ, ସେ ଫିକର ଥାଅ ରଖି;
ଆହେ ବନ୍ଧବର,
ଭାନୁନନ୍ଦନା-ବନ୍ଦନା ବନ୍ଦ କର,
ମଧୁପୁରେ ମଧୁ ବାଣ୍ଟୁ ଜବାଧର । ୫ ।

ଯୋଷାମଣି, ଏ କ ଦୁର୍ଗବନା ?
ଯିବ କପାଁ ? ଯଦ୍ଦ କର ମନା;
ରସିକ ଚତୁର ରମା-ପ୍ରେମାତୁର
ରଖିଛକ ଶିଖି ଏ ଛଳନା ?
ଆହେ ଲୀଳାପ୍ରିତ,
ବ୍ରଜ ବଜାର ଗାଏ ମୋ ଲୀଳାଗୀତ;
ଶାଢ଼ୀରଙ୍ଗ ପରି ମୋର ଜଳ ପୀତ ? । ୬ ।

ଷୋଡ଼ଶୀ, ତୁମ୍ଭଙ୍କୁ ମୁଁ ହାରିଲି,
ଷଟ୍‌ପ୍ରଜ୍ଞା ପ୍ରୀତିକି ଜୁହାରିଲି;
ସ୍ନେହସିନ୍ଧୁ-ବାରି- ସିଞ୍ଚା ବିନ୍ଦୁ କିଛି
ସଞ୍ଚରିବ ବୋଲି ଗୁହାରିଲି
ଆହେ ହୃଦହାର,
କ୍ଷମାଦାନେ ଦେଇ ଶେଷ ଚୁମ୍ବହାର,
କଣାଦାର୍ଶୀ ଦୋଷ କର ପରିହାର ।୭।

---

## ଗାନ୍ଧି-ଜୟନ୍ତୀ *

( ରାଗ—କଲ୍ୟାଣଆହାରୀ )

ଧରମ ଦେବତା ରୂପେ ଏ ଧରାକୁ
ଆସିଥିଲ ପରା ଆଜି ହେ,
ସତ୍ୟ ଶାନ୍ତି ଦୟା କ୍ଷମା ଦେଶ-ମାୟା
ପରାଣେ ଥିଲେ ବିରାଜି ହେ—ବାପୁଜି,
ଅହିଂସାଦି ଗୁଣରାଜି ହେ;
ଥିବାରୁ କାମରେ ତୁମ୍ଭରି ନାମରେ
ଜୟଧ୍ୱନି ଉଠେ ବାଜି ହେ !

ଭାରତମାତାର ଗଳା ରତ୍ନହାର
ଦୁଃଖୀ ଦରିଦ୍ରଙ୍କ ଧନ ହେ,
ତୁମ୍ଭ ଯୋଗୁଁ ଫିଟି- ଗଲା ସିନା ତଣ୍ଟି-
ଚିପା ଶାସନ-ବନ୍ଧନ ହେ—ମୋହନ,
ଦେଲ ଯେ ମୁକ୍ତି-ସାଧନ ହେ
ନ ରଖିଲୁଁ ଆମ୍ଭେ, କି ସରମ ଦମ୍ଭେ
ଗାଇବୁଁ ତବ ବନ୍ଦନ ହେ ?

---

* ପଲ୍ଲୀସଭା—ଗାନ୍ଧିଜୟନ୍ତୀ—ଅକ୍ଟୋବର ଦୁଇ ତାରିଖ, ୧୯୫୪ ।

ଅହିଂସା ବଦଳେ ହିଂସ୍ର ପଶୁ ବଳେ
ଚଳୁଛି ରାଜ କ୍ଷମତା ହେ,
ଶାସକ ସମାଜ ପ୍ରଜାରାଜ୍ୟେ ଆଜ
ଭୋଗୁଛନ୍ତି ସ୍ୱାଧୀନତା ହେ—ଦେବତା,
ପ୍ରଜାର ଦୁଃଖ ବାରତା ହେ,
କେ ଦେବ ତୁମ୍ଭଙ୍କୁ ଫାଟିଯାଏ ବୁକୁ
ବାଛିଲୁଣି ଆତ୍ମହତ୍ୟା ହେ !

ହେ ମୋହନଦାସ ଆଉଥରେ ଆସ
ଯାଉ ଆମ୍ଭ ଦୁରୁଦଶା ହେ,
ତବ ବିୟୋଗରେ ଆଜ ଘରେ ଘରେ
ଅଶାନ୍ତ କରୁଛି ବସା ହେ—ସୁଯଶା,
ତୁଟି ଯାଉଛି ଭରସା ହେ;
ତବ ବିନୁ ଦେବ ଦେଶକୁ କେ ଦେବ
'ରାମରାଜ୍ୟ'ର ନକସା ହେ ?

ଜନ୍ମିଥିଲେ କେତେ କେତେ ଏ ଭାରତେ
ତୁମ୍ଭ ଆଗୁଁ ମହାମତ ହେ,
ମାତ୍ର ତୁମ୍ଭପର କେ ପାରିଛି ହର
ପରାଧୀନତା ଦୁର୍ଗତ ହେ—ସୁମତ,
ତେଣୁ ସିନା ତୁମ୍ଭ ବ୍ରତ ହେ,
ତାଳ ଭକ୍ତିଧାର ପାଳେ ଆଜ ସାରା
ଭାରତ 'ଗାନ୍ଧି-ଜୟନ୍ତୀ' ହେ !

---

## ଭୋଟଭିକ୍ଷା

୧୯୫୧ ଡସେମ୍ବର

( ରାଗ—ପୂରବୀ )

ଭାଇ ଭଉଣୀ ହେ,
ଭୋଟଭିକ୍ଷା ନୁହେଁ ନୋଟ ପାଉଣି ଏ । ଘୋଷା ।

(୧)

ସର୍କାରୀ ହେଉ ବା ବେସର୍କାରୀ,
ଦର୍କାରୀ ବେଳେ ଯେ' ଭେଖଧାରୀ;
ବଡ଼ିମା ଦେଖାଇ    ପର ଦୋଷ ଗାଇ
ସେ' କି ହୁଏ ପର ଉପକାରୀ ?

(୨)

ପରଦୁଃଖ ଚିହ୍ନିବାର ପାଇଁ,
ପରଚକ୍ଷୁ ଛମ୍ମ ଯେ ଲଗାଇ;
କାଲି ଏସେମ୍ବ୍ଲିରେ    ବସିଲେ ସେ ସୀଟରେ
ବଙ୍କାମୁହାଁ ହେବେ ଠଙ୍କା ପାଇ ।

(୩)

ଭାଗ୍ୟେ ମିଳିଗଲେ ମନ୍ତ୍ରୀପଦ,
ନ ପଡ଼ିବ ଆଉ ତଳେ ପଦ;
ଭୁମ ଚନ୍ଦ୍ରାରେ ସେ'    ଘାରି ହୋଇ ଶେଷେ
ବାରି ନ' ପାରିବେ ଗୃହା ମଦ ।

(୪)

ହସାଇବେ କଲା-ବଜାରିଆ,
ପାଇ ଧଳାଟଙ୍କ ଖଜାଖିଆ;
ଖାଣ୍ଟି ବାବୁ-ମାଣ୍ଡ    ବାଣ୍ଟିବାକୁ ନିତି
ଘାଣ୍ଟି ହେଉଥିବ ତାଙ୍କ ହିଆ ।

(୫)

ସ୍ୱପଦରେ ପଡ଼ି କେ' ଗରିବ,
ଦ୍ୱି'ପଦ ଯନ୍ଦ ବା ଗୁହାରିବ;
ଏତେ ଉପରକୁ    ପେଷିବେ ଅର୍ଜିକୁ
ଉତ୍ତର ଭ' ଖସି ନିଁପାରିବ ।

(୬)

ଗୁଣଗାନ ଥାଉ ବାବୁଙ୍କର,
ସମସ୍ତ ନପାଉ ଭାବୁକର;

କେଉଁ ବାକସରେ ଶ୍ରେଷ୍ଠ ଦେବ ଥରେ
ମନ ସଙ୍ଗେ ମିଶି ଭାବୁ କର ।

(୭)
ଯେ' ବାକସ ଧରେ 'ଧନୁଶର',
ତା' ବାଟକୁ ସଦା ଅନୁସର,
ଦିଅ ତହିଁ ଭୋଟ ପାଇପିବ ଶ୍ରେଷ୍ଠ
ହସ୍ତିଆରଧରା ମନୁଷ୍ୟର ।

(୮)
'ଦାଆ-ଶସ୍ୟକେରା' ଗଲେ ଜିତି,
ଆଣିବ ସେ ରୁଷିଆର ନୀତି;
ନ ମାନଲେ ଧାରା ରକତର ଧାରା
ଲାଲ କରିଦେବ ସାରା କ୍ଷିତି ।

(୯)
'ବରଗଛ' ଯେଉଁ ବାକସରେ,
ତହିଁ ଯେବେ ତୁମ ଭୋଟ ଭରେ,
ଆମେରିକା ପୁଞ୍ଜି- ବାଦ କଳ-ମଞ୍ଜି
ପୋତିବ ଭାରତ ଘରେ ଘରେ ।

(୧୦)
ଯେ' ବାକସ 'ହଳ-ବଳଦିଆ'
ଭୋଟରଙ୍କୁ ଡାକେ ଜଲଦି ଆ',
ଭୋଟ ପଛେ ନ' ଦେ ଚାହିଁରଖ ହୃଦେ
ମୁଁ ତୋର ପେଟର ବଳ-ଦିଆ ।

(୧୧)
ଏହିପରି ଚିହ୍ନାଇବ କେତେ,
'ଗୋଲାପ' ଆଦି ଏ ଛନ୍ଦ ଯେତେ;
ତୁମେ ବାଛିନିଅ ଭୋଟ ପାଚ ଦିଅ
ଯେ' କରୁଛନ୍ତି କାମ ତୁମ ଖେତେ ।

(୧୨)

ଆସିବାରୁ ଦେଶସେବା ବେଳ
ଧାଏଁ 'ରେଲ୍' ଧାଏଁ 'ସାଇକେଲ୍'
ହୋଇ ଧଡ଼ପଡ଼ ଯିବାକୁ 'ଶଗଡ଼'
ବୋଲୁ ଛୁ ମୋତେ ବ ଠେଲ ଠେଲ ।

---

## କାଳୀଙ୍କୋଳେ କବିକ୍ରନ୍ଦନ

( ରାଗ—ମାଳଶ୍ରୀ ପଦ୍ୟପଠ )

(୧)

(୧) କାରୁଣିକା କଳା- କୁଞ୍ଚିତ କୁନ୍ତଳା
କାଳରୂପିଣୀ ମା କାଳି ଗୋ,
କର କୃପାଦାନ କରୁଛି ଆହ୍ୱାନ
କାକୁତିରେ ଅଶ୍ରୁ ଢାଳି ଗୋ;
କରେ ନାହିଁ ଫୁଲ ଫଳ,
କାଳି-କଲମ ମାତ୍ର ସମ୍ବଳ ଗୋ !

(୨)

କେତେ କେତେ ଦୁଃଖେ କାଳଚକ୍ର ମୁଖେ
କରୁଡ଼ ଧରିଛ କୋଳେ ଗୋ,
କାହିଁ ବା' ଶୟାନ କରାଇଛ ମାନ-
(୨) କରମ୍ବିତ ସୁଖ-ଦୋଳେ ଗୋ;
କଳି କଳହେ କନ୍ଦାଇ,
କଉତୁକେ ହସାଇଛ କାହିଁ ଗୋ !

(୩)

କ୍ଳେଶ କେତେ ସହି କାଳି, କୃପାମୟୀ
କଲ୍ୟାଣୀ ଜନନୀ ରୂପେ ଗୋ,

---

(୧) କାରୁଣିକା—କରୁଣାବତୀ । (୨) କରମ୍ବିତ—ଖଚିତ ।

କରିଛ ଅଳ୍ପ ଳ                    କଅଁଳା ଦୁର୍ବଳ
କୁମରକୁ ସ୍ନେହସ୍ପୃହେ ଗୋ;
କଷ୍ଟ ଦୁଃଖ ଥିଲେ ମନେ,
କଲନଅ ମୁଖ ଦରଶନେ ଗୋ !

(୪)

(୧) କୋଡ଼ଶ୍ମ ସମୟେ                    କୃଷି-ଧନଞ୍ଜୟେ
କଲବଲ ଦେଖି ମୋର ଗୋ,
କନ କନ ଚୁମ୍ବ                    କାତରତା ଭୁମ୍ବ
କରିଛନ୍ତ ଜନେ ସୋର ଗୋ;
କି ବର୍ଣ୍ଣିବ ତାହା ସ୍ତୁତି,
କୋଟି ଜନମ ଯାଏ ମୁଁ ଋଣୀ ଗୋ !

(୫)

କିଶୋର ବୟସେ                    କାମକେଳି ରସେ
କାମନା କର ଅପୂର୍ବ ଗୋ,
କୁସୁମିତ-କେଶା                    କଜ୍ଜଳୀ-ଦୃଢବେଶା
କେଶେ ଗଲ ପ୍ରେମାତୁର ଗୋ;
କଳାବତୀ ସୁରସିକା,
କଳହାସିନୀ ଅଭିସାରିକା ଗୋ !

(୬)

କାମ୍ୟ ପ୍ରେମୋଲ୍ଲାସ                    କେଳି ପରିହାସ
କୁଂଜ ସୁବାସ ବିହାର ଗୋ,
କାନ୍ତା ଭୁମ୍ବ ଫୁଲ-                    କୋମଳ ମଞ୍ଜୁଳ
କଥା ଗୁଣ ବ୍ୟବହାର ଗୋ;
କାମ୍ଯା ଥିବା ଯାଏ ମୋର
କେହି ମନରୁ ଯିବ ପାସୋର ଗୋ ?

---

(୧) କୃଷ୍ଣାଙ୍କତନୟ—ଜଟର୍ଜନଳ ।

(୭)

କେଳିଅଙ୍କେ ଯାହା- କଞ୍ଚି ତୋଳି ଯାହା
କରିଛ ହରଷେ ଦାନ ଗୋ,
କାମାର୍ତ୍ତି ଦେହର କର୍ଣ୍ଣ-ନେତ୍ର-କର
କଳୁଷହର ସେ'ମାନ ଗୋ;
କାନ୍ଦ ଝୁରିରେ ଅନୁଭବି,
କହିଁ ସଙ୍ଗେ ନ ନେଲ ସାଧବୀ ଗୋ ?

(୮)

କୁଳାଶ୍ରମେ ଧନ, କଲ ଯା' ବନ୍ଧନ
କେବେ ମୁଁ ପାଇବି ତ୍ରାଣ ଗୋ,
କଣ୍ଠାରେ ନ'ନାଶି କଟୂକଥା ଭଷି
କଣ୍ଠେ ରଖିଛ ମୋ ପ୍ରାଣ ଗୋ;
କବା କରୁଛ ପରୀକ୍ଷା ?
କାହିଁ ସେଭଳି ମୋ ଧୈର୍ଯ୍ୟ ଶିକ୍ଷା ଗୋ !

(୯)

କନ୍ୟାରୂପେ ଶିବା, କଷ୍ଟ ଉଜାଳିବା
କାମେ ତ' ଯାନ କୁଟିରେ ଗୋ,
କଳ୍ପ ପଦ୍ମାର୍ପଣ କନକ-ଦର୍ପଣ
କହ ମୋ କେଉଁ କୁଟିରେ ଗୋ;
କଣ୍ଠଫଟା ଶୋକଜଳେ,
କଣ୍ଠ ନଦେଇ ଗଲ ଚଞ୍ଚଳେ ଗୋ !

(୧୦)

କଳପନା-ରୁଚି କଲି ନ ପାରୁଛି
କାମରୂପା ତୁମ୍ଭ ମାୟା ଗୋ,
କବି ସ୍ମୃତିପଟେ କାରୁଣ୍ୟ ପ୍ରକଟେ
କେତେ ରୂପ-ଗୁଣ-ଛାୟା ଗୋ,
କଳୁଜାବୀ ମହାକବି
କଳ୍ପି ପାରିବେ ବା' ଅଳ୍ପ ଛବି ଗୋ !

(୧୧)

କବିତା ସୁନ୍ଦରୀ କଳେବର ଧରି
କନ୍ଦାଉଛି କ୍ଷଣେ କ୍ଷଣେ ଗୋ,
କୁତର୍କ ବିବାଦ କୁଟିଳ ଭଣ୍ଡାମି
କପଟୀଙ୍କ ଆଚରଣେ ଗୋ;
କ୍ରୂର ଧର୍ମ ଅତ୍ୟାଗ୍ରହରେ
କୃଷ୍ଟ ଧାର୍ମିକଙ୍କ ଦୁର୍ବିଗ୍ରହରେ ଗୋ !

(୧୨)

କାଡ଼ି କା' ଲେଖକ କଠୋର ପାତକ
କରିଥିଲ କି ସଞ୍ଚିତ ଗୋ,
କର୍ମଫଳଦାତି, କଲ ମୋତେ ରହି-
କୋଳେ କି ଅଶ୍ରୁ ମୁଞ୍ଜିତ ଗୋ;
କୋହ କେ କରିବ ଜଣା,
କାଳ, ନକଲେ ତୁମ୍ଭେ କରୁଣା ଗୋ !

(୧୩)

କ୍ଲିଷ୍ଟ ପ୍ରାଣେ ଶାନ୍ତି କଦାକାରେ କାନ୍ତି
କରୂପେ ମାଗିବ ଚିତ୍ତ ?
କାନ୍ତ-ଶାନ୍ତ-ମାନ କାମଦା, ପ୍ରଦାନ
କରିନ୍ତ ତ' ଯଥୋଚିତ ଗୋ;
କରେ ଅନ୍ୟ ଶ୍ରୀଚରଣେ,
କାଳ, ଭେଟାଇଦିଅ ମରଣେ ଗୋ !

(୧୪)

କଷଣ ଜର୍ଜର କ୍ଳାନ୍ତ ଜୀବନର
ସ୍ପନ୍ଦନ କି ଶାନ୍ତି ପିନା ଗୋ,
କାନ୍ଦ ଯା' ଜନମ- କାଳ ସଙ୍ଗୀ ସମ
କି ଗତି ତା ମୃତ୍ୟୁ ବିନା ଗୋ;
କରେ ଅନ୍ୟ ଶ୍ରୀଚରଣେ,
କାଳ, ଭେଟାଇଦିଅ ମରଣେ ଗୋ !

(୧୫)

କଶୋଘ୍ନ ମୋହିନୀ        କେଶଘ୍ନ-ବାହିନୀ
କାଲରାତ୍ରି-ସଂହାରିଣୀ ଗୋ,
କାତ୍ୟାୟନୀ କ୍ଷେମା        କାମାକ୍ଷୀ ତୁମ୍ଭେ ମା,
(୧) କାଲୀଚୀ ଅଧିକାରିଣୀ ଗୋ;
କରେ ଅଳି ଶ୍ରୀଚରଣେ,
କାଳି, ଭେଟାଇଦଅ ମରଣେ ଗୋ !

(୧୬)

(୨) କେଳିକଳାପାଣି        କମଳା ଅପାଣି
କପାଳ କୃପାଣୀହସ୍ତା ଗୋ,
କରାଳୀ କାଳିକା        କୁମାର ପାଳିକା
କପାଳିକା ଛିନ୍ନମସ୍ତା ଗୋ;
କରେ ଅଳି ଶ୍ରୀଚରଣେ,
କାଳି, ଭେଟାଇଦଅ ମରଣେ ଗୋ !

(୧୭)

କୋମଳାଙ୍ଗୀ କାନ୍ତା        କଙ୍କାଳିନୀ ମାତା
କୁହୁକିନୀ ସନ୍ଧ୍ୟା ସତୀ ଗୋ,
କର୍ତ୍ତ୍ରୀ ତୁମ୍ଭେ କୃତି-        କାରଣ ପ୍ରକୃତି
କାମିନୀ ଆଦିଶକତି ଗୋ;
କରେ ଅଳି ଶ୍ରୀଚରଣେ,
କାଳି, ଭେଟାଇଦଅ ମରଣେ ଗୋ !

(୧୮)

କାଳାଗ୍ନି ଲୋଚନା        କୋକିଳବଚନା
କାହିଁକି ବଞ୍ଚନା ସୁଚେ ଗୋ,

---

(୧) କାଲୀଚୀ—ଯମର ବିଚାର ସ୍ଥାନ ।
(୨) କେଳିକଳା—ସରସ୍ୱତୀଙ୍କ ବୀଣା ।

(୧) କୃଶାନୁ କମଳ                    କୁ ସାନୁ ଖମଳ
କାୟା ମିଶୁ ପଞ୍ଚଭୂତେ ଗୋ;
କରେ ଅଳ ଶ୍ରୀଚରଣେ,
କାଳ, ଭେଟାଇଦଅ ମରଣେ ଗୋ !

(୧୯)

କ୍ଳେଦ୍-କୃମି-ଭରା                    କଦର୍ଯ୍ୟ ପସରା
କଦନେ କ କଷ୍ଟ ଆଉ ଗୋ ?
କାମ କ୍ରୋଧ ଘୁଇ                    କାକ କୋକା ପାଇଁ
(୨) କୋକେଇରେ ବୁଲିଯାଉ ଗୋ;
କରେ ଅଳ ଶ୍ରୀଚରଣେ,
କାଳ, ଭେଟାଇଦଅ ମରଣେ ଗୋ !

(୨୦)

(୩) କୂଳମା ଜୀବନ                    କୂଳଙ୍କଷେ ଘନ-
କାଳ ମିଶାଇଲା ପରି ଗୋ,
କାଳ-ଧାରାମୃତ                    କରୁ ମୋତେ ପୂତ
କୋଳ-କଲ୍ଲୋଳେ ଭ୍ରମର ଗୋ;
କରେ ଅଳ ଶ୍ରୀଚରଣେ,
କାଳ, ଭେଟାଇଦଅ ମରଣେ ଗୋ !

---

## ଖୋଲା ପୀରତି

(ରାଗ—ଅଷ୍ଟାଦ୍ରମ୍ଲାନ୍)

ଆହା କ ମଧୁର,
ଖୋଲା ପୀରତି ପରାଣବନ୍ଧୁର ! ଘୋଷା ।

---

(୧) କୃଶାନୁ—ଅଗ୍ନି । କମଳ—ଜଳ । କୁ—ପୃଥ୍ୱୀ । ସାନୁ—ବାତସମୂହ । ଖ—ଆକାଶ । ମଳ—ବକୃତ ଅର୍ଥାତ୍ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ । (୨) କୋକେଇ—ଯହିଁରେ ଶବ ବୋହି ନଅନ୍ତି । (୩) କୂଳମା—ନଦୀ । ଜୀବନ—ପାଣି । କୂଳଙ୍କଷ—ସମୁଦ୍ର । ଘନକାଳ—ବର୍ଷାକାଳ ।

[୧]

ବେଶ ଟେଟେଇର    ଝଙ୍କି ବାରବାର;
(୧) ରସ ଚହଟ-    ଭଙ୍ଗୀ କାରବାର;
ସଖୀଙ୍କ ‘ଜୀବ-    ଧନ’ କହିବାର,
ମଖୀଙ୍କ ଗୁହିଁ    ମନ ମୋହିବାର !

[୨]

ଆଡ଼ ଆଖିରେ    ଦେଖି ହସିବାର,
(୨) ଠାଡ଼ ଗୁଖିରେ    ପାଖୁଁ ଖସିବାର;
ହାଜର ହେବା    ଛଠି ପେଷିବାର,
ଲାଜର ସେବା-    ପିଠି ଠେସିବାର !

[୩]

ଦୋଷ କଥାରେ    ଗେଲେ ରୁଷିବାର,
ରୋଷ କଟାକ୍ଷ-    ଶେଳେ ଭ୍ରୁଷିବାର;
ଦମ୍ଭ ଢଉଡ଼ା-    ଭାଷା ଭଷିବାର,
ଲମ୍ବାଚଉଡ଼ା-    ଆଶା ଶାସିବାର !

[୪]

ଡାକବା ଲାଜେ    ଫୁଲ ତୋଳିବାର,
ଢାଙ୍କିବା ବ୍ୟାଜେ    ଉର ଖୋଲିବାର;
(୩) ଝାଟେ ଶ୍ରୀଅଙ୍ଗ    ରେଡାଇ ହେବାର,
ବାଟେ ଅନଙ୍ଗ    ଚେତାଇ ଦେବାର !

[୫]

ଯାତରା ହାଟ-    ବାଟ ବ୍ୟବହାର,
ହାତ କପଟ-    ଭେଟ ଉପହାର;
(୪) ମାନ ଫିଟାଇ    ନାରଦୀ ବିହାର,
ପାନ ମିଠାଇ    ଶାରଦୀ ତିହାର !

---

(୧) ଚହଟ—ଲୋଭ ପ୍ରଦର୍ଶନ । (୨) ଠାଡ଼—ଠିଆ । (୩) ରେଡାଇ ହେବା—ଅନ୍ୟଦ୍ୱାରା ଘଷାଇ ହେବା, ରଗଡ଼ାଇ ହେବା । (୪) ନାରଦୀ ବିହାର—ସ୍ୱାଧୀନ ଭ୍ରମଣ । ଶାରଦୀ ତିହାର—ଶରତ୍କାଳୀନ ପର୍ବପର୍ବାଣି; ଡାଲଖାଇ, ରଣଜିତା ପ୍ରଭୃତି ଦୁର୍ଗାପୂଜା ।

[ ୬ ]

(୧) ନାଠ ଅଳରେ ଶ୍ରୀ-ମୁକୁତାହାର
ହାଟକଅଙ୍ଗୀ ଦେବାକୁ ତାହାର;
ଆଳୀଙ୍କ ଆଗୁଁ ଯା ହୁଏ ବାହାର,
(୨) ଥାଳୀରେ ଢାଳ ଦିଏ ଦେବାହାର !

[ ୭ ]

ତା' ଯଉବନ- ସୁଷମା-ସଂସାର,
(୩) ଲଜ ଜୀବନ- କୁସୁମାର ସାର;
(୪) ସ୍ମୃତିଧାର ସେ' ମୋ ମନ-ବୃଷାର,
(୫) ସ୍ମୃତିଧାର ମୋ' ମଦନ-ତୃଷାର !

---

## ନାରୀଗୁହାରି

( ରାଗ—କଲ୍ୟାଣଆହାରୀ )

[ ୧ ]

ଜୟ ମହାଲକ୍ଷ୍ମି, ଜଗତଜନନୀ
କର୍ମଦେବୀ ଧର୍ମପାଳନୀ,
ପଦ୍ମାଳୟା ରମା ବିଶ୍ୱ ମନୋରମା
ଦୟାବତୀ କ୍ଷମାଶାଳିନୀ;
(୬) ଚଞ୍ଚଳା, କୋମଳାଙ୍ଗୀ ଦେବୀ କମଳା;
କ୍ଷୀରାବ୍ଧି-ତନୟା ନରହରିଙ୍କପ୍ରିୟା
(୭) ହର ଇନ୍ଦିରା ମା ବିମଳା ।

[ ୨ ]

ଶୁଣିବ କି ସ୍ତବ ଦେଇ ମାତ, ତବ
ଦୁଃଖିନୀ ଝିଅର ଗୁହାରି,

---

(୧) ଶ୍ରୀ—ଶୋଭା, ସୌନ୍ଦର୍ଯ୍ୟ । (୨) ଦେବାହାର—ଅମୃତ । (୩) କୁସୁମା—ମାଦକଦ୍ରବ୍ୟ ମିଶ୍ରିତ ଏକପ୍ରକାର ପାନୀୟ । (୪) ସ୍ମୃତିଧାର—ଗଙ୍ଗା । (୫) ସ୍ମୃତିଧାର—ମଦ୍ୟ ।

(୬) ଚଞ୍ଚଳା—ଅଳସ୍ୟବିରୋଧିନୀ, କର୍ମତତ୍ପର ।

(୭) ହର—ଦୁଃଖଦୁର୍ଦ୍ଦଶାହାରିଣୀ । ବିମଳା—ନିରପରାଧ୍ୟ ତା ।

ମାତୃଗୁଣେ ସିନା ନାରୀଜାତି ପ୍ରାଣ
ରହିଛି ନଯାଇ ବାହାରି;
ଜନନି, ଜାଣୁଛ ତ ହୃଦବେଦନା;
କରୁଣହୃଦୟା ମରୁ-ତରୁଛାୟା
ତୁମ୍ଭେ ତ ବରୁଣନନ୍ଦନା ।

[ ୩ ]

ଜଗତ ପାଳନେ ଧନ ଅଧିକାର
ତୁମ୍ଭ ହସ୍ତେ ଅର୍ପି ଈଶ୍ୱର,
ବୀଣାପାଣି କରେ ଦେଲେ ସେ ପ୍ରକାରେ
ବିଦ୍ୟାଭାର ସାରି ବିଶ୍ୱର;
ଜନନି, ଦହିହୁଏ ମର୍ମ ସନ୍ତାପେ;
(୧) ବିଦ୍ୟାଧନେ ନାରୀ ନୁହେ ଅଧିକାରୀ
ମୂଢ଼ ସମାଜର ପ୍ରତାପେ ।

[ ୪ ]

(୨) ଶଇଶବେ ପିତା ଯଉବନେ ପତି
ବାର୍ଦ୍ଧକ୍ୟ ଜୀବନେ କୁମର,
ନାରୀର ମହତ୍ତ୍ୱ- ରକ୍ଷଣେ ଏମାନେ
ଭଡ଼ଛନ୍ତି ବୀର କମର;

---

(୧) "ସ୍ତ୍ରୀ ଶୂଦ୍ରୋନାଧୀୟତାମ୍" କିନ୍ତୁ ଗୌତ ସୂତ୍ରରେ ଲେଖାଅଛି—"ଇମଂ ମନ୍ତ୍ରଂ ପତ୍ନୀ ପଠେତ୍" । ସ୍ତ୍ରୀମାନେ ବେଦାଦି ଶାସ୍ତ୍ର ପଢ଼ନ୍ତି ଏବଂ ଯଜ୍ଞବେଳେ ସୁସ୍ୱର ସହିତ ବେଦମନ୍ତ୍ର ପାଠ କରନ୍ତି । ପୁଣି ସଂସ୍କୃତ ଭାଷାରେ କଥାବାର୍ତ୍ତା କରିପାରନ୍ତି । ଗାର୍ଗୀ ଆଦି ବିଦୁଷୀ ସ୍ତ୍ରୀମାନେ ବେଦାଦି ଶାସ୍ତ୍ର ପଢ଼ି ଭାରତ ଦେଶର ଭୂଷଣ ସ୍ୱରୂପ ହୋଇଥିଲେ । ଏହି କଥା ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ସ୍ପଷ୍ଟ ଉଲ୍ଲେଖ ଅଛି ।

(୨) ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ,
ରକ୍ଷନ୍ତି ସ୍ଥବିରେ ପୁତ୍ରାଃ ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ॥

ଏହାର ତାତ୍ପର୍ଯ୍ୟ ହେଉଛି—ବାଲ୍ୟକାଳରେ ପିତା, ଯୌବନରେ ସ୍ୱାମୀ, ବାର୍ଦ୍ଧକ୍ୟରେ ପୁତ୍ରମାନେ (ନାରୀଜାତି ଜଗଜ୍ଜନନୀ) ସ୍ତ୍ରୀକି ରକ୍ଷା କରିବେ ଅର୍ଥାତ୍ ଏକାକିନୀ ଅସହାୟା କରି କେହି ଅବମାନନା ଦେଖାଇବେ ନାହିଁ । ଏହି ସ୍ତ୍ରୀରକ୍ଷା ଦ୍ୱାରା ସ୍ତ୍ରୀଜାତିର ସ୍ୱାଧୀନତା ଅପହରଣ କରିବା ନୁହେଁ ।

'ଅବଳା'— ନାମ ଯେବେ ନାରୀ ରହିବ,
ମହାଶକ୍ତି ସବୁ    ସହି ପାରିଲେ ସେ
'ମହିଳା' ପଦବୀ ବହିବ ।

[ ୫ ]

ଠକ ଅବିଶ୍ୱାସୀ    ମୂର୍ଖ ମିଥ୍ୟାଭାଷୀ
(୧) ପତି ଚଳେ ବିଶ୍ୱ-ଭବନେ,
ସତୀ ଗୁଣବତୀ    ନହେଲେ ଯୁବତୀ
ଗତି ନାହିଁ ସାର ଜୀବନେ;
ଜନନ, କେଡ଼େ ପକ୍ଷପାତୀ ଧରମ,
ଏ ଧରମ ଗଢ଼ି-    ଥିବା ସମାଜକୁ
ନ ମାଡ଼େ କି ଲାଜ ସରମ ?

[ ୬ ]

ଭ୍ରାନ୍ତ ଥିଲେ ଦେଖି-    ଦୃଷ୍ଟି ଦିଅ ଦେବ,
ଶାସ୍ତ୍ରଧାର ଝରୁ ପରାଣେ,
'ନାରୀଧର୍ମ' ଅଛି    'ନରଧର୍ମ' ବୋଲି
ଲେଖା ନାହିଁ ଦେଖା ପୁରାଣେ;
ନାରୀର, ଦାବୀ ନାହିଁ ଯଦି ବେଦରେ,
(୨) ବେଦାଦେଶ କପାଁ    ମାନବ ରମଣୀ
ପେଷିତା ମତଭେଦରେ ?

[ ୭ ]

ବିଧବାର ଚିନ୍ତା    ବହିବ ଅଙ୍ଗନା
ଗହଣା କାଢ଼ି ସର୍ବାଙ୍ଗରୁ,

---

(୧) ବିଶ୍ୱଭବନ—ଭାରତବର୍ଷ ।

(୨) ଇମାଂ ତ୍ୱମିନ୍ଦ୍ରମୀଢ୍ୱଃ ସୁପୁତ୍ରାଂ ସୁଭଗାଂ କୃଣୁ ।
ଦଶାସ୍ୟାଂ ପୁତ୍ରାନାଧେହି ପତିମେକାଦଶଂ କୃଧି । (ଋକ୍‌ବେଦ)

ହେ ବୀର୍ଯ୍ୟବାନ୍ ଐଶ୍ୱର୍ଯ୍ୟଶାଳୀ ପୁରୁଷ, ବିବାହିତା ସ୍ତ୍ରୀ କିମ୍ବା ନିଯୁକ୍ତା ବିଧବା-ଠାରେ କେବଳ ଦଶ ସନ୍ତାନ ପର୍ଯ୍ୟନ୍ତ ଉତ୍ପନ୍ନ କର । ତା ପରେ ତୁମ ସ୍ତ୍ରୀକୁ ପରିବାରର ଅନ୍ୟତମ ବ୍ୟକ୍ତି ଜ୍ଞାନ କର । ହେ ସ୍ତ୍ରୀ, ତୁମେ ମଧ୍ୟ ଦଶ ସନ୍ତାନ ଜନ୍ମ କର ଏବଂ ନିଜ ପତିକୁ ଏକାଦଶ ଜ୍ଞାନ କର ।

ସତୀ ସାଧ୍ୱୀ ସେ ବୋଲାଇବ ମରି
ପାରିଲେ ପତିର ଆଗରୁ;
ଏ ରୀତି, ଉଲଟିଲେ ଲଜ୍ଜା ପାତକ;
ଧନ୍ୟ ସେ ପଣ୍ଡିତ ଯେ' ଲେଖିଛନ୍ତି ଏହି
ରମଣୀ-ଧରମ-ଜାତକ ।

[୮]

(୧) ପତି-ଚିତାନଳେ ପଶିଲେ ଯୁବତୀ
(୨) ବସିବ ଅମର ନଗରେ,
(୩) କ୍ଷୀରସିନ୍ଧୁପୁରେ ଭେଟିବ ପତିକି
ଝାସିଲେ ଗଙ୍ଗାତରଙ୍ଗରେ;
ଜନନି, କି ନିଷ୍ଠୁର ଧର୍ମଛଳନା;
(୪) କଳନା ନାହିଁ ତା' ଏ ଅନ୍ଧ ବିଶ୍ୱାସେ
ମରିଛନ୍ତି ଯେତେ ଲଳନା ।

[୯]

ସତ୍ୟ-ତ୍ରେତା-ଦୁଆ- ପରେ କୁଳଭୁଆ-
ଷୁଣୀ କେତେ ଥିବେ ମରି ତ,
ପତ୍ନୀ ଯେବେ କୋଳେ ଆଶ୍ରିଛି କେ' ବଳେ
ଚିତାନଳ, ଗଙ୍ଗାସରିତ ?
•(୫) କିଏ ବା, ବିପତ୍ନୀକ ଚିହ୍ନ ବହିଛି ?
ଦେବ କି ପ୍ରମାଣ ଯେତକ ପୁରାଣ
ଧର୍ମଶାସ୍ତ୍ର ନାମେ ରହିଛି ?

---

(୧) ମୃତେ ଭର୍ତ୍ତରି ଯା ନାରୀ ସମାରୋହେଦ୍ଧୁତାଶନମ୍,
ସାରୁନ୍ଧତୀ ସମାଚାରା ସ୍ୱର୍ଗଲୋକେ ମହୀୟତେ । (ଗଦାଧର ପଦ୍ଧତି)
ତିସ୍ରଃ କୋଟ୍ୟୋର୍ଦ୍ଧ କୋଟି ଚ ଯାନି ଲୋମାନି ମାନବେ,
ତାବତ୍ କାଳଂ ବସେତ୍ ସ୍ୱର୍ଗେ ଭର୍ତ୍ତାରଂ ଯାନୁଗଚ୍ଛତି । (ପରାଶର ସ୍ମୃତି)

(୨) ଅମର ନଗର—ସ୍ୱର୍ଗ । (୩) କ୍ଷୀରସିନ୍ଧୁପୁର—ବୈକୁଣ୍ଠ । (୪) ଏହି ସତୀଦାହ-ମୂଢ଼ପ୍ରଥା ସନ ୧୮୬୩ରେ ବ୍ରିଟିଶ୍ ସରକାର ରହିତ କରିବାଦ୍ୱାରା ଭାରତୀୟ ନାରୀସମାଜର ମହୋପକାର ସାଧନ କରିଅଛନ୍ତି । (୫) ତ୍ରିନେବଲ୍ଲୀ ଜିଲ୍ଲାର ଆତ୍ମସମ୍ମାନ ସମ୍ମିଳନୀରେ ଶ୍ରୀମତୀ ରାମାମୃତ ଅମଲ ଦେବୀ ଗୋଟିଏ ବକ୍ତୃତା ଦେଇଥିଲେ । ସେ

[୧୦]

କୁଆଁଶି ହାଡ଼ର ଯୋଗେ ଖଳକାର
କଳିକାକୁ କରେ ମାଳିକା,
ବାଳିକା ରକତ ଖାଇ କଳିକାଳେ
କାପାଳିକା ବଣି କାଳିକା;
ଜନନି, ଧରମ ନାମେ ଏ ବିଶ୍ୱାସ;
ଧରମଦେବର ଥିଲେ କଳେବର
ଛାଡ଼ନ୍ତା ଗରମ ନିଃଶ୍ୱାସ ।

[୧୧]

ନାରୀ ରୂପ ଗୁଣେ ମାଧୁରୀ ନଥିଲେ
ନଥିଲେ କୁସୁମ କମାଣ,
ପୁରୁଷଜାତି ହିଁ 'ଧର୍ମ' ବୋଲି ସ୍ୱଂସ
ଦେଇଥାନ୍ତା ଶାସ୍ତ୍ରେ ପ୍ରମାଣ;
ଲେଖିଛି, ପତି ହିଁ 'ଦେବତା' ସତୀର;
ସତୀ ହେଲେ ମଧ୍ୟ 'ଦେବୀ' ନୁହେ ନାରୀ
ପଦସେବିକା ସେ ପତିର ।

[୧୨]

ବନ୍ଧ୍ୟାତ୍ୱ-କଳଙ୍କେ ନିର୍ବଂଶର ଦୋଷେ
କେତେ ନାରୀ ହୋଇ ଦୁଃଖିତା,

---

କହିଥିଲେ ଯେ, ବିଧବା ଓ ଅପତ୍ନୀକମାନଙ୍କ ଧାର୍ମିକ ଓ ନୈତିକ ଅବସ୍ଥାରେ ଅଭିଜ୍ଞାନୁସାରେ ସମଶ୍ରେଣୀସ୍ଥ ରଖା ନଯିବା ପର୍ଯ୍ୟନ୍ତ ରକ୍ଷଣଶୀଳ ହିନ୍ଦୁମାନେ ବିଧବାର ଦୁଃଖ-ଦୁରବସ୍ଥା ହୃଦୟଙ୍ଗମ କରିପାରିବେ ନାହିଁ । ସୁତରାଂ ବିଧବାର ଯେଉଁ ଅବସ୍ଥା ଅପତ୍ନୀକ ପ୍ରତି ସେହି ଅବସ୍ଥା ଘଟିବା ବାଞ୍ଛନୀୟ । ଦକ୍ଷିଣ-ଆମେରିକାରେ ଅପତ୍ନୀକମାନଙ୍କ ପ୍ରତି ଏହି ବ୍ୟବସ୍ଥା କରାଯାଇଅଛି । ଫ୍ରେଜର ସାହେବଙ୍କ "ଗୋଲ୍ଡେନ୍ ବଉ" ନାମକ ପୁସ୍ତକରେ ଲେଖାଅଛି ଯେ ବ୍ରିଟିଶ୍ ଗାୟନାର ମେକାଓ କୂଳରେ କେହି ଲୋକ ଅପତ୍ନୀକ ହେଲେ ସମସ୍ତ ଲୌକିକ ଅଧିକାରରୁ ସେ ବଞ୍ଚିତ ହୁଏ, ସମାଜରୁ ବାହାରିଆ ହୁଏ ସ୍ତ୍ରୀ ଭୟଙ୍କର ଓ ଘୃଣିତ ବସ୍ତୁ ପରି ସର୍ବତ୍ର ଅନାଦୃତ ହୁଏ । ସେହି ଲୋକ ବଗିଚାରେ ବୃକ୍ଷ ମଧ୍ୟ କରିପାରେ ନାହିଁ ।

ଭାଗ୍ୟକୁ ଆଦର ପରିତ୍ୟାଗ-ଦଣ୍ଡେ
ହୋଇଛନ୍ତି ଆଜି ଶାସିତା;
ଜନନି, ରଜନୀପର୍ଯ୍ୟେ ଗତ୍ୱା ପତିତ;
ପୁଂସତ୍ୱ ଦୂଷିତ ଥିଲେ କି କରିବ
(୧) ବିଟପୀ ହେବକି ବ୍ରତତୀ ?

[୧୩]

ଦୁଃଖବିନାଶିନି, ତୁମ୍ଭ ବିନା ଆଉ
କେ' ଶୁଣିବ ଦୁଃଖ ଆରତି ?
ଗାଇଲେ ତରୁଣୀ- କରୁଣ ଗୀତିକା
ବାଇ ହୋଇଯିବେ ଭାରତୀ;
(୨) ଜନନି, ପରଦାର ପରାଧୀନତା;
କେତେକଙ୍କୁ ବଳେ ଦହି ଚିନ୍ତାନଳେ
କରଉଛି ଯେଉଁ ହୀନସ୍ତା ।

[୧୪]

ପାଦ ପାଇ ପଦା ମାଡ଼ି ନ ପାରିଲୁ
ଆଖି ଥାଇ ହେଲୁ ଅନ୍ଧୁଣୀ,
ଭବନ-ବନ୍ଧନୀ- ଠାରୁ ବନ୍ଦିନୀମାନେ
ପବନ-ବନର କନ୍ଧୁଣୀ;
ଜନନି, ମୁକ୍ତିଜୀବନ ହିଁ ଜୀବନ;
ଜୀବନ ଯେ' ତୋଷେ, 'ଜୀବନବନ୍ଧୁ' ସେ
ହେଉ ଖ୍ରୀଷ୍ଟିୟାନ ଯବନ ।

---

(୧) ବିଟପୀ—ବେଶ୍ୟା, ବୃକ୍ଷ । ବ୍ରତତୀ—ସତୀ, ଲତା ।

(୨) ଅରକ୍ଷିତା ଗୃହେ ରୁଦ୍ଧାଃ ପୁରୁଷୈରାପ୍ତକାରିଭିଃ,
ଆତ୍ମାନମାତ୍ମନା ଯାସ୍ତୁ ରକ୍ଷେୟୁସ୍ତାଃ ସୁରକ୍ଷିତାଃ । (ମନୁ ୯।୧୨)

ଦୁଷ୍ଟଚରିତ୍ରା ସ୍ତ୍ରୀମାନଙ୍କୁ ଅନ୍ତଃପୁରରେ ଆବଦ୍ଧ ରଖି ସୁଦ୍ଧା ଆପ୍ତ ପୁରୁଷମାନେ ରକ୍ଷା କରି ପାରନାହାନ୍ତି । ଯେଉଁ ସ୍ତ୍ରୀ ଆତ୍ମରକ୍ଷଣତତ୍ପରା, ସେ ନିଜେ ନିଜକୁ ରକ୍ଷା କରିଥାଏ । "ସୁମଙ୍ଗଲୀରିୟଂ ବଧୂରିମାଂ ସମେତ ପଶ୍ୟତ ।" ଏହି ସୌଭାଗ୍ୟଶାଳିନୀ ବଧୂକୁ ସମସ୍ତେ ଆସି ଦେଖ । ବିବାହକାଳୀନ ଏହି ମନ୍ତ୍ର ବା ପୁରୋହିତ ବାକ୍ୟ (ବେଦୋକ୍ତି)ରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ପୂର୍ବକାଳରେ ବା ବୈଦିକଯୁଗରେ ପର୍ଦ୍ଦାପ୍ରଥା ଆଦୌ ନଥିଲା ।

[୧୫]

ସୀତା ସାବିତ୍ରୀଙ୍କି  ଭୁଲିଯାଇ ଆଜି
ଦୁହିତାର ମାନ ମହତ,
ବାପ ବିକି ଖାଏ  ପାପ ଅତ୍ୟାଚାର
ଆଉ କି ରହିଛି କହ ତ ?
ଜନନି, କି ଦୋଷେ ଏ ନାରୀ ଜାତିର ?
(୧) ଅପୁଷ୍ପିତରଜା-  ପ୍ରେମ ଭେଖୀ ଅଜା
ଭୋଗ୍ୟ ଯୋଗ୍ୟ ଯାହା ନାହିଁର ।

[୧୬]

* ସତାଶୀ ବୟସୀ  ଗତାସିତକେଶୀ
ରତାଶୀ ହତଶ୍ରୀଦଶନା,
ନଇଁ ନଇଁ ଆସି  କଇଁ କଇଁ ଭଷି
ପ୍ରକାଶିବ ଯହିଁ ବାସନା;
ଦେବାକୁ—ଜୀବନସର୍ବସ୍ୱ ଯୌତୁକ,
କେଉଁ ସୁବାସିନୀ  ଗ୍ରହିବିକ ପାଣି
ଦହିବାକୁ କେଳି-କୌତୁକ ?

[୧୭]

(୨) ଗୃହାଶ୍ରମ ଧର୍ମ-  ଶକଟର ଚକ
ପତିପତ୍ନୀ ଦୁହେଁ ସମାନ,

---

(୧) ଅପୁଷ୍ପିତରଜା—ଅପ୍ରାପ୍ତଯୌବନା । ଅଜା—ମାତାମହ ବା ପିତାମହ । (ଅଜା—ଅଜ୍ୟିଶବ୍ଦଜ)

* ଗତାସିତ—ଶୁକ୍ଳବର୍ଣ୍ଣ । ରତାଶୀ—କାମୁକ, ରମଣାଭିଳାଷିଣୀ । ହତଶ୍ରୀଦଶନା—ଦନ୍ତହୀନା, ଲୁପ୍ତଦନ୍ତୀ ।

(୨) ଶକଟର ଚକ – ଶଗଡ଼ର ଚକ ସ୍ୱରୂପ, ଶକଟ ରଚନାକାରୀ ।

ଯଦେତଦ୍ ହୃଦୟଂ ତବ ତଦସ୍ତୁ ହୃଦୟଂ ମମ,
ଯଦିଦଂ ହୃଦୟଂ ମମ ତଦସ୍ତୁ ହୃଦୟଂ ତବ ।

ତୁମ ହୃଦୟ ମୋ ହୃଦୟ ସହିତ ମିଶିଯାଉ ଓ ମୋ ହୃଦୟ ସହ ତୁମ ହୃଦୟ ମିଶିଯାଉ । ଏହି ବେଦମନ୍ତ୍ରରୁ ପ୍ରତିପନ୍ନ ହୁଏ ଯେ, ସ୍ତ୍ରୀ ଏବଂ ପୁରୁଷ କେବଳ ଲିଙ୍ଗଭେଦଦ୍ୱାରା ହିଁ ଭିନ୍ନ । ନଚେତ୍ ଧର୍ମ-କର୍ମ-ଯୋଗ୍ୟତା-ଅଧିକାରାଦି ପ୍ରତ୍ୟେକ ବିଷୟରେ ଏକାଧୀନ ।

ଚନ୍ଦ୍ର ସାମ୍ୟଗତ ବ୍ୟତିକ୍ରମ ହେଲେ
କ୍ଷତି ହେବ ଆତ୍ମ-ସମ୍ମାନ;
ଜନନୀ, ଏହା ନ ବୁଝନ୍ତି ପୁରୁଷେ;
ଧର୍ମେ ଦୁର୍ବିଗ୍ରହ କର୍ମେ ବ୍ୟଭିଗ୍ରହ
ସବୁ ଅନ୍ୟାୟର ଗୁରୁ ସେ ।

[୧୮]

ଭ୍ରାତାଦି ବଲ୍ଲଭ ସଭଙ୍କର ଶୁଭ
ବାଞ୍ଛଇ ଯା' ଉଷା ବରତ,
ତଥାପି ତା ପ୍ରତି ପୁଂସଜାତି ଅତି
ନଦାରୁଣ ଅନବରତ;
'(୧) କରନ୍ତି, ନୀତିଶାସ୍ତ୍ରେ ନନ୍ଦା ରଚନା,
ଅବିଶ୍ୱାସିନୀ ଏ ନାରୀଜାତି ବୋଲି
ଲେଖି ମନଗଢ଼ା ଘଟନା ।

[୧୯]

ଧର୍ମ ଧର୍ମ ବୋଲି ଚିତ୍କାରେ ଯା ଖାଲି
ଲଜ ନାହିଁ ପୁଂସଜାତିକି,
ନାରୀ କେବେହେଁ ଅବି- ଶ୍ୱାସିନୀ ସମାଜେ
ସେ ନୁହେ ବିଶ୍ୱାସଘାତି କି ?
ନାରୀକି, ଗୁପ୍ତ ପାପପଙ୍କେ ବୁଡ଼ାଇ,
ଅନେକ ସ୍ଥାନେ ତ' ପରମ ସାଧୁ ସେ'
ଧରମର ଧଜା ଉଡ଼ାଇ ।

---

(୧) ଗୃଣକ୍ୟ, ପ୍ରସ୍ତାବସିନ୍ଧୁ ପ୍ରଭୃତି ନୀତିଶାସ୍ତ୍ର ଦ୍ରଷ୍ଟବ୍ୟ ।
ପ୍ରଜନାର୍ଥଂ ସ୍ତ୍ରିୟଃ ସୃଷ୍ଟାଃ ସନ୍ତାନାର୍ଥଂ ଚ ମାନବାଃ,
ତସ୍ମାତ୍ସାଧାରଣୋ ଧର୍ମଃ ଶ୍ରୁତୌ ପତ୍ନ୍ୟା ସହୋଦିତଃ । (ମନୁ ୯।୯୬)
ସନ୍ତାନ ସକାଶେ ପୁରୁଷକୁ ଓ ଗର୍ଭଧାରଣ ନିମନ୍ତେ ସ୍ତ୍ରୀକୁ ଈଶ୍ୱର ସୃଷ୍ଟି କରି ଅଛନ୍ତି । ଏହେତୁ ବେଦାଦି ଧର୍ମଶାସ୍ତ୍ରରେ ସ୍ତ୍ରୀ ଓ ପୁରୁଷର ସମାନ ଅଧିକାର ଅଛି ବୋଲି କୁହାଯାଇଛି ।

[୨୦]

ସ୍ମୃତି ସଂହିତା ଧର୍ମଶାସ୍ତ୍ର ଗୀତା
ସବୁ ତ' ପୁରୁଷ ରଚନା,
ମାନବାକୁ ତାହା ନାରୀ ସମାଜରେ
ହୋଇଛିକ ସମାଲୋଚନା ?
(୧) ସ୍ୱଧର୍ମେ—ନାରୀ ଅଧିକାର ନାହିଁକ ?
କେଉଁ ଅଧିକାର ପୁରୁଷର ? ପର
(୨) ଧରମ ଗଢ଼ିଛି କାହିଁକ ?

[୨୧]

ମାତା ଜାଣେ ସିନା ସୁତାର ବେଦନା
କହିବ ଆଉ କା' ଆଗରେ ?
କେତେ ଅପମାନ ଦୁଃଖଭାର ଅଛି
ଭାରତୀୟ ନାରୀ ଭାଗରେ,
ଜନନୀ, ଭାରତୀଙ୍କି ତାହା କହିବ,
ସୁନା ଭାରତର ଆଶା ଆଣିବାକୁ
କୋପ ଅନଳେ ନ ଦହିବ ।

---

## ଚକାନୟନ

( ରାଗ—ଝୁଲ୍ଲ )

ଚକାନୟନ ହେ,
ଡକା ପାରୁଛି ମୁଁ ନିତି;
ସ୍ୱକାମରେ ଥକା ଠକାଇବା ଏ କି
(୩) ପକା ଲୋକଙ୍କର ରୀତି । ଧୋକା ।
ଡକାଇତ ପରି ଧକ୍କା ଦେଇ ହରି
(୪) ଚକାଇଥିଲେ ପଥରେ,

---

(୧) ସ୍ୱଧର୍ମେ ନିଧନଂ ଶ୍ରେୟଃ । (୨) ପରଧର୍ମୋ ଭୟାବହଃ । (ଗୀତା)

(୩) ପକା ଲୋକ—ଉତ୍ତମ, ସାଧୁ, ଭଦ୍ରଲୋକ । (୪) ଚକାଇବା—ସାବାଡ଼ କରାଇବା ।

ଅକାତରେ କୃପା ପକାଇ ଦ୍ୟନ୍ତାଣି
(୧) ଛକାପଞ୍ଝା ଆଣି ଥରେ । ୧ ।

(୨) ଥକାମରା ପ୍ରାଣେ ସକାଇବ କେତେ
ସକାଳରୁ ସଞ୍ଜ ଯାଏ,
(୩) ବକାର ହେ ଯମ- ଦକା ହରନଅ
ହକାର ପାଖକୁ ଘାଏ । ୨ ।

(୪) ଅକାମିକା ହୋଇ ଭକା ପରି ଗୃହେଁ
(୫) ଚକାଇଛ ଚକାସନେ,
(୬) ଜକା ହେବ ଯେବେ ଅକାରଣେ ନିନ୍ଦା
ଢକ୍କା ବାଜିବ ଭୁବନେ । ୩ ।

ଅକାଠୁ ହୃଦରେ ନକାଠୁଚି ଯେବେ
ବଙ୍କା ଭାଷା-କାଣ୍ଡ ମୋର,
ଫକାଇ ଦିଅ ଏ ଅକାମୀର ହୃଦ-
ଢଙ୍କା ପ୍ରେମ-ଭକ୍ତି-ଡୋର । ୪ ।

---

## ଯୁଗ-ଦେବତା

( ରାଗ—ରସକୁଲ୍ୟା )

[ ୧ ]

କର କରୁଣା ହେ କମଳାଧବ,
ଶରଣବତ୍ସଳ ଦୀନବାନ୍ଧବ;
ଧରମ ରକ୍ଷଣେ ଏ ଜନତାର
ଧର ନାନା ରୂପ ଯୁଗାବତାର ହେ

---

(୧) ଛକାପଞ୍ଝା—ସତର୍କତା । (୨) ଥକାମରା—ଅବଶ, ବ୍ୟତିବ୍ୟସ୍ତ । (୩) ବକାର—ଶ୍ରୀକୃଷ୍ଣ । ପୁରୀ ମନ୍ଦିରର ଦାରୁମୂର୍ତ୍ତି ଶ୍ରୀକୃଷ୍ଣଙ୍କର ଚିତାଗ୍ନି-ଦଗ୍ଧ ପିଣ୍ଡରେ ନୀଳମାଧବ ରୂପ ଗଢ଼ା ହୋଇଥିବା ପୁରାଣପ୍ରସିଦ୍ଧ । (୪) ଅକାମୀ—ଅକର୍ମଣ୍ୟ ଅଳସୁଆ, କାମନାହୀନ ଅର୍ଥାତ୍ ନିଷ୍କାମ ଭକ୍ତ । (୫) ଚକାସନ—ପୁରୀ ମନ୍ଦିରର ଚକାବଇଠି ସିଂହାସନ । (୬) ଜକା—କୃପଣ । ଭକା—ଭେଲକା, ବିହ୍ୱଳ ।

ଚରଣ ସ୍ଥାପି ମର୍ତ୍ତ୍ୟରେ
ନରହରି ରୂପ ଦରପୀଙ୍କ ଦର୍ପ
ହରଣ କଲ ସତ୍ୟରେ ।

[ ୨ ]

କାମକୁଳ ନାଶି ସତ୍ୟ ରସରେ,
ରାମ ଅବତାର ନେଲ ତ୍ରେତାରେ;
ତାମରସ ପଦେ ଅହଲ୍ୟା ତାରି,
ତା' ମନ ତୋଷିଲ କୋଦଣ୍ଡଧାରି ହେ,
କାମଦ ପ୍ରେମ ଉଦାରି ହେ,
ନାମ ଭଜି ତବ ଧାମରେ ଏ ଭବ
ଧାମରୁ ହେଲେ ଉଦ୍ଧାର ।

[ ୩ ]

ଦୁଆପରେ ଜନ୍ମି ମଧୁ ନବରେ,
ଥୁଆ ହେଲ ବଢ଼ି- ବାଲୁ ଗୋପରେ;
ନୂଆ ନଟ ସାଜି ନିକୁଞ୍ଜ ବନେ,
ଗୁଆଳୀ ମୋହିଲ ମୁରଲୀ ସ୍ୱନେ ହେ;
ଚୂଆ ଚନ୍ଦନ ରସିକ,
ଶୁଆ ଅଣ୍ଟ ଭୁଲ ନୁଆଁଇଲ କୁଳ-
(୧) ଭୁଆସୁଣୀ ଠେକ-ଶିକ !

[ ୪ ]

କଳିତ ମୂରତି ମହାତ୍ମା ଗାନ୍ଧି,
ହଳିଆ ମୂଲିଆ ଦୁଃଖରେ କାନ୍ଦି;
ଉଳି ସଦା ଦେଶ- ସେବା ଭକ୍ତିରେ,
ଦଳିଲ ହିଂସାକୁ କଳିର ଶିରେ ହେ;
ଟଳିଯାଉ ପାପଭାର,
ନଳିନ ଚରଣେ ମଳିନ ପରାଣେ
ଅଳି କରେ ବାରବାର !

---

(୧) ଶିକ—ଦୀର୍ଘ ଲୌହ ଶଳାକା ।

## ଗୁପ୍ତ ଭୋଟ

( ରାଗ—କୌଶିକ )

ଭାଇ ଭୋଟର, ଗୁପ୍ତ ଭୋଟ ଦେଇ ନ ଯା'ରେ;
କ୍ଷମତାଭିଳାଷୀ ପଦବୀଲାଳସୀ
ଦେଲେ ହେଲେ ତତେ ହଜାରେ । ଘୋଷା ।

ମତବାଦ ଚିହ୍ନ ଘେନ ଭିନ୍ନ ଭିନ୍ନ—
ରଙ୍ଗେ ରଞ୍ଜିତ ଯା' ଧ୍ୱଜା ରେ,
ସେ କେମନ୍ତେ ଜାତୀୟ- ଏକତାର ପ୍ରିୟ ?
ତା ଫାନ୍ଦେ ବୁଦ୍ଧି ନ ହଜା ରେ !

ଗୁପ୍ତ ଭୋଟେ ଜିତି- ବାଲୁ ଯା ପ୍ରତୀତ
କୂଟନୀତି ତହିଁ ଖଞ୍ଜା ରେ;
ଭୋଟପ୍ରାର୍ଥୀ ହୋଇ- ଯାଚିବକ କେହି
ଟଙ୍କାହୀନ ଦୀନ ପ୍ରଜା ରେ ?

ନୁହେ ଦେଶସେବୀ ତଥାପି ମୋ ଦାବୀ
ଖେଳା ଯେଣୁ କଳାବଜାରେ,
ଜିଣିଯିବ ଭୋଟେ ଭୋଟ କିଣି ନୋଟେ
ପ୍ରଚୁରକ ମୋ ଭଣଜା ରେ !

ସତ୍ୟ-ଅହିଂସାର ରକତେ ଯାହାର
ଗଢ଼ା ହୋଇଛି କଳିଜା ରେ,
ସ୍ଥିର ପଦ ପାଇଁ ସେ' କି ହେବ ଭାଇ
ଭୋଟଗଢ଼ା-ନାଟ-ରଜା ରେ ?

ବଚନ ଦୁନିଆଁ କା'ର ପେଟେ ନିଆଁ
ଦହୁଛି ଜୀବନ-ଗଜା ରେ,
ପାଇ କେ' ବେତନ କରୁଛି ନର୍ତ୍ତନ
ଖଜାଞ୍ଚିଆ ବାବୁ ମଜାରେ ।

ଥାଉ ତୋ ଯୋଗ୍ୟତା କର୍ମ ତତ୍‌ପରତା
ଟଙ୍କା ଯଦି ନାହିଁ ଲଙ୍କା ରେ,
ନଥିଲେ ବି' ପଡ଼ି ପାରିବ ମୁଁ ଲଢ଼ି
ଶୋଇଥାଇ ଟଙ୍କା-ଶଯ୍ୟାରେ ।

କା' ସଙ୍ଗେ ଲଢ଼ିବା ଆସନେ ଚଢ଼ିବା
ଦମ୍ଭ ଥିଲେ ଟଙ୍କା-ବଜାରେ,
ଆଜି ତୁ ଭେଟର, କାଲି ତୋ ମଠର
ଲାଗିବ ଲାଠ ଦରଜାରେ ।

## ଆରାଧ୍ୟ ଦେବତା

ହୃଦ ମନ୍ଦିରର ଆରାଧ୍ୟ ଦେବତା
ଆରାଧିବି ପଦ କେଉଁ ଉପାୟନେ ?
ତୁମ୍ଭ ବିନୁ ସାର ବସ୍ତୁ ଏ ଅସାର-
ସଂସାରେ ନଦିଶେ ମୋ ଜ୍ଞାନ-ନୟନେ । ଘୋଷା ।

ଦେହଧାରୀ ଦେବ ହୋଇଥାନ୍ତ ଯେବେ
ଅର୍ଚ୍ଚିଥାନ୍ତି ବାସ-କୁସୁମ-ଚନ୍ଦନେ,
ଅବା ସରପୁଲି ମିଷ୍ଟାନ୍ନ କଦଳୀ
ଶ୍ରୀଫଳାଦି ନଇବେଦ୍ୟ ନିବେଦନେ ।

ହେ ଚିନ୍ମୟ ତବ ପ୍ରତିନିଧି ରୂପେ
ଜଡ଼ ମୂର୍ତ୍ତିଟିଏ ସ୍ଥାପି ମୋ ସଦନେ,
ତୁମ୍ଭର ଭକତି- ବ୍ୟାଜରେ ଦୁର୍ମତି
ଆଚରିବି ଲାଜ ନାହିଁ କି ବଦନେ ?

କର୍ମମୟ ହରି, କେବଳ ତୁମ୍ଭର
ପାପତାପହାରି ନାମାଦି ଭଜନେ;
ଲୋକହିତ କର୍ମ ନକରି ମୁଁ କ୍ଷମ
ହୋଇ ପାରିବି କି ପୁଣ୍ୟ ଅରଜନେ ?

ହେ ସରବବ୍ୟାପି, ମୁଁ ତ' ମହାପାପୀ
ମରିବି ଯଦ୍ୟପି ତୀର୍ଥ ପର୍ଯ୍ୟଟନେ;
ଚିତ୍ରଗୁପ୍ତର ପଞ୍ଜିକା-ପତ୍ରର
ଚିରିବକି ମୋର ପାତକ ମେଣ୍ଟନେ ?

ଅନ୍ତର୍ଯ୍ୟାମୀ ନାଥ ସବୁ ଜାଣୁଛ ତ'
ଯା ଅଛି ପଦାର୍ଥ ମୋ ହୃଦ-ଭବନେ;
ସେ' ସକଳ ସହ ସମର୍ପି ହୃଦୟ
ପ୍ରଣତ ହେଉଛି ଏ ଦୀନ ଜୀବନେ ।

---

## ଦୀନବାନ୍ଧବ

(ରାଗ—ଶୋକ କାମୋଦୀ)

ଦୀନବାନ୍ଧବ ହେ, ଦୀନ ଜନେ ମୋତେ ଘେନ ଜଣେ;
ବିନତାଜପତି, ଦୀନତା ଦୁର୍ଗତି
ଅର୍ପୁଥିବି ନିତି ଶ୍ରୀଚରଣେ । ଘୋଷା ।

ସୁଦାମା ଦରିଦ୍ର ଆଣି ପୋଷେ ଖୁଦ
ବନ୍ଧୁ ଭେଟି ଦେଇଥିବା ଶୁଣେ,
ସେତିକରେ ତାଙ୍କ ହେ ରମାନାୟକ
ବଢ଼ାଇଲ ଟେକ କୋଟି ଗୁଣେ ।

ଗରିବ ବିଦୁର ବନ୍ଧୁ ସତ୍କାର
କରିଥିଲେ ଶାଗ ପେଜ ଲୁଣେ,
ମାଗି ମାଗି ବୋଲି କୃପା ଦେଲ ଢାଳି
ବନ୍ଧା ଥିଲ ଭଲ ବନ୍ଧୁ-ଋଣେ ।

ଅନାଇ ସ୍ଥବିର ଅବସ୍ଥା କବିର
ବସନ ଦିଖଣ୍ଡ ଦେବା ଜାଣେ,
ନିଜେ ବହି ଭାର ବିଭବେ ତା' ଘର
ଭରିଦେଲ ଗିରି ପରିମାଣେ ।

ଶବର ଯୁବତୀ ଯେନ ନିଜ ବୃତ୍ତି
ବୁଲୁଥିଲା ପ୍ରତିଦିନ ବନେ,
ତବ କରେ କୋଳ ଦେବାରୁ ସେ ତୋଳ
ଘଷିଲେ ତା' ପଦ ଦାସୀଗଣେ ।

କୁରୂପା କୁବୁଜା ତେଜି ଭୟ ଲଜ୍ଜା
ଶ୍ରୀଅଙ୍ଗ ଚନ୍ଦନ ଅରପଣେ,
କୁରୂପା ଈକ୍ଷଣେ ଗୁହ୍ନିଁଦେଲ କ୍ଷଣେ
ଝଲିଲା ତା' ରୂପ ଦରପଣେ ।

ସେପରି ନିର୍ମାକ୍ଷୀ ଆଉ କେତେ ଦୁଃଖୀ
ଦୁଃଖୀମାନଙ୍କ ପ୍ରେମ ଆଚରଣେ,
ଦୁଃଖରାଶି ହରି ନଥିବ କି ହରି
କରୁଣା-ଲହରୀ ପ୍ରସାରଣେ ।

---

## ଜାତୀୟ-ପତାକା

(ରାଗ—ରାମକେରୀ)

—ଚତୁର୍ଥ ସୋପାନ—

ଏହି ମୋ ଜାତିର ପତାକା ଦେଶ ଉଦ୍ଧାରକାରୀ,
ଦୁଃଖଶୋକହାରୀ 'ଅଶୋକ ଚକ୍ର' ତ୍ରିରଙ୍ଗଧାରୀ ।
ବୀରଗର୍ବେ ମାତି ଦେଖାଇ ଛାତି ଏହାରି ତଳେ,
ଦେଶପାଇଁ କେତେ ସହୀଦ ହୋଇ ସରଗ ଗଲେ ।
ଏହାରି ତଳେ ମୋ ଭାରତ ଜନନୀର ଲୋତକ,
ଝରି ଝରି ଆଜି ସରିଛି କଟିଛି ଦୁଃଖ ପାତକ ।
ଏହାରି ତଳେ ମୁଁ ପାଇଛି ଆଜି ପ୍ରଜା ଗରବ,
ମଲେ ସିନା ଭୁଲି ପାରିବ ଜାତି-ଧଜା-ଗୌରବ ।
ଜନମଭୂମିକି ସରଗ ସଙ୍ଗେ ତୁଳନା କରି,
କହନ୍ତି ଯା ଲୋକେ ଭାବୁଛି ତାହା ଭରମ ପରି;
ସରଗ ରାଇଜେ ତେତିଶ କୋଟି ପ୍ରଜା ଉପରେ,
ଦେବ ଆସନରେ ଥିଲେହେଁ ଇନ୍ଦ୍ର ଶାସନ କରେ ।

ତେତିଶ କୋଟିରୁ ଅଧିକ ଆଜ ଭାରତ ପ୍ରଜା;
ସଭିଙ୍କି ସ୍ୱାଧୀନ କରିଛୁ ମୋର ତିରଙ୍ଗ ଧ୍ୱଜା ।
ଏଥିରୁ ଆଉ କି ଅଧିକ ଲୋଡ଼ା ସୁଖ ଆନନ୍ଦ ?
ଆଉ ତା' ସରଗେ ଇନ୍ଦ୍ରର ହାତୀ ଘୋଡ଼ା ସମ୍ପଦ ।

## ନୂଆ କାରିଗର

( ରାଗ—ଘଣ୍ଟାରବ )

—ଚତୁର୍ଥ ସୋପାନ—

( ୧ )

ହାତ ଦେଇଛନ୍ତି ହରି,
ଜୀବନ ଅଛି ମୋହରି;
କାହିଁକି ଦେଖାଇ ନ ପାରିବ ଭାଇ
ମୋ ନଜର କାରିଗରି ?

( ୨ )

ମହୁମାଛି କେଡ଼େ ସାନ
ଯେଉଁ ମହୁଫେଣାମାନ
ଗଢ଼େ କଉଶଳେ କାରିଗରି ବଳେ
ତା' ସଙ୍ଗେ କିଏ ସମାନ ?

( ୩ )

ବାୟା ଚଢ଼େଇକି ଦେଖ,
ନୁହେ ଅଳସ ନିରେଖ;
କେଡ଼େ ଯତନରେ ତା ବସାଟି କରେ
ଫୁଟେ ଯହିଁ ଜାତ ଟେକ ।

( ୪ )

ହୁଷ୍ଟିହିଅ ଉଇହଳେ,
ଜାତିଯୁ ଏକତା ବଳେ
ତୋଳି ମାଟି ଘର ଦେଖାନ୍ତି; ସୁନ୍ଦର
ହତେ ସବୁ କଉଶଳେ ।

( ୫ )

ମଲ୍ଲୀ ଚମ୍ପା ଛୁଆଁଅନା
ମାଳାଟି କଲେ ରଚନା,
ଥିଲେ କଉଶଳ ଦିଶିବ ସୁଢ଼ଳ
କାରିଗରର ସାଧନା !

( ୬ )

ଜଗତରେ ଏହିପରି,
ଭରିଅଛି କାରିଗରି;
ମନେ ବା ବଚନେ ଶାସ୍ତ୍ରଶସ୍ତ୍ର ସାଧନେ
ଯାଉଛି ସେଥି ଯାତ୍ରା କରି ।

( ୭ )

ଦୁନିଆ ହିଂସାର ଘର
ତା' ଭିତରେ ଯେଉଁ ନର,
ଦେଖାଇ ଅହିଂସା ପାଏ ପରଶଂସା
ସେ' ତ ନୂଆ କାରିଗର !

## ଶୁଆ ଓ କୁଆ

—ଦ୍ୱିତୀୟ ସୋପାନ—

ସାଧବ ପୁଅକୁ ଶୁଆ ଦେଉଥିଲା ଡାକ,
ସହି ନ ପାରି ତା' ସଙ୍ଗେ କଲା କଲା କାକ ।
ଶୁ—ପିଞ୍ଜରା ଭିତରେ ବସେ ଉଡ଼େ ଝୁଲି ଝୁଲି
କୁ—ମୋ ଗୋଡ଼େ ତ ଲଗିନାହିଁ ଲୁହାର ଶିକୁଳି !
ଶୁ—ଦିଅନ୍ତି ପେଡ଼ା କଦଳୀ ଡାଲି ଭାତ ଖାଏ
କୁ—ତାହା ଖାଏ, ପରିଶ୍ରମ କରି ଯାହା ପାଏଁ ।
ଶୁ—ଥରେ ଥରେ ପିଇବାକୁ ମିଳେ ମୋତେ କ୍ଷୀର
କୁ—ଶୋଷ କଲେ ମୋ ଇଚ୍ଛାରେ ପିଏ ଭଲ ନୀର ।
ଶୁ—ଶିଖି ସାରିଲିଣି ବୋଲିବାକୁ 'ଚକ୍ରଧର'
କୁ—ମାତୃଭାଷା ଛାଡ଼ି ଆନେ ନଫିଟାଏ ସ୍ୱର ।

ଶୁ—ବଳେଇ ଦୁଷ୍ଟଙ୍କୁ ଦେଖି ହୁଏ ମୁଁ କାତର
କୁ—ବାଘ ଭାଲୁ ଦେଖିଲେ ବି ନାହିଁ ମୋ ଖାତର ।
ଶୁ—ସୁଖ ସୁବିଧାରେ ଅଛି ମୋ ପ୍ରଭୁ ଭବନେ
କୁ—କିଛି ଦୁଃଖ ନାହିଁ ମୋର ସ୍ୱାଧୀନ ଜୀବନେ ।
ଶୁ—ରାମ-ନାମ ଭଜ ଭବ-ଜଳୁ ଯିବ ତରି
କୁ—କାମ ମୋର ନୁହେ ନାମ-ଭଜନା-ଗୃହକରି ।
ଶୁ—ପ୍ରଶଂସା କରନ୍ତି ଲୋକେ ମୋ ରୂପକୁ ଚାହିଁ
କୁ—ସେ ଲୋକଙ୍କୁ ଚେତାଏ ମୁଁ ରାତି ଗଲେ ପାହି ।
ଶୁ—ପଳା ଯା' ମୂରୁଖ କିଏ ଆଦରିବ ତତେ ?
କୁ—ତୋ ପାଠର ମୂଲ୍ୟ କାହିଁ ସ୍ୱାଧୀନ-ଜଗତେ ?
'ଶୁଆ ଓ କୁଆ' ଗୀତଟି ଆଉଥରେ ଗାଅ ।
କହ ତ ପିଲାଏ ତୁମେ କା'କୁ ଭଲ ପାଅ ?

## ଅନୁଭୂତି

—ଭୃଙ୍ଗସ୍ତୁ ସୋପାନ—

କଇଁଫୁଲ ଦଳେ ଧଳା ଲୋ ଭଉଣି
କାଇଁଚର ଅଧା କଳା,
କହୁ ପାରିବ କି ମନ୍ଦାରକୁ କିଏ
ଲାଲ ଟହ ଟହ କଲା ?
କୋଇଲିକୁ ପୋଷେ କୁଆ ଲୋ ଭଉଣି
କେ' ବୁଦ୍ଧିଆ କେ' ଭକୁଆ,
କାହିଁକି କୁକୁଡ଼ା ମାଈକି ଦଇବ
ଦେଇଛି ଗୁଡ଼ିଏ ଛୁଆ ?
କେଉଁ ରସେ ନାହିଁ ଫଳ ଲୋ ଭଉଣି
କପରି ଲାଗେ ଖଜୁରି,
ନମ୍ବ କଫାଁ ଲଙ୍କା କେ ଚାଖିଛି କହ
ସୁଆଦ କିପରି କେନ୍ଦୁରି ?
କଆଁଫୁଲ ଯଦି ଫୁଟେ ଲୋ ଭଉଣି
ଚଉଦିଗ ବାସିଉଠେ,

କାହାର କହର ପାଇଲେ ଭଅଁର
ପୋଖରୀ ଆଡ଼କୁ ଛୁଟେଁ ?
କଏ କାନ୍ଦେ କେଉଁ କେଉଁ କଲୋ ଉଜୁଣି
କାହାର ସନ୍ତୁଳା ଚେଏଁ,
କେତୋଟି ତା' ଗୋଡ଼ ଆଖି କାନ କେତେ
ସିଏ କରେ ମେଏଁ ମେଏଁ ?
କାର୍ତ୍ତିକ ମାସ ଶୀତ କଲୋ ଉଜୁଣି
କା' ଦେହକୁ ଲାଗେ ହିତ,
କେଉଁ ମାସେ କହ ଶୀତଳ ପବନ
ଲେଡ଼ା କରେ ଆମ ଚିତ୍ତ ?

---

## କର୍ମଚିନ୍ତା

( ରାଗ—କାଳୀ )

—ଦ୍ୱିତୀୟ ସୋପାନ—

କାଳିଆ କହେ ବଡ଼ ହେଲେ ମୁଁ
ଶିଖିବି କାଠ କାମ,
ଖଟ, କବାଟ, ସିନ୍ଦୁକ ଟ୍ରୋଙ୍କ୍
ରଖିବି ନିଜ ନାମ ।
ଗୋପାଳ ବୋଲେ ପଢ଼ି ସାରିଲେ
ଲଗାଇବ ଦେବି ହାତ,
ଘିଅ ଗୋରସେ ନାନା କନ୍ଦେ
ଖାଇବି ଡାଲି ଭାତ ।
ଜଦୁଆଁ ଭେଇ କହିଲା ମୁହିଁ
ଲୁଗା ବୁଣିବି ପିଲେ,
ତଣାର ଟାଣ ରହିଲା କ'ଣ
କପଡ଼ା କଣ୍ଟୁଥିଲେ ।
ଛୋଟୁ କହିଲା ଏଇ କଥାଟି
କହେ କି' ମୋର ବାପା,

ଜନ୍ମିରେ ମୋର ଧରିବେ କାୟ
ଆଗେ ରୋପିବି କପା ।
ଚୁଙ୍ଗୁଡ଼ୁ ବୋଲେ ଉତ୍କଳ
ହେବି ମୁଁ ଡାକତର,
ନଜର ଖାଇ ବେମାରି
କରିବି ଗରବର ।
ଟିନୁ ବୋଇଲା କବି ହେବାକୁ
ବଳୁଛି ମୋର ଚିତ୍ତ,
ଠାକୁର ବୋଲେ ନାଚି ନାଚି ମୁ
ଗାଇବି ଭଲ ଗୀତ ।

---

## * କବିବର ସ୍ୱର୍ଗତ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋପଲକ୍ଷେ

ତା ୭-୪-୧୯୪୦

(୧)

ଉତ୍କଳ-ସାହିତ୍ୟାକାଶ ଶ୍ରାବଣୀ ପୂର୍ଣ୍ଣିମା
ଦାରିଦ୍ର୍ୟ-ଜଳଦାଚ୍ଛନ୍ନ-କବି-କଳାକର,
ନଷ୍ଟରୁଛି କାହିଁ କାବ୍ୟ-ସୁଧା-ମଧୁରିମା ?
କବି-ସୁଧାଂଶୁଶେଖର, ଦେବ ଗଙ୍ଗାଧର !
ଭାରତୀନନ୍ଦନ, ଭାବ-ଭୁବନ-ବିଳାସି,
ବନ୍ଦ କଲ କାହିଁ ପଦ-ବଲ୍ଲକୀ ଝଙ୍କାର ?
କବି ମିହିର, 'ପଦ୍ମିନୀ' ଛବି ନ ବିକାଶି
କେଉଁ ଅଜଣା ରାଇଜେ କରୁଛ ବିହାର ?
ଉତ୍କଳ ଦୁର୍ଭାଗ୍ୟ ଏବେ ହେଲା ସମାପ୍ତ
(୧)ତୁମପ୍ରତି ଲେଖିଥିଲେ ଯାହା ରାଧାନାଥ ।

---

* ବରଗଡ଼ ଜର୍ଜ ହାଇସ୍କୁଲରୁ ପ୍ରକାଶିତ ।

(୧) ମେହେର କବିଙ୍କ 'କୀଚକ ବଧ' କାବ୍ୟର ମନ୍ତବ୍ୟରେ କବିଗୁରୁ ରାୟ ରାଧାନାଥ ରାୟ ବାହାଦୁର ମହୋଦୟ ମର୍ମସ୍ପର୍ଶୀ ଭାଷାରେ ଲେଖିଅଛନ୍ତି "............... ଗଙ୍ଗାଧରଙ୍କ ଦୁର୍ଭାଗ୍ୟ, ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଅଛନ୍ତି ।"

(୨)

ହୀରାଖଣ୍ଡ-ହୀରକ, ହେ ଉତ୍କଳ-ମାଣିକ୍ୟ,
ଯେଉଁ ପ୍ରତିଭା-ପ୍ରଦୀପ୍ତି ବିକିରନ୍ତୁ ତବ,
କନ୍ଧ ରାଇଜରେ କାହିଁ ଜହ୍ଲରୀ ବଣିକ ?
ବୁଝିବ ତା' ଯଥୋଚିତ ମୂଲ୍ୟ ଗଉରବ !
ଯେଉଁ ଦେଶେ ହୀରା ଖୀରା ଏକ ବିବେଚିତ
ଦୋଷେ କ୍ଷମା ନାହିଁ, ଗୁଣେ ନାହିଁ ପୁରସ୍କାର;
ପ୍ରତ୍ନପଦ ଅନ୍ତରାଳେ ରତ୍ନ ଲୁକ୍‌କାୟିତ,
କୃତ୍ରିମ ବସ୍ତୁ ବାହାରିଥାଏ ଘର ଘର ।
ରଚନା ନୁହଇ ଯାହା ରଚକ-ଲାଞ୍ଛନା
ସାହିତ୍ୟ-ଅର୍ଚ୍ଚନା ନାମେ ଆହିତ୍ୟ-ବଞ୍ଚନା ।

(୩)

କବିମଣି, ଦେଖୁଛ କି ଜନନୀ ଅବସ୍ଥା
ଦେବ-କଳେବରେ ଥାଇ ଅମର ମାର୍ଗରେ ?
ଚେକି ପାରୁନାହିଁ ଆଉ ଅଳଂକୃତ ମଥା;
(୧) କାଙ୍ଗାଳନୀ ପରି କାନ୍ଦେ ବଙ୍ଗାଳୀ-ରାଗରେ ।
ମାନୁଷୀ ସ୍ନେହ ମମତା ଥାଏ ଯଦି ସ୍ୱର୍ଗେ
ଆମ୍ଭ ଲାଗି ମାଗିଆଣ ଦେବ ଅନୁଗ୍ରହ;
ତ୍ୟାଗପ୍ରାଣ, ପ୍ରାପ୍ୟ ଥିଲେ ତ୍ୟାଗି ଅପବର୍ଗେ,
ଉତ୍କଳଜନନୀ କୋଳେ ପୁନର୍ଜନ୍ମ ଗ୍ରହ ।
(୨) ଭୁଲିବି କି ଶ୍ରୀହସ୍ତେ ଯା' ଲେଖିଅଛ ଯାଇ,
ଉଚ୍ଚତର ଉଚ୍ଚ ସ୍ୱର୍ଗ-ଉଚ୍ଚାସନେ ଥାଇ !

---

(୧) କାଙ୍ଗାଳନୀ—ଦୀନାହୀନା ଭିକାରିଣୀ । ବଙ୍ଗାଳୀ—ବଙ୍ଗରୂପିଣୀ ସଖୀ । ରାଗ—ଛନ୍ଦ, ସ୍ୱର ।

(୨) ତଳୁ ଉପରକୁ ଉଠିଥିବା ଲୋକ ଜାଣିଥାଏ ତଳ କଥା,
ଉଚ୍ଚାସନେ ଥାଇ ଯତ୍ନ କରିଥାଏ ହରିବାକୁ ତଳ ବ୍ୟଥା ।
—ପ୍ରଣୟବଲ୍ଲରୀ, ପୃ ୮୫ ଶ୍ଳୋ ।

## ଶ୍ରଦ୍ଧାଞ୍ଜଳି ✝

(୧୭-୩-୧୯୪୨)

( ରାଗ—ରାମକେଶୀ )

(୧) ତମ ନୁହଇ ଏ ଶମନ ବଡ଼ ଚଇତ ଅମା
ଆସିଲା ବନେ ଯେ ଗ୍ରାସିଲା କବିକୁଳ-ଚନ୍ଦ୍ରମା ।
(୨) 'ଉତକଳ-ମା'ର ଲୋତକ ଧାର ଝରେ ଯା' ପାଇଁ
'ଭାରତୀ-ଭବନା' ଆରତିଧାରୀ ଆଜ ସେ କାହିଁ ?
'ପଦ୍ମମା' ସତୀଙ୍କି ଛଦ୍ମମା ବେଶେ ଶମ୍ଭୁ ଶିବିରେ
ପଶାଇବ କିଏ ହସାଇ ଆଉ ଭାରତୀବାରେ ?
'ରସରତ୍ନାକର' ରସର ଯେଉଁ ପ୍ରଥମ ଧାର
ବହିଛି ଏ ଯାଏ ରହିଛି କିଏ ଆଶ୍ରି ଅନ୍ଧାର ?
ଆଉ କି ସାହିତ୍ୟ ସଉକ ବଢ଼ାଇବ ସମସ୍ତ
ହଟିବ ଜଡ଼ତା ଘଟିବ ବାଣୀଲୀଳା ଉଦୟ ?
ସମ୍ବଲପୁରର ସମ୍ବଲ ହେବ ସାହିତ୍ୟସେବା
ଅରସିକ ଯୁଗେ ଭରସି କହି ପାରିବ କେ' ବା ?
ହେଲାଣି କବିଙ୍କ ମେଳାଣି ନେବା ବର୍ଷ ଅଠର,
✻ ପରତିଭା-ପୂଜାବରତୀ କାହିଁ କବିପୀଠର ?
ବଚନାଡ଼ମ୍ବର ରଚନା ଖାଲି ନଦିଏ ଫଳ
କରମ ସାଧନେ ପରମ ପ୍ରୀତି ଦେବେ କେବଳ ।
(୩) ଦେବକବି ଗୁରୁଦେବଙ୍କ ପ୍ରତି ଏ 'ଶ୍ରଦ୍ଧାଞ୍ଜଳି'
ବ୍ୟକତିରେ ସୁଦ୍ଧା ଭକତି-ଶ୍ରଦ୍ଧା କାହିଁ ଟିସେଭଳି ।

---

✝ ବରଗଡ଼ ଜର୍ଜ ହାଇସ୍କୁଲରୁ ପ୍ରକାଶିତ ।
(୧) ତମ—ଅନ୍ଧକାର, ରାହୁ । ଶମନ—ଯମ । ଅମା—ଅମାବାସ୍ୟା ।
(୨) ମା—ଲକ୍ଷ୍ମୀ ।
✻ କବିପୀଠ—ଉତ୍କଳ ପ୍ରଦେଶ ।
(୩) ଦେବକବି—ସ୍ୱର୍ଗୀୟ ଗଙ୍ଗାଧର ମେହେର ।

# ଉତ୍କଳଭାରତୀଙ୍କ ଖେଦୋକ୍ତି

(କବିଙ୍କ ସମାଧିପୀଠରେ—ତା ୪-୪-୧୯୪୩ ରବିବାର)

(ରାଗ—ମାଳଶ୍ରୀ ଚନ୍ଦ୍ରପଟ)

(୧) ରେ ଚଇତ ଅମା କହ ପ୍ରତି ସମା
ମୋ ପାଖେ ଆସୁ କାହିଁକି ରେ ?
ପୁତ୍ର ଶୋକ ସ୍ରୋତେ ଠେଲିଦେଇ ମୋତେ
ରୋଷ ତୋ ଯାଇ ନାହିଁ କି ରେ ?
ଆଜ ତୋର ଆଗମନେ,
ହୃଦବେଦନା ବଢ଼େ ସଘନେ ରେ । ୧ ।

ଯେଉଁ ଫୁଲଫଳ ଦେଉ ସେ ସକଳ
ଗରଳ ପରିଏ ମଣେ ରେ,
କୋକିଳ କୂଜନ ମଧୁପ ଗୁଞ୍ଜନ
କର୍ଣ୍ଣଶୂଳ ମୋ ଶ୍ରବଣେ ରେ;
ତୋର ମଳୟ ପବନ,
ତାପ ଦେଉଛି ଯେସନେ ଜ୍ୱଳନ ରେ । ୨ ।

ମଳୟର ଆଗେ ଦେଖାଇ ସରାଗେ
'ଆମ୍ବ ବଉଳର କଷି' ରେ,
ତୋଳ 'ଅର୍ଘ୍ୟଥାଳୀ' ମୋ ହୃଦ ସଙ୍ଖାଳି
ଗାଇଥିଲା ହସି ହସି ରେ;
ତାହା ଭୁଲିବି କେମନ୍ତେ,
ସ୍ମୃତି ଚେତାଇଦିଏ ତ' ମତେ ରେ । ୩ ।

ପୁଷ୍ପେ ଯେଉଁ ମଧୁ ଆଣିଛୁ ରେ ମଧୁ
ତା' ମାଧୁରୀ ଭରି ପଦେ ରେ,
ତହିଁ ସୁଧା ବୋଲି 'ସୁଧାକଣ' ବୋଲି
ଅର୍ପିଛି ସେ' ମୋର ପଦେ ରେ;

(୧) ସମା—ବର୍ଷ ।

ତାହା ହେବ କି ବିସ୍ମର,
ଥିବାଯାଏ 'ପ୍ରଣୟ-ବଲ୍ଲରୀ' ରେ । ୪ ।

ମୋର ଗଙ୍ଗାଧର 'କୀଚକବଧ'ର
ବର୍ଣ୍ଣିତ 'ମଙ୍ଗଳବାର' ରେ,
ପଡ଼ିଯାଏ ମନେ ଦେଖି ତୋ ଅଙ୍ଗନେ
'କିଂଶୁକ' 'ମଧୁକ' 'ଗୁରୁ' ରେ;
ଆଜି କାହିଁ ସେ ମୋ କବି,
ସ୍ମୃତିପଟେ ନାଚୁଛି ତା' ଛବି ରେ ! । ୫ ।

(୧) ନବ୍ୟଯୁଗ କବି- ଶିରୋମଣି ରବି
ଗାଇଯାଇଛି ଯା' ନାମ ରେ,
ଯାର 'ଭକ୍ତ' ପଦେ ବିଶ୍ୱପତି ପଦେ
ପ୍ରାର୍ଥୀ ଆଜି ସେବାଗ୍ରାମ ରେ;
ତାକୁ ନେଇ ତୁ ଚଇତ
କାହା କୋଳ କରୁଛୁ ପବିତ ରେ ? । ୬ ।

ଊନବିଂଶ ବର୍ଷ ହେଲାଣି ବିମର୍ଷ-
ପ୍ରାଣା ମୁଁ ଏକା ତା' ବିନା ରେ,
ମରମେ ମରମେ ସହୁଛି ସରମେ
ଭାଗ୍ୟଦୋଷ ଏହା ସିନା ରେ;
ଯା' ଯା' ଚଇତ ଉଆଁସ,
ପ୍ରାଣେ ଆଉ ନଦିଅ ପରସ ରେ ! । ୭ ।

---

## ବିଜୟପୁରର ଛବି *

( ରାଗ—ରସକୁଲ୍ୟା )

ବିଜୟପୁରରେ ଆଜି ମନୋରମ ବେଶ ସାଜି
ହସୁଛି ଶ୍ରୀମୁଖ ମାଜି ପ୍ରକୃତି ଦେବୀ,

---

(୧) କବୀନ୍ଦ୍ର ରବୀନ୍ଦ୍ରନାଥ ଠାକୁର ।
* ତା ୨୪-୮-୪୨ ଇସ୍ୱୀ, ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ସୋମବାର ।

(୧) ବିରାଜିତ ବାଇଶିର        ପ୍ରଜା, ଗଉନ୍ତିଆ, ଚିର-
ଆଶ୍ରିତାଦି ଗୁଣୀ, ଧୀର, ସାହିତ୍ୟସେବୀ;
ବିଲୋକିବା ପାଇଁ ଏ ଛବି,
ବିମୁଗ୍ଧ ଦର୍ଶକେ, ଜନାକାଂକ୍ଷି ପଦବୀ । ୧ ।

ବିବେକବନ୍ତ ଶ୍ରୀରଙ୍କ-        ମଣି ଗୁଣୀ-ଗୁଣରଙ୍କ
ଗଡ଼ତିଆବଂଶ-ପଙ୍କ-ପ୍ରସୂତ ରବି,
ବିଘ୍ନ ଅଶାନ୍ତି ପ୍ରଶମି        ପ୍ରଜାକୁଳ ଚିତ୍ତ ରମି
ଗ୍ରହିବେ ଆଜଠୁଁ 'ଜମିଦାର' ପଦବୀ;
ବିଶେଷେ ଏହା ଅନୁଭବି,
ବିଗ୍ରହ ଧାରଣୀ କିବା ରାଜଭାର୍ଗବୀ ! । ୨ ।

ବିପ୍ରକୁଳ ଆଶୀର୍ବାଦେ        ବାମା ହୁଳହୁଳି ନାଦେ
ଶୁଭ ଶଙ୍ଖ ଘଣ୍ଟ ବାଦ୍ୟେ ଉଲ୍ଲସେ ଉର୍ବୀ,
ବିଶୋଭିତ ସିଂହାସନ        ବର୍ଷୁଛି ଶୁଭ୍ର ସୁମନ
ହର୍ଷଜଳେ ଜନମନ ଯାଉଛି ଡୁବି;
ବିରଚକ ହୃଦୁଁ ସମ୍ଭବି,
ବିଚ୍ଛିନ୍ନ ଆଶା-ଲତିକା ଉଠେ ପଲ୍ଲବି । ୩ ।

ବିମଳ ସୁଯଶଧାର        ତୁମ୍ଭର ହେ ଜମିଦାର,
ରାଜ୍ୟରେ ହେଉ ପ୍ରସାର ଯେହ୍ନେ ଜାହ୍ନବୀ,
ବିବିଧ ସଦନୁଷ୍ଠାନ        ଗ୍ରାମେ ଗ୍ରାମେ ପାଉ ସ୍ଥାନ
ହେଉନ୍ତୁ ହତାଭିମାନ ଦୁଷ୍ଟ ଗରବୀ ।
ବିଳାସବ୍ୟସନେ ନ ପ୍ଲବି,
ବିଭୁଙ୍କ ଆଶିଷେ ହୁଅ ଦେବଗୌରବୀ । ୪ ।

---

(୧) ବିଜେପୁର ଜମିଦାରୀ ଅଞ୍ଚଳକୁ ଅନେକେ ବାଇଶି ଇଲକା କହନ୍ତି ।

## ଜମିଦାର ଜଣାଣ *

( ରାଗ—ଆଷାଢ଼ଶୁକ୍ଳ )

ହେଲି କି ଉଚିତ,
ଖେଳାଅ ଥରେ ଏଥିରେ ସୁଚିତ୍ତ ! । ଘୋଷା ।

( ୧ )

ନବ ଜମିଦାର ହେ ରଙ୍ଗମଣି,
† ସ୍ତବ ନୁହଇ ଏ କବନ ଧ୍ୱନି;
ଅବଲମ୍ବି ଯାହା ନେଲ ମେଲଣି,
ଖବର ତା' ରାଜ୍ୟେ ବ୍ୟାପିଗଲାଣି ।

( ୨ )

କବିତା-ପୁଷ୍ପର ମୂଲ୍ୟ ଉତ୍କଳେ,
ଦବିବାରୁ ଆଜ କବିଏ ଚଳେ;
(୧) ଅବିବେକେ ଦେବ ଯେ ମାଳାକାର,
(୨) ଅବି-ବେକେ ଦେବ- କୁସୁମହାର !

( ୩ )

ପରହାତେ ପରି- ସାଦ ପରିଏ
(୩) ପରସାଦ ତବ ହେଲି ପରି ଏ;
ମରକଟ ଗଳେ ହୀରକ ହାର,
ଅରପିଲ ସିନା ହେ ଜମିଦାର !

(୪)

ଜାଣି ନ ପାରିଲି ଫୁଟିଛି କାଶ,
ପାଣିଧାର ମଣି ଦେଲି ମୁଁ ଝାସ;

---

* ବିଜେପୁର ଜମିଦାର ସାହେବ ଶ୍ରୀଯୁକ୍ତ ରଙ୍ଗମଣି ଗଡ଼ତିଆଙ୍କ ନବାଭିଷେକୋତ୍ସବରେ ଯୋଗଦାନ କରିଥିବା କବି ପଣ୍ଡିତଙ୍କ ପ୍ରତି ଅଭ୍ୟର୍ଥନା ପ୍ରଦର୍ଶନରେ ନିଯୁକ୍ତ ପରିଚାଳକ ମହାଶୟଙ୍କର ଯେଉଁ ବ୍ୟାବହାରିକ ତ୍ରୁଟି ପରିଲକ୍ଷିତ ହୋଇଥିଲି, ତାହା ଘଟିତ ଜମିଦାର ସାହେବଙ୍କୁ ଜଣାଇଦେବା ଉପଲକ୍ଷେ ଉକ୍ତ କବିତାଟି ଲିଖିତ ।

† ସ୍ତବ—ଚାଟୁଭାଷା । କବନ—କବିତ୍ୱ ।

(୧) ଅବିବେକେ—ବିବେକ ଅଭାବରେ । (୨) ଅବି-ବେକେ—ଛେଳିଗଳାରେ ।
(୩) ପ୍ରସାଦ—ଅନୁଗ୍ରହ ।

ଆଣି ବୁଢ଼ିଆଣି- ଜାଲର ସୂତା,
ଟାଣିଲ ଗୁନ୍ଥିବ ମଣି ମୁକୁତା !

(୫)

ପଣା ପାଇବାର ଆଶା ବହ୍ନଲେ,
ଘଣାରେ ବାଉଁଶ ଜାକିଲ ବଳେ;
ଛଣା ମଧୁଚକ୍ରେ ନଦେଇ ଦୃଷ୍ଟି,
ତଣା ପିଞ୍ଚି ଧର ହେଲ ମୁଁ ଘୃଷ୍ଟି !

(୬)

କନକର ବର୍ଣ୍ଣ ଦେଖି ସୁମନେ
ଜନମିବ ସ୍ୱର୍ଣ୍ଣ ଭାବିଲ ମନେ;
ଛନଛନେ ଗଛ ପ୍ରଶଂସା ବକ,
ଝନଝନେ ତା'ର ଗଲ ଚମକ !

(୭)

କ ଗ୍ଭର ଜୀବନ ଧନ ଏ ଭବେ
ପିଗ୍ଭଇବା ଭ୍ରମ ନିଜ ଗୌରବେ;
ଇଚ୍ଛା ଯାହା ହେଉ ହେ ଦଣ୍ଡଧାରୀ,
ଶ୍ରୀମୁଖରେ ତେଣୁ କଲ ଗୁହାର !
ହେଲ କ ଉଚିତ,
ଖେଳାଅ ଥରେ ଏଥିରେ ସୁଚଉ !

---

## ଉଦ୍‌ଘାଟନ ସଙ୍ଗୀତ *

(ରାଗ—କଲ୍ୟାଣଆହାରି)

ଶିକ୍ଷାହିଁ ମାନବ- ଜୀବନ-ଗୌରବ
ଜୀବନ ଦାୟିତ୍ୱ ଶିକ୍ଷାରେ,

---

* ଉଦ୍‌ଘାଟନ ଓ ଉଦ୍‌ଯାପନ ସଙ୍ଗୀତଦ୍ୱୟ ସ୍କୁଲ ସବ୍‌ଇନ୍‌ସପେକ୍ଟର ମୋର ସାହିତ୍ୟିକ ବନ୍ଧୁ ସହୃଦୟ ଶ୍ରୀଯୁକ୍ତ କୀରମଣି ପଣ୍ଡା ମହାଶୟଙ୍କ ସାଗ୍ରହାନୁରୋଧ ରକ୍ଷା ସତ୍ତ୍ୱେ ୧୯୫୭ ମଇ ୧୫ ଓ ୧୬ ତାରିଖର ବଳେପୁର ସର୍କଲ ଶିକ୍ଷକ ସମ୍ମିଳନୀ ଉପଲକ୍ଷରେ ରଚିତ ହୋଇଥିଲା ।

ଶିକ୍ଷାର୍ଥୀ ସତତ ଥିବ ସୁପ୍ରସ୍ତୁତ
ଶିକ୍ଷାର ପ୍ରତି ପରୀକ୍ଷାରେ;
ସମୟ—ନିର୍ଦ୍ଦିଷ୍ଟତା ନାହିଁ ତାହାର,
ଆଦର୍ଶ ଶିକ୍ଷକ ଆତ୍ମ-ପରୀକ୍ଷକ
ଦେଖାଇ ଶିକ୍ଷା-ବ୍ୟବହାର ।

ସେହେତୁ ସମାଜ ରଖିଅଛୁ ଆଜ
'ପ୍ରାଥମିକ ଶିକ୍ଷା' ପଠନେ,
ପଠନ ଅଭ୍ୟାସ ବଢ଼ାଏ ପ୍ରୟାସ
ଶିକ୍ଷିତ ଜୀବନ ଗଠନେ;
ଦାସତ୍ୱେ—ଗଣ୍ୟ ନୁହେ ସୁଶିକ୍ଷକତା,
"କର୍ତ୍ତବ୍ୟର ଦାସ ଆମ୍ଭେ" ଏ ବିଶ୍ୱାସ
ଆଣୁ ଶିକ୍ଷକଙ୍କ ଏକତା ।

ପ୍ରଭୁଙ୍କ ଆଶିଷ ଲଭୁ ଜାତି ଦେଶ
ଦୀପ୍ତ ହେଉ ଶିକ୍ଷା-ଆଲୋକେ,
ଶିକ୍ଷକ-ସମ୍ମାନ ଶିକ୍ଷକର ଦାନ
ବୁଝନ୍ତୁ ଲୋକେ ଏ ଭୂଲୋକେ;
ସମାଜ—ଚନ୍ଦନ ଶିକ୍ଷକର ଜୀବନ,
କୁସୁମେ ବିକାଶ ନଦେଲେ ତା' ବାସ
ପାଇପାରିବ କି ପବନ ?

---

## ଉଦ୍‌ଯାପନ ସଙ୍ଗୀତ

(ରାଗ—ରାମକେରୀ)

କ୍ଷଣିକ ଜୀବନ ବଣିକ- ଲୀଳା ଏ ଭବ-ହାଟେ,
କଉଡ଼ି ସରିଲେ ଦଉଡ଼ି ଟାଣିନେବ ସ୍ୱବାଟେ !
ଦେଖୁଛୁ ଯେତିକ ଲେଖୁଛୁ ଯିନା, ଆମ୍ଭ ଏସବୁ;
ମେଲିଣି କାଲେ କେ' ନେଲିଣି ଦେଖା ଜିନସ ଭବୁଁ ?

ଜୀବ ସଙ୍ଗେ ଯାହି ଦିବସ ଯାʼ ଅଛିନ୍ନ ବନ୍ଧନ,
ଧରମବନ୍ଧୁ ସେʼ ପରମ- ସଖା କରମ ଧନ !

ସେତକ ସଂଚୟେ ଏତକ ବେଳୁ ରହୁ ସଞ୍ଚିତ,
କେʼ ପରିଣାମରେ ଯେପରି ହେବା ନାହିଁ ଲଞ୍ଛିତ !

ସୁଚରିତ୍ର ଯାକବା ଉଚିତ ପୁଣି ଶିକ୍ଷା-ଗୌରବେ,
ସଞ୍ଚିତ-ନଜରେ ବଞ୍ଚିତ ଯେହ୍ନେ ନ ହେବା ଭବେ !

ନେଉଛୁଁ ଆନନ୍ଦ; ଦେଉଛୁଁ ଧନ୍ୟବାଦ ସରାଗେ,
(୧)ସଜ୍ଜନବୃନ୍ଦଙ୍କୁ; ମଜ୍ଜନ ଯାʼଙ୍କ ଏଇ ପ୍ରୟାଗେ ।

କ୍ଷମିବେ ଦୋଷ ସେʼ ରମିବେ- ଚିତ୍ତ ଆଶିଷ ଦାନେ,
କ୍ଷତ ଥିବ ଯେତି ଅତିଥି- ଙ୍କର ଯଦ ସମ୍ମାନେ !

---

## ଭ୍ରାତୃବିଳାପ *

( ରାଗ—ଶଙ୍କରାଭରଣ )

(୧)

—"ଚିଠିଖଣ୍ଡେ ଆସିଛୁ ଗୋ, ଅଛୁଆଁ ହାତରେ"
ଚମକି ଉଠି ସେ ଚିଠି ପଢ଼ିଲି କାତରେ;
(୨) ଆହେ ଅଗ୍ରପୂଜ୍ୟ ଗୁରୁ,
ଜାଣିଲି ତବ ମେଲାଣି ଘଟିଛୁ ଏ ପୁରୁ !

---

(୧) ସମ୍ମିଳନୀର ଜ୍ଞାନ, କର୍ମ, ଭକ୍ତି ଅଥବା ଲିଖନ, ପଠନ ଓ ଅନୁଶୀଳନର ଏକତ୍ର ସମାବେଶକୁ ଏ ସ୍ଥଳରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀର ମିଳନ ସ୍ଥାନ ପ୍ରୟାଗ ରୂପରେ ବର୍ଣ୍ଣନା କରାଯାଇଅଛି ।

* ମୋର ପ୍ରାଥମିକ ଶିକ୍ଷାଦାତା ଭକ୍ତିସମ୍ମାନାସ୍ପଦ ଜନସ୍ଥାଗଜ ସ୍ୱର୍ଗତ ଭୁବନେଶ୍ୱର ଶେଠ ମହୋଦୟଙ୍କ ମହାପ୍ରସ୍ଥାନ (ତା ୯-୧୨-୫୩ ଖ୍ରୀଷ୍ଟାବ୍ଦ, ମାର୍ଗଶିର ଶୁକ୍ଳ ତୃତୀୟା ବୁଧବାର) ଉପଲକ୍ଷେ ରଚିତ ।

(୨) ଅଗ୍ରପୂଜ୍ୟ—ଗଣେଶରୂପୀ ଶିକ୍ଷାଦାତା ଦେବତା, ଶିକ୍ଷକ ।

(୨)

(୧) ମଣ୍ଡିଥିଲ ସରସରୀ-ଲୀଳା କୁଞ୍ଜବନ,
(୨) ପିଉଦା-ପିଞ୍ଜରେ କାଲି ତୋଳୁଥିଲ ସ୍ୱନ;
(୩) ଆହେ ପ୍ରଭାତ କୋକିଳ,
ପ୍ରାଣପ୍ରଭୁ ନାମ ଆଜ କିପାଁ ନ ଡାକିଲ ?

(୩)

(୪) କେଉଁ ଅଜଣା ରାଇଜେ ରଖିବ ମମତା ?
ପାଇପାରିବ କି ତହିଁ ମୋ ଦୁଃଖ ବାରତା ?
ଆହେ ଲୋକାନ୍ତରବାସି,
ଶୋକାର୍ତ୍ତ ଭ୍ରାତାକୁ ତବ ଦେଖ ଥରେ ଆସି !

(୪)

(୫) ଜ୍ୟେଷ୍ଠାଗ୍ରଜ ସ୍ନେହଦତ୍ତ ପୁନ୍ନ ଦିବାକର
(୬) ତବ ଭାଗ୍ୟେ ହୋଇଥିଲା ପୁତ୍ର ଦିବାକର;
ତାକୁ କୋଳରୁ ଖସାଇ,
(୭) ଅନ୍ଧାର କଲ କି ଗୃହ ଲୁହରେ ଭସାଇ ?

---

(୧) ସରସରୀ—ସମ୍ବଲପୁର ଜିଲ୍ଲା ବରଗଡ଼ ଥାନାନ୍ତର୍ଗତ ଗ୍ରାମବିଶେଷ । ଏହି ଗ୍ରାମଟି ସ୍ୱର୍ଗତ ଭୁବନେଶ୍ୱର ଶେଠଙ୍କର ଜନ୍ମନିବାସ । ଏକ ସମୟରେ କବି ବିପ୍ର ଶିବକୃତ 'କୃଷ୍ଣଲୀଳା' ନାଟିଦ୍ୱାରା ଉକ୍ତ ଗ୍ରାମର ବିଶେଷ ଖ୍ୟାତି ଥିଲା ।

(୨) ପିଉଦା ବା ପିର୍ଦ୍ଧା—ଏହି ଗ୍ରାମଟି, ରାୟପୁର ଜିଲ୍ଲାର ଫୁଲଝର-ବଏସନା ଥାନାନ୍ତଃପାତୀ 'ଜଗଦୀଶପୁର' ନିକଟରେ ଅବସ୍ଥିତ ।

(୩) ସ୍ୱର୍ଗତ ଶଂସିତ ବ୍ୟକ୍ତି ବାଲ୍ୟକାଳରୁ ପୌଢ଼ାବସ୍ଥା ପ୍ରାପ୍ତି ପର୍ଯ୍ୟନ୍ତ ସୁକଣ୍ଠ, ସୁଗାୟକ ଓ ନାଟ୍ୟରସିକ ଥିଲେ । ପବିତ୍ର ପ୍ରଭାତ ସମୟରେ ଭଗବାନଙ୍କର ଭଜନ ସଙ୍ଗୀତ ଗାନ କରିବା ତାଙ୍କର ନିତ୍ୟ ନୈମିତ୍ତିକ ବ୍ରତ ଥିଲା ।

(୪) ଅଜଣା ରାଜ୍ୟ—ଜୀବାତ୍ମାର ପୁନର୍ଜନ୍ମଭୂମି ପ୍ରତି ଲକ୍ଷ୍ୟ କରାଯାଇଛି ।

(୫) ଦିବାକର ଶେଠ—ଜ୍ୟେଷ୍ଠଭ୍ରାତା ସ୍ୱର୍ଗତ ବ୍ରଜମୋହନ ଶେଠଙ୍କର ମଧ୍ୟମ ପୁତ୍ର ।

(୬) ପୁତ୍ର—ପୁତ୍ ନାମକ ନରକ ଜ୍ୱାଳାରୁ ଯେ ତ୍ରାଣକରେ । ଦିବାକର—ସୂର୍ଯ୍ୟ ।

(୭) ଅନ୍ଧାର—ଅନ୍ଧକାର । ରୂଢ଼ି ପ୍ରୟୋଗରେ ନିଃସନ୍ତାନ ବ୍ୟକ୍ତିଙ୍କର ମାନସିକ ବିଷାଦ କାଳିମାକୁ ମଧ୍ୟ 'ଅନ୍ଧାର' ଅର୍ଥରେ ଗ୍ରହଣ କରାଯାଏ ।

(୫)

(୧) ଶଶୀ ପ୍ରତି ପୋଷିଥିଲି ଯେଉଁ ପ୍ରତିଆଶା
ଛନ୍ଦ ନ' ଥିଲି ତ' କପାଁ ବନ୍ଦ କଲି ଭାଷା ?
କହ କି ଦୋଷ ମୋହର,
(୨) ଗୃହ ମୋହକୁ ମଣିଲି ଗୃହର ମୋହର ।

(୬)

ଚାହିଁ ସେହି ଆଶା-ମୋହ କାହିଁ ଠେକ ଠାଣ,
ପ୍ରାଣ ସଙ୍ଗେ ସବୁ ଠାଣି ନଏ ଜଳୁବଣ;
ତବ ଦାରୁଣ ବିଚ୍ଛେଦ
ବାରୁଦ-ଅନଳ ସମ କରେ ମର୍ମ ଭେଦ ।

(୭)

(୩) କାନ୍ଦୁଛନ୍ତି ଧର୍ମମାଆ ଭଉଜା ଭଉଣୀ
କାନ୍ଦୁଛନ୍ତି ଆଉ ଯେତେ ତୁମ୍ଭ ସ୍ନେହ-ଋଣୀ;
କାନ୍ଦୁଛନ୍ତି ଶିଷ୍ୟଦଳ,
ନଷ୍ଟେ ସେ କାନ୍ଦିବ, ଯାର କରିଛ ମଙ୍ଗଳ ।

(୮)

କାନ୍ଦୁଛି କେ' ମୁକ୍ତକଣ୍ଠେ କେ' ବା ଅପ୍ରକାଶେ,
କାନ୍ଦଇ କେ' ଲୋକନିନ୍ଦା ଏଡ଼ିବା ସକାଶେ;
ମାତ୍ର ତବ ଶୋକଜ୍ୱାଳା
ହେଉଛି ମୋ ମନସ୍ତାପହାରୀ ଜପାମାଳା ।

---

(୧) ଶଶୀ—ଲେଖକର ଜ୍ୟେଷ୍ଠପୁତ୍ର ଶଶିଭୂଷଣ ଶେଠ । ବର୍ଣ୍ଣିତ ବିଷୟର ଶ୍ଳେଷାର୍ଥରେ ଶଶୀ—ଚନ୍ଦ୍ର ।

(୨) ଗୃହ—ଘର, ଭାର୍ଯ୍ୟା । ମୋହ—ଅଜ୍ଞାନତା, ମମତା । ଗୃହମୋହ—ଦୁଷ୍ଟଭାର୍ଯ୍ୟାର ମମତା, ସ୍ତ୍ରୈଣତା । ମୋହର—ସ୍ୱର୍ଣ୍ଣମୁଦ୍ରା ।

(୩) ଧର୍ମମାଆ—ଲେଖକର ଦ୍ୱିତୀୟ ମାତୃରୂପିଣୀ ବୃଦ୍ଧା ମାଉସୀମା । ଭଉଣୀ ଜ୍ୟେଷ୍ଠଭଗ୍ନୀ ଚନ୍ଦନତୋଳା ।

(୯)

ଅରଜି ନଥିଲେ ହେଲେ ପରଦୋଷ-ପାପ,
ବରଜି ନହେଲି ମନୁ ଦହେ ଅନୁତାପ;
କଏ କହିଦେବ ମତେ,
ଏ ପାପର ପ୍ରତିକାର ଥିବ କି ଜଗତେ ?

(୧୦)

ପରଦୋଷ-ଦରଶିତା ଯାଇଛି ମୋ ଗୁଳି
ଅଶ୍ରୁନେତ୍ରେ ଆଜ ତୁମ୍ଭ ଗୁଣ ଦେଖେଁ ଖୋଲି;
ଆହେ ତତ୍ତ୍ୱ ଅନୁଭବ,
ସ୍ମୃତି ଆଲିଙ୍ଗିଛି ତବ ଜୀର୍ଣ୍ଣ ଶୀର୍ଣ୍ଣ ଛବି !

(୧୧)

ଭୁଲିବା ଚେଷ୍ଟାରେ ଦିଏ ବିଷୟରେ ମନ
ବିଷ ମଣେ ମନ ତାକୁ ନଦିଏ ଚୁମ୍ବନ;
ସେଇ ବିଷ ବିରୋଧରେ,
ନାମାମୃତ ଖୋଜେ ସ୍ମୃତି ତୁମ୍ଭର ଅଧରେ !

(୧୨)

ଭିନ୍ନ ହେଲେହେଁ ରକତ-ସମ୍ପର୍କୀୟ ଦେହ,
ଛିନ୍ନ କିବ ହୁଏ ନାହିଁ ଆତ୍ମୀୟ-ସେନେହ;
ଆହେ ସ୍ନେହ-ଶାନ୍ତି-ଦାତା,
ଭ୍ରାତା ନୁହ, ହରାଇଲି ଏବେ ପିତା ମାତା ।

(୧୩)

ତୁମ୍ଭର ଶୁଭ ଆଶିଷ ଫଳରୁ ପ୍ରଥମେ
କବିପଦ ଲଭିଅଛି ଏ ପୋଡ଼ା କରମେ;
ଆହେ ପଲ୍ଲୀ-ପାଠଗୁରୁ,
ଅଧମ ଗୃହେ କାନ୍ଦଣା ଶୁଭୁଛି କି ଦୂରୁ ?

(୧୪)

ମୋ ଗୀତରେ କର କେତେ ଗର୍ବ ଅନୁଭବ
ଗୁଣଗ୍ରାହକତା ଗୁଣ କାହିଁ ଆଜ ତବ;

ଆଉ କେ' ଦେବ ଆଦେଶ ?
ଲେଖି ଦେବାକୁ ସଙ୍ଗୀତେ ଯମକାଦି ଶ୍ଳେଷ ।

(୧୫)

ଧିକ ମୋର କବିପଣ ଧିକ ମୋ ବିବେକ
ଗୁରୁ ଦ୍ରୋହାଚରଣେ ଯା' ଦେଖାଇଲି ଟେକ;
ଏବେ ହେଉଛି ସ୍ମରଣ,
ଅନ୍ତିମ ନୈରାଶ୍ୟ ତବ ବିଚ୍ଛେଦ କାରଣ ।

(୧୬)

ମହାପ୍ରସ୍ଥାଣ ପୂର୍ବରୁ ତବ ଦରଶନେ,
ଯାଇଥିଲି ପଦ ବନ୍ଦି ବସିଲି ଆସନେ;
ଚହ୍ନି ନପାରିଲ ମନ,
କାନ୍ଦି କାନ୍ଦି ବ୍ୟାକୁଳେ ଯା' କଲ ଆଲିଙ୍ଗନ ।

(୧୭)

ଫୁଲି ଯାଇଥିଲା ମୁଖ ଚରଣ ଯୁଗଳ,
ଘଷିଦେଲି ପାଦ ଦୁଇ ପୋଛି ଅଶ୍ରୁଜଳ;
ଆଉ ସେ ଚରଣଧୂଳି,
ପାଇବି କି ଏ ଜନମେ ଅଭାଗା ମଉଳି ?

(୧୮)

ଫୁଲିଯିବ ଅଳ୍ପଦିନେ କିଏ ଥିଲା ଜାଣି,
ଆଶ୍ୱାସନା ଦେଲା ପ୍ରାଣେ ଡାକ୍ତରର ବାଣୀ;
ପୁଣି ଚକ୍ରେ ଭବାନ୍ତର,
ଆଣିଲା ସେକାଳେ ନାନା ଘଟନା-ଯନ୍ତର ।

(୧୯)

ସେବା ମନୋଭବେ ତହିଁ କି ରହନ୍ତି କ୍ଷଣେ,
ଲେଉଟିଲି ସ୍ୱଗୃହକୁ ପାପ ଆକର୍ଷଣେ;
ଓହୋ କେଉଁ ଦୁର୍ଭାଗ୍ୟରେ
ବିଦାୟ-ଦର୍ଶନ ସୁଦ୍ଧା ନ ନେଲି ସ୍ୱଗତରେ ।

(୨୦)

ଜାଣିଥିବ ଯେତେବେଳେ ନାହିଁ ମୁଁ ନିକଟେ
କି ଖର ନିଃଶ୍ୱାସ ଛୁଡ଼ୁଥିବି ମନୋକଷ୍ଟେ,
ଆଜି କରେ ଅନୁଭବ
ସେବ୍ୟ ଦେବ ହେବ କି ମୋ ତବ ସଡ଼ା ଶବ ?

(୨୧)

ହରାଇ ଦେଇଛି ଗୁରୁଭକ୍ତି ଗୁରୁଦୀକ୍ଷା
ଗୁରୁଦ୍ରୋହୀର କବିତ୍ୱ ଦେବ କେଉଁ ଶିକ୍ଷା ?
କବି ସମାଜର ଗୁରୁ,
ଚିତାରେ ବି’ ପାଏ କବି ଚନ୍ଦନ ଅଗୁରୁ ।

(୨୨)

ଗୁରୁତ୍ୱ ନାହିଁ ତଥାପି ଧରିଛି କଲମ,
ଏଥୁଁ ବଳିଅଛି ଆଉ କି ପାପ-ସରମ ?
କବି ପଦ ଅଧିକାର
ନେବା ସାହସକୁ ମୋର ସହସ୍ର ଧିକ୍‌କାର ।

(୨୩)

ଶୋକାନ୍ଧକାର ଯେତିକି ଆସୁଅଛି ଘୋଟି,
ଜ୍ୟୋତିର୍ମୟ ଗୁଣ ତୁମ୍ଭ ଝଲେ ଗୋଟି ଗୋଟି;
ବାଲ୍ୟେ ପିତୃମାତୃହରା
ଥିଲି, ତୁମ୍ଭେ ଥିଲ ମୋର ଶାନ୍ତିଦାତା ପରା !

(୨୪)

ପାଉଥିଲି ମା’ ବାପାଙ୍କ ଯେତିକି ସୁହାଗ,
ତହୁଁ ବଳିଥିଲା ତୁମ୍ଭ ସ୍ନେହ ଅନୁରାଗ;
ମୁଖେ ବିଷାଦର ରେଖା
ଫୁଟିଥିଲେ ଲିଭିଯାଏ ହେଲେ ତୁମ୍ଭ ଦେଖା ।

(୨୫)

କେଉଁ ପାପେ ଏଇ ସବୁ ଗୁଣ ଗଲି ଭୁଲି ?
କାହା ଅଭିଶାପେ ମନ ଯାଇଥିଲା ଫୁଲି ?

ଗୁଣ ବାହୁନଲେ ଆଜ
କି’ ଅଛି; ଲଭ କେବଳ ଲୋକହସା ଲଜ !

(୨୬)

ଗୁଣ ବୁଝିନାହିଁ; ଶୁଝିନାହିଁ ସ୍ନେହଋଣ,
ଦୋଷ ଦରଶନେ ପୁଣି ଘୃଣିଛି ଦ୍ୱିଗୁଣ;
ଏଇ ପାପ ପ୍ରାୟଶ୍ଚିତ୍ତ,
ଥିବ କି ଧରମଶାସ୍ତ୍ରେ ନୁହଇ ନିଶ୍ଚିତ ।

(୨୭)

ଥିପାଇ ଦେଉଛି ଯେଉଁ ଅଶ୍ରୁ ଅନୁତାପ
ଅଶ୍ରୁ ନୁହେ ଏହା ମୋର ତରଳିତ ପାପ;
ଯାହା କରୁଛି ବିଳାପ,
ବିଳାପ ନୁହେ ଏ ମୋର ଅନ୍ତିମ ପ୍ରଳାପ ।

(୨୮)

ଶୂନ୍ୟେ ଥାଇ ଶୁଣୁଛ କି ଅନ୍ତର କ୍ରନ୍ଦନ ?
ଚୁହିଁ ନ ପାରୁଛି ଲଜେ ପୋତୁଛି ବଦନ;
ଦେବ, ଦିଅ ଥରେ ହସି,
ଅକାଳ ବଜ୍ରକ ମୋର ମୁଣ୍ଡେ ପଡୁ ଖସି ।

(୨୯)

ଅଜ୍ଞାତ ମୃତ୍ୟୁଶଯ୍ୟାରେ ସଜ୍ଞା ତ’ ମୋହର,
ହଜି ଯାଉଛି ଜାଣନ୍ତି ଅନ୍ତର୍ଯାମୀ ହର;
ପାପେ ଥରୁଛି ମୋ ପ୍ରାଣ,
ଡରୁଛି ଆତ୍ମା, ପାଇବି କେଉଁଠି ପରିତ୍ରାଣ ?

(୩୦)

ଯେ ପଥେ ଯାଇଛ ଆଜ କାଲକି ସେ ପଥ,
ମୁଁ ମଧ ଭଜିବି, ସର୍ବେ ଭଜିବେ ଏ ସତ;
ଜାଣି ଜାଣି ତଥାପି ତ,
ଆଣି ନ ପାରୁଛି ଧୈର୍ଯ୍ୟ ମୋ ଅବୋଧ ଚିତ୍ତ ।

(୩୧)

ପାପିଷ୍ଠ ମୁଁ ଗୁରୁଦେବ, ନମାଗିବି କ୍ଷମା,
ଯାଇଛ ସରଗପୁରେ· ଥିବେ ତ' ବାପ ମା'
(୧) ଥିବେ ଅଗ୍ରଜଯୁଗଳ
(୨) ଥିବେ ଦି'ଭଉଣୀ ପୁଣି ଦେବତା ସକଳ ।

(୩୨)

(୩) ଥିବେ ମାୟୀ କୋଳେ ଘେନ ମୋ କନକଲତା
ସଭିଙ୍କର ସମ୍ମୁଖରେ ମୋ ପାପର କଥା,
ସ୍ପଷ୍ଟ କରିବ ପ୍ରକାଶ
ସରଗରେ ନରଖିବ ମର୍ତ୍ତ୍ୟର ଅଭ୍ୟାସ ।

(୩୩)

ମୋ ପାପର ସମୁଚିତ ଦଣ୍ଡର ବିଧାନ
ଧର୍ମାସନେ ବସି ଧର୍ମରାଜ ନ୍ୟାୟବାନ
ଯାହା କରିବେ ନିର୍ଣ୍ଣୟ,
ପଚ୍ଛିର ସ୍ୱପ୍ନେ କହିବ ଗୁରୁ ମହୋଦୟ ।

(୩୪)

(୪) ଗୁରୁଜନ ଦ୍ରୋହେ ହୁଏ କି ପ୍ରଚଣ୍ଡ ଦଣ୍ଡ
ଜାଣିବି, ଜାଣିବେ ପୁଣି ମୋଭଳି ପାଷଣ୍ଡ;
ମୋର ମାଗୁଣି ଏତିକି;
ଦେଇ ପାରିବକି ଦେବ, ଏ ମନ୍ଦ ମତିକି ?

---

(୧) ଜ୍ୟେଷ୍ଠାଗ୍ରଜ—ସ୍ୱର୍ଗତ ବ୍ରଜମୋହନ ଶେଠ ଓ ମଧ୍ୟମାଗ୍ରଜ ସ୍ୱର୍ଗତ ସୁନ୍ଦର ଶେଠ । (୨) ଦି'ଭଉଣୀ—ମଧ୍ୟମାଭଗ୍ନୀ—ସ୍ୱର୍ଗତା ପଦ୍ମତୋଳା । କନିଷ୍ଠାଭଗ୍ନୀ—ସ୍ୱର୍ଗତା ଶ୍ରୀତୋଳା । (୩) ମାୟୀ—ସ୍ୱର୍ଗତ ମାୟାବତୀ; ସ୍ୱର୍ଗତ ଭୁବନେଶ୍ୱର ଶେଠଙ୍କ ପ୍ରଥମା ପତ୍ନୀ । ସ୍ୱର୍ଗତା କନକଲତା—ଲେଖକର ଷଷ୍ଠ ବର୍ଷୀୟା କନ୍ୟା ।

(୪) ଏ ସ୍ଥଳରେ ମାତାପିତାଦି ମାନନୀୟ ବ୍ୟକ୍ତି ତଥା ଗୁଣୀ, ସାଧୁ, ସତୀସାଧ୍ୱୀ ସ୍ତ୍ରୀ, ଆଦର୍ଶ କବି, ପଣ୍ଡିତ, ଅତିଥି, ବ୍ରାହ୍ମଣ, ପରୋପକାରୀ, ଦେଶହିତୈଷୀ, ମହାତ୍ମା, ମହାପୁରୁଷମାନଙ୍କୁ ଗୁରୁଜନ ଅର୍ଥରେ ଗ୍ରହଣ କରାଯାଇଛି ।

## ଜୀବନ-ସ୍ରୋତ

(ରାଗ—ନୂଆ ରାମକେରୀ)

[ପ୍ରତିପାଦର ନିୟମ—୭+୫+୫; ଉଭୟ ପାଦର ଦ୍ୱିତୀୟ ଯତିରେ
ଉପଧା ଓ ଅନ୍ତ୍ୟବର୍ଣ୍ଣର ମିଳନ ରହିବ । ]

ବହି ଯା'ରେ ମୋର  ଜୀବନ ଧାର  ନଈ ସମାନ,
ଥିଲେ ତୋ ମାଧୁରୀ  କରିବ ସାର  ଜଗତ ପାନ !

ନିଜ ସଉରଭେ  ନିକେ ତ' ଫୁଲ  ନୁହେ ଲାଳସୀ,
ପବନ ପୂଜାରୀ  ପ୍ରସାଦ ତୁଳ  ଦିଏ ପରଶି !

ଗୁହିଁଥିବେ ଅବା  ତୋର ଗତିକି  କେତେ ତୃଷିତ,
କାହିଁକି ତାଙ୍କ ତୋ'  ଏ ସମ୍ପତ୍ତିକି  ହେବ ଦୂଷିତ ?

ଦୂଷିତ ହେଲେ ମୁଁ  ପାପ-ବିପିନେ  ତୁ ହେବୁ ବିଷ,
ବାଷ୍ପାକାରେ ଉଡ଼ି  ଯିବୁ ତ' ଦିନେ  କରିବ କିସ ?

ମୁଁ କିଏ 'ମୁଁ' ବୋଲି  କାହିଁକି ମୋର  ଏତେ ଗରବ ?
କାଳରୂପେ ଦିନେ  ଆସିଲେ ଚୋର  ନେବ ସରବ ।

ବହିଯା'ରେ ମୋର  ଜୀବନ ଧାର  ବହିଯା' ଧୀରେ,
ରହିଲେ ଅଟକି  ହେବୁ ତୁ ମାର  ମୋ ସମାଧିରେ ।

ବହି ଯାଉଁ ଯାଉଁ  ପଥରେ ଯେବେ  ପାଇବୁ ତାପ,
ବହିବୁ ନାହିଁ ସେ  ତାପରେ କେବେ  ଦୁଃଖ ସନ୍ତାପ ।

(୧) ତାପ ନୁହଇ ତା'  ପାପ-ଉଦ୍ୟାନ  ତପ ପରୀକ୍ଷା,
ଗଦ୍‌ଗଦେ ଆନନ୍ଦ  କରିବୁ ଦାନ  ନିମୃତ ଭିକ୍ଷା ।

ପହଞ୍ଚାଇ ଦେଲେ  ନିମୃତ ତୋତେ  ଲକ୍ଷ୍ୟ ନିକଟେ
ବରଷିବ ଫୁଲ  ତୋହରି ସ୍ରୋତେ  ମୋ ଶୁଷ୍କ ତଟେ ।

---

(୧) ପାପର ପୂର୍ବରୂପ ବା ପ୍ରବୃତ୍ତିର ପ୍ରଲୋଭନ ପ୍ରଥମତଃ ମନୋହର ଦେଖା ଯାଇଥାଏ । ତେଣୁ କାମ, କ୍ରୋଧ, ଲୋଭ, ମୋହାଦିକୁ 'ପାପଉଦ୍ୟାନ' ରୂପରେ କଳ୍ପନା କରାଯାଇଛି ।

* ଲହରିବୁ ଯହିଁ ସତ୍ୟ ଅମୃତ- ସାଗରେ ପଶି,
(୧) ପହଁରିବ ତହିଁ ପ୍ରାଣ-ମରୁତ ଗଲେ ମୋ ଖସି ।

---

* ଆଧ୍ୟାତ୍ମିକ ଜଗତରେ ଜୀବାତ୍ମାକୁ ଏବଂ ସ୍ଥାନ ବିଶେଷରେ ପରମାତ୍ମାଙ୍କୁ ହଂସରୂପରେ ବର୍ଣ୍ଣନା କରି ଯାଇଥାଏ ବୋଲି ଏ ସ୍ଥଳରେ ସତ୍ୟରୂପକ ଅମୃତ ସାଗରରେ ହଂସରୂପୀ ଜୀବାତ୍ମାର ପହଁରିବା କ୍ରିୟା ଉଲ୍ଲେଖ ହୋଇଅଛି । ଅନ୍ୟତ୍ର—

"ଅମୃତ ପାଲଟୁ ମୋ ଜୀବନ ରସ
ସେ ରସ-ତରଙ୍ଗେ ଦୋଳୁ ଆତ୍ମା-ହଂସ;
ମୁକ୍ତକ୍ରୀଡ଼ ହଂସ କରୁ ମୁକ୍ତଗତି
ତା' ହିଁ ମୋ ପରମାନନ୍ଦଦା ମୁକତି ।"

(ଖଗେଶ୍ୱର-ଗ୍ରନ୍ଥାବଳୀ-୧ମ ଭାଗ-ପୃ ୪୭୯ ଦ୍ରଷ୍ଟବ୍ୟ)

"ଏକଇ ବୃକ୍ଷେ ହଂସ ଦୁଇ, ବସନ୍ତି ପ୍ରିୟସ୍ୱଭାବ ବନ୍ଧୁ ।" (ଶ୍ରୀମଦ୍ଭାଗବତ ୧୧।୧୬)

"କୋଇଲି, କାଳିନ୍ଦୀ ଶିଖରେ ଯାଇ କମଳ ଫୁଟି ଅଛଇ,
କମଳ ମଧ୍ୟେ ତ୍ରିବେଣୀ କରୁଅଛି ହଂସ ଶୂନ୍ୟେ ଭ୍ରମଣି' ଲୋ !
କେ କହୁ ହଂସ ମହିମା ମୁଖେ, କ୍ରୀଡ଼ାକରେ ହଂସ ଅମର ସୁଖେ ଲୋ ।"

(ଜ୍ଞାନୋଦୟ କୋଇଲି)

(୧) ପ୍ରାଣମରୁତ—ପ୍ରାଣବାୟୁ ।

---

ବ୍ରହ୍ମପୁର ଓଡ଼ିଶା ପ୍ରିଣ୍ଟିଙ୍ଗ୍ ଓ୍ୱାର୍କସ୍‌ରେ ଶ୍ରୀ ହାଡ଼ୁ ରାୟଗୁରୁଙ୍କ ଦ୍ୱାରା ମୁଦ୍ରିତ । ୧୯୫୮ ।

# ମାର୍ଜନା-ପତ୍ର

| ପୃଷ୍ଠା | ପଂକ୍ତି | ତ୍ରୁଟି | ମାର୍ଜନା |
|---|---|---|---|
| ୮ | ୧୫ | ଲଭ୍ର | ଇଭ୍ର |
| ୧୧ | ୬ | ଅବନୀରେ | ଅବନୀର |
| ୧୨ | ୧୬ | ସଂଖ୍ୟା | ସଂଖ୍ୟ |
| ୧୬ | ୨୨ | କୁମ୍ଭାର | କୁମ୍ଭୀର |
| ୧୭ | ୭ | ଲଭିବ | ଲଭିବ |
| ୧୮ | ୫ | ଷପ୍ରେ | ଷିପ୍ରେ |
| ୨୦ | ୭ | ଲଗାଇ | ମଗାଇ |
| ୨୦ | ୨୪ | ପୀତ-ଚତା | ପୀତା-ଚତା |
| ୨୦ | ୨୭ | ପୀତ-ହଳଦୀ | ପୀତା-ହଳଦୀ |
| ୨୦ | ୨୭ | ନଢ | ନଜ |
| ୨୬ | ୧୬ | କାସ୍ଥା | କାଯ୍ଥା |
| ୨୬ | ୨୧ | ଗ୍ରମା | ରମା |
| ୨୬ | ୨୪ | ଗ୍ରମା | ରମା |
| ୨୮ | ୯ | ଏକ | ଏ'କ |
| ୩୦ | ୨୭ | ବଙ୍କ | ବଜ୍ |
| ୩୧ | ୭ | ଯାତନେ | ଯାତନା |
| ୩୧ | ୨୬ | ତୋ' | ତା' |
| ୪୬ | ୧୯ | ପିଣ୍ଡ | ପିଣ୍ଡ |
| ୫୮ | ୬ | ହରୁଅଛୁ | ହରୁଅଛ |
| ୬୩ | ୧୮ | ବୋଲିବକି | ବୋଲିବ କି |
| ୬୪ | ୧୭ | ଲଗାଅ | ରଖାଅ |
| ୬୬ | ୨୨ | ଗର୍ଭନୀଡ଼ | ଗର୍ତ୍ତନୀଡ଼ |
| ୬୮ | ୧୦ | ଚଳାଉ | ଚଳାଅ |
| ୬୮ | ୨୬ | ବଜ୍ରାଙ୍ଗୁଳି | ବୃଦ୍ଧାଙ୍ଗୁଳି |
| ୬୯ | ୧୮ | ଶାଳୀ | ଥାଳୀ |
| ୭୨ | ୨୧ | ଶିଙ୍ଗ ତ କେ | ଶିଙ୍ଗ କେ |
| ୮୯ | 1-୪ | ଇଚ୍ଛା | ଇଚ୍ଛ |
| ୯୪ | ୧୭ | କଲଜା | କଲଜା |

ସତ୍ରୁଟି 'କଲଜା' ସ୍ଥାନରେ 'କଲଜା' ହେବ ।

| ପୃଷ୍ଠା | ପଂକ୍ତି | ତ୍ରୁଟି | ମାର୍ଜନା |
|---|---|---|---|
| ୯୫ | ୪ | ଆଗେ | ଆଗେ କର |
| ୯୫ | ୨୫ | ବାନ୍ତବାଭୂଶମ୍ | ବାଢବାଭୂଶମ୍ |
| ୯୯ | ୧୬ | ପାଣ ବି' | ପାଶଙ୍କା |
| ୧୦୪ | ୬ | ପୁଦ୍‌ଗଳ | ମୁଦ୍ଗଳ |
| ୧୦୮ | ୫ | ଉଦର | ଭଦର |
| ୧୨୩ | ୧୯ | ବାମାଙ୍ଗପୁର | ବା' ଗାଙ୍ଗପୁର |
| ୧୨୩ | ୨୩ | ଏହୁ ପବତର | ଏହୁ ତୀର୍ଥର |
| ୧୨୬ | ୨୪ | ଚଳିଯାଉଛୁ | ଚଳିଯାଉଛୁ |
| ୧୩୦ | ୧୩ | ନଖିଜାଢ | ନାଖିଜାଢ |
| ୧୩୦ | ୧୫ | ମୋଧଗ୍ର | ମୋ ଧାଗ୍ର |
| ୧୩୪ | ୧୮ | ଶୋରସାହା | ତୋର ସାହା |
| ୧୩୪ | ୧୯ | ନପାରୁଛୁ | ନପାରିବୁ |
| ୧୩୫ | ୧୮ | କଳ୍ପନା | ଜଳ୍ପନା |
| ୧୩୭ | ୧୮ | ମନ୍ଧର | ଅନ୍ଧର |
| ୧୪୦ | ୯ | ନନ୍ଦୀ | ବନ୍ଦୀ |
| ୧୪୨ | ୨ | ହୃଦୟ ଖୋଳ | ହୃଦୟ ଖୋଲ |
| ୧୫୪ | ୧୬ | କସ୍ତୁର | କସ୍ତୁର |
| ୧୫୪ | ୨୧ | ଟୋକାମାନେ | ଟୋକୀମାନେ |
| ୧୫୪ | ୨୬ | ଇରଆ | ଲରଆ |
| ୧୫୪ | ୩୦ | କସ୍ତୁର | କସ୍ତୁର |
| ୧୬୮ | ୧୨ | ମାଖିବ | ମାଖିବ |
| ୧୬୯ | ୨ | ହେଉଅଛୁ | ହୋଇଅଛୁ |
| ୧୭୦ | ୨୪ | ଭ୍ରମର | ଉମର |
| ୧୭୧ | ୨୩ | ନାହାର | ନୀହାର |
| ୧୭୬ | ୨୧ | ଚରିତ୍ର | ଚରିତ |
| ୧୭୬ | ୨୭ | ବେଶ୍ୟା-ପ୍ରେମିକ | ବେଶ୍ୟାପ୍ରେମିକ |
| ୨୧୯ | ୧୫ | ଗୌରବ | ରୌରବ |
| ୨୧୯ | ୧୮ | ଆଡି | ଆଢ଼ |
| ୨୩୧ | ୧୨ | କଲିଁ ଯୌ' | କଲିଁ ଯେ' |
| ୨୩୨ | ୧୪ | ଘନ | ଘିନ |
| ୨୩୪ | ୯ | କା'କେଁ | କା' ଆକେଁ |
| ୨୩୯ | ୪ | ଗଜାମୁଁ ଗ, | ଗଜାମୁ, |
| ୨୫୨ | ୨୬ | ଐହିକ-ଐହିକ | ଐହିକ. |

| ପୃଷ୍ଠା | ପଂକ୍ତି | ତ୍ରୁଟି | ମାର୍ଜନା |
|---|---|---|---|
| ୨୫୩ | ୨୩ | ଆତ୍ମଭେଦେ | ଆତ୍ମ-ଭେଦେ |
| ୨୫୪ | ୧୦ | ଫଳବିଶେଷେ | ସ୍ଥଳବିଶେଷେ |
| ୨୫୮ | ୭ | ସାର୍ଥକ ତା'ଯଶ | ମହତ୍ତ ପୁରୁଷ |
| ୨୫୮ | ୨୧ | ଜୁଟିବାକୁ | ଯୁଟିବାକୁ |
| ୨୫୮ | ୨୭ | ନିଃସ୍ୱାର୍ଥପର- ଉପଦେଶ | ନିଃସ୍ୱାର୍ଥ- ହିତଉପଦେଶ |
| ୨୭୧ | ୧୯ | କର୍ଷଣେ | କଷଣେ |
| ୨୭୨ | ୨ | ଉବାର୍ | ଉଦାର |
| ୩୦୦ | ୧୮ | ମାରଣାଙ୍କ | ମରଣାଙ୍କ |
| ୩୦୧ | ୧୮ | କରୁଥିଲ | କରଥିଲ |
| ୩୦୬ | ୭ | ଦେଇଥାଅ | ଦେଇଥାଏଁ |
| ୩୨୮ | ୧୫ | ବୁଲୁଥାଏ | ବୋଲୁଥାଏ |
| ୩୨୮ | ୨୬ | ବ୍ୟବସାୟରେ | ବ୍ୟବସାୟ ରୂପରେ |
| ୩୪୫ | ୧୮ | ଝଁଡ଼ ପଡ଼ୁଥିଲା | ଝଁଶ ପଡ଼ୁଥିଲା |
| ୩୫୩ | ୧୭ | ଖସି | ବସି |
| ୩୫୮ | ୬ | ବେଦଘି,ନଲିଆ | ବେଦନେଶି- ନଲିଆ; |
| ୩୬୦ | ୮ | ଟୀକା | ଟିକା |
| ୩୬୦ | ୨୪ | ଉଠେ | ଉଠି |
| ୩୬୩ | ୨୧ | ଆସି | ବସି |
| ୩୬୯ | ୨୫ | କଅଁଲା | କଅଁଳୀ |
| ୩୭୨ | ୩ | କଲ୍ପନା | ଜଲ୍ପନା |
| ୩୭୫ | ୫ | ଗଜା | ରଜା |
| ୩୮୧ | ୧୪ | ଖଣ୍ଡାଧାର | ଖଣ୍ଡଧାର |
| ୩୮୧ | ୨୪ | ଭୃଙ୍ଗ-ରାଜ | ଭୃଙ୍ଗରାଜ |
| ୩୮୧ | ୨୯ | ଖଣ୍ଡାଧାର | ଖଣ୍ଡଧାର |
| ୩୮୪ | ୯ | ମୁଖ-ଚନ୍ଦରମା | ମୁଖର ଚନ୍ଦ୍ରମା |
| ୩୯୨ | ୨୪ | ଭୂପିଣୀ | ରୂପିଣୀ |

| ପୃଷ୍ଠା | ପଂକ୍ତି | ତ୍ରୁଟି | ମାର୍ଜନା |
|---|---|---|---|
| ୪୦୦ | ୧୨ | ନୈତ୍ୟ | ନୈଚ୍ୟ |
| ୪୦୯ | ୨୩ | କରୁଛନ୍ତି | କରଛନ୍ତି |
| ୪୧୧ | ୧୫ | ତସମା | ତମସା |
| ୪୧୩ | ୧୩ | ହିମ ବର୍ଷା | ହିମବର୍ଷୀ |
| ୪୧୯ | ୧୦ | ବଣ୍ୟ | ବନ୍ୟ |
| ୪୨୦ | ୧୦ | କାର୍ଯ୍ୟେ କାହିଁ | କାର୍ଯ୍ୟେ ତୋ' କାହିଁ ? |
| ୪୨୨ | ୯ | ବଣ୍ୟ | ବନ୍ୟ |
| ୪୨୩ | ୮ | ପ୍ରଢପ୍ରେମ | ପଢପ୍ରେମ |
| ୪୨୩ | ୧୪ | ବୃଷଣ୍ଣସ୍ଥ | ଦୃଷଣ୍ଣସ୍ଥ |
| ୪୨୪ | ୧ | ବକଳା | ବିକଳା |
| ୪୨୪ | ୨୪ | ବଜ୍ରକୂଟ— ଚିଙ୍କି | ବଜ୍ରକୁଟ— ଚୂଡ଼ାଚିଙ୍କି । |
| ୪୩୯ | ୪ | ପ୍ଲାବନ | ପାବନ |
| ୪୩୯ | ୨୩ | ଦେବକ | ଦେବ'କ |
| ୪୪୩ | ୮ | ଛନ୍ତ | ଥାନ୍ତ |
| ୪୫୮ | ୧୬ | ଦହିବାକୁ | ବନ୍ଧିବାକୁ |
| ୪୬୨ | ୫ | କାମକୁଳ ନାଶି ସତ୍ୟ ଉସରେ, | ବାମକୁଳ ନାଶି ସତ୍ୟ ଉତ୍ସରେ, |
| ୪୬୬ | ୭ | ଶ୍ରୀଅଙ୍ଗ | ଶ୍ରୀଅଙ୍ଗେ |
| ୪୬୮ | ୨୦ | ଭିତରେ | ଉପରେ |
| ୪୭୦ | ୨୬ | ବାପା | ବପା |
| ୪୭୨ | ୨୧ | ଭୁଲିବକ | ଭୁଲିବ କ |
| ୪୭୪ | ୨୧ | ସ୍କଦ୍ଧ | ସ୍କନ୍ଧ |
| ୪୭୭ | ୨୬ | ସଶିତ | ଶଂସିତ |
| ୪୭୮ | ୭ | ପିଚ୍ଛ | ପିଚ୍ଛା |
| ୪୮୧ | ୭ | ରଖିବ | ରଖିଲ |
| ୪୮୨ | ୧୦ | ହେଉଛୁ | ହୋଇଛୁ |